# ଧରିତ୍ରୀ
DHARITRI

ସମ୍ବଲପୁର, ଗୁରୁବାର, ଏପ୍ରିଲ ୨୫/୨୦୧୯ (୨୦ ପୃଷ୍ଠା) Sambalpur, Thursday, April 25/ 2019 ★★

୧୫ଶ ଭାଗ ୧୨୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-





KP GROUP
Quality Since 1965
ଛୋଟ ଛୋଟ
କ୍ଷଣଗୁଡ଼ିକର
ନିଆରା ଯାତ୍ରା...
20% EXTRA
कमला पसन्द
अनोखा स्वाद
0% TOBACCO
पान मसाला
କମଳା ପସନ୍ଦ
Anokha Swad
• For download (Vodafone customer) this Callertune SMS Musafira K Mohan to 55655
• For download this song as a Callertune dial for Airtel users-5432116773436
ବୈଧାନିକ ସତର୍କତା: ପାନମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। (NOTFORMINORS) 0% TOBACCO * NICOTINE NOT ADDED * MAGNESIUM NOT ADDED
Watch at : f YouTube

# ଧରିତ୍ରୀ
DHARITRI

ସମ୍ବଲପୁର, ଗୁରୁବାର, ଏପ୍ରିଲ ୨୫/୨୦୧୯ | Sambalpur, Thursday, April 25/ 2019




Phone : 25367033, 25367035, 25367036
Telegrams : MEDCONCIND, New Delhi-75
Fax : 0091-11-25367024
E-mail : mci@bol.net.in
Website : www.mciindia.org

भारतीय आयुर्विज्ञान परिषद्
MEDICAL COUNCIL OF INDIA

Pocket- 14, Sector- 8,
Dwarka Phase - 1
New Delhi-110077

ITEM NO.07

No. MCI-34(41)(E-43)/2016-Med./ 165608

The Secretary,
Govt. of India,
Ministry of Health & Family Welfare,
Nirman Bhawan,
New Delhi – 110011.

Sub.:- Establishment of new medical college at Baripada (Pt. Raghunath Murmu Medical College & Hospital, Baripada), Odisha by Govt. of Odisha with an annual intake of 100 MBBS students under North Odisha University, Baripada u/s 10A of the IMC Act, 1956 for the academic year 2017-18.

In view of above, the application for establishment of a new medical college at Baripada (Pt. Raghunath Murmu Medical College & Hospital, Baripada), Odisha by Govt. of Odisha under North Odisha University, Baripada u/s 10A of the IMC Act, 1956 for the academic year 2017-18 (in original) is being returned herewith to the Central Govt., Ministry fo Health & Family Welfare with the recommendation to disapprove it, as there is no provision to keep the application pending in the Council Office for the next academic year.





# ଓଡ଼ିଶାର ସ୍ୱାର୍ଥ ନା ନୀତିହୀନ ରାଜନୈତିକ ଚକ୍ରାନ୍ତ ?

**କେନ୍ଦ୍ର ବିଜେପି ସରକାର ବାରିପଦା ମେଡିକାଲ କଲେଜର ଅନୁମତି ବନ୍ଦ କଲା । ବାଲେଶ୍ୱର ପାଇଁ ବି ସେଇଆ ।**
ସୁପ୍ରିମ୍ କୋର୍ଟଙ୍କ 'ଓଭରସାଇଟ୍ କମିଟି'ରୁ ଆମକୁ ନ୍ୟାୟ ମିଳିଲା ।

**କାଳିଆ ଯୋଜନାରେ ଟଙ୍କା ବିଜେପି ରାଜନୈତିକ ଅସହିଷ୍ଣୁତା ଦେଖାଇ ବନ୍ଦ କରିଛି ।**

ବିଜୁ ଜନତା ଦଳ ସରକାର ଆସିବାର ପ୍ରଥମ ଦିନରେ ହିଁ ସବୁ ଚାଷୀଙ୍କୁ ଦୁଇଟି କିସ୍ତି ବାବଦରେ ୧୦ ହଜାର ଟଙ୍କା ମିଳିବ ।

**ଲୋକଙ୍କ ଉପକାରଠାରୁ ରାଜନୈତିକ ସ୍ୱାର୍ଥ ହାସଲ ବିଜେପି ନେତାମାନଙ୍କ ପାଇଁ ବଡ ।**

ନବୀନ ପଟ୍ଟନାୟକଙ୍କର ଏକମାତ୍ର ସ୍ୱାର୍ଥ ହେଲା ସାଢେ ଚାରି କୋଟି ଓଡ଼ିଶାବାସୀଙ୍କ ସ୍ୱାର୍ଥ ।

ଓଡ଼ିଶାର ସ୍ୱାର୍ଥ, ସ୍ୱାଭିମାନ ଓ ବିକାଶ ପାଇଁ ଲଢ଼େଇ

**ନବୀନଙ୍କ ସହିତ ରହିବା**
**ଆମ ହକ୍ ପାଇଁ ଲଢ଼ିବା**

ବିଜୁ ଜନତା ଦଳ

'ଶଙ୍ଖ' ଚିହ୍ନରେ ଭୋଟ୍ ଦେବା । ଦୁଇଥର ।
ଥରେ ଏମ୍.ପି.ପାଇଁ । ଥରେ ଏମ୍.ଏଲ୍.ଏ ପାଇଁ ।

ନବୀନ ମୋ ପରିବାର
ଶଙ୍ଖ ମୋ ଚିହ୍ନ ।



ସଫଳତା ହିଁ ଅନେକ ବିରାଟ ପ୍ରମାଦକୁ ଘୋଡ଼ାଇ ପକାଏ।

- ଜର୍ଜ ବର୍ଣ୍ଣାଡ ଶ'


## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ: ..............................

ଜନ୍ମ ତାରିଖ: ..............................



କସ୍ତୁରୀ
ପରିବାରବର୍ଗ



ରିନି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆଜି ଆସିବେ ରାଜନାଥ

**ଭୁବନେଶ୍ୱର, ୨୪।୪(ବ୍ୟୁରୋ):** ୪ର୍ଥ ପର୍ଯ୍ୟାୟ ନିର୍ବାଚନ ପ୍ରଚାର ପାଇଁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂ ଗୁରୁବାର ଦିନିକିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ରାଜନାଥ ସକାଳ ୧୦ଟା୩୦ରେ ଯାଜପୁର ଜିଲା ବରୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗୋବିନ୍ଦବାଟି ପଡ଼ିଆଠାରେ ଅନୁଷ୍ଠିତ ହେବାକୁ ଥିବା ବିଜୟ ସଂକଳ୍ପ ସମାବେଶରେ ଯୋଗଦେବେ। ଏହାପରେ ସେ ପୂର୍ବାହ୍ନ ୧୧ଟା ୪୫ରେ ଭଦ୍ରକ ଜିଲାର ଚାନ୍ଦବାଲି ଏବଂ ଅପରାହ୍ନ ୧ଟା୩୦ରେ ନିମାପଡ଼ା ନିର୍ବାଚନମଣ୍ଡଳୀର ଗୋପ ବ୍ଲକର ନିଗମାନନ୍ଦ ହାଇସ୍କୁଲ ପଡିଆଠାରେ ହେବାକୁ ଥିବା ସମାବେଶରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଭାଜପା ମୁଖପାତ୍ର ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି।

## ଦମ୍ଭ ଦେଖାଇଲେ ନବୀନ

# ଶପଥ ଗ୍ରହଣ ଉତ୍ସବକୁ ମୋଦିଙ୍କୁ ନିମନ୍ତ୍ରଣ

ବାଲେଶ୍ୱର ଅଫିସ/ରେମୁଣା (ଡି.ଏନ.ଏ.),୨୪।୪

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ନିର୍ବାଚନ ପ୍ରଚାରରେ ଆସି କେନ୍ଦ୍ରାପଡ଼ା ଓ ବାଲେଶ୍ୱର ସଭାରେ ନବୀନଙ୍କ ଗାଦି ଛାଡ଼ିବାର ସମୟ ଆସିଲାଣି ବୋଲି ସେ କହିଥିଲେ। ଏପରି କି ଓଡ଼ିଶାରେ ଭାଜପା ସରକାର ଗଢ଼ିବ ଏବଂ ସେ ଶପଥଗ୍ରହଣ ଉତ୍ସବକୁ ଆସିବେ ବୋଲି କହିଥିଲେ। ମୋଦିଙ୍କ ଏଭଳି କଥାର କଡ଼ା ଜବାବ ଦେଇ ରାଜ୍ୟ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୃଢ଼ ଆତ୍ମବିଶ୍ୱାସ ଦେଖାଇଛନ୍ତି। ରାଜ୍ୟରେ ଆହୁରି ୪୨ ବିଧାନସଭା ଆସନରେ ନିର୍ବାଚନ ହେବାକୁ ଥିବାବେଳେ ଏବେଠୁଁ ସରକାର ଗଢ଼ିବାର ସେ ଦମ୍ଭୋକ୍ତି ପ୍ରକାଶ କରିଛନ୍ତି। ଏ ନେଇ ସେ ବାଲେଶ୍ୱର ଜିଲା ରେମୁଣାଠାରେ ବୁଧବାର ଆୟୋଜିତ ଦଳୀୟ ପ୍ରଚାର ସଭାରେ ଲୋକଙ୍କ ଆଶୀର୍ବାଦ ଯୋଗୁ ତୃତୀୟ ପର୍ଯ୍ୟାୟ ନିର୍ବାଚନ ସୁଦ୍ଧା ଜନମତ ବିଜେଡି ସପକ୍ଷରେ ଯାଇଥିବା କହିଛନ୍ତି। ଚତୁର୍ଥ ପର୍ଯ୍ୟାୟରେ ମଧ ଦଳ ଆଶାନୁରୂପ ସଫଳତା ପାଇ ପୁଣି ଏଥର କ୍ଷମତାକୁ ଫେରିବ। ଏଣୁ ପ୍ରଧାନମନ୍ତ୍ରୀ ମୋଦି ବିଜେଡିର ଶପଥଗ୍ରହଣ ଉତ୍ସବକୁ ଆସିବା ସକାଶେ ତାଙ୍କୁ ବିନମ୍ରତାର ସହ ନିମନ୍ତ୍ରଣ କରୁଥିବା ନବୀନ କହିଛନ୍ତି।

ବୁଧବାର ପୂର୍ବାହ୍ନରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରୁ ହେଲିକପ୍ଟର ଯୋଗେ ଆସି ପ୍ରଥମେ ବାଲେଶ୍ୱର ଜିଲା ଭୋଗରାଇ ନିର୍ବାଚନମଣ୍ଡଳୀରେ ପହଞ୍ଚିଥିଲେ। ପରେ ଜଳେଶ୍ୱର, ବସ୍ତା, ନୀଳଗିରି ନିର୍ବାଚନମଣ୍ଡଳୀରେ ଆୟୋଜିତ ସଭାରେ ଉଦ୍‌ବୋଧନ ଦେଇ ଅପରାହ୍ନ ୨ଟା ବେଳେ ରେମୁଣା ନିର୍ବାଚନମଣ୍ଡଳୀ ନୋସି ଯାତ୍ରା ପଡ଼ିଆ ସଭାରେ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ, ଓଡ଼ିଶାର ପ୍ରାକୃତିକ ବିପର୍ଯ୍ୟୟ ବେଳେ କୌଣସି କେନ୍ଦ୍ରୀୟ ନେତା ରାଜ୍ୟକୁ ଆସି ନ ଥିଲେ। ଏବେ ଭୋଟ୍ ମାଗିବାକୁ ଆସି ବିକାଶ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ବିଭିନ୍ନ ମିଥ୍ୟା ପ୍ରତିଶ୍ରୁତି ଦେଉଛନ୍ତି। ଓଡ଼ିଶାର ସ୍ୱାର୍ଥ ପ୍ରତି କେନ୍ଦ୍ରରେ କ୍ଷମତାସୀନ ଭାଜପା ସରକାର କିଭଳି ଅବହେଳା କରିଆସିଛି ତାହା କାହାକୁ ଅଜଣା ନାହିଁ। ନିର୍ବାଚନରେ ଲୋକେ ଏହାର ଉଚିତ ଜବାବ ଦେବେ।

ବାଲେଶ୍ୱର ଲୋକସଭା ପ୍ରାର୍ଥୀ ଇଂ. ରବୀନ୍ଦ୍ର କୁମାର ଜେନା, ରେମୁଣା ନିର୍ବାଚନମଣ୍ଡଳୀର ବିଧାନସଭା ପ୍ରାର୍ଥୀ ସୁଧାଂଶୁ ଶେଖର ପରିଡ଼ା, ରାଜ୍ୟ ସମ୍ପାଦକ ତଥା ଜିଲା ପର୍ଯ୍ୟବେକ୍ଷକ ଅଜୟ ନାୟକ, ବରିଷ୍ଠ ନେତା ପ୍ରଭାତ ବିଶ୍ୱାଳ, ଯୁବ ବିଜେଡି ଜିଲା ସଭାପତି ଶୁଭେନ୍ଦୁ ମଙ୍ଗରାଜ, ଛାତ୍ର ବିଜେଡି ଜିଲା ସଭାପତି ସିମନ ଦାସପଟ୍ଟନାୟକ, ଯୁବନେତା ସତ୍ୟରଞ୍ଜନ ଦାସ, ପୂର୍ବତନ ରେମୁଣା ବ୍ଲକ ସଭାପତି ନଳିନୀ ପଣ୍ଡା, ପୂର୍ବତନ ଜିଲା ପରିଷଦ ଅଧକ୍ଷା ଉର୍ମିଳତା ଦାସ ପ୍ରମୁଖ ସଭାରେ ଉପସ୍ଥିତ ରହି ବିଜେଡିର ଲୋକାଭିମୁଖୀ କାର୍ଯ୍ୟକ୍ରମ ଓ ଉନ୍ନତିମୂଳକ ଯୋଜନା ସମ୍ପର୍କରେ ଲୋକଙ୍କୁ ଜଣାଇଥିଲେ। ହାସ୍ୟ ଅଭିନେତା କୁନା ତ୍ରିପାଠୀ ମଞ୍ଚ ସଞ୍ଚାଳନ କରିଥିଲେ। ରେମୁଣା ସଭା ପରେ ଅପରାହ୍ନ ୩ଟା ସମୟରେ ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀରେ ଆୟୋଜିତ ରୋଡ ଶୋ'ରେ ମୁଖ୍ୟମନ୍ତ୍ରୀ ଯୋଗଦେଇଥିଲେ। ପୋଲିସଲାଇନ୍ ପାନ୍ଥନିବାସ ଛକଠାରୁ ଏହି ରୋଡ ଶୋ' ଆରମ୍ଭ ହୋଇ ପଞ୍ଚୁଆଁପଦା, ଏଫ୍ଏମ୍ କଲେଜ, ସିନେମା ଛକ, ଫାଣ୍ଡି ଛକ, ଫକୀରମୋହନ ଗୋଲେଇ ଏବଂ ହୋଟେଲ ସୁରଜ ଛକରେ ଶେଷ ହୋଇଥିଲା। ଏଥିରେ ଏମ୍ପି ପ୍ରାର୍ଥୀଙ୍କ ସମେତ ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀର ପ୍ରାର୍ଥୀ ଜୀବନ ପ୍ରଦୀପ ଦାଶ, ଦଳର ବହୁ ବରିଷ୍ଠ ନେତୃବର୍ଗ, ଚଳଚ୍ଚିତ୍ର ଅଭିନେତ୍ରୀ ଏବଂ ଟିଭି କଳାକାର ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ଓ ପ୍ରଚାର କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ପୋଲିସ ଓ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। ବାଲେଶ୍ୱର ଜିଲାର ୬ ନିର୍ବାଚନମଣ୍ଡଳୀରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର ସାରି ମୁଖ୍ୟମନ୍ତ୍ରୀ ପରେ ମୟୂରଭଞ୍ଜ ଜିଲା ଗସ୍ତରେ ଚାଲି ଯାଇଥିଲେ।



ବୁଧବାର ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀରେ ମୁଖ୍ୟମନ୍ତ୍ରୀଙ୍କ ରୋଡ ଶୋ'।

## ବାଲେଶ୍ୱରରେ ମୁଖ୍ୟମନ୍ତ୍ରୀଙ୍କ ମାରାଥନ୍ ପ୍ରଚାର

ଅଧାପକଙ୍କ ପେନ୍‌ସନ୍ ସମସ୍ୟା

## ଉଚ୍ଚ ଶିକ୍ଷା ବିଭାଗକୁ ଏନ୍ଏଚ୍ଆର୍‌ସିର ରିପୋର୍ଟ ତଲବ

**ଭୁବନେଶ୍ୱର,୨୪।୪(ବ୍ୟୁରୋ):** ଓଡ଼ିଶାରେ ସରକାରୀ ଅନୁଦାନପ୍ରାପ୍ତ କଲେଜରେ କାର୍ଯ୍ୟରତ ଅଧାପକ ଓ କର୍ମଚାରୀ ପେନ୍‌ସନ୍ ପାଉ ନ ଥିବା ଅଭିଯୋଗ ହେବା ପରେ ଜାତୀୟ ମାନବାଧିକାର କମିଶନ(ଏନ୍ଏଚ୍ଆର୍‌ସି) ରାଜ୍ୟ ସରକାରଙ୍କୁ ରିପୋର୍ଟ ତଲବ କରିଛନ୍ତି। ହ୍ୟୁମାନ ରାଇଟ୍‌ସ ୱାଚ୍ ଅଧକ୍ଷା ସଙ୍ଗୀତା ସ୍ୱାଇଁ ଏନ୍ଏଚ୍ଆର୍‌ସି ନିକଟରେ ଏକ ପିଟିସନ୍ ଫାଇଲ୍ କରିଛନ୍ତି। ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ଅଧୀନରୁ ଅବସର ନେଇଥିବା ୧୫୦୦ ଅଧାପକ ଓ କର୍ମଚାରୀ ପେନ୍‌ସନ୍ ସମ୍ବନ୍ଧୀୟ ସୁବିଧା ପାଇପାରୁନାହାନ୍ତି। ଯେଉଁ ଅଧିକାରୀମାନେ ଏଥିରେ ସଂଶ୍ଳିଷ୍ଟ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଏବଂ ଯଥାଶୀଘ୍ର ପେନ୍‌ସନ୍ ପ୍ରଦାନ କରିବାକୁ ସଙ୍ଗୀତା ଅନୁରୋଧ କରିଛନ୍ତି। ଏହି ଅଭିଯୋଗକୁ ଆଧାର କରି ୮ ସପ୍ତାହ ମଧ୍ୟରେ ଉତ୍ତର ରଖିବାକୁ ଏନ୍ଏଚ୍ଆର୍‌ସି ଉଚ୍ଚ ଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

# ଶୀତଲଙ୍କୁ 'ମିସ୍ ଇଣ୍ଡିଆ ଓଡ଼ିଶା-୨୦୧୯' ଟାଇଟଲ୍

ଭୁବନେଶ୍ୱର,୨୪।୪(ବ୍ୟୁରୋ)

୨୦୧୯ ବର୍ଷ ପାଇଁ ଫେମିନା ମିସ୍ ଇଣ୍ଡିଆ ଓଡ଼ିଶା ଟାଇଟଲ୍ ଜିତିଛନ୍ତି ରାୟଗଡାର ଶୀତଲ ସାହୁ। ମଙ୍ଗଳବାର କୋଲକାତାରେ ଅନୁଷ୍ଠିତ ଏଫ୍‌ବିବି କଲର୍ସ ଫେମିନା ମିସ୍ ଇଣ୍ଡିଆର ଇଷ୍ଟ୍ ଜୋନାଲ କ୍ରାଉନିଂ ପ୍ରତିଯୋଗିତାରେ ଓଡ଼ିଶାରୁ ଶ୍ରେଷ୍ଠ ବିବେଚିତ ହୋଇ ସେ ଏହି ଟାଇଟଲ୍ ଜିତିଛନ୍ତି। ସୌନ୍ଦର୍ଯ୍ୟ ସହ ନିଜର ଦୃଢ଼ ଆତ୍ମବିଶ୍ୱାସ ବଳରେ ସଫଳତା ହାସଲ କରିଛନ୍ତି ଶୀତଲ। ଆସନ୍ତା ଜୁନ୍ ୧୫ରେ ମୁମ୍ବାଇରେ ଅନୁଷ୍ଠିତ ହେବାକୁ ଥିବା ଫେମିନା ମିସ୍ ଇଣ୍ଡିଆ ଫାଇନାଲ ରାଉଣ୍ଡରେ ସେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବେ।

୨୦୧୮ରେ ଶ୍ରୁତିକ୍ଷା ନାୟକଙ୍କ ପରେ ୨୦୧୯ ପାଇଁ ମିସ୍ ଇଣ୍ଡିଆ ଓଡ଼ିଶା ମୁକୁଟ ପିନ୍ଧିଛନ୍ତି ଶୀତଲ। ସେ ଏବେ ମୁମ୍ବାଇରେ ସଫ୍ଟୱେର୍ ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଛନ୍ତି। ରାୟଗଡ଼ା ଜିଲା ଗୁଣୁପୁରର ଏସ୍ଏଲ୍ଏନ୍ଏମ୍ ହାଇସ୍କୁଲରୁ ପାଠ ପଢ଼ିଥିବା ଏହି ମଡେଲ୍ କମ୍ ମେଧାବୀ ଛାତ୍ରୀ ବୁର୍ଲା ଭିଏସ୍ଏସ୍‌ୟୁଟିରୁ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିଛନ୍ତି। କଠୋର ପରିଶ୍ରମ ମାଧମରେ ମିସ୍ ଇଣ୍ଡିଆ ଟାଇଟଲ୍ ଜିତି ଆଗାମୀ ଦିନରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶାକୁ ଗୌରବାନ୍ୱିତ କରିବାକୁ ଲକ୍ଷ୍ୟ ରଖିଛନ୍ତି।

ଗତ ଏପ୍ରିଲ ୧୩ରେ ଏସ୍ପ୍ଲାନେଡ୍ ମଲ୍‌ସ୍ଥିତ ବିଗ୍‌ବଜାରରେ ଅନୁଷ୍ଠିତ ଫେମିନା ମିସ୍ ଇଣ୍ଡିଆର ଭୁବନେଶ୍ୱର ଅଡିଶନ୍‌ରେ ଶୀତଲ ଅନ୍ୟ ଦୁଇ ପ୍ରତିଯୋଗୀଙ୍କ ସହ ଶ୍ରେଷ୍ଠ ବିବେଚିତ ହୋଇ ଇଷ୍ଟ୍ ଜୋନ୍‌ରେ ଭାଗନେବାକୁ ମନୋନୀତ ହୋଇଥିଲେ। ତାଙ୍କ ସହ ବିଜେବି କଲେଜରେ ଜର୍ନାଲିଜମ୍ ପଢୁଥିବା ସାଙ୍ଗକୁ ଓଡ଼ିଆ ଚଳଚ୍ଚିତ୍ରରେ ଅଭିନୟ କରୁଥିବା ତମନ୍ନା ବ୍ୟାସ ଓ କିଟ୍‌ରୁ ଏମ୍‌ବିଏ ପରେ ଏଚ୍ଆର୍ ଭାବେ କାର୍ଯ୍ୟରତ ଅରୂପା ରଥ ଏଥର ଗୋଲ୍ଡେନ୍ ଟିକେଟ୍ ହାସଲ କରି ଜାତୀୟ ସ୍ତରରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବାକୁ ମନୋନୀତ ହୋଇଥିଲେ। କୋଲକାତାରେ ଅନୁଷ୍ଠିତ ପ୍ରତିଯୋଗିତାରେ ସମସ୍ତ ୩ ପ୍ରତିଯୋଗୀ ଦୁଇଟି ରାଉଣ୍ଡ ଏଫ୍‌ବିବି ଓ ଆଲ୍‌ପା ଆଣ୍ଡ ରୀନା ପ୍ରିଣ୍ଟେମ୍ପ୍‌ସ ଫ୍ଲିଙ୍ଗ୍ ୨୦୧୯ କଲେକ୍ସନ ରାଉଣ୍ଡରେ ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। ଚଳିତବର୍ଷ ମିସ୍ ଇଣ୍ଡିଆ ଇଷ୍ଟ୍ ଜୋନ୍ ମେଣ୍ଟର ଭାବେ ଅଭିନେତ୍ରୀ ତଥା ପୂର୍ବତନ ମିସ୍ ଇଣ୍ଡିଆ ନେହା ଧୁପିଆ ଥିବାବେଳେ ଇଷ୍ଟ୍ ଜୋନାଲ୍ କ୍ରାଉନିଂ ପ୍ରତିଯୋଗିତାରେ ବିଚାରକ ଭାବେ ମଡେଲ୍ ତଥା ଅଭିନେତ୍ରୀ ଇଶା ଗୁପ୍ତା, ନେହା ଧୁପିଆ, ଫୁଟବଲ ଖେଳାଳି ବାଇଚୁଙ୍ଗ୍ ଭୁଟିଆ, ମଡେଲ୍ ତଥା ଅଭିନେତା ରୋହିତ ଖଣ୍ଡେଲୱାଲ୍, ପ୍ରଯୋଜିକା ତଥା ଅଭିନେତ୍ରୀ ଋତୁପର୍ଣ୍ଣା ସେନ୍‌ଗୁପ୍ତା ଯୋଗଦେଇଥିଲେ। ଏହି ଅବସରରେ ଇଷ୍ଟ୍ ଜୋନ୍‌ର ୧୩ ରାଜ୍ୟର ଷ୍ଟେଟ୍ ୱିନର୍‌ମାନଙ୍କୁ ବଛାଯାଇଥିଲା। ଚଳିତବର୍ଷ ମିସ୍ ଇଣ୍ଡିଆର ୫୬ତମ ସଂସ୍କରଣ ଅନୁଷ୍ଠିତ ହେଉଥିବା ବେଳେ ଦେଶର ୩୦ ରାଜ୍ୟରେ ଅଡିଶନ୍ କରାଯାଇ ପ୍ରତ୍ୟେକ ରାଜ୍ୟର ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଚୟନ କରାଯାଇଥିଲା।



ଶୀତଲ ସାହୁ

## ବଢ଼ୁଛି ତାପମାତ୍ରା

# ୪୩.୫ ଡିଗ୍ରୀରେ ଟିଟିଲାଗଡ଼

ଭୁବନେଶ୍ୱର,୨୪।୪(ବ୍ୟୁରୋ)

ରାଜ୍ୟରେ ତାପମାତ୍ରା ଦିନକୁ ଦିନ ବୃଦ୍ଧି ପାଉଛି। ଦୁଇଦିନ ହେବ ତାତିରେ ଛଟପଟ ହେଉଛନ୍ତି ରାଜ୍ୟବାସୀ। ଆଗକୁ ତାପମାତ୍ରା ଆହୁରି ବଢ଼ିବ ବୋଲି ଭୁବନେଶ୍ୱର ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ବୁଧବାର ୫ ସହରର ତାପମାତ୍ରା ୪୦ଡିଗ୍ରୀ ଉପରେ ରହିଥିଲା। ଟିଟିଲାଗଡ଼ରେ ସର୍ବାଧିକ ତାପମାତ୍ରା ୪୩.୫ଡିଗ୍ରୀ ସେଲ୍‌ସିୟସ୍ ରହିଥିବା ବେଳେ ମାଲକାନଗିରି ୪୨, ସୁନ୍ଦରଗଡ଼ ଓ ସୁବର୍ଣ୍ଣପୁର ୪୦.୬, ବଲାଙ୍ଗୀର ୪୦.୫ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ସେହିପରି ଫୁଲବାଣୀ ୩୯.୮, ସମ୍ବଲପୁର ୩୯.୨, ଅନୁଗୋଳ ୩୮.୭, ଝାରସୁଗୁଡ଼ା ଓ ହୀରାକୁଦ ୩୮.୬, କଟକ ୩୭.୪ ଓ ଭୁବନେଶ୍ୱରରେ ୩୭.୨ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ବାକି ସବୁ ଜିଲାରେ ୩୨ଡିଗ୍ରୀ ଉପରେ ତାପମାତ୍ରା ରହିଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। କିଛିଦିନ ହେବ ରାଜ୍ୟର ବିଭିନ୍ନ ସ୍ଥାନରେ ଦିନରେ ଖରା ଓ ରାତିରେ ବର୍ଷା ହେଉଛି। କାଳବୈଶାଖୀରେ ଲୋକେ ଭୟଭୀତ ହୋଇଯାଉଛନ୍ତି। ବୁଧବାର ମଧ ଅନେକ ସ୍ଥାନରେ ବର୍ଷା ସହ ଝଡ଼ତୋଫାନ ଦେଖିବାକୁ ମିଳିଥିଲା। ବାଲେଶ୍ୱର, କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଗଜପତି, ଗଞ୍ଜାମ, ରାୟଗଡ଼ା ଓ କନ୍ଧମାଳ ଆଦି ଜିଲାରେ ସ୍ୱଳ୍ପ ପରିମାଣର ବର୍ଷା ହୋଇଥିଲା। ଗୁରୁବାର ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର, କନ୍ଧମାଳ, ଗଞ୍ଜାମ, ରାୟଗଡ଼ା, କୋରାପୁଟ ଓ ଗଜପତି ଆଦି ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ସହ ପବନ ବହିବା ସମ୍ଭାବନା ରହିଛି। ଅନ୍ୟ ଜିଲାରେ ପାଗ ଶୁଖିଲା ରହିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଗୁରୁବାର କୌଣସି ଜିଲା ପାଇଁ ସତର୍କ ସୂଚନା ଜାରି କରାଯାଇନାହିଁ। ଆସନ୍ତା ୨ରୁ ୩ଦିନ ଭିତରେ ଆଭ୍ୟନ୍ତରୀଣ ଓଡ଼ିଶାର କେତେକ ଅଞ୍ଚଳରେ ତାପମାତ୍ରା ୨ରୁ ୩ଡିଗ୍ରୀ ସେଲ୍‌ସିୟସ୍ ବୃଦ୍ଧି ପାଇବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

## ଅଂଶୁଘାତରେ ରାଜମିସ୍ତ୍ରିଙ୍କ ମୃତ୍ୟୁ ଅଭିଯୋଗ

**ଛତ୍ରପୁର,୨୪।୪(ଡି.ଏନ.ଏ.):** ଗଞ୍ଜାମ ଜିଲା ଛତ୍ରପୁର ଉପକଣ୍ଠ ଶାନ୍ତିନଗରରେ ବୁଧବାର ଏକ ଘର ନିର୍ମାଣ କାର୍ଯ୍ୟ ବେଳେ ଜଣେ ରାଜମିସ୍ତ୍ରିଙ୍କ ଅଂଶୁଘାତରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ସେ ହେଲେ ଛତ୍ରପୁର ବ୍ଲକ ବିପୁଲିଙ୍ଗି ପଞ୍ଚାୟତ ରାଜନାପଲ୍ଲୀ ଗାଁର ବଳରାମ ପଢିଆରୀ (୫୮)। ଅପରାହ୍ନ ପ୍ରାୟ ୨ଟାରେ କାମ କରୁଥିବା ବେଳେ ବଳରାମ ହଠାତ୍ ଅଚେତ ହୋଇ ପଡିଥିଲେ। ତାଙ୍କୁ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟକୁ ଅଣାଯାଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ଅଂଶୁଘାତରେ ବଳରାମଙ୍କ ମୃତ୍ୟୁ ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ବିପୁଲିଙ୍ଗି ରାଜସ୍ୱ ନିରୀକ୍ଷକ ଭାସ୍କର ସାହୁ ତଦନ୍ତ କରିଛନ୍ତି। ଛତ୍ରପୁର ତହସିଲଦାରଙ୍କୁ ସେ ରିପୋର୍ଟ ଦେବେ ବୋଲି ଜଣାପଡିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି କର୍ମଭାବସ୍ଥ ଗ୍ରହଶୂନ୍ୟ ହେତୁ କର୍ମକ୍ଷେତ୍ରରେ କୌଣସି କାମ ସହଜରେ ସମ୍ପନ୍ନ ହେବନାହିଁ। ଅବଶ୍ୟ ପର କ୍ଷଣରେ ଅନ୍ୟାନ୍ୟ ସହକର୍ମୀଙ୍କ ହସ୍ତକ୍ଷେପ ଫଳରେ ସମାଧାନ ହୋଇପାରେ। ଯାତ୍ରା, ନୂତନ କର୍ମାରମ୍ଭ ପାଇଁ କୌଣସି ପ୍ରତିକୂଳ ପ୍ରଭାବ ପଡ଼ିବ ନାହିଁ। କାର୍ଯ୍ୟବ୍ୟସ୍ତତା କାରଣରୁ ପାରିବାରିକ କ୍ଷେତ୍ରରେ ହସଖୁସି ପାଇଁ ସମୟ ପାଇବେ ନାହିଁ।

**ବୃଷ** ଆଜି ବୁଧ ଓ ଶୁକ୍ର ଏକାଦଶସ୍ଥ ଯୋଗୁ ଉଚ୍ଚପଦସ୍ଥ ବ୍ୟକ୍ତିଙ୍କ ଦ୍ୱାରା ଗୌରବାନ୍ୱିତ ହୋଇପାରନ୍ତି। ସଭାସମିତି ତଥା ଆନୁଷ୍ଠାନିକ କାର୍ଯ୍ୟରେ ବ୍ୟସ୍ତତା ସାଙ୍ଗକୁ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧିପାଇବ। ଦ୍ୱାଦଶସ୍ଥ ରବି ହେତୁ ସରକାରୀ ସ୍ତରରୁ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ଆଂଶିକ ସଫଳତା ପାଇବେ।

**ମିଥୁନ** ସପ୍ତମସ୍ଥ ପାପଯୁକ୍ତ ଚନ୍ଦ୍ର ଆପଣଙ୍କୁ ମାନସିକ ସ୍ତରରେ ବ୍ୟଗ୍ରତା ଓ ଅସ୍ଥିରତା ସୃଷ୍ଟିକଲେ ମଧ ଶୁକ୍ର ପ୍ରଭାବରୁ ବନ୍ଧୁଙ୍କ ସହ ସୁସମ୍ପର୍କ ସ୍ଥାପନ କରିବେ। କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତା, ରପ୍ତାନୀ କାରବାରରେ କଳହ କିମ୍ବା ବନ୍ଧୁଙ୍କ ସହ ମତାନ୍ତର ଘଟିପାରେ। ଗତକାଲିଠାରୁ ଚେଷ୍ଟା କରୁଥିବା କାମଟି ଅସମ୍ପୂର୍ଣ୍ଣ ରହିବ। ଅସୁବିଧାରେ ପଡ଼ିଥିବା ଲୋକଙ୍କୁ ସାହାଯ୍ୟ କରିବେ।

**କର୍କଟ** ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ ସନ୍ତୋଷଜନକ ରହିବ। ଦ୍ୱାଦଶରେ ରାହୁ ଆପଣଙ୍କୁ ବିଭିନ୍ନ ସ୍ଥାନ ବୁଲାଇପାରନ୍ତି। ତଥାପି ଶୁକ୍ରଙ୍କ ପ୍ରଭାବରୁ ପାରିବାରିକ ଜୀବନ ସୁଖ, ସନ୍ତୋଷରେ କଟିବ। ବନ୍ଧୁଙ୍କ ଦ୍ୱାରା ପ୍ରଶଂସିତ ହେବେ ଓ ମୂଲ୍ୟବାନ୍ ଦ୍ରବ୍ୟ ପାଇବେ। ପ୍ରତ୍ୟେକ କ୍ଷେତ୍ରରେ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି, ବାସ୍ତବରେ ସେପରି କିଛି ହେବନି।

**ସିଂହ** ଚନ୍ଦ୍ର ପାପପ୍ରଭାବ ଯୁକ୍ତ ହେତୁ ସମସ୍ୟା ଯୋଗୁ ଆପଣଙ୍କ କାର୍ଯ୍ୟ ସମ୍ପନ୍ନ ହେବ, କିନ୍ତୁ ବିଶେଷ ଖର୍ଚ୍ଚନ୍ତ ହେବାକୁ ପଡ଼ିବ। ଜଞ୍ଜାଳ ଏତେ ମାତ୍ରାରେ ବଢ଼ିବ ଯେ ସାମାନ୍ୟ ଫୁରସତ ମଧ ପାଇବେ ନାହିଁ। ଏହା ସାଙ୍ଗକୁ ବିଭିନ୍ନ ପ୍ରକାର ପାରିବାରିକ ସମସ୍ୟାକୁ କେନ୍ଦ୍ରକରି ମାନସିକ ସ୍ଥିତି କ୍ରିହେଇନ ପାରେ। ଶିଳ୍ପ, ବ୍ୟବସାୟ, ପରିବହନ, ହୋଟେଲ, ଯାନ୍ତ୍ରିକ ଶିଳ୍ପ ଓ ପରିବହନରେ ସଫଳତା ମିଳିବ।

**କନ୍ୟା** ଆକସ୍ମିକ ଦୂରଯାତ୍ରା କରିବାକୁ ବନ୍ଧୁଙ୍କ ଡାକରା ଆସିପା ସବୁ ଦିଗରୁ ଭଲ ହେଲେ ମଧ ପରିବାରରେ ଅଶାନ୍ତ ପରିସ୍ଥିତି, ଗୃହଚ୍ଛିଦ୍ର, ବନ୍ଧୁଙ୍କ ଅନୁଚିତ କାର୍ଯ୍ୟକଳାପ ଦୁଶ୍ଚିନ୍ତାର କାରଣ ହେବ। ଶନିଯୁକ୍ତ ଚନ୍ଦ୍ର ହେତୁ ମନ ଭଲ ନ ଥିବାରୁ ଆଲୋଚନା ପରିସରରେ ସମାଲୋଚିତ ହେବେ। ବ୍ୟବସାୟିକ କ୍ଷେତ୍ର, ନିର୍ମାଣ କାର୍ଯ୍ୟରୁ ସାମୟିକ ଆଶ୍ୱସ୍ତି ଲାଭର ସୂଚନା ପାଇବେ।

**ତୁଳା** ସପ୍ତମସ୍ଥ ରବି ଆପଣଙ୍କୁ ପ୍ରବଳ ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ କରାଇପାରେ। ତଥାପି ଆଜିର ଜୀବନଯାତ୍ରା ପ୍ରୀତିପ୍ରଦ ରହିବ ଏବଂ ଯାହା ଓ ଯେମିତି ଚାହୁଁଛନ୍ତି ତାହା ନିର୍ବିଘ୍ନରେ ପ୍ରାପ୍ତ ହେବ। ଯାହା ଚାହୁଁଛନ୍ତି ତାହା କରିପାରିବେ, ପ୍ରତିବନ୍ଧକ ବିନା ପ୍ରତ୍ୟେକ କାର୍ଯ୍ୟରେ ସଫଳତା ପାଇବେ। ଚିତ୍ରା ନକ୍ଷତ୍ର ସକାଶେ କାମରେ ଅସ୍ଥିରତା ସୃଷ୍ଟିକରିପାରେ।

**ବିଛା** ଆଜିର ଦ୍ୱିତୀୟଚନ୍ଦ୍ର ଆପଣଙ୍କ ନୂତନ କର୍ମାରମ୍ଭ, ବନ୍ଧୁମିଳନ ମାଧମରେ ଆନନ୍ଦ ପ୍ରଦାନ କରିବ। କର୍ମକ୍ଷେତ୍ରରେ ନିର୍ଦ୍ଦିଷ୍ଟ ସମୟରେ ଆପଣଙ୍କ ଅନୁପସ୍ଥିତି ପାଇଁ କୈଫିୟତ ଦେବାକୁ ପଡ଼ିପାରେ। ଆପଣଙ୍କ ଆସିବା ବାଟକୁ ଚାହିଁ ବସିଥିବା ବନ୍ଧୁଟି ମନେ ମନେ ବହୁ ବିରକ୍ତି ପ୍ରକାଶ କରିପାରନ୍ତି। ଆଜିର ଯାତ୍ରା, ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ।

**ଧନୁ** ରାଶିରେ ପାପଗ୍ରହ ଯୋଗୁ ମାନସିକ ଓ ଶାରୀରିକ ସ୍ଥିତି ଭଲ ନ ରହିଲେ ମଧ ଅନ୍ୟାନ୍ୟ ଗ୍ରହଙ୍କ ଶୁଭଦୃ ଯୋଗୁ କୌଣସି କାମ ଅଟକ ହେବନାହିଁ। ପରିବାର ମଧ୍ୟରେ ବୁଝାମଣାର ଅଭାବଜନିତ ସମସ୍ୟା ଭିତର ଦେଇ ଗତି କରିପାରନ୍ତି। ଆର୍ଥିକ ସ୍ଥିତି ବହୁତ ଭଲ ରହିବ। ଆତ୍ମୀୟମାନେ ଆପଣଙ୍କ କାର୍ଯ୍ୟକୁ ପସନ୍ଦ ନ କଲେ ମଧ ମୁହଁ ଆଗରେ କିଛି କହିବେ ନାହିଁ।

**ମକର** ଆଜିର ଗ୍ରହସ୍ଥିତି ସାମଗ୍ରିକ ଦୃଷ୍ଟିକୋଣରୁ ଭଲ ହେତୁ ମନ ପ୍ରଫୁଲ୍ଲ ରହିବ। ବନ୍ଧୁବର୍ଗଙ୍କ ଦ୍ୱାରା ପ୍ରଶଂସିତ ହେବେ ଓ ମୂଲ୍ୟବାନ୍ ଦ୍ରବ୍ୟ ପାଇବେ। କର୍ମକ୍ଷେତ୍ରରେ ଘଟିଯାଇଥିବା ଯେଉଁ ବ୍ୟତିକ୍ରମ ସୁଧାରିନେବା ସହ ସାମାଜିକ ସ୍ତରରେ ପ୍ରଶଂସିତ ହୋଇପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ କିମ୍ବା ସଭାସମିତିରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧିପାଇବ।

**କୁମ୍ଭ** ବୁଧ ଯୁକ୍ତ ଶୁକ୍ର ହେତୁ ମନ ଚାହୁଁଥିବା ପ୍ରକାରେ ନୂତନ ସମ୍ପର୍କ ସ୍ଥାପିତ କରିବେ। ପ୍ରତ୍ୟେକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବା ହେତୁ ବିବାଦ ଅପସରିଯିବ ଓ କାମ ମଧ ସନ୍ତୋଷଜନକ ରହିବ। ପିଲାମାନଙ୍କ ସକାଶେ କୌଣସି ବ୍ୟକ୍ତିଙ୍କ ସହ ତର୍କର ସମ୍ମୁଖୀନ ହୋଇପାରନ୍ତି। ବ୍ୟବସାୟ, ବାଣିଜ୍ୟ ଓ କଳା, ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ।

**ମୀନ** ଆଜିର ଗ୍ରହ ଯୋଗ ଆପଣଙ୍କୁ ସାମଗ୍ରିକ ସୁଖ, ସୁବିଧା ପ୍ରଦାନ କରି ମନରେ ନୂତନ ଆଶା ସଞ୍ଚାର କରିପାରନ୍ତି। ସ୍ୱାସ୍ଥ୍ୟ ଭଲ ରହିଲେ ମଧ ଅନ୍ୟମାନଙ୍କ କଥାକୁ ନେଇ ମାନସିକ ସୁସ୍ଥତା କେତେକାଂଶରେ ବାଧାପ୍ରାପ୍ତ ହୋଇପାରେ। ଉତ୍ତରଭାଦ୍ରପଦ୍ ନକ୍ଷତ୍ରର ପାରିବାରିକ ସଦ୍‌ଭାବ ମନକୁ ବୁଝାଇବାରେ ସାହାଯ୍ୟ କରିବ।

ଆଜି ବୈଶାଖ କୃଷ୍ଣ ଷଷ୍ଠୀ ଯୁକ୍ତ ସପ୍ତମୀ ଗୁରୁବାର, ଏପ୍ରିଲ ୨୫ ତାରିଖ, ବିଶ୍ୱ ମ୍ୟାଲେରିଆ ଦିବସ, ପୂର୍ବାଷାଢ଼ା/ଧନୁ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ସପ୍ତମୀର ପାର୍ବଣ ଶ୍ରାଦ୍ଧ, ଶରଣଂ। ଦିବା ଘ୧୦।୦୬ମି. ଗତେ ଘ୧୧।୪୧ମି. ମଧ୍ୟେ, ଘ୧।୧୬ମି. ଗତେ ଘ୨।୫୧ମି. ମଧ୍ୟେ ଅମୃତ ବେଳା। ସକାଳ ଘ୬।୫୫ମି. ମଧ୍ୟେ ଘ୧୧।୪୧ମି. ଗତେ, ଘ୧।୧୬ମି. ମଧ୍ୟେ ରାହୁକାଳ।


# classifieds Everyday 0674-2580101, 2549302




**SALE**

Lowcost investment & ready construction plots/ flat/ duplex- Patia, Infocity-II Town planning area- Sundarpada, Jagamara. 8328811411, 7978620820. D-66362

Gharabari boundary wall plot for sale near Ranga bazar- Tankapani Bhubaneswar. Contact: 9040432066, 9437068666. D-12247

**BDAର Southcity IIT Argul ଠାରେ Railway stationରୁ ଅଳ୍ପ ଦୂରତାରେ ପିଚୁରାସ୍ତାର ସୁବିଧାଥାଇ ଘରବାରି plot କିଣନ୍ତୁ। Akshya- 8327748629.** D-66352

Bhubaneswar ପିତାପଲ୍ଲି ଛକକୁ ଲାଗି BDA Commercial plot ସୁଲଭ ମୂଲ୍ୟରେ ମିଳୁଅଛି। 8339920771. D-66357

Bhubaneswar Infocity-II boundary କୁ ଲାଗି sqft.-600/- ରେ ପାଚେରି ସହ plot ବିକ୍ରିହେବ। 8658962508, 8480864171. D-66360

**କଟକ-ଭୁବନେଶ୍ୱର Twin-city ମଧ୍ୟରେ ନିର୍ମିତ ବୃହତ୍ତମ commercial Hub (Grand bazar) ସମ୍ମୁଖରେ ଘରବାରି ବାସୋପଯୋଗୀ plot ଶସ୍ତାରେ ମିଳୁଅଛି। Sanjaya- 8339826767.** D-66354

30' road, electricity, boundary ଥାଇ BDA plot Bhubaneswar Patapalli chhakରେ ମିଳୁଅଛି। 9090963952. D-66343

ଭୁବନେଶ୍ୱର ରେତଙ୍ଗ ଷ୍ଟେସନ ପାଖରେ ଘରବାରି ପ୍ଲଟ କିଣି ଘର କରନ୍ତୁ। 9938066403. D-66358

SC gharabari plot for sale just 1.9km. from NH-5 Hanspal- Puri Canal, sqft. 1250. 8763499150. D-12286

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




2000 sqft. for Bank and office purpose. 185, Janpath, Kharvel Nagar, Bhubaneswar. Contact No: 9437075299. D-12303

Now Matrimonial ads. only on Wednesday & Sunday
Book 1 Get 1 FREE

# ଧରିତ୍ରୀ
DHARITRI

ସମ୍ବଲପୁର, ଗୁରୁବାର, ଏପ୍ରିଲ ୨୫/୨୦୧୯ | Sambalpur, Thursday, April 25/ 2019 | ପୃଷ୍ଠା-୧




## ଦୂତୀଙ୍କୁ ବ୍ରୋଞ୍ଜ ପଦକ

ଦୋହାରେ ବୁଧବାର ଶେଷ ହୋଇଥିବା ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍ର ମହିଳା ୨୦୦ ମିଟର ରେସ୍‌ରେ ବ୍ରୋଞ୍ଜ ପଦକ ଜିତିଛନ୍ତି ଓଡ଼ିଶାର ଦୂତୀ ଚାନ୍ଦ।

୧୧ ୧୨

## ଅଧିକ ସମୟ ଶୋଇଲେ ଫ୍ରେଶ୍ ଲାଗେ

ଅଧିକ ସମୟ ଶୋଇଲେ ତାଙ୍କୁ ଫ୍ରେଶ୍ ଲାଗେ । ସେ ଖୁସି ଅନୁଭବ କରନ୍ତି ବୋଲି କହିଛନ୍ତି ସିନେଷ୍ଟାର ଆଲିୟା ଭଟ୍ଟ ।




## କୃଷକଙ୍କ ପାଇଁ 'କାଳିଆ'

'କାଳିଆ' ଯୋଜନାରେ ଚାଷୀଙ୍କୁ ମିଳିବ ବର୍ଷକୁ ୧୦ ହଜାର ଏବଂ ଭୂମିହୀନ ଶ୍ରମିକଙ୍କୁ ୧୨ ହଜାର ଟଙ୍କା।
ପିଲାଙ୍କ ଉଚ୍ଚ ଶିକ୍ଷା ଏବଂ ବୈଷୟିକ ଶିକ୍ଷା ପାଇଁ 'କାଳିଆ ଛାତ୍ରବୃତ୍ତି'। ବିନା ସୁଧରେ ମିଳିବ ୧ଲକ୍ଷ ଟଙ୍କାର ଋଣ।
'ଆମ ଝିଅ' ଯୋଜନାରେ ଝିଅ ବାହାଘର ପାଇଁ ୨୫ ହଜାର ଟଙ୍କା। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ସ୍ୱତନ୍ତ୍ର ସହାୟତା।

ବିଜୁ ଜନତା ଦଳ

'ଶଙ୍ଖ' ଚିହ୍ନରେ ଭୋଟ୍ ଦେବା। ଦୁଇଥର।
ଥରେ ଏମ୍.ପି.ପାଇଁ। ଥରେ ଏମ୍.ଏଲ୍.ଏ ପାଇଁ।

ସଶକ୍ତ କୃଷକ
ସଶକ୍ତ ଓଡିଶା


■ ଫରେଷ୍ଟ ଅଫିସକୁ ମାଓବାଦୀଙ୍କ ଟାର୍ଗେଟ

# ଫରେଷ୍ଟରଙ୍କୁ ମାଡ଼, ବନ୍ଧୁକ ଲୁଟ୍

ନୟାଗଡ଼ ଅଫିସ/ଦଶପଲ୍ଲା (ଡି.ଏନ.ଏ.),୨୪।୪

ନୟାଗଡ଼ ଜିଲାରେ ମାଓବାଦୀମାନେ ପୁଣି ଥରେ ସେମାନଙ୍କ ଉପସ୍ଥିତି ଜାହିର କରିଛନ୍ତି। ମଙ୍ଗଳବାର ରାତିରେ ଜିଲାର ମହାନଦୀ ବନ୍ୟପ୍ରାଣୀ ବନାଞ୍ଚଳ ବାଣିଗୋଛା ରେଞ୍ଜର କୁଆଁରିଆ ଡ୍ୟାମ୍‌ସ୍ଥିତ କାର୍ଯ୍ୟାଳୟରେ ୫ଜଣ ମାଓବାଦୀ ପଶି ଫରେଷ୍ଟରଙ୍କୁ ମାଡ଼ ମାରିବା ସହ ୪ଟି ଦେଶୀ ବନ୍ଧୁକ ନେଇ ଫେରାର ହୋଇଯାଇଛନ୍ତି। ଏହି ଘଟଣା ସାଧାରଣରେ ଆତଙ୍କ ଖେଳାଇଦେଇଛି। ବର୍ତ୍ତମାନ ରାଜ୍ୟରେ ନିର୍ବାଚନ ପ୍ରକ୍ରିୟା ଜାରି ରହିଥିବାବେଳେ ମାଓବାଦୀମାନେ ବିଭିନ୍ନ ସ୍ଥାନରେ ଲଗାତର ହିଂସା ଘଟାଉଥିବା ଦେଖିବାକୁ ମିଳିଛି। ୨୦୦୮ ଫେବୃୟାରୀ ୧୪ ରାତିରେ ମାଓବାଦୀମାନେ ନୟାଗଡ଼ ସହରସ୍ଥିତ ଅସ୍ତ୍ରାଗାର ଲୁଟ୍ କରିବା ସହ ୧୩ ପୋଲିସ କର୍ମଚାରୀଙ୍କ ସମେତ ୧୪ଜଣଙ୍କୁ ହତ୍ୟା କରିଥିଲେ। ଏବେ ପୁଣି ଜିଲାରେ ମାଓବାଦୀ ସକ୍ରିୟ ରହିବା ଚିନ୍ତାର କାରଣ ହୋଇଛି।

ଦଶପଲ୍ଲାରୁ ୮କିମି ଦୂର ବନ୍ୟପ୍ରାଣୀ ବନାଞ୍ଚଳ କାର୍ଯ୍ୟାଳୟରେ ଫରେଷ୍ଟର ହେମନ୍ତ କୁମାର କାଣ୍ଡି ପରିବାର ସହ ରହନ୍ତି। ମଙ୍ଗଳବାର ରାତିରେ ଦଶପଲ୍ଲା ଲଙ୍କାପୋଡ଼ି ଯାତ୍ରାର ରାବଣପୋଡ଼ି ଉତ୍ସବ ପାଳନ ହେଉଥିବାରୁ ହେମନ୍ତଙ୍କ ବନ୍ଧୁବାନ୍ଧବ ଆସିଥିଲେ। ରାତ୍ର ପ୍ରାୟ ୯ଟା ୩୦ ସମୟରେ ସମସ୍ତେ ଖାଇବାକୁ ବାହାରୁଥିବା ବେଳେ ଘର ମଧ୍ୟକୁ ୫ଜଣ ପଶିଆସିଥିଲେ। ଗେଟ ମୁହଁରେ ଜଣେ ଓ ଘର ଆଗରେ ଆଉ ଜଣେ ଜଗିରହିଥିଲେ। ସେମାନଙ୍କ ମଧ୍ୟରେ ୩ଜଣ ମହିଳା ଥିଲେ। ୩ ଜଣ ଓଡ଼ିଆରେ କଥା ହେଉଥିବା ବେଳେ ଅନ୍ୟମାନେ ହିନ୍ଦୀରେ କଥା କହୁଥିବା ହେମନ୍ତ ପ୍ରକାଶ କରିଛନ୍ତି। ସେମାନେ ସୈନିକ ପୋଷାକ ପିନ୍ଧିବା ସହିତ ହାତରେ ବନ୍ଧୁକ, ଛୁରି, ବାଡ଼ି ଆଦି ଧରିଥିଲେ। ମୁହଁରେ ମଧ୍ୟ କପଡ଼ା ଗୁଡ଼ାଇଥିଲେ। ଘର ଭିତରକୁ ପଶି ପ୍ରଥମେ ସେମାନେ ୬ ଜଣଙ୍କଠାରୁ ମୋବାଇଲ୍ ଫୋନ ଛଡ଼ାଇନେଇଥିଲେ। ପରେ ବନ୍ଧୁକ କେଉଁଠାରେ ଅଛି ☞ପୃଷ୍ଠା-୧୪



ମାଓବାଦୀଙ୍କ ଦ୍ୱାରା ହୋଇଥିବା ଭଙ୍ଗାରୁଜା

## ଫାୟାରମ୍ୟାନ୍‌ଙ୍କୁ ଗଳାକାଟି ହତ୍ୟା

■ ଅଭିଯୁକ୍ତଙ୍କ ଥାନାରେ ଆତ୍ମସମର୍ପଣ

ବିନିକା,୨୪।୪(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ସହରର ନୂଆଁବଜାରସ୍ଥିତ ବିୟରପାର୍ଲର ସମ୍ମୁଖରେ ବୁଧବାର ପୂର୍ବାହ୍ନ ପ୍ରାୟ ସାଢେ ୧୦ଟାରେ ଏକ ହତ୍ୟାକାଣ୍ଡ ଘଟିଛି। ବିନିକା ଅଗ୍ନୀଶମ ବିଭାଗରେ କାର୍ଯ୍ୟରତ ଫାୟାରମ୍ୟାନ୍ ଦୁଷ୍ମନ୍ତ କିଷାନ୍(୨୭)ଙ୍କୁ ଗଳାକାଟି ହତ୍ୟା କରାଯାଇଛି। ତାଙ୍କ ଘର ସୁନ୍ଦରଗଡ଼ ଜିଲା ବଣେଇ ଅଞ୍ଚଳରେ ବୋଲି ଜଣାପଡିଛି। ହତ୍ୟାକାରୀ ଗାନ୍ଧୀନଗରପଡ଼ାର ଟିଙ୍କୁ ଅଜଗର(୩୨) ବିନିକା ଥାନାରେ ଆତ୍ମସମର୍ପଣ କରିଛନ୍ତି। ମିଳିଥିବା ସୂଚନା ମୁତାବକ ବୁଧବାର ପୂର୍ବାହ୍ନ ପ୍ରାୟ ସାଢେ ୧୦ଟା ବେଳେ ଟିଙ୍କୁ ଅଜଗର ବିନିକା ସହରସ୍ଥିତ ବିୟରପାର୍ଲର ସମ୍ମୁଖରେ ଠିଆ ହୋଇଥିଲେ। ସେହି ସମୟରେ ଦୁଷ୍ମନ୍ତ ସେଠାରେ ପହଞ୍ଚିଥିଲେ। କୌଣସି କାରଣକୁ ନେଇ ଟିଙ୍କୁଙ୍କ ସହ ଦୁଷ୍ମନ୍ତଙ୍କ ☞ପୃଷ୍ଠା-୧୪

■ ରୋହିତ ଶେଖର ହତ୍ୟା ମାମଲା

## ସ୍ତ୍ରୀ ଅପୂର୍ବା ଗିରଫ, ଦୋଷ ମାନିଲେ

ନୂଆଦିଲ୍ଲୀ,୨୪।୪(ପି.ଟି.)

ରୋହିତ ଶେଖର ତିୱାରୀ ହତ୍ୟା ମାମଲାରେ ଦିଲ୍ଲୀ ପୋଲିସ ବୁଧବାର ତାଙ୍କ ସ୍ତ୍ରୀ ଅପୂର୍ବାଙ୍କୁ ଗିରଫ କରିଛି। ଅଶାନ୍ତି ଓ ଅସୁଖୀ ବୈବାହିକ ଜୀବନ ହତ୍ୟାକାଣ୍ଡର କାରଣ ବୋଲି ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି। ଉତ୍ତରପ୍ରଦେଶ ଓ ଉତ୍ତରାଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଏନ୍.ଡି. ତିୱାରୀଙ୍କ ପୁଅ ରୋହିତ ଶେଖରଙ୍କୁ ଗତ ୧୫ ତାରିଖ ରାତିରେ ଶ୍ୱାସରୁଦ୍ଧ କରି ହତ୍ୟା କରାଯାଇଥିଲା। ସେହି ରାତିରେ ରୋହିତ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ମାଡ଼ପିଟ୍ ହୋଇଥିଲା। ନିଶାଗ୍ରସ୍ତ ରୋହିତ ପ୍ରତିରୋଧ କରିବା ସ୍ଥିତିରେ ନ ଥିଲେ। ସ୍ତ୍ରୀ ଅପୂର୍ବା ତାଙ୍କୁ ମୁଥ ମାରିବା ସହ ଶ୍ୱାସରୁଦ୍ଧ କରି ହତ୍ୟା କରିଥିଲେ ବୋଲି ☞ପୃଷ୍ଠା-୧୪


## ଭଡ଼ାଗାଡ଼ି ଆବଶ୍ୟକ

ସମ୍ବଲପୁର ସହରର ବରେଇପାଲିସ୍ଥିତ ଧରିତ୍ରୀ ଛାପାଖାନାଠାରୁ **ଭବାନୀପାଟଣା**କୁ ଧରିତ୍ରୀ ବିତରଣ କରିବା ନିମନ୍ତେ **BOLERO CAMPER** ଗାଡ଼ି ଭଡ଼ା ସୂତ୍ରରେ ଆବଶ୍ୟକ। ଇଚ୍ଛୁକ ଗାଡ଼ି ମାଲିକମାନେ ଗାଡ଼ିର ଆର୍.ସି. ବହିର ନକଲ, ଡ୍ରାଇଭିଂ ଲାଇସେନ୍ସ କପି ସହ ନିଜର କୋଟେସନ ସାତ (୭) ଦିନ ମଧ୍ୟରେ ନିମ୍ନ ଇ-ମେଲ ଠିକଣାରେ ପଠାନ୍ତୁ।

<advt@dharitri.com>


### ଆଜିର ସମ୍ପାଦକୀୟ

## ମାଛିଙ୍କ ଶୁକ୍ରଦ୍ୱାରା ଘାଆ ଚିକିତ୍ସା

### ଆଜିର ମନ୍ତବ୍ୟ

"ନ୍ୟାୟପାଳିକା ସଙ୍କଟରେ ଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୀରବ ଅଛନ୍ତି।

**-ଅଶୋକ ଗେହଲଟ, ରାଜସ୍ଥାନ ମୁଖ୍ୟମନ୍ତ୍ରୀ**

### କିଛି ତଥ୍ୟ

ଆର୍ଥିକ ବର୍ଷ ୨୦୧୮ରେ ବ୍ୟାଙ୍କଗୁଡ଼ିକ ବିରୋଧରେ ଗ୍ରାହକଙ୍କ ଅଭିଯୋଗରେ ୨୫% ଅର୍ଥାତ୍ ୧.୬୩ ଲକ୍ଷକୁ ବୃଦ୍ଧି ହୋଇଛି। **-ଭାରତୀୟ ରିଜର୍ଭ ବ୍ୟାଙ୍କ**

# କଲେଜ ପିଅନଙ୍କୁ ହତ୍ୟା, ଅଭିଯୁକ୍ତ ଗିରଫ

ସଇଁତଲା,୨୪।୪(ଡି.ଏନ୍.ଏ.)

ସଇଁତଲା ଥାନା ଟିକ୍ରାପଡ଼ା ଫାଣ୍ଡି ଅଧୀନ ଝରବାହାଲି ଗାଁରେ ମଙ୍ଗଳବାର ବିଳମ୍ବିତ ରାତିରେ ଜଣେ ବ୍ୟକ୍ତିଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ହତ୍ୟାର ଶିକାର ହୋଇଥିବା ବ୍ୟକ୍ତି ହେଲେ ସେହି ଗାଁର ଜଗଦୀଶ ମନହୀରା (୪୨)। ସେ ଟିକ୍ରାପଡ଼ା କଲେଜରେ ପିଅନ ଭାବେ କାର୍ଯ୍ୟ କରୁଥିଲେ। ପୂର୍ବଶତ୍ରୁତାକୁ ନେଇ ତାଙ୍କୁ ହତ୍ୟା କରାଯାଇଥିବା ଜଣାପଡ଼ିଛି। ଘଟଣାର ତଦନ୍ତ ପରେ ପୋଲିସ ସେହି ଗାଁର ଗଣେଶ ବଗର୍ତ୍ତି (୨୮)ଙ୍କୁ ଗିରଫ କରିବା ସହ ତାଙ୍କ ବାପା ଓ ଭାଇଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଏନେଇ ପୋଲିସ ଏକ ମାମଲା (ନଂ. ୮୭/୨୦୧୯) ରୁଜୁ କରିଥିବା ଥାନା ଅଧିକାରୀ ବାରିଣୀ ଦାସ ସୂଚନା ଦେଇଛନ୍ତି।

ମଙ୍ଗଳବାର ରାତିରେ ଜଗଦୀଶ ଘରେ ଖାଇ ପୁରୁଣା କୁକୁଡ଼ା ଫାର୍ମକୁ ଶୋଇବାକୁ ଆସିଥିଲେ। ବୁଧବାର ସକାଳେ ଜଗଦୀଶଙ୍କ ସ୍ତ୍ରୀ ସେହି ରାସ୍ତାଦେଇ ଶୌଚ ପାଇଁ ଯିବା ବେଳେ ସ୍ୱାମୀଙ୍କୁ ଶୋଇଥିବା ଦେଖି ନିଦରୁ ଉଠାଇବାକୁ ପାଖକୁ ଆସିଥିଲେ। ତେବେ ପାଖକୁ ଆସି ସେ ଜଗଦୀଶଙ୍କ ମୁଣ୍ଡରେ ଗଭୀର କ୍ଷତଚିହ୍ନ ଥିବା ଦେଖିଥିଲେ। ରକ୍ତ ଜୁଡ୍ଡୁବୁଡ୍ଡୁ ଅବସ୍ଥାରେ ସ୍ୱାମୀ ପଡ଼ିଥିବା ଦେଖି ପରିବାର ଲୋକଙ୍କୁ ☞ପୃଷ୍ଠା-୧୪



ଗଣେଶ ବଗର୍ତ୍ତି

# ଭୂଷଣ ଷ୍ଟିଲ ଅଧ୍ୟକ୍ଷଙ୍କ ବିରୋଧରେ ଲୁକ୍‌ଆଉଟ ସର୍କୁଲାର ଜାରି

### ୨୩୪୮ କୋଟି ଜାଲିଆତି ମାମଲା

ନୂଆଦିଲ୍ଲୀ,୨୪।୪

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ୨୩୪୮ କୋଟି ଟଙ୍କାର ବ୍ୟାଙ୍କ ଜାଲିଆତି ମାମଲାରେ ଭୂଷଣ ପାୱାର ଆଣ୍ଡ ଷ୍ଟିଲ୍ ଲିମିଟେଡର ଅଧ୍ୟକ୍ଷ ସଞ୍ଜୟ ସିଂଘଲ ଏବଂ ତାଙ୍କ ସ୍ତ୍ରୀ ଆରତୀ ସିଂଘଲଙ୍କ ବିରୋଧରେ ଲୁକ୍‌ଆଉଟ ସର୍କୁଲାର ଜାରି କରିଛି। ଆରତୀ କମ୍ପାନୀର ଉପାଧ୍ୟକ୍ଷ ରହିଛନ୍ତି। କର୍ତ୍ତୃପକ୍ଷ ତଥା ଯାଞ୍ଚ ଏଜେନ୍ସିଙ୍କ ଅନୁମତି ବିନା ସେମାନେ ଯେପରି ଦେଶରୁ ପଳାୟନ କରି ନ ପାରିବେ ସେଥିନେଇ ସିବିଆଇ ପକ୍ଷରୁ ଆଗୁଆ ପଦକ୍ଷେପ ନିଆଯାଇଛି। ସୂଚନାଯୋଗ୍ୟ ଯେ, କୌଣସି ବ୍ୟକ୍ତି ଉପରେ ନଜର ରଖିବା ପାଇଁ ଲୁକ୍ ଆଉଟ ସର୍କୁଲାର ଜାରି କରାଯାଇଥାଏ। ଏହାଦ୍ୱାରା ଦେଶର ସମସ୍ତ ବିମାନ ବନ୍ଦର ତଥା ଦେଶର ପ୍ରବେଶ-ପ୍ରସ୍ଥାନ ସ୍ଥାନରେ କର୍ତ୍ତବ୍ୟରତ ଅଧିକାରୀ ସମ୍ପୃକ୍ତ ବ୍ୟକ୍ତିଙ୍କ ସମ୍ପର୍କରେ ସୂଚନା ପ୍ରଦାନ କରିବାକୁ ବାଧ୍ୟ ରହିଥାଏ। ସିଂଘଲ ଦମ୍ପତି ବିଦେଶକୁ ପଳାୟନ କରିବାକୁ ଉଦ୍ୟମ କଲେ ସେମାନେ ଏ ସମ୍ପର୍କରେ ସିବିଆଇକୁ ଜଣାଇବେ। ପୂର୍ବରୁ ୨୩୪୮ କୋଟି ଟଙ୍କାର ବ୍ୟାଙ୍କ ଠକେଇ ଜାଲିଆତି ମାମଲାରେ ସିବିଆଇ ଚଳିତ ମାସ ୬ରେ କମ୍ପାନୀ ସହ ଜଡ଼ିତ ୧୮ ସ୍ଥାନରେ ଚଢ଼ାଉ କରିଥିଲା। କମ୍ପାନୀ, ଏହାର ନିର୍ଦ୍ଦେଶକ, ପ୍ରମୋଟରଙ୍କ ଦିଲ୍ଲୀ-ଏନ୍‌ସିଆର୍, ଚଣ୍ଡିଗଡ଼ ଏବଂ କୋଲକାତା ସମେତ କେତେକ ସହରରେ ଥିବା କାର୍ଯ୍ୟାଳୟ ଏବଂ ବାସସ୍ଥାନରେ ଚଢ଼ାଉ ହୋଇଥିଲା। ଯାଞ୍ଚ ଏଜେନ୍ସି ପକ୍ଷରୁ ପୂର୍ବରୁ ସଞ୍ଜୟ ସିଂଘଲ, ☞ପୃଷ୍ଠା-୧୪


AIMS COLLEGE
SAMBALPUR
FULLY RESIDENTIAL +2 & +3 Sc. COLLEGE
For e-admission : College code - 28085110
FOUNDATION COURSE
STARTING FROM
1ST APRIL 2019
Hurry Up... Limited Seats
(Jharsuguda Highway)
Pardhiapali, Sambalpur
Call No- 7873006705, 7873006725, 7978326206, 7873006711,7381026700
E-mail: aims.sambalpur@gmail.com
website: www.aimscollegesambalpur.com



NECC NATIONAL EGG CO-ORDINATION COMMITTEE
24.04.2019
Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 101 | 159 | 169 |
| CTC | 102 | 161 | 171 |
| DKL | 102 | 161 | 171 |
| BDK | 105 | 165 | 175 |
| BLS | 105 | 165 | 175 |
| ANG | 102 | 161 | 171 |

*Conditions Apply
Eggs Retail Price- 37/-Dozen
Issued in the Interest of Consumers


■ ରାଜ୍ୟରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ

# କମିଲା ମତଦାନ ହାର

■ ଭୋଟ ହାର ୭୧.୬୧%

■ କେନ୍ଦୁଝରରେ ସର୍ବାଧିକ ୭୮.୧୬%

ଭୁବନେଶ୍ୱର,୨୪।୪(ବ୍ୟୁରୋ)

ମତଦାନ କରିବା ନେଇ ନିର୍ବାଚନ କମିଶନ ଯେତେ ପ୍ରୟାସ କଲେ ମଧ୍ୟ ଭୋଟ ହାରରେ ଆଖିଦୃଶିଆ ବୃଦ୍ଧି ହେଉ ନାହିଁ। ଭୋଟରମାନେ ମତଦାନ କରିବା ନେଇ ସେତେଟା ଆଗ୍ରହ ଦେଖାଉ ନାହାନ୍ତି। ନିର୍ବାଚନ କମିଶନଙ୍କ ପକ୍ଷରୁ ବୁଧବାର ଦିଆଯାଇଥିବା ତଥ୍ୟାନୁସାରେ ରାଜ୍ୟର ମତଦାନ ହାର ବିଭିନ୍ନ ପର୍ଯ୍ୟାୟରେ ବଢ଼ିବା ପରିବର୍ତ୍ତେ ତଳକୁ ଖସି ଖସି ଯାଉଛି। ତୃତୀୟ ପର୍ଯ୍ୟାୟରେ ଭୋଟ ହାର ରହିଛି ମାତ୍ର ୭୧.୬୧%। ପ୍ରଥମ ପର୍ଯ୍ୟାୟରେ ମତଦାନ ହାର ୭୩.୭୬% ରହିଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୭୨ ପ୍ରତିଶତ ହୋଇଥିଲା।

ନିର୍ବାଚନ କମିଶନଙ୍କ ସୂଚନା ଅନୁଯାୟୀ ତୃତୀୟ ପର୍ଯ୍ୟାୟରେ ଆଦିବାସୀବହୁଳ କେନ୍ଦୁଝର ଲୋକ ସଭା ନିର୍ବାଚନମଣ୍ଡଳୀରେ ମତଦାନ ହାର ସର୍ବାଧିକ ୭୮.୧୬ ପ୍ରତିଶତ ହୋଇଥିବା ବେଳେ ସମ୍ବଲପୁର ୭୬.୩୮, ଢେଙ୍କାନାଳ ୭୪.୯୮, ପୁରୀ ୭୨.୫୩ ପ୍ରତିଶତ ହୋଇଛି। ମାତ୍ର କଟକ ଓ ଭୁବନେଶ୍ୱର ଭଳି ☞ପୃଷ୍ଠା-୧୪

# ମେ' ୧୯ରେ ପାଟକୁରାରେ ଭୋଟ

■ ମେ' ୧ରେ ପ୍ରାର୍ଥିପତ୍ର ଦାଖଲ

■ ୪ରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ

■ କେବଳ ବିଜେଡି ପ୍ରାର୍ଥୀ ନାମାଙ୍କନ ଦାଖଲ କରିବେ

ଭୁବନେଶ୍ୱର, ୨୪।୪(ବ୍ୟୁରୋ)

ବିଜେଡି ବିଧାୟକ ପ୍ରାର୍ଥୀ ବେଦପ୍ରକାଶ ଅଗ୍ରୱାଲ୍‌ଙ୍କ ମୃତ୍ୟୁ ପରେ ଆସନ୍ତା ୨୯ ତାରିଖରେ ପାଟକୁରା ବିଧାନସଭା ନିର୍ବାଚନମଣ୍ଡଳୀରେ ହେବାକୁ ଥିବା ନିର୍ବାଚନକୁ ବାତିଲ କରାଯାଇଥିଲା। ତେବେ ସେଠାରେ ଆସନ୍ତା ମେ' ୧୯ରେ ଭୋଟ ଗ୍ରହଣ କରାଯିବ। ବୁଧବାର ଏ ନେଇ ଭାରତର ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଆସନ୍ତା ମେ' ୧ ତାରିଖରେ ☞ପୃଷ୍ଠା-୧୪




"ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟି କ୍ରମରେ ମଣିଷ ଶେଷ ସୃଷ୍ଟି ନୁହେଁ। କ୍ରମବିକାଶ ଗତି କରି ଚାଲିଛି। ଏବଂ ମନୁଷ୍ୟକୁ ଅତିକ୍ରମ କରି ଏହା ଆଗକୁ ଆଗକୁ ଚାଲିବ। ବର୍ତ୍ତମାନ ପ୍ରତ୍ୟେକ ମଣିଷ ନିଜେ ସିଦ୍ଧାନ୍ତ ନେଉ ଯେ, ସେ ଏହି ନୂତନ ଜାତିର (ଅତିମାନବ) ଅଭ୍ୟୁଦୟ ପାଇଁ ଦୁଃସାହସିକ ଅଭିଯାନରେ ଭାଗ ନେବ କି ନାହିଁ।
-ଶ୍ରୀମା

# ମାଛିଙ୍କ ଶୂକଦ୍ୱାରା ଘାଆ ଚିକିତ୍ସା



ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

ଦିନକୁ ଦିନ ଅଧିକରୁ ଅଧିକ ଲୋକ ଆଣ୍ଟିବାୟୋଟିକ୍ସ-ପ୍ରତିରୋଧୀ ହୋଇଉଠୁଛନ୍ତି। ଅର୍ଥାତ୍ ସେମାନଙ୍କ ଦେହରେ ଆଣ୍ଟିବାୟୋଟିକ୍ସ କାମ କରୁନାହିଁ। ସାମାନ୍ୟ ଘାଆ ଭଲ ନ ହୋଇ ଧୀରେ ଧୀରେ ପୁରୁଣା ଓ ବଡ଼ ହୋଇ ସେମାନଙ୍କର ବଞ୍ଚିବା ଆଶା ହ୍ରାସ ପାଉଛି। ସର୍ଜନମାନେ ଏବେ ଉପାୟ ନ ପାଇ ହଜାର ବର୍ଷ ତଳର ପଦ୍ଧତି 'ମ୍ୟାଗଟ୍ ଥେରାପି' ଆପଣେଇବାକୁ ବସିଲେଣି। ମ୍ୟାଗଟ୍ ହେଉଛି ଲାର୍ଭା ବା ଶୂକକୀଟ ବା ମାଛି ପ୍ରଭୃତି କୀଟପତଙ୍ଗଙ୍କର ଡିମ୍ବ ଓ ପ୍ୟୁପାର ମଧ୍ୟବର୍ତ୍ତୀ ଅବସ୍ଥା। ଏହି ପଦ୍ଧତିର ଅନ୍ୟନାମ ହେଉଛି ବାୟୋସର୍ଜରୀ। ଏହି ପଦ୍ଧତି ଅନୁସାରେ ରୋଗୀର ଘାଆ ଭିତରକୁ କିଛି ଜୀବାଣୁମୁକ୍ତ ଶୂକକୀଟଙ୍କୁ ଛାଡ଼ିଦିଆଯାଏ। ସେମାନେ ମଳାଚର୍ମ ଓ ମଳାକୋଷଗୁଡ଼ିକୁ ଖାଇ ସଂକ୍ରମଣମୁକ୍ତ କରିଦିଅନ୍ତି ଓ ଘାଆ ଭଲ ହେବାରେ ସାହାଯ୍ୟ କରନ୍ତି।

ମାଛିମାନେ ବେଳେବେଳେ ମଣିଷ ଓ ପ୍ରାଣୀଙ୍କ ପଚା ଘାଆ ଉପରେ ଅଣ୍ଡା ଦିଅନ୍ତି। ସେ ଅଣ୍ଡାଗୁଡ଼ିକ ଫୁଟି ସେଥିରୁ ମ୍ୟାଗଟ୍ ବା ଲାର୍ଭା ବାହାରେ ଓ ସେମାନେ ସେଇ ଘାଆର ମଳାକୋଷଗୁଡ଼ିକ ଖାଇ ବଢ଼ନ୍ତି। କିନ୍ତୁ ମ୍ୟାଗଟ୍ ଥେରାପି ପାଇଁ ଅଧିକାଂଶ ସମୟରେ ଯେଉଁ ମାଛିର ଲାର୍ଭାକୁ ବ୍ୟବହାର କରାଯାଏ, ସେମାନେ ହେଉଛନ୍ତି ଗ୍ରୀନ୍ ବଟରଫ୍ଲାଇ ଓ ନର୍ଦ୍ଦର୍ନ ବ୍ଲୋଫ୍ଲାଇ। ଘାଆର ପ୍ରତି ବର୍ଗସେଣ୍ଟିମିଟର ପାଇଁ ୫ରୁ ୧୦ଟି ଲାର୍ଭା ପ୍ରୟୋଗ କରାଯାଏ ଏବଂ ସେମାନଙ୍କୁ ତାଙ୍କ କାମ କରିବା ପାଇଁ ୪୮ରୁ ୭୨ ଘଣ୍ଟା ଛାଡ଼ିଦିଆଯାଏ। ଏ ମେଡିସିନାଲ ମ୍ୟାଗଟ୍‌ମାନେ କେବେହେଲେ ସୁସ୍ଥ ଟିସୁକୁ ଖାଇବେ ନାହିଁ। ସେମାନଙ୍କ ସହଜାତ ସଂସ୍କାର ଅନୁସାରେ ସେମାନେ କେବଳ ପଚା ଘାଆ ମୃତ ଟିସୁଗୁଡ଼ିକୁ ହିଁ ଖାଇବେ। ସେତକ ଖାଇ ସାରିଲା ପରେ ବା ଘାଆ ସଫା ହୋଇଗଲା ପରେ ସେମାନେ ତା' ଭିତରୁ ବାହାରି ଏଣେ ତେଣେ ଚାଲିବେ। ଡାକ୍ତରମାନେ ଲକ୍ଷ୍ୟ କରିଛନ୍ତି ଯେ, ଏଇ ଶୂକକୀଟମାନେ ଏତେ ନିପୁଣ ଭାବରେ କେବଳ ନଷ୍ଟ ହୋଇଯାଇଥିବା ଟିସୁଗୁଡ଼ିକୁ ଦିନେ ଦୁଇଦିନ ଭିତରେ ସଫା କରିଦିଅନ୍ତି, ଯାହା ସର୍ଜନମାନେ ଅପରେଶନ କରି କରିପାରିବେ ନାହିଁ। ସେମାନଙ୍କ ଦେହରୁ ଏକପ୍ରକାର ଏଞ୍ଜାଇମ୍ ଝରେ ଯାହା ମଳା ଟିସୁଗୁଡ଼ିକୁ ତରଳାଇଦିଏ। ଏହାପରେ ଶୂକକୀଟ ତାହାକୁ ଖାଏ। ସେମାନେ ଖାଇ ମୋଟାସୋଟା ହୋଇଯିବା ପରେ ଦିନେ ଦୁଇଦିନ ଭିତରେ ସେମାନଙ୍କୁ ସହଜରେ ଘାଆରୁ କାଢ଼ି ବାହାର କରିହୁଏ ଘାଆକୁ ସଫା କରିଦେଇ ହୁଏ। ଶୂକକୀଟମାନେ ଏକପ୍ରକାର ପ୍ରାକୃତିକ ଆଣ୍ଟିବାୟୋଟିକ୍ ଏଜେଣ୍ଟ ଉତ୍ପନ୍ନ କରନ୍ତି, ଯାହାଦ୍ୱାରା ଘାଆରେ ଥିବା ଜୀବାଣୁମାନେ ମରିଯାଆନ୍ତି ଓ ଘାଆ ଶୀଘ୍ର ଭଲ ହୋଇଯାଏ। ପୁଣି ସେମାନେ ଏକ ପ୍ରକାର ରାସାୟନିକ କ୍ଷରଣ କରନ୍ତି, ଯାହାର ଜୀବାଣୁନାଶକ ପ୍ରଭାବ ରହିଛି। ସେମାନେ ମଧ୍ୟ ଆମୋନିଆ କ୍ଷରଣ କରନ୍ତି, ଯାହା ଘାଆକୁ ଅଧିକ କ୍ଷାରୀୟ କରିଦିଏ। ଏହାଦ୍ୱାରା ବୀଜାଣୁମାନେ ବଂଶବୃଦ୍ଧି କରିପାରନ୍ତି ନାହିଁ। ଅଧ୍ୟୟନରୁ ଜଣାପଡ଼ିଛି ଯେ, ମ୍ୟାଗଟ୍‌ମାନେ ଅନେକ ପ୍ରକାର ରୋଗକାରକ ବୀଜାଣୁଙ୍କୁ ମାରିଦିଅନ୍ତି। ବୀଜାଣୁମାନେ ମରିଯିବା ପରେ ସୁସ୍ଥ ଟିସୁ ବୃଦ୍ଧି ପାଏ ଓ ଘାଆ ଶୀଘ୍ର ଭଲ ହୋଇଯାଏ। ପୁରୁଣା ଘାଆ ବିଶେଷତଃ ଡାଇବେଟିକ୍ ଫୁଟ୍ ଅଲ୍‌ସର ପ୍ରଭୃତି ଭଲ କରିବାରେ ଏହି ପଦ୍ଧତି ସହାୟକ ହୁଏ। ଆଣ୍ଟିବାୟୋଟିକ୍ସ ଓ ସର୍ଜରି ଦ୍ୱାରା ଭଲ ନ ହେଲେ ଜୀବନନାଶକ କର୍ଣ୍ଣ ଅସ୍ଥି ସଂକ୍ରମଣ ଓ ଗ୍ୟାଙ୍ଗ୍ରିନ୍ ଭଲ କରିବା ପାଇଁ ମ୍ୟାଗଟ୍ ଥେରାପିର ସାହାଯ୍ୟ ନିଆଯାଏ। ଏହି ପଦ୍ଧତିରେ ଟ୍ୟୁମର ବା କ୍ୟାନ୍‌ସର ଘାଆ ଭଲ କରାଯାଇପାରିବ କି ନାହିଁ, ସେ ବିଷୟରେ ଏବେ ଗବେଷଣା ଚାଲିଛି।

ହଜାର ହଜାର ବର୍ଷ ତଳେ ଅଷ୍ଟ୍ରେଲିଆର ନେମ୍ବା ଆଦିବାସୀ, ମ୍ୟାନ୍‌ମାରର ପାହାଡ଼ିଆ ଲୋକ ଏବଂ କେନ୍ଦ୍ରୀୟ ଆମେରିକାର ମାୟା ଚିକିତ୍ସକମାନେ ମ୍ୟାଗଟ୍ ଥେରାପି ସାହାଯ୍ୟରେ ଚିକିତ୍ସା କରୁଥିବାର ପ୍ରମାଣ ରହିଛି। ଫ୍ରେଞ୍ଚ ସର୍ଜନ ଆମ୍ବ୍ରେଇସ୍ ପାରେ (୧୫୧୦-୧୫୯୦) ହେଉଛନ୍ତି ପ୍ରଥମ ଡାକ୍ତର ଯେ କି ଘାଆ ଭଲ କରିବାରେ ମାଛିମାନଙ୍କ ଲାର୍ଭାର ଉପଯୋଗିତା ବିଷୟରେ ଉଲ୍ଲେଖ କରିଥିଲେ। ନେପୋଲିଅନଙ୍କ ସର୍ଜନ ବାରନ ଡୋମିନିକ୍ ଜିନ୍ ଲାରେ (୧୭୬୬-୧୮୪୨), ଯେ କି ନେପୋଲିଅନଙ୍କ ସେନାରେ ଆହତମାନଙ୍କ ଚିକିତ୍ସା କରୁଥିଲେ, ସେ ଦେଖିଲେ ଯେ ନୀଳମାଛିଙ୍କ ଲାର୍ଭା ମୃତ ଟିସୁଗୁଡ଼ିକୁ ଖାଇ ଘାଆ ଭଲ କରିବାରେ ସାହାଯ୍ୟ କରୁଛନ୍ତି। ଆମେରିକୀୟ ଗୃହଯୁଦ୍ଧ ସମୟରେ ମେରିଲାଣ୍ଡର ସର୍ଜନ ଜନ ଫର୍ନୀ ଜାକାରିଆସ୍ (୧୮୩୭-୧୯୦୧) ମ୍ୟାଗଟ୍ ଚିକିତ୍ସା ସମ୍ବନ୍ଧରେ ଲିପିବଦ୍ଧ କରିଥିଲେ। ସେ ଏହି ପଦ୍ଧତିରେ ବହୁ ରୋଗୀଙ୍କୁ ଭଲ କରିଥିବା କଥା ଉଲ୍ଲେଖ କରିଛନ୍ତି।

କିନ୍ତୁ ସାଧାରଣତଃ ଡାକ୍ତରମାନେ ବିଶ୍ୱାସ କରନ୍ତି ଯେ ମ୍ୟାଗଟ୍‌ମାନେ ଅପରିଚ୍ଛନ୍ନ ଓ ସଂକ୍ରମଣକାରୀ। ଊନବିଂଶ ଶତାବ୍ଦୀର ଶେଷ ବେଳକୁ ପ୍ରାୟ କୌଣସି ଡାକ୍ତର ଏହି ପଦ୍ଧତିକୁ ସମର୍ଥନ କରୁ ନ ଥିଲେ। ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ଖୋଲା ଘାଆଜନିତ ମୃତ୍ୟୁସଂଖ୍ୟା ୭୦ ପ୍ରତିଶତକୁ ବୃଦ୍ଧି ପାଇଥିଲା। ଆଣ୍ଟିସେପ୍ଟିକ୍ ପଦ୍ଧତି ଆଦୌ କାମ କରୁ ନ ଥିଲା। ୧୯୧୭ରେ ଫ୍ରାନ୍ସର ମିଲିଟାରୀ ସର୍ଜନ ୱିଲିୟମ୍ ବେର୍ ଘାଆ ଭଲକରିବା ପାଇଁ ମ୍ୟାଗଟ୍ ଥେରାପି ପ୍ରୟୋଗ କରିଥିଲେ। ଯୁଦ୍ଧ ପରେ ସେ ଜନ୍ ହପ୍‌କିନ୍ସ ବିଶ୍ୱବିଦ୍ୟାଳୟର ଅର୍ଥୋପେଡିକ୍ ସର୍ଜରୀ ବିଭାଗର ପ୍ରଫେସର ହେଲେ। ୧୯୨୯ରୁ ମୃତ୍ୟୁ ପର୍ଯ୍ୟନ୍ତ ଅନ୍ୟ ଚିକିତ୍ସାରେ ଭଲ ହେଉ ନ ଥିବା ରୋଗୀମାନଙ୍କ କ୍ଷେତ୍ରରେ ସେ ମ୍ୟାଗଟ୍ ଥେରାପିର ପରୀକ୍ଷା କରିଥିଲେ। ୧୯୩୧ରେ ଘାଆ ଭଲ କରିବାରେ ମ୍ୟାଗଟ୍ ଥେରାପିର ଉପାଦେୟତା ଉପରେ ତାଙ୍କର ପ୍ରଥମ ବୈଜ୍ଞାନିକ ନିବନ୍ଧ ପ୍ରକାଶ କରିଥିଲେ।

୧୯୩୦ ଓ ୪୦ ଦଶକରେ ମ୍ୟାଗଟ୍ ଥେରାପି ବିଶେଷ ଲୋକପ୍ରିୟ ହେଲା। ୧୦୦୦ରୁ ଅଧିକ ଆମେରିକୀୟ, କାନାଡୀୟ ଓ ୟୁରୋପୀୟ ହସ୍ପିଟାଲରେ ଘାଆ ଭଲ କରିବା ପାଇଁ ମ୍ୟାଗଟ୍ ଥେରାପିର ପ୍ରଚଳନ ହେଲା। ଏହା ଉପରେ ୧୦୦ରୁ ଅଧିକ ନିବନ୍ଧ ମଧ୍ୟ ପ୍ରକାଶିତ ହେଲା। ତା'ପରେ ପେନ୍‌ସିଲିନ୍ ଓ ଆଣ୍ଟିବାୟୋଟିକ୍ସ ଆସିଗଲା ଏବଂ ସାରା ପୃଥିବୀରେ ଚିକିତ୍ସକମାନେ ମ୍ୟାଗଟ୍ ଥେରାପିକୁ ପରିତ୍ୟାଗ କଲେ। ୫୦ ଦଶକ ସୁଦ୍ଧା ଏହି ଚିକିତ୍ସା ପଦ୍ଧତିର ଅନ୍ତ ଘଟିଲା। କିନ୍ତୁ ୧୯୮୦ ଦଶକ ଶେଷ ବେଳକୁ ନିୟୁତ ନିୟୁତ ଲୋକ ପେନ୍‌ସିଲିନ ଓ ଆଣ୍ଟିବାୟୋଟିକ୍ସର ପ୍ରତିରୋଧୀ ହୋଇଉଠିଲେ। ପ୍ରେସର ଅଲ୍‌ସର ଓ ଡାଇବେଟିକ୍ ଫୁଟ୍ ଅଲ୍‌ସର ବୃଦ୍ଧି ପାଇବାକୁ ଲାଗିଲା ଏବଂ ଘାଆ ଭଲ କରିବା ପାଇଁ ଅନ୍ୟ କିଛି ପାରମ୍ପରିକ ବିକଳ୍ପ ଚିକିତ୍ସା ପଦ୍ଧତି ଉପଲବ୍ଧ ହେଲା ନାହିଁ। ଡାଇବେଟିକ୍ ଫୁଟ୍ ଅଲ୍‌ସର ୧୫ ପ୍ରତିଶତ ଡାଇବେଟିସ୍ ରୋଗୀଙ୍କଠାରେ ଦେଖାଗଲା। ଦେଢ଼ ନିୟୁତରୁ ଅଧିକ ଲୋକଙ୍କର ଫୁଟ୍ ଅଲ୍‌ସର ହେଲା ଏବଂ ବର୍ଷକୁ ପ୍ରାୟ ୭୦,୦୦୦ ଲୋକଙ୍କର ପାଦ କାଟିବାକୁ ପଡ଼ିଲା।

୧୯୮୯ରେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ଡାକ୍ତର ରୋନାଲ୍‌ଡ ଶର୍ମନ୍ ଓ ଏଡ୍‌ୱାର୍ଡ ପେଚର ଆଣ୍ଟିବାୟୋଟିକ୍ସ ଦ୍ୱାରା ଭଲ ହେଉ ନ ଥିବା ରୋଗୀଙ୍କଠାରେ ମ୍ୟାଗଟ୍ ଚିକିତ୍ସାର ପୁନଃପ୍ରଚଳନ ଆରମ୍ଭ କଲେ। ଏହାଦ୍ୱାରା ଖୁବ୍ ସୁଫଳ ମିଳିଲା। ସେମାନେ ଦେଖାଇଦେଲେ ଯେ ଆଣ୍ଟିବାୟୋଟିକ୍ସ ଦ୍ୱାରା ଘାଆ ଭଲ ହେବାକୁ ଯେତିକି ଦିନ ଲାଗୁଛି, ଏହି ପଦ୍ଧତି ଦ୍ୱାରା ତା'ଠାରୁ ଯଥେଷ୍ଟ କମ୍ ଦିନରେ ଘାଆ ଭଲ ହୋଇଯାଉଛି। ମ୍ୟାଗଟ୍ ଥେରାପି ପରେ ଆଉ ଅଳ୍ପଦିନ ଆଣ୍ଟିବାୟୋଟିକ୍ସ ଦେବାକୁ ପଡୁଛି ଏବଂ ଏହାଦ୍ୱାରା ହାରାହାରି ଚାରି ସପ୍ତାହ କମ୍ ସମୟ ଭିତରେ ରୋଗ ଭଲ ହୋଇଯାଉଛି। ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ଗୋଡ଼ କାଟିବା ପୂର୍ବରୁ ମ୍ୟାଗଟ୍ ଥେରାପି ପ୍ରୟୋଗ କଲେ ୪୦-୫୦ ପ୍ରତିଶତ ଲୋକଙ୍କର ଗୋଡ଼ କାଟିବାକୁ ପଡୁନାହିଁ। ବର୍ତ୍ତମାନ ସାରା ପୃଥିବୀରେ ଏହା ଏକ ମାନକ ଚିକିତ୍ସାରେ ପରିଣତ ହେଲାଣି। ବୈଷୟିକ ପ୍ରଗତି ଯୋଗୁ ମ୍ୟାଗଟ୍ ଚିକିତ୍ସାର ପୁନଃପ୍ରବର୍ତ୍ତନ ସମ୍ଭବ ହୋଇଛି। ୧୯୩୦ ଦଶକରେ ଜୀବାଣୁମୁକ୍ତ ମ୍ୟାଗଟ୍ ପାଇବା ଲାଗି ଯେଉଁ ସମସ୍ୟା ଥିଲା ଏହାଦ୍ୱାରା ସେ ସମସ୍ୟା ଦୂର ହୋଇପାରିଛି। ବର୍ତ୍ତମାନ ଉନ୍ନତ ଅଠାଯୁକ୍ତ ପଟି ଓ ସିନ୍ଥେଟିକ୍ ଫେବ୍ରିକ୍ ସାହାଯ୍ୟରେ ଘାଆ ଭିତରେ ମ୍ୟାଗଟ୍‌ଙ୍କୁ ଧରି ରଖିବା ସମ୍ଭବ ହୋଇପାରୁଛି। ବର୍ତ୍ତମାନ ସାରା ପୃଥିବୀରେ ଅନେକ ଲାବୋରେଟୋରି ଗଢ଼ିଉଠିଲାଣି ଯେଉଁମାନେ ଜୀବାଣୁମୁକ୍ତ ମେଡିସିନାଲ ମ୍ୟାଗଟ୍ ଯୋଗାଉଛନ୍ତି। ଏହି ପଦ୍ଧତିରେ ସର୍ଜରିଠାରୁ କମ୍ ଖର୍ଚ୍ଚ ହେଉଛି। ମଣିଷ ଛଡ଼ା ଏ ପୃଥିବୀରେ ସବୁ ପ୍ରାଣୀ ହେଉଛନ୍ତି ଉପକାରୀ।

Email: gandhim@nic.in

# ସଙ୍କଟରେ ପଞ୍ଚଭୂତ



ଅଭିମନ୍ୟୁ ଧଳ

ଯାହା କେବେ ମରେ ନାହିଁ, ସେ ଅମୃତ। ଅର୍ଥାତ୍ ଅମୃତ କୌଣସି ପରିସ୍ଥିତିରେ ଜୀବନୀଶକ୍ତି ହରାଏ ନାହିଁ। ମାଟି, ପାଣି, ପବନ, ଉତ୍ତାପ, ଖାଦ୍ୟ ଆଦି ଅମୃତ। ଏହାଙ୍କ ଦ୍ୱାରା ଭୂପୃଷ୍ଠରେ ଜୀବଜନ୍ତୁ, ବୃକ୍ଷଲତା, କୀଟପତଙ୍ଗ ଆଦି ବଞ୍ଚିପାରନ୍ତି। ମାଟି ମା' ତା' ବକ୍ଷରେ ଶସ୍ୟ ଉପୁଜାଇ ସୁଶୋଭିତ ହେବା ସ୍ଥଳେ ଜଳ ଓ ବାୟୁ ବଞ୍ଚିବା ପାଇଁ ଅତ୍ୟାବଶ୍ୟକ। ଉତ୍ତାପର ଅମାପ ଶକ୍ତି ସମସ୍ତଙ୍କୁ ଜାଗ୍ରତ, ସତେଜ କରେ। ଏମାନଙ୍କ ଆଶୀର୍ବାଦରୁ କୋଟି କୋଟି ବର୍ଷ ହେବ ଧରାପୃଷ୍ଠରେ ଜୀବନ୍ତ ବସ୍ତୁ ତିଷ୍ଠିରହିବା ସଙ୍ଗେ ସଙ୍ଗେ ପରିବେଶ ସୁନ୍ଦର ଦିଶେ, ବୃକ୍ଷଲତାରେ ଫଳ ସଞ୍ଚାର ହୁଏ। ପ୍ରାଣୀଙ୍କର ଖାଦ୍ୟରୂପେ ଏହା ବ୍ୟବହୃତ ହୁଏ। ପ୍ରାକୃତିକ ଉତ୍ତାପ ହେଉ ଅବା କୃତ୍ରିମ ତାହା ଆମ ପାଇଁ ଅମୃତ। ଏହିସବୁ ଅମୃତ ଭଗବାନ ଖଞ୍ଜି ଦେଇଛନ୍ତି ଆମ ବଞ୍ଚିବା ପାଇଁ। ଏଥିରେ ସମସ୍ତଙ୍କର ଅଧିକାର ଅଛି, ପରନ୍ତୁ ଜ୍ଞାନୀ ମଣିଷ ସୁଖ ପାଇଁ ନିଜ ଗୋଡ଼ରେ କୁରାଢ଼ି ମାରିଲା ପରି ଏହି ଅମୃତରେ ବିଷ ମିଶାଇବାରେ ବ୍ୟସ୍ତ। ଏପରି କାର୍ଯ୍ୟ ସମଗ୍ର ଜୀବଜଗତ ଲୋପର କାରଣ ହେଲାଣି।

ନୀତି ଆୟୋଗ ରିପୋର୍ଟ ଅନୁସାରେ ଦେଶ ଭୟଙ୍କର ଜଳସଙ୍କଟ ଦେଇ ଗତିକରୁଛି। ୬୦ କୋଟି ଲୋକଙ୍କ ମଧ୍ୟରେ ପାଣି ପାଇଁ ହାହାକାର। ବର୍ଷକୁ ଦୁଇଲକ୍ଷ ଲୋକ ଦୂଷିତ ପାଣି ପିଇ ମୃତ୍ୟୁମୁଖରେ ପଡୁଛନ୍ତି। ଏହି କାରଣରୁ ୩.୬ କୋଟି ଲୋକଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ରହିଛି। ମୁଖ୍ୟତଃ ପାନୀୟ ଜଳରେ ମାତ୍ରାଧିକ ଫ୍ଲୋରାଇଡ, ଆର୍ସେନିକ୍, ଲୌହ ଓ ଲବଣ ଅଂଶ ରହୁଥିବାରୁ ତାହା ସ୍ୱାସ୍ଥ୍ୟ ପାଇଁ ବିପଦ। ପ୍ରଦୂଷଣ ବ୍ୟତୀତ ଜୀବାଣୁଜନିତ ପ୍ରଦୂଷଣ ଯୋଗୁ ପ୍ରତିବର୍ଷ ୩୭.୭ ନିୟୁତ ଭାରତୀୟ ବିଭିନ୍ନ ରୋଗରେ ଆକ୍ରାନ୍ତ ହୁଅନ୍ତି ଏବଂ ୧.୫ ନିୟୁତ ଶିଶୁଙ୍କ ଅକାଳ ମୃତ୍ୟୁ ହୁଏ। ଲାନ୍‌ସେଟ୍ କମିଶନ ତରଫରୁ ଅକ୍ଟୋବର ୨୦୧୭ରେ ପ୍ରକାଶିତ ରିପୋର୍ଟ ଅନୁସାରେ ବାୟୁ ଓ ଜଳ ପ୍ରଦୂଷଣ ଜନିତ ରୋଗ ଯୋଗୁ ୨୦୧୫ ମସିହାରେ ସାରା ବିଶ୍ୱରେ ୯ ନିୟୁତ ଲୋକ ମୃତ୍ୟୁବରଣ କରିଥିଲେ। ଏହା ମୋଟ ମୃତ୍ୟୁସଂଖ୍ୟାର ୧୬%। ବାହାର ବାୟୁ ପ୍ରଦୂଷଣ ଯୋଗୁ ୧ ନିୟୁତରୁ ଅଧିକ ଓ ଘରୋଇ ବାୟୁ ପ୍ରଦୂଷଣ ବିଶେଷକରି ରୋଷେଇ ଘରର ଧୂଆଁ ଯୋଗୁ ୧ ନିୟୁତରୁ କମ୍ ଲୋକଙ୍କ ମୃତ୍ୟୁ ହୋଇଥିଲା। ଜୀବାଶ୍ମ ଇନ୍ଧନର ବ୍ୟବହାର, ପରିବହନ, କଳକାରଖାନା, କୃଷିଭିତ୍ତିକ କାର୍ଯ୍ୟ, ଯେପରିକି କୀଟନାଶକ ଓ ରାସାୟନିକ ସାର ପ୍ରୟୋଗ ଏବଂ ଆବର୍ଜନା ସ୍ତୂପ ଆଦିରୁ ବାହାରୁଥିବା ଦୂଷିତ ଗ୍ୟାସ୍ ବାୟୁ ପ୍ରଦୂଷଣର ମୁଖ୍ୟ କାରଣ।

କୃଷି କ୍ଷେତ୍ରରେ ବ୍ୟବହୃତ ହେଉଥିବା ବିଷ ସାଧାରଣତଃ ଆମ ପାଟି, ଆଖି ଓ ଚର୍ମ ବାଟେ ଦେହକୁ ପ୍ରବେଶ କରିଥାଏ। ଗବେଷଣାରୁ ୫୧ ପ୍ରତିଶତ ଖାଦ୍ୟରେ ବିଷ ମିଶିଥିବାର ପ୍ରମାଣ ମିଳିଛି। ଏହି ବିଷ ଆମ ଶରୀର ଓ ପରିବେଶ ପାଇଁ ଭୟଙ୍କର କ୍ଷତିକାରକ। କୃଷିକ୍ଷେତ୍ରରେ ବ୍ୟାପକ ବିଷର ବ୍ୟବହାର ଯୋଗୁ ପଞ୍ଜାବ ଆଜି ଆମ ଦେଶରେ କ୍ୟାନ୍‌ସର କ୍ୟାପିଟାଲରେ ପରିଣତ ହୋଇଛି। ଅମୃତ ଫଳପ୍ରସୂ ମାଟି ଆଜି ବିଷ ଜର୍ଜରିତ। ପନିପରିବାଠାରୁ ଆରମ୍ଭକରି ସମସ୍ତ ଶସ୍ୟରେ ବିଷର ପ୍ରକୋପ। ଯେଉଁ ମାଟି ମା' ଦିନେ ଜୈବିକ ଗୁଣରେ ଭରପୂର ଥିଲା, ତାହା ଆଉ ଦେଖିବାକୁ ମିଳୁନାହିଁ। ବିଷ ପ୍ରୟୋଗ ଯୋଗୁ ଉପକାରୀ କୀଟଙ୍କ ମୃତ୍ୟୁ ହେବାରୁ ସମୟକ୍ରମେ ଅଧିକରୁ ଅଧିକ ବିଷ ପ୍ରୟୋଗ କରିବାକୁ ପଡୁଛି। ଅନ୍ୟପଟରେ ଜମିର ଉର୍ବରତା କମି କମି ଆସିଲାଣି ଅଧିକରୁ ଅଧିକ ରାସାୟନିକ ସାର ପ୍ରୟୋଗ ଯୋଗୁ। ଅମୃତ ସନ୍ଧାନୀ ମଣିଷ ଆଜି ବିଷ ବଳୟରେ ଛଟପଟ ହେଉଛି। ପଶୁପକ୍ଷୀ ମଧ୍ୟ ଏଥିରୁ ବାଦ୍ ପଡୁନାହାନ୍ତି। ବିଶ୍ୱତାପନ ବଢୁଥିବାରୁ ବରଫପାତ ବି ବଢୁଛି। ବୈଜ୍ଞାନିକମାନଙ୍କ ମତରେ ମେରୁଝଡ଼ ହେତୁ ପ୍ରବଳ ଥଣ୍ଡା ଏବଂ ବରଫପାତ ସ୍ଥିତି ଉପୁଜୁଛି। ବିଶ୍ୱତାପନ ହିଁ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ତାପମାତ୍ରା ବଢୁଥିବାରୁ ବାଷ୍ପୀକରଣ ବଢ଼ିବାରେ ଲାଗିଛି। ଏହାଦ୍ୱାରା ବର୍ଷା ଏବଂ ବରଫପାତ ମଧ୍ୟ ବୃଦ୍ଧିପାଉଛି ବୋଲି ଏନ୍‌ଓଏଏ ପକ୍ଷରୁ କୁହାଯାଉଛି। ବିଶ୍ୱତାପନ ଯୋଗୁ ଅତ୍ୟଧିକ ଗ୍ରୀଷ୍ମ ଓ ଅତ୍ୟଧିକ ଥଣ୍ଡା ହେଉଛି ବୋଲି ସେମାନଙ୍କର ମତ। ବିଶ୍ୱତାପନ ହିଁ ବରଫ ଝଡ଼ ବୃଦ୍ଧି ପାଇବାର ମୁଖ୍ୟ କାରଣ।

ଏକପକ୍ଷରେ ବିକାଶ ଓ ଶିଳ୍ପାୟନ ନାମରେ ଅବିଚାରିତ ପରିବେଶ ଧ୍ୱଂସ, ପ୍ରାକୃତିକ ସମ୍ପଦର ମାତ୍ରାଧିକ ଉପଯୋଗ, ଅନ୍ୟପକ୍ଷରେ ଶିଳ୍ପାୟନ ଓ ଅର୍ଥନୈତିକ ଅଭିବୃଦ୍ଧିର ସ୍ୱାଭାବିକ ପାର୍ଶ୍ୱ ପ୍ରତିକ୍ରିୟା ସ୍ୱରୂପ ପ୍ରଦୂଷଣ, ପରିବେଶର ଭାରସାମ୍ୟକୁ ଦୋହଲାଇ ଦେଇ ଘୋର ସଙ୍କଟ ମଧ୍ୟକୁ ଟାଣିନେଉଛି। ଏହାର ଠିକ୍ ମୁକାବିଲା ହୋଇ ପାରୁନାହିଁ। ଭଗବାନ ଜୀବଜଗତ ପାଇଁ ଯେଉଁ ଅମୃତ ରଖିଛନ୍ତି ଅପରିଣାମଦର୍ଶୀ ମଣିଷ ତାକୁ ସଙ୍କଟ ମଧ୍ୟକୁ ଟାଣିନେଉଛି। ସୁତରାଂ ଏହି ଅମୃତର ସୁରକ୍ଷା ଆଜି ସମସ୍ତଙ୍କ ପାଇଁ ବିରାଟ ଆହ୍ୱାନ ହୋଇଛି।

ଓସଂଗରା, ପଟ୍ଟାମୁଣ୍ଡାଇ,
କେନ୍ଦ୍ରାପଡ଼ା, ମୋ-୯୮୬୧୦୪୮୦୫୨

## ଏଇ ଭାରତରେ

କେତେକ ବ୍ୟକ୍ତି ନିଜର ସ୍ୱାସ୍ଥ୍ୟକୁ ଜଳାଞ୍ଜଳି ଦେଇ ଅର୍ଥ ରୋଜଗାର କରିଥାଆନ୍ତି। ଏଭଳି ଏକ ଘଟଣା ମହାରାଷ୍ଟ୍ରର ବିଡ୍ ଜିଲାରେ ଦେଖିବାକୁ ମିଳୁଛି। ଅଧିକ ଅର୍ଥ ଉପାର୍ଜନ ଆଶାରେ ଗରିବ ମହିଳା ନିଜ ଇଚ୍ଛାରେ ଅପରେଶନ୍ ଦ୍ୱାରା ଗର୍ଭାଶୟ ବାହାର କରୁଛନ୍ତି। ଏଥିପାଇଁ ଆବଶ୍ୟକ ହେଉଥିବା ଟଙ୍କା ସେମାନେ ଠିକାଦାରଙ୍କଠାରୁ ନେଉଛନ୍ତି। ପରେ ଠିକାଦାରଙ୍କ ଆଖୁକ୍ଷେତରେ କାମ କରି ଏହାକୁ ପରିଶୋଧ କରୁଛନ୍ତି। ବିବାହିତା ମହିଳା ଅଧିକ ସମୟ କାମ କରିବା ପାଇଁ ଜାଣିଶୁଣି ଏଭଳି କରିଥାନ୍ତି। ମାତ୍ର ଏହାଦ୍ୱାରା ସେମାନେ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଚାଷୀଙ୍କ ଜମିରୁ ଆଖୁ କାଟିବା ପାଇଁ ଠିକା ନିଆଯାଇଥାଏ। ଏହି କାର୍ଯ୍ୟରେ ଋତୁସ୍ରାବ ହେଉଥିବା କମ୍ ବୟସ୍କ ମହିଳାଙ୍କୁ ନିୟୋଜିତ କରିବାକୁ ଠିକାଦାର ଅରାଜି ହୋଇଥାନ୍ତି। ତେଣୁ ମହିଳାମାନେ ଗୋଟିଏ ଦୁଇଟି ସନ୍ତାନ ପରେ ଅପରେଶନ କରି ଗର୍ଭାଶୟ ବାହାର କରିଦେବାକୁ ପସନ୍ଦ କରନ୍ତି। ଏଭଳି କରି ସେମାନେ ମାସ ମାସ ଧରି ଆଖୁ କଟାରେ ନିୟୋଜିତ ହୋଇ ନିଜର ଆର୍ଥିକ ସମସ୍ୟା ଦୂର କରନ୍ତି।

## ଚିରନ୍ତନୀ

କାଟି ବିଶ୍ୱର ସକଳ ନିଗଡ଼ ବନ୍ଧନ
ଶତ ଆଶା ପୀରତିର ମଧୁ ନିବନ୍ଧନ
ସକଳ ସ୍ନେହ ମମତା
ମରମ ନିଭୃତ କଥା,
କରିବି ଏ କୋଣେ ତାର ସମାଧି ସାଧନ,
ସକଳ ମଧୁର ସ୍ମୃତି ପ୍ରୀତି ଆରାଧନ।

(ବନ୍ଦୀର ବିଳାପ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ବ୍ୟକ୍ତିକୈନ୍ଦ୍ରିକ ନିର୍ବାଚନ



ବିଚିତ୍ର ବିଶ୍ୱାଳ

ନିର୍ବାଚନ ଆମ ଗଣତନ୍ତ୍ରର ମହାପର୍ବ। ନିର୍ବାଚନକୁ ଅବାଧ, ଭୟମୁକ୍ତ ଓ ନିରପେକ୍ଷ କରିବା ପାଇଁ ଆମ ଦେଶର ନିର୍ବାଚନ କମିଶନଙ୍କ ତରଫରୁ ଗତ ଦଶବର୍ଷ ମଧ୍ୟରେ ନିର୍ବାଚନ ପରିଚାଳନାରେ ଅନେକ ସଂସ୍କାର ଅଣାଯାଇଛି। ବାଲଟ ପେପର ବଦଳରେ ଭୋଟିଂ ମେଶିନ ବ୍ୟବହାର ହେଉଛି। ନିର୍ବାଚନ ଆଚରଣ ବିଧି ପ୍ରସ୍ତୁତ କରାଯାଇଛି ଓ ଏହାର ପାଳନକୁ କଡ଼ାକଡ଼ି କରାଯାଉଛି। ନିର୍ବାଚନ ପ୍ରଚାର ସମୟ ସୀମାକୁ ସୀମିତ କରାଯାଇଛି। ପ୍ରାର୍ଥୀମାନଙ୍କ ପ୍ରଚାର, ଭାଷଣ ଓ ସାକ୍ଷାତ୍କାର ଆଦି ଉପରେ କଡ଼ା ନଜର ରଖାଯାଉଛି। ନିର୍ବାଚନରେ ପ୍ରାର୍ଥୀମାନଙ୍କର ଖର୍ଚ୍ଚକୁ ସୀମିତ କରାଯାଇଛି। ଏପରି କି ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁସାରେ ପ୍ରାର୍ଥୀମାନେ ନିର୍ବାଚନ ପୂର୍ବରୁ ନିଜର ସମ୍ପତ୍ତି ତାଲିକା, ଶିକ୍ଷାଗତ ଯୋଗ୍ୟତା, ଅପରାଧ ରେକର୍ଡ ଆଦି ଘୋଷଣା କରୁଛନ୍ତି। ଏତେ ସବୁ ସତ୍ତ୍ୱେ ଆମ ଦେଶରେ ନିର୍ବାଚନ ଅବାଧ ଓ ନିରପେକ୍ଷ ଭାବେ ହେଉଛି ବୋଲି ଅନେକେ ଅସହମତ ହୋଇପାରନ୍ତି। କାରଣ ରାଜନୈତିକ ଦଳ ଓ ପ୍ରାର୍ଥୀମାନେ ବିଭିନ୍ନ ଫନ୍ଦିଫିକର କରି ଲୋକମାନଙ୍କୁ ଟଙ୍କାର ଲୋଭ ଦେଖାଇବାରେ ସଫଳ ହୋଇଯାଉଛନ୍ତି ଓ କେତେକ କ୍ଷେତ୍ରରେ ବଳ ପ୍ରୟୋଗ କରି ମଧ୍ୟ ଭୋଟ ହାତେଇ ନେଉଛନ୍ତି। ସାଧାରଣ ଲୋକ ଓ ଶାସନ ବ୍ୟବସ୍ଥା ଏକନିଷ୍ଠଭାବେ ଚାହିଁଲେ ଏସବୁ ଅବଶ୍ୟ ଧୀରେଧୀରେ ଦୂର ହୋଇପାରିବ।

ନିର୍ବାଚନୀ ବ୍ୟବସ୍ଥାରେ ଏତେ ସବୁ ସଂସ୍କାର ଆସିବା ସତ୍ତ୍ୱେ ନିର୍ବାଚନ ଧୀରେ ଧୀରେ ତା'ର ଅସଲ ଉଦ୍ଦେଶ୍ୟରୁ ଦୂରେଇ ଯାଉଥିବା ପରି ଦେଖାଯାଉଛି। ସମ୍ବିଧାନର ନିୟମ ଅନୁସାରେ ଜଣେ ଲୋକ ନିଜ ନିର୍ବାଚନମଣ୍ଡଳୀରେ ଯୋଗ୍ୟ ପ୍ରାର୍ଥୀ ଦେଖି ନିଜ ବିଚାରସମ୍ମତ ଭୋଟ ଦେବା ଓ ବିଜେତା ପ୍ରାର୍ଥୀ ଅର୍ଥାତ୍ ବିଧାୟକ ବା ଏମ୍‌ପିମାନେ ପରେ ମୁଖ୍ୟମନ୍ତ୍ରୀ ବା ପ୍ରଧାନମନ୍ତ୍ରୀଙ୍କୁ ଚୟନ କରିବା କଥା। ପ୍ରତ୍ୟେକ ନିର୍ବାଚନମଣ୍ଡଳୀରେ ଲୋକମାନେ ନିଜ ପସନ୍ଦ ଅନୁସାରେ ପ୍ରାର୍ଥୀଙ୍କୁ ଭୋଟ ଦେବେ, ଯିଏ ତାଙ୍କ ସୁବିଧା ଅସୁବିଧାରେ ଠିଆ ହେବ ବା ତାଙ୍କ ଅଞ୍ଚଳକୁ ବିକାଶ ଦିଗରେ ବାଟ କଢ଼େଇ ନେବାରେ ସହାୟକ ହେବ। ଏହାର ଅର୍ଥ ଭିନ୍ନ ଭିନ୍ନ ନିର୍ବାଚନମଣ୍ଡଳୀର ଲୋକମାନଙ୍କର ଭୋଟ ଦେବାର ପ୍ରସଙ୍ଗ ଭିନ୍ନ ଭିନ୍ନ ହେବ। ଏହା କଦାପି ଗୋଟିଏ ହେବ ନାହିଁ। କିନ୍ତୁ ଏବେ ନିର୍ବାଚନୀ ବ୍ୟବସ୍ଥାରେ ଏକ ବଡ଼ ବ୍ୟତିକ୍ରମ ଦେଖାଯାଉଛି। ଲୋକମାନେ ଆଉ ସ୍ଥାନୀୟ ପ୍ରସଙ୍ଗକୁ ନେଇ ଭୋଟ ଦେଉନାହାନ୍ତି ବା ଲୋକମାନଙ୍କୁ ସେମିତି କରେଇ ନ ଦେବା ପାଇଁ ରାଜନୈତିକ ଦଳ ଓ ନେତାମାନେ ରୀତିମତ ଚକ୍ରାନ୍ତ କରୁଛନ୍ତି। ନିର୍ବାଚନକୁ ସମ୍ପୂର୍ଣ୍ଣଭାବେ ଗୋଟିଏ ବ୍ୟକ୍ତିକୈନ୍ଦ୍ରିକ କରି ଦିଆଯାଉଛି, ଯାହା ନିର୍ବାଚନ ଉଦ୍ଦେଶ୍ୟର ପରିପନ୍ଥୀ।

ସମଗ୍ର ଦେଶରେ ବା ରାଜ୍ୟରେ ଯେଉଁଠି ଶତାଧିକ ଏମ୍‌ପି ବା ବିଧାୟକ ପଦବୀ ପାଇଁ ନିର୍ବାଚନ ହେଉଛି, ତାହା ଏବେ ବ୍ୟକ୍ତିକୈନ୍ଦ୍ରିକ ହୋଇଯାଇଛି। ନିର୍ବାଚନରେ ଲୋକମାନେ ନିଜ ଅଞ୍ଚଳର ପ୍ରସଙ୍ଗ ବା ବ୍ୟକ୍ତିଙ୍କୁ ଦେଖି ଭୋଟ ଦେଉନାହାନ୍ତି। ସାମ୍ପ୍ରତିକ ନିର୍ବାଚନକୁ ଯଦି ଦେଖିବା ତେବେ ଏକଥା ଆମେ ସ୍ପଷ୍ଟଭାବେ ବୁଝିପାରିବା। ସମ୍ପ୍ରତି ନିର୍ବାଚନରେ ଅତ୍ୟନ୍ତ ଚତୁରତାର ସହିତ ଚାରିଆଡ଼େ ପ୍ରଚାର କରାଯାଉଛି ଯେ ମୋଦି ବନାମ ରାହୁଲ ଗାନ୍ଧୀ। ସତେ ଯେମିତି ଏହା ଏକ ନିର୍ବାଚନ ନୁହେଁ, ମୋଦି ଓ ରାହୁଲ ଗାନ୍ଧୀଙ୍କ ଭିତରେ କୁସ୍ତିଯୁଦ୍ଧ ହେଉଛି। ଯଦି ସାରା ଦେଶରେ ମୋଦି ବନାମ ରାହୁଲ ଗାନ୍ଧୀଙ୍କୁ ନେଇ ଭୋଟ ହେବ, ତେବେ ଏଥିରେ ଲୋକମାନଙ୍କ ଭୂମିକା ରହିଲା କେଉଁଠି? ଯେଉଁ ଲୋକମାନେ ନିଜ ନିଜ ନିର୍ବାଚନମଣ୍ଡଳୀରେ ଭୋଟ ଦେବେ, ସେମାନେ ତ ନିଜ ଅଞ୍ଚଳର ପ୍ରସଙ୍ଗକୁ ନେଇ ଯୋଗ୍ୟ ପ୍ରାର୍ଥୀଙ୍କୁ ଦେଖି ଭୋଟ ଦେବା କଥା। ପରେ ସେ ପ୍ରାର୍ଥୀମାନେ ନିଜ ବିଚାର ଓ ବିବେକ ଅନୁସାରେ ପ୍ରଧାନମନ୍ତ୍ରୀ ଚୟନ କରିବାରେ ଅଂଶଗ୍ରହଣ କରିବେ। କିନ୍ତୁ ମୋଦି ବନାମ ରାହୁଲ ଗାନ୍ଧୀ ପରି ବ୍ୟକ୍ତିକୈନ୍ଦ୍ରିକ ପ୍ରଚାର କରାଯାଉଛି କାହିଁକି?

ସତ କହିବାକୁ ଗଲେ ରାଜନୈତିକ ଦଳମାନଙ୍କ ତରଫରୁ ଜାଣି ଜାଣି ଏପରି ଧ୍ରୁବୀକରଣର ପ୍ରୟାସ କରାଯାଉଛି। ଯାହା ଫଳରେ ଲୋକମାନଙ୍କ ମତ ବା ଭୂମିକା ଏଥିରେ ଗୌଣ ହୋଇଯାଉଛି। ନିର୍ବାଚନଟା ମୋଦି ବନାମ ରାହୁଲ ଗାନ୍ଧୀ କୈନ୍ଦ୍ରିକ ହେଉଥିବାରୁ ମୋଦିଙ୍କ ପାର୍ଟିରୁ ବା ରାହୁଲଙ୍କ ପାର୍ଟିରୁ ଯିଏ ବି ପ୍ରାର୍ଥୀ ହେଲା ଲୋକମାନେ ମୋଦି ଓ ରାହୁଲ ଗାନ୍ଧୀଙ୍କୁ ଆଖିରେ ରଖି ଭୋଟ ଦେଉଛନ୍ତି। ଯେଉଁମାନେ ମୋଦିଙ୍କୁ ଚାହୁଁଛନ୍ତି, ସେମାନେ ଆଉ ପ୍ରାର୍ଥୀଙ୍କ ଯୋଗ୍ୟତା ବା ବିଶ୍ୱସନୀୟତାକୁ ବିଚାର ନ କରି ସେହି ହାୱାରେ ଭୋଟ ଦେଉଛନ୍ତି। ରାହୁଲଙ୍କ କ୍ଷେତ୍ରରେ ବି ଠିକ୍ ଏକାପରି ହେଉଛି। ସ୍ଥାନୀୟ ପ୍ରସଙ୍ଗ ଓ ସମସ୍ୟା ଆଉ ଲୋକମାନଙ୍କର ଭୋଟ ଦେବାର ଆଧାର ହେଉନାହିଁ। ବ୍ୟକ୍ତିକୈନ୍ଦ୍ରିକ ହାୱା ଏତେ ଜୋରରେ କରାଯାଉଛି ଯେ, ଲୋକମାନେ ଆଉ ପ୍ରାର୍ଥୀଙ୍କ ଭଲମନ୍ଦ ବିଚାର କରିବାକୁ ସୁଯୋଗ ପାଉନାହାନ୍ତି। ମୋଦି ବା ରାହୁଲ ଭଲ ବା ଖରାପ ଲୋକ ହୋଇପାରନ୍ତି, କିନ୍ତୁ ତାଙ୍କୁ ଆଖିରେ ରଖି ଭୋଟ ଦିଆଯିବା ଯୋଗୁ ସେମାନଙ୍କ ଦଳର ଅନେକ ଅଯୋଗ୍ୟ ବ୍ୟକ୍ତି ସଂସଦ ଭିତରକୁ ଯିବା ପାଇଁ ସୁଯୋଗ ପାଉଛନ୍ତି। କେବଳ ସଂସଦୀୟ କ୍ଷେତ୍ରରେ ଯେ ଏପରି ହେଉଛି ତାହା ନୁହେଁ। ବିଧାନସଭା ଭୋଟ କ୍ଷେତ୍ରରେ ମଧ୍ୟ ଏପରି ହେଉଛି। ଆମ ରାଜ୍ୟ ଓଡ଼ିଶାରେ ସମସ୍ତେ କହୁଛନ୍ତି ଯେ, ନବୀନ ପଟ୍ଟନାୟକଙ୍କୁ ଦେଖି ଆମେ ଭୋଟ ଦେଉଛୁ। ସେ ଯାହାକୁ ବି ପ୍ରାର୍ଥୀ କରୁଛନ୍ତି, ସେ ଚୋର ହେଉ କି ଅଯୋଗ୍ୟ ହେଉ ଲୋକମାନେ ତାଙ୍କୁ ଭୋଟ ଦେଉଛନ୍ତି। ଏଥିରେ ଭୋଟରମାନଙ୍କର ଦୋଷକୁ ଏଡ଼ାଇ ଦେଇହେବ ନାହିଁ। ସେମାନେ ନିଜ ନିର୍ବାଚନମଣ୍ଡଳୀର ଯୋଗ୍ୟ ପ୍ରାର୍ଥୀଙ୍କୁ ନ ଦେଖି, ଉପରେ ଥିବା ଜଣେ ବ୍ୟକ୍ତିଙ୍କୁ ଦେଖି ଭୋଟ ଦେବା ଆଦୌ ଉଚିତ ନୁହେଁ। କିନ୍ତୁ ଅନ୍ୟ ପଟେ ଦେଖିଲେ, ଲୋକମାନଙ୍କୁ ଏପରି ଜାଲରେ ଫସେଇବା ପାଇଁ ରାଜନୈତିକ ଦଳମାନଙ୍କ ତରଫରୁ ଯୋଜନାବଦ୍ଧ ଭାବେ ବ୍ୟକ୍ତିକୈନ୍ଦ୍ରିକ ପ୍ରଚାର କରାଯାଉଛି। ଲୋକମାନଙ୍କୁ ଚିନ୍ତା କରିବା ପାଇଁ ବା ବିଚାର କରିବାକୁ ସମୟ କି ସୁଯୋଗ ଦିଆଯାଉନାହିଁ।

ଅନେକେ କହିପାରନ୍ତି, ଦେଶରେ ବା ରାଜ୍ୟରେ ସ୍ଥିର ସରକାର ପାଇଁ ଏପରି ଭୋଟ ହେବା ଆବଶ୍ୟକ। କିନ୍ତୁ ସ୍ଥିର ସରକାର ଦେବା ନାଁରେ ଆମେ ଅଜାଣତରେ ଗୋଟେ ବ୍ୟକ୍ତିକୈନ୍ଦ୍ରିକ ବ୍ୟବସ୍ଥାକୁ ଧୀରେଧୀରେ ପ୍ରତିଷ୍ଠା କରୁଛେ ବୋଲି ଭୁଲିଯିବା ଉଚିତ ନୁହେଁ। ଗଣତନ୍ତ୍ର ନାଁରେ ଜଣତନ୍ତ୍ର ପ୍ରତିଷ୍ଠା ପାଇଁ ବାଟ ପରିଷ୍କାର ହେଉଛି। ଗଣତନ୍ତ୍ରରେ ଜଣେ ବ୍ୟକ୍ତି ହିଁ ସବୁକିଛିର ନିୟନ୍ତ୍ରକ ହେବା ଅତ୍ୟନ୍ତ ଘାତକ ସାବ୍ୟସ୍ତ ହୋଇଥାଏ। ଏହା ଧୀରେ ଧୀରେ ଏକ ଛଦ୍ମ ସ୍ୱେଚ୍ଛାଚାରକୁ ଜନ୍ମ ଦେଇଥାଏ। ଏଥିପାଇଁ ଲୋକମାନେ ତ ସଚେତନ ହେବା ଜରୁରୀ, ତା' ସହିତ ନିର୍ବାଚନ କମିଶନ ବି ଏଥିପାଇଁ କିଛି ବ୍ୟବସ୍ଥା କରିବାର ଆବଶ୍ୟକତା ରହିଛି।

ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର

## ସୁଡୋକୁ

su | do | ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | | | 6 | 4 | 7 | 3 | | | | | | | D | B |
| | | | | | | E | | A | 0 | 9 | D | | 3 | 5 |
| | | | | 9 | | | | | | | 5 | 0 | A | |
| | | | | | | | B | 2 | | | | 6 | | |
| | | A | | | 8 | 5 | | | 6 | 2 | | | | C |
| | | 8 | 5 | | 2 | | | | | | B | E | | |
| | | | | 7 | | | 3 | 5 | | E | | | C | |
| | | | | | E | | | | 3 | 6 | 9 | | | |
| | | C | 1 | | | | | 0 | | | | | 2 | A |
| 9 | 2 | | | | | | | | | D | 7 | 4 | | 3 |
| 7 | | 0 | | 8 | | | 2 | | | 3 | | 9 | | E |
| | | | | | D | | A | | | | 4 | 7 | | 0 |
| | 8 | | | 3 | | | | | | C | | | | 4 |
| | | | | E | | | 7 | 4 | | | 0 | | B | |
| | 4 | | | | A | C | | 9 | 5 | 7 | 2 | | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | C | 2 | 0 | A | 9 | D | 8 | 6 | 3 | 1 | 7 | E | B | 5 |
| 1 | D | 3 | 5 | 8 | 7 | C | 9 | B | E | 4 | 6 | 0 | 2 | A |
| B | 8 | E | 3 | 1 | C | A | 4 | 2 | 0 | 5 | 9 | 7 | 6 | D |
| A | 5 | 0 | B | 2 | 6 | 7 | 1 | E | C | D | 8 | 9 | 3 | 4 |
| 7 | 6 | 9 | 4 | D | E | 3 | 0 | 5 | B | 2 | A | 8 | C | 1 |
| D | A | 5 | 2 | C | B | 0 | E | 8 | 4 | 9 | 3 | 1 | 7 | 6 |
| 6 | 3 | 1 | A | 7 | 8 | 2 | B | C | D | 0 | 5 | 4 | 9 | E |
| E | 9 | 8 | 6 | 0 | 5 | 1 | D | 4 | 7 | C | 2 | B | A | 3 |
| 0 | 4 | 7 | D | E | 3 | 5 | A | 9 | 6 | B | 1 | 2 | 8 | C |
| C | 2 | B | 9 | 4 | 1 | 6 | 3 | 7 | A | 8 | E | 5 | D | 0 |
| 3 | B | 4 | 7 | 6 | A | 9 | 2 | D | 1 | E | 0 | C | 5 | 8 |
| 2 | 1 | C | 8 | 3 | D | E | 7 | 0 | 5 | 6 | B | A | 4 | 9 |
| 5 | 7 | 6 | E | 9 | 0 | 8 | C | A | 2 | 3 | 4 | D | 1 | B |
| 8 | E | D | 1 | B | 2 | 4 | 5 | 3 | 9 | A | C | 6 | 0 | 7 |
| 9 | 0 | A | C | 5 | 4 | B | 6 | 1 | 8 | 7 | D | 3 | E | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବିଭାଜନର ବିଡ଼ମ୍ବନା

ମହାଶୟ,

ଧରିତ୍ରୀରେ ପ୍ରକାଶିତ 'ବିଭାଜନର ବିଡ଼ମ୍ବନା' ପ୍ରବନ୍ଧଟି ପାଠ କଲାବେଳେ ଭାବିଲି, ସତରେ ଅଖଣ୍ଡ ଭାରତର ବିଭାଜନ ଅତ୍ୟନ୍ତ ଦୁଃଖଦ ପରିସ୍ଥିତିର ବାସ୍ତବ ନମୁନା। ଏହି ବିଭାଜନ କେବଳ ଭାରତର ଭୌଗୋଳିକ ପରିସୀମା ମଧ୍ୟରେ ସୀମିତ ରହିଲା ନାହିଁ। ଏହା ସେହି ମୁହୂର୍ତ୍ତରୁ ଦୁଇ ଦେଶବାସୀଙ୍କ ମନରେ ଏକ ଏପରି ଅଦୃଶ୍ୟ ସନ୍ଦେହର ରେଖାପାତ କଲା, ଯାହାକି ବର୍ତ୍ତମାନ ଉଭୟ ଦେଶ ମଧ୍ୟରେ ଉପୁଜୁଥିବା ବିପଦ ତଥା ଅସୁବିଧା ନିମନ୍ତେ ପରସ୍ପରକୁ ଦାୟୀ କରିବାକୁ ବାଧ୍ୟ କରୁଛି। ଉଭୟେ ଏହା ପଛର ପ୍ରକୃତ କାରଣ ନ ଖୋଜି ପରସ୍ପରକୁ ଦୋଷାରୋପ କରିବାରେ ବ୍ୟସ୍ତ। ସତରେ ଯଦି ଜନସ୍ୱାର୍ଥ ଦୃଷ୍ଟିରୁ ଦେଖିବା ଉଭୟ ଦେଶର ଜନତା ଯୁଦ୍ଧ ନୁହେଁ, ଶାନ୍ତିର ଆଶାବାଦୀ।

ଫାଲ୍‌ଗୁନୀ ଦାଶ, +୩ ବି.ଏସ୍‌ସି. ଦ୍ୱିତୀୟବର୍ଷ, ଇଗ୍ନୋ, ବ୍ରହ୍ମପୁର, ଗଞ୍ଜାମ

### ସିନେଷ୍ଟାରଙ୍କ ରାଜନୀତି

ରାଜନୀତିରେ ସିନେମା ଷ୍ଟାରଙ୍କ ମିଶିବା କିଛି ନୂଆକଥା ନୁହେଁ। କିନ୍ତୁ ବର୍ତ୍ତମାନ ଏହା ଦି'ପାଦ ଆଗକୁ ବଢ଼ିଯାଇଛି। ବଲିଉଡଠାରୁ ଓଲିଉଡ ଯାଏ ପ୍ରାୟ କଳାକାର ରାଜନୀତିମୁହାଁ ହେଉଛନ୍ତି। ମନରେ ପ୍ରଶ୍ନ ଆସେ ଏହା କ'ଣ ଠିକ୍? ଏହାର ଉତ୍ତର ହେଉଛି କେବଳ ନା। କାହିଁକି ନା ଏହାଦ୍ୱାରା ସେମାନଙ୍କର ବ୍ୟକ୍ତିଗତ ଲୋକପ୍ରିୟତା ହ୍ରାସ ପାଏ। ଆଉ ଯେଉଁମାନେ ନିର୍ବାଚନ ହାରିଯାଆନ୍ତି ସେମାନଙ୍କ କଥା ନ କହିବା ଭଲ। ତା' ଛଡା ଆମ ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରିର ଅବସ୍ଥା ଯାହା କହିବା ନିଷ୍ପ୍ରୟୋଜନ। ଏହାଦ୍ୱାରା ଦୁଇଆଡୁ କ୍ଷତି ହେଉଛି- ନିଜେ କଳାକାର ଲୋକପ୍ରିୟତା ହରାଉଛନ୍ତି, ଏମାନେ ଅଧିକାଂଶ ବିଧାନସଭା ବା ସଂସଦରେ ଜନସାଧାରଣଙ୍କ ଅଭାବ ଅସୁବିଧା ଉପସ୍ଥାପନ କରିପାରୁ ନାହାନ୍ତି, ଯାହାଦ୍ୱାରା ଲୋକମାନେ ବି କ୍ଷତିଗ୍ରସ୍ତ ହେଉଛନ୍ତି।

ସନ୍ନ୍ୟାସୀ ମହାରଣା, ଆଦିମାତା କଲୋନୀ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

**୨୫ ଏପ୍ରିଲ ୧୯୯୪**

- ଆସନ୍ତା ଶତାବ୍ଦୀରେ ବିଶ୍ୱ ଜନସଂଖ୍ୟା ନିୟନ୍ତ୍ରଣ ସମ୍ପର୍କରେ ଏକ କ୍ରିୟାନୁଷ୍ଠାନ କାର୍ଯ୍ୟକ୍ରମ ପ୍ରସ୍ତୁତି ପାଇଁ ଚୁକ୍ତି ସ୍ୱାକ୍ଷରକୁ କେତେକ ଲାଟିନ ଆମେରିକୀୟ ରାଷ୍ଟ୍ରଙ୍କ ସହଯୋଗରେ ଭାଟିକାନ ଚର୍ଚ୍ଚର ବିରୋଧ।
- ଦେଶରେ କେତେକ ବଛା ବଛା ବିଧାନସଭା ନିର୍ବାଚନମଣ୍ଡଳୀରେ ଭୋଟରମାନଙ୍କୁ ଫଟୋ ପରିଚୟପତ୍ର ପ୍ରଦାନ ପାଇଁ କେନ୍ଦ୍ର ସରକାର ସବୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



କଷ୍ଟ ଏବଂ ବିପଦ ! ମନୁଷ୍ୟକୁ ଶିକ୍ଷା ଦେବାର ଶ୍ରେଷ୍ଠ ଗୁଣ ଅଟେ। ଯିଏ ଏହି ସମୟକୁ ସାହସର ସହିତ ସାମ୍ନାକରେ ସେ ହିଁ କଷ୍ଟ ଓ ବିପଦକୁ ବିଜୟ କରିପାରେ।

- ଚାଣକ୍ୟ



## ସଂକ୍ଷେପରେ

### ଘୁଞ୍ଚିଲା ମହାରଥୀଙ୍କ ଜାମିନ ଆବେଦନର ଶୁଣାଣି

ଭୁବନେଶ୍ୱର, ୨୪।୪(ବ୍ୟୁରୋ): ବରିଷ୍ଠ ବିଜେଡି ନେତା ତଥା ପିପିଲି ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଦୀପ ମହାରଥୀଙ୍କ ଜାମିନ ଆବେଦନର ଶୁଣାଣି ବୁଧବାର ସ୍ୱତନ୍ତ୍ର ପ୍ରାଧିକୃତ କୋର୍ଟରେ ହୋଇଥିଲା। ମାତ୍ର ମତଦାନ କାର୍ଯ୍ୟରେ ବ୍ୟସ୍ତ ଥିବା ଦର୍ଶାଇ ମହାରଥୀଙ୍କ ଆକ୍ରମଣ ମାମଲାର ତଦନ୍ତକାରୀ ଅଧିକାରୀ ତାଙ୍କର କେସ୍ ଡାଏରୀ ଓ ଇନ୍‌ଜୁରି ରିପୋର୍ଟ କୋର୍ଟରେ ଦାଖଲ କରିପାରି ନ ଥିଲେ। ଏ ସଂକ୍ରାନ୍ତରେ ତଦନ୍ତକାରୀ ଅଧିକାରୀ କୋର୍ଟଙ୍କୁ ଅବଗତ କରାଇବା ସହ ସମୟ ମାଗିଥିଲେ। କୋର୍ଟ ଏହାକୁ ଗ୍ରହଣ କରି ଆସନ୍ତା ୨୭ ତାରିଖକୁ ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରିଛନ୍ତି। କୋର୍ଟଙ୍କ ଏହି ନିଷ୍ପତ୍ତି ପରେ ମହାରଥୀ ବିଚାର ବିଭାଗୀୟ ହେପାଜତରେ ରହିବେ। ମାତ୍ର ଅସୁସ୍ଥତା କାରଣରୁ ସେ ବର୍ତ୍ତମାନ କ୍ୟାପିଟାଲ ହସ୍ପିଟାଲର ନର୍ସିଂ ହଲ୍ ୫ ନମ୍ବର ୱାର୍ଡରେ ଚିକିତ୍ସାଧୀନ ଅଛନ୍ତି। ସୂଚନା ମୁତାବକ, ରବିବାର ମହାରଥୀଙ୍କ ପିପିଲିସ୍ଥିତ ଫାର୍ମ ହାଉସ୍‌ରେ ଭୋଜି ସହ ଟଙ୍କା ବଣ୍ଟାଯାଉଥିବା ଖବର ମିଳିବା ପରେ ରାତି ପ୍ରାୟ ୧୧ଟା ୪୫ରେ ଫ୍ଲାଇଂ ସ୍କ୍ୱାଡ୍ ଓ ଷ୍ଟାଟିକ୍ ସର୍ଭେଲାନ୍ସ ଟିମ୍ (ଏସ୍‌ଏସ୍‌ଟି) ଚଢ଼ାଉ କରିଥିଲା। ଏହି ସମୟରେ ଫ୍ଲାଇଂ ସ୍କ୍ୱାଡ୍ ମାଜିଷ୍ଟ୍ରେଟ୍ ରବିନାରାୟଣ ପାତ୍ର, ପିପିଲି ଥାନା ଏଏସ୍‌ଆଇ ବିନୟ କୁମାର ଦାସ ଓ ଡ୍ରାଇଭର ଦୀପକଙ୍କ ସମେତ ୫ଜଣଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଥିଲା। ଏନେଇ ଲିଖିତ ଅଭିଯୋଗ ପରେ ପିପିଲି ପୋଲିସ ସୋମବାର ପୂର୍ବାହ୍ନ ୧୧ଟାରେ ମହାରଥୀଙ୍କୁ ଗିରଫ କରିଥିଲା। ସ୍ଥାନୀୟ ଡାକ୍ତରଖାନାରେ ସ୍ୱାସ୍ଥ୍ୟ ପରୀକ୍ଷା ପରେ ତାଙ୍କୁ ପିପିଲି ଜେଏମ୍‌ଏଫ୍‌ସି କୋର୍ଟରେ ହାଜର କରାଯାଇଥିଲା। ବିଚାର ଚାଲିଥିବାବେଳେ ସେ ଅସୁସ୍ଥ ହୋଇପଡିବାରୁ କୋର୍ଟଙ୍କ ଅନୁମତିକ୍ରମେ ତାଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର କୋର୍ଟକୁ ଅଣାଯାଇଥିଲା। ଆଡିଶନାଲ ସେସନ୍ସ ଜଜ୍-୩ ଅରୁଣ କୁମାର ମଲ୍ଲିକ ତାଙ୍କ ଜାମିନ ଆବେଦନକୁ ଖାରଜ କରିଦେବା ସହ ୨୪ ତାରିଖ ବୁଧବାରକୁ ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ କରିଥିଲେ।

### ମା', ପୁଅ ସମେତ ୩ ମୃତ

ଚିପିଲିମା, ୨୪।୪ (ଡି.ଏନ.ଏ): ସମ୍ବଲପୁର ଜିଲା ବୁର୍ଲା ଥାନା ଅଧୀନ ମୁଣ୍ଡୋଘାଟ-ସମ୍ବଲପୁର ରାସ୍ତାରେ ବୁଧବାର ଅପରାହ୍ନରେ ଏକ ବୋଲେରୋ ଓ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ବାଇକରେ ଥିବା ମା', ପୁଅ ସମେତ ଅନ୍ୟ ଜଣକର ମୃତ୍ୟୁ ଘଟିଛି । ମୃତକମାନେ ହେଲେ ବାଇକ ଆରୋହୀ ବରଗଡ ଜିଲା ଭେଡେନ ଥାନା ବୁର୍ଦ୍ଦାଗ୍ରାମର ଅଶୋକ କୁମାର ନାଏକ (୩୫), ଦିବ୍ୟାସିନୀ ସେଠ (୪୦) ଓ ତାଙ୍କ ପୁଅ ତରୁଣ ସେଠ (୧୪)। ଏ ନେଇ ବୁର୍ଲା ଥାନାରେ ଏକ ମାମଲା ରୁଜୁ ହୋଇଛି। ସ୍ଥାନୀୟ ଗୋଶାଳା ବିଟ୍ ହାଉସ ଅଧିକାରୀ ଅଜିତ ଧଳସାମନ୍ତ ଘଟଣାର ତଦନ୍ତ କରୁଛନ୍ତି। ପୋଲିସ ତଥ୍ୟ ମୁତାବକ ଓଆର ୨୮ - ୦୭୨୬ ନମ୍ବର ବିଶିଷ୍ଟ ଏକ ବୋଲେରୋ ଗୋଶାଳା ପଟରୁ ଦ୍ରୁତ ଗତିରେ ସମ୍ବଲପୁର ପଟକୁ ଯାଉଥିଲା। ଅପରପଟରୁ ଆସୁଥିବା ଓଆର ୧୭ ଏ-୩୦୪୪ ନମ୍ବର ବିଶିଷ୍ଟ ଏକ ବାଇକ ସହ ବୋଲେରୋଟି ମୁହାଁମୁହିଁ ଧକ୍କା ହୋଇଥିଲା। ଏହି ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ବାଇକରେ ଥିବା ୩ ଜଣ ଗୁରୁତର ଆହତ ହୋଇଥିଲେ। ଏମାନଙ୍କୁ ବୁର୍ଲା ମେଡିକାଲକୁ ନିଆଯାଇଥିଲା। ହେଲେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଛନ୍ତି। ଗୁରୁବାର ଶବ ବ୍ୟବଚ୍ଛେଦ ହେବ ବୋଲି ସୂଚନା ମିଳିଛି। ବୋଲେରୋ ଡ୍ରାଇଭର ଘଟଣା ସ୍ଥଳରୁ ଫେରାର ଥିବାବେଳେ ବୋଲେରୋ ଓ ବାଇକକୁ ପୋଲିସ୍ ଜବତ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

# ମମତା ଦିଦି ପ୍ରତିବର୍ଷ କୁର୍ତ୍ତା ପଠାନ୍ତି: ମୋଦି

## ■ ଉପହାର ଦିଏ, ଗୋଟିଏ ବି ଭୋଟ ଦେବିନାହିଁ: ମମତା

ନୂଆଦିଲ୍ଲୀ,୨୪।୪

ନିର୍ବାଚନୀ ପ୍ରେକ୍ଷାପଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ମଧ୍ୟରେ ଅହି-ନକୁଳ ସମ୍ପର୍କ ନେଇ ସମସ୍ତେ ଅବଗତ ଥିବାବେଳେ ବ୍ୟକ୍ତିଗତ ଭାବେ ସେମାନଙ୍କ ମଧ୍ୟରେ ଭଲ ସମ୍ବନ୍ଧ ଥିବା ଜଣାପଡିଛି। ବଲିଉଡ୍ ଅଭିନେତା ଅକ୍ଷୟ କୁମାରଙ୍କୁ ସାକ୍ଷାତ୍କାର ଦେବାବେଳେ ପ୍ରଧାନମନ୍ତ୍ରୀ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋଙ୍କ ସହ ତାଙ୍କର ସମ୍ପର୍କ ନେଇ ସୂଚନା ଦେଇଛନ୍ତି। ପରସ୍ପର ବିରୋଧୀ ହୋଇଥିବା ସତ୍ତ୍ୱେ ଦିଦି ପ୍ରତିବର୍ଷ ମୋଦିଙ୍କ ପାଖକୁ ନିଜ ପସନ୍ଦର କୁର୍ତ୍ତା ପଠାଇଥାନ୍ତି। ଏଥିସହିତ ତାଙ୍କ ପାଖକୁ ତାଙ୍କର ପ୍ରିୟ ବେଙ୍ଗଲୀ ରସଗୋଲା ମଧ୍ୟ ଦିଦି ପଠାନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସାକ୍ଷାତ୍କାରରେ ରାଜନୀତି ବ୍ୟତୀତ ଅନ୍ୟ ସବୁ ପ୍ରସଙ୍ଗରେ ଖୋଲା ଆଲୋଚନା ହୋଇଥିଲା।

ଏହା ଉପରେ ପ୍ରତିକ୍ରିୟା ପ୍ରକାଶ କରି ମମତା ପ୍ରଧାନମନ୍ତ୍ରୀଙ୍କ ନାଁ ନ ନେଇ କହିଛନ୍ତି, ସେ ପୂଜା ସମୟରେ ଲୋକଙ୍କ ପାଖକୁ ରସଗୋଲା ଏବଂ ଉପହାର ପଠାଇବା ସହ ଅନ୍ୟମାନଙ୍କୁ ଚା ପିଆଇଥାନ୍ତି। ତେବେ ସେ ସେମାନଙ୍କୁ ଗୋଟିଏ ବି ଭୋଟ ଦେବେ ନାହିଁ। ନିର୍ବାଚନ ପ୍ରଚାରବେଳେ ପ୍ରଧାନମନ୍ତ୍ରୀ ଓ ମମତା ପରସ୍ପରକୁ ତୀବ୍ର ସମାଲୋଚନା କରୁଛନ୍ତି। ମୋଦିଙ୍କୁ ମମତା 'ଏକ୍ସପାରୀ ବାବୁ' କହିଥିବାବେଳେ ପ୍ରଧାନମନ୍ତ୍ରୀ ତାଙ୍କୁ 'ସ୍ପିଡ୍ ବ୍ରେକର ଦିଦି' ଆଖ୍ୟା ଦେଇଛନ୍ତି। କିନ୍ତୁ ସେମାନଙ୍କ ମଧ୍ୟରେ ବ୍ୟକ୍ତିଗତ ସମ୍ପର୍କ ଯେ ଖୁବ୍ ଭଲ ଏହା ଉକ୍ତ ସାକ୍ଷାତ୍କାରରୁ ସ୍ପଷ୍ଟ ହୋଇଛି। ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ଢାକାରୁ ପ୍ରତିବର୍ଷ ମୋଦିଙ୍କ ପାଖକୁ ସ୍ୱତନ୍ତ୍ର ମିଠା ପଠାଇଥାନ୍ତି। ଏହା ଜାଣିବା ପରେ ମମତା ମଧ୍ୟ ବେଙ୍ଗଲୀ ମିଠା ପଠାଇବା ଆରମ୍ଭ କରିଥିଲେ ବୋଲି ପ୍ରଧାନମନ୍ତ୍ରୀ ସାକ୍ଷାତକାର ବେଳେ କହିଛନ୍ତି।

**ଅକ୍ଷୟ କୁମାରଙ୍କ ସହ ସାକ୍ଷାତ୍କାର**



ମୋଦି ଆହୁରି କହିଛନ୍ତି, ସେ ଗୁଜରାଟ ମୁଖ୍ୟମନ୍ତ୍ରୀ ଥିବାବେଳେ କଂଗ୍ରେସ ନେତା ଗୁଲାମ ନବୀ ଆଜାଦଙ୍କ ସହ ତାଙ୍କର ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଥିଲା। ଅନେକ ଥର ସେମାନେ ଅନ୍ତରଙ୍ଗ ଆଲୋଚନା କରିଛନ୍ତି, ଯାହା ଗଣମାଧ୍ୟମକୁ ବିସ୍ମିତ କରିଥିଲା। ତାଙ୍କ ଭଳି ଜଣେ ଆରଏସ୍‌ଏସ୍ (ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ) ସଦସ୍ୟ କିପରି ଆଜାଦଙ୍କ ସହ ଏଭଳି ଘନିଷ୍ଠ ହୋଇପାରୁଛନ୍ତି ବୋଲି ଲୋକେ ଆଶ୍ଚର୍ଯ୍ୟ ହେଉଥିଲେ। ପୂର୍ବର ପାରିବାରିକ ଜୀବନ ସମ୍ପର୍କରେ ପ୍ରଧାନମନ୍ତ୍ରୀ କହିଥିଲେ, ଯୁବାବସ୍ଥାରେ ସେ ସବୁକିଛି ତ୍ୟାଗ କରିଦେଇଥିଲେ। ଏବେ ସେ ସମ୍ପୂର୍ଣ୍ଣ ଅଲଗା। ଏପରିକି ତାଙ୍କ ମାଆ ମଧ୍ୟ ତାଙ୍କୁ ସମୟ ନଷ୍ଟ ନ କରିବାକୁ କହିଥାନ୍ତି ବୋଲି ମୋଦି ସୂଚନା ଦେଇଛନ୍ତି। ଦିନକୁ ମାତ୍ର ୩ ଘଣ୍ଟା ଶୋଇ କିପରି ସାରା ଦିନ ସକ୍ରିୟ ରହୁଛନ୍ତି ବୋଲି ଏକ ପ୍ରଶ୍ନରେ ପ୍ରଧାନମନ୍ତ୍ରୀ କହିଥିଲେ, ଆମେରିକାର ପୂର୍ବତନ ରାଷ୍ଟ୍ରପତି ବାରାକ୍ ଓବାମା ମଧ୍ୟ ତାଙ୍କୁ ସବୁବେଳେ ଏହି ପ୍ରଶ୍ନ ପଚାରୁଥିଲେ। ଅକ୍ଷୟ କୁମାର ପ୍ରଧାନମନ୍ତ୍ରୀଙ୍କୁ କେତେକ ମଜାଳିଆ ପ୍ରଶ୍ନ ଯଥା ସେ ଆମ୍ବ ଖାଆନ୍ତି କି ନାହିଁ, ସେ ସଚ୍ଚା ଗୁଜରାଟୀ କି ନୁହନ୍ତି ପଚାରିଥିଲେ।

ସାକ୍ଷାତ୍କାର ଉପରେ ପ୍ରତିକ୍ରିୟା ପ୍ରକାଶ କରି ଅକ୍ଷୟ କୁମାରଙ୍କ ସ୍ତ୍ରୀ ତଥା ଲେଖିକା ଟ୍ୱିଙ୍କଲ୍ ଖାନ୍ନା କହିଛନ୍ତି, ସେ ସୋସିଆଲ ମିଡିଆରେ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ମତ ଦେଉଥିଲେ ମଧ୍ୟ ସେ ଏହାକୁ ସକାରାତ୍ମକ ଭାବେ ଗ୍ରହଣ କରିଛନ୍ତି। ପ୍ରଧାନମନ୍ତ୍ରୀ କେବଳ ତାଙ୍କ ଉପସ୍ଥିତି ନୁହେଁ, ତାଙ୍କ କାମ ସମ୍ପର୍କରେ ମଧ୍ୟ ଅବଗତ ଥିବାରୁ ଟ୍ୱିଙ୍କଲ୍ ଖୁସି ବ୍ୟକ୍ତ କରିଛନ୍ତି। ତାଙ୍କ ନୀତିକୁ ଟ୍ୱିଙ୍କଲ୍ କିପରି ଟ୍ୱିଟରରେ ସମାଲୋଚନା କରିଥାନ୍ତି ତାହା ପ୍ରଧାନମନ୍ତ୍ରୀ ଅକ୍ଷୟ କୁମାରଙ୍କ ସହ ସାକ୍ଷାତ୍କାର ବେଳେ ଉଲ୍ଲେଖ କରିଥିଲେ। ସେ ଟ୍ୱିଟରରେ ସମସ୍ତ ରାଗ ସାରିଦେଉଥିବାରୁ ଅକ୍ଷୟ କୁମାର ଘରେ ଶାନ୍ତିର ଜୀବନ ବିତାଉଥିବେ ବୋଲି ପ୍ରଧାନମନ୍ତ୍ରୀ ମଜାରେ କହିଥିଲେ।

**ରାଜଧାନୀରେ ମାତ୍ର ୫୯% ମତଦାନ**




## ■ ପୋଷ୍ଟର ମାଧ୍ୟମରେ ମାଓବାଦୀଙ୍କୁ ଧମକ

# ସଂଯୁକ୍ତାଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦିଅ

ଫୁଲବାଣୀ ଅଫିସ/ବାଲିଗୁଡ଼ା (ଡି.ଏନ.ଏ.),୨୪।୪

କନ୍ଧମାଳ ଜିଲାର ଜିଆରଏସ୍ ସଂଯୁକ୍ତା ଦିଗାଲ ନିର୍ବାଚନ କାର୍ଯ୍ୟରେ ଯାଉଥିବାବେଳେ ମାଓବାଦୀମାନେ ତାଙ୍କୁ ଗୁଳିକରି ମାରି ଦେଇଥିଲେ । ଏହି ଘଟଣାରେ ଏଏନ୍‌ପିପିଏଫ(ଆଣ୍ଟି-ମାଓଇଷ୍ଟ ଆଉଟ୍‌ଫିଟ୍, ଆଣ୍ଟି ନକ୍ସଲ ପିପୁଲ୍ସ ପିସ୍ ଫୋର୍ସ)ନାମକ ଏକ ସଂଗଠନ ଏଭଳି କାର୍ଯ୍ୟ କରିଥିବା ମାଓବାଦୀଙ୍କୁ ପୋଷ୍ଟର ମାଧ୍ୟମରେ ଧମକ ଦେଇଛି। ବାଲିଗୁଡା ଥାନା ଅନ୍ତର୍ଗତ ରାଇପଙ୍ଗା ଗ୍ରାମରେ ବୁଧବାର ଏହି ପୋଷ୍ଟର ଲାଗିଥିବା ଦେଖିବାକୁ ମିଳିଛି। ଏଥିରେ ସଂଯୁକ୍ତାଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ସହ ଆଣ୍ଠେଇ ଆଣ୍ଠେଇ ଯାଇ ପରିବାର ଲୋକଙ୍କୁ କ୍ଷମା ମାଗିବାକୁ ଧମକ ଦେଇଥିବା ଦେଖିବାକୁ ମିଳିଛି। ମାଓବାଦୀମାନେ ମନଇଚ୍ଛା କାମ କରିବା ଓ ନିରୀହଙ୍କୁ ହତ୍ୟା ଆଦି ନେଇ ତୀବ୍ର ସମାଲୋଚନା କରାଯାଇଛି। ତୁରନ୍ତ ଜୁଲମ ବନ୍ଦ କର ନଚେତ ପରିସ୍ଥିତି ଭୟଙ୍କର ହେବ ବୋଲି ପୋଷ୍ଟରରେ ଉଲ୍ଲେଖ ରହିଛି। ଓଡିଶା ରାଜ୍ୟ ମାଓବାଦୀ ମୁର୍ଦ୍ଦାବାଦ, ବିଜିଏନ୍ ଡିଭିଜନ ମୁର୍ଦ୍ଦାବାଦ ବୋଲି ମଧ୍ୟ ଲେଖାଯାଇଛି। ପୂର୍ବରୁ ମଧ୍ୟ ମାଓବାଦୀ ବିରୋଧୀ ପୋଷ୍ଟର ଏହି ସଂଗଠନ ପକ୍ଷରୁ ବିଭିନ୍ନ ସମୟରେ ମିଳିଛି। ମାଓବାଦୀ ବିରୋଧୀ ପୋଷ୍ଟର ମିଳିବା ପରେ କାଳେ ସେମାନେ କିଛି ଅଘଟଣ ଘଟାଇବେ ସେଥିନେଇ ସ୍ଥାନୀୟ ଅଞ୍ଚଳବାସୀ ଭୟଭୀତ ହୋଇପଡଛନ୍ତି। ପୋଷ୍ଟରର ସତ୍ୟାସତ୍ୟକୁ ନେଇ ପ୍ରଶ୍ନ ଉଠିଥିବା ବେଳେ ଏହାର ତଦନ୍ତ ପରେ ଯାହା ପଦକ୍ଷେପ ନିଆଯିବ ବୋଲି ବାଲିଗୁଡା ଏସ୍‌ଡିପିଓ ବିନୀତ୍ ଅଗ୍ରୱାଲ ସୂଚନା ଦେଇଛନ୍ତି।



# ନବଜ୍ୟୋତିଙ୍କ ମୁଣ୍ଡରେ ସର୍ବାଧିକ ଋଣ

ଭୁବନେଶ୍ୱର,୨୪।୪(ବ୍ୟୁରୋ)

**ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ**
- ■ ଏଡିଆର ରିପୋର୍ଟ
- ■ ବୈଜୟନ୍ତ ସର୍ବାଧିକ ଆୟକାରୀ
- ■ ବିଜେଡିର ୬ ଏମ୍‌ପି ପ୍ରାର୍ଥୀ କୋଟିପତି

ସାରା ଦେଶରେ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ଚଳିତ ମାସ ୨୯ରେ ଅନୁଷ୍ଠିତ ହେବ। ରାଜ୍ୟରେ ଏକସଙ୍ଗରେ ଲୋକ ସଭା ସହ ବିଧାନସଭା ନିର୍ବାଚନ ହେଉଛି। ଇତିମଧ୍ୟରେ ୪ର୍ଥ ପର୍ଯ୍ୟାୟରେ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କ ଆୟ, ଆପରାଧିକ ପୃଷ୍ଠଭୂମି ଏବଂ ଋଣଭାରକୁ ନେଇ ବୁଧବାର ରିପୋର୍ଟ ପ୍ରକାଶ ପାଇଛି।

ରାଜ୍ୟର ୬ ଲୋକ ସଭା ଆସନର ୫୨ ପ୍ରାର୍ଥୀଙ୍କ ଦାଖଲ ସତ୍ୟପାଠ ତଥ୍ୟକୁ ଆସୋସିଏଟ୍ ଫର ଡେମୋକ୍ରେଟିକ ରିଫର୍ମ (ଏଡିଆର) ପକ୍ଷରୁ ବିଶ୍ଳେଷଣ କରାଯାଇଛି। ଏଥିରେ ବାଲେଶ୍ୱର ଲୋକ ସଭା ଆସନରୁ କଂଗ୍ରେସ ପ୍ରାର୍ଥୀ ନବଜ୍ୟୋତି ପଟ୍ଟନାୟକଙ୍କ ଋଣଭାର ସର୍ବାଧିକ ବୋଲି ଜଣାପଡିଛି। ତାଙ୍କ ଋଣର ପରିମାଣ ୧୦୭,୯୫,୮୨,୦୦୦ଟଙ୍କା ରହିଛି। ସେହିପରି ତାଙ୍କ ସମ୍ପତ୍ତିର ପରିମାଣ ୧୦୪,୨୦,୦୫,୦୦୦ ରହିଛି। ଆୟରେ ନବଜ୍ୟୋତି ଏହି ପର୍ଯ୍ୟାୟରେ ପଞ୍ଚମ ସ୍ଥାନରେ ରହିଛନ୍ତି। କେନ୍ଦ୍ରାପଡାରୁ ଭାଜପା ପ୍ରାର୍ଥୀ ହୋଇଥିବା ବୈଜୟନ୍ତ ପଣ୍ଡା ଦେଶର ସର୍ବାଧିକ ତୃତୀୟ ଆୟକାରୀ ପ୍ରାର୍ଥୀ ବୋଲି ଜଣାପଡିଛନ୍ତି। ଗତ ଆର୍ଥିକ ବର୍ଷରେ ବୈଜୟନ୍ତ ୯ କୋଟି ଟଙ୍କା ଆୟ କରିଥିଲେ। ଜାତୀୟସ୍ତରରେ ବୈଜୟନ୍ତଙ୍କଠାରୁ କଂଗ୍ରେସର ପ୍ରିୟା ଦତ୍ତ ଏବଂ ବିବେକ କ୍ରିଷ୍ଣା ତନ୍‌ଖା ଅଧିକ ଆୟକାରୀ ବୋଲି ଜଣାପଡିଛି। ରାଜ୍ୟର ୫୨ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୧୭ ଜଣ କୋଟିପତି ବୋଲି ଜଣାପଡିଛି। ସେମାନଙ୍କ ମଧ୍ୟରୁ ୭ ଜଣଙ୍କ ବିରୋଧରେ ଆପରାଧିକ ମାମଲା ଥିବା ରହିଛି। ତନ୍ମଧ୍ୟରୁ ୬ ଜଣଙ୍କ ବିରୋଧରେ ସଙ୍ଗିନ ଆପରାଧିକ ମାମଲା ଦରଜ କରାଯାଇଛି। ଚତୁର୍ଥ ପର୍ଯ୍ୟାୟରେ ହେବାରୁ ଥିବା ଯାଜପୁର ଲୋକ ସଭା ଆସନକୁ ଏଡିଆର ପକ୍ଷରୁ ରେଡ ଆଲର୍ଟ ଶ୍ରେଣୀଭୁକ୍ତ କରାଯାଇଛି। ହାରାହାରି ବିଜେଡି ପ୍ରାର୍ଥୀଙ୍କ ସମ୍ପତ୍ତିର ପରିମାଣ ୧୪ କୋଟି ଟଙ୍କା ରଖାଯାଇଛି। ନବଜ୍ୟୋତି ଏବଂ ବୈଜୟନ୍ତଙ୍କ ବ୍ୟତୀତ କୋଟିପତି ତାଲିକାରେ ଅନେକ ନେତା ମଧ୍ୟ ରହିଛନ୍ତି। ସେମାନେ ହେଉଛନ୍ତି- ବିଜେଡିରୁ ରବୀନ୍ଦ୍ର ଜେନା, ମଞ୍ଜୁଲତା ମଣ୍ଡଳ, ଅନୁଭବ ମହାନ୍ତି, ଶର୍ମିଷ୍ଠା ସେଠୀ ଏବଂ ଦେବାଶିଷ ମାରାଣ୍ଡି। ସେହିପରି କଂଗ୍ରେସରୁ ଧରଣୀଧର ନାୟକ, ମାନସ ଜେନା ଏବଂ ମଧୁସ୍ମିତା ସେଠୀଙ୍କ ସମ୍ପତ୍ତିର ପରିମାଣ କୋଟିଏରୁ ଅଧିକ। ଅନ୍ୟମାନଙ୍କ ମଧ୍ୟରେ ଭାଜପାରୁ ଅଭିମନ୍ୟୁ ସେଠୀ, ଅମିୟ ମଲିକ, ଜେଏମ୍‌ଏମ୍‌ରୁ ଅଞ୍ଜଳି ସୋରେନ୍ ମଧ୍ୟ କୋଟିପତି ପ୍ରାର୍ଥୀ।

UTKAL UNIVERSITY
CENTRE FOR IT EDUCATION
P.G. DEPARTMENT OF STATISTICS
VANI VIHAR, BHUBANESWAR-751004, ODISHA, INDIA
UTKAL UNIVERSITY
NAAC-A+ Accreditation
☎: 0674 - 2567711 / 2567275 / 9438014469, Website : www.citeutkal.com
e-mail : admission@citeutkal.com, centreforiteducation@gmail.com,

ADMISSION NOTICE FOR M. TECH. (IT)

Applications are invited for admission into 2 years full time programme in M. Tech in Information Technology in the Department for the academic session 2019-20 under PPP mode.

SELECTION PROCEDURE

Selection of candidates for admission shall be made on the basis of Entrance Test to be conducted by the **Centre for IT Education, P.G. Department of Statistics, Utkal University on 20.07.2019 at 01:00-02:30 P.M.**

ELIGIBILITY FOR ADMISSION

The candidates seeking admission to this course must have possessed any one of the following minimum academic qualifications:
(I) Master's degree in Computer Science/Information Technology/Computer Applications/ Statistics/ Mathematics/Physics/Electronic Sciences or any other qualification considered equivalent.
(ii) Bachelor's degree in Engineering/Technology or any other qualification considered equivalent (such as AMIEE or DOEACC 'B' Level).
Candidates waiting for final result may provisionally be admitted into M. Tech. (IT) course, provided that such candidates shall submit their pass result before filling up forms for the 1st semester examination.

HOW TO APPLY

Eligible candidates are required to apply to the Course Head/Director, Centre for IT Education, P.G. Department of Statistics, Utkal University in the prescribed application form downloadable from the Website http://www.utkaluniversity.ac.in, http://www.citeutkal.com from **15.04.2019** along with Two Bank Drafts i.e., (i) **Rs.150/-** in favour of **"Comptroller of Finance,Utkal University"** towards Application Form fees, and (ii) **Rs.350/-** in favour of **"Centre for IT Education, Utkal University"** towards the Entrance Test fees drawn on any nationalized bank payable at Bhubaneswar, at the time of submission of the application form. **The downloaded application forms are also available in the department.**

For details about Course Fee & Structure visit our website :- www.citeutkal.com

**Last date of issue and submission of the application form is 16.07.2019 (5:00 P.M)**

Course Director, M. Tech (IT)

# ୧୧ ବୁଥ୍‌ରେ ସାନି ମତଦାନ ଦାବି କଲା ଭାଜପା

**ସତ୍ୟବାଦୀ ନିର୍ବାଚନମଣ୍ଡଳୀ**

ପୁରୀ ଅଫିସ,୨୪।୪

ସତ୍ୟବାଦୀ ନିର୍ବାଚନମଣ୍ଡଳୀର ୭୮ ନଂ. ବୁଥ୍‌ରେ ଭାଜପା ଏଜେଣ୍ଟଙ୍କୁ ପୂରାଇ ଦିଆଯାଇ ନ ଥିବା ଅଭିଯୋଗ ଆଣିଛନ୍ତି ଭାଜପାର ବରିଷ୍ଠ ନେତା କୃଷ୍ଣଚନ୍ଦ୍ର ଜଗଦ୍ଦେବ । ବୁଧବାର ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଜଗଦ୍ଦେବ କହିଛନ୍ତି ଯେ, ପୂର୍ବରୁ ବିଜେଡି ନେତୃବୃନ୍ଦ ବୁଥ୍ କ୍ୟାପ୍‌ଚରିଂ କରିଥିବାର ନଜିର ରହିଛି। ତେଣୁ ନିର୍ବାଚନମଣ୍ଡଳୀର ୧୧ଟି ବୁଥ୍ ଯଥା ଆଳିପଡ଼ାର ୯୯ ନଂ. ବୁଥ୍, ନୂଆଗାଁର ୧୦୦, ଦୋଛିଆଁର ୧୦୧, ଅଡାଳର ୧୦୨, ବଡାଳର ୧୦୩, ଜାଗୁଳାଇପଦରର ୧୦୭ ଓ ୧୦୮, ବଡ଼ଓରାର ୧୦୯, ଓଗାଳପୁରର ୧୧୩, ଗୋପୀନାଥପୁରର ୧୧୪ ଏବଂ ବୀରକେଶରୀପୁରର ୭୮ ନଂ. ବୁଥ୍‌ରେ ସିସିଟିଭି କ୍ୟାମେରା ସାଙ୍ଗକୁ ଆବଶ୍ୟକ ସୁରକ୍ଷା ବଳ ନିୟୋଜିତ ଲାଗି ଜିଲାପାଳଙ୍କୁ ଜଣାଇଥିଲୁ। କିନ୍ତୁ ଏ ନେଇ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଫଳରେ ମଙ୍ଗଳବାର ଏହି ବୁଥ୍‌ଗୁଡ଼ିକ ମଧ୍ୟରୁ ୭୮ନଂ. ସମେତ ଅଧିକାଂଶ ବୁଥ୍‌ରେ ଭାଜପା ଏଜେଣ୍ଟଙ୍କୁ ବସାଇ ଦିଆଗଲାନାହିଁ । ତେଣୁ ଏଠାରେ ନିରପେକ୍ଷ, ଅବାଧ ମତଦାନ ହୋଇ ନାହିଁ। ଏହି ୧୧ଟି ବୁଥ୍‌ରେ ସାନି ମତଦାନ ପାଇଁ ଆମେ ଜିଲା ପ୍ରଶାସନ ନିକଟରେ ଦାବି କରୁଛୁ। ସେହିପରି ଭାଜପା ପ୍ରାର୍ଥୀ ଓମ୍‌ପ୍ରକାଶଙ୍କ ବିରୋଧରେ ଯେଉଁ ଅଭିଯୋଗ ଆସିଛି ସେ ସମ୍ପର୍କରେ ଜଗଦ୍ଦେବ କହିଥିଲେ, ଓମ୍‌ପ୍ରକାଶ କିମ୍ବା ତାଙ୍କ ସମର୍ଥକ ଇଭିଏମ୍ ଭଙ୍ଗାରୁଜା କରିନାହାନ୍ତି । ଓମ୍‌ପ୍ରକାଶଙ୍କୁ ବଦ୍‌ନାମ କରିବା ଲାଗି ଷଡ଼ଯନ୍ତ୍ର କରାଯାଇଛି । ବୁଥ୍ କ୍ୟାପ୍‌ଚରିଂ ଅଭିଯୋଗ ପାଇ ସେ ସେଠାକୁ ଯାଇଥିଲେ । ଇଭିଏମ୍ କିଏ ଭାଙ୍ଗିଲା ତାହାର ତଦନ୍ତ କରାଯିବା ଦରକାର ବୋଲି ଜଗଦ୍ଦେବ ପ୍ରକାଶ କରିଛନ୍ତି।



ଖବରଦାତା ସମ୍ମିଳନୀରେ କୃଷ୍ଣଚନ୍ଦ୍ର ଜଗଦ୍ଦେବ ଏବଂ ଅନ୍ୟ ନେତାମାନେ।

SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ମଧୁପାଟଣା, କଟକ-୭୫୩୦୧୦
ଦଖଲ ନୋଟିସ୍
(ସ୍ଥାବର ସମ୍ପତ୍ତି ନିମନ୍ତେ) [ରୁଲ୍ ୮(୧)]

ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତି ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ

ଏତଦ୍‌ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୫୪) ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ ୩ ଅନୁଯାୟୀ ନିମ୍ନଲିଖିତ ଆକାଉଣ୍ଟକୁ ନିମ୍ନଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଋଣ ରାଶି କଥିତ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଯେହେତୁ ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡିକୁ ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି। ତେଣୁ ବିଶେଷତଃ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତିଗୁଡିକ ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ଆକାଉଣ୍ଟର ନାମ/ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା/ଆକାଉଣ୍ଟ ନଂ. | ଜାମିନ୍‌ଦାରଙ୍କ ନାମ ଏବଂ ଠିକଣା / ସମ୍ପତ୍ତି ମାଲିକମାନଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ତାରିଖ | ବକେୟା ପରିମାଣ |
|---|---|---|---|---|---|
| ଋଣଗ୍ରହୀତା: ମେସର୍ସ ସ୍ୱସ୍ତିକ ଇଲେକ୍ଟ୍ରୋନିକ୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଅଭୟ କୁମାର ପାତ୍ର, ପିତା: ଶ୍ରୀ ଅଶୋକ କୁମାର ପାତ୍ର, ସା: ଆଇସ୍ ଫ୍ୟାକ୍ଟ୍ରି ରୋଡ୍, କଲେଜ ଛକ, କଟକ-୭୫୩୦୦୩ / ଆକାଉଣ୍ଟ ନଂ.: ୩୬୫୨୦୩୮୬୨୧୩ | ଜାମିନ୍‌ଦାର: ଶ୍ରୀ ଅଶୋକ କୁମାର ପାତ୍ର, ପିତା: ୰ ରସାନନ୍ଦ ପାତ୍ର ଓରଫ ରମାନନ୍ଦ ପାତ୍ର, ସା: ଆଇସ୍ ଫ୍ୟାକ୍ଟ୍ରି ରୋଡ୍, କଲେଜ ଛକ, କଟକ-୭୫୩୦୦୩ / ସମ୍ପତ୍ତି ମାଲିକମାନେ: ଶ୍ରୀ ଅଭୟ କୁମାର ପାତ୍ର ଏବଂ ଶ୍ରୀ ଅଶୋକ କୁମାର ପାତ୍ର | (୧) ଶ୍ରୀ ଅଭୟ କୁମାର ପାତ୍ରଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: କଟକ ସହର, ୟୁନିଟ୍ ନଂ.-୨୪, କଲେଜ ଛକ, ଖାତା ନଂ.: ୩୪୦/୨୬୮, ପ୍ଲଟ୍ ନଂ.: ୨୨୧୧/୨୯୬୩, କ୍ଷେତ୍ର: ଏକର୦.୦୨୨.୫ଡିସିମିଲି, କିସମ: ଘରବାରୀ, (୨) ଶ୍ରୀ ଅଶୋକ କୁମାର ପାତ୍ରଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: କଟକ ସହର, ୟୁନିଟ୍ ନଂ.-୨୪, କଲେଜ ଛକ, ଖାତା ନଂ.: ୩୪୦/୨୩, ପ୍ଲଟ୍ ନଂ.: ୮୩୦, କ୍ଷେତ୍ର: ଏକର୦.୦୨୧ଡିସିମିଲି, କିସମ: ଘରବାରୀ, (୩) ଶ୍ରୀ ଅଭୟ କୁମାର ପାତ୍ରଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: କଟକ ସହର, ୟୁନିଟ୍ ନଂ.-୨୫, ଜୋବ୍ରା, ଖାତା ନଂ.: ୫୩୬/୨୩୫, ପ୍ଲଟ୍ ନଂ.: ୧୦୫୬/୧୯୧୯, କ୍ଷେତ୍ର: ଏକର୦.୦୨୦ଡିସିମିଲି, କିସମ: ଘରବାରୀ | ୦୧.୦୨.୨୦୧୯ | ୨୨.୦୪.୨୦୧୯ | ୩୧.୦୧.୨୦୧୯ ସୁଦ୍ଧା ଟ.୧,୬୭,୯୪,୮୨୩/- + ୦୧.୦୨.୨୦୧୯ ଠାରୁ ତତ୍‌ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ |

ତାରିଖ: ୨୪.୦୪.୨୦୧୯, ସ୍ଥାନ: କଟକ
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ



ପଢ଼ି ପଢ଼ି କଳଙ୍କ ଲାଗି କ୍ଷୟ ହେବା ଅପେକ୍ଷା କାମ କରି କ୍ଷୟ ହୋଇଯିବା ଶ୍ରେୟସ୍କର।
- ରିଚାର୍ଡ କମ୍ବରଲ୍ୟାଣ୍ଡ୍



## ସଂକ୍ଷେପରେ

### ଜିଲା ଓକିଲ ସଂଘ ପକ୍ଷରୁ ସବ୍‌ଜଜ୍‌ଙ୍କୁ ବିଦାୟୀ ସମ୍ବର୍ଦ୍ଧନା

ଦେବଗଡ,୨୪।୪(ସ୍ୱ.ପ୍ର) -ଦେବଗଡ କୋର୍ଟରେ ସବଜଜ୍ ଦିଲୀପ ସାହୁଙ୍କ ଖୋର୍ଦ୍ଧା କୋର୍ଟକୁ ବଦଳି ହୋଇଛି । ଏହି ପରିପ୍ରେକ୍ଷୀରେ ଜିଲା ଓକିଲ ସଂଘ ପକ୍ଷରୁ ଗୁରୁବାର ସ୍ଥାନୀୟ ବାର୍ ହଲ୍‌ରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି । ଜିଲା ଓକିଲ ସଂଘ ସଭାପତି ରାଜୀବ ଲୋଚନ ପ୍ରଧାନଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ଜଜ୍ ରାଜେନ୍ଦ୍ର କୁମାର ତୋଷ ମୁଖ୍ୟଅତିଥି ଭାବେ ଯୋଗଦେଇ ସବଜଜ୍ ସାହୁଙ୍କ ଅଭିଜ୍ଞତା ସମ୍ପର୍କରେ ମତବ୍ୟକ୍ତ କରିବା ସହ ତାଙ୍କୁ ବିଚାର ବିଭାଗର ଜଣେ ସହକର୍ମୀ ବତ୍ସଳ ଓ କର୍ମନିଷ୍ଠ ଅଧିକାରୀ ବୋଲି ସମ୍ବୋଧିତ କରିଥିଲେ। ସେହିପରି ଏଡିଜେ ସସ୍ମିତା ପର୍ହୀ ଓ ସିଭିଲ କୋର୍ଟ ରେଜିଷ୍ଟ୍ରାର ରମାକାନ୍ତ ମହାନ୍ତିଙ୍କ ଜିଲା ଆଇନ୍‌ସେବା ପ୍ରାଧିକରଣ ସମ୍ପାଦକ ପ୍ରିୟରଞ୍ଜନ ମିଶ୍ର, ଏସ୍‌ଡିଜେଏମ୍ ସୌଦାମିନୀ ବିଶ୍ୱାଳ, ପ୍ରୋବେସନାରୀ ସିଭିଲ୍ ଜଜ୍ ସୁଶ୍ରୀ ଶ୍ରିଷ୍ଟି ସାମନ୍ତ, ପ୍ରଣତୀ ପଟେଲ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ଜୟ ଭଗୱାନ ଅଗ୍ରୱାଲା, ମାଧବ ଚନ୍ଦ୍ର ମହାପାତ୍ର, ଦିଲୀପ ଗୁରୁ, ମନୋଜ ପାଢ଼ୀ, ରଞ୍ଜନ ସାହୁ ଓ ସୌରେନ୍ଦ୍ରୀ ପ୍ରଧାନ ପ୍ରମୁଖ ବିଦାୟୀ ସବଜଜ୍ ସାହୁଙ୍କ କାର୍ଯ୍ୟଦକ୍ଷତା ସମ୍ପର୍କରେ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ । ସଂଘ ସମ୍ପାଦକ ତରଣୀକାନ୍ତ ଦାଶ ଓ କୋଷାଧ୍ୟକ୍ଷ ରାଜକିଶୋର ପ୍ରଧାନଙ୍କ ସଂଯୋଜନାରେ ଏହି ସଭା ହୋଇଥିଲା ।

## ଦେବଗଡ ବିଧାନସଭା ନିର୍ବାଚନ:୭୫.୬୨ ପ୍ରତିଶତ ମତଦାନ

# ଆଶା, ଆଶଙ୍କାରେ ପ୍ରାର୍ଥୀ

ଦେବଗଡ଼,୨୪।୪(ସ୍ୱ.ପ୍ର)
ତୃତୀୟ ପର୍ଯ୍ୟାୟ ସାଧାରଣ ନିର୍ବାଚନ ୨୦୧୯ ପାଇଁ ମତଦାନ ଶେଷ ହୋଇଯାଇଛି । ଭୋଟରଙ୍କ ମତଦାନ ଇଭିଏମ୍‌ରେ ସିଲ ହୋଇ ନିର୍ବାଚନ ଅଧିକାରୀ ତଥା ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କ ଉପସ୍ଥିତିରେ ବର୍ତ୍ତମାନ ପଲିଟେକ୍‌ନିକ୍ କଲେଜଠାରେ ନିରାପତ୍ତା କୋଠରିରେ ବନ୍ଦ ହୋଇରହିଛି। ଅନ୍ୟପକ୍ଷରେ ସମ୍ବଲପୁର ଲୋକସଭା ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ୧୯ ନଂ. ଦେବଗଡ ବିଧାନସଭାର ପ୍ରାର୍ଥିନୀ ଓ ପ୍ରାର୍ଥୀଙ୍କ ଭାଗ୍ୟ ମଧ୍ୟ ଇଭିଏମରେ ସିଲ୍ ହୋଇ ରହିଛି । ଗୋଟିଏ ପୌର ସଂସ୍ଥା, ୩ଟି ବ୍ଲକର ୭୦ ପଞ୍ଚାୟତରେ ୩୩୭ ଟି ମତଦାନ କେନ୍ଦ୍ର ମାଧ୍ୟମରେ ଭୋଟଦାନ ପ୍ରକ୍ରିୟା ସମାପନ ହୋଇଛି। ଦେବଗଡ ନିର୍ବାଚନ ମଣ୍ଡଳୀର ମୋଟ ଭୋଟର ସଂଖ୍ୟା ହେଲା ୨ ଲକ୍ଷ ୩୩ ହଜାର ୨ ଜଣ । ସେଥିମଧ୍ୟରୁ ୧ ଲକ୍ଷ ୮୧ ହଜାର ୧ ଶହ ୯୦ ଜଣ ଭୋଟର ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଥିବା ଜଣାପଡିଛି । ସେମାନଙ୍କ ମଧ୍ୟରୁ ୯୧ ହଜାର ୭୩ ଜଣ ମହିଳା ଏବଂ ୯୦ ହଜାର ୧ ଶହ ୧୭ ଜଣ ପୁରୁଷ ଭୋଟର ଭୋଟ ଦେଇଛନ୍ତି। ତେବେ ମହିଳାଙ୍କ ଭୋଟହାର ସବୁଠୁ ଅଧିକ ହୋଇଥିବା ଜଣାପଡିଛି। ଅନ୍ୟପକ୍ଷରେ ମୋଟ ମତଦାନ ହାର ଶତକଡା ୭୫.୬୨ ହୋଇଥିବା ଜଣାପଡିଛି। ବର୍ତ୍ତମାନ ଦେବଗଡ ନିର୍ବାଚନ ମଣ୍ଡଳୀର ସମସ୍ତ ପ୍ରାର୍ଥିନୀ, ପ୍ରାର୍ଥୀ ଆଶା ଓ ଆଶଙ୍କା ଭିତରେ ରହିଥିଲେ ମଧ୍ୟ ସମସ୍ତ ପ୍ରାର୍ଥୀ ନିଜର ବିଜୟ ସୁନିଶ୍ଚିତ ବୋଲି ମତବ୍ୟକ୍ତ କରୁଛନ୍ତି। ଚଳିତବର୍ଷ ଦେବଗଡ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୧୩ ଜଣ ପ୍ରାର୍ଥୀ ନିଜ ଭାଗ୍ୟପାଇଁ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ ମଧ୍ୟ ମୁଖ୍ୟତଃ ଭାଜପା, ବିଜେଡି ଓ କଂଗ୍ରେସ ମଧ୍ୟରେ ଲଢେଇ ହେବ ବୋଲି ଆଶା କରାଯାଉଛି । ଏହାବ୍ୟତୀତ ୨୦୧୪ ତୁଳନାରେ ୨୦୧୯ ନିର୍ବାଚନରେ ଭୋଟହାର ବୃଦ୍ଧି ସହ ନୂତନ ଭୋଟରଙ୍କ ଭୋଟଦାନ ଯୋଗୁ ଏହି ସବୁ ଭୋଟ ଯେଉଁ ପଟକୁ ଯିବ ସେଇ ପ୍ରାର୍ଥୀଙ୍କ ବିଜୟ ପ୍ରାୟ ସୁନିଶ୍ଚିତ ବୋଲି ଆକଳନ କରାଯାଉଛି। ବିଶେଷକରି ଚଳିତବର୍ଷ ଜିଲାରେ ମହିଳାମାନଙ୍କ ଭୋଟହାର ଅଧିକ ଥିବା ଓ ଜିଲାର ୧୩ ଜଣ ବିଧାୟକ ପ୍ରାର୍ଥୀଙ୍କ ମଧ୍ୟରୁ ଜଣେ ମହିଳା ଏବଂ ନୂଆଁମୁହଁ ହୋଇଥିବାରୁ ମହିଳା ତଥା ଜନସାଧାରଣଙ୍କ ଭୋଟ ତାଙ୍କ ସପକ୍ଷରେ ଯିବ ବୋଲି ଆକଳନ କରାଯାଉଛି। ତେବେ ସେ ଯାହା ହେଉନା କାହିଁକି ପ୍ରାର୍ଥୀମାନେ ମଧ୍ୟ ଅନେକ କମ ସଂଖ୍ୟାରେ ଭୋଟ ବିଭାଜନ କରିବାର ଆଶଙ୍କା ରହିଛି । ତେବେ ସିଂହଭାଗ ମତଦାନ କେଉଁ ପ୍ରାର୍ଥୀ ସପକ୍ଷରେ ଯିବ ତାହା ବର୍ତ୍ତମାନ ଅନିଶ୍ଚିତତା ଭିତରେ ରହିଛି । ଏ ସବୁ ସତ୍ତ୍ୱେ ସମସ୍ତ ପ୍ରାର୍ଥୀ ନିଜର ଭାଗ୍ୟଫଳକୁ ଆସନ୍ତା ମଇ ୨୩କୁ ଅପେକ୍ଷା କରି ରହିଛନ୍ତି। ତେବେ ହାତୀ କାହା ମୁଣ୍ଡରେ ସୁନା କଳସ ଢାଳିବ ସେ ଦିନକୁ ଦେବଗଡ ଭୋଟର ତଥା ପ୍ରାର୍ଥିନୀ, ପ୍ରାର୍ଥୀମାନେ ଆଶା ଓ ଆଶଙ୍କା ମଧ୍ୟରେ ଚାହିଁ ବସିଛନ୍ତି।

### ପ୍ରାର୍ଥୀଙ୍କ ମତାମତ


ସୁବାସ ଚନ୍ଦ୍ର ପାଣିଗ୍ରାହୀ


ରୋମାଞ୍ଚ ରଞ୍ଜନ ବିଶ୍ୱାଳ


ଉମାଶଙ୍କର ସାହୁ

"ନରେନ୍ଦ୍ର ମୋଦିଙ୍କ ଇମେଜ୍, ଦେବଗଡ ଜନସାଧାରଣଙ୍କ ଆଶୀର୍ବାଦ ତଥା ମୋ ଉପରେ ଆସ୍ଥା ପ୍ରକଟ କରିଥିବା କର୍ମୀଙ୍କ ଯୋଗୁଁ ମୁଁ ଜିତିବି ବୋଲି ଆଶା କରିଛି।

–ସୁବାସ ଚନ୍ଦ୍ର ପାଣିଗ୍ରାହୀ, ଭାଜପା ବିଧାୟକ ପ୍ରାର୍ଥୀ

"ବିଜେଡିର ବିକାଶ ଧାରା ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ମଳ ଭାବମୂର୍ତ୍ତି, ଜିଲାରେ ହୋଇଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଯୋଗୁ ବିଜୟ ସୁନିଶ୍ଚିତ ।

–ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ବିଜେଡି ବିଧାୟକ ପ୍ରାର୍ଥୀ

"ଯଦି ଜିତିବି କେବଳ କଂଗ୍ରେସର କିଛି ସଚ୍ଚୋଟ କର୍ମୀ, ଦେବଗଡରେ ନୂଆଁ ମୁହଁ, ଜିଲାର ଜନସାଧାରଣ ଏବଂ ଯୁବପିଢୀଙ୍କ ପାଇଁ ଜିତିବି ।

–ଉମାଶଙ୍କର ସାହୁ, କଂଗ୍ରେସ ବିଧାୟକ ପ୍ରାର୍ଥୀ

# ଆସୁଛି ବାତ୍ୟା

- ୩୦ ଯାଏ ପ୍ରବଳ ଗ୍ରୀଷ୍ମ
- ପାରଦ ଡେଇଁବ ୪୫ ଡିଗ୍ରୀ
- ୪୩.୫ ଡିଗ୍ରୀରେ ଟିଟିଲାଗଡ଼

### ୩ରୁ ଉପକୂଳରେ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର,୨୪।୪(ବ୍ୟୁରୋ)
ଦକ୍ଷିଣ ପୂର୍ବ ବଙ୍ଗୋପସାଗର ଶ୍ରୀଲଙ୍କା ଉପକୂଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଆସନ୍ତା ୨୭ ତାରିଖ ବେଳକୁ ଏହା ଭୟଙ୍କର ସାମୁଦ୍ରିକ ଝଡ଼ରେ ପରିଣତ ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଏହା ଅଧିକ ଘନୀଭୂତ ହୋଇ ଶକ୍ତିଶାଳୀ ବାତ୍ୟାରେ ପରିଣତ ହେବ। ସାମୁଦ୍ରିକ ଝଡ଼ ଧୀରେ ଧୀରେ ଉତ୍ତର ପଶ୍ଚିମ ଦିଗ ତାମିଲନାଡୁ ଉପକୂଳ ଆଡ଼କୁ ଗତି କରିବା ସମ୍ଭାବନା ରହିଛି। ଆସନ୍ତା ୪ ତାରିଖ ବେଳକୁ ବାତ୍ୟା ଗତିପଥ ପରିବର୍ତ୍ତନ କରି ଦକ୍ଷିଣ ଆନ୍ଧ୍ର ଉପକୂଳକୁ ଛୁଇଁବ। ଏହା ପ୍ରଭାବରେ ଓଡ଼ିଶା ଉପକୂଳବର୍ତ୍ତୀ ଗଞ୍ଜାମ, ଗଜପତି, ପୁରୀ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, କଟକ, ଖୋର୍ଦ୍ଧା ଆଦି ଜିଲାରେ ପବନ ବହିବା ସହ ପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି। ଆସନ୍ତା ଦୁଇଦିନ ମଧ୍ୟରେ ବାତ୍ୟାର ଗତି କେଉଁଆଡ଼କୁ ହେବ, ତାହା ସ୍ପଷ୍ଟ ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏପ୍ରିଲ ମାସରେ ସାଧାରଣତଃ ବାତ୍ୟା ଓଡ଼ିଶାମୁହାଁ ହୋଇ ନ ଥାଏ। ଜଳବାୟୁ ପରିବର୍ତ୍ତନ ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ପାଣିପାଗ ବିଶାରଦ ମତ ଦେଇଛନ୍ତି। ଗୋଟିଏପଟେ ରାଜ୍ୟରେ ରାଜନୈତିକ ବାତାବରଣ ଉଷ୍ମ ଥିବାବେଳେ ଗୁରୁବାରଠାରୁ ଆସନ୍ତା ୩୦ ତାରିଖ ଯାଏ ପ୍ରଚଣ୍ଡ ତାତି ପରିବେଶକୁ ଆହୁରି ଉତ୍ତପ୍ତ କରିବ। ଆଭ୍ୟନ୍ତରୀଣ ଓଡ଼ିଶାରେ ପାରଦ ୪୫ଡିଗ୍ରୀ ଟପିଯିବ। ଉପକୂଳବର୍ତ୍ତୀ ଜିଲାଗୁଡ଼ିକ ମଧ୍ୟ ଗୁଲୁଗୁଲି ଓ ପ୍ରବଳ ତାତିରୁ ନିସ୍ତାର ପାଇବେ ନାହିଁ। ୨୭ ତାରିଖରୁ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଇବ। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନାନୁଯାୟୀ, ବୁଧବାର ୫ ସହରର ତାପମାତ୍ରା ୪୦ଡିଗ୍ରୀ ଉପରେ ରହିଥିଲା। ଟିଟିଲାଗଡ଼ରେ ସର୍ବାଧିକ ତାପମାତ୍ରା ୪୩.୫ଡିଗ୍ରୀ ସେଲ୍‌ସିୟସ୍ ରହିଥିବା ବେଳେ ମାଲକାନଗିରି ୪୨, ସୁନ୍ଦରଗଡ଼ ଓ ସୁବର୍ଣ୍ଣପୁର ୪୦.୬, ବଲାଙ୍ଗୀରରେ ୪୦.୫ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ସେହିପରି ଫୁଲବାଣୀ ୩୯.୮, ସମ୍ବଲପୁର ୩୯.୨, ଅନୁଗୋଳ ୩୮.୭, ଝାରସୁଗୁଡ଼ା ଓ ହୀରାକୁଦ ୩୮.୬, କଟକ ୩୭.୪ ଓ ଭୁବନେଶ୍ୱରରେ ୩୭.୨ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ବାକି ସବୁ ଜିଲାରେ ତାପମାତ୍ରା ୩୨ଡିଗ୍ରୀ ଉପରେ ରହିଥିଲା। ତେବେ କିଛିଦିନ ହେବ ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ଲୋକଙ୍କୁ ଭୟଭୀତ କରୁଛି। ବୁଧବାର ଅନେକ ସ୍ଥାନରେ ବର୍ଷା ସହ ଝଡ଼ତୋଫାନ ହୋଇଥିଲା। ବାଲେଶ୍ୱର, କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଗଜପତି, ଗଞ୍ଜାମ, ରାୟଗଡ଼ା, କନ୍ଧମାଳ ଆଦି ଜିଲାରେ ସ୍ୱଳ୍ପ ପରିମାଣର ବର୍ଷା ହୋଇଥିଲା। ଗୁରୁବାର ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର, କନ୍ଧମାଳ, ଗଞ୍ଜାମ, ରାୟଗଡ଼ା, କୋରାପୁଟ, ଗଜପତି ଆଦି ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ସହ ପବନ ବହିବା ସମ୍ଭାବନା ରହିଛି। ଅନ୍ୟ ଜିଲାରେ ପାଗ ଶୁଖିଲା ରହିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

# ହିରନ୍ ଗ୍ରାମରେ ଅସୁସ୍ଥ ମା' ହାତୀ ସହ ଶାବକ

ଦେବଗଡ, ୨୪।୪(ସ୍ୱ.ପ୍ର)

ଦେବଗଡ ରେଞ୍ଜ ତଥା କଂସର ସେକ୍ସନ ଅଧିନସ୍ଥ ହିରନ୍ ଗ୍ରାମରେ ଏକ ଅସୁସ୍ଥ ମାଈହାତୀ ନିଜର ଶାବକ ନେଇ ବୁଲୁଥିବା ବେଳେ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହିଥିବା ଜଣାପଡିଛି। ସମ୍ପୃକ୍ତ ମାଈ ହାତୀ ରେଢାଖୋଲ ବନଖଣ୍ଡ ଓ ଉଷାକୋଠି ଅଭୟାରଣ୍ୟ ଅଞ୍ଚଳରୁ ହିତମ୍ ଦେଇ ଆସିଥିବା ବେଳେ ୧୫ଦିନରୁ ଉର୍ଦ୍ଧ୍ୱ ହେଲା ହିରନ ଗ୍ରାମର ସୁରେଶ ଦେହୁରୀଙ୍କ ଚାଷଜମିରେ ଅସୁସ୍ଥ ଅବସ୍ଥାରେ ପଡ଼ି ରହିଛି । ସେହିପରି ହାତୀର ଏଭଳି ଦୁରବସ୍ଥା ଦେଖି ଅଞ୍ଚଳର ଲୋକମାନେ ବନ କର୍ମଚାରୀଙ୍କୁ ଖବର ଦେଇଥିଲେ। ହାତୀର ଏଭଳି ଦୁରବସ୍ଥା ଦେଖି ହିରନ୍ ତଥା ଆଖପାଖ ଅଞ୍ଚଳର ଲୋକମାନେ ଏବେ ପଣସ, କଦଳୀ ଓ ବରଡାଳ ବିଭିନ୍ନ ପନିପରିବା ଖାଇବାକୁ ଦେଉଛନ୍ତି। ଏପରିକି ପାଖଆଖ ଅଞ୍ଚଳର ଛୋଟ ପିଲାଙ୍କ ହାତ ପାହାନ୍ତାରୁ ଶାବକ ଖାଦ୍ୟ ନେଉଥିବା ବେଳେ ମାଈ ହାତୀ ମଧ୍ୟ କିଛି କରୁନଥିବା ଲୋକଙ୍କୁ ବେଶ୍ ଉତ୍ସାହିତ କରିଛି। ଏପରିକି ଶାବକ ହାତୀ ସହ ମୋବାଇଲ୍‌ରେ ସେଲଫି ଫଟୋ ନେଉଛନ୍ତି। ତେଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏହି ଅସୁସ୍ଥ ମାଈ ହାତୀର ଉତ୍ତମ ଚିକିତ୍ସା ସହ ଶାବକର ସୁରକ୍ଷା ପାଇଁ ଜନସାଧାରଣରେ ଦାବି ହେଉଛି । ଏ ସମ୍ପର୍କରେ ଦେବଗଡ ଡ଼ିଏଫଓ କ୍ଷମା ଷଡ଼ଙ୍ଗୀଙ୍କୁ ପଚାରିବାରୁ ଉକ୍ତ ହାତୀ ଜ୍ୱରରେ ପୀଡ଼ିତ ଅଛି। ହାତୀ ଶାବକ ମାଆ ହାତୀଠାରୁ କ୍ଷୀର ଖାଇପାରୁ ନାହିଁ। ଏଣୁ ବନବିଭାଗ ପକ୍ଷରୁ ଶାବକ ହାତୀକୁ ବିଭିନ୍ନ ପ୍ରକାର ପନିପରିବା ଖାଇବାକୁ ଦିଆଯାଉଛି । କର୍ମଚାରୀମାନେ ରହି ନିୟମିତ ଖାଦ୍ୟ ଦେଉଛନ୍ତି। ଗୁରୁବାର ମୟୁରଭଞ୍ଜ ଶିମିଳିପାଳରୁ ନେସ୍‌ନାଲ ଭେଟେନାରୀ ଟିମ୍ ଅସୁସ୍ଥ ମାଆ ହାତୀର ଚିକିତ୍ସା ପାଇଁ ଆସୁଛନ୍ତି। ଚିକିତ୍ସା ପରେ ହାତୀର ସୁସ୍ଥତା ସମ୍ପର୍କରେ ଜଣାପଡ଼ିବ।


ଅସୁସ୍ଥ ମାଈହାତୀ ଶାବକକୁ ଖାଦ୍ୟ ଦିଆଯାଉଛି ।

# ସେକ୍ଟର–୩ରେ ଦୁର୍ଘଟଣା, ୩ ଆହତ

ରାଉରକେଲା ଅଫିସ,୨୪।୪
ସେକ୍ଟର–୩ ରିଂ ରୋଡ୍‌ରେ ବୁଧବାର ଅପରାହ୍ନ ସାଢ଼େ ଗୋଟାଏରେ ଦୁର୍ଘଟଣା ଘଟି ୩ ଜଣ ଆହତ ହୋଇଛନ୍ତି। ଏଥିରେ ଗୋଟିଏ କାର, ଅଟୋରିକ୍ସା ଓ ସାଇକେଲ କ୍ଷତିଗ୍ରସ୍ତ ହୋଇଛି। ଆହତମାନଙ୍କୁ ଆଇଜିଏଚ୍‌ରେ ଭର୍ତ୍ତି କରାଯାଇଛି। ସେକ୍ଟର–୩ ପୋଲିସ ଘଟଣାର ତଦନ୍ତ କରୁଛି। ସୂଚନାନୁସାରେ ଏହି ସମସ୍ତ ଯାନ ସେକ୍ଟର–୨ ପଟୁ ଆମ୍ବାଗନ ଦିଗରେ ଆସୁଥିଲେ। କାର୍‌ଟି ପ୍ରଥମେ ଅଟୋରିକ୍ସାକୁ ପଛରୁ ଧକ୍କା ଦେଇଥିଲା। ଫଳରେ ଅଟୋରିକ୍ସା ସମ୍ମୁଖରେ ଆସୁଥିବା ସାଇକେଲ ଆରୋହୀ ଆହତ ହୋଇଥିଲେ। ଅଟୋରିକ୍ସାକୁ ବଞ୍ଚାଇବାକୁ ଯାଇ ଓଡି୧୪–ଜି୭୯୨୯ନଂ କାର୍ ରାସ୍ତାର ଡାହାଣ ପାର୍ଶ୍ୱ ଡିଭାଇଡରରେ ପିଟି ହୋଇଯାଇଥିଲା। ସେହିପରି ଓଆର–୧୪–ୟୁ୦୫୩୭୬ନଂ ଅଟୋରିକ୍ସା ବାମ ପାର୍ଶ୍ୱ ଡିଭାଇଡରରେ ପିଟି ହୋଇଯାଇଥିଲା। ଏଥିରେ ୩ ଚାଳକ ଆହତ ହୋଇଛନ୍ତି। ସେକ୍ଟର–୩ ପୋଲିସ ଗାଡ଼ିଗୁଡ଼ିକୁ ଜବତ କରିଛି।


ସମ୍ବଲପୁର ବୈଦ୍ୟନାଥ ଛକ ସତସଙ୍ଗ ଭବନରେ ତ୍ରିଲୋଚନ ନେତ୍ରାଳୟ ପକ୍ଷରୁ ମଧୁମେହ କାର୍ଯ୍ୟକ୍ରମରେ ମହିଳାମାନେ ।

### ମେଡିକ୍ଲେମ୍ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା

ରାଉରକେଲା ଅଫିସ,୨୪।୪
କୋଏଲନଗରସ୍ଥିତ ଆର୍‌ଏସ୍‌ପି ଅବସରପ୍ରାପ୍ତ କର୍ମଚାରୀ ସଂଘ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ମେଡିକ୍ଲେମ (ସ୍ୱାସ୍ଥ୍ୟବୀମା) ନେଇ ଆଲୋଚନା କରାଯାଇଥିଲା। ଏହି ବୈଠକରେ ମେଡିକ୍ଲେମ କର୍ତ୍ତୃପକ୍ଷଙ୍କ ପ୍ରତିନିଧି ସି. ମାଇତି ଯୋଗଦେଇ କର୍ମଚାରୀଙ୍କ ବିଭିନ୍ନ ସନ୍ଦେହ ଦୂର କରିଥିଲେ। ଇନ୍‌ଡୋର ଓ ଆଉଟ୍ ଡୋର ରୋଗୀଙ୍କୁ ନେଇ ସନ୍ଦେହ ସମ୍ପର୍କରେ ମାଇତି ଆଲୋକପାତ କରିଥିଲେ। ବିବାଦିତ ପ୍ରାପ୍ୟ ପାଇବା ନେଇ ରହିଥିବା ସନ୍ଦେହ ଦୂର କରାଯାଇଥିଲା। ଆଗାମୀ ଦିନରେ ମାସର ୩ୟ ଶୁକ୍ରବାର ମେଡିକ୍ଲେମ ପ୍ରତିନିଧି ଅବସର ଭବନକୁ ଆସି ବୀମା ପ୍ରାପ୍ୟ ନେଇ ଉପୁଜୁଥିବା ବିବାଦର ସମାଧାନ କରିବାକୁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ଏଥିରେ ସଂଗଠନର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ୨୭ରେ ପ୍ରଗତି ଉତ୍କଳ ସଂଘ ହୀରକ ଜୟନ୍ତୀ

ରାଉରକେଲା ଅଫିସ,୨୪।୪
ସେକ୍ଟର–୭ସ୍ଥିତ ପ୍ରଗତି ଉତ୍କଳ ସଂଘର ହୀରକ ଜୟନ୍ତୀ ଆସନ୍ତା ୨୭ ତାରିଖରେ ପାଳନ କରାଯିବ। ସେହିପରି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ୨୮ରେ ଅନୁଷ୍ଠିତ ହେବ। ସେକ୍ଟର–୧୯ ସିଭିକ ସେଣ୍ଟରରେ ଦୁଇଦିନ ବ୍ୟାପୀ ଏହି କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ଅତିଥି ଯୋଗଦେବେ ବୋଲି ସଂଗଠନ ପକ୍ଷରୁ ସୂଚନା ଦିଆଯାଇଛି।


CLASSIFIED DISPLAY
MORE SPACE • SAME PRICE

TARIFF (GST 5%)

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

!!ଋଣ ଋଣ ଋଣ!!
ଗୁରୁ କୃପା ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୧,୦୦,୦୦୦-୯୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଗେ ଆସନ୍ତୁ ଆଗେ ପାଆନ୍ତୁ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍‌ଚର୍, ଭାଟି, ସମସ୍ତ ଋଣ ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
Toll Free
9115871031
Add. : T-51, Gali No. 8, Gautampuri, Delhi

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଇ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ମିଳିବ। ସୁଧ 1%
:ADDRESS:
C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167
9973805993

ଋଣ ଋଣ ଋଣ
ବିଏଫ୍‌ସି ଫାଇନାନ୍ସ
୧ରୁ ୫୦ ଲକ୍ଷର ଋଣ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବିଜ୍‌ନେସ୍, କୃଷି, ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା ପାଳନ, ଇଟା ଭାଟି, ଆଧାର କାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ଏବଂ ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
25 ବର୍ଷ ଧରି ଆପଣଙ୍କ ସେବାରେ
CAPITAL FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା
ମାର୍କଶିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
ସୁଧ 2% - ରିହାତି 40%
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
କାମ ଆମର - ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
9499437218
House No.2, Ram Nagar, Narnol, Haryana

BUSINESS BUSINESS

GOLD CASH
AN ISO 9001:2015 CERTIFIED PUBLIC LIMITED COMPANY
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Mysore, Karnataka 570001
Call or SMS Now
7895985440

ମହୁମାଛି ଚାଷ
ମହୁମାଛି ଚାଷ କରିବା ପାଇଁ ଆଗ୍ରହୀ ଫାର୍ମ ହାଉସ୍ ମାଲିକମାନଙ୍କ ପାଇଁ ଉଦ୍ଦିଷ୍ଟ, (ସରକାରୀ ପ୍ରୋତ୍ସାହନ ଉଦ୍ଦିଷ୍ଟ 40%)
ଯୋଗାଯୋଗ:
8763499150
OMM HONEY

BUSINESS
ଖାଲିଥିବା ଜମି ଓ ଛାତ ଉପରେ ୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ କଂପାନୀ ଆଦିତ୍ୟ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 60,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
Plot No - 14/271, Devaraja Mohalla, Bangalore, Karnataka 570001
7291069995
7834804457

ASTROLOGY ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

DHARITRI Career appointment Every Wednesday and Saturday


### ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



“ଭାଜପା ଭଳି କଂଗ୍ରେସ ମଧ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଧମକ ଦେବାରେ ବିଶ୍ୱାସ କରେ। ପୂର୍ବରୁ କଂଗ୍ରେସ ସହ ଆମେ ମେଣ୍ଟ କରିଥିଲୁ। କିନ୍ତୁ ପରେ ଜାଣିବାକୁ ପାଇଲୁ ଯେ ଏହାର ବହୁତ ଆତ୍ମଗର୍ବ ରହିଛି।

-ଅଖିଳେଶ ଯାଦବ, ଏସ୍‌ପି ଅଧକ୍ଷ

## ସଂକ୍ଷେପରେ

### ଖବରଦାତାଙ୍କୁ ‘ହଟିଯାଅ’ କହିଲେ କେରଳ ମୁଖ୍ୟମନ୍ତ୍ରୀ

**କୋଚି,୨୪।୪(ପି.ଟି.):** ରାଜ୍ୟରେ ଚାଲିଥିବା ଲୋକ ସଭା ନିର୍ବାଚନରେ ରେକର୍ଡ ଭୋଟହାରକୁ ନେଇ ଖବରଦାତାମାନେ କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନଙ୍କ ମତାମତ ଜାଣିବାକୁ ଚାହୁଁଥିଲାବେଳେ ସେ ଖୁବ୍ ଉତ୍ତେଜିତ ହୋଇପଡିଥିଲେ। ଦୂରେଇ ଯାଅ ବୋଲି ଖବରଦାତାମାନଙ୍କୁ ବିଜୟନ କହିଥିଲେ। ସରକାରୀ ଗେଷ୍ଟ ହାଉସ୍‌ରୁ ବାହାରୁଥିବାବେଳେ ମୁଖ୍ୟମନ୍ତ୍ରୀଙ୍କର ଏଭଳି ରୁକ୍ଷ ବ୍ୟବହାର ଦେଖିବାକୁ ମିଳିଥିଲା। କେରଳରେ ୭୭.୬୮ ପ୍ରତିଶତ ମତଦାନ ହୋଇଛି, ଯାହାକି ଗତ ୩୦ ବର୍ଷ ମଧ୍ୟରେ ସର୍ବାଧିକ। ୨୦ ଲୋକ ସଭା ଆସନ ବିଶିଷ୍ଟ କେରଳରେ ଭୋଟରଙ୍କ ସଂଖ୍ୟା ୨.୬୧ କୋଟି।

### ୨୬ରେ ମୋଦିଙ୍କ ନାମାଙ୍କନପତ୍ର ଦାଖଲ

**ନୂଆଦିଲ୍ଲୀ,୨୪।୪:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏପ୍ରିଲ ୨୬ ତାରିଖରେ ବାରାଣସୀ ଲୋକ ସଭା ଆସନ ଲାଗି ନାମାଙ୍କନପତ୍ର ଦାଖଲ କରିବେ। ତା ପୂର୍ବରୁ ଗୁରୁବାର ସେ ରୋଡ୍ ଶୋ କରିବା ସହ ଗଙ୍ଗା ଆରତିରେ ଯୋଗଦେବେ। ନାମାଙ୍କନପତ୍ର ଦାଖଲ ବେଳେ ହେବାକୁ ଥିବା ର୍‍ୟାଲିରେ ଶକ୍ତି ପ୍ରଦର୍ଶନ କରାଯିବ ଓ ଏଥିରେ ସହଯୋଗୀ ଶିବସେନା ନେତା ଉଦ୍ଧବ ଠାକରେ, ଜେଡିୟୁ ଅଧକ୍ଷ ନୀତୀଶ କୁମାର ପ୍ରମୁଖ ଯୋଗଦେବେ।

### ବାୟୋପିକ୍ ସହ ସମ୍ପର୍କ ନାହିଁ: ମମତା

**କୋଲକାତା,୨୪।୪ (ଆଇଏଏନ୍ଏସ୍):** କୌଣସି ବାୟୋପିକ୍ ସହ ତାଙ୍କର କିଛି ସମ୍ପର୍କ ନାହିଁ ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବୁଧବାର କହିଛନ୍ତି। ଏହାସହ ଯେଉଁମାନେ ଏନେଇ ପ୍ରଚାର କରୁଛନ୍ତି, ସେମାନଙ୍କ ବିରୋଧରେ ମାନହାନି ମାମଲା ଦାଏର କରିବାକୁ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା ଚେତାବନୀ ଦେଇଛନ୍ତି। ‘ବାଘିନୀ-ବେଙ୍ଗଲ ଟାଇଗ୍ରେସ୍’ ଶୀର୍ଷକ ବଙ୍ଗଳା ଫିଲ୍ମକୁ ନେଇ ବିବାଦ ଉଠିଛି। ଏଥିରେ ଜଣେ ସାଧାରଣ ଝିଅ ରାଜନୈତିକ ଶକ୍ତିଗୁଡ଼ିକ ବିରୋଧରେ ଲଢ଼େଇ କରି କିପରି ମୁଖ୍ୟମନ୍ତ୍ରୀ ହୋଇପାରିଛନ୍ତି, ସେନେଇ ଚିତ୍ରଣ କରାଯାଇଛି। ପଶ୍ଚିମବଙ୍ଗରେ ବାମପନ୍ଥୀଙ୍କ ୩୦ ବର୍ଷର ଶାସନର ଅନ୍ତ ଘଟାଇ ମମତା ୨୦୧୧ରେ କ୍ଷମତାସୀନ ହେବା ସହ ଏହି ଫିଲ୍ମର ଅନେକ ସାମଞ୍ଜସ୍ୟ ରହିଛି। ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କ ବାୟୋପିକ୍ ‘ପିଏମ୍ ନରେନ୍ଦ୍ର ମୋଦି’ କ୍ଷେତ୍ରରେ ନିର୍ବାଚନ କମିଶନ (ଇସି) ଯେପରି ଆଭିମୁଖ୍ୟ ଗ୍ରହଣ କରିଛନ୍ତି, ମମତାଙ୍କ ବାୟୋପିକ୍ କ୍ଷେତ୍ରରେ ମଧ ସେପରି କରାଯାଉ ବୋଲି ରାଜ୍ୟ ଭାଜପା ଦାବି କରିଛି। ଏହାକୁ ନେଇ ପଶ୍ଚିମବଙ୍ଗ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କଠାରୁ ରିପୋର୍ଟ ପାଇବା ପରେ ଇସି ବୁଧବାର କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ୩ଟି ୱେବ୍‌ସାଇଟ୍‌ରୁ ଉକ୍ତ ଫିଲ୍ମର ଟ୍ରେଲର୍ ହଟାଇବା ପାଇଁ ଇସି ନିର୍ଦ୍ଦେଶ ଦେଇଛନ୍ତି। ରୁମା ଚକ୍ରବର୍ତ୍ତୀଙ୍କ ଅଭିନୀତ ଏହି ଫିଲ୍ମର ଟ୍ରେଲର ଗତ ୧୩ ତାରିଖରେ ରିଲିଜ୍ ହୋଇଥିଲା।

## ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ: ମଇଦାନରେ ୯୪୩ ପ୍ରାର୍ଥୀ

# ୨୧୦ ପ୍ରାର୍ଥୀଙ୍କ ନାଁରେ ଆପରାଧିକ ମାମଲା

**ନୂଆଦିଲ୍ଲୀ,୨୪।୪(ଆଇଏଏନ୍ଏସ୍)**

ଚତୁର୍ଥ ପର୍ଯ୍ୟାୟ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କ ମଧ୍ୟରୁ ୨୧୦ ଜଣଙ୍କ ବିରୋଧରେ ଆପରାଧିକ ମାମଲା ରହିଛି। ସେମାନଙ୍କ ମଧ୍ୟରୁ ୧୫୮ ଜଣଙ୍କ ନାମରେ ସଙ୍ଗିନ ମାମଲା ରହିଥିବାବେଳେ ୧୨ ଜଣ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ନାମାଙ୍କନପତ୍ର ଦାଖଲ ବେଳେ ପ୍ରାର୍ଥୀମାନେ ଦେଇଥିବା ସତ୍ୟପାଠଗୁଡ଼ିକୁ ନ୍ୟାଶନାଲ ଇଲେକ୍ସନ ୱାଚ୍ ଏବଂ ଆସୋସିଏଶନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମସ୍ (ଏଡିଆର୍) ପକ୍ଷରୁ ଅନୁଧ୍ୟାନ କରାଯାଇ ଏହା ପ୍ରକାଶ କରାଯାଇଛି। ୯ ରାଜ୍ୟର ୭୧ ଆସନ ପାଇଁ ଚତୁର୍ଥ ପର୍ଯ୍ୟାୟ ଭୋଟଗ୍ରହଣ ଏପ୍ରିଲ ୨୯ରେ ହେବ। ସେହି ଆସନଗୁଡ଼ିକ ହେଲା ବିହାର (୫), ଜମ୍ମୁ ଓ କଶ୍ମୀର (୧), ଝାଡ଼ଖଣ୍ଡ (୩), ମଧ୍ୟପ୍ରଦେଶ (୬), ମହାରାଷ୍ଟ୍ର (୧୭), ଓଡ଼ିଶା (୬), ରାଜସ୍ଥାନ (୧୪), ୟୁପି (୧୩) ଏବଂ ପଶ୍ଚିମବଙ୍ଗ (୮)। ଏହି ଆସନଗୁଡ଼ିକରେ ୯୪୩ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେମାନଙ୍କ ମଧ୍ୟରୁ ୯୨୮ ଜଣଙ୍କ ସତ୍ୟପାଠକୁ ଏଡିଆର୍ ବିଶ୍ଳେଷଣ କରିଛି। ଅନ୍ୟ ୧୫ ପ୍ରାର୍ଥୀ ନିଜର ସମ୍ପୂର୍ଣ୍ଣ ସତ୍ୟପାଠ ଏବଂ ଉପଯୁକ୍ତ ଦସ୍ତାବିଜର ନକଲ ଦାଖଲ କରି ନ ଥିବାରୁ ସେମାନଙ୍କ ସମ୍ପର୍କରେ ତଥ୍ୟ ହସ୍ତଗତ ହୋଇନାହିଁ। ତେବେ ଉପରୋକ୍ତ ସତ୍ୟପାଠଗୁଡ଼ିକରୁ ସ୍ପଷ୍ଟ ହୋଇଛି ଯେ, ୪ ପ୍ରାର୍ଥୀ ସେମାନଙ୍କ ବିରୋଧରେ ହତ୍ୟା ମାମଲା ବିଚାରାଧୀନ ଥିବା ମାନିଛନ୍ତି। ସେହିପରି ୨୪ ପ୍ରାର୍ଥୀ ନିଜ ବିରୋଧରେ ହତ୍ୟା ଉଦ୍ୟମ ମାମଲା ରହିଥିବା କହିଛନ୍ତି। ୪ ପ୍ରାର୍ଥୀଙ୍କ ବିରୋଧରେ ଅପହରଣ, ୨୧ ଜଣଙ୍କ ବିରୋଧରେ ମହିଳା ବିରୋଧୀ ହିଂସା ଏବଂ ୧୬ ପ୍ରାର୍ଥୀଙ୍କ ନାମରେ ଘୃଣା ମନ୍ତବ୍ୟ ନେଇ ମାମଲା ରୁଜୁ ହୋଇଛି। ଦଳଗୁଡ଼ିକ ମଧ୍ୟରେ ଦେଖିଲେ ଚତୁର୍ଥ ପର୍ଯ୍ୟାୟରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଭାଜପାର ୫୭ ପ୍ରାର୍ଥୀଙ୍କ ମଧ୍ୟରୁ ୨୫ ଜଣ ନିଜ ବିରୋଧରେ ଆପରାଧିକ ମାମଲା ଚାଲିଥିବା ସତ୍ୟପାଠରେ ଘୋଷଣା କରିଛନ୍ତି। ସେହିପରି କଂଗ୍ରେସର ୫୭ରୁ ୧୮, ବହୁଜନ ସମାଜ ପାର୍ଟି (ବିଏସ୍‌ପି)ର ୫୪ରୁ ୧୧, ଶିବସେନାର ୨୧ରୁ ୧୨ ଏବଂ ସ୍ୱାଧୀନ ଭାବେ ଲଢ଼ୁଥିବା ୩୪୫ ପ୍ରାର୍ଥୀଙ୍କ ମଧ୍ୟରୁ ୬୦ ଜଣଙ୍କ ବିରୋଧରେ ଆପରାଧିକ ମାମଲା ରହିଛି। ପ୍ରମୁଖ ଦଳଗୁଡ଼ିକ ମଧ୍ୟରେ ଭାଜପାର ୨୦ ପ୍ରାର୍ଥୀଙ୍କ ବିରୋଧରେ ସଙ୍ଗିନ ଆପରାଧିକ ମାମଲା ବିଚାରାଧୀନ ଅଛି। ସେହିପରି କଂଗ୍ରେସର ୯, ବିଏସ୍‌ପିର ୧୦, ଶିବସେନାର ୯ ଏବଂ ୪୫ ସ୍ୱାଧୀନ ପ୍ରାର୍ଥୀଙ୍କ ବିରୋଧରେ ଏଭଳି ମାମଲା ଚାଲିଛି ବୋଲି ଏଡିଆର୍ ପକ୍ଷରୁ କୁହାଯାଇଛି। ୭୧ ଲୋକ ସଭା ଆସନ ମଧ୍ୟରୁ ୩୭ଟି ଏପରି ଆସନ ରହିଛି, ଯେଉଁଠି ୩ କିମ୍ବା ତଦୂର୍ଦ୍ଧ୍ୱ ପ୍ରାର୍ଥୀଙ୍କ ବିରୋଧରେ ଆପରାଧିକ ମାମଲା ବିଭିନ୍ନ କୋର୍ଟରେ ବିଚାରାଧୀନ ଅଛି।



କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଉତ୍ତରପ୍ରଦେଶର ଫତେପୁରରେ ପ୍ରଚାର ବେଳେ ସମର୍ଥକଙ୍କୁ ଭେଟୁଛନ୍ତି।

## ‘ମୋଦି ପ୍ରଧାନ ପ୍ରଚାର ମନ୍ତ୍ରୀ’

**ବନ୍ଦା(ୟୁପି),୨୪।୪(ପିଟି)**

କଂଗ୍ରେସ ନେତା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ‘ପ୍ରଧାନ ପ୍ରଚାର ମନ୍ତ୍ରୀ’ ଭାବେ ଅଭିହିତ କରିବା ସହ ଉତ୍ତରପ୍ରଦେଶର ବନ୍ଦାରେ ଭାଜପା ରାସ୍ତା ସଫାକରିବା ପାଇଁ ପାନୀୟ ଜଳ ନଷ୍ଟ କରୁଛି ବୋଲି ସମାଲୋଚନା କରିଛନ୍ତି।

ବୁନ୍ଦେଲଖଣ୍ଡ ଅଞ୍ଚଳରେ ପ୍ରଚାରବେଳେ ଉତ୍ତରପ୍ରଦେଶ ପୂର୍ବ ଦାୟିତ୍ୱରେ ଥିବା କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରିବା ପାଇଁ ପାନୀୟ ଜଳରେ ରାସ୍ତା ସଫା କରାଯାଉଛି। ଏହା ଏଭଳି ସମୟରେ କରାଯାଉଛି ଯେତେବେଳେ ସମଗ୍ର ବୁନ୍ଦେଲଖଣ୍ଡର ମହିଳା ଓ ପୁରୁଷ, ସ୍କୁଲ ଯାଉଥିବା ଛାତ୍ରଛାତ୍ର, ଫସଲ, ପଶୁପକ୍ଷୀ ଭୀଷଣ ଜଳାଭାବର ସମ୍ମୁଖୀନ ହେଉଛନ୍ତି। ପରେ, ‘ସେ ଦିଲ୍ଲୀରୁ ଆସୁଥିବା ଜଣେ ଚୌକିଦାର ନା ସମ୍ରାଟ’ ବୋଲି ଟୁଇଟରରେ ପ୍ରିୟଙ୍କା ପ୍ରଶ୍ନ କରିଥିଲେ। ପ୍ରକାଶ ଯେ, ପ୍ରଧାନମନ୍ତ୍ରୀ ମୋଦି ଏହି ଅଞ୍ଚଳକୁ ଗୁରୁବାର ଭାଜପାର ନିର୍ବାଚନ ପ୍ରଚାର ପାଇଁ ଯିବେ।

## ହାତ ଧରିଲେ ଉଦିତ୍ ରାଜ

**ନୂଆଦିଲ୍ଲୀ,୨୪।୪(ପି.ଟି.)**

### ଭାଜପାକୁ କହିଲେ ଦଳିତ ବିରୋଧୀ

ଭାଜପା ଟିକେଟରୁ ବଞ୍ଚିତ ହେବା ପରେ ଉତ୍ତର-ପଶ୍ଚିମ ଦିଲ୍ଲୀ ଏମ୍‌ପି ଉଦିତ୍ ରାଜ ଗୈରିକ ଦଳ ଛାଡ଼ି କଂଗ୍ରେସରେ ସାମିଲ ହୋଇଛନ୍ତି। ଏହି ଅବସରରେ ସେ ଭାଜପାକୁ ଦଳିତ ବିରୋଧୀ ବୋଲି ଅଭିହିତ କରିଛନ୍ତି।

ଉଦିତ୍ ରାଜ ବୁଧବାର ସକାଳେ କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀଙ୍କୁ ସାକ୍ଷାତ କରିଛନ୍ତି। ଏହି ଅବସରରେ ଏକ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ଭାଜପା ଦଳିତ ଭୋଟ ଚାହେଁ। କିନ୍ତୁ ଜଣେ ସ୍ପଷ୍ଟବାଦୀ ଦଳିତ ନେତାଙ୍କୁ ଚାହେଁ ନାହିଁ। ଭାଜପା ଜଣେ ମୂକ ଓ ବଧିର ଦଳିତ ନେତାଙ୍କୁ ଚାହୁଁଥିଲା। ତଫସିଲଭୁକ୍ତ ଜାତି (ଏସ୍‌ସି) ବର୍ଗର ଲୋକଙ୍କ ସହ ଜଡ଼ିତ ପ୍ରସଙ୍ଗଗୁଡ଼ିକ ଉପରେ ସେ ଚୁପ୍ ବସିପାରିଲେ ନାହିଁ ବୋଲି ଭାଜପା ସହ ତାଙ୍କର ମେଳ ଖାଇଲାନାହିଁ। ଏଥିଲାଗି ବହୁଦିନ ହେଲା ସେ କଂଗ୍ରେସରେ ଯୋଗଦେବାକୁ ଚାହୁଁଥିଲେ। ରାହୁଲ ମଧ ଏହା ଜାଣିଛନ୍ତି। ଉତ୍ତର-ପଶ୍ଚିମ ଦିଲ୍ଲୀରୁ ଭାଜପା ତାଙ୍କୁ ଟିକେଟ ଦେଇଥିଲେ ସେ ଦଳ ଛାଡ଼ି ନ ଥାନ୍ତେ। ଅନ୍ୟପକ୍ଷରେ ଉଦିତ୍ ରାଜ କଂଗ୍ରେସରେ ସାମିଲ ହେବା ପରେ ଭାଜପାର ସୋସିଆଲ ମିଡିଆ ଏବଂ ଆଇଟି ସେଲ୍ ଇନ୍‌ଚାର୍ଜ ସାମାଜିକ ଗଣମାଧ୍ୟମ ଗ୍ରୁପ୍‌ରୁ ତାଙ୍କ ନାମ ହଟାଇଦେଇଛି। ପ୍ରକାଶ ଯେ, ଏହି ଆସନରୁ ଭାଜପା ମଙ୍ଗଳବାର ପଞ୍ଜାବୀ ସୁଫି ଗାୟକ ହଂସରାଜ ହଂସଙ୍କୁ ଟିକେଟ ଦେଇଛି। ସେ ମଙ୍ଗଳବାର ନାମାଙ୍କନପତ୍ର ଦାଖଲ କରିଛନ୍ତି।



କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀଙ୍କ ସହ ଉଦିତ୍ ରାଜ।

## ପ୍ରଜ୍ଞାଙ୍କୁ ମିଳିବ ‘ଜେଡ୍ ପ୍ଲସ୍’ ସୁରକ୍ଷା

**ଭୋପାଳ,୨୪।୪ (ଆଇଏଏନ୍ଏସ୍)**

ଭୋପାଳ ଲୋକ ସଭା ଆସନର ଭାଜପା ପ୍ରାର୍ଥୀ ସାଧ୍ୱୀ ପ୍ରଜ୍ଞା ସିଂ ଠାକୁରଙ୍କୁ ଜେଡ୍ ପ୍ଲସ୍ ସୁରକ୍ଷା ମିଳିପାରେ। ପ୍ରଜ୍ଞା ମଙ୍ଗଳବାର ନାମାଙ୍କନପତ୍ର ଦାଖଲ କରିବାବେଳେ ଜଣେ ବ୍ୟକ୍ତି କଳାପତାକା ଧରି ତାଙ୍କୁ ବିରୋଧ କରିଥିଲେ। ଏହା ପରେ ପ୍ରଜ୍ଞାଙ୍କ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଛି। ଏହି ଆସନରେ କଂଗ୍ରେସ ନେତା ଦିଗ୍‌ବିଜୟ ସିଂ ଓ ପ୍ରଜ୍ଞାଙ୍କ ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ହେଉଛି। ପ୍ରଜ୍ଞାଙ୍କୁ ନିର୍ବାଚନ ଲଢ଼ିବାର ସୁଯୋଗ ନ ଦେବା ପାଇଁ ଏନ୍ଆଇଏର ଏକ ସ୍ୱତନ୍ତ୍ର କୋର୍ଟରେ ୨୦୦୮ ମାଲେଗାଁଓ ବିସ୍ଫୋରଣର ଜଣେ ପୀଡ଼ିତଙ୍କ ବାପା ପିଟିଶନ ଦାଏର କରିଥିଲେ, ଯାହା ଖାରଜ ହୋଇଯାଇଛି।

## ଲୋକପ୍ରିୟତାରେ ରାହୁଲ ପଛୁଆ

**ନୂଆଦିଲ୍ଲୀ,୨୪।୪(ଆଇଏଏନ୍ଏସ୍)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତା ଅପରିବର୍ତ୍ତିତ ରହିଛି। ପ୍ରଧାନମନ୍ତ୍ରୀ ହେବା ପାଇଁ ମୋଦି ଏବେ ମଧ ଦେଶର ମତଦାତାଙ୍କ ପ୍ରଥମ ପସନ୍ଦ। ଏହି କ୍ଷେତ୍ରରେ ସେ କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀଙ୍କଠାରୁ ଢେର ଆଗରେ ରହିଛନ୍ତି ବୋଲି ସିଭୋଟର-ଆଇଏଏନ୍ଏସ୍ ପକ୍ଷରୁ କରାଯାଇଥିବା ସଦ୍ୟ ସର୍ଭେରୁ ଜଣାପଡ଼ିଛି। ଏପ୍ରିଲ ୨୦ରେ କରାଯାଇଥିବା ସର୍ବେକ୍ଷଣରୁ ସ୍ପଷ୍ଟ ହୋଇଛି ଯେ, ମୋଦି ୩୫ ପଏଣ୍ଟ ପାଇଁ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଭାବେ ଆଗରେ ରହିଛନ୍ତି। ମୋଦିଙ୍କୁ ୫୬.୪୩% ଭୋଟର ପସନ୍ଦ କରୁଥିବାବେଳେ ରାହୁଲଙ୍କ ସପକ୍ଷରେ ୨୨% ମତଦାତା ଅଛନ୍ତି।



ଉତ୍ତର କୋରିଆ ଶାସକ କିମ୍ ଜଙ୍ଗ୍ ଉନ୍ ପ୍ରଥମଥର ପାଇଁ ରୁଷିଆ ଗସ୍ତ କରିଛନ୍ତି। କଡ଼ା ସୁରକ୍ଷା ବଳୟ ମଧ୍ୟରେ ସେ ବୁଧବାର ଭ୍ଲାଡିଭୋଷ୍ଟକ୍‌ରେ ପହଞ୍ଚିଥିବାବେଳେ ରୁଷିଆର ସୁରକ୍ଷା ବଳ ତାଙ୍କୁ ଭବ୍ୟ ସ୍ୱାଗତ କରୁଛନ୍ତି।

## ବନ୍ୟା, ଭୂସ୍ଖଳନରେ ୬୦ ମୃତ

**ଡର୍ବାନ ୨୪।୪**

ଦକ୍ଷିଣ ଆଫ୍ରିକାରେ ବନ୍ୟା ଓ ଭୂସ୍ଖଳନ ଯୋଗୁଁ ୬୦ଜଣ ବ୍ୟକ୍ତିଙ୍କ ପ୍ରାଣହାନି ଘଟିଥିବା ଜଣାପଡିଛି। କେତେକ ଶିଶୁ ନିଖୋଜ ହୋଇଯାଇ ଥିଲାବେଳେ ଅନେକ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ପ୍ରବଳ ବର୍ଷାଜନିତ ବନ୍ୟା ଯୋଗୁଁ ଅନେକ ଲୋକ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଛି। ମୃତକଙ୍କ ମଧ୍ୟରେ ଜଣେ ୬ ମାସର ଶିଶୁ ଓ ୧୦ ବର୍ଷର ନାବାଳକ ସାମିଲ ଥିବା ମନ୍ତ୍ରୀନୋମୁସା ଡୁବେ କୁବେ ପ୍ରକାଶ କରିଛନ୍ତି। ଡର୍ବାନରେ ୧୦ ଶିଶୁ ନିଖୋଜ ହୋଇଯାଇ ଥିଲାବେଳେ ୪୨ ଜଣ ଆହତ ହୋଇଛନ୍ତି। ଏଠାରେ ଥିବା ଏକ ହିନ୍ଦୁ ମନ୍ଦିରରେ ୧୦ ଫୁଟ ଉଚ୍ଚର ପାଣି ପଶିଯାଇଥିବା ପ୍ରକାଶ। ମାଟି ଧସି ଓ କାନ୍ଥ ପଡି ଅନେକ ଲୋକ ପ୍ରାଣ ହରାଇଛନ୍ତି। ବନ୍ୟାଜଳରେ ରାସ୍ତାଘାଟ ବୁଡି କେତେକ ପୋଲ ଭାଙ୍ଗି ଯାଇଥିବା ଜଣାପଡିଛି। ଉଦ୍ଧାର ଓ ଥଇଥାନ ଲାଗି ସେନାକୁ ବିଭିନ୍ନ ସ୍ଥାନରେ ମୁତୟନ କରାଯାଇଥିବା ଜଣାପଡିଛି। ପ୍ରଭାବିତଙ୍କୁ ରିଲିଫ ଓ ଖାଦ୍ୟ ପୁଡିଆ ସରକାର ପ୍ରଦାନ କରିଛନ୍ତି। ଦକ୍ଷିଣ ଆଫ୍ରିକା ପାଣିପାଗ ବିଭାଗ ବୁଧବାର ପର୍ଯ୍ୟନ୍ତ ବର୍ଷା ଲାଗିରହିବ ବୋଲି ପୂର୍ବାନୁମାନ କରିଛି।



## ବେଆଇନ ଗ୍ରାନାଇଟ୍ ଖନନ ମାମଲା

# ୪୦ କୋଟିର ସମ୍ପତ୍ତି ବାଜ୍ୟାପ୍ତ

**ନୂଆଦିଲ୍ଲୀ,୨୪।୪(ପି.ଟି.)**

### ଆଲାଗିରିଙ୍କ ପୁଅ ବିରୋଧରେ ଇଡି କାର୍ଯ୍ୟାନୁଷ୍ଠାନ

ବେଆଇନ ଗ୍ରାନାଇଟ୍ ଖନନ ମାମଲାରେ ନିଲମ୍ବିତ ଡିଏମ୍‌କେ ନେତା ଏମ୍.କେ. ଆଲାଗିରିଙ୍କ ପୁଅ ଆଲାଗିରି ଦୟାନିଧିଙ୍କ ଘରେ ବୁଧବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଚଢ଼ାଉ କରାଯାଇଛି। ଇଡି ଅଧିକାରୀମାନେ ମନିଲଣ୍ଡରିଂ ଆଇନ ବଳରେ ତାଙ୍କର ୨୫ଟି ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ବାଜ୍ୟାପ୍ତ କରିଛନ୍ତି, ଯାହାର ମୂଲ୍ୟ ୪୦.୩୪ କୋଟି ଟଙ୍କା ହେବ। ଅଲିମ୍ପସ୍ ଗ୍ରାନାଇଟ୍ସ ପ୍ରାଇଭେଟ ଲିମିଟେଡ୍ ନାମରେ ଥିବା ମଦୁରାଇ ଓ ଚେନ୍ନାଇର କୋଠାକୁ ବାଜ୍ୟାପ୍ତ କରିବା ସହ କେତେକ ବ୍ୟାଙ୍କରେ ଥିବା ଫିକ୍ସଡ୍ ଡିପୋଜିଟକୁ ମଧ ଜବତ କରାଯାଇଛି। ଇଡି ପକ୍ଷରୁ କୁହାଯାଇଛି ଯେ, କମ୍ପାନୀର ଅଂଶୀଦାର ଏସ୍. ନାଗରାଜନ୍ ଓ ଆଲାଗିରି ଦୟାନିଧିଙ୍କ ସମେତ ଅନ୍ୟ ଅଭିଯୁକ୍ତମାନେ ଆପରାଧିକ ଷଡ଼ଯନ୍ତ୍ର କରି ତାମିନ୍ ଲିଜ୍ ଜମିରେ ବେଆଇନ ଭାବେ ଗ୍ରାନାଇଟ୍ ଖନନ କରିଥିଲେ। ଏଥିଯୋଗୁ ସରକାରୀ ରାଜକୋଷକୁ କ୍ଷତି ସହିବାକୁ ପଡ଼ିଥିବାବେଳେ ସେମାନେ ନିଜେ ଲାଭବାନ ହୋଇଥିଲେ। ତାମିଲନାଡୁ ପୋଲିସ ଏନେଇ ତଦନ୍ତ କରି କମ୍ପାନୀ, ଏହାର ପ୍ରମୋଟର, ନିର୍ଦ୍ଦେଶକ ଓ ଅନ୍ୟ କେତେଜଣ ବ୍ୟକ୍ତିଙ୍କ ବିରୋଧରେ ଏଫ୍ଆଇଆର୍ ଦାଏର କରିଥିଲା।

### ଇତିହାସର ଆଇନାରେ: ଏପ୍ରିଲ ୨୫ର ପ୍ରମୁଖ ଘଟଣା

୧୯୮୮ ଏପ୍ରିଲ ୨୫ରେ ସୋଭିଏଟ୍ ରେଡ ଆର୍ମିର ପୂର୍ବତନ ସୈନିକ ଜନ୍ ଡେମଜାଞ୍ଜୁକ୍‌ଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦିଆଯାଇଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ତାଙ୍କ ବିରୋଧରେ ଯୁଦ୍ଧ ଅପରାଧ ଅଭିଯୋଗ ହୋଇଥିଲା।

୨୦୧୫ ଏପ୍ରିଲ୍ ୨୫ରେ ନେପାଳରେ ୭.୮ ତୀବ୍ରତାର ଭୂମିକମ୍ପ ଅନୁଭୂତ ହୋଇଥିଲା। ଏଥିରେ ୯୧୦୦ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ପାଖାପାଖି ୨୨୦୦୦ ଆହତ ହୋଇଥିଲେ।

## ଶ୍ରୀଲଙ୍କାରୁ ଫେରିଲା ୯ ଭାରତୀୟଙ୍କ ମୃତଦେହ

# ବିସ୍ଫୋରଣରେ ସାମିଲ ଥିଲେ ୯ ଆତ୍ମଘାତୀ

**କଲମ୍ବୋ୨୪।୪(ପି.ଟି)**

ଶ୍ରୀଲଙ୍କାର ଇଷ୍ଟର ସଣ୍ଡେ ବିସ୍ଫୋରଣରେ ଜଣେ ମହିଳାଙ୍କ ସମେତ ୯ ଆତ୍ମଘାତୀ ସାମିଲ ଥିଲେ ବୋଲି ଜଣାପଡ଼ିଛି। ଏହି ଘଟଣାରେ ଏପର୍ଯ୍ୟନ୍ତ ୬୦ ସନ୍ଦିଗ୍ଧଙ୍କୁ ଗିରଫ କରାଯାଇ ସାରିଲାଣି। ଶେଷ ସୂଚନା ସୁଦ୍ଧା ବିସ୍ଫୋରଣ ମୃତ୍ୟୁସଂଖ୍ୟା ୩୫୯ରେ ପହଞ୍ଚିଥିବାବେଳେ ଆତ୍ମଘାତୀମାନେ ସ୍ଥାନୀୟ ଇସ୍‌ଲାମିକ କଟ୍ଟରପନ୍ଥୀ ଗୋଷ୍ଠୀର ବୋଲି ଜଣେ ବରିଷ୍ଠ ପୋଲିସ ଅଧିକାରୀ ବୁଧବାର ସ୍ପଷ୍ଟ କରିଛନ୍ତି।

ବିସ୍ଫୋରଣ ଲାଗି ଶ୍ରୀଲଙ୍କା ସରକାର ନ୍ୟାଶନାଲ ଥୋୱିଦ ଜମାତ(ଏନ୍‌ଟିଜେ)କୁ ଦାୟୀ କରିଥିଲାବେଳେ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍) ନିଜକୁ ଦାୟୀ କରିସାରିଛି। ବିସ୍ଫୋରଣକାରୀଙ୍କ ବିଦେଶୀ ଲିଙ୍କ୍ ନେଇ ଏପର୍ଯ୍ୟନ୍ତ କୌଣସି ତଥ୍ୟ ହସ୍ତଗତ ହୋଇ ନ ଥିବା ଶ୍ରୀଲଙ୍କା ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ରୁୱାନ ୱିଜେୱର୍ଦ୍ଧନା ପ୍ରକାଶ କରିଛନ୍ତି। ୯ ଆତ୍ମଘାତୀଙ୍କ ମଧ୍ୟରୁ ୮ ଜଣଙ୍କୁ ସିଆଇଡି ପକ୍ଷରୁ ଚିହ୍ନଟ କରାଯାଇଛି ବୋଲି ପୋଲିସ ମୁଖପାତ୍ର ରୁୱାନ ଗୁଣଶେଖର କହିଛନ୍ତି। ଆତ୍ମଘାତୀମାନେ ଉଚ୍ଚଶିକ୍ଷିତ ଓ ୟୁକେରେ ପାଠ ପଢିଥିବା ୱିଜେୱର୍ଦ୍ଧନା କହିଛନ୍ତି।

ଅନ୍ୟପକ୍ଷରେ ଶ୍ରୀଲଙ୍କା ବିସ୍ଫୋରଣରେ ନିହତ ମୋଟ ୩୫୯ ଜଣଙ୍କ ମଧ୍ୟରେ ୧୦ ଜଣ ଭାରତୀୟ ଥିଲାବେଳେ ସେମାନଙ୍କ ମଧ୍ୟରୁ ବୁଧବାର ୯ ଜଣଙ୍କ ମରଶରୀର ସ୍ୱଦେଶ ଫେରିଛି। ଭାରତୀୟ ହାଇକମିଶନଙ୍କ ପକ୍ଷରୁ ସେମାନଙ୍କ ବିସ୍ତୃତ ବିବରଣୀ ପ୍ରଦାନ କରାଯାଇଛି। ସେମାନେ ହେଲେ ଏସ.ଆର. ନାଗରାଜ, ଏଚ. ଶିବକୁମାର, କେ.ଜି. ହନୁମନ୍ତରାୟାପ୍ପା, କେ.ଏମ. ଲକ୍ଷ୍ମୀନାରାୟଣ, ଏମ.ରଙ୍ଗପ୍ପା, ,ଭି. ତୁଳସୀରାମ, ଏମ. ମରେଗୌଡା, ଏଚ.ପୁଟ୍ଟାରାଜୁ ଓ ଆର.ଲକ୍ଷ୍ମଣ ଗୌଡା। ସେମାନଙ୍କ ମରଶରୀରକୁ ୪ଟି ଅଲଗା ଅଲଗା ବିମାନରେ ବେଙ୍ଗାଲୁରୁ ଓ ହାଇଦ୍ରାବାଦ ଅଣାଯାଇଛି।



ଶ୍ରୀଲଙ୍କା ବିସ୍ଫୋରଣରେ ନିହତ ହୋଇଥିବା କେ.ଜି. ହନୁମନ୍ତରାୟାପ୍ପାଙ୍କ ମୃତଦେହ ବେଙ୍ଗାଲୁରୁ ଫେରିବା ପରେ ଶେଷକୃତ୍ୟ ସମ୍ପନ୍ନ ପାଇଁ ନିଆଯାଉଛି।

### ପୂର୍ବରୁ ସତର୍କ କରାଇଥିଲା ଭାରତ

**ନୂଆଦିଲ୍ଲୀ,୨୪।୪:** ଶ୍ରୀଲଙ୍କାରେ ଆତ୍ମଘାତୀ ବିସ୍ଫୋରଣ ହୋଇପାରେ ବୋଲି ଭାରତ ୧୭ ଦିନ ପୂର୍ବରୁ ସତର୍କ ସୂଚନା ଦେଇଥିଲା। ନୂଆଦିଲ୍ଲୀ ଥରେ ନୁହେଁ ତିନି ଥର ଶ୍ରୀଲଙ୍କାକୁ ଆଗୁଆ ଜଣାଇଥିଲା ବୋଲି ଜଣେ ବରିଷ୍ଠ ଗୋଇନ୍ଦା ଅଧିକାରୀ କହିଛନ୍ତି। ପ୍ରଥମ ସତର୍କ ସୂଚନା ଏପ୍ରିଲ ୪ରେ ଦିଆଯାଇଥିବାବେଳେ ତୃତୀୟ ସୂଚନା ବିସ୍ଫୋରଣ ଦିନ ଦିଆଯାଇଥିଲା। ଏନ୍ଆଇଏ ଆଇଏସ୍‌ର କୋଏମ୍ବାଟୁର ମଡ୍ୟୁଲ ଉପରେ ତଦନ୍ତ ଚଳାଇଥିବାବେଳେ ଏନ୍‌ଟିଜେ ନେତା ମୌଲଭି ଜାହରାନ ବିନ୍ ହଶିମଙ୍କ ଭିଡିଓ ସମ୍ପର୍କରେ ଜାଣିବାକୁ ପାଇଥିଲା। ଶ୍ରୀଲଙ୍କାର କେତେକ ଚର୍ଚ୍ଚ ସମେତ କଲମ୍ବୋରେ ଥିବା ଭାରତୀୟ ଉଚ୍ଚାୟୁକ୍ତଙ୍କ କାର୍ଯ୍ୟାଳୟକୁ ଟାର୍ଗେଟ କରାଯାଇପାରେ ବୋଲି ନୂଆଦିଲ୍ଲୀ ଜଣାଇଥିଲା।

### ଶ୍ରୀଲଙ୍କା ପ୍ରତିରକ୍ଷା ସଚିବଙ୍କୁ ଇସ୍ତଫା ନିର୍ଦ୍ଦେଶ

**ନୂଆଦିଲ୍ଲୀ,୨୪।୪(ପି.ଟି.):** ଗୋଇନ୍ଦା ସୂଚନା ସତ୍ତ୍ୱେ ଶ୍ରୀଲଙ୍କାରେ ଭୟାବହ ବିସ୍ଫୋରଣକୁ ରୋକିବାରେ ବିଫଳ ହୋଇଥିବା ପ୍ରତିରକ୍ଷା ସଚିବ ହେମାସିରି ଫର୍ଣ୍ଣାଣ୍ଡୋ ଏବଂ ପୋଲିସ ମୁଖ୍ୟ ପୁଜିଥ୍ ଜୟସୁନ୍ଦରଙ୍କୁ ଇସ୍ତଫା ଦେବା ଲାଗି ରାଷ୍ଟ୍ରପତି ମୈତ୍ରୀପାଲ୍ ସିରିସେନା ନିର୍ଦ୍ଦେଶ ଦେଇଛନ୍ତି। ଇଷ୍ଟର ରବିବାର ବିସ୍ଫୋରଣ ପରେ ପ୍ରଥମ ଥର ପାଇଁ ଦେଶବାସୀଙ୍କୁ ଉଦ୍‌ବୋଧନ ଦେଇ ରାଷ୍ଟ୍ରପତି ୨୪ ଘଣ୍ଟା ମଧ୍ୟରେ ସୁରକ୍ଷା ବିଭାଗର ଶୀର୍ଷ ପଦବୀରେ ପରିବର୍ତ୍ତନ କରିବେ ବୋଲି କହିଥିଲେ। ପୂର୍ବତନ ସେନା କମାଣ୍ଡର ଦୟା ରତ୍ନାୟକେଙ୍କୁ ପ୍ରତିରକ୍ଷା ସଚିବ କରିବା ଲାଗି ସରକାର ବିଚାର କରୁଛନ୍ତି। ବିସ୍ଫୋରଣ ପାଇଁ ଆଇଏସ୍ ନିଜକୁ ଦାୟୀ କରିଛି।



ତୃଷାର୍ତ୍ତ ଲୋକେ ନଦୀ ପାଣି ପିଇଲେ ଯେପରି ପାଣି ଶୁଖେ ନାହିଁ,
ସେହିପରି ଦାନ ଦ୍ୱାରା କେବେହେଲେ ଧନର କ୍ଷୟ ଘଟି ନ ଥାଏ।
- ସନ୍ଥ କବୀର ଦାସ



## ସଂକ୍ଷେପରେ

### ବିଜେଡିର ମିଶ୍ରଣ ସଭା

ଖଇରା,୨୪।୪(ଡି.ଏନ.ଏ.): ରାଜ୍ୟ ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ସୁଶାନ୍ତ ସିଂ ଓ ବିଜେଡି ବିଧାୟକ ପ୍ରାର୍ଥୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ଉପସ୍ଥିତିରେ ବୁଧବାର ଏକ ମିଶ୍ରଣ ସଭା ଅନୁଷ୍ଠିତ ହୋଇଥିଲା। ବାଲେଶ୍ୱର ଜିଲା ଖଇରା ବ୍ଲକ ରତିଣା ପଞ୍ଚାୟତର ବିଭିନ୍ନ ଦଳର କର୍ମୀ ବିଜେଡିରେ ଯୋଗ ଦେଇଥିଲେ। ଏହି ପଞ୍ଚାୟତର ସାନନ୍ଦ କୁମାର ମୁଣ୍ଡିଆ, ସୁଦର୍ଶନ ବାରିକଙ୍କ ସମେତ ସେମାନଙ୍କର ୫୦ରୁ ଊର୍ଦ୍ଧ୍ୱ ସମର୍ଥକଙ୍କୁ ମନ୍ତ୍ରୀ ଟୋପି ଓ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ। ବିଧାୟକଙ୍କ ସିମୁଳିଆ ବାସଭବନ ପରିସରରେ ଆୟୋଜିତ ଏହି ମିଶ୍ରଣ ପର୍ବରେ ବିଜେଡି ନେତା ନିରଞ୍ଜନ ମହାପାତ୍ର, ଛବିଲତା ମହାପାତ୍ର, ବ୍ଲକ ବିଜେଡି ସଭାପତି ବ୍ରଜ କିଶୋର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ରେମୁଣାରେ କଂଗ୍ରେସର କର୍ମୀ ସମାବେଶ

ରେମୁଣା/ରସାଳପୁର,୨୪।୪ (ଡି.ଏନ.ଏ.) ବାଲେଶ୍ୱର ଜିଲା ରେମୁଣା ନିର୍ବାଚନମଣ୍ଡଳୀର ୨୭ ଓ ୩୮ ନମ୍ବର ଜିଲା ପରିଷଦ ଜୋନ୍‌ରେ ବୁଧବାର କଂଗ୍ରେସ ପକ୍ଷରୁ କର୍ମୀ ସମାବେଶ ଅନୁଷ୍ଠିତ ହୋଇଥିଲା। ରସାଳପୁର ପଞ୍ଚାୟତ ପଡ଼ିଆରେ ଆୟୋଜିତ ଏହି ସମାବେଶରେ ଦଳର ଏମ୍‌ପି ପ୍ରାର୍ଥୀ ନବଜ୍ୟୋତି ପଟ୍ଟନାୟକ ଯୋଗଦେଇଥିଲେ। କଂଗ୍ରେସ ଜିତିଲେ ରେମୁଣା ଅଞ୍ଚଳ ସାମତ ଜିଲା ପ୍ରଗତିରେ ସାମିଲ ହେବ ବୋଲି ସେ କହି କଂଗ୍ରେସର ଇସ୍ତାହାର ଏବଂ ନ୍ୟାୟ ଯୋଜନା ସମ୍ପର୍କରେ ବୁଝାଇଥିଲେ। ବିଧାୟକ ପ୍ରାର୍ଥୀ ପ୍ରତାପ କୁମାର ସେଠୀ ବକ୍ତବ୍ୟ ରଖିଥିଲେ। ସମାବେଶ ଆରମ୍ଭରେ ଇଶାଣୀ କଲ୍ୟାଣମଣ୍ଡପ ଠାରୁ ଏକ ବିଶାଳ ବାଇକ୍ ରାଲି ବାହାରିଥିଲା। ପ୍ରାର୍ଥୀମାନେ ମଣିନାଗେଶ୍ୱର ଠାରେ ପୂଜାର୍ଚ୍ଚନା କରି ସଭାସ୍ଥଳରେ ପହଞ୍ଚିଥିଲେ। କୃଷ୍ଣଗୋପାଳ ପଣ୍ଡାଙ୍କ ଅଧକ୍ଷତାରେ ହୋଇଥିବା ସଭାରେ ବରିଷ୍ଠ ନେତା ଯୁଗୋଳ କିଶୋର ମହଲ, ପୂର୍ବତନ ବିଧାୟକ ଗୋପନାରାୟଣ ଦାସ, ଯୁବନେତା ତୁଷାରକାନ୍ତି ତପସ୍ୱି, ଅରୁଣ ଯେନା ପ୍ରମୁଖ ଯୋଗ ଦେଇଥିଲେ।

### ୨ ବାଇକ ମୁହାଁମୁହିଁ ଧକ୍କା: ୪ ଗୁରୁତର

ବାହାନଗା,୨୪।୪(ଡି.ଏନ.ଏ.): ବାଲେଶ୍ୱର ଜିଲା ବାହାନଗା ବ୍ଲକର ୧୬ ନମ୍ବର ଜାତୀୟ ରାଜପଥ ଇଚ୍ଛାପୁରଠାରେ ବୁଧବାର ରାତି ୮ଟାରେ ଦୁଇଟି ମୋଟରସାଇକେଲ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୪ ଜଣ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ପ୍ରଥମେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଅବସ୍ଥା ଗୁରୁତ୍ୱର ହେବାରୁ ପରେ ସେମାନଙ୍କୁ କଟକ ବଡମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

### ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ଯାନବାହନ ଯାଞ୍ଚ

ଖଇରା,୨୪।୪(ଡି.ଏନ.ଏ.):ବୁଧବାର ବାଲେଶ୍ୱର ଜିଲା ସୋର-କୁପାରୀ ରାସ୍ତାରେ ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ଯାନବାହନ ଯାଞ୍ଚ କରାଯାଇଥିଲା। ବିଭିନ୍ନ ଗାଡ଼ିର କାଗଜପତ୍ର ଓ ପରିବହନ ସାମଗ୍ରୀକୁ ତନଖି କରାଯାଇ ବିନା ପଞ୍ଜୀକରଣରେ ନିର୍ବାଚନ ପାଇଁ ନିଆଯାଉଥିବା ପତାକା, ପୋଷ୍ଟର, ବ୍ୟାନରକୁ ଜବତ କରାଯାଇଥିଲା। ଫ୍ଲାଇଂ ସ୍କ୍ୱାଡ୍ ମୁଖ୍ୟ ବନମାଳୀ ବାରିକ, ପୋଲିସ ଏଏସ୍ଆଇ ପ୍ରଦୀପ କୁମାର ମହାନ୍ତିଙ୍କ ନେତୃତ୍ୱରେ ଏହି ଯାଞ୍ଚ ଚାଲିଥିଲା।

# ଉନ୍ନୟନ କମିଶନରଙ୍କୁ ଭେଟିଲେ ନାଗରିକ କମିଟି ପ୍ରତିନିଧି

ବଲାଙ୍ଗୀର ଅଫିସ,୨୪।୪

- ଜିଲାର ଗୁରୁତ୍ୱପୂର୍ଣ୍ଣ ସମସ୍ୟା ସମାଧାନ ଲାଗି ଆଲୋଚନା
- ଜୁନ୍‌ରେ ଭୁବନେଶ୍ୱରଠାରେ ସ୍ୱତନ୍ତ୍ର ବୈଠକ ପ୍ରତିଶ୍ରୁତି

ବଲାଙ୍ଗୀର ନାଗରିକ କମିଟିର ୩ଜଣିଆ ପ୍ରତିନିଧି ମଣ୍ଡଳୀ ବୁଧବାର ଉନ୍ନୟନ କମିଶନର ତଥା ଗୃହ ବିଭାଗ ପ୍ରମୁଖ ସଚିବ ଅସିତ ତ୍ରିପାଠୀଙ୍କୁ ସାକ୍ଷାତ କରି ବଲାଙ୍ଗୀର ଜିଲାର ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ନେଇ ଆଲୋଚନା କରିଛନ୍ତି। ନାଗରିକ କମିଟି ସଭାପତି ବିକ୍ରମାନନ୍ଦ ବହିଦାର, ଉପସଭାପତି ନିତ୍ୟାନନ୍ଦ ମିଶ୍ର, ସାଧାରଣ ସମ୍ପାଦକ ବିଷ୍ଣୁପ୍ରସାଦ କେଡିଆ ଟିଟିଲାଗଡ଼ ପୂର୍ତ୍ତବିଭାଗ ଡାକବଙ୍ଗଳାରେ ଉନ୍ନୟନ କମିଶନର ତ୍ରିପାଠୀଙ୍କୁ ଭେଟିଥିଲେ। କମିଟି ସଦସ୍ୟ ବଲାଙ୍ଗୀର ଜିଲାର ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଓ ଏହାର ଶୀଘ୍ର ସମାପ୍ତି ସହ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ। ବଲାଙ୍ଗୀର ଜିଲାର ବହୁ ପ୍ରତୀକ୍ଷିତ ଲୋୟର ସୁକତେଲ ପ୍ରକଳ୍ପ ଶୀଘ୍ର କାର୍ଯ୍ୟକାରୀ କରିବାକୁ ଦାବି ଜଣାଇଥିଲେ। ବଲାଙ୍ଗୀର ଜିଲାରେ ମାତ୍ର ୩ ପ୍ରତିଶତ ଜଳସେଚନ ସୁବିଧା ରହଛି। ପ୍ରତିବର୍ଷ



ଉନ୍ନୟନ କମିଶନର ଅସିତ ତ୍ରିପାଠୀଙ୍କୁ ନାଗରିକ କମିଟି ପ୍ରତିନିଧି ଭେଟି ଆଲୋଚନା କରୁଛନ୍ତି।

ଜଳସେଚନ ଅଭାବରୁ ହଜାର ହଜାର ଏକର ଚାଷ ଉଜୁଡି ଯାଉଛି। ବଲାଙ୍ଗୀର ଜିଲାରେ କ୍ରମାଗତ ମରୁଡି ଯୋଗୁ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଗଲାଣି। ଏହାର ପ୍ରଭାବ ଜିଲାର ଅର୍ଥନୀତି ଉପରେ ପଡୁଛି। ଚାଷୀମାନେ ପାଣି ନ ପାଇ ଚାଷ କାର୍ଯ୍ୟ ଛାଡି ଦେଉଛନ୍ତି। ଏଭଳି ପରିସ୍ଥିତିରେ ଜିଲାରେ ଜଳସେଚନ ବୃଦ୍ଧି ନିହାତି ଜରୁରୀ ହୋଇପଡିଛି ବୋଲି ସଚିବ ତ୍ରିପାଠୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲାର ଅନ୍ୟାନ୍ୟ ଛୋଟବଡ ନଦୀନାଳରେ ବ୍ୟାରେଜ ଓ ଆଡିବନ୍ଧ ନିର୍ମାଣ କରାଯିବାକୁ ଦାବି କରିଥିଲେ। ବଲାଙ୍ଗୀରର ଅନ୍ୟତମ ପ୍ରମୁଖ ସମସ୍ୟା ବାଇପାସ୍ ରାସ୍ତା ନିର୍ମାଣ ଶୀଘ୍ର କରାଯିବା ଉପରେ ଆଲୋଚନା କରିଥିଲେ। ବଲାଙ୍ଗୀରରେ ବାଇପାସ୍ ରାସ୍ତା ନ ଥିବାରୁ ଦୁର୍ଘଟଣା ବୃଦ୍ଧି ଘଟି ଧନଜୀବନ ହାନୀ ହେଉଥିବା କହିଥିଲେ। ଏନେଇ ବିଭିନ୍ନ ସମୟରେ ଜନଅସନ୍ତୋଷ ଉପୁଜୁଥିବା ଅବଗତ କରାଇଥିଲେ। ତୁରନ୍ତ ବାଇପାସ୍ ରାସ୍ତା ନିର୍ମାଣ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରିଥିଲେ। ବାଇପାସ୍ ରାସ୍ତା ନ ଥିବାରୁ ସହରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଥିବା ଏବଂ ଦୁର୍ଘଟଣା ଭୟରେ ସକାଳ ୬ଟାରୁ ରାତି ୧୨ଟା ପର୍ଯ୍ୟନ୍ତ ଦୀର୍ଘ ୧୮ ଘଣ୍ଟା ଧରି ବଲାଙ୍ଗୀର ସହର ଉପକଣ୍ଠରେ ଭାରୀଯାନଗୁଡିକ ଅଟକି ରହୁଥିବାରୁ ନାହିଁ ନ ଥିବା ପରିସ୍ଥିତି ସୃଷ୍ଟି ହେଉଥିବା ସଚିବ ତ୍ରିପାଠୀଙ୍କୁ କହିଥିଲେ। ରାଜ୍ୟ ସରକାର ବଲାଙ୍ଗୀର ରାଜେନ୍ଦ୍ର କଲେଜକୁ ବିଶ୍ୱବିଦ୍ୟାଳୟ ଭାବେ ଘୋଷଣା କରିବା ପରେ ଜିଲାବାସୀ ଖୁସି ପ୍ରକାଶ କରିଛନ୍ତି। ତେବେ ଏଠାକାର ଅଧ୍ୟାପକ ଅଭାବଜନିତ ସମସ୍ୟା ଲାଗି ରହିଛି। ଏହି ସମସ୍ୟା ଶୀଘ୍ର ଦୂର କରି ବିଶ୍ୱବିଦ୍ୟାଳୟକୁ ଏକ ଉନ୍ନତମାନର ଶିକ୍ଷାନୁଷ୍ଠାନ ଭାବେ ପରିଣତ କରିବାକୁ ତ୍ରିପାଠୀଙ୍କୁ ଅନୁରୋଧ କରିଥିଲେ। ବଲାଙ୍ଗୀର ଟାଉନ୍ ଥାନାକୁ ଆଦର୍ଶ ଥାନା କରାଯାଇଥିଲେ ମଧ୍ୟ ଆନୁସଙ୍ଗିକ ଅସୁବିଧା ଦୂର କରିବାକୁ ଦାବି କରିଥିଲେ। ଏହା ସହିତ ବଲାଙ୍ଗୀରରେ ହାଇକୋର୍ଟର ସ୍ଥାୟୀବେଞ୍ଚ ପ୍ରତିଷ୍ଠା କରାଯିବା ଉପରେ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଯଶବନ୍ତ କମିଶନ ଆଧାରରେ ବଲାଙ୍ଗୀର ହିଁ ଉପଯୁକ୍ତ ସ୍ଥାନ ଭାବେ ସମସ୍ତ ଯୋଗ୍ୟତା ପୂରଣ କରୁଥିବାରୁ ଏଠାରେ ହିଁ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା କରାଯିବାକୁ ଦାବି କରିଥିଲେ। ଏହା ସହିତ ବଲାଙ୍ଗୀର ସହର ତଥା ଜିଲାର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଓ ସମସ୍ୟା ଉପରେ ସଚିବ ତ୍ରିପାଠୀଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା ଜୁନ୍ ମାସରେ ବଲାଙ୍ଗୀରର ଉପରୋକ୍ତ ସମସ୍ୟା ସମ୍ପର୍କରେ ଭୁବନେଶ୍ୱରରେ ଏକ ସ୍ୱତନ୍ତ୍ର ବୈଠକ କରି ସମସ୍ୟାର ସମାଧାନ କରିବାକୁ ସଚିବ ତ୍ରିପାଠୀ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି।

## ଆଜି ବିଶୋଇରେ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ ସଭା

ବିଶୋଇ,୨୪।୪(ଡି.ଏନ.ଏ.)

ସାରସକଣା ନିର୍ବାଚନମଣ୍ଡଳୀ ବିଶୋଇ ବ୍ଲକ ଅନ୍ତର୍ଗତ ବାଢୁଣିଆ ଖେଳପଡିଆଠାରେ ଗୁରୁବାର ଆୟୋଜିତ ହେବାକୁ ଥିବା ଏକ ନିର୍ବାଚନୀ ସଭାରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେବେ। ଗୁରୁବାର ମଧ୍ୟାହ୍ନ ୧୨ଟା ୫ ମିନିଟରେ ମୁଖ୍ୟମନ୍ତ୍ରୀ ହେଲିକପ୍ଟର ଯୋଗେ ଅବତରଣ କରି ଉପସ୍ଥିତ ସ୍ଥାନୀୟ ଜନତାଙ୍କୁ ବିଜେଡି ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟ ସମ୍ବନ୍ଧରେ ଉଦବୋଧନ ଦେବେ ବୋଲି ଦଳ ପକ୍ଷରୁ ସୂଚନା ମିଳିଛି। ଅନ୍ୟପକ୍ଷରେ ବୁଧବାର ବିଜାତଳା ବ୍ଲକର ରାଇହରିଠାରେ ସାରସକଣା ନିର୍ବାଚନମଣ୍ଡଳୀ ଭାଜପା ପକ୍ଷରୁ ବିଜୟ ସଂକଳ୍ପ ସଭା କରାଯାଇଥିଲା। ଏଥିରେ ଷ୍ଟାର ପ୍ରଚାରକ ଭାବରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇଥିଲେ।

## କାର୍ଯ୍ୟକ୍ଷମ ହେଉନି ନବନିର୍ମିତ ଛାତ୍ରୀ ନିବାସ

ଗୁଡ଼ଭେଲା,୨୪।୪(ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ତୁଷୁରା ସହରସ୍ଥିତ ସରକାରୀ ବାଳିକା ହାଇସ୍କୁଲ ପରିସରରେ ନିର୍ମିତ ହୋଇଥିବା ୨ଶହ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସ କାର୍ଯ୍ୟକ୍ଷମ ହେବା ନେଇ ଅନିଶ୍ଚୟତା ଦେଖାଦେଇଛି। ସ୍ଥାନୀୟ ଲୋକଙ୍କ କହିବା ମୁତାବକ,୨୦୧୫ ଜାନୁୟାରୀ ୨୭ ତାରିଖରେ ମୁଖ୍ୟମନ୍ତ୍ରୀ ଛାତ୍ରୀ ନିବାସର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ଏହାର ନିର୍ମାଣ ପ୍ରାୟ ଦୁଇ ବର୍ଷ ହେଲା ଶେଷ ହୋଇଥିଲେ ମଧ ବିଭାଗୀୟ ଅଧିକାରୀଙ୍କ ଆନ୍ତରିକତା ଅଭାବରୁ ବର୍ତ୍ତମାନ ସୁଦ୍ଧା ଛାତ୍ରୀ ନିବାସ କାର୍ଯ୍ୟକ୍ଷମ ଉଦ୍‌ଘାଟିତ ହୋଇ ନ ଥିବା ବେଳେ କାର୍ଯ୍ୟକ୍ଷମ ହୋଇପାରି ନାହିଁ। ଅନ୍ୟପକ୍ଷେ ଅଞ୍ଚଳର ଗରିବ ଛାତ୍ରୀମାନେ ଛାତ୍ରୀ ନିବାସରେ ରହି ପଢିବାର ସୁଯୋଗ ପାଇବେ ସେହି ଲକ୍ଷ୍ୟ ନେଇ ଏହାର ନିର୍ମାଣ କରାଯାଇଥିଲା। ହେଲେ ନିର୍ମାଣ ହେବାର ଦୀର୍ଘ ଦିନ ପରେ ମଧ ଛାତ୍ରୀ ନିବାସ କାର୍ଯ୍ୟକ୍ଷମ ନ ହେବା ଅଭିଭାବକଙ୍କ ମହଲରେ ଅସନ୍ତୋଷ ଦେଖାଦେଇଛି। ଅନ୍ୟପକ୍ଷେ ଠିକାଦାର ତାଙ୍କ ବାକିଆ ଟଙ୍କା ପାଇ ନ ଥିବାରୁ ଛାତ୍ରୀ ନିବାସକୁ ହସ୍ତାନ୍ତର କରି ନ ଥିବା ଜଣାପଡିଛି। ଏନେଇ ଗୁଡଭେଲା ବ୍ଲକ ବିଡିଓ ରାମବିଲାଶ ମଙ୍ଗରାଜଙ୍କୁ ପଚାରିବାରୁ ସେ କହିଥିଲେ ଯେ, ଘଟଣାର ତଦନ୍ତ କରି ତୁରନ୍ତ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଏନେଇ ଠିକାଦାର ମହେନ୍ଦ୍ର ଜୈନଙ୍କୁ ପଚାରିବାରୁ ପ୍ରାୟ ଛଅ ଲକ୍ଷ ଟଙ୍କା ବିଲ୍ ବକେୟା ପଡିଛି। ଏନେଇ ସେ ବିଭାଗୀୟ ଅଧିକାରୀଙ୍କୁ ଜଣାଇଛନ୍ତି। ହେଲେ ବିଲ ହେଉ ନ ଥିବା କହିଛନ୍ତି। ଏନେଇ ସେ ଛାତ୍ରୀ ନିବାସର ଚାବି ରଖିଥିବା କହିଛନ୍ତି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେଲେ ଛାତ୍ରୀମାନେ ଉପକୃତ ହୋଇ ପାରନ୍ତେ ବୋଲି ବୃଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।



ତୁଷୁରା ସହରସ୍ଥିତ ସରକାରୀ ବାଳିକା ହାଇସ୍କୁଲ ପରିସରରେ ନିର୍ମିତ ୨ଶହ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସ।

### ବସ୍ ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟଣା

## ମୃତଦେହ ରଖି ରାଜପଥ ଅବରୋଧ

ବଲାଙ୍ଗୀର ଅଫିସ, ୨୪।୪/ ତରଭା(ଡି.ଏନ୍.ଏ.)

ବସ୍ ଧକ୍କାରେ ମୃତ୍ୟୁବରଣ କରିଥିବା ବାଇକ୍ ଆରୋହୀ ପରିବାରକୁ କ୍ଷତିପୂରଣ ଦାବି ନେଇ ପୁଇଁତଲା ଥାନା ଅନ୍ତର୍ଗତ ଅର୍ଜୁଣ୍ଡା ଗ୍ରାମର ଶତାଧିକ ବ୍ୟକ୍ତି ବଲାଙ୍ଗୀର-ସୋନପୁର ୫୭ ନମ୍ବର ଜାତୀୟ ରାଜପଥକୁ ଦୀର୍ଘ ୩ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଅବରୋଧ କରିଥିଲେ। ବଲାଙ୍ଗୀର ଏସ୍‌ଡିପିଓ ଶ୍ରୀମନ୍ତ ବାରିକ ଓ ସୋନପୁର ଜିଲା ତରଭା ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡା ଘଟଣାସ୍ଥଳକୁ ଆସି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିବା ସହ ୨୦ ହଜାର ଟଙ୍କା ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

ବଲାଙ୍ଗୀର ଜିଲା ଅର୍ଜୁଣ୍ଡା ଗାଁର ନେହେରୁ ବାରିକ (୨୩) ମଙ୍ଗଳବାର ୫୭ ନମ୍ବର ରାଜପଥରେ ବାଇକ୍ ଯୋଗେ ଆସୁଥିବାବେଳେ ତରଭା ଥାନା ଅନ୍ତର୍ଗତ ଖାରୀ ଗାଁ ନିକଟରେ ଏକ ଘରୋଇ ବସ୍ ଧକ୍କା ଦେବାରୁ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିଲେ। ଦୁର୍ଘଟଣା ଘଟାଇବା ପରେ ଘରୋଇ ବସ୍ ସେଠାରୁ ଫେରାର ମାରିଥିଲା। ଏହାପରେ ଗାଁ ଲୋକେ ଦୁର୍ଘଟଣା ଘଟାଇଥିବା ବସ୍‌କୁ କ୍ଷତିପୂରଣ ଦେବାକୁ ଦାବି କରିଥିଲେ। ତେବେ ମୃତ୍ୟୁବରଣ କରିଥିବା ଯୁବକଙ୍କୁ କୌଣସି କ୍ଷତିପୂରଣ ଦେବେ ନାହିଁ ବୋଲି ଘରୋଇ ଯାତ୍ରୀବାହୀ ବସ୍ ମାଲିକ ରୋକ୍‌ଠୋକ୍ ମନା କରିଦେବାରୁ ଗ୍ରାମବାସୀ ଉଦ୍‌କ୍ଷିପ୍ତ ହୋଇପଡିଥିଲେ। ଏହି ଘଟଣା ପରେ ଦଳିତ ନେତା ତ୍ରିଲୋଚନ ନନ୍ଦଙ୍କ ନେତୃତ୍ୱରେ ଯୁବଲାଲ ନନ୍ଦ, ନରହରି ନନ୍ଦ, ସୁବାସ ସୁନା ଓ ଗାଁର ଅନ୍ୟ ଶତାଧିକ ମହିଳା ଓ ପୁରୁଷ ବୁଧବାର ସକାଳ ୧୦ଟାରୁ ଅର୍ଜୁଣ୍ଡା ଛକରେ ୫୭ ନମ୍ବର ଜାତୀୟ ରାଜପଥ ଉପରେ ମୃତଦେହ ରଖି ରାସ୍ତାରୋକୋ ଆରମ୍ଭ କରିଥିଲେ। ରାସ୍ତାରୋକୋ ଫଳରେ ଜାତୀୟ ରାଜପଥର ଉଭୟ ପଟରେ ଶହ ଶହ ଯାନବାହନ ଅଟକି ରହିଥିଲା। ଖବର ପାଇ ପୁଇଁତଲା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ତେବେ ଉପଯୁକ୍ତ କ୍ଷତିପୂରଣ ନ ମିଳିଲେ ରାସ୍ତାରୋକୋ ହଟିବନାହିଁ ଗ୍ରାମବାସୀ ରୋକ୍‌ଠୋକ ମନା କରିଦେଇଥିଲେ। ଏହାପରେ ସଦର ଏସଡିପିଓ ଶ୍ରୀମନ୍ତ ବାରିକ ଘଟଣାସ୍ଥଳକୁ ଆସି ତରଭା ତହସିଲଦାର ପଣ୍ଡାଙ୍କୁ ଡାକି କ୍ଷତିପୂରଣ ସମ୍ପର୍କରେ ଲୋକଙ୍କ ସହ ଆଲୋଚନା କରିଥିଲେ। ଦୀର୍ଘ ସମୟ ଆଲୋଚନା ପରେ ଘରୋଇ ବସ୍‌ମାଲିକ ୧୦ ହଜାର ଟଙ୍କା, ରେଡକ୍ରସ ପାଣ୍ଠିରୁ ୧୦ ହଜାର ଏଭଳି ସମୁଦାୟ ୨୦ ହଜାର ଟଙ୍କା ଦିଆଯାଇଥିଲା। ଏହାସହିତ ମୃତକଙ୍କ ପରିବାରକୁ ଦୁର୍ଘଟଣା କ୍ଷତିପୂରଣ ବାବଦରେ ୨ ଲକ୍ଷ ଟଙ୍କା ମିଳିବ ବୋଲି ପ୍ରତିଶ୍ରୁତି ଦିଆଯିବା ପରେ ମୃତଦେହ ଉଠାଇ ରାସ୍ତାରୋକ ପ୍ରତ୍ୟାହାର କରାଯାଇଥିଲା।



ଅର୍ଜୁଣ୍ଡା ଛକରେ ରାସ୍ତାରୋକୋ କରିଥିବା ଆନ୍ଦୋଳନକାରୀମାନେ ବଲାଙ୍ଗୀର ଏସଡିପିଓ ଓ ତରଭା ତହସିଲଦାରଙ୍କ ସହ ଆଲୋଚନା କରୁଛନ୍ତି।

## ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

ଲାଠୋର,୨୪।୪(ଡି.ଏନ.ଏ.)

ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବୁଧବାର ଏକ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଭାରପ୍ରାପ୍ତ ଅଧକ୍ଷ ରୁନୁ ମେହେରଙ୍କ ଅଧକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଘାସିରାମ ଅଗ୍ରୱାଲ ଯୋଗଦେଇଥିଲେ। ଅଧକ୍ଷ ମେହେର କହିଥିଲେ, ବର୍ତ୍ତମାନ ପରିପେକ୍ଷୀରେ ଛାତ୍ରୀମାନଙ୍କ ପାଇଁ ଆତ୍ମ ସୁରକ୍ଷାର ଆବଶ୍ୟକତା ରହିଛି। ଏନେଇ ତାଲିମ ଦ୍ୱାରା ନିଜକୁ ସୁରକ୍ଷା କରିବା ସହିତ ଅନ୍ୟମାନଙ୍କୁ ସୁରକ୍ଷା ଦେଇ ପାରିବେ। ସେହିପରି ମୁଖ୍ୟ ଅତିଥି ଅଗ୍ରୱାଲ କହିଥିଲେ, ଦିନକୁ ଦିନ ଛାତ୍ରୀମାନଙ୍କ ପ୍ରତି ବିଭିନ୍ନ ଅପରାଧ ବଢ଼ି ଚାଲିଛି। ଏନେଇ ଆତ୍ମ ସୁରକ୍ଷା ତାଲିମର ନିତାନ୍ତ ଆବଶ୍ୟକ ରହଛି। ଶିବିରରେ ୯୦ଜଣ ଛାତ୍ରୀ ଅଂଶ ଗ୍ରହଣ କରି ତାଲିମ ଗ୍ରହଣ କରୁଛନ୍ତି। ବିଦ୍ୟାଳୟ ଖେଳ ଶିକ୍ଷକ ଗୁଣମଣି ସାହୁ ଏହାର ନେତୃତ୍ୱ ନେଇଥିବା ବେଳେ ପ୍ରଶିକ୍ଷକ ଡାକପ୍ରିୟା ନାଗ ଛାତ୍ରମାନଙ୍କୁ ତାଲିମ ପ୍ରଦାନ କରୁଛନ୍ତି। କାର୍ଯ୍ୟକ୍ରମରେ ଅଧାପକ ପ୍ରଦୀପ କୁମାର ସାହୁ, ରାମନାରାୟଣ ବେଦବାକ, ନମିତା ସାହୁ, ଅଭୟ ନାଏକ, ଚନ୍ଦ୍ରମଣି ଭଇଁଷାଲ, ରେବତୀ ମେହେର, ରାଜକିଶୋର ବାଗ, ଉମାକାନ୍ତି ଦେହୁରୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

### ବାଗଝୁଲା ମାନବ କଲ୍ୟାଣ ସେବାଶ୍ରମ

## କର୍ମଚାରୀଙ୍କ ଇସ୍ତଫା ପରେ ୩୮ ଅନ୍ତେବାସୀଙ୍କୁ ସ୍ଥାନାନ୍ତରଣ

ବଲାଙ୍ଗୀର ଅଫିସ/ ଲୋଇସିଂହା ୨୪।୪(ଡି.ଏନ.ଏ.)

- ସେବାଶ୍ରମରେ ପହଞ୍ଚିଲେ ସିଡବ୍ଲ୍ୟୁସି ସଦସ୍ୟ
- ପଥରଚେପା ବାଳ ନିକେତନରେ ପହଞ୍ଚିଲେ ୩୮ ଅନ୍ତେବାସୀ

ଆଗଲପୁର ବ୍ଲକ୍ ଅନ୍ତର୍ଗତ ବାଗଝୁଲାଠାରେ ଥିବା ମାନବ କଲ୍ୟାଣ ସେବାଶ୍ରମର ୩୮ ଅନ୍ତେବାସୀଙ୍କୁ ବଲାଙ୍ଗୀର ଜିଲା ଶିଶୁକଲ୍ୟାଣ ସମିତିପକ୍ଷରୁ ବୁଧବାର ପଥରଚେପା ପାର୍ବତୀଗିରି ବାଳ ନିକେତନକୁ ଅଣାଯାଇଛି। କିଛିଦିନ ହେଲା ବାଗଝୁଲା ସେବାଶ୍ରମ ମ୍ୟାନେଜମେଣ୍ଟରେ ବିବାଦ ଲାଗିରହିଥିଲା। ମଙ୍ଗଳବାର ସେବାଶ୍ରମରେ କାର୍ଯ୍ୟରତ ସମସ୍ତ କର୍ମଚାରୀ ସମୂହ ଇସ୍ତଫା ଦେଇଥିବା ଖବର ପାଇବା ପରେ ଜିଲା ଶିଶୁ କଲ୍ୟାଣ ସମିତି ସଦସ୍ୟମାନେ ବୁଧବାର ସେବାଶ୍ରମ ପରିଦର୍ଶନରେ ଯାଇ ଏଠାରେ ଥିବା ୪୦ ଅନ୍ତେବାସୀଙ୍କ ସମ୍ପର୍କରେ ପଚାରି ବୁଝିଥିଲେ। ମ୍ୟାନେଜମେଣ୍ଟ କର୍ମଚାରୀମାନେ ଇସ୍ତଫା ଦେବା କାରଣରୁ ଏହି ସେବାଶ୍ରମ ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଥିଲା। ଏଠାରେ ଥିବା ୩୮ ଜଣ ଅନ୍ତେବାସୀ କିପରି ରହିବେ ସେନେଇ ଚିନ୍ତାପ୍ରକଟ ପାଇଥିଲା। ଏସବୁ ଅସୁବିଧାକୁ ଲକ୍ଷ୍ୟ କଲାପରେ ସିଡବ୍ଲ୍ୟୁସି ସଦସ୍ୟମାନେ ସମସ୍ତ ୪୦ ଅନ୍ତେବାସୀଙ୍କୁ ବଲାଙ୍ଗୀର ପଥରଚେପା ବାଳ ନିକେତନକୁ ସ୍ଥାନାନ୍ତର କରିବାକୁ ନିଷ୍ପତ୍ତି ନେଇଥିଲେ। ୨ ଜଣ ଅନ୍ତେବାସୀ ଅନୁପସ୍ଥିତ ଥିବାରୁ ବୁଧବାର ୩୮ ଜଣ ଅନ୍ତେବାସୀଙ୍କୁ ବଲାଙ୍ଗୀର ପଥରଚେପା ଅଣାଯାଇଥିଲା। ଏହି ସେବାଶ୍ରମରେ ୬ରୁ ୧୭ ବର୍ଷ ପର୍ଯ୍ୟନ୍ତ ବାଳିକାମାନେ ରହୁଥିଲେ।

### ହକ୍‌ଦାର ହିତାଧିକାରୀ ଗୁହାଳ ଯୋଜନାରୁ ବଞ୍ଚିତ

## କାର୍ଯ୍ୟାଦେଶ ଲାଗି ୨୦ ହଜାର ଟଙ୍କା ଲାଞ୍ଚ୍ ଅଭିଯୋଗ

ବେଲପଡ଼ା ୨୪।୪(ଡି.ଏନ.ଏ.)

ଗୃହପାଳିତ ପଶୁ ପାଳନ କରି ଗରିବ୍ ହିତାଧିକାରୀମାନେ କେନ୍ଥେଇ ଦୁଇପଏସା ରୁଜଗାର କରି ନିଜର ଗୁଡ଼େ ଠିଆ ହେବେ ସରକାର ସେଥିରଲାଗି ଗାଇ ଗୁହାଳ ଯୋଜନା କରିଛନ୍। ହେଲେ ଗାଁଗାଁରେ ରହୁଥିବାର ଅନେକ୍ ହକ୍‌ଦାର ହିତାଧିକାରୀ ଯୋଜନାରୁ ବଞ୍ଚିତ ହେଉଥିଲାବେଲେ ଅନେକ କୁଜିନେତା, ଥିଲାବାଲା ବିଭାଗୀୟ ଅଧିକାରୀମାନଙ୍କୁ ଲାଁଚ୍‌ଖୁଁଚ୍ ଦେଇ ଯୋଜନା ହାତଉଥିବାର ଅଭିଯୋଗ ହେଉଛେ। ଯେନ୍‌ଥିରଲାଗି ସରକାରକର ଇ ମହତ୍ ଉଦେଶ ବାଟବନା ହେଉଛେ। ଏନ୍ତା ଗୁଟେ ଉଦାହରନ୍ ଦେଖିବାକେ ମିଳିଛେ ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକ ପର୍ଲିମାଲ ପଁଚେତ୍ ପର୍ଲିମାଲ ଗାଁରେ। ଇ ଗାଁର ପରମାନନ୍ଦ ପୋଡ଼ ଗାଈ ଗୁହାଲ ଲାଗି ପଁଚେତ୍ କତ୍ତୁରପକ୍ଷଙ୍କୁ ଜନେଇ ନିରାଶ ହେଲା ଉତାରୁ ଗଲା ୨୨ ତାରିଖ ବେଲପଡ଼ା ବିଡିଓ ଆର ତହସିଲଦାରଙ୍କୁ ଗୁହାରି କରବାକେ ଆସିଥିଲେ। ହେଲେ କେହେନ୍‌ସି କାରନ୍‌ରୁ ଅଧିକାରୀମାନକର ଭେଟ ନାଇଁପାଇ କରି ଘଟନା ବାବ୍‌ଦେ ଥାନୀୟ ଧରିତ୍ରୀ ପରତିନିଧିଙ୍କୁ ଜନେଇଥିଲେ।

ପରମାନନ୍ଦଙ୍କର ଅଭିଯୋଗ ହିସାବେ, ଗଲା ବଛରେ ହେଲା ସରକାରୀ ଯୋଜନାରେ ଗାଈ ଗୁହାଲ ଲାଗି ପର୍ଲିମାଲ ପଁଚେତ୍‌ରେ ଆବେଦନ କରିଛନ୍। ସେ ଇ ବାବ୍‌ଦେ ସରପଁଚ୍ ଆର ପଁଚେତ୍ ନିର୍ବାହୀ ଅଧିକାରୀଙ୍କୁ ବାରବାର ଗୁହାରି କରି ନିରାଶ ହେଇଛନ୍। ଏନ୍ତା କି ଝନେ ଅଧିକାରୀଙ୍କୁ ଗୁହାଲ ଲାଗି ୨୦ ହଜାର ଟଁକା ଲାଁଚ୍ ଦେବାକେ ପଡ଼ବା ବଲି ଜାନ୍‌ଲା ଉତାରୁ ସେ ଭାଂଗି ପଡ଼ିଛନ୍। ପରମାନନ୍ଦ ବ୍ଲକର ଭିନେ ଭିନେ ଅଧିକାରୀଙ୍କୁ ଭେଟି ଗୁହାଲ ଲାଗି କାର୍ଯ୍ୟାଦେଶ ଦେବାକେ ଗୁହାରି କରିଥିଲେ। ହେଲେ ଅଧିକାରୀମାନେ ସରପଁଚ୍ ଆର ନିର୍ବାହୀ ଅଧିକାରୀଙ୍କୁ ଘଟନା ବାବ୍‌ଦେ କହିଥିବାର କହି ତାହାକୁ ପରତିଶ୍ରୁତି ଦେଇଥିଲେ। ହେଲେ ଅଧିକାରୀମାନେ ଦେଇଥିବାର ପରତିଶ୍ରୁତି ଆଏଜ୍‌ତକ୍ ପୂରନ୍ ନାଇଁ ହେଇପାରି। ପରମାନନ୍ଦଙ୍କର ୩୦ଟା ଦେଶୀ ଗାଈ ଅଛନ୍। ସେ ୧୦ ଲିଟରରୁ ଅଧିକା କ୍ଷୀର ପାଉଛନ୍। ଗାଈକୁ ଗୁହାଲଟା ସାନ୍ ପଡୁଥିଲାବେଲେ ଅଧା ଭାଂଗିରୁଜି ଯାଇଛେ। ଗଲା ୨ ବଛର ହେଲା ଟଁକା ପଏସା ଅଭାବୁ ସେ ଗୁହାଲଟା ବି ସାଜି ନାଇଁପାରବାର। ଯେନ୍‌ଥିରଲାଗି ସେ ଗାଈଗୋରୁକର ଦେଖିଭାଲ, ଯତନ୍ ବି ଠିକ୍ ହିସାବେ କରି ନାଇଁ ପାରୁଥିବାର କହିଛନ୍। ଇଆଡ଼େ ଯେନ୍‌ମାନକର ଗାଈଗୋରୁ, ଛେଲମେଢ଼ି ନାଁଇଁନ ସେମାନେ ଇ ଯୋଜନାରେ ସାମିଲ ହେଉଥିବାର ସେ ଅଭିଯୋଗ କରିଛନ୍। ଇ ବାବ୍‌ଦେ ପର୍ଲିମାଲ ପଁଚେତ୍ ନିର୍ବାହୀ ଅଧିକାରୀଙ୍କୁ ମତାମତ ଲାଗି ଯୋଗାଯୋଗ କରାଯାଇଥିଲେ ବି ମତାମତ ନାଇଁ ମିଲିପାରି। ସେନ୍ତା ପର୍ଲିମାଲ ସରପଁଚ୍ ସୁଷମା ବେହେରାଙ୍କୁ ପଚରାଲାରୁ ପରମାନନ୍ଦ ଗୁହାଲ ଲାଗି ଆବେଦନ କରିଛନ୍। ହେଲେ ତାକର ଆଗରୁ ବହୁତ ହିତାଧିକାରୀ ଆବେଦନ କରିଛନ୍। ହକ୍‌ଦାର ହିତାଧିକାରୀଙ୍କୁ ଯୋଜନାରେ ସାମିଲ କରାଯାଉଛେ। ପଁଚେତ୍‌ରେ କେହି ଗୁହାଲ ଲାଗି ଟଁକା ଦାବି ନାଇଁକରବାର। ଇ ଅଭିଯୋଗଟା ପୂରାପୂରି ମିଛ୍ ଆଏ। ବହୁତ୍ ଜଲଦି ତାହାକୁ କାର୍ଯ୍ୟାଦେଶ ଦିଆଯିବା ବଲି ସେ କହିଥିଲେ।



ନିଜର ଭଂଗା ଦଦ୍‌ରା ଗାଈ ଗୁହାଲ ଆଘେ ପରମାନନ୍ଦ।



ତିନୋଟି ଜିନିଷକୁ ଦୀର୍ଘଦିନ ଧରି ଲୁଚାଇ ହେବନାହିଁ। ସେଗୁଡ଼ିକ ହେଲା ସୂର୍ଯ୍ୟ, ଚନ୍ଦ୍ର ଓ ସତ୍ୟ।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### ରାମଲୀଲା : ତରଣୀସେନ, ଇନ୍ଦ୍ରଜିତ ବଧ ମଞ୍ଚସ୍ଥ

**ବାଉଁଶୁଣୀ, ୨୪।୪ (ଡି.ଏନ.ଏ):** ବୌଦ୍ଧ ବ୍ଲକ ବାଉଁଶୁଣୀରେ ଶ୍ରୀ ଶ୍ରୀ ରାମଲୀଳା ନାଟକ ସଂସଦ ପକ୍ଷରୁ ଚାଲିଥିବା ରାମଲୀଳା ମହୋତ୍ସବର ଦ୍ୱାଦଶ ରଜନୀରେ ତରଣୀସେନ, ଇନ୍ଦ୍ରଜିତ ବଦ୍ଧ ନାଟକ ମଞ୍ଚସ୍ଥ ହୋଇଛି । ରାମଚନ୍ଦ୍ରଙ୍କ ଆକ୍ରମଣରେ ବ୍ୟତିବ୍ୟସ୍ତ ହୋଇ ଲଙ୍କାଧିପତି ରାବଣ ତାର ଯୋଦ୍ଧା କୁମ୍ଭ, ନିକୁମ୍ଭ ଓ କ୍ଷତବିରଙ୍କୁ ଯୁଦ୍ଧ ଭୂମିକୁ ପ୍ରେରଣ କରିଥିଲେ। ସେମାନେ ରାମ ବାଣରେ ନିହତ ହେବା ଶୁଣି ରାବଣ କୁମ୍ଭକର୍ଣ୍ଣଙ୍କୁ ପଠାଇଥିଲେ। କୁମ୍ଭକର୍ଣ୍ଣ ନିହତ ହେବା ପରେ ରାବଣ ନିଜର ଅତି ଆଦରର ପୁତ୍ର ତରଣୀସେନଙ୍କୁ ପ୍ରେରଣ କରିଥିଲେ। ଏହା ଅନ୍ୟାୟ ଜାଣି ମଧ ତରଣୀସେନ ମାତାଙ୍କଠାରୁ ବିଦାୟ ନେଇ ଯୁଦ୍ଧକ୍ଷେତ୍ରରେ ଅବତୀର୍ଣ୍ଣ ହୋଇଥିଲେ । ରାବଣଙ୍କ ପୁତ୍ରକୁ ବଦ୍ଧ କରିବା ପାଇଁ ପ୍ରଭୁ ରାମଚନ୍ଦ୍ର ଅନିଚ୍ଛା ପ୍ରକାଶ କରିଥିଲେ ମଧ ବୀର ତରଣୀସେନ ପ୍ରଭୁ ରାମଚନ୍ଦ୍ରଙ୍କ ବାଣରେ ବୈକୁଣ୍ଠ ପ୍ରାପ୍ତି ହେବା ପାଇଁ ପ୍ରଭୁଙ୍କୁ ନିବେଦନ କରିଥିଲେ। ତରଣୀସେନ ନିଧନ ପରେ ରାବଣ ବୀରବାହୁକୁ ଯୁଦ୍ଧ ଭୂମିକୁ ପଠାଇଥିଲେ। ବୀରବାହୁ ମଧ ଯୁଦ୍ଧ କରି ରାମଙ୍କ ବାଣରେ ସ୍ୱର୍ଗଲୋକ ଯାତ୍ରା କରିଥିଲେ । ପରେ ଇନ୍ଦ୍ରଜିତ ନିକୁମ୍ଭିଲା ବଟ ନିକଟରେ ଯଜ୍ଞ କରୁଥିବାବେଳେ ଲକ୍ଷ୍ମଣ ସେଠାକୁ ଯାଇଥିଲେ । ସେଠାରେ ଉଭୟଙ୍କ ମଧରେ ଘୋର ଯୁଦ୍ଧ ହୋଇଥିଲା। ଯୁଦ୍ଧରେ ଇନ୍ଦ୍ରଜିତ ନିହତ ହୋଇଥିଲେ। ଇନ୍ଦ୍ରଜିତର ନିହତରେ ରାବଣ ଶୋକପ୍ରକାଶ କରିବା ଦୃଶ୍ୟ ହୃଦୟସ୍ପର୍ଶୀ ହୋଇଥିଲା ।

### ପୂର୍ବତନ ବୌଦ୍ଧ ଜିଲା କଂଗ୍ରେସ ସଭାପତିଙ୍କ ପରଲୋକ

**ବୌଦ୍ଧ,୨୪।୪(ସ୍ୱ.ପ୍ର):** ବୌଦ୍ଧର ବରିଷ୍ଠ ଆଇନଜୀବୀ ତଥା ପୂର୍ବତନ ବୌଦ୍ଧ ଜିଲା କଂଗ୍ରେସ ସଭାପତି କ୍ଷୀରୋଦ କୁମାର ପାତ୍ରଙ୍କ ବୁଧବାର ପରଲୋକ ଘଟିଛି। ତାଙ୍କୁ ୫୨ବର୍ଷ ବୟସ ହୋଇଥିଲା। ମୃତ ପାତ୍ରଙ୍କ ଘର ବୌଦ୍ଧ ଜିଲା ନୂଆପଡା ଗ୍ରାମରେ । ସେ ବୌଦ୍ଧ କୋର୍ଟରେ ତା୧୮।୧୨।୯୪ରିଖରୁ ଓକିଲାତି କରିଆସୁଥିଲେ । ଏହାସହ ବୌଦ୍ଧ ଜିଲା କଂଗ୍ରେସର ସଭାପତି ଭାବେ କାର୍ଯ୍ୟ କରିଥିଲେ । ଦୀର୍ଘ କିଛି ଦିନ ହେବ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଖରାପ ଥିଲା । ଅଧିକ ଚିକିତ୍ସା ପାଇଁ ତାଙ୍କୁ ବୁଧବାର କଟକ ନେବାବେଳେ ଅବସ୍ଥା ସଙ୍କଟାପନ୍ନ ହେବାରୁ ପୁରୁଣାକଟକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତଦେହକୁ ରାତିରେ ଜିଲା ଓକିଲ ସଂଘ ପରିସରକୁ ନିଆଯାଇଥିଲା । ସେଠାରେ ଜିଲା ଓକିଲ ସଂଘ ପକ୍ଷରୁ ସମସ୍ତ ଆଇନଜୀବୀ ତାଙ୍କର ଶେଷ ଦର୍ଶନ କରିବା ସହ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ । ପରେ ମୃତଦେହକୁ ବୌଦ୍ଧର ରାଜଘାଟକୁ ନେଇ ସେଠାରେ ଦାହ ସଂସ୍କାର କରାଯାଇଥିଲା। ତାଙ୍କର ମୃତ୍ୟୁରେ ସହରରେ ଶୋକର ଛାୟା ଖେଳିଯାଇଛି ।

# ଜଟିଳ ହେବ ଧାନ ସଂଗ୍ରହ ପ୍ରକ୍ରିୟା

- ବସିନି ପ୍ରଶାସନିକ ପ୍ରସ୍ତୁତି ବୈଠକ
- ନିର୍ବାଚନରେ ସବୁ ଦଳର ନେତା ବ୍ୟସ୍ତ
- ଚାଷୀକୂଳ ପାଇଁ ମିଳୁନି ସମୟ

**ବରଗଡ଼ ଅଫିସ୍,୨୪।୪**

ଧାନ ପାଚିଗଲାଣି । ବରଗଡ଼ ଜିଲାର ଅତାବିରା, ଭେଡ଼େନ ବ୍ଲକ ସମେତ କେତେକାଞ୍ଚଳରେ ଅମଳ କାର୍ଯ୍ୟ ମଧ୍ୟ ଜୋର୍ ଧରିଲାଣି । କିନ୍ତୁ ମଣ୍ଡି ଖୋଲିବା ତ ଦୂରର କଥା, ରବିରତୁ ଧାନ ସଂଗ୍ରହ ପ୍ରକ୍ରିୟା ପାଇଁ ଏପର୍ଯ୍ୟନ୍ତ ପ୍ରସ୍ତୁତି ତଥା ନୀତି ନିର୍ଦ୍ଧାରଣ ବୈଠକ ସୁଦ୍ଧା ବସି ପାରିନାହିଁ। ଫଳରେ ଅନ୍ୟବର୍ଷ ତୁଳନାରେ ଏଥର ନିର୍ବାଚନୀ ଋତୁରେ ଧାନ ସଂଗ୍ରହ ପ୍ରକ୍ରିୟା ଅଧିକ ଜଟିଳ ହେବ ବୋଲି ଏବେଠାରୁ ଆଶଙ୍କା ପ୍ରକାଶ ପାଇଛି । ଏହାକୁ ନେଇ ଚାଷୀକୁଳ ଚିନ୍ତିତ ହୋଇ ପଡ଼ିଛନ୍ତି। ଏ ସମ୍ପର୍କରେ ଜାଣିବା ପାଇଁ ଜିଲା ଯୋଗାଣ ଅଧିକାରୀ ଶ୍ରୀକର ମାଝିଙ୍କୁ ଯୋଗାଯୋଗ କରାଯାଇଥିଲା । ମାତ୍ର ତାଙ୍କ ମୋବାଇଲ ଫୋନ ସୁଇଚ୍ ଅଫ୍ ଥିବା ଯୋଗୁ ମତାମତ ମିଳିପାରି ନାହିଁ ।

ସାଧାରଣତଃ ମେ ମାସ ପ୍ରଥମ ସପ୍ତାହରୁ ରବିରତୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୁଏ । ସୁରୁଖୁରୁରେ ଧାନ କିଣାବିକା ପାଇଁ ମାସକ ପୂର୍ବରୁ ଜିଲାସ୍ତରୀୟ ଧାନ ସଂଗ୍ରହ ନୀତି ନିର୍ଦ୍ଧାରଣ ବୈଠକ ବସିଥାଏ । ସେହି ବୈଠକରେ ଜିଲାର ଧାନ କିଣାବିକା ନେଇ ମଣ୍ଡି ଖୋଲାଠାରୁ ଆରମ୍ଭ କରି ଆନୁଷଙ୍ଗିକ ବ୍ୟବସ୍ଥା, ଚାଷୀ ପରିଚୟ ପତ୍ର ପ୍ରସ୍ତୁତି ଆଦି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥାଏ।



ବରଗଡ଼ ଜିଲା ଭେଡ଼େନ ବ୍ଲକ ଅଞ୍ଚଳରେ ପାକଳାବସ୍ଥାରେ ରହିଥିବା ଧାନ ଫସଲ ।

ଗତବର୍ଷ ଏପ୍ରିଲ ୭ତାରିଖରେ ରବିରତୁ ଧାନ ସଂଗ୍ରହ ପାଇଁ ନୀତି ନିର୍ଦ୍ଧାରଣ ବୈଠକ ବସିଥିଲା ଏବଂ ମେ ମାସ ପ୍ରଥମ ସପ୍ତାହରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇଥିଲା। କିନ୍ତୁ ଚଳିତବର୍ଷ ଏପ୍ରିଲ ମାସ ଶେଷ ସପ୍ତାହରେ ପହଞ୍ଚିଥିଲେ ସୁଦ୍ଧା ବର୍ତ୍ତମାନ ସୁଦ୍ଧା ଧାନ ସଂଗ୍ରହ ନୀତି ନିର୍ଦ୍ଧାରଣ ବୈଠକ ବସିନାହିଁ। ଫଳରେ ମେ ମାସ ପ୍ରଥମ ସପ୍ତାହରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବା ନେଇ ସଂଶୟ ପ୍ରକାଶ ପାଇଛି । ଅପରପକ୍ଷେ ଜିଲାର ହୀରାକୁଦ ଜଳସେଚିତ ଅତାବିରା ଓ ଭେଡ଼େନ ବ୍ଲକର ବିଭିନ୍ନ ଅଞ୍ଚଳରେ ଧାନ ଅମଳ ଆରମ୍ଭ ହୋଇଗଲାଣି । ଅଣଜଳସେଚିତ ପଦ୍ମପୁର ଉପଖଣ୍ଡର କେତେକାଞ୍ଚଳରେ ମଧ୍ୟ ଏହା ଆରମ୍ଭ ହୋଇଥିବା ସୂଚନା ମିଳିଛି । ସେହିପରି ଜିଲାର ପ୍ରାୟ ସବୁ ଅଞ୍ଚଳରେ ଧାନ ପାକଳ ଅବସ୍ଥାକୁ ଆସି ଯାଇଛି । କିନ୍ତୁ ଏପର୍ଯ୍ୟନ୍ତ ଏ ନେଇ ପ୍ରଶାସନିକ ପ୍ରସ୍ତୁତି ବୈଠକ ସୁଦ୍ଧା ବସି ପାରି ନ ଥିବା ଯୋଗୁ ଏଥର ଧାନ କିଣାବିକା ବିଳମ୍ବିତ ତଥା ଜଟିଳ ହୋଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି । ସାଧାରଣ ନିର୍ବାଚନରେ କୃଷି ତଥା କୃଷକ ସମସ୍ୟାକୁ ସବୁଦଳ ମୁଖ୍ୟ ନିର୍ବାଚନୀ ପ୍ରସଙ୍ଗ କରିଥିଲେ । ମାତ୍ର ନିର୍ବାଚନ ନିଶାରେ ଧାନ ସଂଗ୍ରହ ନୀତି ନିର୍ଦ୍ଧାରଣ ବୈଠକ ବିଳମ୍ବିତ ହୋଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ କୌଣସି ଦଳର ନେତାଙ୍କ ମୁହଁରୁ ସେ ନେଇ ପଦଟିଏ ବାହାରି ନାହିଁ । ଏହା ଏବେ ସାଧାରଣରେ ଆଲୋଚନାର ବିଷୟ ହୋଇଛି । ଚାଷୀଙ୍କ ପ୍ରତି ରାଜନେତାଙ୍କ ଦରଦ ପଦାରେ ପଡ଼ିଯାଇଛି ।

ପ୍ରକାଶଥାଉକି, ଗତବର୍ଷ ମେ ପ୍ରଥମ ସପ୍ତାହରେ ବରଗଡ଼ ଜିଲାରେ ରବିରତୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ସେତେବେଳେ ଜିଲାର ଅତାବିରା, ବରଗଡ଼ ଓ ପଦ୍ମପୁର ନିୟନ୍ତ୍ରିତ ବଜାର କମିଟି ଅଧୀନରେ ୧୧୦ଟି ମଣ୍ଡି ଖୋଲିଥିଲା। ସପ୍ତାହକ ୬ଦିନ ସେଠାରେ ସକାଳ ୭ଟାରୁ ଦିନ ୧୧ଟା ପର୍ଯ୍ୟନ୍ତ ସେଠାରେ ଧାନ ସଂଗୃହୀତ ହୋଇଥିଲା । କିନ୍ତୁ ମେ ମାସକୁ ଆଉ ମାତ୍ର ୫ଦିନ ବାକି ଥିବାବେଳେ ପ୍ରଶାସନିକ ପ୍ରସ୍ତୁତି ହୋଇପାରିନାହିଁ। ଅନ୍ୟପଟେ କାଳବୈଶାଖୀ ଯୋଗୁ କେତେକାଞ୍ଚଳରେ ଚାଷୀଙ୍କ ଧାନ ଫସଲ ନଷ୍ଟ ହୋଇଥିବାବେଳେ ଧାନ କିଣାବିକା ବିଳମ୍ବିତ ହେଲେ ଜିଲାର ଅନ୍ୟ ଅଞ୍ଚଳ ଚାଷୀଙ୍କୁ ମଧ୍ୟ ସମଦଶା ଭୋଗିବାକୁ ପଡ଼ିବ ବୋଲି ଆଶଙ୍କା କରାଯାଉଛି।

### ଦୁର୍ଘଟଣାରେ ମହିଳା ମୃତ

**ଅତାବିରା/ସରଣ୍ଡା, ୨୪।୪(ଡି.ଏନ.ଏ)**

ବରଗଡ଼ ଜିଲା ଅତାବିରା ଥାନା ଲାଦେରପାଲି ନିକଟରେ ବୁଧବାର ରାତ୍ରି ପ୍ରାୟ ସାଢ଼େ ୭ଟାରେ କୌଣସି ଏକ ଗାଡ଼ି ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି । ମୃତା ମହିଳା ଜଣକ ଅତାବିରା ଏନଏସି ୱାର୍ଡ଼ ନଂ-୧୦ର ପୁଷ୍ପାଞ୍ଜଳି ଶର୍ମା(୫୭) ବୋଲି ସୂଚନା ମିଳିଛି। ଅତାବିରା ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଧରିବା ପାଇଁ ତନାଘନା ଚଳାଇଛି । ମୃତା ମହିଳା ଜଣକ ସ୍ଥାନୀୟ ଏଫସିଆଇ ଗୋଦାମ ନିକଟରେ ରାସ୍ତା ଅତିକ୍ରମ କରୁଥିବାବେଳେ କୌଣସି ଏକ ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତା ମହିଳାଙ୍କୁ ଧକ୍କା ଦେଇଥିବା ଗାଡ଼ିଟି ଏକ ଇନୋଭା ଗାଡ଼ି ଥିଲା ଏବଂ ତାହା ସମ୍ବଲପୁର ପଟକୁ ଖସି ପଳାଇଯାଇ ଥିବା ଆଲୋଚନା ହେଉଛି ।

## ରାମଲୀଳାରେ ମହିରାବଣ ବଧ ମଞ୍ଚସ୍ଥ

**ବୌଦ୍ଧ,୨୪।୪(ସ୍ୱ.ପ୍ର)**

ବୌଦ୍ଧର ପବିତ୍ର ଗଣପର୍ବ ରାମଲୀଳା ମହୋତ୍ସବ ରାମନବମୀଠାରୁ ସହରର ରାମେଶ୍ୱର ମନ୍ଦିର ସ୍ଥିତ ମାରୁତୀ ମଣ୍ଡପଠାରେ ଚାଲିଆସୁଛି। ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ଅନୁଷ୍ଠିତ ଏହି ରାମଲୀଳା ଉତ୍ସବ ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ଖୁବ୍ ଧୁମଧମାରେ ପାଳିତ ହେଉଛି । ୧୮ ଦିନ ଧରି ହେବାକୁ ଏହି ଉତ୍ସବର ବୁଧବାର ମହୀରାବଣ ବଧ ନାଟକ ମଞ୍ଚସ୍ଥ ହୋଇଥିଲା । ନାଟକର ବିଭିନ୍ନ ଭୂମିକାରେ ରାମ ଶିରିଶ ବେହେରା, ଲକ୍ଷ୍ମଣ ନାରାୟଣ ବାରିକ, କୁମ୍ଭକର୍ଣ୍ଣ ଜୟ ନାରାୟଣ ମହାନ୍ତି, ରାବଣ ଦେବରାଜ ସାହୁ, ଇନ୍ଦ୍ରଜିତ ଟିଙ୍କୁ ସାହୁ, ହନୁମାନ ଶାନ୍ତନୁ ବେହେରା, ସୁଗ୍ରୀବ ଦେବରାଜ ଜେନା ଓ ସୀତା ଭୂମିକାରେ ବିଶ୍ୱାମିତ୍ର ସାହୁ ଅଭିନୟ କରୁଛନ୍ତି। ଶ୍ରୀରାମଲୀଳାକୁ ନାଟକ ମାଧ୍ୟମରେ ସୁନ୍ଦର ଭାବେ ସଂସଦର କଳାକାରମାନେ ପରିବେଷଣ କରୁଛନ୍ତି । ନାଟକ ଦେଖିବା ପାଇଁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଦର୍ଶକଙ୍କ ଭିଡ ଲାଗିରହୁଛି । ଆସନ୍ତା ୩୦ ତାରିଖରେ ରାବଣ ବଧ ନାଟକ ମଞ୍ଚସ୍ଥ ହେବ ।



ରାମଲାଳୀ ମହୋତ୍ସବରେ ମହିରାବଣ ବଧ ନାଟକର ଏକ ଦୃଶ୍ୟ ।

## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକରେ ଶୋକ

**ଜହ୍ନାପଙ୍କ, ୨୪।୪ (ଡି.ଏନ.ଏ)**

ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଅନ୍ତର୍ଗତ ଜଗତିର ଶିକ୍ଷକ ତଥା ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ଘାସିରାମ ଗୁରୁ (୭୧)ଙ୍କ ମଙ୍ଗଳବାର ରାତି ୧୦ଟାରେ ପରଲୋକ ହୋଇଛି। ସେ ୧୯୪୮ ମସିହାରେ ଜନ୍ମଗ୍ରହଣ କରିଥିଲେ । ସେ ଜହ୍ନାପଙ୍କ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୯୮୨ ମସିହାରୁ ପ୍ରଧାନଶିକ୍ଷକ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ୩୧ ମାର୍ଚ୍ଚ, ୨୦୦୭ରେ ସେ ଅବସର ଗ୍ରହଣ କରିଥିଲେ । ଜଣେ ଦକ୍ଷ ପ୍ରଧାନଶିକ୍ଷକ, ପ୍ରଶାସକ ଓ ସମୟାନୁବର୍ତ୍ତିତା ଭାବେ ଅଞ୍ଚଳରେ ନିଜକୁ ପରିଚୟ କରାଇଥିଲେ। ମୃତ୍ୟୁ ଖବର ପାଇ ଗ୍ରାମବାସୀ ଓ ପୁରାତନ ଛାତ୍ରମାନେ ତାଙ୍କର ଶେଷ ଦର୍ଶନ କରିଥିଲେ । ମହାନଦୀ ଶ୍ମଶାନ ଘାଟରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ବଡପୁଅ ମନୋଜ ଗୁରୁ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ଜହ୍ନାପଙ୍କ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ, ପୁରାତନ ଛାତ୍ର ସଂସଦ ସଭାପତି ଉତ୍ସବ ସାହୁ, ସମ୍ପାଦକ କୃପାସିନ୍ଧୁ ପାତ୍ର, ଭୋଳାଗିରି ସାହୁ, ବିପ୍ରଚରଣ ମହାନ୍ତି, ଯାଦବ କର୍ଣ୍ଣ ଏବଂ ଛାତ୍ରୀଛାତ୍ରମାନେ ଗଭୀର ଶୋକ ପ୍ରକାଶ କରିଛନ୍ତି ।

## ଆଜି ୩ ବୁଥ୍‌ରେ ସାନି ମତଦାନ

**ବରଗଡ଼ ଅଫିସ୍,୨୪।୪**

ବରଗଡ଼ ଜିଲାର ୩ଟି ଭୋଟ ଗ୍ରହଣ କେନ୍ଦ୍ର(ବୁଥ୍)ରେ ଗୁରୁବାର ସାନି ମତଦାନ ହେବ । ଜିଲାର ପଦ୍ମପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନ ଝାରବନ୍ଧ ବ୍ଲକ ଡଭା ପ୍ରାଥମିକ ସ୍କୁଲ(ବୁଥ୍ ନଂ-୧୬)ରେ ସକାଳ ୭ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯିବ । ସେହିପରି ଅତାବିରା ନିର୍ବାଚନ ମଣ୍ଡଳୀ ଅଧୀନ ଭେଡ଼େନ ବ୍ଲକ ଅରେଇଗୁଡ଼ି ଉନ୍ନୀତ ପ୍ରାଥମିକ ସ୍କୁଲ(ବୁଥ୍ ନଂ-୨୩୫) ଏବଂ ବରଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନ ବରଗଡ଼ ପୌର ପରିଷଦ ଅନ୍ତର୍ଗତ ଶକ୍ତିନଗର ପ୍ରାଥମିକ ସ୍କୁଲ(ବୁଥ୍ ନଂ-୬୮)ରେ ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯିବ । ଉପରୋକ୍ତ ଭୋଟ ଗ୍ରହଣ କେନ୍ଦ୍ରରେ ମତଦାନ ପାଇଁ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ବେଳେ ପ୍ରସ୍ତୁତି ମଧ୍ୟ ଚୂଡ଼ାନ୍ତ ହୋଇସାରିଛି । ଏଠାରେ ଉଲ୍ଲେଖନୀୟ, ଝାରବନ୍ଧ ବ୍ଲକ ଡଭା ପ୍ରାଥମିକ ସ୍କୁଲ(ବୁଥ୍ ନଂ-୧୬)ରେ ୧୧୪୫( ୫୭୪ ପୁରୁଷ, ୫୭୧ ମହିଳା), ଅରେଇଗୁଡ଼ି ଭୋଟ ଗ୍ରହଣ କେନ୍ଦ୍ର(ବୁଥ୍ ନଂ-୨୩୫)ରେ ୧୧୩୧(୬୦୨ ପୁରୁଷ, ୫୨୯ ମହିଳା) ଏବଂ ଶକ୍ତିନଗର ଭୋଟ ଗ୍ରହଣ କେନ୍ଦ୍ର-୬୮ରେ ୧୩୫୭(୬୮୩ ପୁରୁଷ, ୬୭୪ ମହିଳା) ଭୋଟର ରହିଛନ୍ତି । ଗତ ୧୮ତାରିଖ ମତଦାନ ସମୟରେ ଇଭିଏମ ଭିଭିପିଏଟି ପରିଚାଳନାରେ ତ୍ରୁଟି ଯୋଗୁ ଉପରୋକ୍ତ ବୁଥ୍‌ର ମତାଦାନକୁ ବାତିଲ କରାଯିବା ସହିତ ସମ୍ପୃକ୍ତ ବୁଥ୍‌ର ସେକ୍ଟର ଅଫିସର ଓ ପ୍ରିଜାଇଡ଼ିଂ ଅଫିସରଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିଲା । ତେବେ ଏଥର ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ପ୍ରାର୍ଥୀଙ୍କ ମଧ୍ୟରେ କଡ଼ା ମୁକାବିଲା ଚାଲିଥିବାରୁ ଏହି ବୁଥ୍ ଗୁଡ଼ିକର ମତଦାନ ମଧ୍ୟ ସମସ୍ତଙ୍କ ପାଇଁ ଗୁରୁତ୍ୱ ବହନ କରୁଛି । ଫଳରେ ସବୁ ଦଳ ପ୍ରାର୍ଥୀ ଏହି ସାନି ମତଦାନର ଫାଇଦା ଉଠାଇବା ପାଇଁ ଲାଗି ପଡ଼ିଥିବା ସାଧାରଣରେ ଚର୍ଚ୍ଚା ଚାଲିଛି ।



## କେଭିପିୱାଇ ଲେଭେଲ୍-୨ରେ ବିକାଶ ଛାତ୍ରଙ୍କ ସଫଳତା

**ବରଗଡ଼ ଅଫିସ୍,୨୪।୪**

ବରଗଡ଼ ବିକାଶ ଜୁନିୟର କଲେଜ ଯୁକ୍ତଦୁଇ ଦ୍ୱିତୀୟ ବର୍ଷ ବିଜ୍ଞାନ ଛାତ୍ର ଚିନ୍ମୟ କୁମାର ଶିଆଳ ସର୍ବଭାରତୀୟ କେଭିପିୱାଇ ଲେଭେଲ୍-୨ ପରୀକ୍ଷାରେ ଏସଏକ୍ସ ବର୍ଗରେ ନିଜ ପ୍ରଥମ ପ୍ରୟାସରେ ୪୩ (କାଟେଗୋରୀ) ଏବଂ ସାଧାରଣ ବର୍ଗ ୧୫୧୧ ର୍ୟାଙ୍କରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ଏହି ଖବର ମିଳିବା ପରେ ବିକାଶ ଶିକ୍ଷାନୁଷ୍ଠାନରେ ଖୁସିର ଲହରୀ ଖେଳିଯାଇଛି । ଚିନ୍ମୟଙ୍କ ଏହି ସଫଳତା ପାଇଁ ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣା, ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ, ଡାଇରେକ୍ଟର (ଆଡ଼ମିନିଷ୍ଟ୍ରେଶନ) ଡି. ନାଗେଶ୍ୱର ରାଓ, ଡାଇରେକ୍ଟର ଡଃ ସମରେନ୍ଦ୍ରନାଥ ପଣ୍ଡା ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି । ବିକାଶ ଆବାସିକ ସ୍କୁଲର ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ବିକାଶ ସେଣ୍ଟ୍ରାଲ ଏକାଡ଼େମୀ, ବରଗଡ଼ର କୋ ଅର୍ଡ଼ିନେଟର ଜି. ରାମକ୍ରୀଷ୍ଣା, ସିନିୟର ସେକେଣ୍ଡାରୀ ଉପାଧ୍ୟକ୍ଷ ଚିତ୍ତରଞ୍ଜନ ପତି ପ୍ରମୁଖ କୃତୀ ଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ବଲାଙ୍ଗୀର ଜିଲା ବାଙ୍କିଟିକ୍ରା ନିବାସୀ ମାଆ ମନୋରମା ଶିଆଳ ଏବଂ ବାପା ମୋହନ ଚରଣ ଶିଆଳଙ୍କ ପୁଅ ଚିନ୍ମୟ ତାଙ୍କ ମେଧା ପାଇଁ ଚଳିତବର୍ଷ ବିକାଶ ଆୱାର୍ଡ଼ ଏବଂ ବିକାଶ ଏକାଡ଼େମିକ ସ୍କଲାରସିପ୍ ପାଇଛନ୍ତି ବୋଲି ବିକାଶ ଜୁନିୟର କଲେଜ ଅଧ୍ୟକ୍ଷ ମୁରାରି ପ୍ରସାଦ ସାହୁ ସୂଚନା ଦେଇଛନ୍ତି ।



କୃତୀ ଛାତ୍ରଙ୍କୁ ବିକାଶ କର୍ତ୍ତୃପକ୍ଷ ସମ୍ବର୍ଦ୍ଧିତ କରୁଛନ୍ତି ।

- ଦିନ୍‌ଦାହାଡ଼େ ଚାଲିଛେ ଗଛ୍‌କଟା

## ଉଜଡ଼ି ଯାଉଛେ ରଙ୍ଗମାଟିଆ ରାଜସ୍ୱ ଜଂଗଲ

**କନ୍ଧମାଳ, ୨୪।୪ (ଡିଏନଏ)**

ବୌଦ୍ଧ ଜିଲା କନ୍ଧମାଳ ରେଞ୍ଜର ଚନ୍ଦନିଆମୁଣ୍ଡା ପାସର ରଙ୍ଗମାଟିଆ ରାଜସ୍ୱ ଜଂଗଲ ଉଜଡ଼ି ଯାଉଛେ । ଗଲା ମାସେ ହେଲା ଇଠାନେ ଦିନ୍‌ଦାହାଡ଼େ ଆସର ପାସର ଗାଁବାସୀ ଗଛ୍ କାଟୁଥିଲେ ବି ବନବିଭାଗ ଜାନିଶୁନି ତୁମ୍‌ପଡ଼ିଥିବାର ଅଭିଯୋଗ ହେଉଛେ। ସେନ୍‌ତା ରାଜସ୍ୱ ବିଭାଗର ରେକର୍ଡରେ ଜଂଗଲଟା ଥିଲେ ବି ବିଭାଗ ଇ ଦିଗେ ପଦକ୍ଷେପ ନେବାର ଜାଗାରେ ଚୁପ୍‌ମାରି ବସିଛେ। ଦିନୁଦିନ୍‌କେ ଜଂଗଲଟା ପଦା ହେଲାବେଲେ ପାସର ରଙ୍ଗମାଟିଆ ପାହାଡ଼ ଉପରେ ବିପଦ ଦେଖାଦେଇଛେ। କନ୍ଧମାଳ ରେଞ୍ଜର ଦପଲା ପଁଚେତ୍‌ର ଚନ୍ଦନିଆ ଗାଁ ପାସେ ରହିଛେ ଇ ରଙ୍ଗମାଟିଆ ପାହାଡ଼। ଇ ପାହାଡ଼କେ ଘେରି ରହିଛେ ଘଁଚ୍ ଜଂଗଲ। ରାଜସ୍ୱ ରେକର୍ଡରେ ଥିବାର ଇ ଜଂଗଲରେ ଶାଲ, ଧଉରା, କେଁଦୁ ଲେଖେଁ ଦାମ୍‌କିଆ ଗଛ ରହିଛେ। ପାହାଡ଼କେ ଘେରି ରହିଥିବାର ଇ ପରାକୃତିକ ଜଂଗଲରେ ଅନେକ ପରକାର ଜଂଗଲି ଜୀବ୍‌ଜଁତୁ ବି ରହିଛନ୍। ବନେ ଖଁଡ଼େ ଇଲାକାରେ ରହିଥିବାର ଇ ଜଂଗଲର କେଁଦୁପତର ଆର ଜଂଗଲଜାତ୍ ଦରବ୍ ଉପରେ ନିରଭର କରି ଅନେକ ଲୋକ୍ ନିଜର କୁଟୁମ ପୁଷୁଛନ୍। ହେଲେ ଗଲା ମାସେ ହେବା ଇ ଜଂଗଲକେ ଥାନୀୟ କେତେ ଲୋକ୍ ପଦା କରବାରେ ଲାଗିଛନ୍। ଫିଁଦିନ୍ ଦଲ ଦଲ ହେଇ ଲୋକ୍ ଟଂଗିଆ ଧରି ଜଂଗଲକେ ଯାଉଛନ୍ ଆର ଅନେକ ଦାମ୍‌କିଆ ଗଛଖୁଁଟ କାଟିଆନୁଛନ୍। ଲୋକ୍ ଏନ୍‌ତା ହିସାବେ ଇ ଜଂଗଲ କାଟବାରେ ଲାଗିଛନ୍ ଯେ ଝନେ ଆଁଖିଥି ନାଇଁ ଦେଖିଲେ ବିଶାସ୍ କରି ନାଇଁପାରେ। ଏହେଦେ ଇ ଘଁଚ୍ ଜଂଗଲର ଅନେକ ଜାଗା ପଦା ହେଇ ଚଁଦା ଦିଶବାର ସଂଗେ ତଲର ରଂଗମାଟି ଦିଶିଗଲାନ। ଆଉର ମାସେ ଦୁଇମାସ ଏନ୍‌ଥେଇ ଚାଲ୍‌ଲେ ଜଂଗଲଟା ପୂରା ସଫା ହେଇଯିବା। ପାହାଡ଼ ତଲର ଇ ଜଂଗଲ ବରଷା ଦିନେ ପାହାଡ଼ର ମାଏଟ୍ ଧସ୍‌ବାରୁ ବଁଚଉଛେ। ଇଥିରଲାଗି ବନବିଭାଗ ଆସର ପାସର ଗାଁବାସୀକୁ ସଚେତନ କରବାର ଜାଗାରେ ଚୁପ୍‌ମାରି ବସିଛେ। ଇ ବାବ୍‌ଦେ ବନବିଭାଗ ରେଞ୍ଜର ଦିଲୀପ କୁମାର ଦିଗାଲ କହିଛନ୍ ଯେ, ଆମର ପାସେ ପାହାଡ଼ ତଲର ଜଂଗଲରେ ଗଛକଟା ହେଉଥିବାର ଖବର ରହିଛେ। ହେଲେ ଜାଗାଟା ଗ୍ରାମ୍ୟ ଜଂଗଲ ରେକର୍ଡରେ ନାଁଇଁନ, ରାଜସ୍ୱ ବିଭାଗର ରେକର୍ଡରେ ରହିଛେ। ଯେନ୍‌ଥିରଲାଗି ଆମେ ପଦକ୍ଷେପ ନାଇଁ ନେଇପାରବାର। ହେଲେ ଇ ଦିଗେ ପଦକ୍ଷେପ ନେବାର ଚେଷ୍ଟା କରାଯିବା ବଲି ସେ କହିଥିଲେ।



ରଙ୍ଗମାଟିଆ ଜଂଗଲରେ କଟାଯାଇଥିବାର ଗଛ୍।

ବିଜୟ ସଂକଳ୍ପ ସମାବେଶରେ କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ

## ‘ଓଡ଼ିଶାରେ ଡବଲ ଇଞ୍ଜିନ ଆଣନ୍ତୁ, ବିକାଶ ନିଶ୍ଚିତ’

ବାସୁଦେବପୁର/ବନ୍ତ, ୨୪।୪ (ଡି.ଏନ.ଏ.)

ଓଡ଼ିଶାରେ ବିଜେଡି ସରକାର ଶିକ୍ଷା, ସ୍ୱାସ୍ଥ୍ୟ ଓ ଶିଳ୍ପର ବିକାଶ ଦିଗରେ କୌଣସି କାମ କରୁନାହିଁ। ସେଥିପାଇଁ ଓଡ଼ିଶା ଆଜି ବିକାଶ କ୍ଷେତ୍ରରେ ବହୁ ପଛରେ ପଡ଼ିଛି ବୋଲି କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ କହିଛନ୍ତି। ବୁଧବାର ବାସୁଦେବପୁର ବାରାପୁର ପଡ଼ିଆ ଓ ବନ୍ତ ହାଟପଡ଼ିଆରେ ଆୟୋଜିତ ଭାଜପାର ବିଜୟ ସଂକଳ୍ପ ସଭାରେ ଯୋଗଦେଇ ସେ କହିଲେ, ଓଡ଼ିଶାରେ ବେକାରି ସମସ୍ୟା ବଢ଼ି ଚାଲିଛି। କେନ୍ଦ୍ର ନଦୀ ସଂଯୋଗୀକରଣ ଯୋଜନା ତ୍ୱରାନ୍ୱିତ କରିବାକୁ ଚାହୁଁଛି ହେଲେ ରାଜ୍ୟ ସରକାର ଏଥିରେ ସହଯୋଗ କରୁନାହିଁ। ତାଳଚେର-ପାରାଦୀପ ରେଲଲାଇନର ନିର୍ମାଣ କ୍ଷେତ୍ରରେ ମଧ୍ୟ ଓଡ଼ିଶା ସରକାରଙ୍କ ଅସହଯୋଗ ରହିଛି। ବୁଲେଟ୍ ଟ୍ରେନକୁ ମୋଦିଙ୍କ ଡବଲ ଇଞ୍ଜିନ ସହିତ ଯୋଡ଼ିଲେ ରାଜ୍ୟରେ ବିକାଶ ନିଶ୍ଚିତ ହେବ ବୋଲି ସେ କହିଥିଲେ। ଏହି ସ୍ୱପ୍ନକୁ ସାକାର ପାଇଁ ଭଦ୍ରକ ଲୋକ ସଭା ପ୍ରାର୍ଥୀ ଅଭିମନ୍ୟୁ ସେଠୀ, ବିଧାୟକ ପ୍ରାର୍ଥୀ ମାଧବାନନ୍ଦ ମଲ୍ଲିକଙ୍କୁ ଭୋଟ ଦେବାକୁ ସେ ନିବେଦନ କରିଥିଲେ।

ସଭାରେ ଓଡ଼ିଶା ପ୍ରଭାରୀ ଅରୁଣ ସିଂ ଯୋଗଦେଇ କହିଥିଲେ, ରାଜ୍ୟରେ ଭାଜପା କ୍ଷମତାକୁ ଆସିଲେ ଆୟୁଷ୍ମାନ ଯୋଜନା କାର୍ଯ୍ୟକାରୀ କରିବା ସହିତ ସ୍ୱାସ୍ଥ୍ୟ କ୍ଷେତ୍ରରେ ବିକାଶ ପାଇଁ ୧ ହଜାର ଆମ୍ବୁଲାନ୍ସ ଯୋଗାଇ ଦିଆଯିବ। ଏଥିସହ ପ୍ରତି ପରିବାରର ଜଣଙ୍କୁ ସରକାରୀ ଚାକିରି ମିଳିବ। ଅନ୍ୟମାନଙ୍କ ମଧ୍ୟରେ ଲୋକ ସଭା ପ୍ରାର୍ଥୀ ଅଭିମନ୍ୟୁ ସେଠୀ, ବିଧାୟକ ପ୍ରାର୍ଥୀ ମାଧବାନନ୍ଦ ମଲ୍ଲିକ, ପୂର୍ବତନ ବିଧାୟକ ମଧୁସୂଦନ ପାଣିଗ୍ରାହୀ, ଭାଜପା ଜିଲା ଉପସଭାପତି ଅଶୋକ ସାହୁ, ଜିଲା ସାଧାରଣ ସମ୍ପାଦକ ମଧୁସୂଦନ ପାଢୀ, ଧୀରେନ୍ଦ୍ର ମହାନ୍ତି, ଜୋନ୍ ସଭାପତି ନିର୍ମଳ ପଣ୍ଡା, ମହିଳା ଜିଲା ସଭାନେତ୍ରୀ ମନସ୍ୱିତା ଖୁଣ୍ଟିଆ ଓ ସମ୍ପାଦିକା ସୁମିତ୍ରା ପାଣି ପ୍ରମୁଖ ଉପସ୍ଥିତ ଥିଲେ। ନିର୍ବାଚନମଣ୍ଡଳୀ ପ୍ରଭାରୀ ଅମ୍ବିକା ଦାସ ମଞ୍ଚ ପରିଚାଳନା କରିଥିଲେ।



ବନ୍ତରେ ବିଜୟ ସଂକଳ୍ପ ସମାବେଶରେ କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ ଓ ଅରୁଣ ସିଂଙ୍କ ସହ ଅନ୍ୟମାନେ।

କେନ୍ଦ୍ରମନ୍ତ୍ରୀ ଗଡ଼କରୀ ଓ ପ୍ରଭାରୀ ଅରୁଣ ସିଂ ହେଲିକପ୍ଟର ଯୋଗେ ଅପରାହ୍ନରେ ସଭାସ୍ଥଳରେ ପହଞ୍ଚିବା ପରେ ସେମାନଙ୍କୁ ଦଳ ପକ୍ଷରୁ ସ୍ୱାଗତ କରାଯାଇଥିଲା। ବାସୁଦେବପୁର ସଭା ପରେ ଉଭୟେ ବନ୍ତ ହାଟପଡ଼ିଆଠାରେ ଆୟୋଜିତ ସମାବେଶରେ ଯୋଗଦେଇ ଉପରୋକ୍ତ ବକ୍ତବ୍ୟ ଦୋହରାଇଥିଲେ। ୫୦ ବର୍ଷରେ ଯାହା ନ ହୋଇଛି ତାହା ମୋଦି ସରକାର ୫ ବର୍ଷରେ କରି ଦେଖାଇଛନ୍ତି ବୋଲି ଗଡ଼କରୀ କହିଥିଲେ। ପ୍ରାରମ୍ଭରେ ଭାଜପା ଜିଲା ସଭାପତି ତଥା ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ ବଦ୍ରିନାରାୟଣ ଧଳ ମଞ୍ଚ ପରିଚାଳନା କରିଥିଲେ। ଭଦ୍ରକ ଲୋକ ସଭା ପ୍ରାର୍ଥୀ ଅଭିମନ୍ୟୁ, ପୂର୍ବତନ ଏମ୍ପି ଅର୍ଜୁନ ଚରଣ ସେଠୀ, ବ୍ଲକ ଅଧ୍ୟକ୍ଷ ଦେବେନ୍ଦ୍ର ଜେନା, ଭାଜପା ନେତ୍ରୀ ମନସ୍ୱିତା ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ପୂର୍ବତନ ବିଧାୟକ ପ୍ରଫୁଲ୍ଲ ଜେନା, ପୂର୍ବତନ ଜିଲାପରିଷଦ ସଭ୍ୟା ରୀନା ସିଂ, ସଭ୍ୟ ଦେବେନ୍ଦ୍ର ତ୍ରିପାଠୀ, ଭାଜପା ଜିଲା କୋଷାଧ୍ୟକ୍ଷ ପ୍ରଦୀପ୍ତ ବିଶ୍ୱାଳ, ଯୁବନେତା ସୁରେଶ ସାମଲ ଓ ମଣ୍ଡଳ ସଭାନେତ୍ରୀ ପଙ୍କଜିନୀ ଲେଙ୍କା ପ୍ରମୁଖ ମଞ୍ଚାସୀନ ଥିଲେ। ସିନେତାରକା ପିଙ୍କି ପ୍ରିୟଦର୍ଶନୀ ଏହି ସଭାରେ ଯୋଗଦେଇଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ପାଖରେ ମିଛ ଛଡ଼ା କିଛି ପ୍ରସଙ୍ଗ ନାହିଁ: ଧର୍ମେନ୍ଦ୍ର

**ଭୁବନେଶ୍ୱର, ୨୪।୪(ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଖରେ ମିଛ ଛଡା କୌଣସି ପ୍ରସଙ୍ଗ ନାହିଁ। ତେଣୁ ମୁଖ୍ୟମନ୍ତ୍ରୀ ମୋଦି ଓ ପରିବର୍ତ୍ତନ ନାଁ ଶୁଣିଲା ମାତ୍ରେ ଚେଇଁକି ଉଠୁଛନ୍ତି। ତାଙ୍କ ନିର୍ବାଚନୀ ପ୍ରଚାର ଅଭିଯାନ ସମ୍ପୂର୍ଣ୍ଣ ମିଛ ତଥ୍ୟ ଉପରେ ଆଧାରିତ। ଏଥର ହିଂସା ଓ ମିଛ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଆୟୁଧ ହୋଇଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସାମାଜିକ ଗଣମାଧ୍ୟମ ଜରିଆରେ ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ଧର୍ମେନ୍ଦ୍ର କହିଛନ୍ତି, ଓଡିଶାର ବିପଦ ବେଳେ ଦିଲ୍ଲୀ ନେତାମାନେ କେଉଁଆଡେ ଯାଇଥିଲେ ବୋଲି ନବୀନ ବାବୁ ପ୍ରଶ୍ନ କରୁଛନ୍ତି। ଓଡିଶାର ବିପଦ ବେଳେ ଭାଜପା ଠିଆ ନ ହେବା ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କ ସତ୍ୟର ଅପଳାପ। କେନ୍ଦ୍ରମନ୍ତ୍ରୀ ସନ୍ତୋଷ ଗଙ୍ଗୱାର ବରଗଡର ବିକାଶ ପାଇଁ ଯାଇଥିବା ବେଳେ ଜଣେ ମହିଳା ମନ୍ତ୍ରୀଙ୍କ ଉପସ୍ଥିତିରେ କିଏ ତାଙ୍କୁ ଟେକା, ପଥର ମାରିଥିଲା ବିଜେଡି ଉତ୍ତର ଦେଉ। ଚକଡା ପୋକର ଶୀକାର ହୋଇ ଆତ୍ମହତ୍ୟା କରିଥିବା ଚାଷୀ ବୃନ୍ଦା ସାହୁଙ୍କ ଘରେ କେନ୍ଦ୍ର କୃଷିମନ୍ତ୍ରୀ ପହଞ୍ଚିଥିବା ବେଳେ ମୁଖ୍ୟମନ୍ତ୍ରୀ କେଉଁଠି ଥିଲେ କୁହନ୍ତୁ। ଏତଦବ୍ୟତୀତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଅନେକ ବିକାଶମୂଳକ କାର୍ଯ୍ୟରେ ସାଙ୍ଗରେ ନେଇଛନ୍ତି। ନବୀନ ବାବୁ ସେକଥା ସବୁ ଭୁଲିଯାଉଛନ୍ତି ନା ମିଛ କହୁଛନ୍ତି। ସେହିପରି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂହ ମଧ୍ୟ ନକ୍ସଲ ସମସ୍ୟାର ସମୀକ୍ଷା ପାଇଁ କୋରାପୁଟ ଯାଇଥିଲେ। ହେଲେ ମୁଖ୍ୟମନ୍ତ୍ରୀ କୋରାପୁଟର ନକ୍ସଲ ପ୍ରଭାବିତ ଅଞ୍ଚଳରେ ଗୋଟିଏ ରାତି ମଧ୍ୟ ବିତାଇନାହାନ୍ତି। ନିଜ ବିଭାଗର ବିକାଶ କାମ କରିବା ପାଇଁ କେଉଁ କେନ୍ଦ୍ରମନ୍ତ୍ରୀ ଓଡିଶାକୁ ଆସିନାହାନ୍ତି ବୋଲି ଧର୍ମେନ୍ଦ୍ର ପ୍ରଶ୍ନ କରିଛନ୍ତି।

ଧର୍ମେନ୍ଦ୍ର ଆହୁରି କହିଛନ୍ତି, ରାଜନୀତି ତା ବାଟରେ ହେଉ। ରାଜନୀତିରେ ଯେପରି ବିକାଶ ପେଶି ନ ହୋଇଯାଉ। ମଙ୍ଗଳବାର ପ୍ରଧାନମନ୍ତ୍ରୀ ଓଡିଶା ଆସିଥିଲେ। ଗତ ୧୯ବର୍ଷରେ ରାଜ୍ୟ ସରକାର ଯେଉଁ କାମ କରିଛନ୍ତି ଏବଂ ଯାହା ହୋଇପାରିନାହିଁ ତାହା କରାଯିବ ବୋଲି କହିଲେ। ଏହାସହ ଥରେ ଭାଜପାକୁ ରାଜ୍ୟରେ ସରକାରକୁ ଆଣିଲେ ୧୯ବର୍ଷରେ ରାଜ୍ୟ ସରକାର ଯାହା କରିଛନ୍ତି ତାର ୫ ଗୁଣା କାମ ୫ବର୍ଷ ମଧ୍ୟରେ କରିବୁ ବୋଲି ମୋଦି କହିଛନ୍ତି। ଓଡିଆ ଲୋକମାନେ ମୋଦିଙ୍କୁ ଭରସା କରୁଥିବା ଶେଷ ତିନୋଟି ପର୍ଯ୍ୟାୟ ନିର୍ବାଚନରୁ ସ୍ପଷ୍ଟ ସୂଚନା ମିଳିଲାଣି। ମୁଖ୍ୟମନ୍ତ୍ରୀଙ୍କ ଦିନକାଳ ଶେଷ ହୋଇ ଆସିଲାଣି ବୋଲି ଧର୍ମେନ୍ଦ୍ର କହିଛନ୍ତି।

## ବାରିପଦାରେ ମୁଖ୍ୟମନ୍ତ୍ରୀଙ୍କ ରୋଡ୍ ଶୋ



**ବାରିପଦା ଅଫିସ/ବଡ଼ସାହି/ବେତନଟୀ, ୨୪।୪(ସ୍ୱ.ପ୍ର):** ମୟୂରଭଞ୍ଜ ଜିଲାର ବିଭିନ୍ନ ସ୍ଥାନରେ ବୁଧବାର ମୁଖ୍ୟମନ୍ତ୍ରୀ ହାଇଟେକ ବସ ଯୋଗେ ରୋଡ ଶୋ କରିଛନ୍ତି। ରାତି ୮ଟା ବେଳେ ବାରିପଦା ସହରର କେସି ସର୍କଲଠାରୁ ସେ ପ୍ରଚାର ଆରମ୍ଭ କରିଥିଲେ। ଉପସ୍ଥିତ ଜନତାଙ୍କୁ ଉଦ୍‌ବୋଧନ ଦେଇ ବିଜେଡି ସପକ୍ଷରେ ଭୋଟ ଦେବାକୁ କହିଥିଲେ। ଏହାପରେ ସେ ସର୍କିଟ ହାଉସ ଯାଇ ରାତ୍ରିଯାପନ କରିବେ। ଗୁରୁବାର ସକାଳେ ଜଗନ୍ନାଥ ମନ୍ଦିର ଯାଇ ଶ୍ରୀଜୀଉଙ୍କୁ ଦର୍ଶନ ପରେ ରାଇରଙ୍ଗପୁରରେ ରୋଡ଼ ଶୋ ସହିତ ବିଭିନ୍ନ ସ୍ଥାନରେ ଆୟୋଜିତ ନିର୍ବାଚନୀ ସଭାରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ।

ବଡ଼ସାହି ନିର୍ବାଚନମଣ୍ଡଳୀରେ ବୁଧବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ବସରେ ରୋଡ଼ ଶୋ କରିଥିଲେ। ମୁଖ୍ୟମନ୍ତ୍ରୀ ବସ ଉପରୁ ‘ଜୟ ଜଗନ୍ନାଥ’ କହି ଓଡ଼ିଶାର ବିକାଶ ପାଇଁ ମୁଁ ଆପଣଙ୍କ ନିକଟକୁ ଆସିଛି। ଏଣୁ ସମସ୍ତେ ଉଭୟ ଏମ୍ପି ଓ ବିଧାୟକ ପ୍ରାର୍ଥୀଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେଇ ଜୟଯୁକ୍ତ କରାନ୍ତୁ ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀ ବଡ଼ସାହି ନିର୍ବାଚନମଣ୍ଡଳୀର ବୈଶିଙ୍ଗାରେ ୬ଟା ୧୦ରେ ପହଞ୍ଚିଥିଲେ। ସେଠାରୁ ଏକ ବିରାଟ ବାଇକ ରାଲିରେ ତାଙ୍କୁ ସ୍ୱାଗତ କରାଯାଇଥିଲା। ଏହା ପରେ ତାଙ୍କ ରୋଡ଼ ଶୋ ମାଣଡ୍ରୀ-ବଡ଼ସାହି ଦେଇ ବାରିପଦା ଅଭିମୁଖେ ଆସିଥିଲେ। ରୋଡ୍ ଶୋ ୬ଟା ୩୦ରେ ମାଣଡ୍ରୀ, ୭ଟା ୧୦ରେ ବଡ଼ସାହି, ୭ଟା ୪୫ରେ ବୈଦପୁରରେ ପହଞ୍ଚିଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ଦେଖିବା ଓ ଶୁଣିବା ପାଇଁ ରାସ୍ତା ପାର୍ଶ୍ୱ ଓ ଛକ ମାନଙ୍କରେ ପ୍ରବଳ ଜନସମାଗମ ପରିଲକ୍ଷିତ ହୋଇଥିଲା। ଏପରିକି ବଡ଼ସାହି ଗାନ୍ଧୀଛକରେ ଥିବା ୩ ମହଲା କୋଠା ଉପରକୁ ଲୋକମାନେ ରହି ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ମହିଳା ମାନେ ଶଙ୍ଖ ହୁଳହୁଳି ସହିତ ଫୁଲ ଦେଇ ସ୍ୱାଗତ କରିଥିବା ବେଳେ ଆଦିବାସୀ ବାଦ୍ୟ ନୃତ୍ୟରେ ପରିବେଶ କମ୍ପିଥିଲା। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଏମ୍ପି ପ୍ରାର୍ଥୀ ରବୀନ୍ଦ୍ର କୁମାର ଜେନା ଓ ବିଧାୟକ ପ୍ରାର୍ଥୀ ବୃନ୍ଦାବନ ଦାସ, ସିନେ ତାରକାମାନେ ପୃଥକ ଗାଡ଼ିରେ ଭୋଟ ନିବେଦନ କରିଥିଲେ। ବୈଦପୁରଠାରୁ ମୟୂରଭଞ୍ଜ ଲୋକ ସଭା ପ୍ରାର୍ଥୀ ଦେବାଶୀଷ ମାରାଣ୍ଡି ଓ ବିଧାୟକ ପ୍ରାର୍ଥୀ ସରୋଜିନୀ ହେମ୍ବ୍ରମ ବାରିପଦା ପର୍ଯ୍ୟନ୍ତ ସମର୍ଥକଙ୍କ ସହିତ ରୋଡ଼ ଶୋରେ ଯାଇଥିଲେ। ଡୁକୁରା, ନାଉପାଳ, ବାଲିଯୋଡ଼ା, ବଡ଼କେରକୋ, ସାନକେରୋକ ଓ ବାଲିଯୋଡା ଦେଇ ଏହି ରୋଡ଼ ଶୋ ବାରିପଦା ଅଭିମୁଖେ ଯାଇଥିଲା। ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଥିଲା।

## ଧର୍ମେନ୍ଦ୍ରଙ୍କ ରୋଡ ଶୋରେ ଭାଜପା-ବିଜେଡି କର୍ମୀ ମୁହାଁମୁହିଁ

ବାରିପଦା ଅଫିସ,୨୪।୪

ମୟୂରଭଞ୍ଜ ଜିଲା ଅଧୀନ ଲୋକ ସଭା ଓ ୭ ବିଧାନସଭା ପାଇଁ ଆସନ୍ତା ୨୯ ତାରିଖରେ ଚତୁର୍ଥ ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ। ଏହି ଆସନ ଗୁଡିକରେ ନିଜ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ଉଭୟ ଭାଜପା ଓ ବିଜେଡି ପକ୍ଷରୁ ଜିଲା ସାରା ପ୍ରତିଦିନ ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି। ଏହି ପରିପ୍ରେକ୍ଷୀରେ ବାରିପଦା ସହରରେ ଭାଜପା ଲୋକ ସଭା ପ୍ରାର୍ଥୀ ଇଂ ବିଶେଶ୍ୱର ଟୁଡୁ ଓ ବାରିପଦା ବିଧାନସଭା ପ୍ରାର୍ଥୀ ପ୍ରକାଶ ସୋରେନଙ୍କୁ ସାଙ୍ଗରେ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅପରାହ୍ନରେ

### ପୋଲିସର ବୁଝାଶୁଝା ପରେ ପରିସ୍ଥିତି ଶାନ୍ତ

ରୋଡ ଶୋ କରିଥିଲେ। ଏହି ରୋଡ ଶୋ ବିଜେଡି କାର୍ଯ୍ୟାଳୟ ନିକଟରେ ପହଞ୍ଚିବା ବେଳକୁ ବିଜେଡି-ଭାଜପା କର୍ମୀମାନେ ମୁହାଁ ମୁହିଁ ହେବା ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ପରେ ପୋଲିସର ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ ପଡିଥିଲା।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ଦିନିକିଆ ମୟୂରଭଞ୍ଜ ଜିଲା ଗସ୍ତରେ ଆସି ଯଶିପୁର ନିର୍ବାଚନମଣ୍ଡଳୀର ମହର୍ଦ୍ଧାପଳାସ, ରାଇରଙ୍ଗପୁର ନିର୍ବାଚନମଣ୍ଡଳୀର ଭିତରମୁଣ୍ଡା, ସାରସକଣା ନିର୍ବାଚନମଣ୍ଡଳୀର ବିଜାତଳା, ବାଙ୍ଗିରିପୋଷି ନିର୍ବାଚନମଣ୍ଡଳୀର କୁଳିଅଣା ଓ ଉଦଳା ନିର୍ବାଚନମଣ୍ଡଳୀର ଉଦଳାରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବା ସହ ସାଧାରଣ ସଭାରେ ଉଦ୍‌ବୋଧନ ଦେଇଥିଲେ। ଭାଜପା ନେତା ଓ କର୍ମୀମାନେ ରୋଡ ଶୋରେ ପ୍ରଚାର କରୁଥିବା ବେଳେ ବିଜେଡି କର୍ମୀଙ୍କ ଏଭଳି ଉଦ୍ଦେଶ୍ୟମୂଳକ ଆଚରଣ ନିହାତି ଭାବେ ଅଶୋଭନୀୟ। ବୁଧବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ତଥା ରାଜ୍ୟ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ବାରିପଦାରେ ରୋଡ ଶୋ କାର୍ଯ୍ୟକ୍ରମ ରହିଥିବାବେଳେ ଭାଜପା ନେତା ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ରୋଡ ଶୋ ମଧ୍ୟ ରହିଥିଲା। ଏଣୁ କିଏ କେଉଁ ରାସ୍ତାରେ ଯିବେ ତାହା ଏବଂ ସମୟ ସାରଣୀ ପ୍ରସ୍ତୁତ କରି ଅନୁମତି ପ୍ରଦାନ କରିବା କଥା। ହେଲେ ଏଥିରେ ବ୍ୟତିକ୍ରମ ହେବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ଅଭିଯୋଗ ହୋଇଛି। ଏହି ଘଟଣା ହେବା ଅତ୍ୟନ୍ତ ଦୁଃଖର ବିଷୟ ବୋଲି ସହରର ବୁଦ୍ଧିଜୀବୀ ଯଯାତି ମହାନ୍ତ କହିଛନ୍ତି। ଏହି ଘଟଣାରେ ପୋଲିସ ବିଭାଗ ପକ୍ଷରୁ କାହାରି ମତାମତ ମିଳିପାରିନାହିଁ।



ଦଳୀୟ ନେତାଙ୍କ ଗହଣରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

## କଂଗ୍ରେସ ଏମ୍ପି ପ୍ରାର୍ଥୀ ନବଜ୍ୟୋତିଙ୍କ ରୋଡ୍ ଶୋ’

ଜଳେଶ୍ୱର,୨୪।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ଜଳେଶ୍ୱର ନିର୍ବାଚନମଣ୍ଡଳୀରେ ବିଭିନ୍ନ ଦଳ ପ୍ରଚାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଛନ୍ତି। ବିଜେଡି, ଭାଜପା ଓ କଂଗ୍ରେସ ତରଫରୁ ବିଭିନ୍ନ ସ୍ଥାନରେ ରୋଡ଼ ଶୋ’ ଓ ସଭା ଆୟୋଜନ କରା ଯାଇ ନିର୍ବାଚନ ପ୍ରଚାର କରାଯାଉଛି। ବୁଧବାର କଂଗ୍ରେସ ଏମ୍ପି ପ୍ରାର୍ଥୀ ନବଜ୍ୟୋତି ପଟ୍ଟନାୟକ ଓ ଜଳେଶ୍ୱର ବିଧାୟକ ପ୍ରାର୍ଥୀ ସୁଦର୍ଶନ ଦାସ ଦୁହେଁ ମିଶି ବାଇକ୍ ଶୋଭାଯାତ୍ରାରେ ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ୬୦ ନଂ. ଜାତୀୟ ରାଜପଥର ଏକତାଳି ଛକ ଠାରୁ ବାହାରି ଆରଆରପୁର, କୋଟସାହି, ପାଇକସିଦା, ପଶ୍ଚିମବାର୍ଡ଼, ବାଇଗଣବାଡ଼ିଆ, ଝାଡ଼ପିପଳ, ଖୁଲୁଡ଼ା, ବର୍ତ୍ତନା, ଗୋପୀମୋହନପୁର ଓ ଆରୁହା ପଞ୍ଚାୟତ ଅଞ୍ଚଳରେ ରୋଡ଼ ଶୋ କରି ଭୋଟରଙ୍କୁ ଭୋଟ୍ ଦେବା ପାଇଁ ନିବେଦନ କରିଥିଲେ। ଏହି ଅବସରରେ ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ସଭା କରାଯାଇଥିଲା। କଂଗ୍ରେସ ନେତା ସତ୍ୟସୁନ୍ଦର ଦାସ, ତପନ ଦାସ, ସୁନୀଲ ପରିଡ଼ା, ଯୁବନେତା ଗିରିଜା ଶଙ୍କର ଦାସ, ମନୋଜ କୁମାର ଭୂୟାଁ, ରାଜୀବ ପରିଡ଼ା, ସବ୍ୟସାଚୀ ଦାସ, ପଦ୍ମଲୋଚନ ବେହେରା ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

## ରାଲି, ପ୍ରଚାର ସଭାରେ ବଲିଉଡ୍ କଳାକାର

**ରୂପ୍‌ସା,୨୪।୪(ଡି.ଏନ.ଏ.):** ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ରୂପ୍‌ସା ଥାନା ପଡ଼ିଆରେ ମଙ୍ଗଳବାର ବିଜେଡିର ଏକ କର୍ମୀ ସମାବେଶ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଷ୍ଟାର ପ୍ରଚାରକ ଭାବେ ବହୁ ବଲିଉଡ୍ କଳାକାରଙ୍କୁ ନେଇ ବାଇକ୍ ରାଲି କରାଯାଇଥିଲା। ଉକ୍ତ ରାଲି ବସ୍ତା, ରୂପ୍‌ସା, ହଳଦୀପଦା ବଜାର ପରିକ୍ରମା କରିଥିଲା। ପରେ ସଭାରେ ଅଭିନେତା କୁନା ତ୍ରିପାଠୀ, ସବ୍ୟସାଚୀ, ପୁପିନ୍ଦର, ଏଲିନା, ପ୍ରଜ୍ଞାନ ଖଟୁଆ, ହ୍ୟୁମାନ ସାଗର, ଯାତ୍ରା ଖଳନାୟକ ସଞ୍ଜୟ ଭୋଳ ପ୍ରମୁଖ ସଭାରେ ଉପସ୍ଥିତ ରହି ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ଏମ୍ପି ପ୍ରାର୍ଥୀ ଇଂ. ରବୀନ୍ଦ୍ର କୁମାର ଜେନା, ସଦର ବିଧାୟକ ପ୍ରାର୍ଥୀ ଜୀବନ ପ୍ରଦୀପ ଦାଶ ଓ ବସ୍ତା ବିଧାୟକ ପ୍ରାର୍ଥୀ ନିତ୍ୟାନନ୍ଦ ସାହୁ ଯୋଗଦେଇ ରାଜ୍ୟକୁ ବିକାଶର ଚରମ ସୀମାରେ ପହଞ୍ଚାଇବା ପାଇଁ ପୁଣିଥରେ ବିଜେଡି ସରକାର ଗଠନ ଲାଗି ଭୋଟ ଦେବା ସକାଶେ ନିବେଦନ କରିଥିଲେ। ସମାବେଶରେ ଜିଲା ସାଧାରଣ ସମ୍ପାଦକ ବରଦା ପ୍ରସନ୍ନ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ସମାଜସେବୀ ସୁବାସିନୀ ଜେନା, ଏମ୍ପି ପ୍ରତିନିଧି ମହାଦେବ ଦାସ, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ଦାସ, ଗିରିଶ୍ ଦାସ, ଯୁବନେତା ଅନୁପମ ମହାନ୍ତି ପ୍ରମୁଖ ସଭାରେ ବକ୍ତବ୍ୟ ରଖିଥିଲେ।

## ସିମୁଳିଆରେ ବିଜେଡିର ମୋଟରସାଇକେଲ ରାଲି

**ସିମୁଳିଆ,୨୪।୪(ଡି.ଏନ.ଏ.):** ବାଲେଶ୍ୱର ଜିଲା ସିମୁଳିଆ ବ୍ଲକରେ ବୁଧବାର ନିର୍ବାଚନ ପ୍ରଚାର କାର୍ଯ୍ୟକୁ ବିଜେଡି ଜୋର୍‌ଦାର କରିଛି। ଦଳୀୟ କର୍ମୀମାନେ ପୂର୍ବାହ୍ନରେ ମୋଟରସାଇକେଲ ରାଲି କରି ୪୧ନଂ ଜୋନ୍‌ର ଜାମୁଝାଡ଼ି, ପାହିତୋରଣା ଓ ଚାଲୁଣୀ ଗାଁ ପଞ୍ଚାୟତର ୨୪ଟି ଗ୍ରାମ ବୁଲିଥିଲେ। ଏଥିରେ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ଶ୍ରମମନ୍ତ୍ରୀ ସୁଶାନ୍ତ ସିଂଙ୍କ ସମେତ ବହୁ କର୍ମୀ ଓ ସମର୍ଥକ ସାମିଲ ହୋଇଥିଲେ। ଏହି ଅବସରରେ ବିଭିନ୍ନ ଅଞ୍ଚଳରେ ମିଶ୍ରଣ ପର୍ବ, ପଥପ୍ରାନ୍ତ ସଭା ଓ ରାଲି କରାଯାଇଥିଲା।

### ୪ର୍ଥ ପର୍ଯ୍ୟାୟ ନିର୍ବାଚନ

## ବଦଳିପାରେ ସମୀକରଣ

ଭୁବନେଶ୍ୱର, ୨୪।୪(ବ୍ୟୁରୋ)

ଚଳିତ ଥର ରାଜ୍ୟର ୨୧ଲୋକ ସଭା ଏବଂ ୧୪୭ ବିଧାନସଭା ଆସନ ପାଇଁ ୪ଟି ପର୍ଯ୍ୟାୟରେ ନିର୍ବାଚନ ହେଉଛି। ଗତ ମଙ୍ଗଳବାର ସୁଦ୍ଧା ୩ଟି ପର୍ଯ୍ୟାୟ ପାଇଁ ମତଦାନ ଶେଷ ହୋଇଯାଇଛି। ଅର୍ଥାତ୍ ଏବେ ସୁଦ୍ଧା ୧୫ ଲୋକ ସଭା ଏବଂ ୧୦୫ ବିଧାନସଭା ପାଇଁ ଭୋଟ ଶେଷ ହୋଇସାରିଛି। ଏଥିରେ ରାଜ୍ୟର ବହୁ ହେଭିୱେଟ୍ ନେତାଙ୍କ ଭାଗ୍ୟ ପରୀକ୍ଷା ହୋଇସାରିଲାଣି। ଗତ ନିର୍ବାଚନରେ ବିଜୟୀ ହୋଇ ଲୋକ ସଭା ଏବଂ ବିଧାନସଭା ଯାଇଥିବା ନେତାମାନଙ୍କ ମଧ୍ୟରୁ କେତେଜଣ ଏଥର ସଫଳ ହୋଇ ପୁଣି ନିଜ ସ୍ଥିତି ବଜାୟ ରଖିପାରୁଛନ୍ତି ତାଉପରେ ସମସ୍ତଙ୍କ ନଜର ରହିଛି। ଏଭଳି ସ୍ଥିତିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଦୃଢୋକ୍ତିର ସହ ତାଙ୍କ ଦଳ ଏବେଠାରୁ ସରକାର କରିସାରିଥିବା ମତ ରଖିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଶପଥ ଉତ୍ସବରେ ଯୋଗଦେବା ପାଇଁ ନିମନ୍ତ୍ରଣ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏଭଳି ଦୃଢୋକ୍ତି ପରେ ରାଜ୍ୟ ରାଜନୀତି ଆହୁରି ସରଗରମ ହୋଇଛି। ସେପଟେ ୪ର୍ଥ ପର୍ଯ୍ୟାୟ ମତଦାନ ଉପରେ ରାଜ୍ୟବାସୀଙ୍କ ବିଶେଷ ନଜର ରହିଛି। ଏହି ପର୍ଯ୍ୟାୟରେ ନିଜର ଭାଗ୍ୟ ପରୀକ୍ଷା କରୁଥିବା ନେତାମାନଙ୍କ ଭବିଷ୍ୟତ ନେଇ ଚର୍ଚ୍ଚା ଜୋର୍ ଧରିବାରେ ଲାଗିଛି।

ଆସନ୍ତା ୨୯ ତାରିଖରେ ହେବାକୁ ଥିବା ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ପାଇଁ ରାଜ୍ୟର ୩ପ୍ରମୁଖ ଦଳ ପକ୍ଷରୁ ପ୍ରଚାର ମଧ୍ୟ ଜୋରଦାର କରାଯାଇଛି। ଏହି ପର୍ଯ୍ୟାୟରେ ମଧ୍ୟ ବହୁ ହେଭିୱେଟ୍ ସେମାନଙ୍କ ଭାଗ୍ୟ ପରୀକ୍ଷା କରିବେ। ଅନ୍ୟପଟେ ଶେଷ ପର୍ଯ୍ୟାୟ ପାଇଁ ପ୍ରଚାର ବିଗତ ଦିନଗୁଡ଼ିକୁ ଅତିକ୍ରମ କରିବ ବୋଲି ଚର୍ଚ୍ଚା ଜୋର୍ ଧରିଛି। ୪ର୍ଥ ପର୍ଯ୍ୟାୟରେ ୬ ଲୋକ ସଭା ଏବଂ ଏହାର ଅନ୍ତର୍ଗତ ୪୨ ବିଧାନସଭା ଆସନ ପାଇଁ ମତଦାନ ହେବାର ଥିଲା। ମାତ୍ର କେନ୍ଦ୍ରାପଡା ଲୋକ ସଭା ଆସନ ଅନ୍ତର୍ଗତ ପାଟକୁରା ବିଧାନସଭା ବିଜେଡି ପ୍ରାର୍ଥୀ ବେଦପ୍ରକାଶ ଅଗ୍ରୱାଲଙ୍କ ଦେହାନ୍ତ ହୋଇହୋଇଯିବାରୁ ଏହି ଆସନରେ ଆସନ୍ତା ୧୯ରେ ମତଦାନ ହେବ। ଏହି ପର୍ଯ୍ୟାୟରେ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା ଏବଂ ଜଗତସିଂହପୁର ଲୋକ ସଭା ଆସନ ପାଇଁ ଭୋଟ୍ ହେବ। ୨୦୧୪ ସାଧାରଣ ନିର୍ବାଚନରେ ଏହି ସମସ୍ତ ଆସନରେ ବିଜେଡି ପ୍ରାର୍ଥୀ ବିଜୟୀ ହୋଇଥିଲେ। ହେଲେ ଏଥର ସେହି ଧାରାକୁ ବିଜେଡି କେତେଦୂର ସମ୍ଭାଳି ରଖିପାରିବ ସେନେଇ ରାଜନୈତିକ ମହଲରେ ପ୍ରଶ୍ନ ଉଠିବା ଆରମ୍ଭ ହୋଇଛି। ଲୋକମାନଙ୍କ ମୁହଁରୁ ଲୋକ ସଭା କ୍ଷେତ୍ରରେ ଭାଜପା ପ୍ରାର୍ଥୀଙ୍କ ପ୍ରତି ଅଧିକ ସମର୍ଥନ ଦେଖି ବିଜେଡି କିଛିଟା କ୍ଷତି ହେବା ନିଶ୍ଚିତ ବୋଲି ଶୁଣିବାକୁ ମିଳୁଛି। ନିକଟରେ ଧରିତ୍ରୀ ପକ୍ଷରୁ ବହୁ ଆସନରେ ବିଜେଡି, ଭାଜପା ଓ କଂଗ୍ରେସ ସ୍ଥିତି କିପରି ରହିଛି ସେନେଇ ଲୋକମାନଙ୍କ ମତାମତ ନିଆଯାଇଥିଲା। ପଶ୍ଚିମ ଓଡିଶା ଠାରୁ ଆରମ୍ଭ କରି ଦକ୍ଷିଣ ଓଡିଶା ଏବଂ ଉପକୂଳ ଅଞ୍ଚଳ ଲୋକଙ୍କ ସହ ଆଲୋଚନା କରାଯାଇଥିଲା। ଏହି ସମୟରେ ଆମେ ଭେଟିଥିବା ବଲାଙ୍ଗୀରର ଭୁବନ ଭୋଇ, ଅଙ୍କରିଆ ପଦରର ଧରିତ୍ରୀ ବାଗ୍, ସୁଶାନ୍ତ ସେସୁୱା ପ୍ରମୁଖ ବିଜେଡି ଲୋକମାନଙ୍କ ନିକଟରେ ଠିକ୍ ଭାବେ ଯୋଜନା ପହଞ୍ଚାଇ ପାରି ନ ଥିବା କହିଥିଲେ। ସେହିପରି ଦକ୍ଷିଣ ଓଡିଶାର ଆସିକା ନିର୍ବାଚନମଣ୍ଡଳୀର ସୁକାନ୍ତ ପାତ୍ର, ପ୍ରଶାନ୍ତ ପୃଷ୍ଟି ପ୍ରମୁଖଙ୍କ ସହ ଆଲୋଚନା ସମୟରେ ମଧ୍ୟ ସେମାନେ ପରିବର୍ତ୍ତନ କଥାକୁ ଅଧିକ ଗୁରୁତ୍ୱ ଦେବା ସହ ଶାସକ ବିଜେଡିକୁ ସମାଲୋଚନା କରିଥିଲେ। ସେହିପରି ଉପକୂଳର ବହୁ ଲୋକମାନଙ୍କ ସହ ମଧ୍ୟ ଆଲୋଚନା ବେଳେ ସମସ୍ତେ ଏଥର ରାଜ୍ୟରେ ପରିବର୍ତ୍ତନ ଦରକାର ବୋଲି ମତ ରଖିଥିଲେ। ତେଣୁ ଏଥର ଭାଜପା ପ୍ରତି ଲୋକମାନେ ଅଧିକ ଆକୃଷ୍ଟ ହୋଇଥିବା ଏକ ପ୍ରକାର ସ୍ପଷ୍ଟ ସୂଚନା ମିଳୁଛି।

କେନ୍ଦ୍ରାପଡା ଲୋକ ସଭା ଆସନ ଉପରେ ରାଜ୍ୟବାସୀଙ୍କ ବିଶେଷ ନଜର ରହିଛି। ଏହି ଆସନରେ ବିଜେଡିର ବର୍ତ୍ତମାନ ମୁଖ୍ୟ ଶତ୍ରୁ ବୋଲି କୁହାଯାଉଥିବା ପୂର୍ବତନ ଏମ୍ପି ବୈଜୟନ୍ତ ପଣ୍ଡା ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ବିଜେଡି ଛାଡିବା ପରେ ବୈଜୟନ୍ତ ଭାଜପାରେ ଯୋଗଦେଇ ପ୍ରାର୍ଥୀ ହୋଇଛନ୍ତି। ଅନ୍ୟପଟେ ଦଳ ଛାଡି ବୈଜୟନ୍ତ ଶାସକ ଦଳ ବିରୋଧରେ ପ୍ରଚାର ମଧ୍ୟ ଜୋର୍‌ଦାର କରିଛନ୍ତି। ତେଣୁ ବୈଜୟନ୍ତଙ୍କୁ ରୋକିବା ଏଥର ନିର୍ବାଚନରେ ବିଜେଡିର ମୁଖ୍ୟ କାର୍ଯ୍ୟ। ଏହି ଆସନରେ ଶାସକ ଦଳ ରାଜ୍ୟ ସଭା ଏମ୍ପି ଅନୁଭବ ମହାନ୍ତିଙ୍କୁ ପ୍ରାର୍ଥୀ କରିଛି। ତେଣୁ ଏହି ଆସନରେ ବିଜେଡି ଓ ଭାଜପା ମଧ୍ୟରେ ସବୁଠାରୁ ବଡ ପ୍ରତିଯୋଗିତା ହେବ ବୋଲି ଚର୍ଚ୍ଚା ଚାଲିଛି। ବାଲେଶ୍ୱର ଆସନରେ କିନ୍ତୁ ତ୍ରିମୁଖୀ ଲଢ଼େଇ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଏହି ଆସନରେ ବିଜେଡି ରବୀନ୍ଦ୍ର ଜେନା, ଭାଜପା ପ୍ରତାପ ଷଡଙ୍ଗୀ ଏବଂ କଂଗ୍ରେସରୁ ପିସିସି ସଭାପତିଙ୍କ ପୁଅ ନବଜ୍ୟୋତି ପଟ୍ଟନାୟକ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଏଠାରେ ୩ ରାଜନୈତିକ ଦଳ ଭିତରେ କଡା ପ୍ରତିଯୋଗିତା ଚାଲିଥିବା ଶୁଣାଯାଉଛି। ସେହିପରି ଜଗତ୍‌ସିଂହପୁର ଆସନରେ ବିଜେଡି ପ୍ରାର୍ଥୀ ରାଜଶ୍ରୀ ମଲ୍ଲିକ ଓ ଭାଜପା ପ୍ରାର୍ଥୀ ବିଭୁପ୍ରସାଦ ତରାଇଙ୍କ ଭିତରେ ଦ୍ୱିମୁଖୀ ଲଢ଼େଇ ହେବା ନେଇ ଚର୍ଚ୍ଚା ହେଉଛି। ମୟୂରଭଞ୍ଜ ଆସନରେ କିନ୍ତୁ ତ୍ରିମୁଖୀ ଲଢ଼େଇ ଆଶଙ୍କା କରାଯାଉଛି। ଏହି ଆସନରେ ବିଜେଡି ଦେବାଶିଷ ମାରାଣ୍ଡି, ଭାଜପାରୁ ବିଶ୍ୱେଶ୍ୱର ଟୁଡୁ ଏବଂ କଂଗ୍ରେସ-ଜେଏମ୍‌ଏମ୍ ମିଳିତ ଭାବେ ଅଞ୍ଜନୀ ସୋରେନ୍‌ଙ୍କୁ ପ୍ରାର୍ଥୀ କରିଛି। ଏଠାରେ ୩ ପ୍ରାର୍ଥୀଙ୍କ ମଧ୍ୟ କଡା ମୁକାବିଲା ଚାଲିଛି। ସେହିପରି ଭଦ୍ରକ ଆସନରେ ବିଜେଡିର ମଞ୍ଜୁଲତା ମଣ୍ଡଳ, ଭାଜପାରୁ ଅଭିମନ୍ୟୁ ସେଠୀ ଏବଂ କଂଗ୍ରେସରୁ ମଧୁମିତା ସେଠୀ ପ୍ରାର୍ଥୀ ହୋଇଛନ୍ତି। ଏହି ଆସନରେ ମଧ୍ୟ ବିଜେଡି ଓ ଭାଜପା ମଧ୍ୟରେ କଡା ପ୍ରତିଯୋଗିତା ଚାଲିଛି। ଯାଜପୁରରେ ବିଜେଡିରୁ ଶର୍ମିଷ୍ଠା ସେଠୀ, ଭାଜପାରୁ ଅମୀୟ ଜେନା ଏବଂ କଂଗ୍ରେସରୁ ମାନସ ଜେନା ପ୍ରାର୍ଥୀ ହୋଇଛନ୍ତି। ଏଠାରେ ମଧ୍ୟ ଦ୍ୱିମୁଖୀ ଲଢ଼େଇ ହେବାର ଯଥେଷ୍ଟ ସମ୍ଭାବନା ରହିଛି।

ସେହିପରି ନିର୍ବାଚନ ହେବାକୁ ଥିବା ୪୨ ବିଧାନସଭା ଆସନ ମଧ୍ୟରୁ ୨୦୧୪ରେ ବିଜେଡିକୁ ଅଧିକ ସଫଳତା ମିଳିଥିଲା। ନିର୍ବାଚନ ହେବାକୁ ଥିବା ରେମୁଣାରେ ଗତଥର ଭାଜପା ଏବଂ ସାଲେପୁର, ଆଳି, ରାଜନଗର ଓ ଜଗତସିଂହପୁର ଆସନ କଂଗ୍ରେସ ହାତରେ ରହିଥିଲା। ବାକି ସମସ୍ତ ୩୨ ଆସନରେ ବିଜେଡି ପ୍ରାର୍ଥୀ ବାଜିମାତ୍ କରିଥିଲେ। ତେବେ ଏହି ଧାରା କେତେ ମାତ୍ରାରେ ବିଜେଡି ବଜାୟ ରଖିପାରିବ ତାହା ମଧ୍ୟ ଦେଖିବା ଯୋଗ୍ୟ। ଅନ୍ୟପଟେ ଏଥର ବିଜେଡିର ଦେବୀ ପ୍ରସାଦ ମିଶ୍ର, ପ୍ରଣବ ପ୍ରକାଶ ଦାସ, ଅତନୁ ସବ୍ୟସଚୀ ନାୟକ, ପ୍ରତାପ ଦେବ, ଶଶୀଭୂଷଣ ବେହେରା, ପ୍ରତାପ ଜେନା, ଦେବାଶିଷ ସାମନ୍ତରାୟ ପ୍ରମୁଖ ଶେଷ ପର୍ଯ୍ୟାୟରେ ନିଜ ଭାଗ୍ୟ ପରୀକ୍ଷା କରିବେ। ସେହିପରି କଂଗ୍ରେସରୁ ବିଧାୟକ ହୋଇ ନିକଟରେ ଭାଜପାରେ ମିଶା ପ୍ରାର୍ଥୀ ହୋଇଥିବା ପ୍ରକାଶ ବେହେରା, ଦାମୋଦର ରାଉତ, ପ୍ରଭାତୀ ପରିଡା, ଗୋବିନ୍ଦ ଚନ୍ଦ୍ର ଦାସ ଏବଂ କଂଗ୍ରେସର ଅଂଶୁମାନ ମହାନ୍ତି, ଦେବେନ୍ଦ୍ର ଶର୍ମା, ଚିରଞ୍ଜିବୀ ବିଶ୍ୱାଳ, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଗଣେଶ୍ୱର ବେହେରା ପ୍ରମୁଖ ଏଥର ଦୌଡରେ ରହିଛନ୍ତି। ଏମାନଙ୍କ ମଧ୍ୟରୁ କେଉଁସବୁ ହେଭିୱେଟ୍ ଦୌଡରେ ଉତ୍ତୀର୍ଣ୍ଣ ହୋଇ ନିଜ ସ୍ଥିତି ରକ୍ଷା କରିପାରୁଛନ୍ତି ତା’ଉପରେ ନଜର ରହିବ।

## ସଂକ୍ଷେପରେ

### ଭାରସାମ୍ୟ ହରାଇ କେନାଲକୁ ପଶିଲା କାର

**ସମ୍ବଲପୁର, ୨୪।୪ (ବ୍ୟୁରୋ)-** ସମ୍ବଲପୁର ଜିଲା ଅଇଁଠାପାଲି ଥାନା କାଇଁଶିର ରୋଡରେ ବୁଧବାର ସନ୍ଧ୍ୟାରେ ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା କେନାଲକୁ ଏକ କାର ପଶି ଯାଇଛି। ଫଳରେ ୩ଜଣ ଆହତ ହୋଇଛନ୍ତି । ଆହତମାନେ ହେଲେ ସଦର ଥାନା ଅନ୍ତର୍ଗତ ସିନ୍ଦୂରପଙ୍କ ଅଞ୍ଚଳର ରାମସାଗର ଭୋଇ, ଉମାଶଙ୍କର ଭୋଇ ଓ ରମାକାନ୍ତ ବାରିକ। ପୋଲିସ ଓ ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ଆହତମାନଙ୍କୁ ଉଦ୍ଧାର କରି ଜିଲା ସଦର ଡାକ୍ତରଖାନାକୁ ଅଣାଯାଇଥିଲା।

### ଯୁବକଙ୍କୁ ଆକ୍ରମଣ ନେଇ ଥାନାରେ ମାମଲା

**ସମ୍ବଲପୁର, ୨୪।୪ (ବ୍ୟୁରୋ)-** ସମ୍ବଲପୁର ଟାଉନ ଥାନା ଦଲେଇପଡାର ଆକବର୍ ଗଲିରେ ଅବଦୁଲ ହାସିମ୍ ନାମକ ଜଣେ ଯୁବକଙ୍କୁ ଆକ୍ରମଣ ହୋଇଛି। ହାସିମଙ୍କ ବାପା ଅବଦୁଲ ଫଇମ୍ ଏ ନେଇ ଟାଉନ ଥାନାରେ ଅଭିଯୋଗ କରିଛନ୍ତି । ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଛି। ଅଭିଯୋଗ କ୍ରମେ ଅବଦୁଲ ଓ ତାଙ୍କ ସ୍ତ୍ରୀ ଘରେ ଥିବା ସମୟରେ ୭ଜଣ ଯୁବକ ଘର ଭିତରକୁ ପଶି ଆସି ଅବଦୁଲଙ୍କୁ ମାରପିଟ କରିଥିଲେ । ସ୍ତ୍ରୀ ବିରୋଧ କରିବାରୁ ତାଙ୍କୁ ମଧ ମାରପିଟ କରିଥିଲେ । ପୁଅ ଅବଦୁଲ ଆହତ ହୋଇଛନ୍ତି । ହାସିମଙ୍କ ବଡ ଭାଇ କହିବା ଅନୁସାରେ ଜଣେ ଯୁବକ ଏକ ନିର୍ଦ୍ଦିଷ୍ଟ ଦଳରେ ଭୋଟ ଦେବା ପାଇଁ କହିଥିଲେ । ସେ ଏହାକୁ ମନା କରିବାରୁ ଆକ୍ରୋଶମୂଳକ ଭାବେ ମାଡପିଟ କରିଛନ୍ତି ବୋଲି ଅଭିଯୋଗରେ ଦର୍ଶାଇଛନ୍ତି । ଏ ନେଇ ଟାଉନ ଥାନା ଅଧିକାରୀ ରମେଶ ଚନ୍ଦ୍ର ଦୋରା କହିଛନ୍ତି ଯେ, ଅଭିଯୋଗ ଉପରେ ଏକ ମାମଲା ରୁଜୁ କରାଯାଇଛି। ଘଟଣାର ତଦନ୍ତ କରାଯାଉଛି ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# କଡ଼ା ସୁରକ୍ଷାରେ ଇଭିଏମ୍

**ସମ୍ବଲପୁର,୨୪।୪(ବ୍ୟୁରୋ)**

- ସହର ଅପେକ୍ଷା ଗ୍ରାମାଞ୍ଚଳରେ ଅଧିକ ଭୋଟ ହାର
- ରେଙ୍ଗାଲିରେ ୯ ପ୍ରତିଶତ ମତଦାନ ବଢ଼ିଲା

ସମ୍ବଲପୁର ଲୋକସଭା, କୁଚିଣ୍ଡା, ରେଢାଖୋଲ, ସମ୍ବଲପୁର, ରେଙ୍ଗାଲି ବିଧାନସଭା ଆସନ ପାଇଁ ଏପ୍ରିଲ ୨୩ ତୃତୀୟ ପର୍ଯ୍ୟାୟରେ ଅର୍ଥାତ୍ ମଙ୍ଗଳବାର ମତଦାନ ସରିଛି। ମଙ୍ଗଳବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ରେଙ୍ଗାଲି ଓ ସମ୍ବଲପୁର ନିର୍ବାଚନ ମଣ୍ଡଳୀର ବିଭିନ୍ନ ବୁଥ୍‌ରୁ ପୋଲିଂ ପାର୍ଟି ଇଭିଏମ ନେଇ ମହିଳା ବିଦ୍ୟାଳୟ ପଡିଆରେ ପହଞ୍ଚି ଥିଲେ । ଯାଞ୍ଚ କଲା ପରେ ମହିଳା ବିଦ୍ୟାଳୟରେ ହୋଇଥିବା ଅସ୍ଥାୟୀ ଷ୍ଟ୍ରଙ୍ଗ ରୁମ୍‌ରେ ଏସବୁ ରଖା ଯାଇଛି । ଏଥିପାଇଁ ପୋଲିସ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଛି । ମେ ୨୩ ତାରିଖ ଭୋଟ ଗଣତି କରାଯିବ।

୪ଟି ବିଧାନସଭାର ଭୋଟ ହାର ଦେଖିଲେ ସହରର ଭୋଟର ଅପେକ୍ଷା ଗ୍ରାମାଞ୍ଚଳରେ ଭୋଟ ହାର ଅଧିକ ରହିଛି । ସମ୍ବଲପୁର ବିଧାନସଭା ଆସନ ଅଧୀନରେ ବୁର୍ଲା, ହୀରାକୁଦ, ମହାନଗର ନିଗମରେ ସାମିଲ ହୋଇଥିବା ଧନକଉଡା ବ୍ଲକର କେତୋଟି ପଞ୍ଚାୟ ରହିଛି । ସହରରେ ଅଧିକ ସଚେତନ ଭୋଟର ରହିଛନ୍ତି ବୋଲି ଆଲୋଚନା କରାଯାଏ। ହେଲେ ସମ୍ବଲପୁର ବିଧାନସଭାରେ ସବୁଠୁ କମ୍ ମତଦାନ ହୋଇଛି । ୨ ଲକ୍ଷ ୯,୭୮୬ ଭୋଟର ଅଛନ୍ତି। ୬୫ ହଜାର ୭୮୧ ପୁରୁଷ, ୬୪ ହଜାର ୪୦୪ ମହିଳା ଓ ଅନ୍ୟାନ୍ୟ ଜଣେ ଭୋଟରଙ୍କୁ ମିଶାଇ ମୋଟ ୧ ଲକ୍ଷ ୩୦ ହଜାର ୧୮୬ ଭୋଟର ମତ ସାବ୍ୟସ୍ତ କରିଛନ୍ତି । ଯାହାକି ୬୨.୦୬ ପ୍ରତିଶତ ହେଉଛି ।୨୦୧୪ ନିର୍ବାଚନ ତୁଳନାରେ ଏଥର କମି ଯାଇଛି। ହେଲେ ରେଙ୍ଗାଲି ନିର୍ବାଚନ ମଣ୍ଡଳୀରେ ୮୦.୭୪ ପ୍ରତିଶତ ପୋଲିଂ ହୋଇଛି । ରେଙ୍ଗାଲିରେ ମୋଟ ୧ ଲକ୍ଷ ୯୩ ହଜାର ୯୪୨ଭୋଟରଙ୍କ ମଧ୍ୟରୁ ୭୯ ହଜାର ୦୭୩ ପୁରୁକକଷ, ୭୭ ହଜାର ୫୦୫ ମହିଳା ଓ ଅନ୍ୟାନ୍ୟ ୫ ଜଣ ଭୋଟରଙ୍କୁ ମିଶାଇ ମୋଟ ୧ ଲକ୍ଷ ୫୬ ହଜାର ୫୮୩ ଜଣ ଭୋଟର ମତଦାନ କରିଛନ୍ତି । ଗତ ନିର୍ବାଚନ ତୁଳନାରେ ରେଙ୍ଗାଲିରେ ୯ ପ୍ରତିଶତ ଭୋଟ ହାର ବଢିଛି । କୁଚିଣ୍ଡା ନିର୍ବାଚନ ମଣ୍ଡଳୀରେ ସମୁଦାୟ ୨ ଲକ୍ଷ ୧୬ ହଜାର ୧୩୧ ଭୋଟର ରହିଛନ୍ତି । ସେମାନଙ୍କ ମଧ୍ୟରୁ ୮୫ ହଜାର ୮୪୫ ପୁରୁଷ , ୮୮ ହଜାର ୩୬୩ ମହିଳା ଭୋଟରଙ୍କୁ ମିଶାଇ ମୋଟ ୧ ଲକ୍ଷ ୭୪ ହଜାର ୨୦୮ ଭୋଟର ମତଦାନ କରିଛନ୍ତି। ଗତ ନିର୍ବାଚନ ତୁଳନାରେ ୧.୦୫ ପ୍ରତିଶତ ଭୋଟ ହାର କମି ଯାଇଛି। ସମ୍ବଲପୁର ବିଧାନସଭାକୁ ଛାଡିଦେଲ ବାକି ୩ କୁଚିଣ୍ଡା, ରେଢାଖୋଲ, ରେଙ୍ଗାଲି ବିଧାନସଭାର ଗ୍ରାମାଞ୍ଚଳରେ ହିଁ ଅଧିକ ଭୋଟର ରହିଛନ୍ତି । ଭୋଟ ହାରକୁ ଦେଖିଲେ ସହର ଅପେକ୍ଷା ଗ୍ରାମାଞ୍ଚଳରେ ଅଧିକ ମତଦାନ ହୋଇଛି ।




ବୁଧବାର ସମ୍ବଲପୁର ପବ୍ଲିକ ଲାଇବ୍ରେରିରେ ମଞ୍ଚାସୀନ ଅତିଥିମାନେ ।

## ପବ୍ଲିକ ଲାଇବ୍ରେରିର ପ୍ରତିଷ୍ଠା ଦିବସ

**ସମ୍ବଲପୁର, ୨୪।୪ (ବ୍ୟୁରୋ)**

ସମ୍ବଲପୁର ପବ୍ଲିକ ଲାଇବ୍ରେରୀର ୧୭ତମ ପ୍ରତିଷ୍ଠା ଦିବସ ଓ ୱାର୍ଲ୍ଡ ବୁକ୍ସ ଆଣ୍ଡ କପିରାଇଟ ଡେ ପବ୍ଲିକ ଲାଇବ୍ରେରୀ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି । ପ୍ରଫେସର ଶଙ୍କର ପ୍ରସାଦ ପତିଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା । ମୁଖ୍ୟଅତିଥି ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ବେହେରା, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଆକାଶବାଣୀ ମହାନିର୍ଦ୍ଦେଶକ ଅଭୟ କୁମାର ପାଢ଼ୀ ଯୋଗ ଦେଇଥିଲେ। ରଘୁନାଥ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରଫେସର ରବିନାରାୟଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ସମ୍ବଲପୁରରେ ଟାଟା ହାରିୟର୍ କାର୍‌ର ବଜାର ପ୍ରବେଶ



ବୁଧବାର ସମ୍ବଲପୁର ଅଇଁଠାପାଲି ନିକଟସ୍ଥ ଟାଟା ମୋଟର୍ସ କମ୍ପାନୀ ପକ୍ଷରୁ ନୂତନ ହାରିୟର କାରର ବଜାର ପ୍ରବେଶ କରାଯାଉଛି ।

**ସମ୍ବଲପୁର, ୨୪।୪ (ବ୍ୟୁରୋ)**

ଟାଟା ମୋଟର୍ସ କମ୍ପାନୀର ନୂତନ ଚାରି ଚକିଆ ଯାନ ହାରିୟର ବୁଧବାର ସମ୍ବଲପୁର ବଜାର ପ୍ରବେଶ କରିଛି। ସମ୍ବଲପୁର ଅଇଁଠାପାଲି ନିକଟସ୍ଥ କମ୍ପାନୀର ଅଧିକୃତ ବିକ୍ରେତା ମାଁ ସମଲେଶ୍ୱରୀ ଅଟୋମୋବାଇଲ ପରିସରରେ ଉଦ୍‌ଘାଟନୀ ଉତ୍ସବ ହୋଇଥିଲା । ଶୋରୁମ୍ ପରିଚାଳନା ନିର୍ଦ୍ଦେଶକ ନଟବର ବାଙ୍କା ଓ ଆକ୍ସିସ ବ୍ୟାଙ୍କ ଜେନେରାଲ ମ୍ୟାନେଜର ସଞ୍ଜୟ କୁମାର ଦାଶ ଏହି ହାରିୟର୍ କାରର ବଜାର ପ୍ରବେଶ କରାଇଥିଲେ। ନିର୍ଦ୍ଦେଶକ ଗୌରବ ବାଙ୍କା, ଚିଫ୍ ଜେନେରାଲ ମ୍ୟାନେଜର ସୁଶାନ୍ତ ମିଶ୍ର ଓ ସେଲ୍ସ ମ୍ୟାନେଜର ସୁବୋଧ ଚନ୍ଦ୍ର ଦୋରାଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଫାଇନାନ୍ସ କମ୍ପାନୀର ଅଧିକାରୀମାନେ ସାମିଲ ଥିଲେ । ସୂଚନାଯୋଗ୍ୟ, ୫ଟି କଲରରେ ଏହି କାର ଉପଲବ୍ଧ ରହିଛି । ମୁଖ୍ୟତଃ କପର୍, ଗୋଲ୍ଡ, ସିଲଭର୍, ଗ୍ରେ ଓ ହ୍ୱାଇଟ୍ ରଙ୍ଗର କାର୍ ଗ୍ରାହକଙ୍କୁ ଆକୃଷ୍ଟ କରିବ ବୋଲି ସେଲ୍ସ ମ୍ୟାନେଜର ସୁବୋଧ ଦୋରା ଗ୍ରାହକଙ୍କୁ ବୁଝାଇଥିଲେ । ଏହି ନୂତନ କାରର ମୂଲ୍ୟ ୧୨ଲକ୍ଷ, ୭୧ ହଜାର ଟଙ୍କାରୁ ଆରମ୍ଭ କରି ୧୯ ଲକ୍ଷ ପର୍ଯ୍ୟନ୍ତ ମୂଲ୍ୟ ରହିଛି ।

## ପୁରୀ-ହବିବଗଞ୍ଜ ଟ୍ରେନରେ ଏଲ୍‌ଏଚ୍‌ବି କୋଚ୍ ଲାଗିବ

**ସମ୍ବଲପୁର,୨୪।୪ (ବ୍ୟୁରୋ)**

ପୁରୀ-ହବିବଗଞ୍ଜ ସ୍ୱତନ୍ତ୍ର ଟ୍ରେନରେ ଏଲଏଚବି କୋଚ ସଂଯୋଗ କରାଯିବ। ଏଥିରୁ ପରମ୍ପରା ଗତ କୋଚକୁ ସ୍ଥାନାନ୍ତର କରାଯିବ । ଏହି କୋଚ ଗୁଡିକରେ ସୁରକ୍ଷା ସହିତ ଝଟକା ବିହୀନ ଆରାମଦାୟକ ଯାତ୍ରା ଉପଲବ୍ଧି ହେବ। ୦୧୬୬୧/୦୧୬୬୨ ହବିବଗଞ୍ଜ-ପୁରୀ-ହବିବଗଞ୍ଜ ସ୍ୱତନ୍ତ୍ର ଟ୍ରେନ ଚଳିତ ମାସ ୨୩ ତାରିଖଠାରୁ ହବିବଗଞ୍ଜରୁ ଓ ୨୪ ତାରିଖରୁ ପୁରୀଠାରୁ ଏଲଏଚବି କୋଚ ସଂଯୋଗ ସହିତ ଚଳାଚଳ କରିବ । ଏହି ଟ୍ରେନ ଗୋଟିଏ ଏସି-୨ ଟାୟର ବଗି, ୩ଟି ଏସି- ୩ ଟାୟର ବଗି, ୧୦ଟି ସ୍ଲିପର କ୍ଲାସ ବଗି, ୨ଟି ସାଧାରଣ ଦ୍ୱିତୀୟ ଶ୍ରେଣୀ ବଗି, ୨ଟି ଗାର୍ଡ ବଗି, ଲଗେଜ ଭ୍ୟାନ ସହିତ ଚଳାଚଳ କରିବ। ଏଥିରେ ଅଧିକ ବର୍ଥ ସୃଷ୍ଟି ହୋଇପାରିବ । ଏଲଏଚବି କୋଚରେ ଆଣ୍ଟି-ଟେଲିସ୍କୋପିକ ବ୍ୟବସ୍ଥା ରହିବ। ଏହାଦ୍ୱାରା ଦୁର୍ଘଟଣା ସମୟରେ ଅନୁକୂଳ ବାତାବରଣ ସୃଷ୍ଟି କରିବ। ନିରାପଦ, ହାଲୁକା, ଅଧିକ ଆରାମଦାୟକ ରହିବ। ଯାତ୍ରା ସମୟରେ ଝଟକା ବିହୀନ ମଧ୍ୟ ରହିବ। ତେବେ ସୁରକ୍ଷା ଦୃଷ୍ଟିରୁ ବର୍ତ୍ତମାନ ପୂର୍ବ ପ୍ରଚଳିତ ଆଇସିଏଫ କୋଚ ପରିବର୍ତ୍ତେ ଏଲଏଚବି କୋଚ ସଂଯୋଗ କରାଯିବାକୁ ଯୋଜନା କରାଯାଉଛି ବୋଲି ରେଳ ବିଭାଗ ପକ୍ଷରୁ ସୂଚନା ମିଳିଛି ।

# ରେଢ଼ାଖୋଲ ବିଧାନସଭା ଆସନରେ ୭୬.୧୬ ପ୍ରତିଶତ ମତଦାନ

**ରେଢାଖୋଲ, ୨୪।୪ (ଡି.ଏନ.ଏ.)**

ସମ୍ବଲପୁର ଲୋକସଭା ଅଧୀନ ରେଢାଖୋଲ ବିଧାନସଭା ଆସନ ପାଇଁ ୨୩ ତାରିଖରେ ଅନୁଷ୍ଠିତ ସାଧାରଣ ନିର୍ବାଚନ ରେ ୭୬.୧୬ ପ୍ରତିଶତ ମତଦାନ ହୋଇଛି। ସମୁଦାୟ ୧ଲକ୍ଷ ୯୮ହଜାର ୮୯୭ ଜଣ ଭୋଟରଙ୍କ ମଧ୍ୟରୁ ୧ଲକ୍ଷ ୫୧ହଜାର ୪୮୪ ଜଣ ଭୋଟର ମତଦାନ କରିଛନ୍ତି। ଏମାନଙ୍କ ମଧ୍ୟରୁ ୭୬୧୨୦ ଜଣ ପୁରୁଷ ହୋଇଥିବା ବେଳେ ୭୫୩୬୧ ଜଣ ମହିଳା ଓ ୩ଜଣ ତୃତୀୟ ଲିଙ୍ଗୀ ଭୋଟର ମତଦାନ କରିଛନ୍ତି। ମାନେଶ୍ୱର ବ୍ଲକର ତବଲୋଇ ବୁଥ ନଂ ୩୫ରେ ସର୍ବାଧିକ ୯୧.୫୫ ପ୍ରତିଶତ ମତଦାନ ହୋଇଥିବା ବେଳେ ଜୁଜୁମୁରା ବ୍ଲକର ଜୁଜୁମୁରା ୨ ବୁଥ୍ ନଂ. ୬୦ରେ ସର୍ବନିମ୍ନ ୫୮.୮୪ ପ୍ରତିଶତ ମତଦାନ ହୋଇଛି। ତବଲୋଇ ବୁଥ ନଂ ୩୫ରେ ସମୁଦାୟ ଭୋଟର ୧୪୨ ଜଣ ଭୋଟରଙ୍କ ମଧ୍ୟରୁ୧୩୦ଜଣ ଭୋଟର ମତଦାନ କରିଛନ୍ତି। ଏମାନଙ୍କ ମଧ୍ୟରୁ ୬୪ ଜଣ ପୁରୁଷ ହୋଇଥିବା ବେଳେ ୬୬ଜଣ ମହିଳା ବୋଲି ଜଣାପଡିଛି। ସେହିପରି ଜୁଜୋମୁରା ୨ ବୁଥ ନଂ ୬୦ରେ ସମୁଦାୟ ୧୧୩୭ ଜଣ ଭୋଟରଙ୍କ ମଧ୍ୟରୁ ୬୬୯ ଜଣ ଭୋଟର ମତଦାନ କରିଛନ୍ତି। ଏମାନଙ୍କ ମଧ୍ୟରୁ ୩୪୬ ଜଣ ପୁରୁଷ ଓ ୩୨୩ ଜଣ ମହିଳା ବୋଲି ଜଣାପଡିଛି। ସୂଚନାଯୋଗ୍ୟ, ଏହି ନିର୍ବାଚନମଣ୍ଡଳୀରେ ୨୦୧୪ ନିର୍ବାଚନରେ ୭୭.୨୨ ପ୍ରତିଶତ ମତଦାନ ହୋଇଥିଲା। ଏଥର ନିର୍ବାଚନରେ ୭୬.୧୬ ପ୍ରତିଶତ ମତଦାନ ହୋଇଛି।

## ବିଦ୍ୟାଳୟକୁ ୱାଟର୍ ପ୍ୟୁରିଫାୟର ପ୍ରଦାନ

**ସମ୍ବଲପୁର, ୨୪।୪ (ବ୍ୟୁରୋ)**

ସମ୍ବଲପୁର ରୋଟାରୀ କ୍ଲବ ପକ୍ଷରୁ ଚନ୍ଦନନଗରସ୍ଥିତ ଗୋପାଳଜୀ ସାଂସ୍କୃତିକ ବିଦ୍ୟାଳୟ ପରିସରରେ ଶୁଦ୍ଧ ପାନୀୟ ଜଳ ପିଇବା ପାଇଁ (ୱାଟର ପ୍ୟୁରିଫାୟର) ପ୍ରଦାନ କରାଯାଇଛି । ଡ. ନିଖିଳେଶ ତ୍ରିବେଦୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ସଭାପତି ନୀତେଶ କୁମାର ସାହା, ଯତୀନ୍ଦ୍ର ଶର୍ମା, ରାଜକୁମାର ଟିବ୍ରିୱାଲ ଓ ଦାନିଏଲ ଉଇଲ୍‌ସନ୍ ଉପସ୍ଥିତ ଥିଲେ । ବସନ୍ତ ମୁନ୍ଦ୍ରାଙ୍କ ସହଯୋଗରେ ପ୍ୟୁରିଫାଏର ଦିଆଯାଇଥିଲା। ଏହି ସ୍କୁଲରେ ଶହେ ଛାତ୍ରୀଛାତ୍ର ଶୁଦ୍ଧ ପିଇବା ପାଣି ବ୍ୟବହାର କରିପାରିବେ ।




ରୋଟାରୀ କ୍ଲବ ପକ୍ଷରୁ ଚନ୍ଦନନଗରସ୍ଥିତ ଗୋପାଳଜୀ ସାଂସ୍କୃତିକ ବିଦ୍ୟାଳୟ ପରିସରରେ ଶୁଦ୍ଧ ପାନୀୟ ଜଳ ଉଦ୍‌ଘାଟନ କରାଯାଉଛି ।

# ଟ୍ରେଲର ନେଲା ୨ ଜୀବନ

**ରେଙ୍ଗାଲି, ୨୪।୪ (ଡି.ଏନ.ଏ.)**

- ମୃତ୍ୟୁ ମୁଖରୁ ବଞ୍ଚିଗଲେ ମହିଳା
- ଫ୍ଲାଏ ଓଭର ବ୍ରିଜ୍ ଦାବିରେ ୩ ଘଣ୍ଟା ରାସ୍ତାରୋକୋ

ସମ୍ବଲପୁର-ରାଉରକେଲା ବିଜୁ ଏକ୍ସପ୍ରେସ ୱେର ଠେଲକଲୋଇ ଥାନା ଅନ୍ତର୍ଗତ ଲପଙ୍ଗା ବସଷ୍ଟାଣ୍ଡରେ ବୁଧବାର ସକାଳ ପ୍ରାୟ ୮ଟା ୪୫ରେ ଭୟଙ୍କର ଦୁର୍ଘଟଣା ଘଟିଛି। ଗୋଟିଏ ଟ୍ରେଲର ୨ ଜଣଙ୍କର ଜୀବନ ନେଇଛି। ମୃତକ ହେଲେ ହୀରାକୁଦ ମହମ୍ମଦପୁର ନିବାସୀ କୃଷ୍ଣବଲ୍ଲଭ ମେହେର (୬୫) ଓ ଲପଙ୍ଗା ଭୁଲିଆଡିହିର ଦାଶରଥି ମେହେର (୪୫) । ପୋଲିସ ଘଟଣାସ୍ଥଳରୁ ଦାଶରଥିଙ୍କ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ବୁର୍ଲା ଡାକ୍ତରଖାନା ପଠାଇଥିଲା । କୃଷ୍ଣବଲ୍ଲଭଙ୍କୁ ଗୁରୁତର ଅବସ୍ଥାରେ ବୁର୍ଲା ମେଡିକାଲ ପଠା ଯାଇଥିଲା। ସେଠାରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ତେବେ ଲପଙ୍ଗା ବସ ଷ୍ଟାଣ୍ଡଠାରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ସ୍ଥାନୀୟ ଲୋକେ ଦିନ ୯ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ପ୍ରାୟ ୩ଘଣ୍ଟା ଧରି ରାସ୍ତା ରୋକୋ କରିଥିଲେ । ଖବର ପାଇ ଠେଲକଲୋଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କୁ ବୁଝାଶୁଝା କରିଥିଲା। ପୋଲିସ ଦୁର୍ଘଟଣାଗ୍ରସ୍ତ ୩ଟି ଗାଡି ଜବତ କରିବା ସହ ଟ୍ରେଲର ଡ୍ରାଇଭରଙ୍କୁ ଅଟକ ରଖିଛି। ଏ ନେଇ ଏକ ଦୁର୍ଘଟଣା ମାମଲା ରୁଜୁ ହୋଇଛି ।

ସୂଚନା ଅନୁସାରେ କୃଷ୍ଣବଲ୍ଲଭ ତାଙ୍କ ସ୍ତ୍ରୀ ସୁଶୀଳା ମେହେରଙ୍କୁ ନେଇ ସ୍କୁଟି (ଓଡି ୧୫ ଜେ- ୮୯୭୧) ଯୋଗେ ଲପଙ୍ଗା ବସଷ୍ଟାଣ୍ଡଠାରେ ରାସ୍ତା ଅତିକ୍ରମ କରୁଥିଲେ। ଏତିକିବେଳେ ଟ୍ରେଲର (ଓଆର୍ ୨୩ ଏଫ- ୬୮୮୭) ତାଙ୍କୁ ଧକ୍କା ଦେଇଥିଲା। ତେବେ ଟ୍ରେଲରଟି ସ୍କୁଟିକୁ ଧକ୍କା ଦେଇ ଭାରସାମ୍ୟ ହରାଇବା ପରେ ରାସ୍ତା କଡରେ ବାଇକ୍ (ଓଆର୍ ୧୫ ଏଫ- ୯୫୫୧) ସହ ଠିଆ ହୋଇଥିବା ଦାଶରଥିଙ୍କୁ ମଧ୍ୟ ଧକ୍କା ଦେଇଥିଲା। ଫଳରେ ଦାଶରଥି କେକଟ୍ରେଲର ଚକ ତଳେ ଚାପି ହୋଇଯାଇଥିଲେ। ଏଣୁ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଗୁରୁତର ଆହତ କୃଷ୍ଣବଲ୍ଲଭ ଏବଂ ତାଙ୍କ ସ୍ତ୍ରୀଙ୍କୁ ବୁର୍ଲା ଡାକ୍ତରଖାନା ନିଆଯାଇଥିଲା। ସେଠାରେ କୃଷ୍ଣବଲ୍ଲଭ ଆଖି ବୁକଡକକଜିଛନ୍ତି। ତାଙ୍କ ସ୍ତ୍ରୀ ସୁଶୀଳା ସେଠାରେ ଚିକିତ୍ସାଧୀନ ଅଛନ୍ତି।

## ଧରିତ୍ରୀ ଏଜେଣ୍ଟଙ୍କ ପିତୃବିୟୋଗ

**ହୀରାକୁଦ, ୨୪।୪ (ଡି.ଏନ.ଏ.)**

ହୀରାକୁଦର ଧରିତ୍ରୀ ଏଜେଣ୍ଟ ଜୟକୃଷ୍ଣ ବିଶ୍ୱାଳଙ୍କ ପିତା ଆକୁଳ ବିଶ୍ୱାଳ (୮୦)ଙ୍କ ବୁର୍ଲା ଡାକ୍ତରଖାନାରେ ପରଲୋକ ଘଟିଛି। ସେ ସରକାରୀ ଚାକିରିରୁ ଅବସର ନେବା ପରେ ହୀରାକୁଦରେ ପୁସ୍ତକ ଭଣ୍ଡାର କରିଥିଲେ । ତାଙ୍କ ମୃତ୍ୟୁରେ ଦୁଇପୁତ୍ର ଜୟକୃଷ୍ଣ ଓ ବାଳକୃଷ୍ଣ ଭାଙ୍ଗି ପଡିଛନ୍ତି। ଧରିତ୍ରୀ ଖବରଦାତା ବିକ୍ରମାଦିତ୍ୟ ଶତପଥୀଙ୍କ ସମେତ ସହରର ବହୁ ବ୍ୟକ୍ତି ତାଙ୍କ ଶେଷଦର୍ଶନ କରିଥିଲେ। ବଡପୁଅ ଜୟକୃଷ୍ଣ ମୁଖାଗ୍ନି ଦେଇଥିଲେ। ହୀରାକୁଦ ମହାନଦୀ ଶଯ୍ୟାରେ ତାଙ୍କର ଶେଷକୃତ ସମ୍ପନ୍ନ ହୋଇଛି।

## ହାତୀପଲ ପାଇଁ ଗ୍ରାମବାସୀ ଆତଙ୍କିତ, ବନ ବିଭାଗ ନୟାନ୍ତ

**ସମ୍ବଲପୁର,୨୪।୪ (ବ୍ୟୁରୋ)**

ସମ୍ବଲପୁର ବନଖଣ୍ଡ ସଦର ରେଞ୍ଜର ବିଭିନ୍ନ ଗ୍ରାମରେ ପ୍ରାୟ ମାସେ ହେଲା ହାତୀ ଉପଦ୍ରବ ବଢି ଯାଇଛି । ୨୪ଟି ହାତୀ ଦିନ ତମାମ ନିକଟସ୍ଥ ଜଙ୍ଗଲରେ ରହୁଛନ୍ତି । ସନ୍ଧ୍ୟା ହେଲେ ଗାଁ ମୁହାଁ ହେଉଛନ୍ତି । କେନାଲ ଓ କଟାରେ ପାଣି ପିଇବା ସହ ଗାଧୋଉଛନ୍ତି। ବେହେରାପାଲି, କିର୍ଣ୍ଣିପୁର, କାକୁଡିପାଲି, ହାଲିପାଲି, ବଲାରଙ୍ଗା ଆଖପାଖରେ ହାତୀ ପଲକୁ ନେଇ ଆତଙ୍କ ଖେଳି ଯାଇଛି । ଧାନ ଫସଲ ନଷ୍ଟ କରିବା ସହ ଘର ଦ୍ୱାର ଭାଙ୍ଗି ଦେଉଛନ୍ତି । ଘରେ ଥିବା ଚାଉଳ, ଧାନ ଖାଇ ଦେଉଛନ୍ତି । ତେଣୁ ପ୍ରତିଦିନ ସନ୍ଧ୍ୟା ହେଲେ ଗ୍ରାମର ପ୍ରତି ପରିବାର ଆତଙ୍କିତ ହୋଇ ପଡୁଛନ୍ତି । ଅନ୍ୟପଟେ ବନ ବିଭାଗ ପକ୍ଷରୁ ହାତୀ ଘଉଡାଇବା ପାଇଁ ଚେଷ୍ଟା କରଯାଉଛି । ହେଲେ ସୁଫଳ ମିଳୁନି। ଏଥିପାଇଁ ବନ ବିଭାଗର ରେଞ୍ଜର ଗୌରୀ ଦାସଙ୍କ ସହ ପ୍ରାୟ ୩୦ ଜଣ କର୍ମଚାରୀ ନିୟୋଜିତ ରହିଛନ୍ତି । ଲାଇଟ, ଫଟକା ଫୁଟେଇ ହାତୀଙ୍କୁ ଘଉଡାଇବାକୁ ଚେଷ୍ଟା କରୁଛନ୍ତି । ହେଲେ ହାତୀ ପଲ ପୁଣି ଗ୍ରାମକୁ ଚାଲି ଆସୁଛନ୍ତି।

# ଦୁର୍ଘଟଣାରେ ପୋଲିଂ କର୍ମଚାରୀ ଗୁରୁତର

**ସମ୍ବଲପୁର,୨୪।୪(ବ୍ୟୁରୋ)**

ସମ୍ବଲପୁର ଜିଲା ଯୁଯୁମୁରା ଥାନା ଭୀମ ଖୋଜ ବ୍ରିଜ ନିକଟରେ ବାଇକ ଦୁର୍ଘଟଣା ଘଟି ଚାରମାଲ ଥାନା ହଲଦିନାଲା ଗ୍ରାମର ସୁଧାଂଶୁ ପ୍ରଧାନ (୪୫) ଗୁରୁତର ଆହତ ହୋଇଛନ୍ତି । ଏପ୍ରିଲ ୨୩ ସାଧାରଣ ନିର୍ବାଚନରେ ରେଙ୍ଗାଲି ନିର୍ବାଚନ ମଣ୍ଡଳୀରେ ସୁଧାଂଶୁଙ୍କ ଡ୍ୟୁଟିରେ ରହିଥିଲା । ବୁଧବାର ମହିଳା କଲେଜ ପଡିଆରୁ ସକାଳେ ନିଜ ଘରକୁ ଫେରୁଥିଲେ । ଦୁର୍ଘଟଣାରେ ତାଙ୍କର ବାମ ଗୋଡ ଭାଙ୍ଗିଯିବା ସହ ମୁଣ୍ଡରେ ଆଘାତ ଲାଗିଥିଲା। ସେ ରାସ୍ତା କଡରେ ପ୍ରାୟ ଦେଢ ଘଣ୍ଟା ସମୟ ଧରି ପଡି ରହିଥିଲେ । ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେବା ପରେ ମଧ୍ୟ ପୋଲିସ ପହଞ୍ଚି ନ ଥିଲା । ପ୍ରାୟ ଦେଢ ଘଣ୍ଟା ପରେ ୧୦୮ ଆମ୍ବୁଲାନ୍ସ ପହଞ୍ଚିଥିଲା । ବର୍ତ୍ତମାନ ସୁଧାଂଶୁ ବୁର୍ଲା ଡାକ୍ତରଖାନରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଛି। ସୂଚନାଯୋଗ୍ୟ ଯେ, ସମ୍ବଲପୁର-ଅନୁଗୋଳ ୫୫ନଂ. ଜାତୀୟ ରାଜପଥ ନିର୍ମାଣ କାମ ଚାଲିଛି । କାମ ଆରମ୍ଭ ହେବା ଦିନଠାରୁ ଠିକା ସଂସ୍ଥା ସଡକ ସୁରକ୍ଷା ଓ ସଚେତନତା ଉପରେ ଗୁରୁତ୍ୱ ଦେଉ ନ ଥିବାରୁ ବାରମ୍ବାର ଦୁର୍ଘଟଣା ଘଟି ସାଧାରଣ ଲୋକଙ୍କ ଧନଜୀବନ ନଷ୍ଟ ହେଉଛି ।

### ଠିକା କମ୍ପାନୀ ଆମ୍ବୁଲାନ୍ସ ସେବା ଦେଉନାହିଁ

ଜାତୀୟ ରାଜପଥ ନିର୍ମାଣ କରୁଥିବା ଠିକା କମ୍ପାନୀ ଗାୟତ୍ରୀ କନଷ୍ଟ୍ରକ୍ସନ ଆମ୍ବୁଲାନ୍ସ ସେବା ଯୋଗାଇ ଦେଉନାହିଁ ବୋଲି ସାଧାରଣରେ ଅଭିଯୋଗ ହେଉଛି । କାମ ଚାଲୁଥିବା ଓ ପରେ ମଧ୍ୟ ଠିକା କମ୍ପାନୀ ଆମ୍ବୁଲାନ୍ସ ସେବା ଯୋଗାଇ ଦେବାର ନିୟମ ରହିଛି । ହେଲେ ଏହି ନିୟମକୁ ଠିକା କମ୍ପାନୀ ଅବହେଳା କରୁଛି। ଯଦି ବିଭିନ୍ନ ସ୍ଥାନରେ ଆମ୍ବୁଲାନ୍ସ ସେବା ଯୋଗାଇ ଦିଆ ଯାଆନ୍ତା ତେବେ ସଡକ ଦୁର୍ଘଟଣରେ ଆହତମାନଙ୍କୁ ସୁବିଧାରେ ଡାକ୍ତରଖାନା ପହଞ୍ଚାଇ ଜୀବନ ରକ୍ଷା କରାଯାଇପାରନ୍ତା। ଅନ୍ୟପକ୍ଷେ ଜାତୀୟ ରାଜପଥ ବିଭାଗ ଉକ୍ତ ଠିକା କମ୍ପାନୀକୁ ଆମ୍ବୁଲାନ୍ସ ସେବା ଯୋଗାଇ ଦେବାକୁ ବାରମ୍ବାର ଚିଠି କରୁଛି । ହେଲେ କମ୍ପାନୀ ଶୁଣୁନି। ଅବଶ୍ୟ ଏହି ଘଟଣାରେ କମ୍ପାନୀର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଆମ୍ବୁଲାନ୍ସ ସେବା ଯୋଗାଇ ଦେବା ପାଇଁ ପକ୍ରିୟା ଆରମ୍ଭ ହୋଇଛି।

# ଓୟୁଏଟି ଡ୍ରାମାଟିକ ଆସୋସିଏଶନ୍ ବାର୍ଷିକ ଉତ୍ସବ

**ଚିପିଲିମା, ୨୪।୪ (ଡି.ଏନ.ଏ.)**

ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ଅଧୀନସ୍ଥ ଚିପିଲିମା କୃଷି ଓ ଉଦ୍ୟାନ ମହାବିଦ୍ୟାଳୟର ଡ୍ରାମାଟିକ ଆସୋସିଏଶନ୍ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସହକାରୀ ଡିନ୍ ପ୍ରଫେସର ରବି କୁମାର ପଟ୍ଟନାୟକ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଭୁବନେଶ୍ୱର ଓୟୁଏଟି ଭାରପ୍ରାପ୍ତ କୁଳପତି ପ୍ରଫେସର ସୌମେନ୍ଦ୍ର ମୋହନ ପଟ୍ଟନାୟକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଡିନ୍ ଫାକଲଟି (କୃଷି) ପ୍ରଫେସର କେ.କେ. ରାଉତ, ପୂର୍ବତନ ଓୟୁଏଟି ଡିନ୍ ଭୁବନେଶ୍ୱର ପ୍ରଫେସର



ଓୟୁଏଟି ଡ୍ରାମାଟିକ ଆସୋସିଏଶନ୍ ବାର୍ଷିକ ଉତ୍ସବରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଏଲ.ଏନ. ଗଡନାୟକ, ଭବାନୀପାଟଣା କୃଷି ମହାବିଦ୍ୟାଳୟ ସହକାରୀ ଡିନ୍ ପ୍ରଫେସର ଏସ.କେ. ମହାନ୍ତି, ଚିପିଲିମା ଆଞ୍ଚଳିକ କୃଷି ଗବେଷଣା କେନ୍ଦ୍ରର ଆରଆରଟିଏସ ଏଡିଆର ପ୍ରଫେସର ଅଶୋକ କୁମାର ମହାନ୍ତି, ଛାତ୍ର ସଂସଦ ସଭାପତି ସୌମ୍ୟରଞ୍ଜନ ଦାସ, ସମ୍ପାଦକ ଗୌରିଶଙ୍କର ପଣ୍ଡା ମଞ୍ଚାସୀନ ଥିଲେ। ଡ୍ରାମାଟିକ ସମ୍ପାଦକ ବିମଳ କୁମାର ସାହୁ ବିବରଣୀ ପାଠ କରିଥିଲେ । ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲା । ଛାତ୍ର ସାଂସଦ ଉପଦେଷ୍ଟା ପୁରନ୍ଦର ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ନାଚ, ଗୀତ ଆୟୋଜିତ ହୋଇଥିଲା। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ଏକ ପୁସ୍ତକ ଉନ୍ମୋଚିତ ହୋଇଥିଲା।



ଦୁର୍ଭାଗ୍ୟବଶତଃ ଅସୁସ୍ଥତା ଲାଗି ଆଇପିଏଲ୍‌ର କେତୋଟି ମ୍ୟାଚ୍ ଖେଳି ପାରି ନ ଥିଲି। ପ୍ରତ୍ୟାବର୍ତ୍ତନ ପରେ ପ୍ରଦର୍ଶନକୁ ନେଇ ଖୁସି ରହିଛି ।

–ହରଭଜନ ସିଂ, ଚେନ୍ନାଇ ସୁପର୍ କିଙ୍ଗ୍ସ ବୋଲର



ଆଗାମୀ ଆଇସିସି ବିଶ୍ୱକପ୍ ଲାଗି ଘୋଷିତ ଭାରତୀୟ ଦଳ ବେଶ ସନ୍ତୁଳିତ । ବିଶ୍ୱକପ୍‌ରେ ଭାରତ ଭଲ ପ୍ରଦର୍ଶନ କରିବ ବୋଲି ଆଶାରହିଛି ।

–ରାହୁଲ ଦ୍ରାଭିଡ୍, ପୂର୍ବତନ ଭାରତୀୟ ଅଧିନାୟକ

## ଆଜିର ମ୍ୟାଚ



ରାଜସ୍ଥାନ ରୟାଲ୍ସ
ବନାମ
କୋଲକାତା ନାଇଟ୍ ରାଇଡର୍ସ

ପ୍ରସାରଣ
ସ୍ଥାନ : କୋଲକାତା
ସମୟ : ରାତି ୮ଟା
ଷ୍ଟାର ସ୍ପୋର୍ଟ୍ସ

## ଭାରତୀୟ ବିଶ୍ୱକପ୍ ଦଳର ଖେଳାଳିଙ୍କ ଲାଗି ସ୍ୱତନ୍ତ୍ର ସୁଟ୍

ନୂଆଦିଲ୍ଲୀ,୨୪।୪- ଦର୍ଜି ଘରକୁ ଆସି ସୁଟ୍ ପାଇଁ ମାପ ନେବା କଥା ପ୍ରାୟ ଶୁଣି ନ ଥିବେ। କିନ୍ତୁ ଭାରତୀୟ ବିଶ୍ୱକପ୍ ଦଳର ଖେଳାଳି ଓ ସପୋର୍ଟ ଷ୍ଟାଫଙ୍କ ଲାଗି ଏଭଳି ବ୍ୟବସ୍ଥା କରାଯାଇଛି। ଏକ ସୁଟ୍ ନିର୍ମାଣକାରୀ କମ୍ପାନୀର ଦର୍ଜିମାନେ ଗତ କିଛିଦିନ ହେଲା ଭାରତୀୟ ଦଳର ଖେଳାଳିଙ୍କ ରୁମ୍‌କୁ ଯାଇ ମାପ ନେଉଛନ୍ତି। ବିସିସିଆଇ ପକ୍ଷରୁ ଭାରତୀୟ ଦଳର ପ୍ରତ୍ୟେକ ଖେଳାଳିଙ୍କ ସୁବିଧାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ସୁଟ୍ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଶ୍ୱକପ୍ ଦଳରେ ସ୍ଥାନ ପାଇଥିବା ପ୍ରାୟତଃ ଖେଳାଳି ଏବେ ଆଇପିଏଲରେ ବ୍ୟସ୍ତ। ଏଣୁ ଦର୍ଜିମାନେ ବିଭିନ୍ନ ଆଇପିଏଲ ଫ୍ରାଞ୍ଚାଇଜର ଦଳୀୟ ହୋଟେଲକୁ ଯାଉଛନ୍ତି। ସେମାନେ ବିଭିନ୍ନ ପ୍ରକାର ଦର୍ଜି କାମ କରନ୍ତି। ସେମାନଙ୍କୁ ପ୍ରତ୍ୟେକ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କ ମାପ ନେଇ ସୁଟ୍ ପ୍ରସ୍ତୁତ କରିବାକୁ କୁହାଯାଇଛି। ଏବେ ଆଇପିଏଲ ଚାଲିଥିବାରୁ, ଦଳୀୟ ଖେଳାଳିମାନେ ବିଭିନ୍ନ ସ୍ଥାନରେ ରହୁଛନ୍ତି। ଏଣୁ ଖେଳାଳିଙ୍କ ଅନୁମତି ନେଇ କମ୍ପାନୀ ଦର୍ଜି ପଠାଇବାକୁ ନିର୍ଦ୍ଦେଶ ଦିଆଯାଇଥିବା ବିସିସିଆଇ ସୂତ୍ରରୁ ଜଣାପଡ଼ିଛି। ସ୍ୱତନ୍ତ୍ର ସୁଟର ନୀଳ ରଙ୍ଗର ବ୍ଲେଜର, ଟ୍ରାଉଜର, ଧଳା ଶାର୍ଟ ଉନ୍ନତ ମାନର କପଡ଼ାରେ ପ୍ରସ୍ତୁତ କରାଯିବ। ବ୍ଲେଜର ପକେଟରେ ବିସିସିଆଇର ଲୋଗୋ ରହିବ। ସାଧାରଣତଃ ଏହି ସୁଟ୍ ଖେଳାଳିଙ୍କୁ କିଛି ନିର୍ଦ୍ଦିଷ୍ଟ ସିରିଜ୍ ପୂର୍ବରୁ ପ୍ରଦାନ କରାଯାଏ। ଅନ୍ତିମ ଥର ଗତ ବର୍ଷ ଦକ୍ଷିଣ ଆଫ୍ରିକା ସିରିଜ୍ ପୂର୍ବରୁ ପ୍ରଦାନ କରାଯାଇଥିଲା। କିନ୍ତୁ ସେତେବେଳେ ଦର୍ଜି ଖେଳାଳିଙ୍କ ମାପ ନେବା ଲାଗି ସେମାନଙ୍କ ଘରକୁ ଯାଇ ନ ଥିଲେ। ପୂର୍ବରୁ ଭାରତୀୟ ଦଳର ଖେଳାଳିମାନେ ଇଟାଲିଆନ ବ୍ରାଣ୍ଡ କପଡାର ଶୁଟ୍ ପରିଧାନ କରୁଥିଲେ। ହେଲେ ଚଳିତ ଥର ବିଶ୍ୱକପ୍‌ରେ ପ୍ରତିନିଧିତ୍ୱ କରୁଥିବା ଖେଳାଳିମାନଙ୍କ ଲାଗି ଫିଟ୍ ଡ୍ରେସ୍ ପ୍ରସ୍ତୁତ କରିବାକୁ ଭାରତୀୟ କମ୍ପାନୀକୁ କୁହାଯାଇଛି।

# ବାଙ୍ଗାଲୋରର କ୍ରମାଗତ ତୃତୀୟ ବିଜୟ

ବେଙ୍ଗାଲୁରୁ,୨୪।୪ (ପି.ଟି.)

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଶେଷରେ ଲୟକୁ ଫେରିଛି। ଆରମ୍ଭରୁ କ୍ରମାଗତ ଭାବେ ପରାଜୟ ବରଣ କରିଆସୁଥିବା ବାଙ୍ଗାଲୋର ବୁଧବାର କିଙ୍ଗ୍ସ ଇଲେଭେନ ପଞ୍ଜାବକୁ ୧୭ ରନରେ ପରାସ୍ତ କରି କ୍ରମାଗତ ତୃତୀୟ ବିଜୟ ହାସଲ କରିଛି। ଏଥିସହିତ ଚଳିତ ସେସନରେ ବାଙ୍ଗାଲୋର ପ୍ରଥମଥର ପାଇଁ ପଏଣ୍ଟ ତାଲିକାର ଗୋଟିଏ ପାହାଚ ଉପରକୁ ଉଠି ରାଜସ୍ଥାନ ରୟାଲ୍ସକୁ ପଛରେ ପକାଇ ସପ୍ତମ ସ୍ଥାନ ଅଧିକାର କରିଛି। ୧୧ଟି ମ୍ୟାଚ୍ ଖେଳି ବାଙ୍ଗାଲୋର ୪ ବିଜୟ ଓ ୭ ପରାଜୟ ସହ ୮ ପଏଣ୍ଟ ପାଇଛି। ସ୍ଥାନୀୟ ଏମ. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ବାଙ୍ଗାଲୋର ୪ ଉଇକେଟ ହରାଇ ୨୦୨ ରନ ସଂଗ୍ରହ କରିଥିଲା। ଜବାବରେ ପଞ୍ଜାବ ୭ ଉଇକେଟ ହରାଇ ୧୮୫ ରନରେ ସୀମିତ ରହି ମ୍ୟାଚ୍ ହାତଛଡ଼ା କରିଥିଲା। ଅପରାଜିତ ୮୨ ରନର ଦ୍ରୁତ ପାଳି ଖେଳିଥିବା ଅଭିଜ୍ଞ ଏବି ଡିଭିଲର୍ସ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

୨୦୩ ରନ ଚ୍ୟାଲେଞ୍ଜିଂ ଟାର୍ଗେଟର ପିଛା କରି ପଞ୍ଜାବ ଭଲ ଆରମ୍ଭ କରିଥିଲେ ମଧ୍ୟ ପ୍ରଥମେ ବିସ୍ଫୋରକ ଓପନର କ୍ରିସ୍ ଗେଲଙ୍କୁ ହରାଇଥିଲା। ଗେଲ ୧୦ ବଲରୁ ୪ ଚୌକା ଓ ଗୋଟିଏ ଛକା ସହ ୨୩ ରନ କରି ଆଉଟ ହେବା ପରେ ମୟଙ୍କ ଅଗ୍ରୱାଲ ୨୧ ବଲରୁ ୫ ଚୌକା ଓ ୧ ଛକା ସହ ୩୫ ରନ କରି ପ୍ୟାଭିଲିୟନ ଫେରିଥିଲେ। ଅନ୍ୟତମ ଓପନର ଲୋକେଶ ରାହୁଲ ୨୭ଟି ବଲର ସମ୍ମୁଖୀନ ହୋଇ ୭ ଚୌକା ଓ ୧ ଛକା ସହ ୪୨ ରନର ଦ୍ରୁତ ଇନିଂସ ଖେଳିଥିଲେ। ଏହାପରେ ଚତୁର୍ଥ ଉଇକେଟ ଯୋଡିରେ ଡେଭିଡ ମିଲର ଓ ଉଇକେଟକିପର ବ୍ୟାଟ୍ସମ୍ୟାନ ନିକୋଲାସ ପୁରାନ ଜବରଦସ୍ତ ପ୍ରଦର୍ଶନ କରି ୪୮ ବଲରୁ ୬୮ ରନ ସଂଗ୍ରହ କରିଥିଲେ। ତେବେ ମିଲର ୨୫ ବଲରୁ ୨ ଚୌକା ସହ ୨୪ ରନକରି ଆଉଟ ହୋଇଥିଲେ। ୧୯ତମ ଓଭରରେ ନବଦୀପ ସଇନି ୩ ରନ ବ୍ୟୟ କରି ମିଲର ଓ ପୁରନଙ୍କୁ ଆଉଟ କରି ମ୍ୟାଚ୍‌ର ମୋଡ ବଦଳାଇଥିଲେ। ପୁରନ ୨୮ ବଲରୁ ୧ ଚୌକା ଓ ୫ ଛକା ସହ ୪୬ ରନ କରି ପ୍ୟାଭିଲିୟନ ଫେରିଥିଲେ। ଅନ୍ତିମ ଓଭରରେ ବିଜୟ ପାଇଁ ୨୭ ରନ ଆବଶ୍ୟକ ହେଉଥିବା ବେଳେ ପଞ୍ଜାବ ୨ ଉଇକେଟ ହରାଇ ୯ ରନ ସଂଗ୍ରହ କରି ବିଜୟଠାରୁ ୧୮ ରନ ଦୂରରେ ରହିଯାଇଥିଲା। ରବିଚନ୍ଦ୍ରନ ଅଶ୍ୱିନ ୬, ହାର୍ଡୁସ ଭିଲଜୋଏନ ବିନାସ୍କୋରରେ ଆଉଟ ହୋଇଥିଲେ ଓ ମୁରୁଗାନ ଅଶ୍ୱିନ ୧ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ବାଙ୍ଗାଲୋର ତରଫରୁ ଉମେଶ ଯାଦବ ୩, ସଇନି ୨, ମାର୍କସ ଷ୍ଟୋଇନିସ ଓ ମୋଇନ ଅଲି ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ଅଭିଜ୍ଞ ଏବି ଡିଭିଲର୍ସ ଓ ମାର୍କସ ଷ୍ଟୋଇନିସ୍‌ଙ୍କ ଧୂଆଁଧାର ବ୍ୟାଟିଂ ବଳରେ ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ବାଙ୍ଗାଲୋର ୨୦୦ରୁ ଉର୍ଦ୍ଧ୍ୱ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ଅନ୍ତିମ ୩ ଓଭରରେ ଏହି ଦୁଇ ବ୍ୟାଟ୍ସମ୍ୟାନ ୬୪ ରନ ସଂଗ୍ରହ କରି ଘରୋଇ ଦର୍ଶକଙ୍କର ଜବରଦସ୍ତ ମନୋରଞ୍ଜନ କରିଥିଲେ। ପଞ୍ଚମ ଉଇକେଟ ଯୋଡିରେ ଡିଭିଲର୍ସ ଓ ଷ୍ଟୋଇନିସ୍ ୬୬ଟି ବଲର ସମ୍ମୁଖୀନ ହୋଇ ଅପରାଜିତ ୧୨୧ ରନର ଭାଗୀଦାରି ସ୍ଥାପନ କରି ଦଳକୁ ବୃହତ୍ ସ୍କୋର ପ୍ରଦାନ କରିଥିଲେ। ଏହି ଦୁଇ ବ୍ୟାଟ୍ସମ୍ୟାନ ୧୮ତମ ଓଭରରେ ୧୬, ୧୯ତମ ଓଭରରେ ୨୧ ସଂଗ୍ରହ କରିଥିଲେ। ଅନ୍ତିମ ଓଭରରେ ହାର୍ଡୁସ ଭିଲଜୋଏନ ୨୭ ରନ ବ୍ୟୟ କରି ବେଶ୍ ମହଙ୍ଗା ସାବ୍ୟସ୍ତ ହୋଇଥିଲେ। ଏହାପୂର୍ବରୁ ଅଧିନାୟକ ବିରାଟ କୋହଲି, ମୋଇନ୍ ଅଲି ଓ ଆକାଶଦୀପ ନାଥ ବିଫଳ ପ୍ରଦର୍ଶନ କରିଥିଲେ। କୋହଲି ୮ ବଲରୁ ୨ ଚୌକା ସହ ୧୩ ରନ କରି ଆଉଟ ହେବା ପରେ ଓପନର ପାର୍ଥିବ ପଟେଲ ୪୩ ରନ (୨୪ ବଲ, ୭ ଚୌକା, ୨ ଛକା) କରି ପ୍ୟାଭିଲିୟନ ଫେରିଥିଲେ। ସେହିପରି ମୋଇନ ୪ ଓ ଆକାଶଦୀପ ୩ ରନ କରି ପ୍ୟାଭିଲିୟନ ଫେରିଥିଲେ। ଡିଭିଲର୍ସ ୪୪ଟି ବଲର ସମ୍ମୁଖୀନ ହୋଇ ୩ ଚୌକା ଓ ୭ ଛକା ସହ ୮୨ ରନର ଇନିଂସ ଖେଳି ଓ ଷ୍ଟୋଇନିସ୍ ୩୪ ବଲରୁ ୨ ଚୌକା ଓ ୩ ଛକା ସହ ୪୬ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ପଞ୍ଜାବ ତରଫରୁ ମହମ୍ମଦ ସାମି, ମୁରୁଗାନ ଅଶ୍ୱିନ, ରବିଚନ୍ଦ୍ରନ ଅଶ୍ୱିନ ଓ ହାର୍ଡୁଲ ଭିଲଜୋଏନ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।



ବିଜୟ ହାସଲ ପରେ ଉଲ୍ଲସିତ ବିରାଟ କୋହଲି।

### ସଂକ୍ଷିପ୍ତ ସ୍କୋର

- ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୨୦ ଓଭରରେ ୨୦୨/୪ (ଡିଭିଲର୍ସ- ୮୨*, ଷ୍ଟୋଇନିସ- ୪୬*, ପାର୍ଥିବ- ୪୩, ସାମି- ୧/୫୩, ମୁରୁଗାନ ଅଶ୍ୱିନ- ୧/୩୧, ଅଶ୍ୱିନ- ୧/୧୫, ଭିଲଜୋଏନ- ୧/୫୧)।
- କିଙ୍ଗ୍ସ ଇଲେଭେନ ପଞ୍ଜାବ ୨୦ ଓଭରରେ ୧୮୫/୭ (ପୁରାନ- ୪୬, ରାହୁଲ- ୪୨, ମୟଙ୍କ- ୩୫, ମିଲର- ୨୪, ଗେଲ- ୨୩, ଉମେଶ- ୩/୩୬, ସଇନି- ୨/୩୩, ଷ୍ଟୋଇନିସ- ୧/୧୩, ମୋଇନ- ୧/୨୨)।

### ୟୁନିୟନ ସ୍ପୋର୍ଟିଂର ଫାଇନାଲ ଆଶା ଉଜ୍ଜୀବିତ

କଟକ ଅଫିସ,୨୪।୪

ଏସ୍‌ସିବି ମେଡ଼ିକାଲ ଗ୍ରାଉଣ୍ଡରେ ବିଶ୍ୱଭାରତୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୨ୟ ସୁମିତ ବୋଷ ସ୍ମାରକୀ ୧୬ବର୍ଷରୁ କମ୍ ଆନ୍ତଃ କ୍ଲବ କ୍ରିକେଟ ଟୁର୍ନାମେଣ୍ଟରେ ବୁଧବାର ଅନୁଷ୍ଠିତ ମ୍ୟାଚ୍‌ରେ ୟୁନିୟନ ସ୍ପୋର୍ଟିଂ କ୍ଲବ ବିଜୟୀ ହୋଇଛି । ୟୁନିୟନ ସ୍ପୋର୍ଟିଂର ଏହା ଦ୍ୱିତୀୟ ବିଜୟ । ଏହି ବିଜୟ ସହ ୟୁନିୟନ ଦଳ ଫାଇନାଲ ଆଶା ଉଜ୍ଜୀବିତ କରିଛି । ଲଗାତାର ୨ଟି ମ୍ୟାଚ୍ ଜିତି ୟୁନିୟନ ସ୍ପୋର୍ଟିଂ ପଏଣ୍ଟ ଟେବୁଲ ଶୀର୍ଷରେ ରହିଛି । ବୁଧବାର ଜୁଭେନାଇଲ କ୍ଲବ ବିପକ୍ଷରେ ଖେଳାଯାଇଥିବା ଏହି ମ୍ୟାଚରେ ୟୁନିୟନ ସ୍ପୋର୍ଟିଂ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା । ନିର୍ଦ୍ଧାରିତ ୪୦ ଓଭରରେ ଦଳ ସମସ୍ତ ଉଇକେଟ ହରାଇ ୧୬୪ରନ ସଂଗ୍ରହ କରିଥିଲା । ରାଜୀବ ଲୋଚନ ସାହୁ ସର୍ବାଧିକ ୫୦ରନ କରିଥିବା ବେଳେ ନୀତିଶ ମୁଦୁଲି ୨୯ରନ କରିଥିଲେ । ଜୁଭେନାଇଲ ପକ୍ଷରୁ ବି.ଏଲ.ଏସ ଷଡ଼ଙ୍ଗୀ ସର୍ବାଧିକ ୩ଟି ଉଇକେଟ ଦଖଲ କରିଥିବା ବେଳେ ସେଖ ଦାନିଶ ଅଖତାରଙ୍କୁ ୨ଟି ଉଇକେଟ ମିଳିଛି। ଜବାବରେ ଜୁଭେନାଇଲ ୮୨ରନରେ ଅଲଆଉଟ ହୋଇଥିଲା । ସାଇଦୀପ ମହାପାତ୍ର ଦଳ ପକ୍ଷରୁ ସର୍ବାଧିକ ୨୨ରନ କରିଥିଲେ । ୟୁନିୟନ ସ୍ପୋର୍ଟିଂ ପକ୍ଷରୁ ଯଜ୍ଞଜିତ ସାହୁ ୩ଟି ଓ ବିମଳ ଦାସ ୨ଟି ଉଇକେଟ ଅକ୍ତିଆର କରିଥିଲେ । ଯଜ୍ଞଜିତ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ ହୋଇଥିଲେ । ରଣଜୀ ଖେଳାଳି ଅଙ୍କିତ ଯାଦବ ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ଯୋଗ ଦେଇଥିଲେ ।

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଟିମ୍ | ଖେଳିଛି | ଜିତିଛି | ହାରିଛି | ପଏଣ୍ଟ | ରନ ହାର |
|---|---|---|---|---|---|
| ସୁପର କିଙ୍ଗ୍ସ | ୧୧ | ୮ | ୩ | ୧୬ | ୦.୦୯୧ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୧ | ୭ | ୪ | ୧୪ | ୦.୧୮୧ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୦ | ୬ | ୪ | ୧୨ | ୦.୩୫୭ |
| ସନ୍‌ରାଇଜର୍ସ | ୧୦ | ୫ | ୫ | ୧୦ | ୦.୬୫୪ |
| କିଙ୍ଗ୍ସ ଇଲେଭେନ | ୧୧ | ୫ | ୬ | ୧୦ | -୦.୧୧୭ |
| ନାଇଟ ରାଇଡର୍ସ | ୧୦ | ୪ | ୬ | ୮ | -୦.୦୧୩ |
| ରୟାଲ ଚ୍ୟାଲେଞ୍ଜର୍ସ | ୧୧ | ୪ | ୭ | ୮ | -୦.୬୮୩ |
| ରାଜସ୍ଥାନ ରୟାଲ୍ସ | ୧୦ | ୩ | ୭ | ୬ | -୦.୪୭୦ |

### ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର ୩ରୁ

କଟକ ଅଫିସ,୨୪।୪

ରେଭେନ୍‌ଶା ମର୍ଣ୍ଣିଂ କ୍ଲବ ଦ୍ୱାରା ଆସନ୍ତା ମେ ୩ ତାରିଖରୁ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଖେଳ ପଡ଼ିଆରେ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ। ଶିବିରରେ ୧୧ରୁ ୧୬ବର୍ଷ ବୟସ ପର୍ଯ୍ୟନ୍ତ ବାଳକ ସାମିଲ ହୋଇ ପାରିବେ। ଓଡ଼ିଶାର ସୁନାମଧନ୍ୟ ଫୁଟବଲ ଖେଳାଳିମାନେ ପ୍ରଶିକ୍ଷଣ ଦାୟିତ୍ୱରେ ରହିବେ। ୩ ତାରିଖ ସକାଳେ ବୟସ ପ୍ରମାଣପତ୍ର ସହ ଇଚ୍ଛୁକ ଖେଳାଳି ଶିବିରରେ ପହଞ୍ଚିବାକୁ କ୍ଲବ ସମ୍ପାଦକ ବିଷ୍ଣୁଚରଣ ରାଉତ ନିବେଦନ କରିଛନ୍ତି ।




ତେଲେଙ୍ଗାନାରେ ହେବାକୁଥିବା ଜାତୀୟ ସବ୍‌ଜୁନିୟର ଥ୍ରୋ ବଲ୍ ଚାମ୍ପିୟନଶିପ୍ ପାଇଁ ମନୋନୀତ ଓଡ଼ିଶା ଦଳ।

# ୧୯୭୯: ଭାରତ ପାଇଁ ଦୁଃସ୍ୱପ୍ନ




ଇଂଲଣ୍ଡରେ ଖେଳାଯାଇଥିବା ବିଶ୍ୱକପ୍‌ର ଦ୍ୱିତୀୟ ସଂସ୍କରଣରେ ଭାରତର ପ୍ରଦର୍ଶନ ନୈରାଶ୍ୟଜନକ ଥିଲା। ଦିନିକିଆ ଫର୍ମାଟ ଖେଳିବାରେ ଭାରତର ଅଭିଜ୍ଞତା ସେତେ ନ ଥିଲା। ଭାରତ ମଧ୍ୟ ବିଶ୍ୱକପ୍‌ରେ ଆଦୌ ଫେଭରାଇଟ୍ ବିବେଚିତ ହେଉ ନ ଥିଲା। ତେବେ ଏହା ସତ୍ତ୍ୱେ ଭାରତ ଭଲ ପ୍ରଦର୍ଶନ କରିବ ବୋଲି ଆଶା କରାଯାଉଥିଲା। କାରଣ ଭାରତୀୟ ଦଳରେ ସୁନୀଲ ଗାଭାସ୍କର, ଗୁଣ୍ଡାପ୍ପା ବିଶ୍ୱନାଥ ଓ ଦିଲୀପ ଭେଙ୍ଗସରକାରଙ୍କ ଭଳି ବିଶ୍ୱସ୍ତରୀୟ ବ୍ୟାଟ୍ସମ୍ୟାନ ଥିଲେ। ସେହିପରି ଅଧିନାୟକ ଶ୍ରୀନିବାସନ ଭେଙ୍କଟରାଘବନ ଓ ବିଶେନ ସିଂ ବେଦୀଙ୍କ ଭଳି ଉଚ୍ଚକୋଟୀର ସ୍ପିନର ଦଳରେ ସାମିଲ ଥିଲେ। ସେହିପରି ଅଲରାଉଣ୍ଡର ମହିନ୍ଦର ଅମରନାଥ ଓ ଉଦୀୟମାନ ଦ୍ରୁତ ବୋଲର କପିଳ ଦେବ ମଧ୍ୟ ଦଳରେ ଥିଲେ। ତେବେ ଆଶ୍ଚର୍ଯ୍ୟଜନକ ଭାବେ ନିୟମିତ ଉଇକେଟ କିପର ସୟଦ କିର୍‌ମାନିଙ୍କୁ ଦଳରୁ ବାଦ୍ ଦିଆଯାଇଥିଲା। ତାଙ୍କ ସ୍ଥାନରେ ସୁରିନ୍ଦର ଖାନ୍ନାଙ୍କୁ ଉଇକେଟକିପର ହିସାବରେ ଦଳରେ ସାମିଲ କରାଯାଇଥିଲା। କିନ୍ତୁ ଭାରତର ପ୍ରଦର୍ଶନ ଏହି ବିଶ୍ୱକପ୍‌ରେ ନିହାତି ଖରାପ ରହିଥିଲା। ସବୁ ମ୍ୟାଚ୍‌ରେ ଭାରତ ହାରିଥିଲା। କୌଣସି ଖେଳାଳି ଭଲ ପ୍ରଦର୍ଶନ କରିପାରି ନ ଥିଲେ। ମୋଟାମୋଟି ଉପରେ ଭାରତ ପାଇଁ ଏହି ବିଶ୍ୱକପ୍ ଏକ ଦୁଃସ୍ୱପ୍ନ ସାବ୍ୟସ୍ତ ହୋଇଥିଲା। କୌଣସି ମ୍ୟାଚ୍‌ରେ ଭାରତ ୨୦୦ରୁ ଉର୍ଦ୍ଧ୍ୱ ରନ ସଂଗ୍ରହ କରିବାରେ ବିଫଳ ହୋଇଥିଲା। ବ୍ୟକ୍ତିଗତ ଭାବେରେ ବିଶ୍ୱନାଥ ଏକମାତ୍ର ବ୍ୟାଟ୍ସମ୍ୟାନ ଭାବେ ୧୦୦ରୁ ଉର୍ଦ୍ଧ୍ୱ ରନ (୧୦୬ ) ରନ ସଂଗ୍ରହ କରିଥିଲେ। ବିଶ୍ୱନାଥ ଓ ଗାଭାସ୍କର ଗୋଟିଏ ଲେଖାଏ ଅର୍ଦ୍ଧଶତକ ହାସଲ କରିଥିଲେ। ବୋଲିଂରେ କେବଳ ମହେନ୍ଦ୍ର ଅମରନାଥ ଓ କପିଲ ଦେବ ଯଥାକ୍ରମେ ମୋଟ ଉପରେ ୪ ଓ ୨ ଉଇକେଟ ନେଇଥିଲେ। ଭାରତ ଖରାପ୍ ପ୍ରଦର୍ଶନ ନେଇ ଦେଶରେ ଅସନ୍ତୋଷ ଦେଖା ଦେଇଥିଲା। ଦୁଇ ସ୍ପିନର ବେଦୀ ଓ ଭେଙ୍କଟରାଘବନ ନିହାତି ମାମୁଲି ପ୍ରଦର୍ଶନ କରିଥିଲେ ଓ ଟୁର୍ନାମେଣ୍ଟରେ ଗୋଟିଏ ହେଲେ ବି ଉଇକେଟ ହାସଲ କରିପାରି ନ ଥିଲେ। ଏହି ବିଶ୍ୱକପ୍ ପରେ ଇଂଲଣ୍ଡ ବିପକ୍ଷ ସିରିଜ ଖେଳି ବେଦୀ ଅବସର ଘୋଷଣା କରିଥିଲେ। ବିଶ୍ୱକପ୍ ପରେ ଭେଙ୍କଟରାଘବନଙ୍କୁ ଅଧିନାୟକ ପଦରୁ ବହିଷ୍କାର କରାଯାଇଥିଲା ଓ ସେ ଦଳରୁ ମଧ୍ୟ ବାଦ୍ ପଡିଥିଲେ।

ଭାରତ ଏହି ବିଶ୍ୱକପ୍‌ରେ ୱେଷ୍ଟଇଣ୍ଡିଜ୍, ନ୍ୟୁଜିଲାଣ୍ଡ, ଶ୍ରୀଲଙ୍କା ସହ ଗ୍ରୁପ୍ ବି'ରେ ସାମିଲ ଥିଲା। ଭାରତ ପ୍ରଥମ ସଂସ୍କରଣର ଚାମ୍ପିୟନ ୱେଷ୍ଟଇଣ୍ଡିଜ ବିପକ୍ଷରୁ ଅଭିଯାନ ଆରମ୍ଭ କରିଥିଲା। ବର୍ମିଂହାମ୍‌ର ଏଜବାଷ୍ଟନରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଭାରତ ୫୩.୧ ଓଭରରେ ୧୯୦ ରନ କରି ଅଲଆଉଟ ହୋଇଥିଲା। ଦଳ ତରଫରୁ ବିଶ୍ୱନାଥ ସର୍ବାଧିକ ୭୫, ଅଂଶୁମାନ ଗାଏକ୍ୱାଡ ୧୧, ବ୍ରିଜେଶ ପଟେଲ ୧୫, କପିଳ ଦେବ ୧୨, କର୍ଷନ ଘାଭ୍ରି ୧୨, ବେଦୀ ୧୩, ଭେଙ୍କଟରାଘବନ ଅପରାଜିତ ୧୩ ରନ ସଂଗ୍ରହ କରିଥିଲେ। ବୋଲିଂରେ ୱେଷ୍ଟଇଣ୍ଡିଜ ତରଫରୁ ମାଇକେଲ ହୋଲ୍ଡିଂ ସର୍ବାଧିକ ୪, ଆଣ୍ଡି ରୋବାର୍ଟ୍ସ ୨, ଜୋଏଲ ଗାର୍ନର, କଲିନ୍ କ୍ରଫ୍ଟ ଓ କଲିସ୍ କିଙ୍ଗ୍ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ୱେଷ୍ଟଇଣ୍ଡିଜ ୱେଷ୍ଟଇଣ୍ଡିଜ୍ ୫୧.୩ ଓଭରରେ ଗୋଟିଏ ଉଇକେଟ ହରାଇ ୧୯୪ ରନ କରି ବିଜୟ ହାସଲ କରିନେଇଥିଲା। ଓପନର ଗର୍ଡନ ଗ୍ରୀନିଜ୍ ୧୦୬ ରନର ଶତକୀୟ ପାଳି ଖେଳି ଅପରାଜିତ ରହିଥିଲେ। ଡେଜମଣ୍ଡ ହେନ୍ସ ୪୭ ରନ କରି କପିଲ ଦେବଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଭିଭିଆନ ରିଚାର୍ଡ୍ସ ୨୮ ରନ କରି ଅପରାଜିତ ରହିଥିଲେ।

ଭାରତ ତା'ର ଦ୍ୱିତୀୟ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡଠାରୁ ୮ ଉଇକେଟରେ ପରାସ୍ତ ହୋଇଥିଲା। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୫୫.୫ ଓଭରରେ ୧୮୨ ରନ କରି ଅଲଆଉଟ୍ ହୋଇଥିଲା। ଓପନର ଗାଭାସ୍କର ୫୫, ଗାଏକ୍ୱାଡ ୧୦, ବ୍ରିଜେଶ୍ ୩୮, କପିଲ ଦେବ ୨୫, ଘାଭ୍ରି ୨୦ରନ କରିଥିବା ବେଳେ ଅନ୍ୟମାନେ ଦୁଇଅଙ୍କ ଛୁଇଁ ପାରି ନ ଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ତରଫରୁ ଲାନ୍ସ କେର୍ନ୍ସ ଓ ବ୍ରାଏନ୍ ମ୍ୟାକେକନି ୩ଟି ଲେଖାଏ, ରିଚାର୍ଡ ହାର୍ଡଲି ଓ ଗ୍ୟାରୀ ଟ୍ରୋପ୍ ଦୁଇଟି ଲେଖାଏ ଉଇକେଟ ହାସଲ କରିଥିଲେ। ଜବାବରେ ନ୍ୟୁଜିଲାଣ୍ଡ ୫୭ ଓଭରରେ ୨ ଉଇକେଟ ହରାଇ ୧୮୩ ରନ କରି ବିଜୟୀ ହୋଇଥିଲା। ଦଳ ତରଫରୁ ବ୍ରୁସ୍ ଏଡ୍‌ଗାର ସର୍ବାଧିକ ଅପରାଜିତ ୮୪, ଗନ ରାଇଟ୍ ୪୮, ଗ୍ଲେନ୍ ଟର୍ନର ଅପରାଜିତ ୪୩ ରନ ସଂଗ୍ରହ କରିଥିଲେ। ମହିନ୍ଦର ଅମରନାଥ ଭାରତ ତରଫରୁ ଏକମାତ୍ର ଉଇକେଟ ହାସଲ କରିଥିଲେ।

ସେହିପରି ତୃତୀୟ ମ୍ୟାଚ୍‌ରେ ଭାରତ ଶ୍ରୀଲଙ୍କା ଭଳି ଦୁର୍ବଳ ଦେଶଠାରୁ ମଧ୍ୟ ପରାସ୍ତ ହୋଇଥିଲା ଓ ୪୭ ରନରେ ମ୍ୟାଚ୍ ହାତଛଡ଼ା କରିଥିଲା। ଟସ୍ ଜିତି ଭାରତ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଶ୍ରୀଲଙ୍କା ୬୦ ଓଭରରେ ୫ ଉଇକେଟ ହରାଇ ୨୩୮ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ସୁନୀଲ ଏଛିମୁନୀ ସର୍ବାଧିକ ୬୭, ଦୁଲୀପ ମେଣ୍ଡିସ୍ ୬୪, ରଏ ଡାଏସ୍ ୫୦ ରନ ସଂଗ୍ରହ କରିଥିଲେ। ବୋଲିଂରେ ଭାରତ ପାଇଁ ଅମରନାଥ ସର୍ବାଧିକ ୩, କପିଲ ଦେବ ଗୋଟିଏ ଉଇକେଟ ହାସଲ କରିଥିଲେ। ଜବାବରେ ଭାରତ ୫୪.୧ ଓଭରରେ ୧୯୧ ରନ କରି ଅଲଆଉଟ ହୋଇ ଆତ୍ମସମର୍ପଣ କରିଥିଲା। ଭେଙ୍ଗସରକାର ୩୬, ଗାଏକ୍ୱାଡ ୩୩, ଗାଭାସ୍କର ୨୬, ବିଶ୍ୱନାଥ ଅପରାଜିତ ୨୨, ବ୍ରିଜେଶ ୧୦, କପିଳ ଦେବ ୧୬ ରନ୍ କରିଥିଲେ। ବୋଲିଂରେ ଶ୍ରୀଲଙ୍କା ତରଫରୁ ଟନି ଓପାଥା ଓ ସୋମଚନ୍ଦ୍ର ଡି ସିଲ୍‌ଭା ୩ଟି ଲେଖାଏ, ଷ୍ଟାନଲି ଡି ସିଲଭା ୨ ଓ ବନ୍ଦୁଲା ୱାର୍ନପୁରା ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ୩ଟି ମ୍ୟାଚ୍‌ରେ ପରାସ୍ତ ହୋଇ ଭାରତ ପଏଣ୍ଟ ତାଲିକାରେ ଖାତା ଖୋଲିପାରି ନ ଥିଲା ଓ ଗ୍ରୁପ୍ ବି' ସର୍ବନିମ୍ନ ସ୍ଥାନ ଅର୍ଥାତ ଚତୁର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା।






## ଜାମସେଦପୁର ଏଫ୍‌ସିଠାରୁ ହାରିଲା ଫାଓ ଏକାଡେମୀ

କଟକ ଅଫିସ,୨୪।୪

ଜାମସେଦପୁର ଠାରେ ଚାଲିଥିବା ହିରୋ ୟୁଥ୍ ଲିଗ୍‌ରେ ବୁଧବାର ଅନୁଷ୍ଠିତ ମ୍ୟାଚ୍‌ରେ ଫାଓ ଏକାଡେମୀ ଦଳ ୧–୨ ଗୋଲରେ ଜାମସେଦପୁର ଏଫ୍‌ସି ଠାରୁ ପରାସ୍ତ ହୋଇଛି । ପୂର୍ବରୁ ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ୍‌ରେ ଦଳ ୦–୩ ଗୋଲରେ ଧାନବାଦ ଫୁଟବଲ ଏକାଡେମୀ ଠାରୁ ହାରିଥିଲା । ପ୍ରତିଯୋଗିତାରେ ରେଷ୍ଟ ଅଫ ଇଣ୍ଡିଆ ଜୋନରେ ସାମିଲ ହୋଇଥିବା ଫାଓ ଏକାଡେମୀ ଆସନ୍ତା ୨୬ରେ ଓଡ଼ିଶାର ଅନ୍ୟଏକ ଦଳ କଳିଙ୍ଗନଗର ଫୁଟବଲ ଏକାଡେମୀକୁ ଭେଟିବ । ସୂଚନା ଥାଉକି, ଫାଓ ଏକାଡେମୀ ପ୍ରଥମ ଥର ନିମନ୍ତେ ଏହି ଟୁର୍ନାମେଣ୍ଟରେ ଅଂଶ ଗ୍ରହଣ କରିଛି ।

## ୪୬ତମ ଜନ୍ମଦିନ ପାଳିଲେ ସଚିନ

ନୂଆଦିଲ୍ଲୀ,୨୪।୪(ପି.ଟି.)



କ୍ରିକେଟ ଆଇକନ୍ ସଚିନ ତେନ୍ଦୁଲକର ବୁଧବାର ତାଙ୍କର ୪୬ତମ ଜନ୍ମ ଦିବସ ପାଳନ କରିଛନ୍ତି। ଭାରତର ପ୍ରଥମ କ୍ରୀଡ଼ାବିତ୍ ଭାବେ ଦେଶର ସର୍ବୋଚ୍ଚ ନାଗରିକ ସମ୍ମାନ ଭାରତ ରତ୍ନ ପାଇଥିବା ଏହି କିମ୍ବଦନ୍ତୀ କ୍ରିକେଟରଙ୍କୁ ସବୁ ମହଲରୁ ଅଭିନନ୍ଦନ ଜଣାଯାଇଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଓ ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ସମେତ ଏକାଧିକ କ୍ରିକେଟର ଓ କ୍ରୀଡ଼ାବିତ୍ ସଚିନଙ୍କୁ ଏହି ଅବସରରେ ଶୁଭେଚ୍ଛା ଜଣାଇଛନ୍ତି। ଆଇସିସି ସଚିନ ଓ ଯୁବ ଓପନର ପୃଥ୍ୱୀ ଶ'ଙ୍କ ବିଭିନ୍ନ ସମୟର ଫଟୋ ଏହି ଅବସରରେ ଶେୟାର କରିଛି। ଏହି ଅବସରରେ ପୂର୍ବତନ କ୍ରିକେଟର ଭିଭିଏସ୍ ଲକ୍ଷ୍ମଣ, ବୀରେନ୍ଦ୍ର ସେହ୍ୱାଗ, ମହମ୍ମଦ କୈଫ, ହରଭଜନ ସିଂ, ଅଜିଙ୍କ୍ୟ ରାହାନେ, ବ୍ୟାଡମିଣ୍ଟନ ତାରକା କିଡାମ୍ବୀ ଶ୍ରୀକାନ୍ତ, ପାରା ଆଥଲେଟ୍ ଦୀପା ମଲିକ, ଓଡ଼ିଆ କ୍ରିକେଟର ପ୍ରଜ୍ଞାନ ଓଝା, ଲୋକେଶ ରାହୁଲ, କୁଲଦୀପ ଯାଦବ, ଚେତେଶ୍ୱର ପୂଜାରା, ଆକାଶ ଚୋପ୍ରା, ବଲିଉଡ ଅଭିନେତା ଅଭିଷେକ ବଚନ, ଶାହିଦ କାପୁର, ରିତେଶ ଦେଶମୁଖ ଓ ଦକ୍ଷିଣ ଆଫ୍ରିକା କ୍ରିକେଟର ହର୍ଶେଲ ଗିବ୍ସ ଟୁଇଟ କରି ସଚିନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ସଚିନ ମାତ୍ର ୧୬ ବର୍ଷ ବୟସରେ ଆନ୍ତର୍ଜାତିକ କ୍ରିକେଟରେ ପଦାର୍ପଣ କରିଥିଲେ। ଟେଷ୍ଟ ଫର୍ମାଟରେ ସେ ସର୍ବାଧିକ ୧୫, ୯୨୧ ଓ ଦିନିକିଆରେ ୧୮,୪୬୨ ରନ ସଂଗ୍ରହ କରି ରେକର୍ଡ ସ୍ଥାପନ କରିଥିଲେ। କ୍ରିକେଟର ୩ଟି ଯାକ ଫର୍ମାଟରେ ସେ ୩୦,୦୦୦ରୁ ଉର୍ଦ୍ଧ୍ୱ ରନ ସଂଗ୍ରହ କରିଛନ୍ତି। ୨୪ ବର୍ଷର କ୍ୟାରିୟରରେ ବ୍ୟାଟିଂରେ ପ୍ରାୟ ସବୁ ରେକର୍ଡ ଭଙ୍ଗ କରିଥିବା ସଚିନ ଏକାଧିକ ମାଇଲ ଖୁଣ୍ଟ ସ୍ଥାପନ କରିଥିଲେ। କ୍ରିକେଟର ଭଗବାନ କୁହାଯାଉଥିବା ସଚିନ ଟେଷ୍ଟରେ ସର୍ବାଧିକ ୫୧ ଓ ଦିନିକିଆରେ ୪୯ଟି ଶତକ ହାସଲ କରି ମୋଟ ୧୦୦ଟି ଆନ୍ତର୍ଜାତିକ ଶତକ ଅର୍ଜନ କରିଥିଲେ। ପ୍ରଥମ ବ୍ୟାଟ୍ସମ୍ୟାନ ଭାବେ ସେ ଦିନିକିଆରେ ଦ୍ୱିଶତକ ଅର୍ଜନ କରିଥିଲେ।

# ଦୋହାରେ ଦୂତୀଙ୍କୁ ବ୍ରୋଞ୍ଜ

## ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍

**ଭୁବନେଶ୍ୱର, ୨୪।୪(କ୍ରୀଡ଼ା ପ୍ରତିନିଧି)**

ଦୋହାରେ ବୁଧବାର ଶେଷ ହୋଇଥିବା ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ଭାରତ ଏବଂ ଓଡ଼ିଶାର ସମ୍ମାନ ରଖିଛନ୍ତି ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦ। ମହିଳା ୨୦୦ ମିଟର ରେସ୍‌ରେ ସେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଫାଇନାଲରେ ୨୩.୨୪ ସେକେଣ୍ଡ ସମୟ ନେଇ ସଫଳତା ପାଇଛନ୍ତି ଏହି ଓଡ଼ିଆ ଯୁବତୀ। ଚଳିତ ସିଜନରେ ଏହା ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ମଧ୍ୟ ଥିଲା। ବାହାରିନର ସାଲ୍ୱା ନାସେର ୨୨.୭୪ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ପାଇଥିବାବେଳେ କାଜାଖସ୍ତାନର ଓଲ୍‌ଗା ସାଫ୍ରାନୋଭା ୨୨.୮୭ ସେକେଣ୍ଡ ସହ ରୌପ୍ୟ ପଦକ ହାସଲ କରିଛନ୍ତି। ବାହାରିନର ଇଡିଡଙ୍ଗ ଓଡିଅଙ୍ଗ ଦୂତୀଙ୍କ ସମକକ୍ଷ ୨୨.୨୪ ସେକେଣ୍ଡ ସମୟ ନେଇଥିଲେ। ମାତ୍ର ଦୂତୀଙ୍କ .୨୩୨ ସେକେଣ୍ଡ ତୁଳନାରେ ସେ .୨୩୩ ସେକେଣ୍ଡ ସମୟ ନେଇଥିବାରୁ ୪ର୍ଥ ସ୍ଥାନରେ ସନ୍ତୁଷ୍ଟ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଉଜବେକିସ୍ତାନର ନିଗିନା ଶାରିପୋଭା ୨୩.୨୯, ଚାଇନାର ମାନ୍‌କି ଜି ୨୩.୩୪, ଲିଙ୍ଗୱେଇ କୋଙ୍ଗ୍ ୨୩.୪୨ ଓ କିର୍ଗିଜସ୍ତାନର ଆନା ବୁଲାନୋଭା ୨୩.୭୦ ସେକେଣ୍ଡ ସମୟ ନେଇ ଯଥାକ୍ରମେ ୫ମରୁ ୮ମ ସ୍ଥାନ ପାଇଥିଲେ। ପ୍ରକାଶ ଯୋଗ୍ୟ ଯେ, ୨୦୧୭ ଜୁଲାଇ ୬ରୁ ୯ ପର୍ଯ୍ୟନ୍ତ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ଗତ ସଂସ୍କରଣରେ ଦୂତୀ ଫାଇନାଲରେ ୨୩.୫୯ ସେକେଣ୍ଡ ସମୟ ନେଇ ୪ର୍ଥ ସ୍ଥାନରେ ରହିଥିଲେ। କାଜାଖସ୍ତାନର ଭିକ୍ଟୋରିଆ ଜାବକିନା ୨୩.୧୦ ମିଟର ସହ ସ୍ୱର୍ଣ୍ଣ, ଶ୍ରୀଲଙ୍କାର ରୁମେଶିକା ରତ୍ନାଏକେ ୨୩.୪୩ ସେକେଣ୍ଡ ସହ ରୌପ୍ୟ ଓ କାଜାଖସ୍ତାନର ଓଲ୍‌ଗା ସାଫ୍ରାନୋଭା ୨୩.୪୭ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ ପଦକ ପାଇଥିଲେ। ଏଥର କିନ୍ତୁ ଟାଇମିଂରେ ଉନ୍ନତି ଆଣି ସଫଳ ହୋଇଛନ୍ତି ଭାରତୀୟ ସ୍ପ୍ରିଣ୍ଟ କୁଇନ୍ ଦୂତୀ।

ଦୋହାରେ ଦୂତୀ ମହିଳା ୧୦୦ ମିଟର ଇଭେଣ୍ଟର ହିଟ୍ ଓ ସେମିଫାଇନାଲରେ ଚମକପ୍ରଦ ପ୍ରଦର୍ଶନ କରି ୨ ଥର ଜାତୀୟ ରେକର୍ଡ ଭାଙ୍ଗିଥିଲେ ହେଁ ଫାଇନାଲରେ ନୈରାଶ୍ୟଜନକ ପ୍ରଦର୍ଶନ କରି ପଦକଶୂନ୍ୟ ରହିଥିଲେ। ସେ ହିଟ୍‌ରେ ୧୧.୧୮, ସେମିଫାଇନାଲରେ ୧୧.୨୬ ସେକେଣ୍ଡ ସମୟ ନେଇଥିବାବେଳେ ଫାଇନାଲ ବେଳକୁ କିନ୍ତୁ ୧୧.୪୪ ସେକେଣ୍ଡ ସମୟ ନେଇ ୫ମ ସ୍ଥାନରେ ସନ୍ତୁଷ୍ଟ ରହିଥିଲେ। ସେମିଫାଇନାଲ ଓ ଫାଇନାଲ ମଧ୍ୟରେ କମ୍ ସମୟ ରହିଥିବାରୁ ବଡି ରିକୋଭରି ହୋଇ ନ ପାରିବାରୁ ସଫଳ ହୋଇ ପାରି ନ ଥିବା ନିଜ ପ୍ରତିକ୍ରିୟାରେ କହିଥିଲେ ଦୂତୀ। ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ଭୁବନେଶ୍ୱର ଓ ଦୋହା ସଂସ୍କରଣରେ ଦୂତୀ ଗୋଟିଏ ଲେଖାଏ ବ୍ରୋଞ୍ଜ ପଦକ ପାଇଛନ୍ତି। ଭୁବନେଶ୍ୱରରେ ସେ ୧୦୦ ମିଟର(୧୧.୫୨ ସେକେଣ୍ଡ) ଏବଂ ଦୋହାରେ ୨୦୦ ମିଟରରେ ଏହି ସଫଳତା ପାଇଛନ୍ତି।

ଯାଜପୁର ଜିଲା ଚକା ଗୋପାଳପୁରର ଝିଅ ଦୂତୀ ନିଜ ପ୍ରିୟ ଇଭେଣ୍ଟ ୧୦୦ ଓ ୨୦୦ ମିଟରରେ ଆକର୍ଷଣୀୟ ପ୍ରଦର୍ଶନ ଜାରି ରଖିଛନ୍ତି। ୨୦୧୮ ଅଗଷ୍ଟ ୧୮ରୁ ସେପ୍ଟେମ୍ବର ୨ ପର୍ଯ୍ୟନ୍ତ ଅନୁଷ୍ଠିତ ଜାକର୍ତ୍ତା ଏସିଆନ ଗେମ୍ସର ଉଭୟ ୧୦୦ ଓ ୨୦୦ ମିଟରରେ ସେ ରୌପ୍ୟ ପଦକ ଲାଭ କରିଥିଲେ। ସେଠାରେ ସେ ମହିଳା ୧୦୦ ମିଟରରେ ୧୧.୩୨ ଓ ୨୦୦ ମିଟରରେ ୨୩.୨୦ ସେକେଣ୍ଡ ସମୟ ନେଇ ଏହି ସଫଳତା ପାଇଥିଲେ।



ପୋଡିୟମରେ ପଦକ ସହ (ବାମରୁ) ଓଲ୍‌ଗା ସାଫ୍ରାନୋଭା, ସାଲ୍‌ୱା ନାସେର ଓ ଦୂତୀ ଚାନ୍ଦ।

## ‘ଓଡିଅଙ୍ଗଙ୍କୁ ହରାଇବା ଲକ୍ଷ୍ୟ ଥିଲା’

ଦୋହା ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ମହିଳା ୧୦୦ ମିଟରରେ ମୁଁ ୨ଥର ଜାତୀୟ ରେକର୍ଡ ଭାଙ୍ଗିଛି, ୨୦୦ ମିଟରରେ ସିଜନ ଶ୍ରେଷ୍ଠ ପ୍ରଦର୍ଶନ କରି ବ୍ରୋଞ୍ଜ ପଦକ ହାସଲ କରିଛି। ତେଣୁ ପ୍ରଦର୍ଶନରେ ମୁଁ ବହୁତ ଖୁସି। ଆସନ୍ତା ବର୍ଷ ଅଲିମ୍ପିକ୍ସ ଥିବାରୁ ଦୋହା ଇଭେଣ୍ଟରେ ବିଶ୍ୱର ସବୁ ନାମୀ ଆଥଲେଟ୍ ଭାଗ ନେଇଥିଲେ। ତେଣୁ ଏହା ଏସିଆନ ଗେମ୍ସଠାରୁ ମଧ୍ୟ ଅଧିକ ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇଥିଲା। ଗତବର୍ଷ ଜାକର୍ତ୍ତା ଏସିଆନ ଗେମ୍ସରେ ବାହାରିନ୍‌ର ଇଡିଡଙ୍ଗ ଓଡିଅଙ୍ଗ ମୋତେ ପଛରେ ପକାଇ ସ୍ୱର୍ଣ୍ଣ ପଦକ ଜିତିଥିଲେ। ତେଣୁ ତାଙ୍କୁ ଏଥର ହରାଇବା ମୋର ମୁଖ୍ୟ ଲକ୍ଷ୍ୟ ଥିଲା। ଏଥିରେ ମୁଁ ମଧ୍ୟ ସଫଳ ହୋଇଛି। ତେଣୁ ବହୁତ ଖୁସି ଲାଗୁଛି ବୋଲି ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି ଭାରତୀୟ ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦ। ଆଗକୁ ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଏବଂ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ ଆସୁଛି। ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ପାଇଁ ୧୦୦ ମିଟରରେ ଯୋଗ୍ୟତା ଟାଇମିଂ ଥିଲା ୧୧.୨୪ ସେକେଣ୍ଡ। ମୁଁ ୧୧.୨୬ ସେକେଣ୍ଡ ନେଇଥିବାରୁ ମୋତେ ଭାଗନେବାକୁ ସୁଯୋଗ ଦିଆଯିବ ବୋଲି ଭାବୁଛି। ସେହିପରି ୨୦୦ ମିଟରରେ ମଧ୍ୟ ଭଲ କରିଥିବାରୁ ମୋର ଭାଗ ନେବା ଯଥେଷ୍ଟ ସମ୍ଭାବନା ରହିଛି। ୨୦୧୭ରେ ସେପରି ହୋଇଥିଲା। ଦୋହାରେ ସଫଳତା ପାଇଁ ମୁଁ ପ୍ରଥମେ ଭଗବାନଙ୍କୁ ଧନ୍ୟବାଦ ଦେବାକୁ ଚାହିଁବି। ପରେ ଓଡ଼ିଶା ସରକାର, କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କୋଚ୍ ନାଗାପୁରୀ ରମେଶ ଏବଂ ମୋ ନିଯୁକ୍ତି ସଂସ୍ଥା ଓଏମ୍‌ସିକୁ ଧନ୍ୟବାଦ ଦେବି ବୋଲି ଦୂତୀ କହିଛନ୍ତି।

## ଏସିଆନ ରେସ୍‌ଲିଂ ଚାମ୍ପିୟନଶିପ
## ଦ୍ୱିତୀୟ ଦିନରେ ଭାରତକୁ ୫ ପଦକ

**ଜିଆନ (ଚାଇନା), ୨୪।୪(ପି.ଟି.)**

ଏଠାରେ ଚାଲିଥିବା ଏସିଆନ ରେସଲିଂ ଚାମ୍ପିୟନଶିପ୍‌ର ୨ୟ ଦିବସରେ ଭାରତ ୫ଟି ପଦକ ହାସଲ କରିଛି। ବୁଧବାର ଅଂଶଗ୍ରହଣ କରିଥିବା ସମସ୍ତ ଭାରତୀୟ କୁସ୍ତିଯୋଦ୍ଧା ପଦକପ୍ରାପ୍ତ କରିବାରେ ସଫଳ ହୋଇଛନ୍ତି। ପୁରୁଷ ବିଭାଗ ଫ୍ରିଷ୍ଟାଇଲ ଫାଇନାଲରେ ଅମିତ୍ (୭୪ କିଗ୍ରା) ଓ ଭିକି (୯୨ କିଗ୍ରା) ନିଜ ବର୍ଗର ମ୍ୟାଚ୍ ହାରି ରୌପ୍ୟ ପଦକ ହାସଲ କରିଛନ୍ତି। ସେହିଭଳି ରାଜ୍ୟଗୋଷ୍ଠୀ କ୍ରୀଡ଼ା ଚାମ୍ପିୟନ ରାହୁଲ ଅୱାରେ (୬୧ କିଗ୍ରା), ଦୀପକ ପୁନିଆ (୮୬ କିଗ୍ରା) ଓ ସୁମିତ୍ (୧୨୫ କିଗ୍ରା) ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ରହିଛନ୍ତି। ୭୪ କିଗ୍ରା ଫାଇନାଲରେ ଅମିତ୍ କାଜାଖସ୍ତାନର ଡାନିୟାର କାଇସାନୋଭଙ୍କ ନିକଟରୁ ୫-୦ରେ ପରାସ୍ତ ହୋଇଥିଲେ। ୨୮ ବର୍ଷୀୟ ହରିୟାଣା କୁସ୍ତି ଯୋଦ୍ଧା ଅମିତ୍ ଏଥିପୂର୍ବରୁ ଯୋଗ୍ୟତା ପର୍ଯ୍ୟାୟରେ ଇରାନର ମହମ୍ମଦ ଅସଗାରଙ୍କୁ, କ୍ୱାର୍ଟର ଫାଇନାଲରେ ଜାପାନର ୟୁହି ଫୁଜିନାମିଙ୍କୁ ଏବଂ ସେମିଫାନାଲରେ କିର୍ଗିଜସ୍ତାନର ଲାଗିଜ ଡଖାକିବେକୋଭଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। ୨୦୧୩ରେ ଏହି ପ୍ରତିଯୋଗିତାରେ ଅମିତ୍ ୬୬ କିଗ୍ରା ବର୍ଗରେ ଲଢ଼େଇ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

# ସିନ୍ଧୁ, ସାଇନାଙ୍କ ବିଜୟ ଅଭିଯାନ

**ଉହାନ(ଚାଇନା),୨୪।୪(ପିଟି)**

ଭାରତୀୟ ଷ୍ଟାର୍ ଶଟଲର ପି. ଭି. ସିନ୍ଧୁ ଓ ସାଇନା ନେହ୍ୱାଲ ଏଠାରେ ଚାଲିଥିବା ଏସିଆନ୍ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ବିଜୟ ସହ ଅଭିଯାନ ଆରମ୍ଭ କରିଛନ୍ତି। କିନ୍ତୁ ପୁରୁଷ ବିଭାଗରେ ଭାରତକୁ ନିରାଶ ହେବାକୁ ପଡ଼ିଛି। କିଡାମ୍ବୀ ଶ୍ରୀକାନ୍ତ ପରାଜୟ ସହ ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡରେ ଅଲିମ୍ପିକ୍ ଓ ବିଶ୍ୱ ଚାମ୍ପିୟନଶିପ୍ ରୌପ୍ୟ ପଦକ ବିଜୟିନୀ ସିନ୍ଧୁ ୨୧-୧୪, ୨୧-୭ ସିଧାସଳଖ ଗେମ୍‌ରେ ଜାପାନର ତାକାହାଶି ସାୟାକାଙ୍କୁ ହରାଇ ଦେଇଛନ୍ତି। ଏହି ବିଜୟ ଲାଗି ସିନ୍ଧୁଙ୍କୁ ମାତ୍ର ୨୮ ମିନିଟ୍ ସମୟ ଲାଗିଥିଲା। ୪ର୍ଥ ସିଡ୍ ସିନ୍ଧୁ ୨ୟ ରାଉଣ୍ଡ ମ୍ୟାଚ୍‌ରେ ଇଣ୍ଡୋନେସିଆର ଚୋଇରନିସାଙ୍କୁ ଭେଟିବେ। ସେହିଭଳି ବିଶ୍ୱର ୯ମ ର୍‍ୟାଙ୍କ ସାଇନାଙ୍କୁ ପ୍ରଥମ ରାଉଣ୍ଡ ମ୍ୟାଚ୍ ଜିତିବା ପାଇଁ କଡ଼ା ସଂଘର୍ଷ କରିବାକୁ ପଡ଼ିଥିଲା। ହାନ ୟୋଙ୍କଠାରୁ ସାଇନା ପ୍ରଥମ ଗେମ୍ ୧୨-୨୧ରେ ହାରିବା ପରେ ପରବର୍ତ୍ତୀ ୨ଟି ଗେମ୍‌କୁ ୨୧-୧୧, ୨୧-୧୭ରେ ଜିତି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଲଣ୍ଡନ ଅଲିମ୍ପିକ ବ୍ରୋଞ୍ଜ ପଦକ ବିଜୟିନୀ ସାଇନା ୨ୟ ରାଉଣ୍ଡରେ ଦକ୍ଷିଣ କୋରିଆର କିମ ଗା ଉନଙ୍କ ସହ ମୁକାବିଲା କରିବେ। ପୁରୁଷ ସିଙ୍ଗଲ୍ସରେ ୫ମ ସିଡ୍ ଶ୍ରୀକାନ୍ତ ପ୍ରଥମ ରାଉଣ୍ଡ ଅତିକ୍ରମ କରିବାରେ ବିଫଳ ହୋଇଛନ୍ତି। ଶ୍ରୀକାନ୍ତ ୧୬-୨୧, ୨୦-୨୨ ଗେମ୍‌ରେ ଇଣ୍ଡୋନେସିଆର ଶେସାର ହିରେନ ରହୁଷ୍ଟାଭିଟୋଙ୍କ ନିକଟରୁ ପରାସ୍ତ ହୋଇଛନ୍ତି। ସମୀର ବର୍ମା କିନ୍ତୁ କଷ୍ଟସାଧ୍ୟ ବିଜୟ ହାସଲ କରିଛନ୍ତି। ସେ ୨୧-୧୩, ୧୭-୨୧, ୨୧-୧୮ ଗେମ୍‌ରେ ଜାପାନର ସାକାଇ କଜୁମାସାଙ୍କୁ ମାତ୍ ଦେଇ ୨ୟ ରାଉଣ୍ଡରେ ପହଞ୍ଚିଛନ୍ତି। ପୁରୁଷ ଡବଲ୍ସ ଓ ମହିଳା ଡବଲ୍ସରେ ଭାରତକୁ ପରାଜୟର ସାମ୍ନା କରିବାକୁ ପଡ଼ିଛି।



ରିଟର୍ନ ଶଟ୍ ଖେଳୁଛନ୍ତି ପି.ଭି. ସିନ୍ଧୁ।

## ଚିତ୍ରାଙ୍କୁ ସ୍ୱର୍ଣ୍ଣ, ଅଜୟଙ୍କୁ ରୌପ୍ୟ

**ଦୋହା, ୨୪।୪(ପି.ଟି.)**

ଭାରତର ପି.ୟୁ. ଚିତ୍ରା ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ନିଜର ମହିଳା ୧୫୦୦ ମିଟର ଟାଇଟଲ ବଜାୟ ରଖିଛନ୍ତି। ସେ ୪:୧୪.୫୬ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ପ୍ରତିଯୋଗିତାରେ ଭାରତର ଏହାଥିଲା ତୃତୀୟ ସ୍ୱର୍ଣ୍ଣ ପଦକ। ଚିତ୍ରା ଭୁବନେଶ୍ୱରରେ ଅନୁଷ୍ଠିତ ପୂର୍ବ ସଂସ୍କରଣରେ ମଧ୍ୟ ୪:୧୭.୯୨ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ପୁରୁଷ ୧୫୦୦ ମିଟରରେ ଅଜୟ କୁମାର ସରୋଜ ସିଜନ ଶ୍ରେଷ୍ଠ ୩:୪୩.୧୮ ସେକେଣ୍ଡ ସମୟ ନେଇ ରୌପ୍ୟ ପଦକ ହାସଲ କରିଛନ୍ତି। ଏହି ଇଭେଣ୍ଟରେ ବାହାରିନର ଆବ୍ରାହମ୍ କିପ୍‌ଚିର୍‌ଚିର୍ ରୋଟିଚ୍ ୩:୪୨.୮୫ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ମହିଳା ୪x୪୦୦ ମିଟର ରିଲେରେ ଭାରତ ରୌପ୍ୟ ପଦକ ହାସଲ କରିଛି। ପ୍ରାଚୀ, ପୁଭମ୍ମା ରାଜୁ ମଚେଟିରା, ସରିତାବେନ ଲକ୍ଷ୍ମଣଭାଇ ଗାଏକ୍ୱାଡ ଓ ବିସ୍ମୟା ଭେଲୁଭାକୋର୍ଥଙ୍କୁ ନେଇ ଗଠିତ ଭାରତୀୟ ଦଳ ୩:୩୨.୨୧ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ଏଥିରେ ବାହାରିନ (୩:୩୨.୧୦ ସେକେଣ୍ଡ) ଦଳକୁ ସ୍ୱର୍ଣ୍ଣ ପଦକ ମିଳିଥିଲା।

# ପୂର୍ବତନ ଚାମ୍ପିୟନଙ୍କୁ ହରାଇଲେ ଅଙ୍କିତା

**ଆନିଙ୍ଗ୍ (ଚାଇନା), ୨୪।୪(ପି.ଟି.)**

ଭାରତର ଶ୍ରେଷ୍ଠ ମହିଳା ସିଙ୍ଗଲ୍ସ ଟେନିସ ଖେଳାଳି ଅଙ୍କିତା ରାଇନା ବୁଧବାର କ୍ୟାରିୟରର ସବୁଠାରୁ ବଡ଼ ବିଜୟ ହାସଲ କରିଛନ୍ତି। ଏଠାରେ ଚାଲିଥିବା କୁନ୍‌ମିଙ୍ଗ୍ ଓପନ୍‌ରେ ସେ ପ୍ରାକ୍ତନ ୟୁଏସ୍ ଓପନ୍ ଚାମ୍ପିୟନ ସାମନ୍ଥା ଷ୍ଟୋସରଙ୍କୁ ହରାଇ ଦେଇଛନ୍ତି। ଏସିଆନ ଗେମ୍ସ ବ୍ରୋଞ୍ଜ ପଦକ ବିଜୟିନୀ ୨୬ ବର୍ଷୀୟା ଅଙ୍କିତା ୭-୫, ୨-୬, ୬-୫ ସେଟ୍‌ରେ ସାମନ୍ଥାଙ୍କୁ ପରାସ୍ତ କରିଥିଲେ। ଏହି ମ୍ୟାଚ୍ ଜିତିବାକୁ ତାଙ୍କୁ ୨ ଘଣ୍ଟା ୫୦ ମିନିଟ୍ ସମୟ ଲାଗିଥିଲା। ସାମନ୍ଥା ଓ ଅଙ୍କିତା ମୋଟ୍ ଉପରେ ପରସ୍ପରକୁ ୨ୟଥର ପାଇଁ ଭେଟିଥିଲେ। ଦୁହିଁଙ୍କ ମଧ୍ୟରେ ପୂର୍ବରୁ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌କୁ ସାମନ୍ଥା ସିଧାସଳଖ ସେଟ୍‌ରେ ବାଜିମାତ୍ କରିନେଇଥିଲେ। ଦ୍ୱିତୀୟ ରାଉଣ୍ଡରେ ଅଙ୍କିତାଙ୍କ ମୁକାବିଲା ଚାଇନାର କାଇ-ଲିନ୍ ଝାଙ୍ଗ୍‌ଙ୍କ ସହ ହେବ। ଏଥିପୂର୍ବରୁ ଚଳିତ ମାସ ପ୍ରାରମ୍ଭରେ ଇସ୍ତାନବୁଲରେ ଅନୁଷ୍ଠିତ ଆଇଟିଏଫ୍ ଇଭେଣ୍ଟରେ ଅଙ୍କିତା ରନର୍ସଅପ୍‌ରେ ସନ୍ତୁଷ୍ଟ ରହିଥିଲେ। ସାନିଆ ମିର୍ଜା ଓ ନିରୁପମା ବିଦ୍ୟାନାଥନଙ୍କ ପରେ ୩ୟ ଭାରତୀୟ ଟେନିସ ଖେଳାଳିଭାବେ ମହିଳା ସିଙ୍ଗଲ୍ସରେ ଟପ୍-୨୦୦ରେ ପ୍ରବେଶ କରିଥିଲେ। ପ୍ରକାଶଯୋଗ୍ୟ, ଅଷ୍ଟ୍ରେଲିଆର ସାମନ୍ଥା ୨୦୧୧ ୟୁଏସ୍ ଓପନ୍ ଫାଇନାଲରେ ସେରେନା ୱିଲିୟମ୍ସଙ୍କୁ ପରାସ୍ତ କରି ଚାମ୍ପିୟନ ହୋଇଥିଲେ। ମହିଳା ଡବଲ୍ସରେ ମଧ୍ୟ ସେ ୟୁଏସ୍ ଓପନ୍ (୨୦୦୫), ଫ୍ରେଞ୍ଚ ଓପନ୍ (୨୦୦୬) ଓ ଚଳିତ ବର୍ଷ ଅଷ୍ଟ୍ରେଲିଆନ୍ ଓପନ୍‌ରେ ଟାଇଟଲ ଜିତିଥିଲେ।


ଅଙ୍କିତା ରାଇନା

# ରାଜସ୍ଥାନକୁ ଭେଟିବ କୋଲକାତା

**କୋଲକାତା, ୨୪।୪(ପି.ଟି.)**

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ-୧୨)ରେ ଗୁରୁବାର କୋଲକାତା ନାଇଟ ରାଇଡର୍ସ ଓ ରାଜସ୍ଥାନ ରୟାଲ୍ସ ମଧ୍ୟରେ ମୁକାବିଲା ହେବ। ନାଇଟ ରାଇଡର୍ସ ଏକଦା ୫ ମ୍ୟାଚରୁ ୪ଟିରେ ବିଜୟଲାଭ କରି ସଫଳ ଦଳର ପରିଚୟ ପାଇଥିବାବେଳେ ପରେ କ୍ରମାଗତ ୫ଟି ମ୍ୟାଚ ହାରି ଆଶଙ୍କାରେ ରହିଛି। ଏଥିପାଇଁ ଅଧିନାୟକ ଦୀନେଶ କାର୍ତ୍ତିକଙ୍କ ଭୂମିକାକୁ ନେଇ ଅନେକ ଆଲୋଚନା ମଧ୍ୟ ହୋଇଛି। ତେବେ ଆଗାମୀ ମ୍ୟାଚ ପାଇଁ ଦୀନେଶ ଅଧିନାୟକ ପଦରେ ସୁରକ୍ଷିତ ରହିଛନ୍ତି ଏବଂ ଭାଗ୍ୟ ପରିବର୍ତ୍ତନ ଆଶାରେ ଅଛନ୍ତି। ୱେଷ୍ଟଇଣ୍ଡିଆନ ଆନ୍ଦ୍ରେ ରସେଲ ଏପର୍ଯ୍ୟନ୍ତ କୋଲକାତା ଦଳର ମୁଖ୍ୟ ଖେଳାଳି ବିବେଚିତ ହୋଇ ଆସିଛନ୍ତି। ସେ ଚମତ୍କାର ଫର୍ମରେ ଅଛନ୍ତି। ତେବେ ତାଙ୍କୁ ବ୍ୟାଟିଂ ଅର୍ଡରରେ ଉପରେ ପଠାଉ ନ ଥିବାରୁ କାର୍ତ୍ତିକଙ୍କୁ ସମାଲୋଚନାର ସାମ୍ନା କରିବାକୁ ପଡ଼ିଛି। ବିଶ୍ୱକପ ପାଇଁ ଘୋଷିତ ଭାରତୀୟ ଦଳରେ ରିଷଭ ପନ୍ତଙ୍କୁ ନିଆ ନ ଯାଇ କାର୍ତ୍ତିକଙ୍କୁ ଚୟନ କରାଯାଇଛି। ଏହା ଏବେ ବିତର୍କର ବିଷୟ ପାଲଟିଛି। କାର୍ତ୍ତିକ ଗତବର୍ଷ କୋଲକାତା ପାଇଁ ଅଗ୍ରଣୀ ରନ ସ୍କୋରର ଥିଲେ। ମାତ୍ର ଚଳିତ ସିଜନରେ ୯ଟି ମ୍ୟାଚରେ ସେ ମାତ୍ର ୧୬.୭୧ ଆଭରେଜରେ ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଛନ୍ତି।

କୋଲକାତା ପାଇଁ ଏବେ ପ୍ଲେ-ଅଫ୍ ଆଶା ଉଜ୍ଜୀବିତ ରଖିବାକୁ ହେଲେ ପରବର୍ତ୍ତୀ ୪ଟି ମ୍ୟାଚ ଜିତିବାକୁ ପଡ଼ିବ। ତେବେ ମୁଖ୍ୟ କୋଚ୍ ଜ୍ୟାକ୍ସ କାଲିସ କାର୍ତ୍ତିକଙ୍କ ପ୍ରତି ନିଜର ସମର୍ଥନ ଅତୁଟ ରଖିଛନ୍ତି। ୨୦୧୪ ପରି ଏଥର ମଧ୍ୟ ଘଟିବ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି। ସେତେବେଳେ କୋଲକାତା କ୍ରମାଗତ ୯ଟି ମ୍ୟାଚ ଜିତି ଦ୍ୱିତୀୟଥରପାଇଁ ଟାଇଟଲ ହାସଲ କରିଥିଲା। କାର୍ତ୍ତିକଙ୍କ ସହ ଦଳର ତାରକା ସ୍ପିନର କୁଲଦୀପ ଯାଦବ ଫର୍ମରେ ନ ରହିବା ଟିମ୍ ମ୍ୟାନେଜମେଣ୍ଟ ପାଇଁ ଚିନ୍ତାର କାରଣ ହୋଇଛି। “ପିଲାମାନେ ନିରାଶ ହୋଇ ପଡ଼ିଥିବା ଅନୁଭବ ହେଉଛି। ତେଣୁ ସେମାନଙ୍କ ପାଇଁ ବ୍ରେକ୍‌ର ଆବଶ୍ୟକ ଥିବା ଆମେ ଅନୁଭବ କରୁଛୁ। ଦୀନେଶଙ୍କୁ ଗୋଟିଏ ଦିନପାଇଁ ଘରକୁ ଯାଇଛନ୍ତି। ଏହାଦ୍ୱାରା ଖେଳାଳିମାନେ ସତେଜ ମନରେ ମନକୁ ଦୃଢ଼ କରି ଆଗାମୀ ମ୍ୟାଚ ଖେଳି ପାରିବେ” ବୋଲି କାଲିସ କହିଛନ୍ତି।

୨୦୧୨ ଓ ୨୦୧୪ରେ ନାଇଟ ରାଇଡର୍ସ ବିଜୟରେ ସ୍ପିନରମାନେ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ। ଏବେ ଏହି ସ୍ପିନରଙ୍କ ଦୁର୍ବଳ ପ୍ରଦର୍ଶନ ହିଁ ଦଳକୁ ଖରାପ ପରିସ୍ଥିତିରେ ପହଞ୍ଚାଇଛି। ଇଡେନ ଗାର୍ଡେନରେ ସ୍ପିନରମାନେ ଆଦୌ ସଫଳ ହୋଇନାହାନ୍ତି। ତିନି ପ୍ରତିଷ୍ଠିତ ସ୍ପିନର କୁଲଦୀପ ଯାଦବ, ସୁନୀଲ ନାରିନ ଓ ପୀୟୁଷ ଚାୱଲା ୧୦ ମ୍ୟାଚରୁ ମାତ୍ର ୧୬ଟି ଉଇକେଟ ନେଇଛନ୍ତି। ଏହା ସେମାନଙ୍କ ଦୁର୍ବଳ ପ୍ରଦର୍ଶନକୁ ସୂଚାଉଛି।

ଦୁଇ ଦଳ ମଧ୍ୟରେ ପ୍ରଥମ ଚରଣ ମୁକାବିଲାରେ ନାଇଟ ରାଇଡର୍ସ ୮ ଉଇକେଟରେ ରାଜସ୍ଥାନ ରୟାଲ୍ସକୁ ହରାଇଥିଲା। ଏହା ପର ମ୍ୟାଚରୁ ହିଁ ଦଳର ବିପର୍ଯ୍ୟୟ ପର୍ବ ଆରମ୍ଭ ହୋଇଥିଲା। କେବଳ ସ୍ପିନ ବିଭାଗ ନୁହେଁ, ଦଳର ପେସ୍ ଆକ୍ରମଣ ମଧ୍ୟ ଧାରହୀନ ରହିଛି। ଏଥିରେ ମଧ୍ୟ ଦଳକୁ ପରିବର୍ତ୍ତନ ଆଣିବାକୁ ପଡ଼ିବ। ଭାଗ୍ୟ ପରିବର୍ତ୍ତନ ସହ ଦଳ ପୁଣି ବିଜୟ ପଥକୁ ଫେରିବ ବୋଲି ଆଶା ରଖିଛି କୋଲକାତା।

ଅନ୍ୟପକ୍ଷରେ ୮ ଦଳ ବିଶିଷ୍ଟ ଟିମ୍ ଷ୍ଟାଣ୍ଡିଂରେ କୋଲକାତା ପଛକୁ ରହିଛି ରାଜସ୍ଥାନ। ଏହି ଦଳକୁ ମଧ୍ୟ ଭାଗ୍ୟ ସାଥ୍ ଦେଇନାହିଁ। ଦଳର ପ୍ରଦର୍ଶନରେ ସ୍ଥିରତା ରହିନାହିଁ। ଅଜିଙ୍କ୍ୟ ରାହାନେଙ୍କ ସ୍ଥାନରେ ଗତ ୨ଟି ମ୍ୟାଚରେ ଷ୍ଟିଭ୍ ସ୍ମିଥ୍‌ଙ୍କୁ ଅଧିନାୟକ କରାଯାଇଛି। ଏଥିରୁ ଦଳକୁ ସାମାନ୍ୟ ସୁଫଳ ମିଳିଛି। ଗୋଟିଏ ମ୍ୟାଚ ଜିତିଥିବାବେଳେ ଗୋଟିଏରେ ହାରିଛି। ରାହାନେ ଫର୍ମକୁ ଫେରି ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ଶତକ ହାସଲ କରିଛନ୍ତି। ପଏଣ୍ଟ ଟେବୁଲର ଶେଷଭାଗରେ ଥିବାରୁ ଉଭୟ ନାଇଟ ରାଇଡର୍ସ ଓ ରାଜସ୍ଥାନ ରୟାଲ୍ସ ପାଇଁ ମ୍ୟାଚ ଜିତିବା ଅତ୍ୟନ୍ତ ଜରୁରୀ ହୋଇ ପଡ଼ିଛି।


କୋଲକାତା ନାଇଟ୍ ରାଇଡର୍ସ ଟିମ୍।

## ପ୍ରକାଶ ପାଇଲା ମହିଳା ଲିଗ୍ କାର୍ଯ୍ୟସୂଚୀ

**ମୁମ୍ବାଇ,୨୪।୪**

ଦେଶର ମହିଳା କ୍ରିକେଟର ଓ ବିଦେଶୀ କ୍ରିକେଟରଙ୍କୁ ନେଇ ଆସନ୍ତା ୬ରୁ ୧୧ତାରିଖ ପର୍ଯ୍ୟନ୍ତ ୪ମ୍ୟାଚ୍ ବିଶିଷ୍ଟ ଟି୨୦ ଚ୍ୟାଲେଞ୍ଜ ଅନୁଷ୍ଠିତ ହେବ। ଜୟପୁରସ୍ଥିତ ସୱାଇ ମାନ୍‌ସିଂ ଷ୍ଟାଡିୟମରେ ହେବାକୁ ଥିବା ଇଭେଣ୍ଟରେ ସୁପରନୋଭାସ, ଭେଲୋସିଟି ଓ ଟ୍ରାଇବ୍ଲାଜର୍ସ ନାମକ ୩ ଦଳ ଅଂଶଗ୍ରହଣ କରିବେ। ପ୍ରତ୍ୟେକ ଦଳ ରାଉଣ୍ଡ ରବିନ୍ ଲିଗ୍ ଭିତ୍ତିରେ ଦୁଇଟି ଲେଖାଏ ମ୍ୟାଚ୍ ଖେଳିବେ। ଉପର ଦୁଇ ଦଳ ମଧ୍ୟରେ ୧୧ତାରିଖରେ ଫାଇନାଲ ମ୍ୟାଚ୍ ଖେଳାଯିବ। ଏହି ଲିଗ୍ ଲାଗି ଉପଲବ୍ଧ ଥିବା ଅନ୍ତର୍ଜାତୀୟ ଖେଳାଳିଙ୍କ ତାଲିକା ପରେ ପ୍ରକାଶ କରାଯିବ। ସମସ୍ତ ମ୍ୟାଚ୍ ଷ୍ଟାର ସ୍ପୋର୍ଟ୍ସରେ ପ୍ରସାରଣ ହେବ। ୬ତାରିଖରେ ପ୍ରଥମ ମ୍ୟାଚ୍‌ରେ ସୁପରନୋଭାସ ଓ ଟ୍ରାଇବ୍ଲାଜର୍ସ ପରସ୍ପରକୁ ଭେଟିବେ। ୮ରେ ଟ୍ରାଇବ୍ଲାଜର୍ସ ଓ ଭେଲୋସିଟି ମଧ୍ୟରେ ମୁକାବିଲା ହେବ। ୯ ତାରିଖରେ ଭେଲୋସିଟି ଓ ସୁପରନୋଭାସ ମଧ୍ୟରେ ଅନ୍ତିମ ଲିଗ୍ ମ୍ୟାଚ୍ ଖେଳାଯିବ।

## ସାଥିୟାନ ଏକମାତ୍ର ଭାରତୀୟ

**ନୂଆଦିଲ୍ଲୀ,୨୪।୪(ପିଟି)**

ଜି. ସାଥିୟାନ ଏକମାତ୍ର ଭାରତୀୟ ଟେବୁଲ ଟେନିସ ଖେଳାଳି ଭାବେ ବୁଦାପେଷ୍ଟଠାରେ ଚାଲିଥିବା ଆଇଟିଟିଏଫ୍ ବିଶ୍ୱ ଚାମ୍ପିୟନଶିପ୍‌ରେ ତିଷ୍ଠି ରହିଛନ୍ତି। ଅନ୍ତିମ ୬୪ ରାଉଣ୍ଡରେ ସେ ରୋମାନିଆ ଖେଳାଳି କ୍ରିଷ୍ଟିଆନ ପ୍ଲେଟାଙ୍କୁ ୧୧-୫, ୧୧-୯, ୬-୧୧, ୧୧-୭, ୧୧-୬ ଗେମ୍‌ରେ ହରାଇ ଦେଇଛନ୍ତି। ତାଙ୍କୁ ଏହି ବିଜୟ ଲାଗି ୩୫ ମିନିଟ ଧରି ସଂଘର୍ଷ କରିବାକୁ ପଡ଼ିଥିଲା। ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ୨୮ତମ ମାନ୍ୟତା ପ୍ରାପ୍ତ ଖେଳାଳି ପରବର୍ତ୍ତୀ ପର୍ଯ୍ୟାୟରେ ବ୍ରାଜିଲର ୭ନଂ ର୍‍ୟାଙ୍କ ହୁଗୋ କାଲ୍ଡେରାନୋଙ୍କୁ ଭେଟିବେ।

# ନଭେମ୍ବରକୁ ଅପେକ୍ଷା

ବରୁଣ ଧାୱନ କେବେ ହାତକୁ ଦି' ହାତ ହେବେ ? ଶୁଣିବାକୁ ମିଳୁଛି ଯେ ସେ ଚଳିତବର୍ଷ ନଭେମ୍ବରରେ ଏହି ଶୁଭ କାର୍ଯ୍ୟ ସମ୍ପନ୍ନ ହେବ। ଅର୍ଥାତ ପ୍ରେମିକା ନତାଶା ଦଲାଲଙ୍କୁ ସେ ଆଉ ମାସ କେଇଟା ପରେ ଧର୍ମପତ୍ନୀ ଭାବରେ ଗ୍ରହଣ କରିବେ। ଏହି ହାଇ ପ୍ରୋଫାଇଲ ମ୍ୟାରେଜ କୁଆଡେ ଆଉ ବିଳମ୍ବ ନ ହେଉ ବୋଲି ଉଭୟଙ୍କ ପରିବାର ଚାହୁଁଛନ୍ତି। ତେବେ ମ୍ୟାରେଜ ସେରିମନି ବିଦେଶରେ ହେବ ବୋଲି ଶୁଣାଯାଉଛି। ଏହି ବିବାହ ଆସନ୍ତାବର୍ଷ ହେବ ବୋଲି ଆଲୋଚନା ହେଉଥିଲା। ହେଲେ ଏ ନେଇ ବର୍ତ୍ତମାନର ଖବର ସେପରି ଆଲୋଚନାରେ ପୂର୍ଣ୍ଣଚ୍ଛେଦ ପକାଇଛି। ତେବେ ନଭେମ୍ବର କେତେ ତାରିଖରେ ବିବାହ ଅନୁଷ୍ଠିତ ହେବ ତାହା ଜଣାପଡିନାହିଁ।



ଆଲିଆ

# ଆଲିଆ ଅଧିକ ସମୟ ଶୁଅନ୍ତି କାହିଁକି

ଆଲିଆ ଭଟ୍ଟଙ୍କର ଏକ ଅଜବ ଅଭ୍ୟାସ ରହିଛି। ସେ ଅଧିକ ସମୟ ଶୋଇବାକୁ ପସନ୍ଦ କରିଥାଆନ୍ତି। ହେଲେ କ'ଣ ପାଇଁ ? ତା'ପରେ କିଛି କାରଣ ଅଛି କି ? ଏପରି ପ୍ରଶ୍ନ ପାଠିକା-ପାଠକଙ୍କ ମନକୁ ଆନ୍ଦୋଳିତ କରିବା ସ୍ୱାଭାବିକ। ଏ ନେଇ ଆଲିଆ କହନ୍ତି, 'ହଁ, ଏ କଥା ସତ ଯେ ମୁଁ ଅଧିକ ସମୟ ଶୁଏ। ହେଲେ ତା' ଦ୍ୱାରା ମୋତେ ଫ୍ରେଶ୍ ଲାଗେ ଆଉ ଖୁସି ଅନୁଭବ କରେ।' ଆଲିଆ ଗୀତ ଗାଇବାକୁ ଭଲ ପାଆନ୍ତି। ଏ.ଆର. ରହେମନଙ୍କ ମ୍ୟୁଜିକ ସ୍କୁଲରୁ ସେ ସଙ୍ଗୀତ ଶିକ୍ଷା କରିଛନ୍ତି। ତାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ଷ୍ଟୁଡେଣ୍ଟ ଅଫ ଦ ଇୟର'। ଏହାର ଫିମେଲ ଲିଡ୍ ପାଇଁ କରନ ଜୋହର ଯେଉଁ ଅଡିଶନ ନେଇଥିଲେ ସେହି ତାଲିକାରେ କେତେଜଣ ନବାଗତା ଥିଲେ ଜାଣନ୍ତି ? ୪୦୦ ଜଣ। ଆଉ ତା' ଭିତରୁ ଆଲିଆ ବାଜି ମାରି ନେଇଥିଲେ। ସେତେବେଳେ ଆଲିଆଙ୍କ ବୟସ ଥିଲା ମାତ୍ର ୧୭ ବର୍ଷ। ଏହି ଫିଲ୍ମ ପାଇଁ ତାଙ୍କୁ ୧୭ କିଗ୍ରା ଓଜନ କମାଇବାକୁ ପଡିଥିଲା। ନିଜକୁ ଫିଟ୍ ରଖିବା ପାଇଁ ସେ କ'ଣ କରନ୍ତି ? ଏଥିପାଇଁ ସେ ପ୍ରଚୁର ପାଣି ପିଅନ୍ତି ଆଉ ସାଙ୍ଗେ ସାଙ୍ଗେ ରନ୍ଧା ହୋଇଥିବା ଖାଦ୍ୟ ଖାଇଥାଆନ୍ତି। ତାଙ୍କର ଖାଦ୍ୟ ତାଲିକାରେ ତଟକା ଫଳମୂଳକୁ ପ୍ରାଥମିକତା ଦେଇଥାଆନ୍ତି।



ବରୁଣ ଧାୱନ

ଅପେରା ହାଲ୍‌ଚାଲ୍

## ବଙ୍କିମଙ୍କ ନୂଆ ପରିକଳ୍ପନା

ଅପେରା ଜଗତରେ ବଙ୍କିମ ସ୍ୱାଇଁ ଅନ୍ୟତମ ନାମୀ ପରିଚାଳକ ଭାବେ ବେଶ୍ ଖ୍ୟାତି ଅର୍ଜନ କରିଛନ୍ତି। ନିଜର ଅଭିଜ୍ଞତାକୁ ପାଥେୟ କରି ସେ ସୃଷ୍ଟି କରିଥିଲେ ଇନ୍ଦ୍ରମହଲ। ଜଲିଉଡ୍‌ରେ ଏହି ପାର୍ଟି କେତେ ସଫଳତା ଅର୍ଜନ କରିଛି ତାହା କହିବା ବାହୁଲ୍ୟ। ତେବେ ଆସନ୍ତା ଯାତ୍ରା ସିଜନରେ ସେ ଆଉ ଏକ ନୂଆ ପାର୍ଟିର ପରିକଳ୍ପନା କରିଛନ୍ତି। ଓଡ଼ିଶାର ଐତିହାସିକ କୀର୍ତ୍ତିରାଜିକୁ ନେଇ ସେ ଏହି ନୂତନ ପାର୍ଟିର ନାମକରଣ କରିଛନ୍ତି। ତାହା ହେଲା 'ଅପେରା ସୂର୍ଯ୍ୟ ମନ୍ଦିର'। ଏହି ବିଗ୍ ବଜେଟ୍ ପାର୍ଟିରେ ଅପେରା ଜଗତର ଅନେକ ନାମୀ କଳାକାର ଯୋଗ ଦେଉଥିବାର ଜଣାପଡିଛି। ଅପରପକ୍ଷରେ କେବଳ ଷ୍ଟେଜ୍ କିମ୍ବା ଲାଇଟ୍ ନୁହେଁ ନାଟକଗୁଡିକ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି। ବର୍ତ୍ତମାନ ସୁଦ୍ଧା ଦୁଇଟି ନାଟକର ପ୍ରସ୍ତୁତି ଚାଲିଛି। ପ୍ରଥମ ନାଟକ 'ପୁଅ ଯିବ ଶାଶୁ ଘର' ରଚନା କରିଛନ୍ତି ଗଣେଶ ରାଉତ ଏବଂ ନିର୍ଦ୍ଦେଶନା ଦେବେ ଅଶ୍ରୁମୋଚନ ମହାନ୍ତି। ସଙ୍ଗୀତ ଦାୟିତ୍ୱରେ ଅଛନ୍ତି ମିହିର ମହାନ୍ତି। ଦ୍ୱିତୀୟ ନାଟକଟି ହେଲା 'ମାୟାବିନୀ ମୌସୁମୀ'। ଅଧ୍ୟାପକ ଚିନ୍ମୟ ଦାସଙ୍କ ରଚିତ ଏହି ନାଟକର ନିର୍ଦ୍ଦେଶନା ଭାର ସମ୍ଭାଳୁଛନ୍ତି କିଶୋର ଖଣ୍ଡୁଆଳ। ନିଗମ ମିଶ୍ରଙ୍କ ଗୀତଗୁଡିକୁ ସ୍ୱର ଦେଉଛନ୍ତି ବିକାଶ ଶୁକ୍ଳା। ତେବେ ଏହି ନୂଆ ପାର୍ଟି ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ଦେଖିବାକୁ ବାକି ରହିଲା।



ବଙ୍କିମ ସ୍ୱାଇଁ

## ଅ ତୀ ତ ରୁ

❖ପ୍ରଥମ ଆଂଶିକ ଓଡ଼ିଆ ଚଳଚ୍ଚିତ୍ର 'ସମୟ'ରେ ସଂଯୋଜିତ 'ସଜନୀରେ କାହିଁ ଗଲେ ଶ୍ୟାମ' ଗୀତଟି ବେଶ୍ ଶ୍ରୋତାଦୃତ ହୋଇଥିଲା। ଏହାର ସ୍ୱର ସଂଯୋଜକ ଥିଲେ ସେ ସମୟର ଲୋକପ୍ରିୟ ସଙ୍ଗୀତ ନିର୍ଦ୍ଦେଶକ ଯୋଡି ଭୁବନ-ହରି। ଚିତ୍ରଟିର ବିଭିନ୍ନ ଭୂମିକାରେ ଶ୍ରୀରାମ ପଣ୍ଡା, ତ୍ରିପୁରା ମିଶ୍ର, ପ୍ରଶାନ୍ତ ନନ୍ଦ, ଧୀର ବିଶ୍ୱାଳ, ଭାନୁମତୀ ଅଭିନୟ କରିଥିଲେ।

❖ଓଡିଆ ସିନେମା 'ମମତା'ର ଗୀତଗୁଡିକ ଏବେ ମଧ୍ୟ ବେଶ୍ ଲୋକପ୍ରିୟ। 'ରେ ଆମ୍ଭ ନିଦ୍ରା ପରିହରି, ଆରେ ମିତ ଆ ସଙ୍ଗାତ ବେଳ ଗଲାଣି, ଶ୍ୟାମକୁ ଜୁହାର ତା'ର ପ୍ରେମକୁ ଜୁହାର, ଦେଖି ବଣ ମଲ୍ଲୀ ରାଧା ହେଲେ ବାତୁଳି, ହେ ଫଗୁଣ କାନ୍ଦନାରେ'କୁ ଆଜି ବି ଅନେକ ଶ୍ରୋତା ଗୁଣୁଗୁଣେଇ ହୋଇଥାଆନ୍ତି। ଏସବୁ ଗୀତଗୁଡିକୁ ସ୍ୱର ଦେଇଥିଲେ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ପ୍ରଫୁଲ୍ଲ କର। ପ୍ରଶାନ୍ତ ନନ୍ଦ, ସୁରେଶ, ବ୍ୟୋମକେଶ ତ୍ରିପାଠୀ, ଟିମା, ସୁଜାତା ଆଦି କଳାକାରଙ୍କୁ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିଥିଲା।

❖ଥରେ ମନେପକାନ୍ତୁ ନା 'ସୀମାହୀନ ଦରିଆ ସାଥୀ ବିନା ଦୁନିଆ'କୁ। ଓଡ଼ିଆ ଚଳଚ୍ଚିତ୍ର 'ବତୀଘର'ରେ ସଂଯୋଜିତ ଏହି ଗୀତଟି ପାଇଁ କଣ୍ଠଦାନ କରିଥିଲେ ପ୍ରଣବ ପଟ୍ଟନାୟକ।

❖ପ୍ରଥମ ରଙ୍ଗିନ ଓଡ଼ିଆ ସିନେମା 'ଗପ ହେଲେ ବି ସତ'ର ଟାଇଟଲ ପଛରେ ଏକ ମଜାଦାର କଥା ଲୁଚି ରହିଛି। ଏହାର ଗୀତଗୁଡିକୁ ରଚନା କରିଥିଲେ ଗୁରୁକୃଷ୍ଣ ଗୋସ୍ୱାମୀ। ତନ୍ମଧ୍ୟରୁ ଗୋଟିଏ ଗୀତର ଧାଡି ଥିଲା 'ଗପ ହେଲେ ବି କଥାଟି ସତ ଜମାରୁ ମିଛ ନୁହେଁ'। ବାସ୍, ଏହାକୁ ନେଇ ଟାଇଟଲ ରଖାଯାଇଥିଲା 'ଗପ ହେଲେ ବି ସତ'। ସ୍ୱାତୀ ଫିଲ୍ମସ ବ୍ୟାନରରେ ଚିତ୍ରଟିର ପ୍ରଯୋଜନା କରିଥିଲେ ସୁବିମଳ ମଲ୍ଲିକ। ନିର୍ଦ୍ଦେଶନା ଦେଇଥିଲେ ନଗେନ ରାୟ।

# ନିରଞ୍ଜନଙ୍କ ପ୍ରେମଲୀଳା

ଓଡ଼ିଆ ସିନେମା 'ଆଣ୍ଟି ନମସ୍କାର'ରୁ ଆରମ୍ଭ ହୋଇଥିଲା ତାଙ୍କର ନିର୍ଦ୍ଦେଶନା କ୍ୟାରିୟର। ଯା ଭିତରେ ସେ ବ୍ୟାକ୍-ଟୁ-ବ୍ୟାକ୍ ଦୁଇଟି ସିନେମାର ନିର୍ଦ୍ଦେଶନା ଦେଇସାରିଛନ୍ତି। ଫିଲ୍ମଦ୍ୱୟ ହେଲା-'ଯୋଗୀ' ଏବଂ 'ପ୍ରେମ ପାଇଁ ମହାଭାରତ'। ସେ ହେଲେ ନିରଞ୍ଜନ ବେହେରା। ଏବେ ତାଙ୍କର ପ୍ରେମଲୀଳାକୁ ନେଇ ଚର୍ଚ୍ଚା। ଏହାର ଅର୍ଥ ନୁହେଁ ଯେ ଏହା ସହ ତାଙ୍କର ବ୍ୟକ୍ତିଗତ ଜୀବନର ସଂଯୋଗ ରହିଛି। କଥା କ'ଣ କି 'ପ୍ରେମଲୀଳା' ଟାଇଟଲବିଶିଷ୍ଟ ଫିଲ୍ମର ସେ ନିର୍ଦ୍ଦେଶନା ଦେବାକୁ ଯାଉଛନ୍ତି। ଏହାର ପ୍ରାରମ୍ଭିକ କାମ ଚାଲୁ ରହିଛି। ଏ ସମ୍ପର୍କରେ ନିରଞ୍ଜନ କହନ୍ତି, ''ଏହି ଫିଲ୍ମର କାହାଣୀରେ ଭିନ୍ନତା ରହିଛି। 'ପ୍ରେମ ପାଇଁ ମହାଭାରତ'ରେ ପ୍ରେମକୁ ନେଇ ଏକ ସ୍ପେଶାଲ ଏକ୍ସପେରିମେଣ୍ଟ କରାଯାଇଥିଲା ଏବଂ ତାହା ଦର୍ଶକଙ୍କୁ ପ୍ରଭାବିତ କରିଥିଲା। ତେଣୁ ମୋ ନୂଆ ସିନେମାର ଟାଇଟଲ 'ପ୍ରେମଲୀଳା' ରଖିଛି। ଏହା ଏକ କମେଡି-ଲଭଷ୍ଟୋରିଭିତ୍ତିକ ଫିଲ୍ମ। ଏହାକୁ ମଧ୍ୟ ଦର୍ଶକ ଗ୍ରହଣ କରିବେ ବୋଲି ମୋର ଆଶା ରହିଛି।'' ଫିଲ୍ମରେ ସଂଯୋଜିତ ଗୀତଗୁଡିକୁ ରଚନା କରିଛନ୍ତି ଡ. ନିର୍ମଳ ନାୟକ ଏବଂ ସ୍ୱର ଦେଉଛନ୍ତି ଅଭିଜିତ ମଜୁମଦାର। ଏହାର ମ୍ୟୁଜିକ ସିଟିଂ ଚାଲୁ ରିହିଛି। କାଷ୍ଟିଂ ଖୁବ୍‌ଶୀଘ୍ର ଫାଇନାଲ ହେବା ପରେ ହିଁ ଶୁଟିଂ ଆରମ୍ଭ କରାଯିବ ବୋଲି ସୂଚନା ଦେଇଛନ୍ତି ନିର୍ଦ୍ଦେଶକ। ତେବେ ନିରଞ୍ଜନଙ୍କ ପ୍ରେମଲୀଳାରେ କି ମସଲା ରହିଛି ତାହା ଆଗକୁ ଜଣାପଡିବ।

# ପୂରଣ ହେଲା ଆଶା



ଦୀପକ-ପିଙ୍କି

ସମସ୍ତଙ୍କର କିଛି ନା କିଛି ଆଶା ଥାଏ, ଆଉ ତାହା ଯେତେବେଳେ ପୂରଣ ହୋଇଯାଏ ସେତେବେଳେ ସେମାନଙ୍କର ଖୁସି ବନ୍ଧବାଡ ମାନି ନ ଥାଏ। ନିକଟରେ ଅଭିନେତା ଦୀପକଙ୍କର ସେପରି ଏକ ଆଶା ପୂରଣ ହେଉଛି। ରିଲିଜ ଅପେକ୍ଷାରେ ଥିବା ଓଡ଼ିଆ ଚଳଚ୍ଚିତ୍ର 'ଜୋର୍ କା ଝଟ୍‌କା'ରେ ତାଙ୍କୁ ମିଳିଛି ତାଙ୍କର ମନ ଲାଖି ଭୂମିକା। ପୁଣି ଏହାକୁ ଏକ ଚ୍ୟାଲେଞ୍ଜ ଭାବେ ନେଇଛନ୍ତି ସେ। ଏ ସମ୍ପର୍କରେ ଦୀପକ କହନ୍ତି, ଏହି ଫିଲ୍ମର କାହାଣୀରେ ଲଭ୍, ଇମୋଶନ ଏବଂ କମେଡି ରହିଛି। ଏଥିରେ ମୋତେ ମିଳିଛି ଜଣେ ବିନ୍‌ଦାସ ଯୁବକର ଭୂମିକା। ହଠାତ୍ ମୋର ଜଣେ ସୁନ୍ଦରୀ ସହ ଭେଟ ହେଉଛି ଏବଂ ସେହି ପ୍ରଥମ ଦେଖାରେ ହିଁ ଆମ ଭିତରେ ପ୍ରେମ ଆରମ୍ଭ ହୋଇଯାଉଛି। ବାସ୍ ତା'ପରେ କ'ଣ ହେଉଛି ତାହା ସିନେମାରେ ଦେଖିବାକୁ ମିଳିବ। ସବୁଦୃଷ୍ଟିରୁ ଏହି ଭୂମିକା ମୋତେ ପ୍ରଭାବିତ କରିଛି। ଏହା ହେଉଛି ମୋର ଡ୍ରିମ୍ ରୋଲ୍, ଯେଉଁଥିରେ ସବୁପ୍ରକାର ମସଲା ରହିଛି।' ଶିବାନୀ ଫିଲ୍ମସ ବ୍ୟାନରରେ ଏହି ଫିଲ୍ମକୁ ପ୍ରଯୋଜନା କରିଛନ୍ତି ଅଶୋକ ବେହେରା। ନିର୍ଦ୍ଦେଶନା ଦାୟିତ୍ୱ ସମ୍ଭାଳୁଛନ୍ତି ପିନୁ ନାୟକ। ଦୀପକଙ୍କ ଅପୋଜିଟ୍‌ରେ ପିଙ୍କି ପ୍ରିୟଦର୍ଶିନୀ ନାୟିକା ସାଜିଥିବା ବେଳେ ଶ୍ରୀତମ୍ ଦାସ, ମିହିର ଦାସ, ପ୍ରତିଭା ପଣ୍ଡା, ହରିହର ମହାପାତ୍ର, ପ୍ରଜ୍ଞା ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି । ଡ. ନିର୍ମଳ ନାୟକ ସଂଳାପ ରଚନା କରିଛନ୍ତି ଏବଂ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଅଭିଜିତ୍ ମଜୁମ୍‌ଦାର।



| Dollar | Sensex | Nifty | Gold | Silver |
|---|---|---|---|---|
| 69.86 (24) | 39,054.68 (489.80) | 11,726.15 (150.20) | 32,720.00 (₹50) | 38,225.00 (₹200) |

ଇଣ୍ଡିଆବୁଲ୍ସ ହାଉସିଂ ଫାଇନାନ୍ସ ଅଭିବୃଦ୍ଧି ପଥରେ ଅଗ୍ରସର ହେଉଛି। ଋଣ ପ୍ରଦାନ ଅଭିବୃଦ୍ଧିକୁ ୨୦% ହାରରେ ବଢ଼ାଇବାକୁ କମ୍ପାନୀ ଲକ୍ଷ୍ୟ ଧାର୍ଯ୍ୟ କରିଛି।

– ଗଗନ ବାଙ୍ଗା, ଭାଇସ ଚେୟାରମ୍ୟାନ ତଥା ଏମ୍‌ଡି, ଇଣ୍ଡିଆବୁଲ୍ସ ହାଉସିଂ ଫାଇନାନ୍ସ



ଜେଟ୍ ଏୟାରୱେଜ ବନ୍ଦ ହୋଇଯିବା ପରେ ଚାହିଦା ପୂରଣ ପାଇଁ ଗୋଏୟାର ସବୁ ପ୍ରକାର ଉଦ୍ୟମ କରିବ। ଇତିମଧ୍ୟରେ ଦୁଇଟି ନୂଆ ରୁଟ୍‌ରେ ବିମାନ ଚଳାଚଳ ଘୋଷଣା କରାଯାଇଛି।

–ଜେହ୍ ୱାଡିୟା, ଏମ୍‌ଡି, ଗୋଏୟାର ଏୟାରଲାଇନ୍ସ



## ସଂକ୍ଷେପରେ

### ଆସୁଛି ନୂଆ ୨୦୦, ୫୦୦ଟଙ୍କିଆ ନୋଟ୍




ମୁମ୍ବାଇ,୨୪-୪: ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଖୁବ୍‌ଶୀଘ୍ର ମହାତ୍ମା ଗାନ୍ଧୀ ସିରିଜରେ ନୂଆ ୨୦୦ ଓ ୫୦୦ ଟଙ୍କିଆ ନୋଟ୍ ଜାରି କରିବାକୁ ଯାଉଛି। ପୂର୍ବରୁ ପ୍ରଚଳିତ ନୋଟ୍ ସହ ନୂଆ ନୋଟ୍‌ର ବହୁ ସାମଞ୍ଜସ୍ୟ ରହିଛି। ତେବେ ନୂଆରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି। ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସଙ୍କ ସ୍ୱାକ୍ଷରରେ ନୂଆ ନୋଟ୍ ଜାରି କରାଯିବ। ପୂର୍ବରୁ ଜାରି ୨୦୦ ଓ ୫୦୦ ଟଙ୍କିଆ ନୋଟ୍‌ରେ ଉର୍ଜିତ ପଟେଲଙ୍କ ସ୍ୱାକ୍ଷର ଥିଲା। ରିଜର୍ଭ ବ୍ୟାଙ୍କ ପକ୍ଷରୁ ଟୁଇଟ୍ କରି କୁହାଯାଇଛି ଯେ, ବଜାରରେ ପ୍ରଚଳନରେ ଥିବା ପୁରୁଣା ନୋଟ୍ ଆଇନଗତ ଭାବେ ବୈଧ ରହିବ। ତେବେ ନୂଆ ନୋଟ୍ ପ୍ରଚଳନ ଦ୍ୱାରା ପୁରୁଣା ନୋଟ୍‌କୁ ବେଶି ଖରାପ ହେବାରୁ ରକ୍ଷା କରାଯାଇପାରିବ। ତେବେ ଆର୍‌ବିଆଇ ପକ୍ଷରୁ ସ୍ପଷ୍ଟ କରାଯାଇ କୁହାଯାଇଛି ଯେ, ନୂଆ ନୋଟ୍‌ର ଡିଜାଇନ ଅପରିବର୍ତ୍ତିତ ରହିବ। ଏହାର ଡିଜାଇନ ମହାତ୍ମା ଗାନ୍ଧୀ ସିରିଜର ପୂର୍ବ ନୋଟ୍ ଭଳି ହେବ। ଏହାବ୍ୟତୀତ ଏହାର ସମସ୍ତ ଫିଚର ମଧ୍ୟ ବଦଳିବ ନାହିଁ।

### ମତେ ଆର୍ଥିକ ମୃତ୍ୟୁଦଣ୍ଡ ଦେଇଛନ୍ତି ସ୍ୱତନ୍ତ୍ର ଅଦାଲତ:ମାଲ୍ୟା

ମୁମ୍ବାଇ,୨୪-୪: ସ୍ୱତନ୍ତ୍ର ଅଦାଲତ ତାଙ୍କୁ ପଳାତକ ଆର୍ଥିକ ଅପରାଧୀ ଭାବେ ଘୋଷଣା କରି ତାଙ୍କର ସମସ୍ତ ସମ୍ପତ୍ତିକୁ ବାଜ୍ୟାପ୍ତ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଏହାଦ୍ୱାରା ସ୍ୱତନ୍ତ୍ର ଅଦାଲତ ତାଙ୍କୁ ଆର୍ଥିକ ମୃତ୍ୟୁଦଣ୍ଡ ଦେଇଛନ୍ତି ବୋଲି ପଳାତକ ମଦ ବ୍ୟବସାୟୀ ବିଜୟ ମାଲ୍ୟା ବୁଧବାର ବମ୍ବେ ହାଇକୋର୍ଟରେ ଯୁକ୍ତି ଦର୍ଶାଇଛନ୍ତି। ଜଷ୍ଟିସ ରଞ୍ଜିତ ମୋରେ ଏବଂ ଜଷ୍ଟିସ ଭାରତୀ ଡାଙ୍ଗରେଙ୍କୁ ନେଇ ଗଠିତ ଖଣ୍ଡପୀଠ ସମ୍ମୁଖରେ ମାଲ୍ୟା ତାଙ୍କ ଓକିଲ ଅମିତ ଦେଶାଇଙ୍କ ଜରିଆରେ ଏହା କହିଛନ୍ତି। ପଳାତକ ଆର୍ଥିକ ଅପରାଧୀ ଆଇନର କେତେକ ଧାରାକୁ ନେଇ ପ୍ରଶ୍ନ ଉଠାଇ ମାଲ୍ୟା ସ୍ୱତନ୍ତ୍ର ଅଦାଲତ ରାୟକୁ ଚ୍ୟାଲେଞ୍ଜ କରିଛନ୍ତି। ସେ କହିଛନ୍ତି ଯେ, ତାଙ୍କ ଉପରେ ଋଣ ଭାର ରହିଛି। ଏଥିଯୋଗୁ ସୁଧ ବଢ଼ି ବଢ଼ି ଚାଲିଛି। ତାଙ୍କ ନିକଟରେ ଋଣ ପରିଶୋଧ କରିବା ଲାଗି ସମ୍ପତ୍ତି ରହିଛି। କିନ୍ତୁ ଋଣ ଟଙ୍କା ଫେରସ୍ତ ଲାଗି ସରକାର ଏହି ସମ୍ପତ୍ତି ବ୍ୟବହାର କରିବାକୁ ଅନୁମତି ଦେଉନାହାନ୍ତି। ଏହା ଆର୍ଥିକ ମୃତ୍ୟୁଦଣ୍ଡ ସଜା, ଯାହା ତାଙ୍କୁ ଶୁଣାଯାଇଛି। ସାରା ଦେଶରେ ମାଲ୍ୟାଙ୍କ ସମ୍ପତ୍ତି ଜବତ କରିବାର କାର୍ଯ୍ୟାନୁଷ୍ଠାନ ଉପରେ ରହିତାଦେଶ ଜାରି କରିବାକୁ ଓକିଲ ଦେଶାଇ ଖଣ୍ଡପୀଠ ନିକଟରେ ଅନୁରୋଧ କରିଥିଲେ। ତେବେ ଖଣ୍ଡପୀଠ ଏହା ଶୁଣିନାହାନ୍ତି।

# ରିଟର୍ନ ନାହିଁ ତ ମିଳିବନି ଇ-ୱେ ବିଲ

ନୂଆଦିଲ୍ଲୀ,୨୪-୪




ନିର୍ଦ୍ଧାରିତ ସମୟ ମଧ୍ୟରେ ନିଜର ଜିଏସ୍‌ଟି ରିଟର୍ନ ଦାଖଲ କରୁ ନ ଥିବା ବ୍ୟବସାୟୀଙ୍କ ବିରୋଧରେ କେନ୍ଦ୍ର ସରକାର ଏବେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାଉଛନ୍ତି। ସେମାନଙ୍କ ଲାଗି ଏବେ ଇ-ୱେ ବିଲ୍ ଜାରି କରିବା ଅସମ୍ଭବ ହୋଇଯିବ। ଅର୍ଥ ମନ୍ତ୍ରଣାଳୟ ବୁଧବାର ଏକ ନିର୍ଦ୍ଦେଶ ଜାରି କରି କହିଛି ଯେ, କ୍ରମାଗତ ୨ ମାସ ଧରି ଜିଏସ୍‌ଟି ରିଟର୍ନ ଦାଖଲ କରାଯାଇ ନ ଥିଲେ ମାଲ୍ ପରିବହନ ଲାଗି ଇ-ୱେ ବିଲ୍ ମିଳିବ ନାହିଁ। ସେହିପରି ଜିଏସ୍‌ଟି କମ୍ପୋଜିଶନ ଯୋଜନା ଅଧୀନରେ କମ୍ପାନୀଗୁଡ଼ିକ କ୍ରମାଗତ ୨ ଥର( ୬ ମାସ) ରିଟର୍ନ ଦାଖଲ କରି ନ ଥିଲେ ସେମାନେ ମଧ୍ୟ ଇ-ୱେ ବିଲ୍ ପାଇବେ ନାହିଁ। ସରକାରଙ୍କ ଏହି ନିଷ୍ପତ୍ତି ଦ୍ୱାରା ବ୍ୟବସାୟୀ ଉପରେ ଗଭୀର ପ୍ରଭାବ ପଡ଼ିବାର ସମ୍ଭବନା ରହିଛି।

କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତି ଜାରି କରି କୁହାଯାଇଛି ଯେ, ନୂଆ ନିୟମ ଜୁନ ୨୧ରୁ ଲାଗୁ ହେବ ବୋଲି କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ ବୋର୍ଡ(ସିବିଆଇସି) ପକ୍ଷରୁ ଏକ ଅଧିସୂଚନା ଜାରି କରି କୁହାଯାଇଛି। ଏଥିରେ କୁହାଯାଇଛି ଯେ, ଯଦି ଜିଏସ୍‌ଟି ନିୟମ ଅନ୍ତର୍ଗତରେ ଏହି ଅବଧି ମଧ୍ୟରେ ରିଟର୍ନ ଦାଖଲ କରାଯାଇ ନ ଥିଲେ ମାଲ୍ ପଠାଇଥିବା, ପାଇବା ବ୍ୟକ୍ତି, ଇ-କମର୍ସ ପରିଚାଳକ ଏବଂ କୋରିୟର ଏଜେନ୍ସି ଇ-ୱେ ବିଲ୍ ପାଇବେ ନାହିଁ। ଏହି ନିୟମ କମ୍ପୋଜିଶନ ସ୍କିମ୍ ଅଧୀନରେ ଆସୁଥିବା ଟିକସଦାତାଙ୍କ କ୍ଷେତ୍ରରେ ମଧ୍ୟ ଲାଗୁ ହେବ। ସୂଚନାଥାଉ କି, ଜିଏସ୍‌ଟି ଅଧୀନରେ କମ୍ପାନୀଙ୍କୁ ପ୍ରତ୍ୟେକ ମାସର ୨୦ ତାରିଖ ସୁଦ୍ଧା ପିଛିଲା ମାସର ରିଟର୍ନ ଦାଖଲ କରିବାକୁ ପଡିଥାଏ। ସେହିପରି କମ୍ପୋଜିଶନ ଯୋଜନା ବିକଳ୍ପ ଚୟନ କରିଥିବା ବ୍ୟବସାୟୀମାନେ ମଧ୍ୟ ପ୍ରତି ୩ ମାସରେ ଥରେ ପରବର୍ତ୍ତୀ ମାସର ୧୮ତାରିଖ ସୁଦ୍ଧା ରିଟର୍ନ ଦାଖଲ କରିଥାନ୍ତି। ଜିଏସ୍‌ଟି ନେଟ୍‌ୱର୍କ(ଜିଏସ୍‌ଟିଏନ୍)ରେ ଏଭଳି ବ୍ୟବସ୍ଥା କରାଯାଇଛି ଯେ, ରିଟର୍ନ ଦାଖଲ ହୋଇ ନ ଥିଲେ କମ୍ପାନୀଗୁଡ଼ିକ ଇ-ୱେ ବିଲ୍ ତିଆରି କରିପାରିବେ ନାହିଁ। ଏହି ପଦକ୍ଷେପ ଯୋଗୁ ଜିଏସ୍‌ଟି ଫାଙ୍କିକୁ ରୋକି ହେବ ବୋଲି ଅଧିକାରୀମାନେ ମତପ୍ରକାଶ କରିଛନ୍ତି। ଗତ ଆର୍ଥିକ ବର୍ଷର ଏପ୍ରିଲ-ଡିସେମ୍ବର ଅବଧିରେ ୧୫,୨୭୮ କୋଟି ଟଙ୍କାର ୩୬୨୬ଟି ମାମଲା ସାମ୍ନାକୁ ଆସିଛି।

- କ୍ରମାଗତ ୨ ମାସ ରିଟର୍ନ ଦାଖଲ ହୋଇ ନଥିଲେ ଇ-ୱେ ବିଲ୍ ତିଆରି ହେବ ନାହିଁ
- କମ୍ପୋଜିଶନ ସ୍କିମ୍ ବାଛିଥିବା ବ୍ୟବସାୟୀଙ୍କ ପାଇଁ ଏହା କ୍ରମାଗତ ୨ଥର ଧାର୍ଯ୍ୟ ହୋଇଛି
- ଜୁନ ୨୧ ରୁ କାର୍ଯ୍ୟକାରୀ ହେବ ନୂଆ ନିୟମ
- ଗତ ଆର୍ଥିକ ବର୍ଷରେ ଏପ୍ରିଲ-ଡିସେମ୍ବର ମଧ୍ୟରେ ୧୫,୨୭୮ କୋଟିର ଜିଏସ୍‌ଟି ଫାଙ୍କି ଧରାପଡିଛି

## ଆସିଲା ନୂଆ ମାରୁତି ଅଲ୍‌ଟୋ ୮୦୦

ନୂଆଦିଲ୍ଲୀ,୨୪-୪




ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ (ଏମ୍‌ଏସ୍‌ଆଇ) ପକ୍ଷରୁ ନୂଆ ଅଲ୍‌ଟୋ ୮୦୦ ମଡେଲ ବଜାରକୁ ଆସିଛି। କମ୍ପାନୀର ଏହା ଏଣ୍ଟ୍ରି ଲେଭଲ୍ ହ୍ୟାଚ୍‌ବ୍ୟାକ ହୋଇଥିବାବେଳେ ବଜାର ଦର ୨.୯୩ ଲକ୍ଷ ଟଙ୍କାରୁ ୩.୭୧ ଲକ୍ଷ ଟଙ୍କା ରହିଛି। ଏହା ବିଏସ୍-୬ ମାନକ ସହ ଆସିଛି। ପେଟ୍ରୋଲ ଭର୍ସନରେ ଏହି ମଡେଲରେ ଗ୍ରାହକ ନୂଆ ଡିଜାଇନ ଏବଂ ସୁରକ୍ଷା ଫିଚର୍ ପାଇପାରିବେ। ୨୦୦୦ ମସିହାରେ ଅଲ୍‌ଟୋ ମଡେଲକୁ କମ୍ପାନୀ ପ୍ରଥମେ ବଜାରକୁ ଆଣିଥିଲା। ବର୍ତ୍ତମାନ ସୁଦ୍ଧା ଏହି ବର୍ଗରେ ୩.୭ ନିୟୁତ ଗ୍ରାହକ ରହିଛନ୍ତି। ଏହା ଭାରତୀୟ ଗ୍ରାହକଙ୍କ ଲାଗି ଏକ ବର୍ଗର ପ୍ରତୀକ ବୋଲି ମାରୁତି ସୁଜୁକି ଇଣ୍ଡିଆର ବିକ୍ରି ଓ ମାର୍କେଟିଂ ବରିଷ୍ଠ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆର୍.ଏସ୍.କାଲ୍‌ସୀ କହିଛନ୍ତି। ଏହା ଲିଟର ପିଛା ୨୨.୦୫ କିମିର ମାଇଲେଜ ଦେବ। ଆଣ୍ଟି ଲକ୍ ବ୍ରେକିଂ ସିଷ୍ଟମ ଏବଂ ଇଲେକଟ୍ରୋନିକ୍ସ ବ୍ରେକ୍ ଫୋର୍ସ ଡିଷ୍ଟ୍ରିବ୍ୟୁଶନ ସିଷ୍ଟମ ସହ ଏହା ଉପଲବ୍ଧ। ସେହିଭଳି ପାର୍କିଂ ସେନସର, ଡ୍ରାଇଭିଂ ଏୟାରବ୍ୟାଗ୍, ସ୍ପିଡ୍ ଆଲର୍ଟ ସିଷ୍ଟମ, ସିଟ୍ ବେଲ୍‌ଟ ରିମାଇଣ୍ଡର ସହ ୩ଟି ଭାରିଆଣ୍ଟରେ ଉପଲବ୍ଧ ହେଉଥିବା କମ୍ପାନୀ ପ୍ରକାଶ କରିଛି।

## ଇ-ବାଇକ୍ ବଜାର ଉପରେ ସାଓମିର ନଜର

ନୂଆଦିଲ୍ଲୀ,୨୪-୪



ବଜେଟ ସ୍ମାର୍ଟଫୋନ ଏବଂ ଇଲେକଟ୍ରୋନିକ୍ସ ଉପକରଣ ଦ୍ୱାରା ଦେଶରେ ନିଜର ପରିଚୟ ସୃଷ୍ଟି କରିଥିବା ଚାଇନାର ସାଓମି ନଜର ଏବେ ଘରୋଇ ଇ-ବାଇକ ବଜାର ଉପରେ ରହିଛି। ସରକାର ଇ-ଯାନକୁ ପ୍ରୋତ୍ସାହିତ କରୁଥିବା ବେଳେ ଏହାକୁ ଧ୍ୟାନରେ ରଖି କମ୍ପାନୀ ନିଜକୁ ଏବେଠୁ ପ୍ରସ୍ତୁତ କରିସାରିଲାଣି। ନିକଟରେ କମ୍ପାନୀ ଇ-ବାଇକ ବା ଇଲେକଟ୍ରିକ ସାଇକେଲ ଲଞ୍ଚ କରିଛି। କମ୍ପାନୀ ପକ୍ଷରୁ ଏମ୍‌ଆଇ ହିମୋ ଇଲେକଟ୍ରିକ ବାଇସାଇକେଲ ଟି-୧ର ଶୁଭାରମ୍ଭ ହୋଇଛି। ଏହାର ବଜାର ଦର ୪୫୦ ଡଲାର ଯାହା ଭାରତୀୟ ମୁଦ୍ରାରେ ପ୍ରାୟ ୩୧ ହଜାର ଟଙ୍କା ରହିବ। ଏହା ପୂର୍ବରୁ କମ୍ପାନୀ ହିମୋ ଭି୧ ନାମରେ ଏକ ଫୋଲ୍ଡିଂ ଇ-ବାଇକ ଆଣିଛି । ଏହାର ବଜାର ଦର ୨୬୧ ଡଲାର (୧୮ ହଜାର ଟଙ୍କା) ଥିଲା। ପ୍ରଥମ ଇଲେକଟ୍ରିକ ମୋପେଡ୍ ଭାବେ ନୂଆ ଟି-୧ର ବଜାର ପ୍ରବେଶ କରାଇଛି। ଏହାର ବଡି ଇ-ସ୍କୁଟର ଭଳି ରହିଛି। ଷ୍ଟାଇଲ ଦୃଷ୍ଟି କୋଣରୁ ଏହା ଆକର୍ଷକ ହୋଇଥିବା ବେଳେ ଏହାର ବଡିକୁ ଅଗ୍ନି ନିରୋଧକ ମାଟେରିଆଲରେ ପ୍ରସ୍ତୁତ କରାଯାଇଛି। ଏଥିରେ ହାଇସେନସିଟିଭ୍ ଡିଜିଟାଲ ଡିସ୍ପଲେ ରହିଛି। ଏଥିରେ ୩୫୦ ୱାଟର ମ୍ୟାଗନେଟ୍ ମୋଟର,୯୦ ଏମ୍‌ଏମ୍‌ର ୱାଇଡ ଟାୟାର, ୧୪,୦୦୦ ସହ ସିଙ୍ଗଲ ଚାର୍ଜରେ ଏହା ୧୨୦ କିମି ଯାତ୍ରା କରି ପାରିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି।

## ଇ-ଯାନକୁ ପ୍ରୋତ୍ସାହିତ କରିବ ଏସ୍‌ବିଆଇ

ଭୁବନେଶ୍ୱର,୨୪-୪

ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ) ଦେଶ ମଧ୍ୟରେ ଇ-ଯାନ ଚଳାଚଳକୁ ପ୍ରୋତ୍ସାହିତ କରିବ। ସବୁଜ ଏବଂ ସ୍ୱଚ୍ଛ ପରିବେଶ ଗଠନ ଦିଗରେ ଯୋଗଦାନ ପୂର୍ବକ ଏସ୍‌ବିଆଇ ଏଭଳି ଏକ ପଦକ୍ଷେପ ଉପରେ ଧ୍ୟାନ କେନ୍ଦ୍ରିତ କରିଛି। ବ୍ୟାଙ୍କ ପକ୍ଷରୁ ଦେଶରେ ପ୍ରଥମ ଥର ଲାଗି ଗ୍ରୀନ୍ କାର ଲୋନ ସମ୍ପର୍କରେ ଘୋଷଣା କରିଛି। ଏହା ଇ-ଯାନ କ୍ରୟ ଲାଗି ଲୋକଙ୍କୁ ଉତ୍ସାହିତ କରିବ ବୋଲି ଏସ୍‌ବିଆଇ ପକ୍ଷରୁ ସୂଚନା ରହିଛି। ଇ-ଯାନ କ୍ରୟ ଉପରେ ଅନ୍ୟ ଯାନର ଋଣ ତୁଳନାରେ ୨୦ ବେସିସ ପଏଣ୍ଟ ରିହାତି ଦରରେ ଋଣ ପ୍ରଦାନ କରାଯିବ। ଗ୍ରାହକ ଋଣକୁ ପ୍ରାୟ ୮ ବର୍ଷ ପର୍ଯ୍ୟନ୍ତ ପୈଠ କରି ପାରିବେ। ପ୍ରୋସେସିଂ ଦେୟ କ୍ଷେତ୍ରରେ କିଛିଟା କୋହଳ ବ୍ୟବସ୍ଥା ମଧ୍ୟ ହାତକୁ ନିଆଯାଇଛି। ଗ୍ରାହକଙ୍କ ଲାଗି ସହଜ ଇଏମ୍‌ଆଇ ସୁବିଧା କରାଯାଇଛି। ଏଭଳି ଏକ ପ୍ରଡକ୍ଟ ଘୋଷଣା କରି ଖୁସି ବୋଲି ବ୍ୟାଙ୍କର ଆର୍ ଆଣ୍ଡ ଡିବି ଏମ୍‌ଡି ପି.କେ. ଗୁପ୍ତା କହିଛନ୍ତି।

## ଭାରତର ଚାବହାର ବନ୍ଦର ପ୍ରକଳ୍ପ ପ୍ରଭାବିତ ହେବନି: ଆମେରିକା

ୱାଶିଂଟନ,୨୪-୪

ଇରାନ ବିରୋଧରେ କଟକଣା ଜାରି ସତ୍ତ୍ୱେ ଭାରତର ଚାବହାର ପ୍ରକଳ୍ପ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ ବୋଲି ଆମେରିକା ସ୍ପଷ୍ଟ କରିଛି। ଏହି ବନ୍ଦରକୁ ଭାରତ ଓ ଇରାନ ଯୁଗ୍ମ ଭାବେ ନିର୍ମାଣ କରୁଛନ୍ତି। ଆମେରିକା ବୈଦେଶିକ ବିଭାଗ ମୁଖପାତ୍ର କହିଛନ୍ତି ଯେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ସମେତ ୮ ଦେଶକୁ ଦେଇଥିବା କଟକଣା କୋହଳକୁ ପ୍ରତ୍ୟାହାର କରିନେଇଛନ୍ତି। ଏହାଦ୍ୱାରା ଚାବହାର ବନ୍ଦର ପ୍ରକଳ୍ପ ପ୍ରଭାବିତ ହେବ ନାହିଁ କାରଣ ଆଫ୍‌ଗାନିସ୍ତାନର ଆର୍ଥିକ ବିକାଶ ଓ ଏହାର ପୁନର୍ନିର୍ମାଣ ସମ୍ପର୍କିତ ସହାୟତାକୁ କଟକଣାରୁ ବାଦ୍ ଦିଆଯାଇଥିବାରୁ ଉକ୍ତ ପ୍ରକଳ୍ପ ମଧ୍ୟ ଏହା ପରିସର ମଧ୍ୟକୁ ଆସୁଛି। ଟ୍ରମ୍ପ ପ୍ରଶାସନର ଏହି ନିଷ୍ପତ୍ତିରୁ ଜଣାପଡୁଛି ଯେ, ଓମାନ ସମୁଦ୍ରରେ ନିର୍ମାଣଧୀନ ଉକ୍ତ ବନ୍ଦରରେ ଭାରତର ଭୂମିକାକୁ ଆମେରିକା ମାନ୍ୟତା ଦେଉଛି। ଚାବହାର ବନ୍ଦର ଯୁଦ୍ଧରେ କ୍ଷତିଗ୍ରସ୍ତ ଆଫଗାନିସ୍ତାନର ବିକାଶ ଲାଗି ସାମରିକ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି। ମୁଖପାତ୍ର କହିଛନ୍ତି ଯେ, ଚାବହାର ବନ୍ଦର ସହିତ ରେଳର ବିକାଶ ହେଉ ବୋଲି ଆମେରିକା ଚାହୁଁଛି। ଏହାଦ୍ୱାରା ଆଫଗାନିସ୍ତାନକୁ ସହାୟତା ପଠାଯିବା ସହଜ ହେବ। ସୂଚନାଥାଉ କି, ଚାଇନା ସହାୟତାରେ ପାକିସ୍ତାନ ଗ୍ୱାଦର ବନ୍ଦର ବିକଶିତ କରିବାରେ ଲାଗିଛି। କିନ୍ତୁ ଏହାର ଜବାବରେ ଭାରତ ଚାବହାର ବନ୍ଦର ବିକଶିତ କରିବା ଦ୍ୱାରା ପାକିସ୍ତାନ ଅର୍ଥନୀତିକୁ ଜୋର୍ ଝଟକା ଲାଗିଛି। କାରଣ ଭାରତର ପଡୋଶୀ ଦେଶ ନିଜର ଉତ୍ପାଦ ବିକ୍ରି ଲାଗି ଏକ ବଡ଼ ବଜାର ହରାଇଛି। ଭାରତ ଦ୍ୱାରା ବିକଶିତ ଉକ୍ତ ବନ୍ଦର ଏବେ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଲାଣି।

**ଇରାନ ବିରୋଧରେ କଟକଣା**

## ସାମ୍‌ସଙ୍ଗର ଏ-୭୦ ସ୍ମାର୍ଟଫୋନ

ଭୁବନେଶ୍ୱର,୨୪-୪



ସାମ୍‌ସଙ୍ଗ ପକ୍ଷରୁ ପରବର୍ତ୍ତୀ ପିଢି ନୂଆ ଗାଲାକ୍ସି ଏ-୭୦ ସ୍ମାର୍ଟଫୋନ ବଜାରକୁ ଆସିଛି। ଏଥିରେ ସୁପର ସ୍ଲୋ ଭିଡିଓ ସୁଟିଂ କରାଯାଇ ପାରିବ। ମଡେଲଟିରେ ସାମ୍‌ସଙ୍ଗ ପେ ସୁବିଧା କରାଯାଇଛି। ଗ୍ରାହକଙ୍କ ଜୀବନ ଶୈଳୀରେ ପରିବର୍ତ୍ତନ ଆଣିବା ଲାଗି ସର୍ବଦା ପ୍ରୟାସ ଜାରି ରଖିଥିବା ସାମ୍‌ସଙ୍ଗ ଇଣ୍ଡିଆର ମୁଖ୍ୟ ମାର୍କେଟିଂ ଅଫିସର ତଥା ଉପସଭାପତି ରଣଜିତ ସିଂ ସୂଚନା ଦେଇଛନ୍ତି। ଏଥିରେ ୩୨ ଏମ୍‌ପି ତୃତୀୟ ପଛ କ୍ୟାମେରା ରହିଛି। ଏହା ସହ ୪,୫୦୦ ଏମ୍‌ଏଏଚ୍ ବ୍ୟାଟେରି, ୨୫ ୱାଟ୍ ଫାଷ୍ଟ ଚାର୍ଜିଂ ସୁବିଧା, ୬.୭ ଇଞ୍ଚ ଏଫ୍‌ଏଚ୍‌ଡି ପ୍ଲସ ସ୍କ୍ରିନ, ଇନ୍‌ଫିନିଟି ୟୁ ଡିସ୍ପଲେ, ସୁପର ଆମଲଏଡ ଜ୍ଞାନକୌଶଳ, ୩୨ ଏମ୍‌ପି ସମୁଖ କ୍ୟାମେରା ରହିଛି। ଏହା ସହିତ ସିକ୍ୟୁରିଟି ନେକ୍ସଟ, ଡଲ୍‌ବି ଆଟମ୍‌ସ ସାଉଣ୍ଡ, ୬ଜିବି ରାମ ୧୨୮ ରମ୍, ଅକ୍ଟାକୋର କ୍ୱାଲକମ୍ ସ୍ନାପଡ୍ରାଗନ ୬୭୫ ପ୍ରୋସେସର ରହିଛି। ଏହା ହ୍ୱାଇଟ, ବ୍ଲୁ ଏବଂ ବ୍ଲାକ ଆଦି ରଙ୍ଗରେ ଉପଲବ୍ଧ ହେବ। ମେ ୧ରୁ ଏହା ବଜାରରେ ଉପଲବ୍ଧ ହେବାକୁ ଥିବା ବେଳେ ପ୍ରିବୁକ ଆରମ୍ଭ ହୋଇଛି। ମଡେଲଟିରେ ବଜାର ଦର ୨୮,୯୯୦ ଟଙ୍କା ରହିଛି।

## ଏଲ୍‌ଆଇସି ଜୋନାଲ ପ୍ରବନ୍ଧକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଭୁବନେଶ୍ୱର,୨୪-୪

ଭାରତୀୟ ଜୀବନ ବୀମା ନିଗମ(ଏଲ୍‌ଆଇସି)ପାଟଣା ଜୋନ୍‌ର ଜୋନାଲ ପ୍ରବନ୍ଧକ ସି.ବିକାଶ ରାଓଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପୂର୍ବ କେନ୍ଦ୍ରାଞ୍ଚଳ ଜୋନ୍‌ରେ ପ୍ରବନ୍ଧକ ଭାବେ ରାଓ କାର୍ଯ୍ୟ କରିବା ସହ କମ୍ପାନୀ ଲାଗି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରଖିଥିଲେ। ନୂଆ ରେକର୍ଡ ସ୍ଥାପନ ସହ ଗ୍ରାହକ ସମ୍ପର୍କ ବୃଦ୍ଧି ଦିଗରେ ବିଭିନ୍ନ ପଦକ୍ଷେପ ସେ ଗ୍ରହଣ କରିଛନ୍ତି। ଏହାବାଦ ପ୍ରଶାସନିକ ଦକ୍ଷତା ଦିଗରେ ବିଭିନ୍ନ କାର୍ଯ୍ୟକ୍ରମ ସେ ହାତକୁ ନେଇଥିଲେ। ବର୍ତ୍ତମାନ ରାଓ ପଶ୍ଚିମାଞ୍ଚଳକୁ ସ୍ଥାନାନ୍ତର ହେବା ସହ ମୋଟ ୨୩ ଡିଭିଜନ ଲିଡରଶିପ ରୋଲ୍‌ରେ କାର୍ଯ୍ୟ କରିବେ।





**ଓଡ଼ିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା "ଏପି" ସିରିଜ୍**

**(ବିଶେଷ ସୂଚନା)**

DSPL - 04:- ଓଡ଼ିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା ଅନ୍ତର୍ଗତ "ଏପି" ସିରିଜ୍‌ର କୁପନ ସଂଗ୍ରହ କରିଥିବା ସ୍ୱଳ୍ପ ସଞ୍ଚୟ ଜମାକାରୀମାନଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଲୋକସଭା ଓ ବିଧାନସଭା ପାଇଁ ଅନୁଷ୍ଠିତ ହେବାକୁ ଥିବା ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ, ଏହି ଯୋଜନାର ଉଠାଣ ତା.୨୮।୦୪।୨୦୧୯ରିଖ ପରିବର୍ତ୍ତେ ତା.୩୦।୦୬।୨୦୧୯ରିଖ ରବିବାର ଦିନ ଅନୁଷ୍ଠିତ ହେବ।

ସ୍ୱଳ୍ପ ସଞ୍ଚୟ ନିର୍ଦ୍ଦେଶାଳୟ
ଅର୍ଥ ବିଭାଗ, ଓଡ଼ିଶା ସରକାର

05001/13/0001/1920



**NATIONAL INSTITUTE OF FASHION TECHNOLOGY, BHUBANESWAR**
(Ministry of Textile, Govt. of India)
NIFT Campus, IDCO Plot No. 24, Chandaka Industrial Estate, Patia, Bhubaneswar-751024, Ph: 0674-2305700 Fax : 2305710, Website: www.nift.ac.in/bhubaneswar

**E-TENDER NOTICE**

E-Tenders are invited by NIFT Bhubaneswar for annual contract for Coffee Shop and LAN up-gradation, last date for receipt of e-tenders are **16.05.2019 & 17.05.2019** respectively. Details available in e-tender portal and NIFT website https://niftetenders.eproc.in/http://www.nift.ac.in

Director



**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
ଆକାଶଶୋଭା ବିଲ୍‌ଡିଂ, ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ପତ୍ର ସଂଖ୍ୟା 10845 /ଭୁ.ଉ.କ., ଭୁବନେଶ୍ୱର ତା15.04.19 ରିଖ
LIC-172/76

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଲକ୍ଷ୍ମୀସାଗର ଗୃହ ନିର୍ମାଣ ପ୍ରକଳ୍ପର Stage-II ରେ ଗୃହ ନଂ–LB-194କୁ ଶ୍ରୀମତୀ ପ୍ରେମଲତା ସାହୁ, ସ୍ୱାମୀ– ଡା. ଶୈଳେନ୍ଦ୍ର କୁମାର ସାହୁ, ଗ୍ରାମ/ପୋଅ/ଥାନା– କେନ୍ଦ୍ରାପଡ଼ା, ଜିଲ୍ଲା– କେନ୍ଦ୍ରାପଡ଼ାଙ୍କୁ ଆବଣ୍ଟନ କରାଯାଇଥିଲା। ପରବର୍ତ୍ତୀ ସମୟରେ ଶ୍ରୀମତୀ ପ୍ରେମଲତା ସାହୁଙ୍କ ମୃତ୍ୟୁ ପରେ ଉତ୍ତରାଧିକାରୀ ସୂତ୍ରରେ ଉକ୍ତ ଘରର ମାଲିକାନା (୧) ଶ୍ରୀ ସମ୍ବିତ ସୁକୁମାର ସାହୁ (ପୁତ୍ର) ଏବଂ (୨) ଶ୍ରୀ ସୌମିତ୍ରୀ ଆଦିତ୍ୟ ସାହୁ (ପୁତ୍ର)ଙ୍କ ନାମରେ ପରିବର୍ତ୍ତନ କରାଯାଇଥିଲା। ବର୍ତ୍ତମାନ (୧) ଶ୍ରୀ ସମ୍ବିତ ସୁକୁମାର ସାହୁ ଓ ସୌମିତ୍ରୀ ଆଦିତ୍ୟ ସାହୁ ଉତ୍ତରାଧିକାରୀ ସୂତ୍ରରେ ଉକ୍ତ ଘରର ମାଲିକାନା ଶ୍ରୀମତୀ ମୀନାକ୍ଷୀ ଦାସ, ସ୍ୱାମୀ– ଶରତ କୁମାର ପରିଡ଼ାଙ୍କ ନାମରେ ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହଟିର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ବିଜ୍ଞାପନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

ସ୍ୱା./- ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ,
ଭୁବନେଶ୍ୱର



**ଗୁରୁତ୍ୱପୂର୍ଣ୍ଣ ସୂଚନା**

କପିଳାସ ରୋଡ଼ ଏବଂ ଶାଳଗାଁ ଷ୍ଟେସନ ମଧ୍ୟରେ ଦୋହରୀକରଣ କାର୍ଯ୍ୟ ସମ୍ପାଦନ ନିମନ୍ତେ ନିରାପତ୍ତା ସମ୍ପର୍କିତ ଆଧୁନିକୀକରଣ କାର୍ଯ୍ୟ ପାଇଁ ଟ୍ରେନ ଚଳାଚଳ ବାତିଲ୍ / ମାର୍ଗ ପରିବର୍ତ୍ତନ

**ଟ୍ରେନ୍ ଚଳାଚଳ ବାତିଲ୍ : ତା.25.04.2019 ଠାରୁ ତା.08.05.2019ରିଖ ପର୍ଯ୍ୟନ୍ତ**

| ଟ୍ରେନ୍ ନଂ. | ଟ୍ରେନ୍ ନାମ | ଷ୍ଟେସନ ଠାରୁ | ଟ୍ରେନ୍ ନଂ. | ଟ୍ରେନ୍ ନାମ | ଷ୍ଟେସନ ଠାରୁ |
|---|---|---|---|---|---|
| 58005 | ଖଡ଼ଗପୁର-ଖୋର୍ଦ୍ଧା ରୋଡ଼ ପାସେଞ୍ଜର(ରବିବାର ବ୍ୟତୀତ) | ଖଡ଼ଗପୁର | 58423 | ଭଦ୍ରକ - କଟକ ପାସେଞ୍ଜର | ଭଦ୍ରକ |
| 58006 | ଖୋର୍ଦ୍ଧା ରୋଡ଼-ଖଡ଼ଗପୁର ପାସେଞ୍ଜର(ରବିବାର ବ୍ୟତୀତ) | ଖୋର୍ଦ୍ଧା ରୋଡ଼ | 58436 | କଟକ - ଭଦ୍ରକ ପାସେଞ୍ଜର | କଟକ |
| 58001 | ସାନ୍ତ୍ରାଗାଛି - ପୁରୀ ପାସେଞ୍ଜର | ସାନ୍ତ୍ରାଗାଛି | 58435 | ଭଦ୍ରକ - କଟକ ପାସେଞ୍ଜର | ଭଦ୍ରକ |
| 58002 | ପୁରୀ - ସାନ୍ତ୍ରାଗାଛି ପାସେଞ୍ଜର | ପୁରୀ | 58425 | କେନ୍ଦୁଝରଗଡ଼ - ଭୁବନେଶ୍ୱର ପାସେଞ୍ଜର | କେନ୍ଦୁଝରଗଡ଼ |
| 58132 | ପୁରୀ - ରାଉରକେଲା ପାସେଞ୍ଜର | ପୁରୀ | 58426 | ଭୁବନେଶ୍ୱର - କେନ୍ଦୁଝରଗଡ଼ ପାସେଞ୍ଜର | ଭୁବନେଶ୍ୱର |
| 58131 | ରାଉରକେଲା - ପୁରୀ ପାସେଞ୍ଜର | ରାଉରକେଲା | 68413 | ତାଳଚେର - ପୁରୀ ମେମୁ | ତାଳଚେର |
| 58424 | କଟକ - ଭଦ୍ରକ ପାସେଞ୍ଜର | କଟକ | 68414 | ପୁରୀ - ତାଳଚେର ମେମୁ | ପୁରୀ |

**ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ ବାତିଲ୍**

| ଟ୍ରେନ୍ ନଂ. | ଟ୍ରେନ୍ ନାମ | ଷ୍ଟେସନ ଠାରୁ | ଛାଡ଼ିବା ତାରିଖ |
|---|---|---|---|
| 22890 | ପୁରୀ - ଦୀଘା ଏକ୍ସପ୍ରେସ୍ | ପୁରୀ | 27.04.2019 ଏବଂ 04.05.2019 |
| 22889 | ଦୀଘା - ପୁରୀ ଏକ୍ସପ୍ରେସ୍ | ଦୀଘା | 28.04.2019 ଏବଂ 05.05.2019 |
| 22810 | ବିଶାଖାପାଟଣା - ପାରାଦୀପ ଏକ୍ସପ୍ରେସ୍ | ବିଶାଖାପାଟଣା | 28.04.2019 ଏବଂ 05.05.2019 |
| 22809 | ପାରାଦୀପ - ବିଶାଖାପାଟଣା ଏକ୍ସପ୍ରେସ୍ | ପାରାଦୀପ | 01.05.2019 ଏବଂ 08.05.2019 |
| 22814 | ପାରାଦୀପ - ସାନ୍ତ୍ରାଗାଛି ଏକ୍ସପ୍ରେସ୍ | ପାରାଦୀପ | 29.04.2019 ଏବଂ 06.05.2019 |
| 22813 | ସାନ୍ତ୍ରାଗାଛି - ପାରାଦୀପ ଏକ୍ସପ୍ରେସ୍ | ସାନ୍ତ୍ରାଗାଛି | 30.04.2019 ଏବଂ 07.05.2019 |
| 22874 | ବିଶାଖାପାଟଣା - ଦୀଘା ଏକ୍ସପ୍ରେସ୍ | ବିଶାଖାପାଟଣା | 25.04.2019 ଏବଂ 02.05.2019 |
| 22873 | ଦୀଘା - ବିଶାଖାପାଟଣା ଏକ୍ସପ୍ରେସ୍ | ଦୀଘା | 26.04.2019 ଏବଂ 03.05.2019 |

**କଟକ ଷ୍ଟେସନ ପରିବର୍ତ୍ତେ ନରାଜ ହୋଇ ପରିବର୍ତ୍ତିତ ମାର୍ଗରେ ଟ୍ରେନ୍ ଚଳାଚଳ**

| ଟ୍ରେନ୍ ନଂ | ଟ୍ରେନ୍ ନାମ | ଷ୍ଟେସନ ଠାରୁ | ଛାଡ଼ିବା ତାରିଖ | ପରିବର୍ତ୍ତିତ ମାର୍ଗ |
|---|---|---|---|---|
| 22804 | ସମ୍ବଲପୁର - ହାଓଡ଼ା ଏକ୍ସପ୍ରେସ୍ | ସମ୍ବଲପୁର | 26.04.2019 ଏବଂ 03.05.2019 | ଝାରସୁଗୁଡ଼ା ଏବଂ ଟାଟା |
| 22803 | ହାଓଡ଼ା - ସମ୍ବଲପୁର ଏକ୍ସପ୍ରେସ୍ | ହାଓଡ଼ା | 27.04.2019 ଏବଂ 04.05.2019 | |
| 12880 | ଭୁବନେଶ୍ୱର-ଲୋକମାନ୍ୟ ତିଲକ ଟର୍ମିନସ୍ ଏକ୍ସପ୍ରେସ୍ | ଭୁବନେଶ୍ୱର | 29.04.2019, 02.05.2019 ଏବଂ 06.05.2019 | ନରାଜ ମାର୍ଥାପୁର |
| 12879 | ଲୋକମାନ୍ୟ ତିଲକ ଟର୍ମିନସ୍-ଭୁବନେଶ୍ୱରଏକ୍ସପ୍ରେସ୍ | ଲୋକମାନ୍ୟ ତିଲକ ଟ. | 01.05.2019 ଏବଂ 04.05.2019 | |
| 22866 | ପୁରୀ-ଲୋକମାନ୍ୟ ତିଲକ ଟର୍ମିନସ୍ ଏକ୍ସପ୍ରେସ୍ | ପୁରୀ | 30.04.2019 ଏବଂ 07.05.2019 | ନରାଜ ମାର୍ଥାପୁର |
| 22865 | ଲୋକମାନ୍ୟ ତିଲକ ଟର୍ମିନସ୍ - ପୁରୀ ଏକ୍ସପ୍ରେସ୍ | ଲୋକମାନ୍ୟ ତିଲକ ଟ. | 25.04.2019 ଏବଂ 02.05.2019 | |
| 12145 | ଲୋକମାନ୍ୟ ତିଲକ ଟର୍ମିନସ୍ - ପୁରୀ ଏକ୍ସପ୍ରେସ୍ | ଲୋକମାନ୍ୟ ତିଲକ ଟ. | 28.04.2019 ଏବଂ 05.05.2019 | ନରାଜ ମାର୍ଥାପୁର |
| 12146 | ପୁରୀ-ଲୋକମାନ୍ୟ ତିଲକ ଟର୍ମିନସ୍ ଏକ୍ସପ୍ରେସ୍ | ପୁରୀ | 30.04.2019 ଏବଂ 07.05.2019 | |
| 18425 | ପୁରୀ - ଦୁର୍ଗ ଏକ୍ସପ୍ରେସ୍ | ପୁରୀ | 25.04.2019 ଏବଂ 08.05.2019 | ନରାଜ ମାର୍ଥାପୁର |
| 18426 | ଦୁର୍ଗ - ପୁରୀ ଏକ୍ସପ୍ରେସ୍ | ଦୁର୍ଗ | 25.04.2019 ଏବଂ 08.05.2019 | |
| 18452 | ପୁରୀ - ହଟିଆ ଏକ୍ସପ୍ରେସ୍ | ପୁରୀ | 25.04.2019 ଏବଂ 08.05.2019 | ନରାଜ ମାର୍ଥାପୁର |
| 18451 | ହଟିଆ - ପୁରୀ ଏକ୍ସପ୍ରେସ୍ | ହଟିଆ | 25.04.2019 ଏବଂ 07.05.2019 | |
| 18117 | ରାଉରକେଲା - ଗୁଣୁପୁର ରାଜ୍ୟରାଣୀ ଏକ୍ସପ୍ରେସ୍ | ରାଉରକେଲା | 25, 26, 28, 29, 30 ଅପ୍ରେଲ-2019, 1, 2, 3, 5, 6 ଏବଂ 07 ମଇ-2019 | ନରାଜ ମାର୍ଥାପୁର |
| 18118 | ଗୁଣୁପୁର - ରାଉରକେଲା ରାଜ୍ୟରାଣୀ ଏକ୍ସପ୍ରେସ୍ | ଗୁଣୁପୁର | 25, 26, 27, 29, 30 ଅପ୍ରେଲ-2019, 1, 2, 3, 4, 6, 7 ଏବଂ 08 ମଇ-2019 | |

ମାର୍ଗ ପରିବର୍ତ୍ତିତ ଟ୍ରେନ୍‌ଗୁଡ଼ିକର ଯାତ୍ରୀ ମାନଙ୍କ ସୁବିଧା ପାଇଁ ଉଭୟ ଦିଗରୁ ନରାଜ ଏବଂ କଟକ ଷ୍ଟେସନ ମଧ୍ୟରେ ନିଃଶୁଳ୍କ ବସ୍ ସେବା ପ୍ରଦାନ କରାଯିବ ।



**ପୂର୍ବ ତଟ ରେଳପଥ**

PR-49/K/19-20

ପ୍ରାକୃତିକ ବିପର୍ଯ୍ୟୟ ବେଳେ, ନବୀନ ଠିଆ ଲୋକଙ୍କ ସାଥୀରେ
ବାତ୍ୟାରୁ ସୁରକ୍ଷା ପାଇଁ ପ୍ରାୟ ୯୦୦ ବାତ୍ୟା ଆଶ୍ରୟସ୍ଥଳୀ ।
ସୁନାମି, ବାତ୍ୟା, ଭୂମିକମ୍ପ, ବଜ୍ରପାତ ସମ୍ପର୍କରେ ତ୍ୱରିତ ପ୍ରାକ୍ ସୂଚନା
ବ୍ୟବସ୍ଥା ଆରମ୍ଭ କରିବାରେ ଆମେ ଦେଶରେ ପ୍ରଥମ ।
ଆମ ବିପର୍ଯ୍ୟୟ ପରିଚାଳନା ବିଶ୍ୱସ୍ତରୀୟ ।
ବିଜୁ ଜନତା ଦଳ
'ଶଙ୍ଖ' ଚିହ୍ନରେ ଭୋଟ୍ ଦେବା। ଦୁଇଥର।
ଥରେ ଏମ୍.ପି.ପାଇଁ। ଥରେ ଏମ୍.ଏଲ୍.ଏ ପାଇଁ।
ନବୀନ ମୋର୍ ପରିବାର୍
ଶଙ୍ଖ ମୋର୍ ଚିହ୍ନ ।

## ସଂକ୍ଷେପରେ

### ପୃଥକ୍ ଦୁର୍ଘଟଣା, ୩ ମୃତ

ଢେଙ୍କାନାଳ ଅଫିସ୍/ରାସୋଳ(ଡି.ଏନ୍.ଏ.), ୨୪।୪: ଢେଙ୍କାନାଳ ଜିଲା ରାସୋଳ ଥାନା ଗଞ୍ଜରା ଗ୍ରାମ ନିକଟରେ ବୁଧବାର ଅପରାହ୍ନ ୪ଟାବେଳେ ବାଇକ୍ ଦୁର୍ଘଟଣାରେ ୨ଜଣ ଯୁବକ ପ୍ରାଣ ହରାଇଛନ୍ତି। ମୃତକ ହେଲେ ଗଁଦିଆ ଥାନା ବାଇଁଶିଆ ଗ୍ରାମର ଜଳଧର ନାୟକ ଏବଂ ସଦର ଥାନା ରଘୁନାଥପୁର ଗ୍ରାମର ହିମାଂଶୁ ଭୋଇ। ଉଭୟେ ବମ୍ପା ଗ୍ରାମକୁ ବାହାଘର ବରଯାତ୍ରୀ ଭାବେ ଯାଇ ଫେରୁଥିବାବେଳେ ବାଇକ୍ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ଏକ ଗଛରେ ପିଟି ହୋଇଯାଇଥିଲା। ଗୁରୁତର ଅବସ୍ଥାରେ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବାବେଳେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ସୂଚନା ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରିରଖିଛି । ସେହିପରି ରାସୋଳ ଥାନା ଅଞ୍ଚଳର ଉମାକାନ୍ତ ମହାରଣାଙ୍କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସେ ସାପୁଆ ଡ୍ୟାମ୍ ଅଞ୍ଚଳରୁ ଫେରୁଥିବାବେଳେ ବାଇକ୍ ଭାରସାମ୍ୟ ହରାଇ ସାପୁଆ କେନାଲ ଭିତରକୁ ଖସିପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ହିନ୍ଦୋଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି।

### ଦିବ୍ୟାଙ୍ଗ ଯୁବତୀଙ୍କୁ ଗଣବଳାତ୍କାର ଅଭିଯୋଗ

#### ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର କଲେ ଗ୍ରାମବାସୀ

**ଛେଣ୍ଡିପଦା,୨୪।୪(ସ୍ୱ.ପ୍ର.):** ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଅଞ୍ଚଳର ଜଣେ ଦିବ୍ୟାଙ୍ଗ ଯୁବତୀଙ୍କୁ ଗଣ ବଳାତ୍କାର କରାଯାଇଥିବା ବୁଧବାର ଅପରାହ୍ନରେ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ. ୧୩୩/୧୯ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଅଭିଯୋଗରୁ ପ୍ରକାଶ ଯେ, ରବିବାର ସକାଳ ୭ଟାରେ ସମ୍ପୃକ୍ତ ଦିବ୍ୟାଙ୍ଗ ଯୁବତୀ ଗାଧୋଇ ଯାଉଥିବାବେଳେ ୫ଜଣ ଯୁବକ ତାଙ୍କୁ ୩ କି.ମି. ଦୂର ଜଙ୍ଗଲକୁ ନେଇ ବଳାତ୍କାର କରିଥିଲେ। ଦୀର୍ଘ ସମୟ ଧରି ଯୁବତୀ ଜଣକ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରି ନିରାଶ ହୋଇଥିଲେ। ପରେ ଗ୍ରାମବାସୀଙ୍କ ସହାୟତାରେ ଅପରାହ୍ନ ୪ଟାରେ ଯୁବତୀଙ୍କୁ ଏକ ମହୁଲଗଛ ମୂଳରୁ ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର କରିଥିଲେ। ତେବେ ଘଟଣା ସମ୍ପର୍କରେ କାହାକୁ ନ ଜଣାଇବା ପାଇଁ ଅଭିଯୁକ୍ତମାନେ ଧମକ ଦେଇଥିବାରୁ ଭୟରେ ପରିବାର ଲୋକେ ଥାନାରେ ଅଭିଯୋଗ କରି ନ ଥିଲେ। କିନ୍ତୁ ବୁଧବାର ଯୁବତୀଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯିବା ସହ ଛେଣ୍ଡିପଦା ଥାନାରେ ପରିବାର ପକ୍ଷରୁ ଏତଲା ଦିଆଯାଇଥିଲା। ଥାନା ଅଧିକାରୀ ପ୍ରିୟବ୍ରତ ଦାଶ ଡାକ୍ତରଖାନା ଯାଇ ପୀଡିତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ତାଙ୍କ ବୟାନ ରେକର୍ଡ କରିଥିଲେ। ପୀଡିତାଙ୍କ ଡାକ୍ତରୀମାଇନା ସହ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ପ୍ରକାଶ କରିଛନ୍ତି।

# ପ୍ଲାଷ୍ଟିକ୍ ଫ୍ୟାକ୍ଟ୍ରିରେ ଅଗ୍ନିକାଣ୍ଡ

ସିମୁଳିଆ,୨୪।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ କହ୍ନେଇବିନ୍ଧା ପଞ୍ଚାୟତ ଅଧୀନ କଇଁସି ଗ୍ରାମ ରାସ୍ତାପାର୍ଶ୍ୱରେ ଥିବା ବିଶେଶ୍ୱର ପ୍ଲାଷ୍ଟିକ ଫ୍ୟାକ୍ଟ୍ରିରେ ବୁଧବାର ଭୋର୍ ସାଢ଼େ ୩ଟା ବେଳେ ନିଆଁ ଲାଗି ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ପୋଡ଼ିଯାଇଛି । ନିଆଁର ପ୍ରକୋପ ଅଧିକ ଥିବାରୁ କେହି ଏହା ପାଖ ମାଡିବାକୁ ସାହସ କରି ନ ଥିଲେ। ଅନ୍ୟପକ୍ଷେ ଦମକଳ ସହିତ ଯୋଗାଯୋଗ ହୋଇ ନ ପାରିବାରୁ ସ୍ଥାନୀୟ ଯୁବକ ଦୀପକ କୁମାର ପଣ୍ଡା ଓ ମନୋଜ କୁମାର ସ୍ୱାଇଁ ବାଇକ୍ ଯୋଗେ ଦମକଳ କେନ୍ଦ୍ରକୁ ଯାଇ ସୂଚନା ଦେଇଥିଲେ । ଘଟଣାସ୍ଥଳରେ ଦମକଳ ଆସି ପହଞ୍ଚିବା ବେଳକୁ ଏହି ଫ୍ୟାକ୍ଟ୍ରି ସମ୍ପୂର୍ଣ୍ଣ ଜଳିଯାଇଥିଲା। ରାତିରେ ଫାକ୍ଟ୍ରି ବନ୍ଦ ଥିବାବେଳେ ଏହାର କର୍ମଚାରୀମାନେ ଭିତରେ ଶୋଇଥିଲେ। ନିଆଁ ଲାଗିବା ପରେ ସେମାନେ ବାହାରକୁ ଚାଲିଆସି ଜୀବନ ରକ୍ଷା କରିଥିଲେ। ଫ୍ୟାକ୍ଟ୍ରିରେ ନିଆଁ କିଭଳି ଲାଗିଲା ତାହା ସ୍ପଷ୍ଟ ହୋଇନାହିଁ। ଫ୍ୟାକ୍ଟ୍ରି ମାଲିକ ଶ୍ୟାମସୁନ୍ଦର ଦାଶ କହିଛନ୍ତି ଯେ, କେହି ଆକ୍ରୋଶମୂଳକ ଭାବେ ନିଆଁ ଲଗାଇ ଦେଇଥିବା ସେ ସନ୍ଦେହ କରୁଛନ୍ତି। ସେ ଏକ ନିର୍ଦ୍ଦିଷ୍ଟ ଦଳର ସମର୍ଥକ ହୋଇଥିବାରୁ ଗତ ନିର୍ବାଚନରେ ତାଙ୍କୁ ଆକ୍ରମଣ କରାଯାଇଥିଲା। ଏହି ଫ୍ୟାକ୍ଟ୍ରିରେ ବିଭିନ୍ନ ଭଙ୍ଗା ରଦ୍ଦି ପ୍ଲାଷ୍ଟିକ ଓ ଜରିକୁ ମେଶିନ ସାହାଯ୍ୟରେ ଗୁଣ୍ଡ କରାଯାଇ ବାହାରକୁ ପଠାଯାଇଥାଏ । ଏ ସମ୍ପର୍କରେ ଅଗ୍ନିଶମ ବିଭାଗ ଓ ପୋଲିସକୁ ପଚାରିବାରୁ ତଦନ୍ତ ପରେ ତଥ୍ୟ ପଦାକୁ ଆସିବ ବୋଲି କହିଛନ୍ତି।



ବୁଧବାର ଅଗ୍ନିକାଣ୍ଡ ଘଟି କଇଁଶି ଅଞ୍ଚଳରେ ଥିବା ପ୍ଲାଷ୍ଟିକ୍ ଫ୍ୟାକ୍ଟ୍ରି ପୋଡ଼ିଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନିକରମିଆଁ ଯୁଆଡ଼େ ଯାଏ**
**କର୍ମ ଧରି ସିଆଡ଼େ ଯାଏ ।**

କର୍ମ ନ କଲେ ଫଳ ମିଳି ନ ଥାଏ। କାମ ଧନ୍ଦା ନ କରି ଘରେ ବସି ରହୁଥିବା ବ୍ୟକ୍ତି ଜୀବନରେ କେବେ ଉନ୍ନତି କରିପାରି ନ ଥାନ୍ତି। ଯେଉଁଠି ଥିଲେ ବା ଯୁଆଡ଼େ ଗଲେ ମଧ୍ୟ ଅକର୍ମା ବା ନିକମା ବ୍ୟକ୍ତି ପ୍ରତି ଭାଗ୍ୟଦେବୀ ମୋଟେ ପ୍ରସନ୍ନ ହୋଇ ନ ଥାନ୍ତି ବୋଲି ଏଠାରେ ପ୍ରକାଶ କରାଯାଇଛି।

**ନାରୀଙ୍କ ମାୟା ବଢ଼ିପାଣି**
**ବ୍ରହ୍ମା ନ ପାରିଲେ ଜାଣି ।**

ନାରୀ ମନର ଭାବ ବୁଝିବା ଅତ୍ୟନ୍ତ କଷ୍ଟକର। ବଢ଼ିପାଣିରେ ମଣିଷ ଥଳକୂଳ ହରାଇ ବସିବା ଭଳିନାରୀର ମାୟା ଆଗରେ ମଣିଷ କିଂକର୍ତ୍ତବ୍ୟବିମୂଢ଼ ହୋଇଯାଇଥାଏ। ସୃଷ୍ଟିକର୍ତ୍ତା ବ୍ରହ୍ମା ମଧ୍ୟ ତାଙ୍କ ମାୟା ବୁଝିବାକୁ ଅକ୍ଷମ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡ୍ସ ପବ୍ଲିଶର୍ସ

▪ ଆଗୁଆ ଛୁଟିରେ ଯାଇଛନ୍ତି ଶିକ୍ଷୟିତ୍ରୀ ଶିକ୍ଷକ

# ୮ ଜଣଙ୍କୁ କାରଣ ଦର୍ଶାଅ ନୋଟିସ

ପାପଡାହାଣ୍ଡି,୨୪।୪ (ଡି.ଏନ.ଏ)

ଖରାକୁ ଦୃଷ୍ଟିରେ ରଖି ପିଲାମାନଙ୍କ ପାଇଁ ସ୍କୁଲ ଛୁଟି ଘୋଷଣା କରାଯାଇଛି। କିନ୍ତୁ ଶିକ୍ଷୟିତ୍ରୀ ଶିକ୍ଷକ ବିଦ୍ୟାଳୟକୁ ଆସିବେ ବୋଲି ନିର୍ଦ୍ଦେଶ ରହିଛି। କିନ୍ତୁ ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକର ବହୁ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଶିକ୍ଷକ ଅନୁପସ୍ଥିତ ଥିବା ଦେଖିବାକୁ ମିଳିଛି। ଆଗୁଆ ଛୁଟିରେ ବହୁ ଶିକ୍ଷୟିତ୍ରୀ ଶିକ୍ଷକ ନିଜ ଗାଁକୁ ଚାଲିଯାଇଥିବା ବେଳେ କେତେକ ବିଦ୍ୟାଳୟ ଆଦୌ ଖୋଲାଯାଉ ନାହିଁ। ବୁଧବାର ଯାଞ୍ଚ ବେଳେ ଏହା ପଦାକୁ ଆସିଛି । ବ୍ଲକର ୮ ଜଣ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ବ୍ଲକ ଶିକ୍ଷା ଅଧିକାରୀ କାରଣ ଦର୍ଶାଅ ନୋଟିସ ଦେଇଛନ୍ତି। ବିଇଓ ପ୍ରଶାନ୍ତ ହୋତା ଓ ଏବିଇଓ ଦାସରଥ ଗଣ୍ଡ ବୁଧବାର ବିଦ୍ୟାଳୟ ପରିଦର୍ଶନରେ ଯିବା ସମୟରେ ଝାରମୁଣ୍ଡା ବିଦ୍ୟାଳୟର ଜଣେ, ମୋକିଆ ବିଦ୍ୟାଳୟର ତିନି ଜଣ ଓ ଡେଙ୍ଗାଗୁଡା ବିଦ୍ୟାଳୟର ୪ ଜଣ ଅନୁପସ୍ଥିତି ଥିବା ଦେଖିବାକୁ ପାଇଥିଲେ । ଏପ୍ରିଲ ୧୮ ତାରିଖରେ ବିଦ୍ୟାଳୟ ଛୁଟି ଘୋଷଣା ପରେ ବାହାର ଜିଲାର କାର୍ଯ୍ୟରତ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ନିଜ ଗାଁକୁ ଯାଇ ଆଉ ଫେରିନାହାନ୍ତି । ଶିକ୍ଷକ ଶିକ୍ଷୟିତ୍ରୀ ଅଭାବରୁ ଅନେକ ସ୍ଥାନରେ ବିଦ୍ୟାଳୟ ଖୋଲାଯାଉନାହିଁ । କିଛି ସ୍ଥାନରେ ପାଳି କରି ଶିକ୍ଷକମାନେ ଅନୁଷ୍ଠାନ ଚଳାଇଛନ୍ତି । ବ୍ଲକର ସାନଦାମାପାଲା ବିଦ୍ୟାଳୟ ବୁଧବାର ଖୋଲା ଯାଇ ନଥିଲା । ବିଇଓ ଏ ସମ୍ପର୍କରେ ଜାଣିବା ପରେ ଗୁରୁତ୍ୱର ସହ ଏହାକୁ ନେଇ କାର୍ଯ୍ୟାନୁଷ୍ଠାନ ଲାଗି ପ୍ରତିଶ୍ରୁତି ଦେଇଛନ୍ତି ।

# ବ୍ୟବଚ୍ଛେଦ ପରେ ମୃତ ଛେଳି, ମେଣ୍ଢା ହସ୍ତାନ୍ତର

ପଟ୍ଟାଙ୍ଗି,୨୪।୪(ଡି.ଏନ୍.ଏ.): ପଟ୍ଟାଙ୍ଗି ବ୍ଲକ ଦେଓପଟ୍ଟାଙ୍ଗି ପଞ୍ଚାୟତ ବାଉଁଶଗୁଡ଼ାରେ ପ୍ରାଣ ହରାଇଥିବା ଛେଳି ଓ ମେଣ୍ଢାମାନଙ୍କର ସ୍ଥାନୀୟ ପ୍ରାଣୀ ଚିକିତ୍ସାଳୟରେ ବୁଧବାର ବ୍ୟବଚ୍ଛେଦ କରାଇ ଗ୍ରାମବାସୀଙ୍କୁ ହସ୍ତାନ୍ତର କରିଛି ପୋଲିସ। ଏସ୍ଆଇ ଗୋକୁଳ ଚନ୍ଦ୍ର ପଟ୍ଟନାୟକ ବ୍ୟବଚ୍ଛେଦ ବେଳେ ଉପସ୍ଥିତ ଥିଲେ। ବ୍ୟବଚ୍ଛେଦ କରିଥିବା ଡାକ୍ତର ମନୋଜ ସାହୁଙ୍କ ଅନୁଯାୟୀ, ମୃତ ଛେଳି ଓ ମେଣ୍ଢା କୌଣସି ବିଷାକ୍ତ ଖାଦ୍ୟ ଖାଇଥିବା ଅନୁମାନ କରାଯାଉଛି। ସେମାନଙ୍କର ରକ୍ତ ସହ ଅନ୍ୟ ନମୁନା ସଂଗ୍ରହ ପରେ ଲାବୋରାଟୋରୀକୁ ପଠାଯାଇଛି। ସ୍ଥାନୀୟ ପୋଲିସ ମଙ୍ଗଳବାର ବିଳମ୍ବିତ ରାତିରେ ଲିଖିତ ଅଭିଯୋଗ ପାଇବା ପରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ପ୍ରଥମ ପୃଷ୍ଠାରୁ...

### କମିଲା ମତଦାନ ...

ସହରାଞ୍ଚଳ ଲୋକ ସଭା ନିର୍ବାଚନମଣ୍ଡଳୀରେ ମତଦାନ ନୈରାଶ୍ୟଜନକ ରହିଛି । କଟକରେ ଭୋଟ ଦାନ ୬୯.୬୫ ପ୍ରତିଶତ ହୋଇଥିବା ବେଳେ ଭୁବନେଶ୍ୱରରେ ହୋଇଛି ୫୯.୬୦ ପ୍ରତିଶତ। ଶିକ୍ଷିତ ସହର ରାଜଧାନୀରେ ମତଦାନ ଅତ୍ୟନ୍ତ ନଗଣ୍ୟ ରହିଛି। ଭୁବନେଶ୍ୱର-ମଧ୍ୟ ବିଧାନସଭା ନିର୍ବାଚନମଣ୍ଡଳୀରେ ମତଦାନ ମାତ୍ର ୪୩.୦୨ ପ୍ରତିଶତ ହୋଇଥିବା ବେଳେ ଭୁବନେଶ୍ୱର-ଉତ୍ତର ୪୭.୯୦% ଏବଂ ଏକାମ୍ର ଭୁବନେଶ୍ୱରରେ ମାତ୍ର ୪୯.୬୮ ପ୍ରତିଶତ ମତଦାନ ହୋଇଛି। ସେହିପରି ଜୟଦେବ ବିଧାନସଭା ନିର୍ବାଚନମଣ୍ଡଳୀରେ ମତଦାନ ୭୫.୭୮ ପ୍ରତିଶତ ହୋଇଥିବା ବେଳେ ଜଟଣୀ ୬୯.୩୨, ବେଗୁନିଆ ୭୩.୦୫, ଖୋର୍ଦ୍ଧା ୭୧.୦୫ ଏବଂ ଚିଲିକା ବିଧାନସଭା ନିର୍ବାଚନମଣ୍ଡଳୀରେ ୭୧ ପ୍ରତିଶତ ମତଦାନ ହୋଇଛି।

ମାତ୍ର ବିଡମ୍ବନାର ବିଷୟ ଯେ, ୨୦୧୪ ତୁଳନାରେ ଚଳିତ ନିର୍ବାଚନରେ ମତଦାନ ହାର ହ୍ରାସ ପାଇବାରେ ଲାଗିଛି। ଗୋଟିଏ ଦୁଇଟି ଲୋକ ସଭା ନିର୍ବାଚନ ମଣ୍ଡଳୀରେ ମାତ୍ର ୧ ପ୍ରତିଶତ ଭୋଟ ହାର ବୃଦ୍ଧି ପାଇଥିଲେ ମଧ୍ୟ ମତଦାନ ପ୍ରତି ଜନସାଧାରଣଙ୍କର ଆଗ୍ରହ କମିଥିବା ଜଣାପଡ଼ିଛି। ୨୦୧୪ରେ କେନ୍ଦୁଝର ଲୋକ ସଭା ନିର୍ବାଚନମଣ୍ଡଳୀରେ ଭୋଟ ହାର ୮୦.୫୪ ପ୍ରତିଶତ ରହିଥିବା ବେଳେ ଚଳିତ ନିର୍ବାଚନରେ ହୋଇଛି ୭୬.୧୬ ପ୍ରତିଶତ। ପାଖାପାଖି ୨ ପ୍ରତିଶତ ଭୋଟ କମିଛି। ସେହିପରି ଢେଙ୍କାନାଳ ଲୋକ ସଭା ନିର୍ବାଚନମଣ୍ଡଳୀରେ ୨୦୧୪ରେ ୭୬.୪୩ ପ୍ରତିଶତ ହୋଇଥିବା ବେଳେ ଚଳିତ ନିର୍ବାଚନରେ ୭୪.୯୮, ପୁରୀରେ ଗତଥର ୭୪.୦୧ ପ୍ରତିଶତ ହୋଇଥିବା ବେଳେ ଚଳିତ ନିର୍ବାଚନରେ ୭୨.୫୩ ପ୍ରତିଶତ ମତଦାନ ହୋଇଛି। ସମ୍ବଲପୁର ଲୋକ ସଭା ନିର୍ବାଚନମଣ୍ଡଳୀରେ ମତଦାନ ହାର ୨୦୧୪ରେ ୭୫.୯୨ ପ୍ରତିଶତ ହୋଇଥିବା ବେଳେ ଚଳିତ ନିର୍ବାଚନରେ ସାମାନ୍ୟ ବୃଦ୍ଧି ପାଇ ୭୬.୩୮ ପ୍ରତିଶତ ହୋଇଛି। ସେହିପରି ଭୁବନେଶ୍ୱର ଲୋକ ସଭା ନିର୍ବାଚନମଣ୍ଡଳୀରେ ମତଦାନ ହାର ଗତ ନିର୍ବାଚନରେ ୫୮.୩୮ ପ୍ରତିଶତ ଥିବା ବେଳେ ଚଳିତ ନିର୍ବାଚନରେ ୫୯.୬୦ ପ୍ରତିଶତକୁ ବୃଦ୍ଧି ପାଇଛି।

ଓଡ଼ିଶାରେ ଇତିମଧ୍ୟରେ ତିନୋଟି ପର୍ଯ୍ୟାୟ ମତଦାନ ଶେଷ ହୋଇଛି। ଚଳିତ ନିର୍ବଚାନରେ ଭୋଟ ହାର ବଢ଼ିବା ପରିବର୍ତ୍ତେ ତଳକୁ ଖସି ଖସି ଯାଉଛି। ଅନୁନ୍ନତ କୁହାଯାଉଥିବା ଦକ୍ଷିଣ ଓଡ଼ିଶାରେ ମତଦାନ ହାର ସାମାନ୍ୟ ଅଧିକ ରହୁଥିବା ବେଳେ ଉନ୍ନତ ଓ ଅଧିକ ସାକ୍ଷରତା ହାର ଥିବା ଜିଲାଗୁଡ଼ିକରେ ଭୋଟ ହାର କମି କମି ଯାଉଛି। ଭୁବନେଶ୍ୱର ଓ କଟକ ଭଳି ସହରରେ ମତଦାନ ହାର ନୈରାଶ୍ୟଜନକ ରହୁଛି। ସହରରେ ରହୁଥିବା ଉଚ୍ଚ ଓ ଉଚ୍ଚ ମଧ୍ୟମବର୍ଗର ମତଦାତା ଭୋଟ ଦେବାକୁ ଯାଉନାହାନ୍ତି। ଛୁଟିରେ ଘରେ ରହୁଛନ୍ତି କିମ୍ବା ଅବସର ବିନୋଦନ ପାଇଁ ବୁଲିବାକୁ ପସନ୍ଦ କରୁଛନ୍ତି। ସହରାଞ୍ଚଳରେ ଥିବା ବସ୍ତିବାସିନ୍ଦା ଭୋଟ ଦେବାକୁ ଆଗ୍ରହ ଦେଖାଉ ଥିବା ବେଳେ ନିମ୍ନ ମଧ୍ୟବିତ୍ତ ପରିବାର ଲୋକମାନେ ମତଦାନ କରୁଥିବା ଦେଖାଯାଉଛି। ମାତ୍ର ଉଚ୍ଚ ଆୟ ବର୍ଗର ଲୋକମାନେ ଭୋଟ ଦେବାକୁ ଯାଉ ନାହାନ୍ତି । ଫଳରେ ମତଦାନ ହାର କମି କମି ଯାଉଛି। ଭୋଟ ଦେବା ପାଇଁ ଆଗ୍ରହ ନ ଦେଖାଇବାକୁ ନେଇ ରାଜନୀତି ବିଶାରଦମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଭୋଟଦାନ ଏକ ମୌଳିକ ଅଧିକାର ହୋଇଥିଲେ ମଧ୍ୟ ସହରରେ ରହୁଥିବା ଓ ନିଜକୁ ଉନ୍ନତ ବୋଲାଉଥିବା ମତଦାତା ନିଜର ଏହି ସାମ୍ବିଧାନିକ କର୍ତ୍ତବ୍ୟ ପାଳନ ନ କରିବା ଦେଶର ଗଣତନ୍ତ୍ର ପ୍ରତି ଶୁଭ ସୂଚନା ନୁହେଁ ବୋଲି ମତ ପ୍ରକାଶ ପାଇଛି । ଗୋଟିଏ ପଟେ ମତଦାନ ହାର କମୁଥିବା ବେଳେ ୩ ପ୍ରମୁଖ ରାଜନୈତିକ ଦଳର ନେତାମାନେ ନିଜ ଦଳ ସମସ୍ତ ଆସନ ହାତେଇବେ ବୋଲି ଦାବି କରୁଛନ୍ତି।

### ଭୂଷଣ ଷ୍ଟିଲ ...

ଆରତୀ ସିଂଘଲ,କମ୍ପାନୀ ନିର୍ଦ୍ଦେଶକ ରବି ପ୍ରକାଶ ଗୋୟଲ, ରାମ ନରେଶ ଯାଦବ, ହରଦେବ ଚନ୍ଦ ବର୍ମା, ରବିନ୍ଦର କୁମାର ଗୁପ୍ତା, ରିତେଶ କପୁର ଏବଂ ଅନ୍ୟ ଅଜ୍ଞାତ ଅଧିକାରୀ/କର୍ମଚାରୀଙ୍କ ବିରୋଧରେ ମାମଲା ଦାଏର କରାଯାଇଥିଲା। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଉକ୍ତ କମ୍ପାନୀ ୨୦୦୭ରୁ ୨୦୧୪ ମଧ୍ୟରେ ୩୩ ବ୍ୟାଙ୍କ ଏବଂ ଆର୍ଥିକ ପ୍ରତିଷ୍ଠାନରୁ ୪୭,୨୦୪ କୋଟି ଟଙ୍କା ଋଣ ନେଇଥିଲା। କିନ୍ତୁ ଏହାକୁ ପରିଶୋଧ ନ କରି କମ୍ପାନୀ ଏହାକୁ ଅପ୍ରାପ୍ୟ ଋଣ ଭାବେ ଦର୍ଶାଇବାରୁ ବ୍ୟାଙ୍କଗୁଡ଼ିକ ପ୍ରାୟ ୨୩୪୮ କୋଟି ଟଙ୍କା କ୍ଷତି ସହିଛନ୍ତି ବୋଲି ସିବିଆଇ ଅଭିଯୋଗ କରିଛି।

### ସ୍ତ୍ରୀ ଅପୂର୍ବା ଗିରଫ, ...

କ୍ରାଇମ୍ ବ୍ରାଞ୍ଚ ଅତିରିକ୍ତ କମିଶନର ରାଜୀବ ରଞ୍ଜନ କହିଛନ୍ତି। ସେମାନଙ୍କର ଦାମ୍ପତ୍ୟ ଜୀବନ ସୁଖୀ ନ ଥିଲା, ବାରମ୍ବାର ମାଡ଼ପିଟ ହେଉଥିଲା। ତାଙ୍କର ବିବାହ ଜୀବନର ସବୁ ଆଶା ମଉଳି ଯାଇଥିଲା ବୋଲି ଅପୂର୍ବା ଜେରା ବେଳେ ସ୍ୱୀକାର କରିଛନ୍ତି। ତେବେ ହତ୍ୟାକାଣ୍ଡ ଯୋଜନାବଦ୍ଧ ନ ଥିଲା ବୋଲି ରଞ୍ଜନ କହିଛନ୍ତି। ସୁପ୍ରିମକୋର୍ଟ ଓକିଲ ଅପୂର୍ବାଙ୍କୁ ପୋଲିସ ରବିବାରଠାରୁ ଜେରା କରୁଛି। ତାଙ୍କ ଉତ୍ତରରେ ତାଳମେଳ ନ ରହିବାରୁ ହତ୍ୟାକାଣ୍ଡରେ ସେ ସମ୍ପୃକ୍ତ ଥିବା ପୋଲିସର ସନ୍ଦେହ ହୋଇଥିଲା। ଟଙ୍କା ଓ ସମ୍ପତ୍ତି ଲୋଭରେ ଅପୂର୍ବା ଏବଂ ତାଙ୍କ ପରିବାର ପୁଅକୁ ହତ୍ୟା କରିଥିବା ରୋହିତଙ୍କ ମାଆ ଉଜ୍ଜ୍ୱଳା ତିୱାରୀ ଅଭିଯୋଗ କରିଥିଲେ।

### କଲେଜ ପିଅନଙ୍କୁ...

ଖବର ଦେଇଥିଲେ। ପରିବାର ଲୋକେ ପହଞ୍ଚି ଘଟଣା ସଂକ୍ରାନ୍ତରେ ଟିକ୍ରାପଡ଼ା ଫାଣ୍ଡି ପୋଲିକୁ ଜଣାଇଥିଲେ। ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ଗ୍ରାମରେ ଲାଗିଥିବା ଏକ ସିସିଟିଭି ଫୁଟେଜ୍‌ରୁ ପୋଲିସକୁ ଅଭିଯୁକ୍ତଙ୍କ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଥିଲା। ମଙ୍ଗଳବାର ରାତି ପ୍ରାୟ ୨.୦୬ ମିନିଟ୍‌ରେ ଗଣେଶ ବଗର୍ତ୍ତୀ ଏକ ଠେଙ୍ଗା ଧରି ବୁଲୁଥିବା ସିସିଟିଭିରେ ରେକର୍ଡ ହୋଇଥିବା ଦେଖାଯାଇଥିଲା। ଏହାପରେ ପୋଲିସ ଗଣେଶଙ୍କ ଉପରେ ସନ୍ଦେହ କରି ତାଙ୍କୁ ପଚରାଉଚୁରା କରିଥିଲା। ଗଣେଶ ଦୋଷ ସ୍ୱୀକାର କରି ପୂର୍ବଶତ୍ରୁତାକୁ ନେଇ ଏକ ଠେଙ୍ଗାରେ ଜଗଦୀଶଙ୍କୁ ହତ୍ୟା କରିଥିବା କହିଥିଲେ। ପୋଲିସ ହତ୍ୟାକାଣ୍ଡରେ ବ୍ୟବହୃତ ଠେଙ୍ଗାକୁ ଗାଁର ଏକ ପାଣିଟାଙ୍କି ନିକଟରୁ ଜବତ କରିଛି। କିଛିଦିନ ତଳେ ଜଗଦୀଶ ଓ ଗଣେଶଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏହି ଗଣ୍ଡଗୋଳ ହିଁ ହତ୍ୟାକାଣ୍ଡର ମୁଖ୍ୟ କାରଣ ବୋଲି କୁହାଯାଉଛି। ଜଗଦୀଶଙ୍କ ଭାଇ ହୃଦାନନ୍ଦ ମନହୀରାଙ୍କ ଅଭିଯୋଗ କ୍ରମେ ପୋଲିସ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ଜଗଦୀଶଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ଟିଟିଲାଗଡ଼ ପଠାଯାଇଛି। ଟିଟିଲାଗଡ଼ ଏସ୍‌ଡିପିଓ ସୁରେନ୍ଦ୍ରନାଥ ଶତପଥୀ, ସଇଁତଲା ଥାନା ଅଧିକାରୀ ଦାସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ।

### ଫରେଷ୍ଟରଙ୍କୁ ମାଡ଼, ...

ବୋଲିପଚାରିଥିଲେ। ଫରେଷ୍ଟର କିଛି ନ କହିବାରୁ ସେମାନେ ତାଙ୍କୁ ମାଡ଼ ମାରିଥିଲେ। କାର୍ଯ୍ୟାଳୟ ମଧ୍ୟରେ ପଶି ଫାଇଲପତ୍ର ଫିଙ୍ଗାଫୋପଡା ସହ ଆଲମିରା ଭାଙ୍ଗିଥିଲେ। ସେଥିରେ ବନ୍ଧୁକ ନ ଥିବା ଜାଣି ଅନ୍ୟ ଏକ ଘରକୁ ଯାଇଥିଲେ। ଉକ୍ତ ଘରର ତାଲା ଭାଙ୍ଗି ଶିକାରୀଙ୍କଠାରୁ ଜବତ ହୋଇଥିବା ୪ଟି ଦେଶୀ ବନ୍ଧୁକ ନେଇଯାଇଥିଲେ। ଗଲାବେଳେ ପୋଲିସକୁ ଏ ବିଷୟରେ ଖବର ଦେଲେ ଉଡାଇଦେବୁ ବୋଲି ଧମକ ଦେଇଥିଲେ। ଏକ ଅଟୋରେ ସେମାନେ କୁଆଁରିଆ ଡ୍ୟାମ ଆଡ଼େ ଚାଲିଯାଇଥିଲେ। ସକାଳୁ ଘରଠାରୁ କିଛି ଦୂରରେ ମୋବାଇଲ ଫୋନଗୁଡ଼ିକ ପଡ଼ିଥିବା ଦେଖି ପରିବାର ଲୋକେ ସେଗୁଡ଼ିକୁ ଆଣିଥିଲେ। ଘଟଣା ପରେ ସ୍ଥାନୀୟ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। ଅନ୍ୟପଟେ କାର୍ଯ୍ୟାଳୟରେ କିଛି ଚିଠି ଛାଡ଼ିଯାଇଥିବାରୁ ସେମାନେ ମାଓବାଦୀ ବୋଲି ସନ୍ଦେହ କରାଯାଉଛି। ହେମନ୍ତ ଏ ନେଇ ଦଶପଲ୍ଲା ଥାନାରେ ଅଭିଯୋଗ କରିଛନ୍ତି। ନୟାଗଡ଼ ଏସ୍‌ଡ଼ିପିଓ ନିରଞ୍ଜନ ପାଢ଼ୀ ଓ ଦଶପଲ୍ଲା ଥାନା ଅଧିକାରୀ ବିଶ୍ୱଜିତ ରାଉତରାୟ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଦଶପଲ୍ଲା ଥାନା ଅଧିକାରୀ ରାଉତରାୟ କହନ୍ତି, ଅଭିଯୋଗ ପରେ ଥାନାରେ ୫୮/୧୯ରେ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଛି। ନୟାଗଡ଼ ଏସ୍‌ପି ଶଶିଭୂଷଣ ଶତପଥୀ କହନ୍ତି, ଗୋଟିଏ ଗୋଷ୍ଠୀ ଆସି ଏଭଳି କରିଛନ୍ତି। ସେମାନେ ଡକାୟତ ନା ମାଓବାଦୀ ସେ ନେଇ ତଦନ୍ତ କରାଯାଉଥିବା ଏସ୍‌ପି ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଗତ ହୋଲି ଦିନ ଦଶପଲ୍ଲା ଅନତି ଦୂର କୁଆଁରିଆ ଡ୍ୟାମ ଓ ମୃଗବିହାରଠାରୁ ଦୁଇଟି ମାଓବାଦୀ ପୋଷ୍ଟର ଜବତ ହୋଇଥିଲା। ଉକ୍ତ ପୋଷ୍ଟରରେ ମାଓବାଦୀମାନେ ବିଜେଡିର ବିଧାୟକ ପ୍ରାର୍ଥୀ ହୋଇଥିବା ରମେଶ ଚନ୍ଦ୍ର ବେହେରା ଓ ଦଶପଲ୍ଲା ଆଇଆଇସି ରାଉତରାୟଙ୍କୁ ଉଡାଇଦେବେ ବୋଲି ଲେଖିଥିଲେ। ମାର୍ଚ୍ଚ ୨୫ରୁ ଏପ୍ରିଲ ୧୦ତାରିଖ ଭିତରେ ସେମାନେ ଆସିବେ ବୋଲି ମଧ୍ୟ ଚିଠିରେ ଚେତାବନୀ ଦେଇଥିଲେ।

### ମେ' ୧୯ରେ ପାଟକୁରାରେ ...

ପ୍ରାର୍ଥୀପତ୍ର ଦାଖଲ କରାଯିବ। ୨ ତାରିଖରେ ନାମାଙ୍କନ ପତ୍ର ଯାଞ୍ଚ କରାଯିବ। ୪ରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ଓ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ କରାଯିବ। କେବଳ ବିଜେଡି ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିବେ। ପୂର୍ବରୁ ପ୍ରାର୍ଥୀପତ୍ର ଦାଖଲ କରିଥିବା ପ୍ରାର୍ଥୀମାନଙ୍କୁ ପୁଣିଥରେ ନାମାଙ୍କନ ପତ୍ର ଦାଖଲ କରିବାକୁ ପଡିବ ନାହିଁ ବୋଲି ନିର୍ବାଚନ କମିଶନଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି। ମେ' ୨୩ ତାରିଖରେ ନିର୍ବାଚନ ଫଳାଫଳ ପ୍ରକାଶ ପାଇବ। ତେବେ ଆସନ୍ତା ୨୯ ତାରିଖରେ ପାଟକୁରାରେ କେବଳ ଲୋକ ସଭା ଆସନ ପାଇଁ ଭୋଟ ଗ୍ରହଣ ହେବ। ବିଧାନସଭା ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଭାଜପା ପ୍ରାର୍ଥୀ ବିଜୟ ମହାପାତ୍ର ସ୍ୱାଗତ କରିଛନ୍ତି। ସେ କହିଛନ୍ତି ଯେ, ପାଟକୁରାବାସୀ ଚାହୁଁଥିଲେ ଷଡ଼ଯନ୍ତ୍ର କି ଚକ୍ରାନ୍ତ ନ ହେଉ। ନିର୍ବାଚନ ଲାଗି ଯେଉଁ ଷଡ଼ଯନ୍ତ୍ର ଓ ଚକ୍ରାନ୍ତ ହେଉଥିଲା, ତାହାକୁ ପାଟକୁରାବାସୀ ପଣ୍ଡ କରିବେ। ଷଡ଼ଯନ୍ତ୍ର ହୋଇ ନ ଥିଲେ ୨ ମାସ ହେବ ରୋଗଗ୍ରସ୍ତ ହୋଇ ଚିକିତ୍ସିତ ହେଉଥିବା ବ୍ୟକ୍ତିଙ୍କୁ ପ୍ରାର୍ଥୀ କରାଯାଇ ନ ଥାନ୍ତା। କମିଶନଙ୍କ ନିଷ୍ପତ୍ତି ଫଳରେ ପାଟକୁରାବାସୀ ଉଚିତ ବିଚାର ଓ ନ୍ୟାୟର ସୁଯୋଗ ପାଇଛନ୍ତି। ବେଦଙ୍କ ବିୟୋଗ ପରେ ପାଟକୁରାରେ ବିଜେଡି ପ୍ରାର୍ଥୀକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଏହି ଆସନ ପାଇଁ ପୂର୍ବରୁ କେତେଜଣ ନେତା ଲବି ଜୋର୍‌ଦାର କରୁଥିଲେ। ସେମାନେ ପୁଣି ଥରେ ଟିକେଟ ହାସଲ ପାଇଁ ପ୍ରୟାସ ଆରମ୍ଭ କରିଛନ୍ତି। ତେବେ ବେଦଙ୍କ ପୁଅ ସଞ୍ଜୟ ଅଗ୍ରୱାଲଙ୍କୁ ବିଜେଡି ପାଟକୁରା ବିଧାନସଭା ପାଇଁ ଟିକେଟ ଦେଇ ଅନୁକମ୍ପା ହାସଲ କରିବାକୁ ଉଦ୍ୟମ କରିବ ବୋଲି ଦଳୀୟ ମହଲରେ ଆଲୋଚନା ହେଉଛି। ଅନ୍ୟପଟେ ସଞ୍ଜୟ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ଯଦି ସୁଯୋଗ ଦେବେ ତେବେ ସେ ନିର୍ବାଚନ ଲଢ଼ିବାକୁ ପ୍ରସ୍ତୁତ ବୋଲି କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ବେଦପ୍ରକାଶ ଟିକେଟ ପାଇବା ପୂର୍ବରୁ ଅସୁସ୍ଥ ହୋଇ ଚିକିତ୍ସିତ ହେଉଥିଲେ। ବାପାଙ୍କ ଅବସ୍ଥା ଭଲ ନ ଥିବାରୁ ସ୍ତ୍ରୀ ଓ ପୁଅ ନବୀନ ନିବାସ ଯାଇ ବାପା ବଦଳରେ ପୁଅକୁ ଟିକେଟ ଦେବାକୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ମାତ୍ର ତାଙ୍କ କଥା ଶୁଣାଯାଇ ନ ଥିଲା। ବେଦଙ୍କୁ ବିଜେଡି ପାଟକୁରାରୁ ପ୍ରାର୍ଥୀ କରିଥିଲା। ଏପ୍ରିଲ ୨୦ରେ ବେଦଙ୍କ ମୃତ୍ୟୁ ପରେ ପାଟକୁରା ବିଧାନସଭା ନିର୍ବାଚନକୁ ସ୍ଥଗିତ ରଖାଯାଇଥିଲା। ସେଠାରେ କେବେ ପୁନଃ ମତଦାନ ହେବ ସେନେଇ ଆଶଙ୍କା ଲାଗି ରହିଥିଲା। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ବିଜେଡି ପ୍ରାର୍ଥୀଙ୍କ ବିୟୋଗ ନେଇ ଜଣାଇବା ପରେ ନିର୍ବାଚନ କମିଶନ ଚଳିତ ନିର୍ବାଚନ ପ୍ରକ୍ରିୟା ଶେଷ ସୁଦ୍ଧା ପାଟକୁରା ନିର୍ବାଚନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ଘୋଷଣା ପରେ ଭାଜପା ପ୍ରାର୍ଥୀ ବିଜୟ ମହାପାତ୍ର ଆଶ୍ୱସ୍ତି ଲାଭ କରିଛନ୍ତି। ତେବେ ପାଟକୁରାରେ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ପରେ ଭୋଟ ଗ୍ରହଣ ହେବାକୁ ଥିବାରୁ ସେଠାରେ ରାଜନୈତିକ ବାତାବରଣ ସରଗରମ ହେବା ନେଇ ଚର୍ଚ୍ଚା ଜୋର୍ ଧରିଛି।

### ଫାୟାରମ୍ୟାନ୍‌ଙ୍କୁ...

ପାଟିତୁଣ୍ଡ ହୋଇଥିଲା। ଏଥିରେ ଟିକୁ ଏତେ ରାଗି ଯାଇଥିଲେ ଯେ,ଏକ ଧାରୁଆ ଛୁରିରେ ଦୁଷ୍ମନ୍ତଙ୍କ ଗଳା କାଟି ହତ୍ୟା କରିଥିଲେ। ପରେ ଟିକୁ ବିନିକା ଥାନାରେ ପହଞ୍ଚି ଆତ୍ମସମର୍ପଣ କରିଥିଲେ। ଦୁଷ୍ମନ୍ତଙ୍କୁ ଟିକୁ ୨ଲକ୍ଷ ଟଙ୍କା ଧାର ଦେଇଥିଲେ। ହେଲେ ଧାର ଟଙ୍କା ମାଗିବାରୁ ସେ ଦେବାକୁ ବାରମ୍ବାର ମନା କରୁଥିଲେ। ସେଥିପାଇଁ ସେ ତାଙ୍କୁ ଗଳାକାଟି ହତ୍ୟା କରିଥିବା କହିଛନ୍ତି। ବିନିକା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ବିନିକା ଥାନାରେ ଏକ ହତ୍ୟା ମାମଲା(ନଂ.୭୩/୧୯) ରୁଜୁ ହୋଇଛି।




# ୩ ନାଗୁଣୀ ସହ ୫୭ ଅଣ୍ଡା ଉଦ୍ଧାର

**ଭୁବନେଶ୍ୱର,୨୪।୪(ବ୍ୟୁରୋ)**

ପୁରୀ ଜିଲା କଣାସ ବ୍ଲକ ଗଡ଼ିଶାଗଦା ପଞ୍ଚାୟତର ବିଲପାଟଣା ଗ୍ରାମରୁ ବୁଧବାର ୩ ନାଗୁଣୀ ସହ ୫୭ ଅଣ୍ଡା ଉଦ୍ଧାର କରାଯାଇଛି। ଗ୍ରାମର ରଶ୍ମିକାନ୍ତ ପରିଡ଼ା ସକାଳୁ ପାଳଗଦାରୁ କୁଟା ଆଣିବାକୁ ଗଲାବେଳେ ଏକ ନାଗସାପ ପାଳଗଦା ତଳେ ପଶିଯିବାର ଦେଖିଲେ। ନିରେଖି କରି ଦେଖିବାରୁ ପାଳଗଦା ତଳେ ଥିବା ଏକ ଗାତ ଭିତରେ କିଛି ଅଣ୍ଡା ଦେଖିବାକୁ ପାଇଲେ। ନାଗୁଣୀ ଅଣ୍ଡା ଦେଇଛି ଶୁଣି ସେଠାରେ ଗ୍ରାମବାସୀଙ୍କର ଭିଡ଼ ଜମିଥିଲା। ସ୍ନେକ ହେଲ୍ପଲାଇନ୍‌ର ସ୍ଥାନୀୟ ସଦସ୍ୟ ସୁଶାନ୍ତ ବେହେରା ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହ ମିଶି ଏକ ନାଗୁଣୀ ଓ ତା'ର ୧୩ ଅଣ୍ଡାକୁ ଉଦ୍ଧାର କରିଥିଲେ। ଆଉ ସାପ ଥିବା ଆଶଙ୍କାରେ ଉକ୍ତ ପାଳଗଦାକୁ ସମ୍ପୂର୍ଣ୍ଣ ସ୍ଥାନାନ୍ତର କଲା ପରେ ଅନ୍ୟ ଦୁଇଟି ଗାତ ଭିତରୁ ଆଉ ୨ଟି ନାଗୁଣୀ ବାହାରିଥିଲେ। ତାଙ୍କର ୨୨ଟି ଲେଖାଏ ଅଣ୍ଡା ମଧ୍ୟ ସୁଶାନ୍ତ ଉଦ୍ଧାର କରିଥିଲେ। ସାପ ୩ଟିକୁ ସେମାନଙ୍କର ପ୍ରାକୃତିକ ଆବାସସ୍ଥଳୀରେ ଛାଡ଼ି ଦିଆଯାଇଛି ଏବଂ ଅଣ୍ଡାଗୁଡ଼ିକୁ କୃତ୍ରିମ ଉପାୟରେ ଫୁଟେଇବା ପାଇଁ ସ୍ନେକ ହେଲ୍ପଲାଇନ୍ କାର୍ଯ୍ୟାଳୟକୁ ନିଆଯାଇଛି। ଏ ନେଇ ସ୍ନେକ ହେଲ୍ପଲାଇନ୍ ସମ୍ପାଦକ ତଥା ଖୋର୍ଦ୍ଧା ଜିଲାର ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି, ନାଗସାପଙ୍କର ପ୍ରଜନନ ଋତୁ ଆରମ୍ଭ ହୋଇଗଲାଣି। ଏକ ଛୋଟ ଜାଗାରୁ ଏକାଥରେ ୩ ନାଗୁଣୀ ଅଣ୍ଡା ସହ ଉଦ୍ଧାର ହେବା ଘଟଣାକୁ 'କଲୋନିଆଲ୍ ନେଷ୍ଟିଂ ବା ବ୍ରିଡିଂ' କୁହାଯାଏ। ଯେଉଁଠି ଅଣ୍ଡା ସହ ସାପଙ୍କୁ ଦେଖିବାକୁ ମିଳିବ, ସେଠାରେ ସାପଙ୍କୁ ନ ମାରି ଏବଂ ଅଣ୍ଡାକୁ ନଷ୍ଟ ନ କରି ସ୍ନେକ ହେଲ୍ପଲାଇନ୍ କିମ୍ବା ସ୍ଥାନୀୟ ବନ ବିଭାଗ କର୍ମଚାରୀଙ୍କୁ ଖବର ଦେବାକୁ ଶୁଭେନ୍ଦୁ କହିଛନ୍ତି। ଆସନ୍ତା ୨-୩ ମାସ ପର୍ଯ୍ୟନ୍ତ ନିଜର ଘରବାଡ଼ିକୁ ପ୍ରତି ସପ୍ତାହରେ ଅନ୍ୟୂନ ଥରେ ଭଲ ଭାବେ ସଫା କଲେ ସମ୍ଭାବ୍ୟ ସାପ ଅଣ୍ଡା ଦେଇଥିବା ଜଣାପଡ଼ିଯିବ ବୋଲି ଶୁଭେନ୍ଦୁ ପରାମର୍ଶ ଦେଇଛନ୍ତି।

An initiative by IITians, India's digital kitaab copy
In Association with VANIK
KiCo INDIA'S KITAAB COPY
Contact us for DISTRICT-WISE FRANCHISE
E-Learning platform with classroom experience.
24 x 7 doubt clearance.
Test series.
Performance analysis.
Parent's counselling.
Learn Anytime Anywhere
Required District wise Business Development Manager and Business Development Executive
Send Resume: kicoodisha@gmail.com
HO: Talk to us: +91-8506068068 Email us: support@kicoedu.in
CONTACT FOR DISTRICT WISE FRANCHISE RO: Ph.: +91 9861728488, +91 8093083577
R.O.: Plot No. 1441, VANIK Building (Near CRP Square), Bhubaneswar-751015
H.O.: First floor, Plot No. 7, Keher Singh Estate, Near Saket Metro Station Gate No. 2, Delhi-110030

■ପୋଲିଂ ଅଧିକାରୀଙ୍କୁ ଆକ୍ରମଣ, ଇଭିଏମ୍ ଭଙ୍ଗାରୁଜା

# ଭାଜପା ପ୍ରାର୍ଥୀ ଓମ୍‌ପ୍ରକାଶଙ୍କ ନାଁରେ ମାମଲା

**ପୁରୀ ଅଫିସ,୨୪।୪**

ସତ୍ୟବାଦୀ ନିର୍ବାଚନମଣ୍ଡଳୀର ଭାଜପା ପ୍ରାର୍ଥୀ ଓମ୍‌ପ୍ରକାଶ ମିଶ୍ରଙ୍କ ନାଁରେ ବୁଧବାର କଣାସ ବ୍ଲକ ଗଡ଼ିଶାଗୋଦା ଥାନାରେ ମାମଲା ରୁଜୁ ହୋଇଛି। ପୋଲିଂ ଅଧିକାରୀଙ୍କ କାର୍ଯ୍ୟରେ ବାଧା, ବନ୍ଧୁକ ଦେଖାଇ ଭୟଭୀତ କରିବା ସହ ଆକ୍ରମଣ ଏବଂ ବୁଥ୍ ଭିତରେ ପଶି ଇଭିଏମ୍ ଭଙ୍ଗାରୁଜା କରିବା ନେଇ ଓମ୍‌ପ୍ରକାଶ ଏବଂ ତାଙ୍କ ସହଯୋଗୀମାନଙ୍କ ବିରୋଧରେ ଏହି ମାମଲା ରୁଜୁ କରାଯାଇଛି। କଣାସ ବ୍ଲକ ଦିବ୍ୟସିଂହପୁର ପଞ୍ଚାୟତ ଅଧୀନ ବୀରକେଶରପୁର ଗ୍ରାମର ବଳଭଦ୍ର ନୋଡାଲ ବିଦ୍ୟାଳୟ ୭୮ନଂ. ବୁଥ୍‌ର ପ୍ରିଜାଇଡିଂ ଅଫିସର ମଙ୍ଗଳବାର ରାତିରେ ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ଦଫା ୧୪୭, ୧୪୮, ୪୫୨, ୪୨୭, ୩୪୧, ୩୨୩, ୩୩୩, ୩୦୭, ୧୮୬, ୧୪୯, ୨୫ ଆର୍ମସ ଆକ୍ଟ, ଆର୍‌ପି ଆକ୍ଟ ୧୩୫(କ), ୧୩୫ ଓ ୧୩୬ରେ ଏକ ମାମଲା (ନଂ. ୩୭/୧୯) ରୁଜୁ କରାଯାଇଥିବା ପୁରୀ ଏସ୍‌ପି ଉମାଶଙ୍କର ଦାଶ କହିଛନ୍ତି। ଏସ୍‌ପିଙ୍କ ସୂଚନା ମୁତାବକ, ମଙ୍ଗଳବାର ମତଦାନ ଚାଲିଥିଲା। ଅପରାହ୍ନରେ ଓମ୍‌ପ୍ରକାଶ ତାଙ୍କ ସହଯୋଗୀମାନଙ୍କ ସହ ସତ୍ୟବାଦୀ ନିର୍ବାଚନମଣ୍ଡଳୀର ୭୮ନମ୍ବର ବୁଥ୍‌ରେ ପହଞ୍ଚିଥିଲେ। ବୁଥ୍ ଭିତରେ ପଶି ପୋଲିଂ କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରିବା ସହ ଆକ୍ରମଣ କରିଥିଲେ। ଏପରି କି ଇଭିଏମ୍‌କୁ ଭାଙ୍ଗିଦେବା ସହ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଫିଙ୍ଗାଫୋପଡ଼ା ଓ ଚିରାଚିରି କରିଥିଲେ। ଘଟଣାର ମୁଖ୍ୟ ଅଭିଯୁକ୍ତ ଓମ୍‌ପ୍ରକାଶ ବୋଲି ଏସ୍‌ପି କହିଛନ୍ତି। ଘଟଣା ପରେ ସ୍ଥାନୀୟ ଲୋକେ ଅଭିଯୁକ୍ତଙ୍କୁ ଅଟକ ରଖିଥିଲେ। ସେମାନଙ୍କଠାରୁ ବନ୍ଧୁକ ଏବଂ ୬ ରାଉଣ୍ଡ ଗୁଳି ଜବତ କରାଯାଇଥିଲା। ଏଥିରେ ସମ୍ପୃକ୍ତି ଅଭିଯୋଗରେ ବୁଧବାର ଓମ୍‌ପ୍ରକାଶଙ୍କ ଦୁଇଜଣ ସହଯୋଗୀ ଅକ୍ଷୟ ବିଶ୍ୱାଳ ଏବଂ ମାନସ ସାମନ୍ତରାୟଙ୍କୁ ଗିରଫ କରାଯାଇଛି। ଘଟଣା ପରଠାରୁ ଓମ୍‌ପ୍ରକାଶ ଫେରାର୍ ଅଛନ୍ତି। ତାଙ୍କୁ ଗିରଫ କରିବା ଲାଗି ୩ଟି ଟିମ୍ ଗଠନ କରାଯାଇଛି। ୨ଟି ଟିମ୍ କଣାସ ବ୍ଲକ ଗଡ଼ସାନପୁଟ ପଞ୍ଚାୟତର ମୋଟରିସ୍ଥିତ ତାଙ୍କ ପୈତୃକ ବାସଭବନ, ଭୁବନେଶ୍ୱରସ୍ଥିତ ବାସଭବନ ସମେତ ସମ୍ପର୍କୀୟଙ୍କ ଘରେ ଚଢ଼ାଉ କରିଛନ୍ତି। ଅନ୍ୟ ଏକ ଟିମ୍ ରାଜ୍ୟ ବାହାରକୁ ଯାଇ ଚଢ଼ାଉ କରିବେ। ଆବଶ୍ୟକ ପଡ଼ିଲେ ତାଙ୍କ ବିରୋଧରେ ୱାରେଣ୍ଟ ଜାରି କରାଯିବ ବୋଲି ଏସ୍‌ପି ଦାଶ କହିଛନ୍ତି। ଅନ୍ୟପକ୍ଷେ ଓମ୍‌ପ୍ରକାଶଙ୍କ ଭୁବନେଶ୍ୱର ହଂସପାଳସ୍ଥିତ ବାସଭବନରେ ପୋଲିସ ଟିମ୍ ଚଢ଼ାଉ କରିଥିଲେ ମଧ୍ୟ ତାଙ୍କୁ ଠାବ କରିପାରିନାହିଁ। ତାଙ୍କ ବିରୋଧରେ ହତ୍ୟା ଉଦ୍ୟମ ଭଳି ସଙ୍ଗିନ ଦଫା ଲଗାଇଛି ପୋଲିସ। ଫଳରେ ତାଙ୍କ ରାଜନୈତିକ କ୍ୟାରିୟର ସଙ୍କଟରେ ପଡ଼ିପାରେ ବୋଲି ସାଧାରଣରେ ଆଲୋଚନା ହେଉଛି।

■ଚିକିତ୍ସା ଲାଗି ଟଙ୍କା ବାଧକ୍

# ରକ୍ତ କର୍କଟ ରୋଗ୍‌ରେ ପୀଡ଼ିତ ଛାତ୍ରୀ ଲକ୍ଷ୍ମୀପ୍ରିୟା

**ରାଉରକେଲା ଅଫିସ,୨୪।୪**

ଟଙ୍କା ପଏସା ଅଭାବ ଥିଲେ ବି ଝି'କେ ପାଠ୍ ପଢ଼ାବାରେ କେହେନ୍‌ସି ପରକାର ଉନା ନାଇଁକରି। ତାକର ଗୁଟେନ ଉଦେଶ ଥିଲା ଝି'କେ ପାଠ୍ ପଢ଼େଇ ଉଚ୍ ଶିକ୍ଷିତ କରବାର। କୁଲି ମଜୁରି କରି ପରିବାର ଚଲବାର ସଂଗେ ଝି'ର ପାଠ୍‌ପଢ଼ା ଲାଗି ସବୁ ପୁରନ୍ କରୁଥିଲେ ସେ। ଛୋଟ ପରିବାର ହେଲେ ବି ସଭେ ହସ୍‌ଖୁସିରେ ଚଲୁଥିଲେ। ଯେତେ ଦୁଖ୍ ଆଏଲେ ବି କେହି ମାନ ଅଭିମାନ ନାଇଁ କରୁଥାଇ। ହେଲେ ଯେନ୍ ଦିନ୍‌ଠାନୁ ଝି' କର୍କଟ ରୋଗ୍‌ରେ ପୀଡ଼ିତ ଅଛେ ବଲି ଜନାପଡ଼ଲା ଘରର ସବୁ ସୁଖ୍ ଶିଆଁତି ଉଭି ଗଲା। କେହି ଭଲସେ ମୁଠେ ନାଇଁ ଖାଏବାର। ଝି' କେନ୍‌ଥେଇ ଭଲ ହେବା ସେ ଚିନ୍‌ତାରେ ସଭେ ହରମେଶା ଘାରି ହେଉଛନ୍। ଏନ୍‌ତା ଗୁଟେ ଦୁଖଦ୍ ପରିସ୍ଥିତିର ସାମନା କରୁଛନ୍ ଏସ୍‌ଟିଆଇ ପାସର ଓୟାର ହାଉସ ବାସିନ୍ଦା ଦୁଃଶାସନ ଜେନା। ତାକର ଗୁଟେ ବଲି କଲେଜ ପଢ଼ୁଆ ଝି' ଲକ୍ଷ୍ମୀପ୍ରିୟା(୧୯) କର୍କଟ ରୋଗ୍‌ରେ ପୀଡ଼ିତ ହେଇ ଟଙ୍କା ପଏସା ଅଭାବୁ ଘରେ ପଡ଼ି ରହିଛନ୍। ଛେଣ୍ଡ ହୃଷୀକେଶ ରାୟ୍ ମହାବିଦ୍ୟାଳୟରେ ଯୁକ୍ତ ୩ ପହେଲା ବଛର୍‌ର ଛାତ୍ରୀ ଲକ୍ଷ୍ମୀପ୍ରିୟା। ସେ କେଭେ ସପନ୍‌ରେ ବି ଭାବି ନାଇଁଥାଇ ଯେ ଜୀବନ୍‌ରେ ଏନ୍‌ତା ଗୁଟେ ଖରାପ୍ ସମିଆ ଦେଖିବାକେ ପଡ଼ବା। ଗରିବ୍ ମା'ବାପ୍‌ର ବିକଲ ଚେହେରା ଦେଖି ଲକ୍ଷ୍ମୀପ୍ରିୟା ସହି ନାଇଁପାରବାର। ଚିକିତ୍ସା ଲାଗି ଏତେ ଟଙ୍କା ଆଏବା କେନ୍‌ନୁ। କିଏ ଲମାବା ସାହାଯ୍‌ର ହାତ୍। କାହାକେ ଗୁହାରପାତ୍ କରବେ ମା'ବାପ୍। ଖଟେ ପଡ଼ି ଏନ୍‌ତା ସବୁ ଚିନ୍‌ତାରେ ଘାରି ହେଉଛନ୍ ଲକ୍ଷ୍ମୀପ୍ରିୟା। ଭୁବନେଶ୍ୱର ଏମ୍‌ସରେ ଗଲା ୨୦ ଦିନ୍ ଧରି ଚିକିତ୍ସା ହେଲା। ଉତାରୁ ଏହେଦେ ଘରକେ ଫିରିଛନ୍ ଲକ୍ଷ୍ମୀପ୍ରିୟା। ଘରେ ଥିବାର ଗହନାଗାଁଠି ବିକାଭଂଗା ସଏଲାନ। ଏନ୍‌ତା କି ପରିବାର ଲୋକ୍ ଭିନେ ଭିନେ ଜାଗାରୁ ୩ ଲାଖ୍ ଟଙ୍କା ଧାର ଉଧାର କରିସାଏଲେନ। ଏମ୍‌ସ କତୃପକ୍ଷ ଲକ୍ଷ୍ମୀପ୍ରିୟାଙ୍କୁ ଉନିଆ ନିକେ ପଠେଇଥିଲେ ବି ଟଙ୍କା ପଏସା ଅଭାବୁ ସେ ଘରେ ପଡ଼ି ରହିଛନ୍। ଡାକ୍‌ତରଙ୍କର କହେବାର ହିସାବେ ୨୦ରୁ ୩୦ ଲାଖ୍ ଟଙ୍କା ନାଇଁ ହେଲେ ରୋଗ୍ ଭଲ ନାଇଁହୁଏ। ଏନ୍‌ତାଥି ପରିବାର ମୁଡ଼େ ଅକାଲ ଚଡ଼କ ପଡ଼ିଛେ। ଇଆଡ଼େ ଲକ୍ଷ୍ମୀପ୍ରିୟାର ଦିହିପା ଦିନୁଦିନ୍‌କେ ବିଗିଡ଼ିବାରେ ଲାଗିଛେ। ମା'ବାପ୍ ଉପେ ଶୂଇନ୍ ହେଇ ଝି'ର ସବୁ ଦୁଖ୍ ଦରଦ୍ ଦେଖୁଛନ୍। ଯଦି ସରକାର ସାହାଯ୍‌ର ହାତ୍ ବଢ଼ାବେ ତ ଝି' ଅକାଲ ମୁରତ୍ତୁର ବରତି ଯିବା ବଲି ପରିବାର ଲୋକ୍ ଆର ତାକର ଲାଗେଲେସରମାନେ କହିଛନ୍। ଘଟନା ବାବ୍‌ଦେ ଖବର ପାଇ ସାମାଜିକ ସଂଗଠନ ଆଖି ଅନୁଷ୍ଠାନର ଅଧକ୍ଷ ଅବିନାଶ ଶୁକ୍ଲା ସୁନ୍ଦରଗଡ଼ ଜିଲାପାଳ ରଶ୍ମିତା ପଣ୍ଡାଙ୍କୁ ଭେଟି ଲକ୍ଷ୍ମୀପ୍ରିୟାଙ୍କୁ ଚିକିତ୍ସା ସାହାଯ୍ ଯୁଗେଇ ଦେବାକେ ନିବେଦନ କରିଥିଲେ। ଜିଲାପାଳ ପଣ୍ଡା ସଂଗେ ସଂଗେ ୩୦ ହଜାର ଟଙ୍କା ସାହାଯ୍ ଦେଇଛନ୍। ଷ୍ଟିଲ ସିଟିରେ ବହୁତ ଧନୀ, ସହୃଦ୍ ଲୋକ ବାସ କରୁଥିଲାବେଳେ ଲକ୍ଷ୍ମୀପ୍ରିୟାଙ୍କର ଇ ଦୁରଦିନ୍‌ରେ ସାହାଯ୍‌ର ହାତ୍ ବଢ଼ାବାକେ ଶୁକ୍ଲା ସଭକୁ ନିବେଦନ କରିଛନ୍।


ଲକ୍ଷ୍ମୀପ୍ରିୟା ଜେନା।

# ଅମ୍ମନ, ପେଟ୍ରା ମହାନଗରୀରେ କଳା ଦେଖାଇବେ ସସ୍ମିତା

**କଟକ ଅଫିସ,୨୪।୪**

କଟକ ତିନିକୋଣିଆ ବଗିଚାରୁ ଜୋର୍ଡାନ ଦେଶର ଅମ୍ମନ ଓ ପେଟ୍ରା ମହାନଗରୀ। ବିଦେଶରେ ଓଡ଼ିଶୀ ନୃତ୍ୟର ପ୍ରସାର ଏବଂ ଓଡ଼ିଆ ସାହିତ୍ୟ, ସଂସ୍କୃତିର ପ୍ରଚାର ଉଦ୍ଦେଶ୍ୟରେ ଜୋର୍ଡାନ ଯାତ୍ରା କରିବେ ଗୁଞ୍ଜନ ଡ୍ୟାନ୍ସ ଏକାଡେମୀର ବରିଷ୍ଠ ନୃତ୍ୟଶିଳ୍ପୀ ତଥା ତିନିକୋଣିଆ ବଗିଚାର ଝିଅ ସସ୍ମିତା ପଣ୍ଡା। ନୂଆଦିଲ୍ଲୀ ସ୍ଥିତ ଇଣ୍ଡିଆନ କାଉନସିଲ ଫର କଲଚରାଲ ରିଲେଶନ(ଆଇସିସିଆର୍) ଆନୁକୂଲ୍ୟରେ ଆସନ୍ତା ୨୭ରୁ ମେ' ପହିଲା ପର୍ଯ୍ୟନ୍ତ ଅମ୍ମନ ଓ ପେଟ୍ରା ଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। କଟକର ଏକମାତ୍ର ନୃତ୍ୟଶିଳ୍ପୀ ଭାବେ ସସ୍ମିତା ଏହି କାର୍ଯ୍ୟକ୍ରମରେ ଯୋଗଦେବେ। ଏପରି କି ଆଇସିସିଆରର କାର୍ଯ୍ୟକ୍ରମରେ ଏକକ ଡ୍ୟାନ୍ସ ପ୍ରଦର୍ଶନ କରିବା କ୍ଷେତ୍ରରେ ମଧ୍ୟ ସସ୍ମିତା ନିଜ ନାମକୁ ଯୋଡ଼ିଛନ୍ତି।

ଏ ନେଇ ବୁଧବାର ସନ୍ଧ୍ୟାରେ କଟକ ମହତାବରୋଡ଼ ସ୍ଥିତ ଗୁଞ୍ଜନ ଡ୍ୟାନ୍ସ ଏକାଡେମୀ ପରିସରରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଗୁଞ୍ଜନ ଡ୍ୟାନ୍ସ ଏକାଡେମୀର ଏହା ୬୫ତମ ରାଷ୍ଟ୍ର ପରିଭ୍ରମଣ। ଏହା ପୂର୍ବରୁ ୬୪ଟି ବିଦେଶୀ ରାଷ୍ଟ୍ରରେ ଏହି ନୃତ୍ୟ ଏକାଡେମୀର ଶିଳ୍ପୀମାନେ ପ୍ରଦର୍ଶନ କରି ସାରିଛନ୍ତି। ଜୋର୍ଡାନରେ ସସ୍ମିତା ଓଡ଼ିଶୀ ଡ୍ୟାନ୍ସର ମଙ୍ଗଳାଚରଣ, ବଟୁ, ପଲ୍ଲବୀ, ଅଭିନୟ ଓ ମୋକ୍ଷକୁ ନେଇ ସୀତା-ହନୁମାନଙ୍କ କଥୋପକଥନକୁ ପ୍ରଦର୍ଶନ କରିବେ। ରାମଙ୍କ ଠାରୁ ମୁଦ୍ରିକା ନେଇ ହନୁମାନ ଅଶୋକବାଟିକାରେ ସୀତାଙ୍କୁ ଭେଟିବା ପର୍ଯ୍ୟନ୍ତ କାହାଣୀକୁ ନୃତ୍ୟ ମାଧ୍ୟମରେ ଦେଖାଇବେ ସସ୍ମିତା। ତେବେ ଏହି ନୃତ୍ୟକୁ ବେଶ୍ ସୁନ୍ଦର ଭାବେ କୋରିଓଗ୍ରାଫି କରିଛନ୍ତି ନୃତ୍ୟ ଏକାଡେମୀର ଗୁରୁ ମୀରା ଦାସ। ମୀରା ମଧ୍ୟ ସସ୍ମିତାଙ୍କ ସହ ଜୋର୍ଡ଼ାନ ଯାତ୍ରା କରିବେ। ଏହାଛଡ଼ା ମର୍ଦ୍ଦଳ ବାଦକ ସୌଭାଗ୍ୟ ନାରାୟଣ ଛୋଟରାୟ, ବଂଶୀବାଦକ ଅଭିରାମ ନନ୍ଦ, ସୀତାର ବାଦକ ପ୍ରକାଶ ଚନ୍ଦ୍ର ମହାପାତ୍ର, କଣ୍ଠଶିଳ୍ପୀ ରାଜେଶ କୁମାର ଲେଙ୍କା ମଧ୍ୟ ଯାତ୍ରା କରିବେ। ସୂଚନାଥାଉ କି, ତିନିକୋଣିଆ ବଗିଚାରେ ଜନ୍ମିତ ସସ୍ମିତା ହେଉଛନ୍ତି ଶରତ କୁମାର ପଣ୍ଡା ଓ ସୁପ୍ରିୟା ପଣ୍ଡାଙ୍କ ଝିଅ। ଖୁବ୍‌କମ ବୟସରୁ ସେ ଗୁରୁ ମୀରାଙ୍କ ନିକଟରେ ପ୍ରଶିକ୍ଷଣ ନେଉଛନ୍ତି। ଏହା ପୂର୍ବରୁ ସେ ରୋମାନିଆ, ଦୁବାଇ, ଫିଜିରେ ମଧ୍ୟ ନୃତ୍ୟ ପ୍ରଦର୍ଶନ କରିଛନ୍ତି। ସସ୍ମିତାଙ୍କୁ ମୀରା ଶୁଭେଚ୍ଛା ଜଣାଇବା ସହ ତାଙ୍କ ନିକଟରେ ଅପୂର୍ବ କଳା ଭରି ରହିଛି ବୋଲି କହିଥିଲେ। ନୃତ୍ୟ ସହ ଆତ୍ମାର ସମ୍ପର୍କ ଥିବା ସସ୍ମିତା ଖୁବ୍ ପାଖରୁ ବୁଝିଛନ୍ତି ବୋଲି ଗୁରୁ ମୀରା କହିଛନ୍ତି। ସସ୍ମିତାଙ୍କୁ ମଧ୍ୟ ବିଭିନ୍ନ ବର୍ଗରୁ ଶୁଭେଚ୍ଛା ଜଣାଯାଇଛି। ଏହି ଖବରଦାତା ସମ୍ମିଳନୀରେ ଗୁରୁ ମୀରାଙ୍କ ସମେତ ସସ୍ମିତା, ନୃତ୍ୟଶିଳ୍ପୀ ମୁନମୁନ ସିଂ, ସ୍ୱପ୍ନା ଦତ୍ତ ଉପସ୍ଥିତ ଥିଲେ।



### କଟକରୁ ଜୋର୍ଡାନ


ଜନ୍ମଦିନ ଶୁଭେଚ୍ଛା



କସ୍ତୁରୀ ଛନ୍ଦିତା ମହାନ୍ତି
ଅଶୋକନଗର, ଭୁବନେଶ୍ୱର
ତୋର ଶୁଭ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଭଲରେ ରଖନ୍ତୁ।
ଶୁଭେଚ୍ଛା ସହ:
ଜେଜେ, ଜେଜେ ମା, ବାବା, ମାମା, ଟିକିନା, ମାନସ, ନିରୁ, ମଞ୍ଜୁ, ପରିଡ଼ା, ବନ୍ଧୁ ଓ ପରିବାରବର୍ଗ। ଧ-୧୨୨୭୧

ପ୍ରଥମ ବର୍ଷ ବିବାହ ଶୁଭେଚ୍ଛା



ତନ୍ମୟ (ବାବୁ), ସସ୍ମିତା (ମାମାଲି)
ତୁମ ଦୁହିଁଙ୍କର ବୈବାହିକ ଜୀବନ ସୁଖମୟ ହେଉ। ଆଜି ତୁମର ପ୍ରଥମ ବର୍ଷ ବିବାହ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏହାହିଁ ପ୍ରାର୍ଥନା।
ଶୁଭେଚ୍ଛା ସହ:
ବଡ଼ ବାପା, ମମି, ବୋଉ, ଦାଦାଖୁଡ଼ୀ, ମଣ୍ଟୁଭାଇ, ରାଜୁ ଭାଇ, ମୋହନ ଭାଇ, କବି ଭାଉଜ, ସୁମି ଭାଉଜ, ମୁରଲୀ, ବିଶ୍ୱନାଥ, ପୂଜା, ଲିଜା ଓ ସୁଇଟି।
ଧ-୫୬୧୭୨

HAPPY BIRTHDAY



Archita Mishra (Rini)
(Founder) Admn
"24x7 ALWAYS ALERT SOCIAL GROUP"
ଜନ୍ମବାର୍ଷିକ ଅବସରରେ ଭଗବାନ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା, ଆପଣଙ୍କ ଚଲାପଥ କୁସୁମିତ ହେବା ସହିତ ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ ଏବଂ ଆପଣ ଦୀର୍ଘାୟୁ ହୁଅନ୍ତୁ। ଆପଣଙ୍କ ଆଶୀର୍ବାଦ ଆମ ସଙ୍ଗଠନ ସହିତ ଯୋଡ଼ିହୋଇ ରହୁ।
ଶୁଭେଚ୍ଛା ସହ:(କର୍ମଚାରୀବୃନ୍ଦ)
(Mob): 9861375760
ଧ-୧୨୨୨୫

1st Marriage Anniversary



Amu & Munu
At: Amuniapatna, Ps-Nimapada
Best Wishes from
Family, Friends & Relatives
D-12304


■ନାବାଳିକା ବଳାତ୍କାର ମାମଲା

# ଦୋଷୀଙ୍କୁ ୨୦ବର୍ଷ ଜେଲ

**ବାରିପଦା ଅଫିସ,୨୪।୪**

ଜଣେ ୧୫ ବର୍ଷୀୟା ନାବାଳିକାଙ୍କୁ ଜଙ୍ଗଲ ନେଇ ବଳାତ୍କାର କରିବା ମାମଲାର ବିଚାରକରି ମୟୂରଭଞ୍ଜ ଅତିରିକ୍ତ ଜିଲା ଦୌରାଜଜ(୧) ଡ. ଭି ସୁଜାତା ମୁଖ୍ୟ ଅଭିଯୁକ୍ତ ମହୁଲଡିହା ଥାନା ଭଦୁବେଡା ଜାରକା ଗ୍ରାମର ବୈଲୋଚନ ମହାନ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତାଙ୍କର ୨ ସହଯୋଗୀ ସେହି ଥାନା ଅଧୀନ ଜାରକା ଗ୍ରାମର ବୈଲୋଚନ ବେହେରା ଏବଂ ଲକ୍ଷ୍ମୀଧର ପୁରୁଷୋତ୍ତମ ମହାନ୍ତଙ୍କୁ ମଧ୍ୟ କୋର୍ଟ ଦୋଷୀ ବୋଲି ଦର୍ଶାଇଛନ୍ତି। ବୈଲୋଚନ ମହାନ୍ତଙ୍କୁ କୋର୍ଟ ୨୦ ବର୍ଷ ଜେଲଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା ପାଇଁ ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ୬ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ବୈଲୋଚନ ମହାନ୍ତଙ୍କ ଦୁଇ ସହଯୋଗୀ ବୈଲୋଚନ ବେହେରା ଓ ପୁରୁଷୋତ୍ତମଙ୍କୁ କୋର୍ଟ ୩ ବର୍ଷ ଜେଲଦଣ୍ଡ ଓ ୧ହଜାର ଟଙ୍କା ଲେଖାଏ ଜରିମାନା ଦେବାକୁ ରାୟରେ ଦର୍ଶାଇଛନ୍ତି। ଜରିମାନା ଅନାଦାୟେ ଅଧିକ ୧ମାସ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ କହିଛନ୍ତି। ୧୩ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି କୋର୍ଟ ଏହି ରାୟ ପ୍ରଦାନ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୧୫ ସେପ୍ଟେମ୍ବର ୧୧ରେ ପୀଡ଼ିତା ନାବାଳିକା ଠାକୁରମୁଣ୍ଡା ବଜାରକୁ ଏକୁଟିଆ ଯାଉଥିବା ବେଳେ ବୈଲୋଚନ ମହାନ୍ତ ତାଙ୍କର ୨ ସହଯୋଗୀ ବୈଲୋଚନ ବେହେରା ଏବଂ ଲକ୍ଷ୍ମୀଧରଙ୍କ ସହ ମିଶି ଏକ ଟେମ୍ପୋରେ ସଂପୃକ୍ତା ନାବାଳିକାଙ୍କୁ ବଳପୂର୍ବକ ନିକଟସ୍ଥ ଏକ ଜଙ୍ଗଲକୁ ନେଇ ବଳାତ୍କାର କରିଥିଲେ। ଘଟଣା ସମ୍ପର୍କରେ କାହାକୁ କହିଲେ ଜୀବନରୁ ମାରିଦେବାକୁ ସେମାନେ ଧମକ ଦେଇଥିଲେ। ସେମାନେ ନାବାଳିକାଙ୍କୁ ରାସ୍ତା କଡରେ ଛାଡି ପଳାଇଯାଇଥିଲେ। ନାବାଳିକାଙ୍କୁ ଖୋଜି ଖୋଜି ପରିବାର ଲୋକେ ତାଙ୍କୁ ଏକ ନିଛାଟିଆ ସ୍ଥାନରୁ ପାଇଥିଲେ। ଶେଷରେ ନାବାଳିକା ଏ ନେଇ ଠାକୁରମୁଣ୍ଡା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ. ୫୬/୧୫) ରୁଜୁ କରି ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

### ୨ ସହଯୋଗୀଙ୍କୁ ୩ ବର୍ଷ କାରାଦଣ୍ଡ






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ


MARUTI SUZUKI ARENA
WELCOME THIS SUMMER WITH
COOL OFFERS.
Get your new Maruti Suzuki car, this April.
Hurry!!!
Last 6 days
DZIRE
SWIFT
DZIRE SAVE UP TO ₹50,000*
SWIFT SAVE UP TO ₹45,000*
DZIRE SWIFT
E-BOOK TODAY AT WWW.MARUTISUZUKI.COM OR VISIT YOUR NEAREST MARUTI SUZUKI DEALERSHIP.
For Institutional Sales/ Bulk Deal / DGS&D/GeM Enquiries, please email at adinath.ray@maruti.co.in
LEGEND CARS
• JEYPORE: 7894442915
• BHAWANIPATNA: 7894442907
SKY AUTOMOBILES
• BERHAMPUR: 7381261000
ODYSSEY MOTORS
• SAMBALPUR: 9439018805 • BOLANGIR: 9438068327
• BARGARH: 8895094616 • NUAPADA: 8895094633
• SONEPUR: 9437421356 • JHARSUGUDA: 9439892153 • BOUDH: 8594908009
ORBIT MOTORS
• ROURKELA: 9040404444, 9040404333
• SUNDARGARH: 9437049161
• DEOGARH: 9437492369
*Terms and conditions applicable. The Terms and Conditions are subject to change without any prior notice. All offers are brought to you by Maruti Suzuki Dealers only. Offers are applicable on selected car models. Car models and accessories shown may vary from the actual product. Images used are for illustration purpose only. Savings mentioned above includes applicable consumer offer and exchange bonus and is valid till 30th April '19. Offer mentioned above is of Swift Diesel AGS and Dzire Diesel AGS. Offers as shown above may change without any prior notice.


LOVED IN 70 COUNTRIES
BAJAJ
THE WORLD'S FAVOURITE INDIAN
ଡବଲ୍ ଶଗୁନ ଅଫର
★★ କମ ମୂଲ୍ୟ
₹5 000/- ସଞ୍ଚୟ ★★
CT100 ₹33 978/-# ରୁ ଆରମ୍ଭ
Platina ₹48 358/-# ରୁ ଆରମ୍ଭ
ଫ୍ରୀ 5 ବର୍ଷର ୱାରଣ୍ଟୀ*
ଫ୍ରୀ 5 ବର୍ଷର ଓନ୍ ଡ୍ୟାମେଜ୍ ଇନ୍ସ୍ୟୋରାନ୍ସ*
ମାତ୍ର ₹2 333/- ର ଡାଉନ୍ ପେମେଣ୍ଟ ରେ**
PLATINA
ComforTec
ଝଟ୍କା ମନା
CT100
ଖୁସିର ଜ୍ୟାକ୍‌ପଟ୍
Paytm Cashback up to ₹7 000/-
Oriental insurance (Govt. of India Undertaking)
IFFCO-TOKIO GENERAL INSURANCE Muskurate Raho
bharti AXA suraksha ka naya nazariya
Download BAJAJ CARE App Now!
Call 7219821111 or visit : www.bajajauto.com/doubleshagun | For Institutional / Bulk orders, please send an e-mail to corporatesales@bajajauto.co.in | Offer valid till 30th April 2019.
#ଏକ୍ସ ଶୋରୁମ୍ ଓଡ଼ିଶା ମୂଲ୍ୟ CT100 KS ସ୍ପୋକ୍ CBS ଓ Platina 100 ES ସକାଶେ । *ସର୍ତ୍ତ ଓ ନିୟମାବଳୀ ଲାଗିବ । ଫ୍ରୀ 5 ବର୍ଷର ଓନ୍ ଡ୍ୟାମେଜ୍ ଇନ୍ସ୍ୟୋରାନ୍ସ CT100 ES, CT100 KS ଆଲୟ, Platina 100 ES ଆଉ Platina 110 ସକାଶେ ମିଳୁଛି, କେବଳ ବଛା ବଛା ପ୍ରଦେଶରେ । ଫ୍ରୀ 5 ବର୍ଷର ୱାରଣ୍ଟୀ ଯାବତୀୟ ବଜାଜ ବାଇକ୍ ସକାଶେ ସବୁ ପ୍ରଦେଶରେ ମିଳୁଛି । ବିଶଦ ବିବରଣୀ ପାଇଁ ଦେଖନ୍ତୁ www.bajajauto.com/doubleshagun । ବିନା ପୂର୍ବ ସୂଚନାରେ ଯେକୌଣସି ବା ସମସ୍ତ ଅଫରକୁ ସଂଶୋଧନ କରିବାର ବା କାଢ଼ିନେବାର ଅଧିକାର ବଜାଜ ଅଟୋ ସଂରକ୍ଷିତ ରଖୁଛି । ତୃତୀୟ ପକ୍ଷ ବୀମା ଓ ବାଧ୍ୟତାମୂଳକ ପର୍ସନାଲ୍ ଆକ୍ସିଡେଣ୍ଟ କଭର୍ ମାଗଣା ବୀମା ଅଫର୍ ଅନ୍ତର୍ଭୁକ୍ତ ନୁହେଁ । ଇନ୍ସ୍ୟୋରର୍ ମାନଙ୍କ ସୂଚୀ ନିର୍ଦ୍ଦେଶକ ଅଟେ, ଯାହା ପ୍ରତି ବିକ୍ରେତା ଡୀଲର୍‌ଙ୍କ ଠାରେ ଭିନ୍ନ ହୋଇପାରେ । ଉଦ୍ଧୃତ ବୀମା ସଞ୍ଚୟ ରାଶି ବିକ୍ରେତା ଡୀଲର୍ ବା ଇନ୍ସ୍ୟୋରର୍ ମାନଙ୍କ ମଧ୍ୟରେ ଭିନ୍ନ ହୋଇପାରେ । ବଜାଜ ଅଟୋ କୌଣସି ପ୍ରକାରର ବୀମା ପଲିସୀ ବିକ୍ରୀରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ସମ୍ପୃକ୍ତ ନୁହେଁ । ପେଟିଏମ୍ ଅଫର୍ ପେଟିଏମ୍ ତଥା ସମ୍ବନ୍ଧିତ ଡୀଲର୍ ଙ୍କ ସର୍ତ୍ତ ଓ ନିୟମାବଳୀ ଉପରେ ନିର୍ଭର କରେ । ପେଟିଏମ୍ ଅଫର୍ କେବଳ ବଛା ବଛା ଉତ୍ପାଦ ଓ ବଛା ବଛା ଡୀଲର୍‌ଶିପ୍ ଠାରେ ପ୍ରଯୁଜ୍ୟ । ପେଟିଏମ୍ ଅଫର୍ ମିଳିବା ଡୀଲର୍‌ଙ୍କ ବିବେଚନା ଉପରେ ନିର୍ଭର କରେ । **ଫାଇନାନ୍ସିଅର୍ ଙ୍କ ନିଜସ୍ୱ ବିବେଚନା ଉପରେ ଫାଇନାନ୍ସ ନିର୍ଭର କରେ । ପ୍ରୋସେସିଙ୍ଗ ଫୀସ୍ ଅତିରିକ୍ତ ।
Authorised Dealers for Bajaj Auto Ltd.: Sambalpur: UJJWAL BAJAJ 9853155550 • Rourkela: RM BAJAJ 90780 83803 • Baragrh CHANDAN BAJAJ 7381415555 • Bolangir URBASI BAJAJ 7381052046 • Bhawanipatna KALINGA BAJAJ 8895088261 • Jharsuguda UTKAL BAJAJ 7205535008. Authorised Service Centre: Binika 9437151684, Dunguripali 9937006819, Boudh 7504990900, Kuchinda 9437392099, Titilagarh 9437224027, Patnagarh 9937301752, Kantabanji 9439277555, Padampur 9437417977, Gaisilet 9937517018, Barpali 9861368656, Junagarh 9437092196, Muniguda 9437459090, Rajkhariar 9437072917, Udyanbandh 9556386416, Khariar Road 9437188542, Brajrajnagar 9437050949, Bamara 9937108643, Bagdhi 7873430989,Kuchinda 9437392099, Deogarh 9437020444, Rajgangpur 8908908901, Ujjwalpur 9178463828, Diptipur- 7750039856, Godbhaga – 9937514987, Saintala-8114662939 / 9658030100, Kesinga- 6371162632.

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୨୫ ଏପ୍ରିଲ ୨୦୧୯



ପ୍ରତ୍ୟେକ ମନୁଷ୍ୟ ଭଗବାନଙ୍କ ଦୃଷ୍ଟିରେ ସମାନ। ସୁତରାଂ ସମାନତା ପାଇଁ ଦେଶ ଓ ବର୍ଣ୍ଣର ଭେଦ ରହିବା ଉଚିତ ନୁହେଁ।
-ସ୍ୱାମୀ ଦୟାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ

**ପୁରୁଣାକଟକ, ୨୪।୪(ଡି.ଏନ.ଏ):** ହରଭଙ୍ଗା ବ୍ଲକ ପୁରୁଣାକଟକ ଥାନା ଅନ୍ତର୍ଗତ ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ ଜାତୀୟ ରାଜପଥର ପୁରୁଣାକଟକ ସତ୍‌ସଙ୍ଗ ନିକଟରେ ବୁଧବାର ଏକ ଅଜଣା ଗାଡି ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନୟାଗଡ ଜିଲା ଚାହାଲି ଅଞ୍ଚଳର ବାପି ପଟ୍ଟନାୟକ (୪୦)। ଗତ କିଛିଦିନ ହେଲା ସେ ପୁରୁଣାକଟକ ଅଞ୍ଚଳରେ ରହି ଇଲେକ୍ଟ୍ରିକ ଜିନିଷ ମରାମତି କାମ କରୁଥିଲେ। ବୁଧବାର ରାତିରେ ସେ ପୁରୁଣାକଟକ ପଟୁ ଏକ ସାଇକେଲ ଯୋଗେ ବଡବନ୍ଧ ଆଡକୁ ଯାଉଥିଲେ। ଏହି ସମୟରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ପୁରୁଣାକଟକ ପୋଲିସ ମୃତଦେହ ଜବତ କରିବା ସହ ଦୁର୍ଘଟଣା ଘଟାଇଥିବା ଗାଡିକୁ ଧରିବା ପାଇଁ ଛାନଭିନ ଚଳାଇଛି।

### ବିଜୟ ସଂକଳ୍ପ ସଭା

**ବିଶୋଇ,୨୪।୪(ଡି.ଏନ.ଏ.) :** ସାରସକଣା ନିର୍ବାଚନ ମଣ୍ଡଳୀ ବିଜାତଳା ବ୍ଲକ ଅନ୍ତର୍ଗତ ରାଇହରି ମିନି ଷ୍ଟାଡିୟମ ପଡିଆ ଠାରେ ବିଜେପି ପକ୍ଷରୁ ବିଜୟ ସଂକଳ୍ପ ସଭା ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ମୟୂରଭଞ୍ଜ ସାଂସଦ ପ୍ରାର୍ଥି ଇଂ ବିଶେଶ୍ୱର ଟୁଡୁ ଯୋଗଦେଇଥିଲେ। ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଭାପତି ସଞ୍ଜୀବ ମାହାନ୍ତିଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜେପିର ସାରସକଣା ବିଧାୟକ ପ୍ରାର୍ଥୀ ଡ଼. ବୁଦାନ ମୁର୍ମୁ, ୩୩ ଓ ୩୪ ନଂ ଯୋନ ଜିଲ୍ଲାପରିଷଦ ସଦସ୍ୟ ନାନୀକା ନାଏକ ଓ ଗୁରୁବା ମୁର୍ମୁ, ବଂଶୀଧର ଦାସ, କୁତୁଲୁ ହାଁସଦା, ଅମଦ ମହାନ୍ତ, ଧୀରେନ ମହାନ୍ତ, ସର୍ୱରାଜ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

### 'ଓଡ଼ିଶାର ବିକାଶରେ ଡବଲ ଇଞ୍ଜିନର ଭୂମିକା ଗୁରୁତ୍ୱପୂର୍ଣ୍ଣ

**କୁଆମରା, ୨୪।୪(ଡି.ଏନ.ଏ.):** ଓଡ଼ିଶାର ବିକାଶ ରୂପକ ଗାଡିରେ ଡବଲ ଇଞ୍ଜିନର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିବାରୁ ଏଥି ପାଇଁ ଓଡ଼ିଶାବାସୀ ସହାୟକ ହୁଅନ୍ତୁ ବୋଲି କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ଉଦଳା ନିର୍ବାଚନ ମଣ୍ଡଳୀ ଗୋପବନ୍ଧୁନଗର ବ୍ଲକ ପୁରୁଣା ବାରିପଦା ଠାରେ ଅନୁଷ୍ଠିତ ସଭାରେ ଆହ୍ୱାନ ଦେଇଛନ୍ତି। ୨୦ ବର୍ଷ ଶାସନ ମଧରେ ଓଡ଼ିଶା ଆଗେଇ ନପାରି ଯଥା ପୂର୍ବଂ ତଥା ପରଂ ହୋଇ ରହିଥିବାର କହିଥିଲେ। ଯେଉଁ ଠାରେ ଛାତ୍ର ଛାତ୍ରୀ ଅଛନ୍ତି ସେଠାରେ ଶିକ୍ଷକ ନାହାନ୍ତି, ଡାକ୍ତରଖାନା ଅଛି ଡାକ୍ତର ନାହାନ୍ତି ଏଣୁ ଲୋକେ ସୁବିଧା ପାଉ ନାହାଁନ୍ତି। ଏଣୁ ରାଜ୍ୟ ଓ ଦେଶର ପ୍ରଗତି ପାଇଁ ବିଜେପିକୁ ଶାସନ କ୍ଷମତାରେ ବସାଇବା ପାଇଁ ସେ ଅନୁରୋଧ କରିଥିଲେ। ଉଦଳାର ବିକାଶ ଓ ସମୃଦ୍ଧି ଆଣିବା ପାଇଁ ବିଧାନସଭା ପ୍ରାର୍ଥୀ ଭାସ୍କର ଚନ୍ଦ୍ର ମଢେଇ ଓ ଲୋକସଭା ପ୍ରାର୍ଥୀ ବିଶେଶ୍ୱର ଟୁଡୁଙ୍କୁ ବିଜୟୀ କରିବାକୁ ଆହ୍ୱାନ ଦେଇଥିଲେ। ଏଥିରେ ସହସ୍ରାଧିକ ଜନ ଜନସମାଗମ ଦେଖିବାକୁ ମିଳିଥିଲା। ସଭାରେ ସୌଭାଗ୍ୟ ସାହୁ ଅଧକ୍ଷତା କରିଥିଲେ। ସୁନିଲ ଦାସ, ନିହାର ରଞ୍ଜନ ମୋଦି, ଭାସ୍କର ଚନ୍ଦ୍ର ମଢେଇ, ପ୍ରଭାତ କୁମାର ପରିଡା, ବିଶ୍ୱ ରଞ୍ଜନ ମୋଦି, ମମତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ତରଭା ପୂର୍ବତନ ବ୍ଲକ ଅଧକ୍ଷଙ୍କ ମାତୃ ବିୟୋଗ

**ତରଭା,୨୪।୪(ଡି.ଏନ.ଏ.):** ତରଭା ବ୍ଲକ ସରଗଜ ପଞ୍ଚାୟତର ପୂର୍ବତନ ବ୍ଲକ ଅଧକ୍ଷ ନବୀନ ଚନ୍ଦ୍ର ମିଶ୍ରଙ୍କ ମା' ତଥା ପୂର୍ବତନ ସରପଞ୍ଚ ସ୍ୱର୍ଗତ ଗିରଶ ଚନ୍ଦ୍ର ମିଶ୍ରଙ୍କ ସ୍ତ୍ରୀ ରାଶେଶ୍ୱରୀ ମିଶ୍ର(୯୧)ଙ୍କ ବୁଧବାର ପରଲୋକ ହୋଇଯାଇଛି। ସେ କିଛିଦିନ ହେଲା ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ହୋଇ ଶଯ୍ୟାସାୟୀ ଥିଲେ। ତାଙ୍କର ମୃତ୍ୟୁ ସମୟରେ ପୁଅ ନବୀନ, ନିର୍ମଳ ଚନ୍ଦ୍ର ମିଶ୍ର, ସୁବାଷ ଚନ୍ଦ୍ର ମିଶ୍ର, ବିମଳ ଚନ୍ଦ୍ର ମିଶ୍ର, ବିଭାଷ ଚନ୍ଦ୍ର ମିଶ୍ରଙ୍କ ସହ ପୁତ୍ରବଧୂ, ନାତିନାତୁଣୀ ଉପସ୍ଥିତ ଥିଲେ। ସ୍ଥାନୀୟ ଶ୍ମଶାନରେ ତାଙ୍କର ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ ହୋଇଥିଲା। ପୁଅ ବିମଳ ଚନ୍ଦ୍ର ମିଶ୍ର ମୁଖାଗ୍ନି ଦେଇଥିଲେ। ସେ ଜଣେ ଧର୍ମ ପରାୟଣା, ମିଷ୍ଟଭାଷୀ, ମିଳାତି ଓ ପରୋପକାରୀ ମହିଳା ଥିଲେ। ତାଙ୍କର ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ମେ ମାସରୁ ରବି ଧାନ କିଣା

**ସୋନପୁର,୨୪।୪(ନି.ପ୍ର.)**



**ସୁବର୍ଣ୍ଣପୁର ଜିଲା**
- ୩୮ ମିଲର୍ସଙ୍କ ଉପରେ ୨.୨୧ ଲକ୍ଷ କୁଇଣ୍ଟାଲ ଚାଉଳ ବାକି
- ଗୋଦାମ ଭର୍ତ୍ତି, ସଂଗ୍ରହ ହୋଇପାରୁନି ଚାଉଳ

ସୁବର୍ଣ୍ଣପୁର ଜିଲାରେ ଆସନ୍ତା ମେରୁ ଜୁନ୍ ମାସ ୩୦ ତାରିଖ ପର୍ଯ୍ୟନ୍ତ ରବି ଧାନ କିଣା ଯିବ। ଏଥି ସକାଶେ ଜିଲାପାଳ ମଧୁସୂଦନ ମିଶ୍ର ଆସନ୍ତା ୨୬ ତାରିଖରେ (ଡିଏଲପିସି) ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଆହ୍ୱାନ କରିଛନ୍ତି। ବର୍ଷା ଋତୁ ପୂର୍ବରୁ କିଭଳି ଚାଷୀଙ୍କଠାରୁ ବଳକା ଧାନ ସୁରୁଖୁରୁରେ କିଣାଯିବ ବୈଠକରେ ବିଶଦ ଆଲୋଚନା କରାଯିବ। ତେବେ ସରକାରୀସ୍ତରରେ ବିଫଳତା ଯୋଗୁ ଜିଲାରେ କଷ୍ଟମ ମଲିଂ ଚାଉଳ ସଂଗ୍ରହ ହୋଇପାରୁନି। ସରକାରୀ ତଥ୍ୟ ଅନୁଯାୟୀ ଗତ ୨୩ ତାରିଖ ସୁଦ୍ଧା ଜିଲାର ୩୮ ମିଲର୍ସଙ୍କ ଉପରେ ୨ ଲକ୍ଷ ୨୧ ହଜାର ୫୨୮ କୁଇଣ୍ଟାଲ ଚାଉଳ ବକେୟା ରହିଛି। ଜିଲାରେ ଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଗୋଦାମଗୁଡିକରେ ସ୍ଥାନାଭାବ ଯୋଗୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ଏହି ଜିଲାରେ ଅଧିକ ଧାନ ଉତ୍ପାଦନ ହୋଇଥାଏ। ଚାଷୀଙ୍କଠାରୁ ସଂଗୃହୀତ ଧାନକୁ ମିଲିଂ କରି ବାହାର ଜିଲା ଓ ରାଜ୍ୟକୁ ସରକାର ପଠାଇଥାନ୍ତି। କିନ୍ତୁ ଚାଉଳ ବାହାରକୁ ଯାଉ ନ ଥିବାରୁ ଜିଲାର ୫ଟି ଗୋଦାମ ଭର୍ତ୍ତି ହୋଇ ରହିଛି। ଆଉ ୬ ଦିନ ଭିତରେ ମିଲର୍ସଙ୍କଠାରୁ ଶତ ପ୍ରତିଶତ କଷ୍ଟମ ମିଲିଂ ଚାଉଳ ସଂଗ୍ରହ ହୋଇ ନ ପାରିଲେ ରବି ଧାନ କିଣାରେ ବାଧା ଉପୁଜିବ ବୋଲି ଆଶଙ୍କା ପ୍ରକାଶ ପାଇଛି।

୨୦୧୮-୧୯ ଖରିଫରେ ଏହି ଜିଲାରୁ ୩୦ ଲକ୍ଷ ୭୨ ହଜାର ୬୬୫ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଥିଲା। ସୁବର୍ଣ୍ଣପୁର ଜିଲାର ୪୧ଟି ମିଲର ଓ ବଲାଙ୍ଗୀର ଜିଲାର ୨୦ଟି ମିଲର ଏହି ଧାନ ନେଇଥିଲେ। ସରକାରଙ୍କ ନିୟମ ଅନୁଯାୟୀ ସୁବର୍ଣ୍ଣପୁର ଜିଲାର ମିଲର୍ସମାନେ ଏପ୍ରିଲ ୩୦ ତାରିଖ ସୁଦ୍ଧା ମିଲିଂ କରି ୧୭ ଲକ୍ଷ ୭୦ ହଜାର ୬୯୩ କୁଇଣ୍ଟାଲ ଚାଉଳ ସରକାରଙ୍କୁ ଦେବା କଥା। କିନ୍ତୁ ମଙ୍ଗଳବାର ସୁଦ୍ଧା ଜିଲାର ମିଲର୍ସ ଏଫସିଆଇ ଗୋଦାମକୁ ୮ ଲକ୍ଷ ୨୧ ହଜାର ୨୪୧ କୁଇଣ୍ଟାଲ ଓ ଆରଆରସି ଗୋଦାମକୁ ୭ ଲକ୍ଷ ୨୭ ହଜାର ୯୨୩ କୁଇଣ୍ଟାଲ ଚାଉଳ ଦେଇଛନ୍ତି। ଆହୁରି ୨ ଲକ୍ଷ ୨୧ ହଜାର ୫୨୮ କୁଇଣ୍ଟାଲ କଷ୍ଟମ ମିଲିଂ ଚାଉଳ ଦେବାକୁ ଅଛି। କେବଳ ଅଙ୍କୁର ରାଇସ୍ ମିଲ ଖଲିଆପାଲି, ରାଣୀସତୀ ଏଗ୍ରୋ ପାଣିସିଆଲି ଓ ମା ସମଲେଶ୍ୱରୀ ରାଇସ ମିଲ ବିନିକା ସରକାରଙ୍କୁ ଶତ ପ୍ରତିଶତ ଚାଉଳ ଦେଇଛନ୍ତି। ଅନ୍ୟ ମିଲର୍ସମାନେ କଷ୍ଟମ ମିଲିଂ ଚାଉଳ ଦେବାକୁ ପ୍ରସ୍ତୁତ। କିନ୍ତୁ ଗୋଦାମ ଖାଲି ନାହିଁ। ଏପଟେ ସରକାରଙ୍କ ଧାର୍ଯ୍ୟ ସମୟ ସରି ଆସୁଛି। ଚାଉଳ ସଂଗ୍ରହ ହୋଇ ପାରୁ ନ ଥିବାରୁ ପ୍ରଶାସନକୁ ଚିନ୍ତା ଘାରିଲାଣି। ସୁବର୍ଣ୍ଣପୁର ଜିଲାର ସୋନପୁରସ୍ଥିତ ବାବୁପାଲିରେ ୧ ଲକ୍ଷ କୁଇଣ୍ଟାଲ ଚାଉଳ ସଂରକ୍ଷଣ ସକାଶେ ଏଫସିଆଇର କେନ୍ଦ୍ରୀୟ ପଣ୍ୟାଗାର ରହିଛି। ସେହିପରି ବାବୁପାଲିରେ ରାଜ୍ୟ ସରକାରଙ୍କ ୧ ଲକ୍ଷ କୁଇଣ୍ଟାଲ ଚାଉଳ ସଂରକ୍ଷଣ କ୍ଷମତା ବିଶିଷ୍ଟ ଗୋଦାମ, ସୋନପୁର ଚାଉଳ ସଂଗ୍ରହ କେନ୍ଦ୍ର-୨ରେ ୨୫ ହଜାର କୁଇଣ୍ଟାଲ, ପଣ୍ଡକିଟାଲରେ ୨୦ ହଜାର କୁଇଣ୍ଟାଲ ଓ ଅରିଗାଁରେ ୫୦ ହଜାର କୁଇଣ୍ଟାଲ ଚାଉଳ ସଂରକ୍ଷଣ କ୍ଷମତା ବିଶିଷ୍ଟ ଗୋଦାମ ରହିଛି। ଏହି ସବୁ ଗୋଦାମରେ ଚାଉଳ ଭର୍ତ୍ତି ହୋଇ ରହିଛି। ଅନ୍ୟପକ୍ଷେ ସରକାରଙ୍କ ନିୟମ ଅନୁଯାୟୀ ଶତ ପ୍ରତିଶତ କଷ୍ଟମ ରାଇସ୍ ଜମା କରିଥିବା ଓ ଅଗ୍ରୀମ ସିକ୍ୟୁରିଟି ଜମା କରିଥିବା ମିଲର୍ସ ହିଁ ଧାନ କିଣା ପ୍ରକ୍ରିୟାରେ ଭାଗ ନେଇ ପାରିବେ। ତେଣୁ ଗୋଦାମ ଖାଲି ନ ହେଲେ ଧାନ ସଂଗ୍ରହ ନୀତି ଅନୁଯାୟୀ ଅଧିକାଂଶ ମିଲର୍ସ ଚଳିତ ଧାନ କିଣାରେ ଅଂଶ ଗ୍ରହଣ କରି ପାରିବେ ନାହିଁ। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ବିବେକାନନ୍ଦ କୋରକରା କୁହନ୍ତି, ଜିଲାରେ ୮୭.୪୯% କଷ୍ଟମ ମିଲିଂ ଚାଉଳ ସଂଗ୍ରହ ସରିଛି। ଗୋଦାମରେ ସ୍ଥାନ ଅଭାବ ଯୋଗୁ ମିଲର୍ସଙ୍କ ନିକଟରୁ କଷ୍ଟମ ମିଲିଂ ଚାଉଳ ସଂଗ୍ରହ ହୋଇପାରୁନି। ଏ ସମ୍ପର୍କରେ ସରକାରଙ୍କୁ ଲିଖିତ ଓ ମୌଖିକ ଭାବେ ବାରମ୍ବାର ଜଣାଯାଇଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ଚାଉଳ ଦେବା ପାଇଁ ମିଲର୍ସଙ୍କୁ ତାଗିଦ୍ କରାଯାଇଛି।



ଲୁଚାବନ୍ଧ ଗ୍ରାମରେ ମଙ୍ଗଳବାର ରାତି ସୀତାଚୋରି ଗୀତାଭିନୟ ପରିବେଷଣ ଅବସରରେ ଗୁରୁ ଉମେଶ ଦେହୁରୀଙ୍କ ସହ କଳାକାରବୃନ୍ଦ।

ଅତୁଟ ରହିଛି ଲୀଳା ନାଟକର ଭାବଧାରା

# ଭ୍ରାମ୍ୟମାଣ ଆସରରେ ମଞ୍ଚସ୍ଥ ହେଉଛି ରାମଲୀଳା

**ବୀରମହାରାଜପୁର,୨୪।୪(ଡି.ଏନ୍.ଏ)**

ଦୀର୍ଘ ୪୭ ବର୍ଷଧରି ଲୀଳା ନାଟକର ଭାବଧାରା ଅତୁଟ ରଖି ଆସିଛନ୍ତି ବୀରମହାରାଜପୁର ବ୍ଲକ ମେଣ୍ଡାମାଳ ଗ୍ରାମର ଗୁପ୍ତେଶ୍ୱର ରାମଲୀଳା ନାଟ୍ୟ ସଂସଦ। ତେବେ ୧୪ ବର୍ଷ ଧରି କଳାକାରମାନେ ନିଷ୍ଠାରେ ରହି ପ୍ରଭୁଙ୍କ ଆରାଧନା କରିବା ସହ ରାମାୟଣର କଥାବସ୍ତୁକୁ ନାଟ୍ୟାଭିନୟ ମାଧ୍ୟମରେ ପରିବେଷଣ କରି ଆସୁଛନ୍ତି। ଚଳିତ ବର୍ଷ ଏହାର ୧୪ ବର୍ଷ ପୂର୍ତ୍ତି ଉପଲକ୍ଷେ ନାଟ୍ୟ ସଂସଦ ଆରମ୍ଭ କରିଛି ଏକ ନିଆରା ପରମ୍ପରା। ରାମନବମୀଠାରୁ ରାମଲୀଳା ପରିବେଷଣର ଶୁଭାରମ୍ଭ ହୋଇଥିଲେ ସୁଦ୍ଧା ସୀତା ବନବାସ ପରେ ସଂସଦର କଳାକାରମାନେ ବିଭିନ୍ନ ଗାଁକୁ ଯାଇ ସନ୍ଧ୍ୟାରେ ନାଟକ ମଞ୍ଚସ୍ଥ କରୁଛନ୍ତି। ଏହି କ୍ରମରେ ଉଲୁଣ୍ଡା ବ୍ଲକର ଜୟପୁର, ଜମ୍ବାଲିପାଲି ଏବଂ ବୀରମହାରାଜପୁର ବ୍ଲକର ଲୁଚାବନ୍ଧ ଗ୍ରାମରେ ରାମଲୀଳା ନାଟକ ମଞ୍ଚସ୍ଥ ହୋଇଛି। ମଙ୍ଗଳବାର ରାତିରେ ଲୁଚାବନ୍ଧ ଗ୍ରାମରେ ପରିବେଷଣ କରାଯାଇଥିବା ଗୀତାଭିନୟ ସୀତାଚୋରି ବିଶେଷ ହୃଦୟସ୍ପର୍ଶୀ ହୋଇଥିଲା। ଗ୍ରାମବାସୀ ବିଳମ୍ବିତ ରାତି ପର୍ଯ୍ୟନ୍ତ ଉପଭୋଗ କରିଥିଲେ। ରାମାୟଣର କଥାବସ୍ତୁ ଉପରେ ଆଧାରିତ ଏହି ପ୍ରମୁଖ ଅଧ୍ୟାୟରେ ଅରକ୍ଷିତ ସେଠୀ ରାବଣ ଭୂମିକାରେ ଅଭିନୟ କରିଥିବା ବେଳେ ଅନ୍ୟ ଚରିତ୍ରମାନଙ୍କୁ ରୂପ ଦେଇଥିଲେ ସୁବାସ ଦେହେରୀ(ରାମ), ଅରକ୍ଷିତ ଦେହୁରୀ (ଲକ୍ଷ୍ମଣ), ବିଜୁ କର୍ଣ୍ଣ (ସୀତା), ଲକ୍ଷ୍ମଣ ପାତ୍ର (ମାରିଚ), ସୁରନ୍ଦ୍ର ରାଉତ (ସୁର୍ପଣଖା), ବୀରବର ଖଣ୍ଡଗିରି (ଜଟାୟୁ), ବିଶିକେଶନ (ହନୁମାନ), ବାସୁଦେବ ଖଣ୍ଡଗିରି, ସନାତନ ମେହେର, ଚୈତନ୍ୟ ପଧାନ, ସାମନ୍ତ ପାତ୍ର ଓ କେଷବ ପାତ୍ର ପ୍ରମୁଖ। ଉକ୍ତ ନାଟକ ପର୍ଯ୍ୟାୟ କ୍ରମେ ପରିବେଷିତ ହୋଇ ଲଙ୍କା ବିଜୟ ଏବଂ ରାମାଭିଷେକରେ ଶେଷ ହେବ। ୧୯୭୨ରେ ଏହି ଗ୍ରାମରେ ପ୍ରଥମ କରି ରାମଲୀଳା ଶୁଭାରମ୍ଭ ହୋଇଥିଲା ଏବଂ ଆଜି ପର୍ଯ୍ୟନ୍ତ ତାହା ଅତୁଟ ରହିଆସିଛି। ଲୀଳା ନାଟକ କ୍ଷେତ୍ରରେ ଜଣାଶୁଣା ନାଟ୍ୟ ନିର୍ଦ୍ଦେଶକ ସ୍ୱର୍ଗତ ସୁଦର୍ଶନ ହୋତା ଏହାର ନିର୍ଦ୍ଦେଶନା ଭାର ଗ୍ରହଣ କରିଥିବା ବେଳେ ପରବର୍ତ୍ତୀ ପୀଢିଙ୍କୁ ଏହି ଗାଁର ଉମେଶ ଚନ୍ଦ୍ର ଦେହୁରୀ ନିର୍ଦ୍ଦେଶନା ଦେଇ ଚାଲିଛନ୍ତି।

ଅନ୍ତର୍ଡାରେ ଝାଡାବାନ୍ତି ବ୍ୟାପୁଛି

# ହରିଜନପଡ଼ାରେ ପହଞ୍ଚିଲେ ଡାକ୍ତରୀ ଦଳ

**ତରଭା,୨୪।୪(ଡି.ଏନ.ଏ.)**



ଅନ୍ତର୍ଡା ଗ୍ରାମର ହରିଜନପଡାରେ ଅନୁଷ୍ଠିତ ସଚେତନତା ସଭା।

ତରଭା ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ଅନ୍ତର୍ଡା ଗ୍ରାମର ହରିଜନପଡାରେ ଝାଡାବାନ୍ତି ବ୍ୟାପିବାରେ ଲାଗିଛି। ଏନେଇ ବୁଧବାର ସୋନପୁର ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ସରୋଜ କୁମାର ନାୟକଙ୍କ ନିର୍ଦ୍ଦେଶ କ୍ରମେ ଏକ ଡାକ୍ତରୀ ଦଳ ହରିଜନପଡାରେ ପହଞ୍ଚି ଝାଡାବାନ୍ତି ଆକ୍ରାନ୍ତଙ୍କ ପରିସ୍ଥିତି ଅନୁଧ୍ୟାନ କରିଥିଲେ। ଏପରି କି ବାସି ଖାଦ୍ୟ ନ ଖାଇବାକୁ ପଡାବାସୀଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ପ୍ରକାଶ ଯେ, ୮ଦିନ ତଳେ ଗ୍ରାମର ତେଜ ତାଣ୍ଡିଙ୍କ ଝିଅ ବାହାଘର ହୋଇଥିଲା। ମଙ୍ଗଳବାର ଆଠମଙ୍ଗଳାର ପୂଜାପରେ ଅପରାହ୍ନରେ ହରିଜନପଡାର ଶିଶୁମାନଙ୍କୁ ଡାକି ବାଲଭୋଗର ଆୟୋଜନ କରାଯାଇଥିଲା। ସେତିକିବେଳେ ବାହାଘରର ୮ଦିନର ବାସି ମିଠା ବଣ୍ଟନ କରାଯାଇଥିଲା। ଏହା ଖାଇ ୩୩ ଶିଶୁଙ୍କ ସମେତ ୫ଜଣ ବୟସ୍କ ବ୍ୟକ୍ତି ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ତାଙ୍କୁ ତୁରନ୍ତ ତରଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ୧୪ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ବୁଧବାର ଏକ ଡାକ୍ତରୀଦଳ ଅନ୍ତର୍ଡା ହରିଜନପଡ଼ାରେ ପହଞ୍ଚି ସ୍ଥିତି ଅନୁଧାନ କରି ସୋନପୁର ସିଡିଏମ୍‌ଓଙ୍କୁ ଏକ ରିପୋର୍ଟ ପ୍ରଦାନ କରିଥିବା ସୂଚନା ମିଳିଛି। ଡାକ୍ତରୀ ଦଳରେ ଡ.ବିବେକା ନନ୍ଦ ପଣ୍ଡା, ଡ. ସୁଜାତା ନନ୍ଦ, ସିଡିପିଓ ସବିତା ଦୋରା, ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ କୁମାର ସାହୁ, ନାରାୟଣ ରଥ, ଶତ୍ରୁଘ୍ନ ଦଳବେହେରା, ସଙ୍ଗୀତା ମେହେର, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଚାନ୍ଦିନୀ ମେହେର ପ୍ରମୁଖ ସାମିଲ ଥିଲେ।

### ବିଜେଡି ପକ୍ଷରୁ ନୂତନ ପଞ୍ଚାୟତ କାର୍ଯ୍ୟକାରୀ ସଭାପତି ନିଯୁକ୍ତ

**ବେତନଟୀ, ୨୪।୪ (ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ଅଧୀନରେ ଥିବା ରଘୁପୁର ସମେତ ଅଧିକାଂଶ ପଞ୍ଚାୟତରେ ନୂତନ କାର୍ଯ୍ୟକାରୀ ସଭାପତି ନିଯୁକ୍ତି ପ୍ରଦାନ କରାଯାଇଛି। ବଡସାହି ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ବୃନ୍ଦାବନ ଦାସଙ୍କ ପରାମର୍ଶ କ୍ରମେ ବିଜେଡି ସଂଗଠନ ପକ୍ଷରୁ ଏସବୁ ନିଯୁକ୍ତି ଦିଆଯାଇଛି। ପୂର୍ବରୁ ପ୍ରତି ପଞ୍ଚାୟତରେ ସଭାପତି ପଦରେ ନିଯୁକ୍ତି ଦିଆଯାଇଥିଲା। ସଭାପତିମାନଙ୍କୁ ସହଯୋଗ କରିବା ଲାଗି ସଂଗଠନ ପକ୍ଷରୁ ସର୍ବସମତି କ୍ରମେ ଏହି ନିଯୁକ୍ତି କାର୍ଯ୍ୟକାରୀ କରାଯାଇଛି ବୋଲି ରଘୁପୁର ପଞ୍ଚାୟତର କାର୍ଯ୍ୟକାରୀ ସଭାପତି ତଥା ବରିଷ୍ଠ ବିଜେଡି କର୍ମୀ ମହେଶ୍ୱର ଦାସ ସୂଚନା ଦେଇଛନ୍ତି।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ। ଆଜି ହିଁ ସଂମ୍ପର୍କ କରନ୍ତୁ
Mysore, Karnataka 570001
Call or SMS Now
7895985440

ASTROLOGY ASTROLOGY

FINANCE FINANCE

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଇ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ମିଳିବ। ସୁଧ 1%
:ADDRESS:
C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

ଋଣ ଋଣ ଋଣ
ବିଏଫ୍‌ସି ଫାଇନାନ୍ସ
୧ରୁ ୫୦ ଲକ୍ଷର ଋଣ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବିଜ୍‌ନେସ୍, କୃଷି, ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା ପାଳନ, ଇଟା ଭାଟି, ଆଧାର କାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ଏବଂ ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
25 ବର୍ଷ ଧରି ଆପଣଙ୍କ ସେବାରେ
CAPITAL FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା
ମାର୍କଶିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
ସୁଧ 2% - ରିହାତି 40%
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
କାମ ଆମର - ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
9499437218
House No.2, Ram Nagar, Narnol, Haryana

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ।
୨% ସୁଧ ୪୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph-7739216167
9973805993

ମହୁମାଛି ଚାଷ
ମହୁମାଛି ଚାଷ କରିବା ପାଇଁ ଆଗ୍ରହୀ ଫାର୍ମ ହାଉସ୍ ମାଲିକମାନଙ୍କ ପାଇଁ ଉଦ୍ଦିଷ୍ଟ, (ସରକାରୀ ପ୍ରୋତ୍ସାହନ ଉଦ୍ଦିଷ୍ଟ 40%)
ଯୋଗାଯୋଗ:
8763499150
OMM HONEY

BUSINESS BUSINESS

!!ଋଣ ଋଣ ଋଣ!!
ଗୁରୁ କୃପା ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ
୧,୦୦,୦୦୦-୯୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଗେ ଆସନ୍ତୁ ଆଗେ ପାଆନ୍ତୁ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍ଚର୍, ଭାଟି, ସମସ୍ତ ଋଣ ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
Toll Free
9115871031
Add. : T-51, Gali No. 8, Gautampuri, Delhi

GOLD CASH
AN ISO 9001:2015 CERTIFIED PUBLIC LIMITED COMPANY
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

BUSINESS
ଖାଲିଥିବା ଜମି ଓ ଛାତ ଉପରେ ୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ କଂପାନୀ ଆଦିତ୍ୟ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 60,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ।
Plot No - 14/271, Devaraja Mohalla, Bangalore, Karnataka 570001
7291069995
7834804457

DHARITRI Career appointment Every Wednesday and Saturday


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୨୫ ଏପ୍ରିଲ,୨୦୧୯



ତିନୋଟି ଜିନିଷକୁ ଦୀର୍ଘଦିନ ଧରି ଲୁଚାଇ ହେବନାହିଁ।
ସେଗୁଡ଼ିକ ହେଲା ସୂର୍ଯ୍ୟ, ଚନ୍ଦ୍ର ଓ ସତ୍ୟ।
- ଗୌତମ ବୁଦ୍ଧ



# ଜଟିଳ ହେବ ଧାନ ସଂଗ୍ରହ ପ୍ରକ୍ରିୟା

- ବସିନି ପ୍ରଶାସନିକ ପ୍ରସ୍ତୁତି ବୈଠକ
- ନିର୍ବାଚନରେ ସବୁ ଦଳର ନେତା ବ୍ୟସ୍ତ
- ଚାଷୀକୁଳ ପାଇଁ ମିଳୁନି ସମୟ

**ବରଗଡ଼ ଅଫିସ୍,୨୪।୪**

ଧାନ ପାଚିଗଲାଣି । ବରଗଡ଼ ଜିଲାର ଅତାବିରା, ଭେଡ଼େନ ବ୍ଲକ ସମେତ କେତେକାଞ୍ଚଳରେ ଅମଳ କାର୍ଯ୍ୟ ମଧ୍ୟ ଜୋର୍ ଧରିଲାଣି । କିନ୍ତୁ ମଣ୍ଡି ଖୋଲିବା ତ ଦୂରର କଥା, ରବିଋତୁ ଧାନ ସଂଗ୍ରହ ପ୍ରକ୍ରିୟା ପାଇଁ ଏପର୍ଯ୍ୟନ୍ତ ପ୍ରସ୍ତୁତି ତଥା ନୀତି ନିର୍ଦ୍ଧାରଣ ବୈଠକ ସୁଦ୍ଧା ବସି ପାରିନାହିଁ। ଫଳରେ ଅନ୍ୟବର୍ଷ ତୁଳନାରେ ଏଥର ନିର୍ବାଚନୀ ଋତୁରେ ଧାନ ସଂଗ୍ରହ ପ୍ରକ୍ରିୟା ଅଧିକ ଜଟିଳ ହେବ ବୋଲି ଏବେଠାରୁ ଆଶଙ୍କା ପ୍ରକାଶ ପାଇଛି । ଏହାକୁ ନେଇ ଚାଷୀକୁଳ ଚିନ୍ତିତ ହୋଇ ପଡ଼ିଛନ୍ତି। ଏ ସମ୍ପର୍କରେ ଜାଣିବା ପାଇଁ ଜିଲା ଯୋଗାଣ ଅଧିକାରୀ ଶ୍ରୀକର ମାଝିଙ୍କୁ ଯୋଗାଯୋଗ କରାଯାଇଥିଲା । ମାତ୍ର ତାଙ୍କ ମୋବାଇଲ ଫୋନ ସୁଇଚ୍ ଅଫ୍ ଥିବା ଯୋଗୁ ମତାମତ ମିଳିପାରି ନାହିଁ ।

ସାଧାରଣତଃ ମେ ମାସ ପ୍ରଥମ ସପ୍ତାହରୁ ରବିଋତୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୁଏ । ସୁରୁଖୁରୁରେ ଧାନ କିଣାବିକା ପାଇଁ ମାସକ ପୂର୍ବରୁ ଜିଲାସ୍ତରୀୟ ଧାନ ସଂଗ୍ରହ ନୀତି ନିର୍ଦ୍ଧାରଣ ବୈଠକ ବସିଥାଏ । ସେହି ବୈଠକରେ ଜିଲାର ଧାନ କିଣାବିକା ନେଇ ମଣ୍ଡି ଖୋଲାଠାରୁ ଆରମ୍ଭ କରି ଆନୁଷଙ୍ଗିକ ବ୍ୟବସ୍ଥା, ଚାଷୀ ପରିଚୟ ପତ୍ର ପ୍ରସ୍ତୁତି ଆଦି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥାଏ।



ବରଗଡ଼ ଜିଲା ଭେଡ଼େନ ବ୍ଲକ ଅଞ୍ଚଳରେ ପାକଳାବସ୍ଥାରେ ରହିଥିବା ଧାନ ଫସଲ ।

ଗତବର୍ଷ ଏପ୍ରିଲ ୭ତାରିଖରେ ରବିଋତୁ ଧାନ ସଂଗ୍ରହ ପାଇଁ ନୀତି ନିର୍ଦ୍ଧାରଣ ବୈଠକ ବସିଥିଲା ଏବଂ ମେ ମାସ ପ୍ରଥମ ସପ୍ତାହରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇଥିଲା। କିନ୍ତୁ ଚଳିତବର୍ଷ ଏପ୍ରିଲ ମାସ ଶେଷ ସପ୍ତାହରେ ପହଞ୍ଚିଥିଲେ ସୁଦ୍ଧା ବର୍ତ୍ତମାନ ସୁଦ୍ଧା ଧାନ ସଂଗ୍ରହ ନୀତି ନିର୍ଦ୍ଧାରଣ ବୈଠକ ବସିନାହିଁ। ଫଳରେ ମେ ମାସ ପ୍ରଥମ ସପ୍ତାହରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବା ନେଇ ସଂଶୟ ପ୍ରକାଶ ପାଇଛି । ଅପରପକ୍ଷେ ଜିଲାର ହୀରାକୁଦ ଜଳସେଚିତ ଅତାବିରା ଓ ଭେଡ଼େନ ବ୍ଲକର ବିଭିନ୍ନ ଅଞ୍ଚଳରେ ଧାନ ଅମଳ ଆରମ୍ଭ ହୋଇଗଲାଣି । ଅଣଜଳସେଚିତ ପଦ୍ମପୁର ଉପଖଣ୍ଡର କେତେକାଞ୍ଚଳରେ ମଧ୍ୟ ଏହା ଆରମ୍ଭ ହୋଇଥିବା ସୂଚନା ମିଳିଛି । ସେହିପରି ଜିଲାର ପ୍ରାୟ ସବୁ ଅଞ୍ଚଳରେ ଧାନ ପାକଳ ଅବସ୍ଥାକୁ ଆସି ଯାଇଛି । କିନ୍ତୁ ଏପର୍ଯ୍ୟନ୍ତ ଏ ନେଇ ପ୍ରଶାସନିକ ପ୍ରସ୍ତୁତି ବୈଠକ ସୁଦ୍ଧା ବସି ପାରି ନ ଥିବା ଯୋଗୁ ଏଥର ଧାନ କିଣାବିକା ବିଳମ୍ବିତ ତଥା ଜଟିଳ ହୋଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି । ସାଧାରଣ ନିର୍ବାଚନରେ କୃଷି ତଥା କୃଷକ ସମସ୍ୟାକୁ ସବୁଦଳ ମୁଖ୍ୟ ନିର୍ବାଚନୀ ପ୍ରସଙ୍ଗ କରିଥିଲେ । ମାତ୍ର ନିର୍ବାଚନ ନିଶାରେ ଧାନ ସଂଗ୍ରହ ନୀତି ନିର୍ଦ୍ଧାରଣ ବୈଠକ ବିଳମ୍ବିତ ହୋଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ କୌଣସି ଦଳର ନେତାଙ୍କ ମୁହଁରୁ ସେ ନେଇ ପଦଟିଏ ବାହାରି ନାହିଁ । ଏହା ଏବେ ସାଧାରଣରେ ଆଲୋଚନାର ବିଷୟ ହୋଇଛି । ଚାଷୀଙ୍କ ପ୍ରତି ରାଜନେତାଙ୍କ ଦରଦ ପଦାରେ ପଡ଼ିଯାଇଛି ।

ପ୍ରକାଶଥାଉକି, ଗତବର୍ଷ ମେ ପ୍ରଥମ ସପ୍ତାହରେ ବରଗଡ଼ ଜିଲାରେ ରବିଋତୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ସେତେବେଳେ ଜିଲାର ଅତାବିରା, ବରଗଡ଼ ଓ ପଦ୍ମପୁର ନିୟନ୍ତ୍ରିତ ବଜାର କମିଟି ଅଧୀନରେ ୧୧୦ଟି ମଣ୍ଡି ଖୋଲିଥିଲା। ସପ୍ତାହକ ୬ଦିନ ସେଠାରେ ସକାଳ ୭ଟାରୁ ଦିନ ୧୧ଟା ପର୍ଯ୍ୟନ୍ତ ସେଠାରେ ଧାନ ସଂଗୃହୀତ ହୋଇଥିଲା । କିନ୍ତୁ ମେ ମାସକୁ ଆଉ ମାତ୍ର ୫ଦିନ ବାକି ଥିବାବେଳେ ପ୍ରଶାସନିକ ପ୍ରସ୍ତୁତି ହୋଇପାରିନାହିଁ। ଅନ୍ୟପଟେ କାଳବୈଶାଖୀ ଯୋଗୁ କେତେକାଞ୍ଚଳରେ ଚାଷୀଙ୍କ ଧାନ ଫସଲ ନଷ୍ଟ ହୋଇଥିବାବେଳେ ଧାନ କିଣାବିକା ବିଳମ୍ବିତ ହେଲେ ଜିଲାର ଅନ୍ୟ ଅଞ୍ଚଳ ଚାଷୀଙ୍କୁ ମଧ୍ୟ ସମଦଶା ଭୋଗିବାକୁ ପଡ଼ିବ ବୋଲି ଆଶଙ୍କା କରାଯାଉଛି।

## ସଂକ୍ଷେପରେ

### ରାମଲୀଳା : ତରଣୀସେନ, ଇନ୍ଦ୍ରଜିତ ବଧ ମଞ୍ଚସ୍ଥ

**ବାଉଁଶୁଣୀ, ୨୪।୪ (ଡି.ଏନ.ଏ):** ବୌଦ୍ଧ ବ୍ଲକ ବାଉଁଶୁଣୀରେ ଶ୍ରୀ ଶ୍ରୀ ରାମଲୀଳା ନାଟକ ସଂସଦ ପକ୍ଷରୁ ଚାଲିଥିବା ରାମଲୀଳା ମହୋତ୍ସବର ଦ୍ୱାଦଶ ରଜନୀରେ ତରଣୀସେନ, ଇନ୍ଦ୍ରଜିତ ବଦ୍ଧ ନାଟକ ମଞ୍ଚସ୍ଥ ହୋଇଛି । ରାମଚନ୍ଦ୍ରଙ୍କ ଆକ୍ରମଣରେ ବ୍ୟତିବ୍ୟସ୍ତ ହୋଇ ଲଙ୍କାଧିପତି ରାବଣ ତାର ଯୋଦ୍ଧା କୁମ୍ଭ, ନିକୁମ୍ଭ ଓ କ୍ଷତବିରଙ୍କୁ ଯୁଦ୍ଧ ଭୂମିକୁ ପ୍ରେରଣ କରିଥିଲେ। ସେମାନେ ରାମ ବାଣରେ ନିହତ ହେବା ଶୁଣି ରାବଣ କୁମ୍ଭକର୍ଣ୍ଣଙ୍କୁ ପଠାଇଥିଲେ। କୁମ୍ଭକର୍ଣ୍ଣ ନିହତ ହେବା ପରେ ରାବଣ ନିଜର ଅତି ଆଦରର ପୁତ୍ର ତରଣୀସେନଙ୍କୁ ପ୍ରେରଣ କରିଥିଲେ। ଏହା ଅନ୍ୟାୟ ଜାଣି ମଧ ତରଣୀସେନ ମାତାଙ୍କଠାରୁ ବିଦାୟ ନେଇ ଯୁଦ୍ଧକ୍ଷେତ୍ରରେ ଅବତୀର୍ଣ୍ଣ ହୋଇଥିଲେ । ରାବଣଙ୍କ ପୁତ୍ରକୁ ବଦ୍ଧ କରିବା ପାଇଁ ପ୍ରଭୁ ରାମଚନ୍ଦ୍ର ଅନିଚ୍ଛା ପ୍ରକାଶ କରିଥିଲେ ମଧ ବୀର ତରଣୀସେନ ପ୍ରଭୁ ରାମଚନ୍ଦ୍ରଙ୍କ ବାଣରେ ବୈକୁଣ୍ଠ ପ୍ରାପ୍ତି ହେବା ପାଇଁ ପ୍ରଭୁଙ୍କୁ ନିବେଦନ କରିଥିଲେ। ତରଣୀସେନ ନିଧନ ପରେ ରାବଣ ବୀରବାହୁଙ୍କୁ ଯୁଦ୍ଧ ଭୂମିକୁ ପଠାଇଥିଲେ। ବୀରବାହୁ ମଧ ଯୁଦ୍ଧ କରି ରାମଙ୍କ ବାଣରେ ସ୍ୱର୍ଗଲୋକ ଯାତ୍ରା କରିଥିଲେ । ପରେ ଇନ୍ଦ୍ରଜିତ ନିକୁମ୍ଭିଳା ବଟ ନିକଟରେ ଯଜ୍ଞ କରୁଥିବାବେଳେ ଲକ୍ଷ୍ମଣ ସେଠାକୁ ଯାଇଥିଲେ । ସେଠାରେ ଉଭୟଙ୍କ ମଧରେ ଘୋର ଯୁଦ୍ଧ ହୋଇଥିଲା। ଯୁଦ୍ଧରେ ଇନ୍ଦ୍ରଜିତ ନିହତ ହୋଇଥିଲେ। ଇନ୍ଦ୍ରଜିତର ନିହତରେ ରାବଣ ଶୋକପ୍ରକାଶ କରିବା ଦୃଶ୍ୟ ହୃଦୟସ୍ପର୍ଶୀ ହୋଇଥିଲା ।

### ଦୁର୍ଘଟଣାରେ ମହିଳା ମୃତ

**ଅତାବିରା/ସରଣ୍ଡା, ୨୪।୪(ଡି.ଏନ.ଏ)**

ବରଗଡ଼ ଜିଲା ଅତାବିରା ଥାନା ଲାଦେରପାଲି ନିକଟରେ ବୁଧବାର ରାତ୍ରି ପ୍ରାୟ ସାଢ଼େ ୭ଟାରେ କୌଣସି ଏକ ଗାଡ଼ି ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି । ମୃତା ମହିଳା ଜଣକ ଅତାବିରା ଏନଏସି ୱାର୍ଡ଼ ନଂ-୧୦ର ପୁଷ୍ପାଞ୍ଜଳି ଶର୍ମା(୫୭) ବୋଲି ସୂଚନା ମିଳିଛି। ଅତାବିରା ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଧରିବା ପାଇଁ ତନାଘନା ଚଳାଇଛି । ମୃତା ମହିଳା ଜଣକ ସ୍ଥାନୀୟ ଏଫସିଆଇ ଗୋଦାମ ନିକଟରେ ରାସ୍ତା ଅତିକ୍ରମ କରୁଥିବାବେଳେ କୌଣସି ଏକ ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତା ମହିଳାଙ୍କୁ ଧକ୍କା ଦେଇଥିବା ଗାଡ଼ିଟି ଏକ ଇନୋଭା ଗାଡ଼ି ଥିଲା ଏବଂ ତାହା ସମ୍ବଲପୁର ପଟକୁ ଖସି ପଳାଇଯାଇ ଥିବା ଆଲୋଚନା ହେଉଛି ।

### ପୂର୍ବତନ ବୌଦ୍ଧ ଜିଲା କଂଗ୍ରେସ ସଭାପତିଙ୍କ ପରଲୋକ

**ବୌଦ୍ଧ,୨୪।୪(ସ୍ୱ.ପ୍ର):** ବୌଦ୍ଧର ବରିଷ୍ଠ ଆଇନଜୀବୀ ତଥା ପୂର୍ବତନ ବୌଦ୍ଧ ଜିଲା କଂଗ୍ରେସ ସଭାପତି କ୍ଷୀରୋଦ କୁମାର ପାତ୍ରଙ୍କ ବୁଧବାର ପରଲୋକ ଘଟିଛି। ତାଙ୍କୁ ୫୨ବର୍ଷ ବୟସ ହୋଇଥିଲା। ମୃତ ପାତ୍ରଙ୍କ ଘର ବୌଦ୍ଧ ଜିଲା ନୂଆପଡା ଗ୍ରାମରେ । ସେ ବୌଦ୍ଧ କୋର୍ଟରେ ତା୧୮।୧୨।୯୪ରିଖରୁ ଓକିଲାତି କରିଆସୁଥିଲେ । ଏହାସହ ବୌଦ୍ଧ ଜିଲା କଂଗ୍ରେସର ସଭାପତି ଭାବେ କାର୍ଯ୍ୟ କରିଥିଲେ । ଦୀର୍ଘ କିଛି ଦିନ ହେବ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଖରାପ ଥିଲା । ଅଧିକ ଚିକିତ୍ସା ପାଇଁ ତାଙ୍କୁ ବୁଧବାର କଟକ ନେବାବେଳେ ଅବସ୍ଥା ସଙ୍କଟାପନ୍ନ ହେବାରୁ ପୁରୁଣାକଟକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତଦେହକୁ ରାତିରେ ଜିଲା ଓକିଲ ସଂଘ ପରିସରକୁ ନିଆଯାଇଥିଲା । ସେଠାରେ ଜିଲା ଓକିଲ ସଂଘ ପକ୍ଷରୁ ସମସ୍ତ ଆଇନଜୀବୀ ତାଙ୍କର ଶେଷ ଦର୍ଶନ କରିବା ସହ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ । ପରେ ମୃତଦେହକୁ ବୌଦ୍ଧର ରାଜଘାଟକୁ ନେଇ ସେଠାରେ ଦାହ ସଂସ୍କାର କରାଯାଇଥିଲା। ତାଙ୍କର ମୃତ୍ୟୁରେ ସହରରେ ଶୋକର ଛାୟା ଖେଳିଯାଇଛି ।

## ରାମଲୀଳାରେ ମହିରାବଣ ବଧ ମଞ୍ଚସ୍ଥ

**ବୌଦ୍ଧ,୨୪।୪(ସ୍ୱ.ପ୍ର)**

ବୌଦ୍ଧର ପବିତ୍ର ଗଣପର୍ବ ରାମଲୀଳା ମହୋତ୍ସବ ରାମନବମୀଠାରୁ ସହରର ରାମେଶ୍ୱର ମନ୍ଦିର ସ୍ଥିତ ମାରୁତୀ ମଣ୍ଡପଠାରେ ଚାଲିଆସୁଛି। ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ଅନୁଷ୍ଠିତ ଏହି ରାମଲୀଳା ଉତ୍ସବ ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ଖୁବ୍ ଧୁମଧମାରେ ପାଳିତ ହେଉଛି । ୧୮ ଦିନ ଧରି ହେବାକୁ ଏହି ଉତ୍ସବର ବୁଧବାର ମହୀରାବଣ ବଧ ନାଟକ ମଞ୍ଚସ୍ଥ ହୋଇଥିଲା । ନାଟକର ବିଭିନ୍ନ ଭୂମିକାରେ ରାମ ଶିରିଶ ବେହେରା, ଲକ୍ଷ୍ମଣ ନାରାୟଣ ବାରିକ, କୁମ୍ଭକର୍ଣ୍ଣ ଜୟ ନାରାୟଣ ମହାନ୍ତି, ରାବଣ ଦେବରାଜ ସାହୁ, ଇନ୍ଦ୍ରଜିତ ଟିଙ୍କୁ ସାହୁ, ହନୁମାନ ଶାନ୍ତନୁ ବେହେରା, ସୁଗ୍ରୀବ ଦେବରାଜ ଜେନା ଓ ସୀତା ଭୂମିକାରେ ବିଶ୍ୱାମିତ୍ର ସାହୁ ଅଭିନୟ କରୁଛନ୍ତି। ଶ୍ରୀରାମଲୀଳାକୁ ନାଟକ ମାଧ୍ୟମରେ ସୁନ୍ଦର ଭାବେ ସଂସଦର କଳାକାରମାନେ ପରିବେଷଣ କରୁଛନ୍ତି । ନାଟକ ଦେଖିବା ପାଇଁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଦର୍ଶକଙ୍କ ଭିଡ ଲାଗିରହୁଛି । ଆସନ୍ତା ୩୦ ତାରିଖରେ ରାବଣ ବଧ ନାଟକ ମଞ୍ଚସ୍ଥ ହେବ ।



ରାମଲାଳୀ ମହୋତ୍ସବରେ ମହିରାବଣ ବଧ ନାଟକର ଏକ ଦୃଶ୍ୟ ।

## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକରେ ଶୋକ

**ଜହ୍ନାପଙ୍କ, ୨୪।୪ (ଡି.ଏନ.ଏ)**

ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଅନ୍ତର୍ଗତ ଜଗତିର ଶିକ୍ଷକ ତଥା ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ଘାସିରାମ ଗୁରୁ (୭୧)ଙ୍କ ମଙ୍ଗଳବାର ରାତି ୧୦ଟାରେ ପରଲୋକ ହୋଇଛି। ସେ ୧୯୪୮ ମସିହାରେ ଜନ୍ମଗ୍ରହଣ କରିଥିଲେ । ସେ ଜହ୍ନାପଙ୍କ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୯୮୨ ମସିହାରୁ ପ୍ରଧାନଶିକ୍ଷକ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ୩୧ ମାର୍ଚ୍ଚ, ୨୦୦୭ରେ ସେ ଅବସର ଗ୍ରହଣ କରିଥିଲେ । ଜଣେ ଦକ୍ଷ ପ୍ରଧାନଶିକ୍ଷକ, ପ୍ରଶାସକ ଓ ସମୟାନୁବର୍ତ୍ତିତା ଭାବେ ଅଞ୍ଚଳରେ ନିଜକୁ ପରିଚୟ କରାଇଥିଲେ । ମୃତ୍ୟୁ ଖବର ପାଇ ଗ୍ରାମବାସୀ ଓ ପୁରାତନ ଛାତ୍ରମାନେ ତାଙ୍କର ଶେଷ ଦର୍ଶନ କରିଥିଲେ । ମହାନଦୀ ଶ୍ମଶାନ ଘାଟରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ବଡପୁଅ ମନୋଜ ଗୁରୁ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ଜହ୍ନାପଙ୍କ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ, ପୁରାତନ ଛାତ୍ର ସଂସଦ ସଭାପତି ଉତ୍ସବ ସାହୁ, ସମ୍ପାଦକ କୃପାସିନ୍ଧୁ ପାତ୍ର, ଭୋଳାଗିରି ସାହୁ, ବିପ୍ରଚରଣ ମହାନ୍ତି, ଯାଦବ କର୍ଣ୍ଣ ଏବଂ ଛାତ୍ରୀଛାତ୍ରମାନେ ଗଭୀର ଶୋକ ପ୍ରକାଶ କରିଛନ୍ତି ।

## ଆଜି ୩ ବୁଥ୍‌ରେ ସାନି ମତଦାନ

**ବରଗଡ଼ ଅଫିସ୍,୨୪।୪**

ବରଗଡ଼ ଜିଲାର ୩ଟି ଭୋଟ ଗ୍ରହଣ କେନ୍ଦ୍ର(ବୁଥ୍)ରେ ଗୁରୁବାର ସାନି ମତଦାନ ହେବ । ଜିଲାର ପଦ୍ମପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନ ଝାରବନ୍ଧ ବ୍ଲକ ଡଭା ପ୍ରାଥମିକ ସ୍କୁଲ(ବୁଥ୍ ନଂ-୧୬)ରେ ସକାଳ ୭ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯିବ । ସେହିପରି ଅତାବିରା ନିର୍ବାଚନ ମଣ୍ଡଳୀ ଅଧୀନ ଭେଡ଼େନ ବ୍ଲକ ଅରେଇଗୁଡ଼ି ଉନ୍ନୀତ ପ୍ରାଥମିକ ସ୍କୁଲ(ବୁଥ୍ ନଂ-୨୩୫) ଏବଂ ବରଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନ ବରଗଡ଼ ପୌର ପରିଷଦ ଅନ୍ତର୍ଗତ ଶକ୍ତିନଗର ପ୍ରାଥମିକ ସ୍କୁଲ(ବୁଥ୍ ନଂ-୬୮)ରେ ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯିବ । ଉପରୋକ୍ତ ଭୋଟ ଗ୍ରହଣ କେନ୍ଦ୍ରରେ ମତଦାନ ପାଇଁ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ବେଳେ ପ୍ରସ୍ତୁତି ମଧ୍ୟ ଚୂଡ଼ାନ୍ତ ହୋଇସାରିଛି । ଏଠାରେ ଉଲ୍ଲେଖନୀୟ, ଝାରବନ୍ଧ ବ୍ଲକ ଡଭା ପ୍ରାଥମିକ ସ୍କୁଲ(ବୁଥ୍ ନଂ-୧୬)ରେ ୧୧୪୫( ୫୭୪ ପୁରୁଷ, ୫୭୧ ମହିଳା), ଅରେଇଗୁଡ଼ି ଭୋଟ ଗ୍ରହଣ କେନ୍ଦ୍ର(ବୁଥ୍ ନଂ-୨୩୫)ରେ ୧୧୩୧( ୬୦୨ ପୁରୁଷ, ୫୨୯ ମହିଳା) ଏବଂ ଶକ୍ତିନଗର ଭୋଟ ଗ୍ରହଣ କେନ୍ଦ୍ର-୬୮ରେ ୧୩୫୭(୬୮୩ ପୁରୁଷ, ୬୭୪ ମହିଳା) ଭୋଟର ରହିଛନ୍ତି । ଗତ ୧୮ତାରିଖ ମତଦାନ ସମୟରେ ଇଭିଏମ ଭିଭିପିଏଟି ପରିଚାଳନାରେ ତ୍ରୁଟି ଯୋଗୁ ଉପରୋକ୍ତ ବୁଥ୍‌ର ମତାଦାନକୁ ବାତିଲ କରାଯିବା ସହିତ ସମ୍ପୃକ୍ତ ବୁଥ୍‌ର ସେକ୍ଟର ଅଫିସର ଓ ପ୍ରିଜାଇଡ଼ିଂ ଅଫିସରଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିଲା । ତେବେ ଏଥର ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ପ୍ରାର୍ଥୀଙ୍କ ମଧ୍ୟରେ କଡ଼ା ମୁକାବିଲା ଚାଲିଥିବାରୁ ଏହି ବୁଥ୍ ଗୁଡ଼ିକର ମତଦାନ ମଧ୍ୟ ସମସ୍ତଙ୍କ ପାଇଁ ଗୁରୁତ୍ୱ ବହନ କରୁଛି । ଫଳରେ ସବୁ ଦଳ ପ୍ରାର୍ଥୀ ଏହି ସାନି ମତଦାନର ଫାଇଦା ଉଠାଇବା ପାଇଁ ଲାଗି ପଡ଼ିଥିବା ସାଧାରଣରେ ଚର୍ଚ୍ଚା ଚାଲିଛି ।

## କେଭିପିୱାଇ ଲେଭେଲ୍-୨ରେ ବିକାଶ ଛାତ୍ରଙ୍କ ସଫଳତା

**ବରଗଡ଼ ଅଫିସ୍,୨୪।୪**

ବରଗଡ଼ ବିକାଶ ଜୁନିୟର କଲେଜ ଯୁକ୍ତଦୁଇ ଦ୍ୱିତୀୟ ବର୍ଷ ବିଜ୍ଞାନ ଛାତ୍ର ଚିନ୍ମୟ କୁମାର ଶିଆଳ ସର୍ବଭାରତୀୟ କେଭିପିୱାଇ ଲେଭେଲ୍-୨ ପରୀକ୍ଷାରେ ଏସଏକ୍ସ ବର୍ଗରେ ନିଜ ପ୍ରଥମ ପ୍ରୟାସରେ ୪୩ (କାଟେଗୋରୀ) ଏବଂ ସାଧାରଣ ବର୍ଗ ୧୫୧୧ ର୍ୟାଙ୍କରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ଏହି ଖବର ମିଳିବା ପରେ ବିକାଶ ଶିକ୍ଷାନୁଷ୍ଠାନରେ ଖୁସିର ଲହରୀ ଖେଳିଯାଇଛି । ଚିନ୍ମୟଙ୍କ ଏହି ସଫଳତା ପାଇଁ ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣା, ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ, ଡାଇରେକ୍ଟର (ଆଡ଼ମିନିଷ୍ଟ୍ରେଶନ) ଡି. ନାଗେଶ୍ୱର ରାଓ, ଡାଇରେକ୍ଟର ଡଃ ସମରେନ୍ଦ୍ରନାଥ ପଣ୍ଡା ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି । ବିକାଶ ଆବାସିକ ସ୍କୁଲର ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ବିକାଶ ସେଣ୍ଟ୍ରାଲ ଏକାଡ଼େମୀ, ବରଗଡ଼ର କୋ ଅର୍ଡ଼ିନେଟର ଜି. ରାମକ୍ରୀଷ୍ଣା, ସିନିୟର ସେକେଣ୍ଡାରୀ ଉପାଧ୍ୟକ୍ଷ ଚିତ୍ତରଞ୍ଜନ ପତି ପ୍ରମୁଖ କୃତୀ ଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ବଲାଙ୍ଗୀର ଜିଲା ବାଙ୍କିଟିକ୍ରା ନିବାସୀ ମାଆ ମନୋରମା ଶିଆଳ ଏବଂ ବାପା ମୋହନ ଚରଣ ଶିଆଳଙ୍କ ପୁଅ ଚିନ୍ମୟ ତାଙ୍କ ମେଧା ପାଇଁ ଚଳିତବର୍ଷ ବିକାଶ ଆୱାର୍ଡ଼ ଏବଂ ବିକାଶ ଏକାଡ଼େମିକ ସ୍କଲାରସିପ୍ ପାଇଛନ୍ତି ବୋଲି ବିକାଶ ଜୁନିୟର କଲେଜ ଅଧ୍ୟକ୍ଷ ମୁରାରି ପ୍ରସାଦ ସାହୁ ସୂଚନା ଦେଇଛନ୍ତି ।



କୃତୀ ଛାତ୍ରଙ୍କୁ ବିକାଶ କର୍ତ୍ତୃପକ୍ଷ ସମ୍ବର୍ଦ୍ଧିତ କରୁଛନ୍ତି ।

- ଦିନ୍‌ଦାହାଡ଼େ ଚାଲିଛେ ଗଛ୍‌କଟା

## ଉଜଡ଼ି ଯାଉଛେ ରଙ୍ଗମାଟିଆ ରାଜସ୍ୱ ଜଂଗଲ

**କନ୍ଧମାଳ, ୨୪।୪ (ଡିଏନଏ)**

ବୌଦ୍ଧ ଜିଲା କନ୍ଧମାଳ ରେଞ୍ଜର ଚନ୍ଦନିଆମୁଣ୍ଡା ପାସର ରଙ୍ଗମାଟିଆ ରାଜସ୍ୱ ଜଂଗଲ ଉଜଡ଼ି ଯାଉଛେ। ଗଲା ମାସେ ହେଲା ଇଠାନେ ଦିନ୍‌ଦାହାଡ଼େ ଆସର ପାସର ଗାଁବାସୀ ଗଛ୍ କାଟୁଥିଲେ ବି ବନବିଭାଗ ଜାନିଶୁନି ଚୁମ୍‌ପଡ଼ିଥିବାର ଅଭିଯୋଗ ହେଉଛେ। ସେନ୍‌ତା ରାଜସ୍ୱ ବିଭାଗର ରେକର୍ଡରେ ଜଂଗଲଟା ଥିଲେ ବି ବିଭାଗ ଇ ଦିଗେ ପଦକ୍ଷେପ ନେବାର ଜାଗାରେ ଚୁପ୍‌ମାରି ବସିଛେ। ଦିନୁଦିନ୍‌କେ ଜଂଗଲଟା ପଦା ହେଲାବେଲେ ପାସର ରଙ୍ଗମାଟିଆ ପାହାଡ଼ ଉପରେ ବିପଦ ଦେଖାଦେଇଛେ। କନ୍ଧମାଳ ରେଞ୍ଜର ଦପଲା ପଁଚେତ୍‌ର ଚନ୍ଦନିଆ ଗାଁ ପାସେ ରହିଛେ ଇ ରଙ୍ଗମାଟିଆ ପାହାଡ଼। ଇ ପାହାଡ଼କେ ଘେରି ରହିଛେ ଘଁଚ୍ ଜଂଗଲ। ରାଜସ୍ୱ ରେକର୍ଡରେ ଥିବାର ଇ ଜଂଗଲରେ ଶାଲ, ଧଉରା, କେଁନ୍ଦୁ ଲେଖେଁ ଦାମ୍‌କିଆ ଗଛ ରହିଛେ। ପାହାଡ଼କେ ଘେରି ରହିଥିବାର ଇ ପରାକୁତିକ ଜଂଗଲରେ ଅନେକ ପରକାର ଜଂଗଲି ଜୀବ୍‌ଜଁତୁ ବି ରହିଛନ୍। ବନେ ଖଁଡ଼େ ଇଲାକାରେ ରହିଥିବାର ଇ ଜଂଗଲର କେଁନ୍ଦୁପତର ଆର ଜଂଗଲଜାତ୍ ଦରବ୍ ଉପରେ ନିରଭର କରି ଅନେକ ଲୋକ୍ ନିଜର କୁଟୁମ ପୁଷୁଛନ୍। ହେଲେ ଗଲା ମାସେ ହେବା ଇ ଜଂଗଲକେ ଥାନୀୟ କେତେ ଲୋକ୍ ପଦା କରବାରେ ଲାଗିଛନ୍। ଫିଁଦିନ୍ ଦଲ ଦଲ ହେଇ ଲୋକ୍ ଟଂଗିଆ ଧରି ଜଂଗଲକେ ଯାଉଛନ୍ ଆର ଅନେକ ଦାମ୍‌କିଆ ଗଛଖୁଁଟ କାଟିଆନୁଛନ୍। ଲୋକ୍ ଏନ୍‌ତା ହିସାବେ ଇ ଜଂଗଲ କାଟବାରେ ଲାଗିଛନ୍ ଯେ ଝନେ ଆଁଖିଥି ନାଇଁ ଦେଖିଲେ ବିଶାସ୍ କରି ନାଇଁପାରେ। ଏହେଦେ ଇ ଘଁଚ୍ ଜଂଗଲର ଅନେକ ଜାଗା ପଦା ହେଇ ଚଁଦା ଦିଶବାର ସଂଗେ ତଲର ରଂଗମାଟି ଦିଶିଗଲାନ। ଆଉର ମାସେ ଦୁଇମାସ ଏନ୍‌ଥେଇ ଚାଲ୍‌ଲେ ଜଂଗଲଟା ପୂରା ସଫା ହେଇଯିବା। ପାହାଡ଼ ତଲର ଇ ଜଂଗଲ ବରଷା ଦିନେ ପାହାଡ଼ର ମାଏଟ୍ ଧସ୍‌ବାରୁ ବଁଚଉଛେ। ଇଥିରଲାଗି ବନବିଭାଗ ଆସର ପାସର ଗାଁବାସୀକୁ ସଚେତନ କରବାର ଜାଗାରେ ଚୁପ୍‌ମାରି ବସିଛେ। ଇ ବାବ୍‌ଦେ ବନବିଭାଗ ରେଞ୍ଜର ଦିଲୀପ କୁମାର ଦିଗାଲ କହିଛନ୍ ଯେ, ଆମର ପାସେ ପାହାଡ଼ ତଲର ଜଂଗଲରେ ଗଛକଟା ହେଉଥିବାର ଖବର ରହିଛେ। ହେଲେ ଜାଗାଟା ଗ୍ରାମ୍ୟ ଜଂଗଲ ରେକର୍ଡରେ ନାଁଇଁନ, ରାଜସ୍ୱ ବିଭାଗର ରେକର୍ଡରେ ରହିଛେ। ଯେନ୍‌ଥିରଲାଗି ଆମେ ପଦକ୍ଷେପ ନାଇଁ ନେଇପାରବାର। ହେଲେ ଇ ଦିଗେ ପଦକ୍ଷେପ ନେବାର ଚେଷ୍ଟା କରାଯିବା ବଲି ସେ କହିଥିଲେ।



ରଙ୍ଗମାଟିଆ ଜଂଗଲରେ କଟାଯାଇଥିବାର ଗଛ୍।



ପ୍ରତ୍ୟେକ ମନୁଷ୍ୟ ଭଗବାନଙ୍କ ଦୃଷ୍ଟିରେ ସମାନ। ସୁତରାଂ ସମାନତା ପାଇଁ ଦେଶ ଓ ବର୍ଣ୍ଣର ଭେଦ ରହିବା ଉଚିତ ନୁହେଁ।
-ସ୍ୱାମୀ ଦୟାନନ୍ଦ ସରସ୍ୱତୀ



# ମେ ମାସରୁ ରବି ଧାନ କିଣା

**ସୋନପୁର,୨୪।୪(ନି.ପ୍ର.)**



**ସୁବର୍ଣ୍ଣପୁର ଜିଲା**
- ୩୮ ମିଲର୍ସଙ୍କ ଉପରେ ୨.୨୧ ଲକ୍ଷ କୁଇଣ୍ଟାଲ ଚାଉଳ ବାକି
- ଗୋଦାମ ଭର୍ତ୍ତି, ସଂଗ୍ରହ ହୋଇପାରୁନି ଚାଉଳ

ସୁବର୍ଣ୍ଣପୁର ଜିଲାରେ ଆସନ୍ତା ମେରୁ ଜୁନ୍ ମାସ ୩୦ ତାରିଖ ପର୍ଯ୍ୟନ୍ତ ରବି ଧାନ କିଣା ଯିବ । ଏଥି ସକାଶେ ଜିଲାପାଳ ମଧୁସୂଦନ ମିଶ୍ର ଆସନ୍ତା ୨୬ ତାରିଖରେ (ଡିଏଲପିସି) ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଆହ୍ୱାନ କରିଛନ୍ତି । ବର୍ଷା ଋତୁ ପୂର୍ବରୁ କିଭଳି ଚାଷୀଙ୍କଠାରୁ ବଳକା ଧାନ ସୁରୁଖୁରୁରେ କିଣାଯିବ ବୈଠକରେ ବିଶଦ ଆଲୋଚନା କରାଯିବ । ତେବେ ସରକାରୀସ୍ତରରେ ବିଫଳତା ଯୋଗୁ ଜିଲାରେ କଷ୍ଟମ ମିଲିଂ ଚାଉଳ ସଂଗ୍ରହ ହୋଇପାରୁନି । ସରକାରୀ ତଥ୍ୟ ଅନୁଯାୟୀ ଗତ ୨୩ ତାରିଖ ସୁଦ୍ଧା ଜିଲାର ୩୮ ମିଲର୍ସଙ୍କ ଉପରେ ୨ ଲକ୍ଷ ୨୧ ହଜାର ୫୨୮ କୁଇଣ୍ଟାଲ ଚାଉଳ ବକେୟା ରହିଛି । ଜିଲାରେ ଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଗୋଦାମଗୁଡିକରେ ସ୍ଥାନାଭାବ ଯୋଗୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି । ଏହି ଜିଲାରେ ଅଧିକ ଧାନ ଉତ୍ପାଦନ ହୋଇଥାଏ । ଚାଷୀଙ୍କଠାରୁ ସଂଗୃହୀତ ଧାନକୁ ମିଲିଂ କରି ବାହାର ଜିଲା ଓ ରାଜ୍ୟକୁ ସରକାର ପଠାଇଥାନ୍ତି। କିନ୍ତୁ ଚାଉଳ ବାହାରକୁ ଯାଉ ନ ଥିବାରୁ ଜିଲାର ୫ଟି ଗୋଦାମ ଭର୍ତ୍ତି ହୋଇ ରହିଛି। ଆଉ ୬ ଦିନ ଭିତରେ ମିଲର୍ସଙ୍କଠାରୁ ଶତ ପ୍ରତିଶତ କଷ୍ଟମ ମିଲିଂ ଚାଉଳ ସଂଗ୍ରହ ହୋଇ ନ ପାରିଲେ ରବି ଧାନ କିଣାରେ ବାଧା ଉପୁଜିବ ବୋଲି ଆଶଙ୍କା ପ୍ରକାଶ ପାଇଛି ।

୨୦୧୮-୧୯ ଖରିଫରେ ଏହି ଜିଲାରୁ ୩୦ ଲକ୍ଷ ୭୨ ହଜାର ୬୬୫ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଥିଲା। ସୁବର୍ଣ୍ଣପୁର ଜିଲାର ୪୧ଟି ମିଲର ଓ ବଲାଙ୍ଗୀର ଜିଲାର ୨୦ଟି ମିଲର ଏହି ଧାନ ନେଇଥିଲେ । ସରକାରଙ୍କ ନିୟମ ଅନୁଯାୟୀ ସୁବର୍ଣ୍ଣପୁର ଜିଲାର ମିଲର୍ସମାନେ ଏପ୍ରିଲ ୩୦ ତାରିଖ ସୁଦ୍ଧା ମିଲିଂ କରି ୧୭ ଲକ୍ଷ ୭୦ ହଜାର ୬୯୩ କୁଇଣ୍ଟାଲ ଚାଉଳ ସରକାରଙ୍କୁ ଦେବା କଥା । କିନ୍ତୁ ମଙ୍ଗଳବାର ସୁଦ୍ଧା ଜିଲାର ମିଲର୍ସ ଏଫସିଆଇ ଗୋଦାମକୁ ୮ ଲକ୍ଷ ୨୧ ହଜାର ୨୪୧ କୁଇଣ୍ଟାଲ ଓ ଆରଆରସି ଗୋଦାମକୁ ୭ ଲକ୍ଷ ୨୭ ହଜାର ୯୨୩ କୁଇଣ୍ଟାଲ ଚାଉଳ ଦେଇଛନ୍ତି । ଆହୁରି ୨ ଲକ୍ଷ ୨୧ ହଜାର ୫୨୮ କୁଇଣ୍ଟାଲ କଷ୍ଟମ ମିଲିଂ ଚାଉଳ ଦେବାକୁ ଅଛି । କେବଳ ଅଙ୍କୁର ରାଇସ୍ ମିଲ ଖଲିଆପାଲି, ରାଣୀସତୀ ଏଗ୍ରୋ ପାଣିସିଆଲି ଓ ମା ସମଲେଶ୍ୱରୀ ରାଇସ ମିଲ ବିନିକା ସରକାରଙ୍କୁ ଶତ ପ୍ରତିଶତ ଚାଉଳ ଦେଇଛନ୍ତି । ଅନ୍ୟ ମିଲର୍ସମାନେ କଷ୍ଟମ ମିଲିଂ ଚାଉଳ ଦେବାକୁ ପ୍ରସ୍ତୁତ । କିନ୍ତୁ ଗୋଦାମ ଖାଲି ନାହିଁ । ଏପଟେ ସରକାରଙ୍କ ଧାର୍ଯ୍ୟ ସମୟ ସରି ଆସୁଛି। ଚାଉଳ ସଂଗ୍ରହ ହୋଇ ପାରୁ ନ ଥିବାରୁ ପ୍ରଶାସନକୁ ଚିନ୍ତା ଘାରିଲାଣି। ସୁବର୍ଣ୍ଣପୁର ଜିଲାର ସୋନପୁରସ୍ଥିତ ବାବୁପାଲିରେ ୧ ଲକ୍ଷ କୁଇଣ୍ଟାଲ ଚାଉଳ ସଂରକ୍ଷଣ ସକାଶେ ଏଫସିଆଇର କେନ୍ଦ୍ରୀୟ ପଣ୍ୟାଗାର ରହିଛି । ସେହିପରି ବାବୁପାଲିରେ ରାଜ୍ୟ ସରକାରଙ୍କ ୧ ଲକ୍ଷ କୁଇଣ୍ଟାଲ ଚାଉଳ ସଂରକ୍ଷଣ କ୍ଷମତା ବିଶିଷ୍ଟ ଗୋଦାମ, ସୋନପୁର ଚାଉଳ ସଂଗ୍ରହ କେନ୍ଦ୍ର-୨ରେ ୨୫ ହଜାର କୁଇଣ୍ଟାଲ, ପଣ୍ଡକିଟାଲରେ ୨୦ ହଜାର କୁଇଣ୍ଟାଲ ଓ ଅରିଗାଁରେ ୫୦ ହଜାର କୁଇଣ୍ଟାଲ ଚାଉଳ ସଂରକ୍ଷଣ କ୍ଷମତା ବିଶିଷ୍ଟ ଗୋଦାମ ରହିଛି । ଏହି ସବୁ ଗୋଦାମରେ ଚାଉଳ ଭର୍ତ୍ତି ହୋଇ ରହିଛି । ଅନ୍ୟପକ୍ଷେ ସରକାରଙ୍କ ନିୟମ ଅନୁଯାୟୀ ଶତ ପ୍ରତିଶତ କଷ୍ଟମ ରାଇସ୍ ଜମା କରିଥିବା ଓ ଅଗ୍ରୀମ ସିକ୍ୟୁରିଟି ଜମା କରିଥିବା ମିଲର୍ସ ହିଁ ଧାନ କିଣା ପ୍ରକ୍ରିୟାରେ ଭାଗ ନେଇ ପାରିବେ । ତେଣୁ ଗୋଦାମ ଖାଲି ନ ହେଲେ ଧାନ ସଂଗ୍ରହ ନୀତି ଅନୁଯାୟୀ ଅଧିକାଂଶ ମିଲର୍ସ ଚଳିତ ଧାନ କିଣାରେ ଅଂଶ ଗ୍ରହଣ କରି ପାରିବେ ନାହିଁ । ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ବିବେକାନନ୍ଦ କୋରକରା କୁହନ୍ତି, ଜିଲାରେ ୮୭.୪୯% କଷ୍ଟମ ମିଲିଂ ଚାଉଳ ସଂଗ୍ରହ ସରିଛି । ଗୋଦାମରେ ସ୍ଥାନ ଅଭାବ ଯୋଗୁ ମିଲର୍ସଙ୍କ ନିକଟରୁ କଷ୍ଟମ ମିଲିଂ ଚାଉଳ ସଂଗ୍ରହ ହୋଇପାରୁନି । ଏ ସମ୍ପର୍କରେ ସରକାରଙ୍କୁ ଲିଖିତ ଓ ମୌଖିକ ଭାବେ ବାରମ୍ବାର ଜଣାଯାଇଛି । ନିର୍ଦ୍ଧାରିତ ସମୟ ମଧ୍ୟରେ ଚାଉଳ ଦେବା ପାଇଁ ମିଲର୍ସଙ୍କୁ ତାଗିଦ୍ କରାଯାଇଛି ।

## ସଂକ୍ଷେପରେ

### ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ

**ପୁରୁଣାକଟକ, ୨୪।୪(ଡି.ଏନ.ଏ):** ହରଭଙ୍ଗା ବ୍ଲକ ପୁରୁଣାକଟକ ଥାନା ଅନ୍ତର୍ଗତ ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ ଜାତୀୟ ରାଜପଥର ପୁରୁଣାକଟକ ସତ୍‌ସଙ୍ଗ ନିକଟରେ ବୁଧବାର ଏକ ଅଜଣା ଗାଡି ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ନୟାଗଡ ଜିଲା ଚାହାଳି ଅଞ୍ଚଳର ବାପି ପଟ୍ଟନାୟକ (୪୦)। ଗତ କିଛିଦିନ ହେଲା ସେ ପୁରୁଣାକଟକ ଅଞ୍ଚଳରେ ରହି ଇଲେକ୍ଟ୍ରିକ ଜିନିଷ ମରାମତି କାମ କରୁଥିଲେ। ବୁଧବାର ରାତିରେ ସେ ପୁରୁଣାକଟକ ପଟୁ ଏକ ସାଇକେଲ ଯୋଗେ ବଡବନ୍ଧ ଆଡକୁ ଯାଉଥିଲେ । ଏହି ସମୟରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ଖବର ପାଇ ପୁରୁଣାକଟକ ପୋଲିସ ମୃତଦେହ ଜବତ କରିବା ସହ ଦୁର୍ଘଟଣା ଘଟାଇଥିବା ଗାଡିକୁ ଧରିବା ପାଇଁ ଛାନଭିନ ଚଳାଇଛି ।

### ବିଜୟ ସଂକଳ୍ପ ସଭା

**ବିଶୋଇ,୨୪।୪(ଡି.ଏନ.ଏ.) :** ସାରସକଣା ନିର୍ବାଚନ ମଣ୍ଡଳୀ ବିଜାତଳା ବ୍ଲକ ଅନ୍ତର୍ଗତ ରାଇହରି ମିନି ଷ୍ଟାଡିୟମ ପଡିଆ ଠାରେ ବିଜେପି ପକ୍ଷରୁ ବିଜୟ ସଂକଳ୍ପ ସଭା ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଏଥିରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ମୟୂରଭଞ୍ଜ ସାଂସଦ ପ୍ରାର୍ଥି ଇଂ ବିଶେଶ୍ୱର ଟୁଡୁ ଯୋଗଦେଇଥିଲେ। ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଭାପତି ସଞ୍ଜୀବ ମାହାନ୍ତିଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜେପିର ସାରସକଣା ବିଧାୟକ ପ୍ରାର୍ଥୀ ଡ଼. ବୁଦ୍ଧାନ ମୁର୍ମୁ, ୩୩ ଓ ୩୪ ନଂ ଯୋନ ଜିଲ୍ଲାପରିଷଦ ସଦସ୍ୟ ନାନୀକା ନାଏକ ଓ ଗୁରୁବା ମୁର୍ମୁ, ବଂଶୀଧର ଦାସ, କୁତୁଲୁ ହାଁସଦା, ଅମଦ ମହାନ୍ତ, ଧୀରେନ ମହାନ୍ତ, ସୱରାଜ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

### 'ଓଡ଼ିଶାର ବିକାଶରେ ଡବଲ ଇଞ୍ଜିନର ଭୂମିକା ଗୁରୁତ୍ୱପୂର୍ଣ୍ଣ'

**କୁଆମରା, ୨୪।୪(ଡି.ଏନ.ଏ.):** ଓଡ଼ିଶାର ବିକାଶ ରୂପକ ଗାଡିରେ ଡବଲ ଇଞ୍ଜିନର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିବାରୁ ଏଥି ପାଇଁ ଓଡ଼ିଶାବାସୀ ସହାୟକ ହୁଅନ୍ତୁ ବୋଲି କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ଉଦଳା ନିର୍ବାଚନ ମଣ୍ଡଳୀ ଗୋପବନ୍ଧୁନଗର ବ୍ଲକ ପୁରୁଣା ବାରିପଦା ଠାରେ ଅନୁଷ୍ଠିତ ସଭାରେ ଆହ୍ୱାନ ଦେଇଛନ୍ତି। ୨୦ ବର୍ଷ ଶାସନ ମଧ୍ୟରେ ଓଡ଼ିଶା ଆଗେଇ ନପାରି ଯଥା ପୂର୍ବଂ ତଥା ପରଂ ହୋଇ ରହିଥିବାର କହିଥିଲେ। ଯେଉଁ ଠାରେ ଛାତ୍ର ଛାତ୍ରୀ ଅଛନ୍ତି ସେଠାରେ ଶିକ୍ଷକ ନାହାନ୍ତି, ଡାକ୍ତରଖାନା ଅଛି ଡାକ୍ତର ନାହାନ୍ତି ଏଣୁ ଲୋକେ ସୁବିଧା ପାଉ ନାହାଁନ୍ତି। ଏଣୁ ରାଜ୍ୟ ଓ ଦେଶର ପ୍ରଗତି ପାଇଁ ବିଜେପିକୁ ଶାସନ କ୍ଷମତାରେ ବସାଇବା ପାଇଁ ସେ ଅନୁରୋଧ କରିଥିଲେ। ଉଦଳାର ବିକାଶ ଓ ସମୃଦ୍ଧି ଆଣିବା ପାଇଁ ବିଧାନସଭା ପ୍ରାର୍ଥୀ ଭାସ୍କର ଚନ୍ଦ୍ର ମଢେଇ ଓ ଲୋକସଭା ପ୍ରାର୍ଥୀ ବିଶେଶ୍ୱର ଟୁଡୁଙ୍କୁ ବିଜୟୀ କରିବାକୁ ଆହ୍ୱାନ ଦେଇଥିଲେ। ଏଥିରେ ସହସ୍ରାଧିକ ଜନ ଜନସମାଗମ ଦେଖିବାକୁ ମିଳିଥିଲା। ସଭାରେ ସୌଭାଗ୍ୟ ସାହୁ ଅଧ୍ୟକ୍ଷତା କରିଥିଲେ। ସୁନିଲ ଦାସ, ନିହାର ରଞ୍ଜନ ମୋଦି, ଭାସ୍କର ଚନ୍ଦ୍ର ମଢେଇ, ପ୍ରଭାତ କୁମାର ପରିଡା, ବିଶ୍ୱ ରଞ୍ଜନ ମୋଦି, ମମତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ତରଭା ପୂର୍ବତନ ବ୍ଲକ ଅଧକ୍ଷଙ୍କ ମାତୃ ବିୟୋଗ

**ତରଭା,୨୪।୪(ଡି.ଏନ.ଏ.):** ତରଭା ବ୍ଲକ ସରଗଜ ପଞ୍ଚାୟତର ପୂର୍ବତନ ବ୍ଲକ ଅଧକ୍ଷ ନବୀନ ଚନ୍ଦ୍ର ମିଶ୍ରଙ୍କ ମା' ତଥା ପୂର୍ବତନ ସରପଞ୍ଚ ସ୍ୱର୍ଗତ ଗିରଶ ଚନ୍ଦ୍ର ମିଶ୍ରଙ୍କ ସ୍ତ୍ରୀ ରାଶେଶ୍ୱରୀ ମିଶ୍ର(୯୧)ଙ୍କ ବୁଧବାର ପରଲୋକ ହୋଇଯାଇଛି । ସେ କିଛିଦିନ ହେଲା ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ହୋଇ ଶଯ୍ୟାସାୟୀ ଥିଲେ। ତାଙ୍କର ମୃତ୍ୟୁ ସମୟରେ ପୁଅ ନବୀନ, ନିର୍ମଳ ଚନ୍ଦ୍ର ମିଶ୍ର, ସୁବାଷ ଚନ୍ଦ୍ର ମିଶ୍ର, ବିମଳ ଚନ୍ଦ୍ର ମିଶ୍ର, ବିଭାଷ ଚନ୍ଦ୍ର ମିଶ୍ରଙ୍କ ସହ ପୁତ୍ରବଧୂ, ନାତିନାତୁଣୀ ଉପସ୍ଥିତ ଥିଲେ। ସ୍ଥାନୀୟ ଶ୍ମଶାନରେ ତାଙ୍କର ଅନ୍ତ୍ୟୋଷ୍ଟିକ୍ରିୟା ସମ୍ପନ୍ନ ହୋଇଥିଲା। ପୁଅ ବିମଳ ଚନ୍ଦ୍ର ମିଶ୍ର ମୁଖାଗ୍ନି ଦେଇଥିଲେ। ସେ ଜଣେ ଧର୍ମ ପରାୟଣା, ମିଷ୍ଟଭାଷୀ, ମିଳାତି ଓ ପରୋପକାରୀ ମହିଳା ଥିଲେ। ତାଙ୍କର ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

ଅନ୍ତର୍ଡାରେ ଝାଡାବାନ୍ତି ବ୍ୟାପୁଛି

# ହରିଜନପଡ଼ାରେ ପହଞ୍ଚିଲେ ଡାକ୍ତରୀ ଦଳ

**ତରଭା,୨୪।୪(ଡି.ଏନ.ଏ.)**



ଅନ୍ତର୍ଡା ଗ୍ରାମର ହରିଜନପଡାରେ ଅନୁଷ୍ଠିତ ସଚେତନତା ସଭା।

ତରଭା ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ଅନ୍ତର୍ଡା ଗ୍ରାମର ହରିଜନପଡାରେ ଝାଡାବାନ୍ତି ବ୍ୟାପିବାରେ ଲାଗିଛି। ଏନେଇ ବୁଧବାର ସୋନପୁର ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ସରୋଜ କୁମାର ନାୟକଙ୍କ ନିର୍ଦ୍ଦେଶ କ୍ରମେ ଏକ ଡାକ୍ତରୀ ଦଳ ହରିଜନପଡାରେ ପହଞ୍ଚି ଝାଡାବାନ୍ତି ଆକ୍ରାନ୍ତଙ୍କ ପରିସ୍ଥିତି ଅନୁଧ୍ୟାନ କରିଥିଲେ। ଏପରି କି ବାସି ଖାଦ୍ୟ ନ ଖାଇବାକୁ ପଡାବାସୀଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ପ୍ରକାଶ ଯେ, ୮ଦିନ ତଳେ ଗ୍ରାମର ତେଜ ତାଣ୍ଡିଙ୍କ ଝିଅ ବାହାଘର ହୋଇଥିଲା। ମଙ୍ଗଳବାର ଆଠମଙ୍ଗଳାର ପୂଜାପରେ ଅପରାହ୍ନରେ ହରିଜନପଡାର ଶିଶୁମାନଙ୍କୁ ଡାକି ବାଲଭୋଗର ଆୟୋଜନ କରାଯାଇଥିଲା। ସେତିକିବେଳେ ବାହାଘରର ୮ଦିନର ବାସି ମିଠା ବଣ୍ଟନ କରାଯାଇଥିଲା। ଏହା ଖାଇ ୩୩ ଶିଶୁଙ୍କ ସମେତ ୫ଜଣ ବୟସ୍କ ବ୍ୟକ୍ତି ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ତାଙ୍କୁ ତୁରନ୍ତ ତରଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ୧୪ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ବୁଧବାର ଏକ ଡାକ୍ତରୀଦଳ ଅନ୍ତର୍ଡା ହରିଜନପଡ଼ାରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ସୋନପୁର ସିଡିଏମ୍‌ଓଙ୍କୁ ଏକ ରିପୋର୍ଟ ପ୍ରଦାନ କରିଥିବା ସୂଚନା ମିଳିଛି। ଡାକ୍ତରୀ ଦଳରେ ଡ.ବିବେକା ନନ୍ଦ ପଣ୍ଡା, ଡ. ସୁଜାତା ନନ୍ଦ, ସିଡିପିଓ ସବିତା ଦୋରା, ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ କୁମାର ସାହୁ, ନାରାୟଣ ରଥ, ଶତ୍ରୁଘ୍ନ ଦଳବେହେରା, ସଙ୍ଗୀତା ମେହେର, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଚାନ୍ଦିନୀ ମେହେର ପ୍ରମୁଖ ସାମିଲ ଥିଲେ।



ଲୁଚାବନ୍ଧ ଗ୍ରାମରେ ମଙ୍ଗଳବାର ରାତି ସୀତାଚୋରି ଗୀତାଭିନୟ ପରିବେଷଣ ଅବସରରେ ଗୁରୁ ଉମେଶ ଦେହୁରୀଙ୍କ ସହ କଳାକାରବୃନ୍ଦ।

ଅତୁଟ ରହିଛି ଲୀଳା ନାଟକର ଭାବଧାରା

# ଭ୍ରାମ୍ୟମାଣ ଆସରରେ ମଞ୍ଚସ୍ଥ ହେଉଛି ରାମଲୀଳା

**ବୀରମହାରାଜପୁର,୨୪।୪(ଡି.ଏନ୍.ଏ)**

ଦୀର୍ଘ ୪୭ ବର୍ଷଧରି ଲୀଳା ନାଟକର ଭାବଧାରା ଅତୁଟ ରଖି ଆସିଛନ୍ତି ବୀରମହାରାଜପୁର ବ୍ଲକ ମେଣ୍ଡାମାଳ ଗ୍ରାମର ଗୁପ୍ତେଶ୍ୱର ରାମଲୀଳା ନାଟ୍ୟ ସଂସଦ। ତେବେ ୧୪ ବର୍ଷ ଧରି କଳାକାରମାନେ ନିଷ୍ଠାରେ ରହି ପ୍ରଭୁଙ୍କ ଆରାଧନା କରିବା ସହ ରାମାୟଣର କଥାବସ୍ତୁକୁ ନାଟ୍ୟାଭିନୟ ମାଧ୍ୟମରେ ପରିବେଷଣ କରି ଆସୁଛନ୍ତି। ଚଳିତ ବର୍ଷ ଏହାର ୧୪ ବର୍ଷ ପୂର୍ତ୍ତି ଉପଲକ୍ଷେ ନାଟ୍ୟ ସଂସଦ ଆରମ୍ଭ କରିଛି ଏକ ନିଆରା ପରମ୍ପରା। ରାମନବମୀଠାରୁ ରାମଲୀଳା ପରିବେଷଣର ଶୁଭାରମ୍ଭ ହୋଇଥିଲେ ସୁଦ୍ଧା ସୀତା ବନବାସ ପରେ ସଂସଦର କଳାକାରମାନେ ବିଭିନ୍ନ ଗାଁକୁ ଯାଇ ସନ୍ଧ୍ୟାରେ ନାଟକ ମଞ୍ଚସ୍ଥ କରୁଛନ୍ତି। ଏହି କ୍ରମରେ ଉଲୁଣ୍ଡା ବ୍ଲକର ଜୟପୁର, ଜମ୍ବାଲିପାଲି ଏବଂ ବୀରମହାରାଜପୁର ବ୍ଲକର ଲୁଚାବନ୍ଧ ଗ୍ରାମରେ ରାମଲୀଳା ନାଟକ ମଞ୍ଚସ୍ଥ ହୋଇଛି। ମଙ୍ଗଳବାର ରାତିରେ ଲୁଚାବନ୍ଧ ଗ୍ରାମରେ ପରିବେଷଣ କରାଯାଇଥିବା ଗୀତାଭିନୟ ସୀତାଚୋରି ବିଶେଷ ହୃଦୟସ୍ପର୍ଶୀ ହୋଇଥିଲା। ଗ୍ରାମବାସୀ ବିଳମ୍ବିତ ରାତି ପର୍ଯ୍ୟନ୍ତ ଉପଭୋଗ କରିଥିଲେ। ରାମାୟଣର କଥାବସ୍ତୁ ଉପରେ ଆଧାରିତ ଏହି ପ୍ରମୁଖ ଅଧ୍ୟାୟରେ ଅରକ୍ଷିତ ସେଠୀ ରାବଣ ଭୂମିକାରେ ଅଭିନୟ କରିଥିବା ବେଳେ ଅନ୍ୟ ଚରିତ୍ରମାନଙ୍କୁ ରୂପ ଦେଇଥିଲେ ସୁବାସ ଦେହେରୀ(ରାମ), ଅରକ୍ଷିତ ଦେହୁରୀ (ଲକ୍ଷ୍ମଣ), ବିଜୁ କର୍ଣ୍ଣ (ସୀତା), ଲକ୍ଷ୍ମଣ ପାତ୍ର (ମାରିଚ), ସୁରନ୍ଦ୍ର ରାଉତ (ସୁର୍ପଣଖା), ବୀରବର ଖଣ୍ଡଗିରି (ଜଟାୟୁ), ବିଶିକେଶନ (ହନୁମାନ), ବାସୁଦେବ ଖଣ୍ଡଗିରି, ସନାତନ ମେହେର, ଚୈତନ୍ୟ ପଧାନ, ସାମନ୍ତ ପାତ୍ର ଓ କେଶବ ପାତ୍ର ପ୍ରମୁଖ। ଉକ୍ତ ନାଟକ ପର୍ଯ୍ୟାୟ କ୍ରମେ ପରିବେଷିତ ହୋଇ ଲଙ୍କା ବିଜୟ ଏବଂ ରାମାଭିଷେକରେ ଶେଷ ହେବ। ୧୯୭୨ରେ ଏହି ଗ୍ରାମରେ ପ୍ରଥମ କରି ରାମଲୀଳା ଶୁଭାରମ୍ଭ ହୋଇଥିଲା ଏବଂ ଆଜି ପର୍ଯ୍ୟନ୍ତ ତାହା ଅତୁଟ ରହିଆସିଛି। ଲୀଳା ନାଟକ କ୍ଷେତ୍ରରେ ଜଣାଶୁଣା ନାଟ୍ୟ ନିର୍ଦ୍ଦେଶକ ସ୍ୱର୍ଗତ ସୁଦର୍ଶନ ହୋତା ଏହାର ନିର୍ଦ୍ଦେଶନା ଭାର ଗ୍ରହଣ କରିଥିବା ବେଳେ ପରବର୍ତ୍ତୀ ପୀଢିଙ୍କୁ ଏହି ଗାଁର ଉମେଶ ଚନ୍ଦ୍ର ଦେହୁରୀ ନିର୍ଦ୍ଦେଶନା ଦେଇ ଚାଲିଛନ୍ତି।

### ବିଜେଡି ପକ୍ଷରୁ ନୂତନ ପଞ୍ଚାୟତ କାର୍ଯ୍ୟକାରୀ ସଭାପତି ନିଯୁକ୍ତ

**ବେତନଟୀ, ୨୪।୪ (ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ଅଧୀନରେ ଥିବା ରଘୁପୁର ସମେତ ଅଧିକାଂଶ ପଞ୍ଚାୟତରେ ନୂତନ କାର୍ଯ୍ୟକାରୀ ସଭାପତି ନିଯୁକ୍ତି ପ୍ରଦାନ କରାଯାଇଛି। ବଡସାହି ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ବୃନ୍ଦାବନ ଦାସଙ୍କ ପରାମର୍ଶ କ୍ରମେ ବିଜେଡି ସଂଗଠନ ପକ୍ଷରୁ ଏସବୁ ନିଯୁକ୍ତି ଦିଆଯାଇଛି। ପୂର୍ବରୁ ପ୍ରତି ପଞ୍ଚାୟତରେ ସଭାପତି ପଦରେ ନିଯୁକ୍ତି ଦିଆଯାଇଥିଲା। ସଭାପତିମାନଙ୍କୁ ସହଯୋଗ କରିବା ଲାଗି ସଂଗଠନ ପକ୍ଷରୁ ସର୍ବସମତି କ୍ରମେ ଏହି ନିଯୁକ୍ତି କାର୍ଯ୍ୟକାରୀ କରାଯାଇଛି ବୋଲି ରଘୁପୁର ପଞ୍ଚାୟତର କାର୍ଯ୍ୟକାରୀ ସଭାପତି ତଥା ବରିଷ୍ଠ ବିଜେଡି କର୍ମୀ ମହେଶ୍ୱର ଦାସ ସୂଚନା ଦେଇଛନ୍ତି।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସମ୍ପର୍କ କରନ୍ତୁ
Mysore, Karnataka 570001
Call or SMS Now
7895985440

ASTROLOGY ASTROLOGY

FINANCE FINANCE

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କସିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଈ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ମିଳିବ। ସୁଧ 1%
:ADDRESS:
C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

ଋଣ ଋଣ ଋଣ
ବିଏଫ୍‌ସି ଫାଇନାନ୍ସ
୧ରୁ ୫୦ ଲକ୍ଷର ଋଣ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବିଜ୍‌ନେସ୍, କୃଷି, ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା ପାଳନ, ଇଟା ଭାଟି, ଆଧାର କାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ଏବଂ ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
25 ବର୍ଷ ଧରି ଆପଣଙ୍କ ସେବାରେ
CAPITAL FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା
ମାର୍କଶିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
ସୁଧ 2% - ରିହାତି 40%
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
କାମ ଆମର - ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
9499437218
House No.2, Ram Nagar, Narnol, Haryana

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167 9973805993

BUSINESS BUSINESS

ମହୁମାଛି ଚାଷ
ମହୁମାଛି ଚାଷ କରିବା ପାଇଁ ଆଗ୍ରହୀ ଫାର୍ମ ହାଉସ୍ ମାଲିକମାନଙ୍କ ପାଇଁ ଉଦ୍ଦିଷ୍ଟ, (ସରକାରୀ ପ୍ରୋତ୍ସାହନ ଉଦ୍ଦିଷ୍ଟ 40%)
ଯୋଗାଯୋଗ:
8763499150
OMM HONEY

!!ଋଣ ଋଣ ଋଣ!!
ଗୁରୁ କୃପା ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ
୧,୦୦,୦୦୦-୯୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଗେ ଆସନ୍ତୁ ଆଗେ ପାଆନ୍ତୁ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍‌ଚର, ଭାଟି, ସମସ୍ତ ଋଣ ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
Toll Free
9115871031
Add.: T-51, Gali No. 8, Gautampuri, Delhi

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

BUSINESS
ଖାଲିଥିବା ଜମି ଓ ଛାତ ଉପରେ ୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ଆଦିତ୍ୟ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 60,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
Plot No - 14/271, Devaraja Mohalla, Bangalore, Karnataka 570001
7291069995
7834804457

DHARITRI Career appointment Every Wednesday and Saturday


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଦୁଃଖ ସମସ୍ତଙ୍କ ଜୀବନରେ ଆସିଥାଏ। କିନ୍ତୁ ଫରକ ଏତିକି ଯେ, କେହି ଆଗରେ ପ୍ରକାଶ କରିଥାଏ। କେହି ନିଜ ହୃଦୟ ଭିତରେ ଲୁଚେଇ ରଖିଥାଏ।
- ଚାଣକ୍ୟ



## ସଂକ୍ଷେପରେ

### ପୁରୀ-ହବିବ୍‌ଗଞ୍ଜ ଟ୍ରେନ୍‌ରେ ଏଲ୍‌ଏଚ୍‌ବି କୋଚ୍ ଲାଗିବ

**ସମ୍ବଲପୁର,୨୪।୪ (ବ୍ୟୁରୋ)-** ପୁରୀ-ହବିବ୍‌ଗଞ୍ଜ ସ୍ୱତନ୍ତ୍ର ଟ୍ରେନରେ ଏଲଏଚବି କୋଚ ସଂଯୋଗ କରାଯିବ। ଏଥିରୁ ପରମ୍ପରା ଗତ କୋଚକୁ ସ୍ଥାନାନ୍ତର କରାଯିବ । ଏହି କୋଚ ଗୁଡିକରେ ସୁରକ୍ଷା ସହିତ ଝଟକା ବିହୀନ ଆରାମଦାୟକ ଯାତ୍ରା ଉପଲବ୍ଧି ହେବ। ୦୧୬୬୧/୦୧୬୬୨ ହବିବଗଞ୍ଜ-ପୁରୀ-ହବିବଗଞ୍ଜ ସ୍ୱତନ୍ତ୍ର ଟ୍ରେନ ଚଳିତ ମାସ ୨୩ ତାରିଖଠାରୁ ହବିବଗଞ୍ଜରୁ ଓ ୨୪ ତାରିଖରୁ ପୁରୀଠାରୁ ଏଲଏଚବି କୋଚ ସଂଯୋଗ ସହିତ ଚଳାଚଳ କରିବ । ଏହି ଟ୍ରେନ ଗୋଟିଏ ଏସି-୨ ଟାୟର ବଗି, ୩ଟି ଏସି- ୩ ଟାୟର ବଗି, ୧୦ଟି ସ୍ଲିପର କ୍ଲାସ ବଗି, ୨ଟି ସାଧାରଣ ଦ୍ୱିତୀୟ ଶ୍ରେଣୀ ବଗି, ୨ଟି ଗାର୍ଡ ବଗି, ଲଗେଜ ଭ୍ୟାନ ସହିତ ଚଳାଚଳ କରିବ। ଏଥିରେ ଅଧିକ ବର୍ଥ ସୃଷ୍ଟି ହୋଇପାରିବ । ଏଲଏଚବି କୋଚରେ ଆଣ୍ଟି-ଟେଲିସ୍କୋପିକ ବ୍ୟବସ୍ଥା ରହିବ। ଏହାଦ୍ୱାରା ଦୁର୍ଘଟଣା ସମୟରେ ଅନୁକୂଳ ବାତାବରଣ ସୃଷ୍ଟି କରିବ। ନିରାପଦ, ହାଲୁକା, ଅଧିକ ଆରାମଦାୟକ ରହିବ। ଯାତ୍ରା ସମୟରେ ଝଟକା ବିହୀନ ମଧ ରହିବ। ତେବେ ସୁରକ୍ଷା ଦୃଷ୍ଟିରୁ ବର୍ତ୍ତମାନ ପୂର୍ବ ପ୍ରଚଳିତ ଆଇସିଏଫ କୋଚ ପରିବର୍ତ୍ତେ ଏଲଏଚବି କୋଚ ସଂଯୋଗ କରାଯିବାକୁ ଯୋଜନା କରାଯାଉଛି ବୋଲି ରେଳ ବିଭାଗ ପକ୍ଷରୁ ସୂଚନା ମିଳିଛି ।

### ଶେଷ ସମୟରେ ମା'ଙ୍କୁ ଅନେଇଲେନି ପୁଅ

**ବ୍ରଜରାଜନଗର, ୨୪।୪ (ଡି.ଏନ.ଏ.)-** ବ୍ରଜରାଜନଗର ଅଞ୍ଚଳରେ ଏପରି ଏକ ଘଟଣା ଘଟିଛି, ଯାହା ଅବିଶ୍ୱାସ ହେଲେ ମଧ ସତ୍ୟ । ଜଣେ ବ୍ୟକ୍ତି ତାଙ୍କ ମା'ଙ୍କୁ ମୃତ୍ୟୁ ମୁହଁରେ ପକାଇ ଦେଇ ଚାଲି ଯାଇଛନ୍ତି। ମା'ଙ୍କ ଜୀବନ ଗଲା ପରେ ଖବର ପାଇ ମୃତଦେହ ନେବା ପାଇଁ ଆସିଲେ। ଅଶୋକ ବାବୁ ନାମକ ଏହି ବ୍ୟକ୍ତି ଜଣକ ମହାନଦୀ କୋଇଲା କମ୍ପାନୀର ମାଇନିଂ-୩ରେ କାର୍ଯ୍ୟ କରନ୍ତି । ତାଙ୍କ ପାଖରେ ତାଙ୍କ ମା' ସୁପ୍ରିୟା ଦେବୀ (୮୦) ରହୁଥିଲେ। ବୁଧବାର ସକାଳେ ମା' ଅସୁସ୍ଥତା ଅନୁଭବ କରିବାରୁ ପୁଅ ଅଶୋକ ମଣ୍ଡଳିଆ ଡାକ୍ତରଖାନାରେ ଭର୍ତ୍ତି କରି ନିଜ ମେଡିକାଲ କାର୍ଡ ଦେଇ ଚାଲିଗଲେ । କିଛି ସମୟ ପରେ ଖୋଜିବା ପରେ ପୁଅଙ୍କ ପତ୍ତା ମିଳି ନ ଥିଲା। ମେଡିକାଲ କର୍ତ୍ତୃପକ୍ଷ ଯଥା ସମ୍ଭବ ଚେଷ୍ଟା କରି ଅପରାହ୍ନ ସାଢ଼େ ୨ଟା ପର୍ଯ୍ୟନ୍ତ ସୁପ୍ରିୟା ଦେବୀଙ୍କୁ ବଞ୍ଚାଇ ରଖିଲେ । ଅପରାହ୍ନ ସାଢ଼େ ୨ଟା ପରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହା ପରେ ପୁଅକୁ ଯୋଗାଯୋଗ କରାଯାଇ ମା'ଙ୍କ ମୃତ୍ୟୁ ଖବର ଦିଆଯାଇଥିଲା । ଶେଷରେ ଅଶୋକ ଆସି ମା'ଙ୍କ ମୃତଦେହ ନେଇଥିଲେ। ତେବେ ସୁପ୍ରିୟା ଦେବୀଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଥିବା ଡାକ୍ତରଖାନା କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି।

---

ଶହୀଦ କୃପାରାମ ପ୍ଲେ ସ୍କୁଲର ବାର୍ଷିକ ଉତ୍ସବ

# ଶିକ୍ଷାକୁ ଚାରିକାନ୍ଥ ମଧ୍ୟରେ ସୀମିତ ରଖା ନ ଯାଉ

**ନୂଆପଡ଼ା ଅଫିସ,୨୪।୪**

ଶିକ୍ଷାର ସଜ୍ଞା ବ୍ୟାପକ । ଶିଶୁ ଏକ ମୁକ୍ତ ବିହଙ୍ଗ ଭଳି । ଏମାନଙ୍କୁ ଚାରି କାନ୍ଥ ମଧ୍ୟରେ ଆବଦ୍ଧ କରି ନ ରଖି ମୁକ୍ତ କରିଦେବା ଦରକାର । ଆଜିର ଶିକ୍ଷା ଚାରି କାନ୍ଥ ମଧ୍ୟରେ ସୀମିତ ରହିନାହିଁ। ଅଭିଭାବକମାନେ ଶିଶୁର ସର୍ବାଙ୍ଗୀନ ବିକାଶ ଉପରେ ଧ୍ୟାନ ଦେବା ଜରୁରି ବୋଲି ମତ ପ୍ରକାଶ ପାଇଛି । ସ୍ଥାନୀୟ ଶହୀଦ କୃପାରାମ ମାଝି ପ୍ଲେ ସ୍କୁଲର ବାର୍ଷିକ ଉତ୍ସବରେ ଯୋଗଦେଇ ଅତିଥିମାନେ ଏହି ମତ ରଖିଛନ୍ତି। ପୋଲିସ ପଡିଆରେ ଥିବା ପ୍ଲେ ସ୍କୁଲରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଅଧ୍ୟକ୍ଷ ଭଗବାନ ନାଏକ ସଭାପତିତ୍ୱ କରିଥିବାବେଳେ ଏସପି ତଥା ବିଦ୍ୟାଳୟ ପରିଚାଳନା ନିର୍ଦ୍ଦେଶକ ସ୍ମିତ ପରମାର ମୁଖ୍ୟଅତିଥି, ନ୍ୟାଶନାଲ କଲେଜ ଅଧ୍ୟକ୍ଷ ସମରେନ୍ଦ୍ର ନାରାୟଣ ଦାସ ମୂଖ୍ୟବକ୍ତା, ଶିକ୍ଷାବିତ ବିରଞ୍ଚି ନାରାୟଣ ପାଣିଗ୍ରାହୀ ସମ୍ମାନିତ ବକ୍ତା, ଏଏସପି ସୁନୀଲ କୁମାର ଆଚାର୍ଯ୍ୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ପ୍ରଥମେ ଜଗନ୍ନାଥ ପୂଜନୋତ୍ସବ ସହ ଶହୀଦ କୃପାରାମଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ପୂଜାର୍ଚ୍ଚନା କରାଯାଇଥିଲା। ଉତ୍କଳ ବନ୍ଦନା ପରେ ଅଧ୍ୟକ୍ଷ ନାଏକ ବିଦ୍ୟାଳୟର ବିବରଣୀ ପାଠ କରିଥିଲେ। ଏହି ବିଦ୍ୟାଳୟକୁ ପୋଲିସ ଅଧିକାରୀମାନେ ନିଜସ୍ୱ ପାଣ୍ଠିରୁ ପରିଚାଳନା କରୁଥିବାବେଳେ ଏହା ୬ଷ୍ଠ ବର୍ଷରେ ପଦାର୍ପଣ କରି ବିଭିନ୍ନ କ୍ଷେତ୍ରରେ ଏଠିକାର ଛାତ୍ରୀଛାତ୍ରମାନେ ଉଲ୍ଲେଖନୀୟ କୃତୀତ୍ୱ ରଖିଥିବାରୁ ଅତିଥିମାନେ ପ୍ରଶଂସା କରିଥିଲେ। ଏହି ଅବସରରେ ବକ୍ତାମାନେ ଶିଶୁର ଚାରିତ୍ରିକ ଗଠନ ଉପରେ ବିଶେଷ ଗୁରୁତ୍ୱ ଦେଇଥିବାବେଳେ ଶିକ୍ଷାର ମୂଲ୍ୟବୋଧ ଉପରେ ଆଲୋକପାତ କରିଥିଲେ। ନର୍ସରୀରେ ସର୍ବୋଚ୍ଚ ମାର୍କ ରଖିଥିବା ଅନିଶ କୁମାର ଶବର, ପାୟଲ ପୋଢଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ସେହିଭଳି କ୍ରିଡାରେ ଆଦିତ୍ୟ ରଞ୍ଜନ ଦାସ, ଆୟୁଷି ବିଶି, ଆଦ୍ୟାଶା ପଟେଲ, ସନ୍ଦିପ ଜେନା, ଚିନ୍ମୟୀ ମାଡାଙ୍ଗୀ ପୁରସ୍କୃତ ହୋଇଥିଲେ । ଏହି ଅବସରରେ ଶିଶୁମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ କମଳା ତାଣ୍ଡି, ସୁଜାତା ସାହୁ, ନିଲିମା ପଣ୍ଡା, ପ୍ରିୟରଞ୍ଜନ ଦାସ ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ପୋଲିସ ତରଫରୁ ସମସ୍ତ ଅଧିକାରୀ, କର୍ମଚାରୀମାନେ ଯୋଗଦେଇ ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ ।




ଶହୀଦ କୃପାରାମ ମାଝି ପ୍ଲେ ସ୍କୁଲର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

---

### ହାତୀପଲ ପାଇଁ ଗ୍ରାମବାସୀ ଆତଙ୍କିତ, ବନ ବିଭାଗ ନୟାନ୍ତ

**ସମ୍ବଲପୁର,୨୪।୪ (ବ୍ୟୁରୋ)**

ସମ୍ବଲପୁର ବନଖଣ୍ଡ ସଦର ରେଞ୍ଜର ବିଭିନ୍ନ ଗ୍ରାମରେ ପ୍ରାୟ ମାସେ ହେଲା ହାତୀ ଉପଦ୍ରବ ବଢି ଯାଇଛି । ୨୪ଟି ହାତୀ ଦିନ ତମାମ ନିକଟସ୍ଥ ଜଙ୍ଗଲରେ ରହୁଛନ୍ତି । ସନ୍ଧ୍ୟା ହେଲେ ଗାଁ ମୁହାଁ ହେଉଛନ୍ତି । କେନାଲ ଓ କଟାରେ ପାଣି ପିଇବା ସହ ଗାଧୋଉଛନ୍ତି। ବେହେରାପାଲି, କୀର୍ତ୍ତିପୁର, କାକୁଡିପାଲି, ହାଲିପାଲି, ବଲାରଙ୍ଗା ଆଖପାଖରେ ହାତୀ ପଲକୁ ନେଇ ଆତଙ୍କ ଖେଳି ଯାଇଛି । ଧାନ ଫସଲ ନଷ୍ଟ କରିବା ସହ ଘର ଦ୍ୱାର ଭାଙ୍ଗି ଦେଉଛନ୍ତି । ଘରେ ଥିବା ଚାଉଳ, ଧାନ ଖାଇ ଦେଉଛନ୍ତି । ତେଣୁ ପ୍ରତିଦିନ ସନ୍ଧ୍ୟା ହେଲେ ଗ୍ରାମର ପ୍ରତି ପରିବାର ଆତଙ୍କିତ ହୋଇ ପଡୁଛନ୍ତି । ଅନ୍ୟପଟେ ବନ ବିଭାଗ ପକ୍ଷରୁ ହାତୀ ଘଉଡାଇବା ପାଇଁ ଚେଷ୍ଟା କରଯାଉଛି। ହେଲେ ସୁଫଳ ମିଳୁନି। ଏଥିପାଇଁ ବନ ବିଭାଗର ରେଞ୍ଜର ଗୌରୀ ଦାସଙ୍କ ସହ ପ୍ରାୟ ୩୦ ଜଣ କର୍ମଚାରୀ ନିୟୋଜିତ ରହିଛନ୍ତି । ଲାଇଟ, ଫଟକା ଫୁଟେଇ ହାତୀଙ୍କୁ ଘଉଡାଇବାକୁ ଚେଷ୍ଟା କରୁଛନ୍ତି । ହେଲେ ହାତୀ ପଲ ପୁଣି ଗ୍ରାମକୁ ଚାଲି ଆସୁଛନ୍ତି।

---



ବାଳି ବଧ ଓ ସୁଗ୍ରୀବଙ୍କ ରାଜାଭିଷେକ ।

## ବାଳି ବଧ, ସୁଗ୍ରୀବଙ୍କ ରାଜାଭିଷେକ

**ବଡ଼ଗାଁ, ୨୪।୪ (ଡି.ଏନ.ଏ)**

**ବଡ଼ଗାଁ ରାମଲୀଳା ଯାତ୍ରା**

ରାମାୟଣର ପ୍ରମୁଖ ପ୍ରସଙ୍ଗ ବାଳିବଧ, ତାରାଙ୍କ ଶୋକ ଓ ସୁଗ୍ରୀବଙ୍କ ରାଜାଭିଷେକ ବିଷୟବସ୍ତୁ ଉପରେ ରାମଲୀଳା ଯାତ୍ରା ହୋଇଛି। ସୁଗ୍ରୀବଙ୍କ ସ୍ତ୍ରୀ ତାରାଙ୍କୁ ବାଳି ବାଧ୍ୟବାଧକତାରେ ନେଇଯାଇଥିଲାବେଳେ ଅନ୍ୟପକ୍ଷେ ରାମଙ୍କ ପତ୍ନୀଙ୍କୁ ରାବଣ ଅପହରଣ କରିନେଇଥିବାରୁ ସୁଗ୍ରୀବ ଏବଂ ରାମଙ୍କ ସମଦଶା ହୋଇଥିଲା । ଏହି କାରଣରୁ ଉଭୟଙ୍କ ମଧ୍ୟରେ ମିତ୍ରତା ସ୍ଥାପନ ହୋଇ ପରସ୍ପରକୁ ସାହାର୍ଯ୍ୟ, ସହଯୋଗ କରିବା ସହ ପରାକ୍ରମୀ ବାଳିକୁ ବଧ କରିବା ପାଇଁ ଶ୍ରୀରାମ ଚନ୍ଦ୍ର ପ୍ରତିଶ୍ରୁତି ଦେଲେ। ଏହି ପ୍ରତିଶ୍ରୁତି ରକ୍ଷା ପାଇଁ ରାମଙ୍କୁ ସପ୍ତଶାଳ ବୃକ୍ଷ ଓ ଦୁନ୍ଦୁଭି ଅସୁରର ଅସ୍ଥିକୁ ଏକ ଶରରେ ନିକ୍ଷେପ କରିବାରୁ ସୁଗ୍ରୀବଙ୍କ ମଧ୍ୟରେ ବିଶ୍ୱାସ ଜାତ ହୋଇଥିଲା । ଏହାପରେ ସୁଗ୍ରୀବ ଯୁଦ୍ଧ ପାଇଁ ବାଳିଙ୍କୁ ଆହ୍ୱାନ ଦେଇଥିଲେ । ଉଭୟଙ୍କ ମଧ୍ୟରେ ଘମାଘୋଟ ଯୁଦ୍ଧ ଚାଲିଥିବା ବେଳେ ରାମଚନ୍ଦ୍ର ଗଛ ଆଡୁଆଳରେ ଲୁଚି ରହି ବାଳିଙ୍କୁ ବଧ କରିଥିଲେ। ବାଳିଙ୍କ ମୃତ୍ୟୁ ପରେ ପତିବ୍ରତା ମହାସତୀ ତାରା କ୍ଷୁବ୍ଧ ହୋଇ ବିନା ଦୋଷରେ ଛଳନା କରି ହତ୍ୟା କରିଥିବାରୁ ରାମଙ୍କୁ ଉତ୍ସନା କରିବା ସହ ଅଭିଶାପ ଦେଇଥିଲେ। ଏହା ପରେ ରାମ, ତାରାଙ୍କୁ ଆଶ୍ୱାସନା ଦେଇ ସୁଗ୍ରୀବଙ୍କ ହାତରେ ସମର୍ପଣ କରି ଲକ୍ଷ୍ମଣଙ୍କ ଦ୍ୱାର ସୁଗ୍ରୀବଙ୍କୁ କିସ୍କିନ୍ଧ୍ୟା ରାଜ୍ୟରେ ରାଜ୍ୟାଭିଷେକ କରିଥିଲେ। ଏହି ସମୟରେ ହନୁମାନ, ଅଙ୍ଗଦ ଓ କପିକୂଳ ଉପସ୍ଥିତ ଥିଲେ। ଏହି ବିଷୟବସ୍ତୁର ରାମ, ଲକ୍ଷ୍ମଣ, ବାଳି, ସୁଗ୍ରୀବ, ହନୁମାନ, ଅଙ୍ଗଦ, ତାରା ଭୂମିକାରେ ଲୁଲୁ ପାଣିଗ୍ରାହୀ, ଦୀପକ ପୃଷେଟ, ପିକଲୁ ପାଣିଗ୍ରାହୀ, ରାଜେଶ ଚକ୍ରବର୍ତ୍ତି, ବବଲୁ ପ୍ରଧାନ, ସିପନ ହୋତା, ପ୍ରକାଶ ସାହୁ ଅଭିନୟ କରିଥିଲେ।

---

### ଶିକ୍ଷା ବ୍ୟବସ୍ଥାରେ ସୁଧାର ପାଇଁ ଅଣ୍ଟା ଭିଡିଲା ଶିକ୍ଷା ବିଭାଗ

**ଲାଞ୍ଜିଗଡ଼,୨୪।୪(ଡି.ଏନ.ଏ.)**

ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସରକାର ଆଗରୁ ଖରାଛୁଟି ଘୋଷଣା କରିଛନ୍ତି । ତେବେ ସ୍କୁଲଗୁଡ଼ିକ ଖୋଲା ରହିବ ଓ ଶିକ୍ଷକମାନେ ଯଥାରୀତି ସେମାନଙ୍କ ଦାୟିତ୍ୱ ତୁଲାଇବେ ବୋଲି ନିର୍ଦ୍ଦେଶନାମା ଜାରି କରାଯାଇଛି । ସେହିପରି ଆଗାମୀ ଶିକ୍ଷାବର୍ଷରେ ପାଠପଢା ସହିତ ଉଜ୍ଜ୍ୱଳ କାର୍ଯ୍ୟକ୍ରମ ମଧ ଆରମ୍ଭ ହେବ । ଏହାକୁ ପର୍ଯ୍ୟାୟଭିତ୍ତିରେ ଲାଗୁ କରିବା ସହ ପାଠପଢା ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଦାୟିତ୍ୱକୁ ବ୍ୟବସ୍ଥିତ କରିବା ପାଇଁ ଲାଞ୍ଜିଗଡ଼ ବ୍ଲକ ଶିକ୍ଷା ବିଭାଗ ଅଣ୍ଟା ଭିଡ଼ିଛି। ବ୍ଲକ ଶିକ୍ଷାଧିକାରୀ ସଞ୍ଜୀବ କୁମାର ନାଏକଙ୍କ ତତ୍ତ୍ୱାବଧାନରେ ହୋଇଥିବା କାର୍ଯ୍ୟକ୍ରମରେ ବ୍ଲକ ସମସ୍ତ କ୍ଲଷ୍ଟର ସିଆର୍‌ସିସି, ପ୍ରଧାନଶିକ୍ଷକମାନଙ୍କୁ ସାମିଲ କରାଯାଇ ଏକ ପାଇଲଟ୍ ପ୍ରକଳ୍ପ ଭାବେ ଏହାକୁ କାର୍ଯ୍ୟକାରୀ କରାଯାଉଛି। ଏହିକ୍ରମରେ ମଙ୍ଗଳବାର ବିଶ୍ୱନାଥପୁର କ୍ଲଷ୍ଟର ଅନ୍ତର୍ଗତ ସିଆର୍‌ସିସି ଓ ଏହା ଅଧୀନ ସମସ୍ତ ସ୍କୁଲ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ନେଇ ଏକ କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ କାଶୀନାଥ ରାଉତରାୟ, ସିଆର୍‌ସିସି ଗଣେଶ ଠେଲା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସେହିପରି ବୁଧବାର ଲାଞ୍ଜିଗଡ଼ ନୋଡ଼ାଲ ସ୍କୁଲରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷାଧିକାରୀ ନାଏକ, ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ରାଉତରାୟ, ପୂର୍ବତନ ବିଆର୍‌ସିସି ଗୋପବନ୍ଧୁ ପୁଷ୍ଟି, ହରେକୃଷ୍ଣପୁର ସିଆର୍‌ସିସି ରାଧାମାଧବ ରଥ, ଲାଞ୍ଜିଗଡ଼ ସିଆର୍‌ସିସି ଏମ୍. ସୁନ୍ଦରଶେଖର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଲାଞ୍ଜିଗଡ଼ ଓ ହରେକୃଷ୍ଣପୁର କ୍ଲଷ୍ଟରର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ସାମିଲ ହୋଇଥିଲେ ।

---

## ନିଜ ଉଦ୍ୟମରେ ଗାଁ ପାଇଁ ତିଆରି କଲେ ରାସ୍ତା

**■ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ନୁନ୍ଦରେଶଗାଁବାସୀ**

**ଭବାନୀପାଟଣା,୨୪।୪(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଦୁର୍ଗମ ଅଞ୍ଚଳ ଭାବେ ଥୁଆମୂଳ ରାମପୁର ବ୍ଲକ ପରିଚିତ। ସ୍ୱାଧୀନତାର ୭୨ ବର୍ଷ ପରେ ମଧ ଏହି ବ୍ଲକର ତଳଆମପଦର ଗ୍ରାମପଞ୍ଚାୟତ ନୁନ୍ଦରେଶଗାଁକୁ ରାସ୍ତା ନ ଥିବାରୁ ଗ୍ରାମବାସୀ ଦୁର୍ବିସହ ଜୀବନ ଯାପନ କରୁଛନ୍ତି। ଏ ନେଇ ଗ୍ରାମବାସୀ ସରପଞ୍ଚଠାରୁ ମନ୍ତ୍ରୀ ଏବଂ କିରାଣୀଠୁ ଆରମ୍ଭ କରି ଜିଲାପାଳ ସମସ୍ତଙ୍କଠାରେ ଅଭିଯୋଗ କରିଥିଲେ। କିନ୍ତୁ କୌଣସି ସୁଫଳ ନ ମିଳିବାରୁ ନିଜେ ଶ୍ରମଦାନ ସହ ଘର ପ୍ରତି ୩୦୦୦ ଟଙ୍କା ଲେଖାଁଏ ଚାନ୍ଦା କରି ନିଜ ଗାଁ ପାଇଁ ରାସ୍ତା ତିଆରି କରି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ମାଓବାଦୀ ଅଧ୍ୟୁଷିତ ଜଙ୍ଗଲ ମଧରେ ୩ କି.ମି. ଦୂରରେ ରହିଛି ନୁନ୍ଦରେଶ ଗାଁ। ଅଙ୍କାବଙ୍କା ପାଦଚଲା ରାସ୍ତା ସାଙ୍ଗକୁ ପଥର ଓ ଖାଲଖମାରେ ଭରି ରହିଛି ରାସ୍ତା। ଗାଡି ମୋଟର ତ ଦୂରର କଥା ଚଲିକି ଯିବା ଭଳି ମଧ ଉଦ୍ଦିଷ୍ଟ ନୁହେଁ ଏଠାକାର ରାସ୍ତା। ରାସ୍ତା ନ ଥିବା ଯୋଗୁ ଗ୍ରାମବାସୀ କେହି ମେଡିକାଲ କାମ କିମ୍ବା ଗର୍ଭବତୀଙ୍କୁ ୩ କି.ମି. ପର୍ଯ୍ୟନ୍ତ ଖଟିଆରେ ବୋହିବାକୁ ପଡିଥାଏ। ସେହିପରି ଗାଁକୁ ରାସ୍ତା ନ ଥିବା ଯୋଗୁ ଆଜି ପର୍ଯ୍ୟନ୍ତ ଗାଁରେ ନଳକୂପଟିଏ ଖୋଳାଯାଇ ପାରିନାହିଁ । ଫଳରେ ଗ୍ରାମବାସୀ ଆଜି ମଧ ନିକଟରେ ଥିବା ନାଳର ଗୋଳିଆ ପାଣିକୁ ବ୍ୟବହାର କରି ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ଜୀବନ ହାରୁଛନ୍ତି। ଗ୍ରାମରେ ରାଜୀବ ଗାନ୍ଧୀ ବିଦ୍ୟୁତକରଣ ଯୋଜନାରେ ବିଦ୍ୟୁତ ସଂଯୋଗ କାଗଜ କଲମରେ ଦର୍ଶାଯାଇଛି । ହଲେ ଗ୍ରାମରେ ବିଦ୍ୟୁତ ଖୁଣ୍ଟଟିଏ ମଧ ପୋତାଯାଇ ନାହିଁ। ଆଜି ପର୍ଯ୍ୟନ୍ତ ଗାଁର ଜଣେ ମଧ ଗ୍ରାମବାସୀ ମୋ କୁଡିଆ, ଇନ୍ଦିରା ଆବାସ କିମ୍ବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଖଣ୍ଡେ ମଧ ପାଇପାରି ନାହାନ୍ତି। ଗାଁରେ କାମ ନ ଥିବା ଯୋଗୁ ଲୋକେ ବାଧ୍ୟ ହୋଇ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି। ଗାଁକୁ ରାସ୍ତା ନ ଥିବା ଯୋଗୁ ଅଙ୍ଗନୱାଡି କିମ୍ବା ଆଶା କର୍ମୀ ମଧ ଆସୁନାହାନ୍ତି। ଫଳରେ ଗର୍ଭବତୀ ମହିଳା ଓ ଶିଶୁ ପୁଷ୍ଟିକର ଖାଦ୍ୟ ଓ ଶିକ୍ଷାରୁ ମଧ ବଞ୍ଚିତ ହୋଇଛନ୍ତି। ଏ ନେଇ ଗ୍ରାମବାସୀ ସରପଞ୍ଚ ହାଦାନ ମାଝିଙ୍କୁ ମଧ ବାରମ୍ବାର କହିଲେ ସୁଦ୍ଧା ସରପଞ୍ଚ ମଧ କୌଣସି ସାହାଯ୍ୟ କରୁ ନ ଥିବାରୁ ଶେଷରେ ଗାଁର କିଛି ଉତ୍ସାହି ଯୁବକ ଶ୍ରମଦାନ ସହ ଘର ପ୍ରତି ୩୦୦୦ ଟଙ୍କା ଲେଖାଁଏ ଚାନ୍ଦା କରି ରାସ୍ତାର ପଥରକୁ ଜେସିବି ମାଧ୍ୟମରେ ଉଠାଇ ରାସ୍ତା ନିର୍ମାଣ କରି ନିଜ ପାଇଁ ଯାତାୟାତର ମାର୍ଗ ଫିଟାଇ ପାରିଛନ୍ତି।

---

## ପାରମ୍ପରିକ ଜଳଉତ୍ସକୁ ଅବହେଳା, ଲୋକେ ହଇରାଣ

**ଭବାନୀପାଟଣା,୨୪।୪(ଡି.ଏନ.ଏ.)**

କଳାହାଣ୍ଡି ଜିଲାର ଗ୍ରାମାଞ୍ଚଳରେ ଏବେ ଜଳ ପାଇଁ ହାହାକାର ପରିସ୍ଥିତି ସୃଷ୍ଟି ହୋଇଛି । ପାରମ୍ପରିକ ଜଳାଶୟଗୁଡିକୁ ଅବହେଳା କରାଯାଉଥିବାରୁ ଗ୍ରାମାଞ୍ଚଳ ଲୋକଙ୍କୁ ବହୁ ଦୁର୍ଦ୍ଦଶାର ସମ୍ମୁଖୀନ ହେବାକୁ ପଡୁଛି । ଗାଁରେ ବାସ କରୁଥିବା ଲୋକଙ୍କୁ ପାନୀୟ ଜଳ ସହିତ ଗାଧୋଇବା ଓ ଅନ୍ୟ ଘରୋଇ ବ୍ୟବହାର, ଗୃହପାଳିତ ପ୍ରାଣୀଙ୍କ ପିଇବା, ବଗିଚା ଆଦି ପାଇଁ ପାଣିର ଆବଶ୍ୟକତା ରହିଛି । ବିଭିନ୍ନ ଗ୍ରାମରେ ପାନୀୟ ଜଳ ଯୋଗାଣ ପାଇଁ ବିଭିନ୍ନ ସରକାରୀ ଯୋଜନା ରହିଛି । ଏହି ପ୍ରକଳ୍ପଗୁଡିକ ଉଚିତ୍ କାର୍ଯ୍ୟକ୍ଷମ ନ ହେବା, ନିମ୍ନମାନର କାର୍ଯ୍ୟ ଯୋଗୁ ଅଳ୍ପ ଦିନରେ ଅଚଳ ହୋଇପଡୁଛି । ତେବେ ଏହି ସବୁ ଯୋଜନାର ଉପରେ ସରକାରୀ ଅଧିକାରୀ ଓ ଜନପ୍ରତିନିଧିମାନେ ଜୋର୍ ଦେଉଥିବା ବେଳେ ପାରମ୍ପରିକ ଜଳାଶୟଗୁଡିକୁ ଉପେକ୍ଷା କରାଯାଉଛି। ଏଣୁ ବିଶେଷ କରି ଖରାଦିନେ ଗ୍ରାମାଞ୍ଚଳ ଲୋକେ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି । ଜିଲାରେ ଥିବା ବନ୍ଧ, କଁଟା ଏବେ ଲୁପ୍ତ ହେବା ଅବସ୍ଥାରେ ଅଛି । ଏହା ଅମରି ବଣରେ ପରିଣତ ହୋଇଗଲାଣି । ଏହାର ପୁନରୁଦ୍ଧାର ପାଇଁ ପଞ୍ଚାୟତ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେଉଛି । ସେହିପରି ପୋଖରୀର ଅବସ୍ଥା ମଧ ଅତ୍ୟନ୍ତ ଶୋଚନୀୟ । ଏହି ପାଣି ବ୍ୟବହାର ଅଯୋଗ୍ୟ ହୋଇଥିଲେ ହେ ଲୋକେ ବାଧ୍ୟବାଧକତାରେ ଏଠାରେ ଗାଧୋଉଛନ୍ତି । ବିଭିନ୍ନ ଗ୍ରାମର କଁଟାର ପୁନରୁଦ୍ଧାର କରଯାଉ ନ ଥିବାରୁ ଲୋକେ ଅସୁବିଧା ଭୋଗ କରୁଛନ୍ତି । ଏ ପରିପ୍ରେକ୍ଷୀରେ ଗାଁଗୁଡିକର ପାରମ୍ପରିକ ଜଳାଶୟଗୁଡିକ ପୁନରୁଦ୍ଧାର ନ ହେଲେ ଆଗକୁ ଆହୁରି ଭୟାବହ ସ୍ଥିତି ସୃଷ୍ଟି ହେବା ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ । କଳାହାଣ୍ଡି ଜିଲାରେ ୩୧୨୧ଟି ସରକାରୀ ଜଳାଶୟ ଅଛି ଯାହାକି, ୪୨୮୪ହେକ୍ଟର । ସେହିପରି ୧୯୭୧ଟି ବେସରକାରୀ ଜଳାଶୟ ଅଛି, ଯାହାକି ୧୧୩୦ ହେକ୍ଟର ଓ ୪୧ଟି ରିଜର୍ଭର ରହିଛି । ଯାହାକି ୮୮୦୭ହେକ୍ଟର ବୋଲି ସରକାରୀ ସୁତ୍ରରୁ ଜଣାପଡିଛି ।

---

## ସରକାରଙ୍କ ବିଭିନ୍ନ ଯୋଜନାରୁ ବୃଦ୍ଧ ଦମ୍ପତି ବଞ୍ଚିତ ଅଭିଯୋଗ

**ଭବାନୀପାଟଣା,୨୪।୪ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଦୁର୍ଗମ ଅଞ୍ଚଳ ଭାବେ ପରିଚିତ ଥୁ.ରାମପୁର ବ୍ଲକ ଅଧୀନ ଇନ୍ଦ୍ରାବତୀ ଜଳଭଣ୍ଡାର କୂଳରେ ରହୁଥିବା ମହୁଲପାଟଣା ପଞ୍ଚାୟତ ପୋଡାପଦରର ବୃଦ୍ଧ ଦମ୍ପତି ସମ୍ବାରୁ ମାଝି (୬୮) ଓ ତାଙ୍କ ସ୍ତ୍ରୀ ପଦ୍ମାଏ ଦେଈ (୬୫) ସରକାରଙ୍କ ବିଭିନ୍ନ ଯୋଜନାରୁ ବଞ୍ଚିତ। ଅଦ୍ୟାବଧି ସରକାସରଙ୍କ ସବୁ ଯୋଜନାରୁ ଏଡି ବୃଦ୍ଧ ଦମ୍ପତି ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। କୌଣସି ଯୋଜନାର ସାମିଲ ହୋଇପାରିନାହାନ୍ତି । ଭୂମିହୀନ ସମ୍ବାରୁ ଓ ସ୍ତ୍ରୀ ପଦ୍ମାଏ ୬୦ ବର୍ଷ ଅତିକ୍ରମ କରିଥିଲେ ମଧ ଏ ପର୍ଯ୍ୟନ୍ତ ସେମାନଙ୍କୁ ବାର୍ଦ୍ଧକ୍ୟ ଭତ୍ତା ମିଳିପାରିନି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଖାଦ୍ୟ ସୁରକ୍ଷା ଯୋଜନା କରିଥିଲେ ମଧ ଏହି ଦମ୍ପତିଙ୍କ ପାଇଁ ତାହା ଅପହଞ୍ଚ ହୋଇ ରହିଛି । ସେହିପରି ସମସ୍ତଙ୍କୁ ଘର ଡିହ ଦିଆଯାଇଥିବା ନେଇ ସରକାର କହୁଥିବା ବେଳେ ଏହି ଦମ୍ପତିଙ୍କ ପାଇଁ ତାହା ସାତସପନ ହୋଇଛି। ଆବାସ ଯୋଜନାର ଘର ବି ମିଳିପାରୁନି । ଫଳରେ ପଡିଶା ଘର ଅଗଣାରେ ଝାଟିମାଟି ଘର କରି ରହୁଛନ୍ତି ଏହି ଦମ୍ପତି । ସରକାରଙ୍କ ଯୋଜନାରେ ସାମିଲ ହେବା ପାଇଁ ଅନେକଙ୍କ ଦ୍ୱାରସ୍ଥ ହେଇଥିଲେ ମଧ କେହି ସେମାନଙ୍କ କଥା ଶୁଣୁ ନ ଥିବା ସେମାନେ ଅଭିଯୋଗ କରିଛନ୍ତି । ସରକାର ଆଦିବାସୀଙ୍କ ଉନ୍ନତି ପାଇଁ ଅନେକ ଯୋଜନା କରିଛନ୍ତି। କିନ୍ତୁ ଏହି ବୃଦ୍ଧ ଦମ୍ପତି ଆଦିବାସୀ ହେଇଥିଲେ ମଧ ସେମାନଙ୍କ ପାଖରେ କୌଣସି ଯୋଜନା ପହଞ୍ଚି ନାହିଁ । ଏ ନେଇ ବିଡିଓ ନବିନ ଚନ୍ଦ୍ର ନାଏକଙ୍କ ସହିତ ଯୋଗାଯୋଗ ପାଇଁ ପ୍ରୟାସ କରାଯାଇଥିଲେ ମଧ ଯୋଗାଯୋଗ ସମ୍ଭବ ହେଇପାରିନାହିଁ ।

---

ଦାନୋଝଲା ଗାଁରେ କାଳବୈଶାଖୀର ତାଣ୍ଡବ

# ସ୍କୁଲ ସମେତ ୫ ଘରେ ପଡ଼ିଲା ଗଛ

**ନୂଆପଡା ଅଫିସ, ୨୪।୪**

କିଛି ଦିନ ହେଲା ନୂଆପଡା ଜିଲାରେ କଳାବୈଶାଖୀ ତାଣ୍ଡବ ଚଳାଇଛି । ଏହା ଦ୍ୱାରା ବହୁ ଧନଜୀବନ ନଷ୍ଟ ହେଉଥିବାବେଳେ ରବିଚାଷ ନଷ୍ଟ ହେଉଛି। ଏହି ଜିଲାର କୋମନା ବ୍ଲକ ଦାନୋଝଲା ଗାଁରେ ରାତିରେ କାଳବୈଶାଖୀ ବହୁ ଫସଲ ନଷ୍ଟ ସାଙ୍ଗକୁ ଗାଁ ସ୍କୁଲ ଉପରେ ଦାଉ ସାଧିଛି। ଏହା ସହ ୫ରୁ ଊର୍ଦ୍ଧ୍ୱ ଗରିବଙ୍କ କୁଡିଆକୁ ଭାଙ୍ଗି ଚୁରମାର କରିଦେଇଛି। ଖବର ନେବାରେ ବିଳମ୍ବିତ ରାତିରେ ଦାନୋଝଲା ଗାଁ ମୁଣ୍ଡରେ ଥିବା ପ୍ରାଥମିକ ବିଦ୍ୟାଳୟ ଉପରେ ନିକଟରେ ଥିବା ବିଶାଳକାୟ ଗଛ ଭାଙ୍ଗି ପଡିବାରୁ ଛାତ ଚୁରମାର ହୋଇପଡିଛି ।

ସ୍କୁଲ ଉପରେ ଗଛ ପଡ଼ି ଭାଙ୍ଗିବା ସମ୍ପର୍କରେ ବିଦ୍ୟାଳୟ ପ୍ରଧାନଶିକ୍ଷକ କମଳନାଥ ଖମାରୀ ବ୍ଲକ ଶିକ୍ଷାଧିକାରୀ ଏବଂ ତହସିଲଦାରଙ୍କୁ ଲିଖିତ ଭାବେ ବୁଧବାର ଜଣାଇଛନ୍ତି । ଏହା ଉପରେ ତଦନ୍ତ କରି ବିଦ୍ୟାଳୟର ପ୍ରକୃତ ସ୍ଥିତି ଆକଳନ କରି କାର୍ଯ୍ୟାନୁଷ୍ଠାନ କରିବାକୁ ନିବେଦନ କରିଛନ୍ତି । ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଆସି ଗଛ କାଟି ବିଦ୍ୟାଳୟ ପରିସର ସଫା କରିଛନ୍ତି। ସେହିଭଳି ଗାଁର କୃଷ୍ଣ ମାଝିଙ୍କ ନବ ନିର୍ମିତ ପାଇଖାନା ଘର, ଜଗନ୍ନାଥ ମାଝି, ଦିଲୀପ ସିଂ ମାଝି, ବଳଦେବ ମାଝିଙ୍କ ଗାଈ ଗୁହାଳ, ଗଙ୍ଗା ନାଗଙ୍କର ଆମ୍ବ ଗଛ ଆଦି ଭାଙ୍ଗି ନଷ୍ଟ ହୋଇପଡିଥିବା ଅଭିଯୋଗ କରିଛନ୍ତି। ଏହିଭଳି ଏହି ଗାଁର ବହୁ ଚାଷୀଙ୍କ ପିଆଜ, ରସୁଣ, ମୁଗବିରି, ଭେଣ୍ଡି ଚାଷ ନଷ୍ଟ ହୋଇପଡିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଏହା ଉପରେ କୃଷି ବିଭାଗ ଦୃଷ୍ଟି ଦେଇ ତୁରନ୍ତ କ୍ଷତିପୂରଣ ଦେବା ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ସୂଚନାଯୋଗ୍ୟ ଯେ, ଆଜକୁ ସପ୍ତାହେ ହେବ ବିଶେଷ କରି କୋମନା ବ୍ଲକ ଅଞ୍ଚଳରେ କାଳବୈଶାଖୀ ମାଡି ବସିଛି। ଏଭଳି ପରିସ୍ଥିତି କେବେ ଆସି ନ ଥିଲା । କେଜାଣି କ'ଣ କାଳ ଗ୍ରାସିଛି ଯେ ବାରମ୍ବାର ଦଇବ କରାଳ ଛାଇ ଆମ ଉପରେ ପଡୁଛି ବୋଲି ଚାଷୀମାନେ ଚିନ୍ତା ପ୍ରକଟ କରିଛନ୍ତି । କେହି କେହି ଏହାକୁ ନେଇ ପୂଜା କରିବାକୁ ବନ୍ଦୋବସ୍ତ କରୁଥିବା ପରିଲକ୍ଷିତ ହେଉଛି। ଆଗକୁ କ'ଣ ହେଉଛି ଏହା ଉପରେ ପ୍ରଶାସନ ବେଳହୁଁ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

**ବହୁ ପନିପରିବାଚାଷ ନଷ୍ଟ**





ଦାନୋଝଲା ଗାଁର ପ୍ରାଥମିକ ବିଦ୍ୟାଳୟ ଉପରେ ଗଛ ପଡି ଭାଙ୍ଗିଯାଇଛି, ଶିକ୍ଷକମାନେ ବାହାରେ ଛିଡା ହୋଇଛନ୍ତି । ଭାଙ୍ଗିଥିବା ଗଛଗୁଡିକୁ ଅଗ୍ନିଶମ ବିଭାଗ କର୍ମଚାରୀମାନେ କାଟି ସଫା କରୁଛନ୍ତି ।



ଯେତେବେଳେ ଆମେ ନିଜ ପାଇଁ ବଞ୍ଚିବା ଛାଡ଼ିଦେଉ,
ସେତେବେଳେ ଜୀବନ ଏକ ତୀର୍ଥରେ ପରିଣତ ହୁଏ।
- ଜେ.ଏସ୍. ଗୋଲ୍ଡସ୍ମିଥ



## ସଂକ୍ଷେପରେ



### ବୋଲେରୋ ଦୁର୍ଘଟଣାଗ୍ରସ୍ତ

**କୋକସରା,୨୪।୪(ଡି.ଏନ.ଏ.)-** କଳାହାଣ୍ଡି ଜିଲା ଜାତୀୟ ରାଜପଥ ୨୬ କୋକସରା ବ୍ଲକ ମହାଜନଗୁଡ଼ା ଛକ ପେଟ୍ରୋଲ ପମ୍ପ ନିକଟରେ ବୁଧବାର ସକାଳ ୮ଟାରେ ଭାରସାମ୍ୟ ହରାଇ ଆମପାଣି ପଟୁ ଆସୁଥିବା ଏକ ବୋଲେରୋ ଦୁର୍ଘଟଣାଗ୍ରସ୍ତ ହୋଇଛି । ଏଥିରେ ବସିଥିବା ପରିବାର ଅଳ୍ପକେ ମୃତ୍ୟୁମୁହଁରୁ ବର୍ତ୍ତି ଯାଇଥିବା ଜଣାପଡୁଛି । ସୂଚନା ମୁତାବକ ଆମପାଣିରୁ ରଶ୍ମିମଣି ପୂଝାରୀଙ୍କ ପରିବାର ନିଜ ଗାଁ ଫୁପଗାଁକୁ ବୋଲେରୋ (ନଂ. ଓଡ଼ି୦୮ଜେ-୨୮୦୪) ଯୋଗେ ଫେରୁଥିଲେ। ଏହି ସମୟରେ ମହାଜନଗୁଡ଼ା ଛକ ନିକଟରେ ଗାଡି ଭାରସାମ୍ୟ ହରାଇ ଏକ ରାସ୍ତା କଡ଼ରେ ଥିବା ବିଲ ମଧ୍ୟକୁ ଓଲଟି ପଡ଼ିଥିଲା । ଗାଡ଼ିରେ ବସିଥିବା ରଶ୍ମିମଣି ପୂଝାରୀ ଓ ତାଙ୍କ ଝିଅ ଗୁରୁତର ହୋଇଥିବାବେଳେ ଅନ୍ୟମାନେ ସାମାନ୍ୟ ଆହତ ହୋଇଥିଲେ। ଗୁରୁତରଙ୍କୁ ଉଦ୍ଧାର କରାଯାଇ ଭବାନୀପାଟଣା ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି । ତାଙ୍କ ଝିଅଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ବିଶାଖାପାଟଣା ପଠାଯାଇଥିବା ସୂଚନା ମିଳିଛି । ଆମପାଣି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିବା ସହିତ ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି ।

### ସତ୍ୟସାଇ ବାବାଙ୍କ ଆରାଧନା ମହୋତ୍ସବରେ ରୋଗୀଙ୍କୁ ଫଳ ବଣ୍ଟନ

**କୋକସରା,୨୪।୪(ଡି.ଏନ.ଏ.)-** କଳାହାଣ୍ଡି ଜିଲା କୋକସରା ବ୍ଲକ ମାଝିଗୁଡ଼ା ସତ୍ୟସାଇ ସେବା ଅନୁଷ୍ଠାନ ତରଫରୁ ସତ୍ୟସାଇ ବାବାଙ୍କ ଆରାଧନା ମହୋତ୍ସବ ଦିବସରେ ବୁଧବାର ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଛି। କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ରୋଗୀମାନଙ୍କୁ ସତ୍ୟସାଇ ସେବା ଅନୁଷ୍ଠାନ ମାଝିଗୁଡ଼ାର ସଦସ୍ୟ ଅଭିମନ୍ୟୁ ପ୍ରୁ, ଅବସରପ୍ରାପ୍ତ ଶିକ୍ଷକ କେଶବ ଚନ୍ଦ୍ର ନାଏକ, ତାପସ ରନ ବାଗ, ଧର୍ମରାଜ ସାହୁ ପ୍ରମୁଖ ଫଳ ବଣ୍ଟନ କରିଥିଲେ ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

ଭବାନୀପାଟଣା ସହରରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ

# ଖତ ଖାଉଛି ସ୍ୱିପିଂ ମେଶିନ

**ଭବାନୀପାଟଣା,୨୪।୪ (ଡି.ଏନ.ଏ.)**

କଳାହାଣ୍ଡି ଜିଲାର ଭବାନୀପାଟଣା ସହରର ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ବିଭିନ୍ନ ପଡାର ଛକଗୁଡିକ ଡଷ୍ଟ ବିନ ପାଲଟିଛି। ସ୍ୱିପିଂ ମେଶିନ ଖତ ଖାଉଛି । ବହୁ ଦିନ ହେଲା ଫଗିଂ ମେଶିନ ଅକାମିହୋଇ ପଡିଥିବା ବେଳେ ଡ୍ରେନରେ ମଶା ତେଲ ପକା ଯାଉନାହିଁ । ଏ ପର୍ଯ୍ୟନ୍ତ ଖରିଆର ରାସ୍ତାରେ ଥିବା ଡମ୍ପିଂୟାର୍ଡର ୱେଷ୍ଟ ମ୍ୟାନେଜମେଣ୍ଟ କାର୍ଯ୍ୟକାରୀ ନ ହେବା ଯୋଗୁ ଅଳିଆ ଆବର୍ଜନା ରାସ୍ତା ଉପରେ ପଡିରହୁଛି । ଭବାନୀପାଟଣା ସହରର ମଦନମୋହନପଡା ଛକରେ ଅଳିଆ ଆବର୍ଜନା ପ୍ରାୟ ସବୁବେଳେ ଜମା ହେଉଛି । ଏଥିଯୋଗୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି । ସେହିଭଳି ସହରର ପୁରୁଣାପଡା, ଜୋରପଡା, ନୂଆପଡା, କନ୍ଧପଡା, ବାହାଦୁରପଡା ବଗିଚାପଡା, ନୂଆବସଷ୍ଟାଣ୍ଡ, ପୁରୁଣା ବସଷ୍ଟାଣ୍ଡ, ନକଟିଗୁଡା, ଗାନ୍ଧୀଛକ, ରାମସାଗରପଡା, ଶାନ୍ତିନଗରପଡା, ଇରିଗେସନ କଲୋନି, ମନ୍ଦାରବଗିଚାପଡା ସମେତ ସହରର ୨୦ଟି ୱାର୍ଡରେ ନିୟମିତ ସଫେଇ ନ ହେବା ଯୋଗୁ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି । ଯେଉଁ ପଡାର ରାସ୍ତା ପାର୍ଶ୍ୱରେ ଖାଲି ଜାଗା ଅଛି, ସେଠାରେ ଅଳିଆ ଆବର୍ଜନା ଜମା ହୋଇ ଡଷ୍ଟବିନ ପାଲଟିଛି । ଫଳରେ ପାଣି ଦୂଷିତ ହୋଇ ରୋଗ ସଂକ୍ରମଣ ହେବା ପାଇଁ ସୁଯୋଗ ସୃଷ୍ଟି କରିଛି । ଗତବର୍ଷ ଏଥିଯୋଗୁ ସହରରେ ଜଣ୍ଡିସ ବ୍ୟାପିଥିଲା । ସହରରେ ୪ ଜଣ ନିୟମିତ ସୁଇପର ଥିବା ବେଳେ ୧୯୪ ଜଣ ଆଉଟସୋର୍ସିଂର ଅସ୍ଥାୟୀ ସୁଇପର କର୍ମଚାରୀ ନିୟୋଜିତ ଅଛନ୍ତି। ପ୍ରାୟ ୩୦୦ରୁ ଅଧିକ ସୁଇପର ଆବଶ୍ୟକତା ଥିବା ବେଳେ ଏହାକୁ ସମୁଦ୍ରକୁ ଶଙ୍ଖେ ପାଲଟିଛି। ପାୱାର ଗ୍ରିଡ ଦ୍ୱାରା ପ୍ରାୟ ୬ ଲକ୍ଷରୁ ଅଧିକ ଟଙ୍କାର ସୁଇପିଂ ମେଶିନ ସହର ପାଇଁ ପ୍ରଦାନ କରାଯାଇଥିଲା । ମାତ୍ର ଦିନେ ଦୁଇଦିନ କାମ କରିବା ପରେ ଏହା ଅକାମୀ ହୋଇ ଅଫିସରେ ଖତ ଖାଉଛି। ଭବାନୀପାଟଣା ସହରରୁ ପ୍ରାୟ ୪ କି.ମି. ଦୂରରେ ଭଙ୍ଗାବାରୀ ନିକଟରେ ପ୍ରାୟ ୪ ଏକର ଜିମରେ ଡମ୍ପିଂୟାର୍ଡ ପାଇଁ ପାଚେରି ନିର୍ମାଣ ହୋଇଛି। କିନ୍ତୁ ଆଜି ପର୍ଯ୍ୟନ୍ତ ସଲିଡ ୱେଷ୍ଟ ମ୍ୟାନେଜମେଣ୍ଟ ବ୍ୟବସ୍ଥା ନ ହେବା ଯୋଗୁ ଅଳିଆ ଆବର୍ଜନା ରାସ୍ତାରେ ପଡି ରହୁଛି । ପ୍ରତି ୱାର୍ଡରେ ଗୋଟିଏ ଶୌଚାଳୟ ବ୍ୟବସ୍ଥା ହୋଇଥିଲେ ମଧ୍ୟ ପାଣିର ସୁବିଧା ନ ଥିବାରୁ ବନ୍ଦ ହୋଇପଡିରହିଛି । ସହରର ଡ୍ରେନଗୁଡିକ ଠିକ ଭାବେ ସଫା ନ ହେବାରୁ ଗନ୍ଧମୟ ପରିସ୍ଥିତି ସୃଷ୍ଟି ହୋଇଛି । ଏଥିଯୋଗୁ ସହରରେ ମଶା ଉପଦ୍ରବ ବୃଦ୍ଧି ପାଇବାରେ ଲାଗିଛି । ଗୋଟିଏ ଫଗିଂ ମେଶିନ ଗତ ୪ ବର୍ଷ ଧରି ଅକାମୀ ହୋଇ ଖତଖାଉଛି । ଅନ୍ୟ ୪ଟି ଛୋଟ ଫଗିଂ ମେଶିନ ମଧ୍ୟ କାର୍ଯ୍ୟରେ ଆସୁ ନାହିଁ । ଫଳରେ ଲୋକେ ମ୍ୟାଲେରିଆରେ ଆକ୍ରାନ୍ତ ହୋଇ ହଇରାଣ ହେଉଛନ୍ତି । ଡ୍ରେନରେ ମଶା ତେଲ ଗତ ୬ ମାସ ଧରି ସ୍ପ୍ରେ ହେଉ ନ ଥିବା ଅଭିଯୋଗ ହୋଇଛି । ଗୋଟିଏପଟେ ଅଳିଆ ଆବର୍ଜନା ଜମା ହୋଇ ସଫା ନ ହେବା ଓ ଡ୍ରେନଗୁଡିକ ପରିତ୍ୟକ୍ତ ଅବସ୍ଥାରେ ପଡି ରହିବାରୁ ଅପ୍ରିତିକର ପରିସ୍ଥିତି ସୃଷ୍ଟି ହୋଇଛି। ଏ ନେଇ ଭବାନୀପାଟଣା ମ୍ୟୁନିସିପାଲଟିକୁ ଲୋକେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । ଭୁବନେଶ୍ୱରର ଉତ୍କଳ ଫେସିଲେଟେସନ ସଂସ୍ଥା ଉପରେ ପରିମଳ ବ୍ୟବସ୍ଥା ଛାଡି ଦେବା ଯୋଗୁ ସହରର ସଫେଇ ବ୍ୟବସ୍ଥା ଲଗାମଛଡା ହୋଇ ପଡିଥିବା ଅଭିଯୋଗ ହୋଇଛି। ସମ୍ପୃକ୍ତ ସଂସ୍ଥା ୧୫ ପ୍ରତିଶତ କମ୍‌ରେ ଟେଣ୍ଡର ନେଇଥିବା ଯୋଗୁ ଆଗ୍ରହ ଦେଖାଉ ନ ଥିବା ସାଧାରଣରେ ଅଭିଯୋଗ ହୋଇଛି । ଏ ନେଇ ଭବାନୀପାଟଣା ମ୍ୟୁନିସିପାଲଟି ନିର୍ବାହୀ ଅଧିକାରୀ ବିଶ୍ୱମ୍ବର ମିଶ୍ରଙ୍କୁ ପଚାରିବାରୁ ସଫେଇ ନେଇ ଆମେ ବାରମ୍ବାର ସଂସ୍ଥାକୁ ତାଗିଦ କରୁଛୁ । ଯେଉଁ ସହରବାସୀଙ୍କ ଅଭିଯୋଗ ଥିଲେ ମୋବାଇଲ ନଂ.୯୫୫୬୦୦୪୪୦୪ ହେଲ୍ପଡେସ୍କ ନମ୍ବରରେ ଯୋଗାଯୋଗ ପାଇଁ ଅନୁରୋଧ କରୁଛୁ। ସଲିଡ ମ୍ୟାନେଜମେଣ୍ଟ ପାଇଁ ପଦକ୍ଷେପ ନେଉଛୁ। କିନ୍ତୁ ବହୁ କମ୍ପାନୀ ସହିତ ଯୋଗାଯୋଗ କରି ବିଫଳ ହେଉଛୁ । ସହରର ବହୁ ଅଞ୍ଚଳ ଏବେ ମଧ୍ୟ ଗ୍ରାମାଞ୍ଚଳରେ ରହିଛି। ସଦର ଥାନା ପରେ କେସିଙ୍ଗା ରାସ୍ତାରେ ପରମାନନ୍ଦପୁର ପଞ୍ଚାୟତ ଅଧୀନରେ ଯାଉଛି। ସେହିଭଳି ସହରର ବହୁ ଅଞ୍ଚଳ ୨୦ଟି ୱାର୍ଡ ମଧ୍ୟରେ ଥିଲେ ମଧ୍ୟ ପଞ୍ଚାୟତିରାଜ ବିଭାଗରୁ ସହରାଞ୍ଚଳକୁ ହସ୍ତାନ୍ତର କରାଯାଇ ନ ଥିବାରୁ ସମସ୍ୟା ଦେଖାଦେଇଛି । ବର୍ତ୍ତମାନ କଳାହାଣ୍ଡି ଜିଲାପାଳ ଭବାନୀପାଟଣା ମ୍ୟୁନିସିପାଲଟି ଅଧ୍ୟକ୍ଷ ଦାୟିତ୍ୱରେ ଥିବା ଯୋଗୁ ସଦର ମହକୁମା ପୌରାଞ୍ଚଳ ପ୍ରତି ତୁରନ୍ତ ହସ୍ତକ୍ଷେପ ନେବେ ବୋଲି ସହରବାସୀ ଦାବି କରିଛନ୍ତି ।



ଭବାନୀପାଟଣାର ଏକ ଡ୍ରେନ୍‌ରେ ଅଳିଆ ଜମା ହୋଇଛି, ଅଳିଆଗଦାରେ ଗାଈ ଚରୁଛି ।

- ସହରର ଡ୍ରେନଗୁଡିକ ଠିକ ଭାବେ ସଫା ହେଉନି
- ଗତବର୍ଷ ସହରରେ ଜଣ୍ଡିସ ବ୍ୟାପିଥିଲା
- ଡମ୍ପିଂୟାର୍ଡର ୱେଷ୍ଟ ମ୍ୟାନେଜମେଣ୍ଟ କାର୍ଯ୍ୟକାରୀ ହୋଇନି

ଚାଉଳ ବୋଝେଇ ଟ୍ରକ୍ ଓ ବାଇକ୍ ଧକ୍କା

# ବାଇକ୍ ଆରୋହୀଙ୍କ ଗୋଡ଼, ହାତ ଭାଙ୍ଗିଲା

**ଜୁନାଗଡ,୨୪।୪ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ନକଟିଗୁଡା ଛକ ନିକଟରେ ବୁଧବାର ଟ୍ରକ ଓ ବାଇକ୍ ମଧ୍ୟରେ ଧକ୍କା ହୋଇଛି। ଏଥିରେ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ବାଇକ ଆରୋହୀ ଜଣକ ମହିଭର ଗ୍ରାମର ସୁଶାନ୍ତ ବିଶ୍ୱାଳ (୨୫) ବୋଲି ଜଣାପଡିଛି। ସୂଚନା ଅନୁଯାୟୀ, ସୁଶାନ୍ତ ଏକ ବାଇକ୍ (ନଂ. ଓଡି୦୮ଇ-୬୯୫୫) ଯୋଗେ ଜୁନାଗଡରୁ ଘରକୁ ଫେରୁଥିଲେ । ନକଟିଗୁଡା ଛକ ନିକଟରେ ବିପରିତ ଦୀଗରୁ ଆସୁଥିବା ଏକ ଚାଉଳ ବୋଝେଇ ଟ୍ରକ୍ (ନଂ. ଓଆର୦୫ଇ-୨୧୫୭) ମଧ୍ୟରେ ଧକ୍କା ହୋଇଥିଲା। ବାଇକ୍ ଆରୋହୀ ସୁଶାନ୍ତ ରାସ୍ତାରେ ଛିଟିକି ପଡି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରାଯାଇ ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଭବାନୀପାଟଣାକୁ ସ୍ଥାନାନ୍ତରିତ କରାଯାଇଥିଲା। ଦୁର୍ଘଟଣାରେ ସୁଶାନ୍ତଙ୍କ ଗୋଡ ଓ ହାତର ହାଡ ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବା ଜଣାପଡିଛି। ଜୁନାଗଡ଼ ପୋଲିସ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଚାଉଳ ବୋଝେଇ ଟ୍ରକ୍ ଓ ବାଇକ୍‌କୁ ଜବତ କରି ତଦନ୍ତ ଜାରି ରଖିଛି।



ଦୁର୍ଘଟଣାରେ ଆହତ ସୁଶାନ୍ତ ।

# ଜିଲାର ପ୍ରଥମ ବୀମା ଗ୍ରାମ ଲକଟାଖମନ

**ଲାଞ୍ଜିଗଡ଼,୨୪।୪ (ଡି.ଏନ.ଏ.)**

ଲାଞ୍ଜିଗଡ ବ୍ଲକ ଗୋବର୍ଦ୍ଧନପୁର ଗ୍ରାମପଞ୍ଚାୟତ ଏକ ଛୋଟିଆ ଗାଁ ଲକଟାଖମନ ଭାରତୀୟ ଜୀବନ ବୀମା ନିଗମ ଦ୍ୱାରା ସର୍ବାଧିକ ପଲିସି କରି ବୀମା ଗ୍ରାମର ମାନ୍ୟତା ଲାଭ କରିଛି । ଗୋବର୍ଦ୍ଧନପୁର ପଞ୍ଚାୟତର ସବୁଠୁ ଛୋଟ ଗାଁ ଭାବେ ପରିଚିତ ଏହି ଗାଁର ଜନସଂଖ୍ୟା ମାତ୍ର ୨୭୮ । ଏଠାରେ ସମସ୍ତେ ଅନୁସୂଚିତ ଜନଜାତି ବର୍ଗର ଲୋକେ ବାସ କରନ୍ତି । ତେବେ ଗାଁର ୧୦୩ ଜଣ ବ୍ୟକ୍ତି ଭାରତୀୟ ଜୀବନ ବୀମା ଦ୍ୱାରା ବୀମାଭୁକ୍ତ ହୋଇଛନ୍ତି । ହିସାବ ଅନୁସାରେ ଗାଁର ଶତପ୍ରତିଶତ ପରିବାର ବୀମାଭୁକ୍ତ ହେବା ଏକ ଉଲ୍ଲେଖନୀୟ ଘଟଣା ହୋଇଥିବାବେଳେ ସାରା କଳାହାଣ୍ଡି ଜିଲାରେ ଲକଟାଖମନ ଏକମାତ୍ର ଗାଁ ଭାବେ ବୀମା ଗ୍ରାମର ମାନ୍ୟତା ଲାଭ କରିଛି । ବୀମା ଗ୍ରାମର ମାନ୍ୟତା ପାଇବା ପରେ ଭାରତୀୟ ଜୀବନ ବୀମା ନିଗମ ପକ୍ଷରୁ ଏହି ଗାଁକୁ ପୁରସ୍କୃତ କରାଯାଇଛି। ଭାରତୀୟ ଜୀବନ ବୀମା ନିଗମ ଦ୍ୱାରା ୨୫ ହଜାର ଟଙ୍କାର ପୁରସ୍କାର ରାଶିକୁ ଲକଟାଖମନ ଗ୍ରାମବାସୀ ତରଫରୁ ସ୍ଥାନୀୟ ସରପଞ୍ଚ ମାଝି ଗ୍ରହଣ କରିଥିଲେ। ଏଥିପାଇଁ ବୁଧବାର ଗାଁରେ ଏକ ଉତ୍ସବରେ ଭାରତୀୟ ଜୀବନ ବୀମା ନିଗମ ଭବାନୀପାଟଣା କାର୍ଯ୍ୟାଳୟର ମୁଖ୍ୟ ପରିଚାଳକ ପି. ସତ୍ୟ ନାରାୟଣନ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ଲକଟାଖମନ ସାରା ଦେଶରେ ଏକ ଉଦାହରଣ ସୃଷ୍ଟି କରିଛି, ଯେଉଁଠି ଶିକ୍ଷିତ ଓ ଉଚ୍ଚଶିକ୍ଷିତ ତଥା ପଦସ୍ଥ ଓ ଉଚ୍ଚପଦସ୍ଥ ଅଧିକାରୀ ଏବଂ କର୍ମଚାରୀମାନେ ବୀମା ସୁରକ୍ଷା ନେଇ ସଚେତନ ନାହାନ୍ତି ଏହି ପରିପ୍ରେକ୍ଷୀରେ ଲକଟାଖମନ ଗାଁର କଥା ଅତ୍ୟନ୍ତ ନିଆରା ବୋଲି ମୁଖ୍ୟଅତିଥି କହିଛନ୍ତି। ଏହି ଗାଁରେ କୁଲିମଜୁରି କରି ଚଳୁଥିବା ଲୋକେ ରହନ୍ତି, କମ୍ ଶିକ୍ଷିତ ହେଲେ ସୁଦ୍ଧା ବୀମା ସୁରକ୍ଷା ବାବଦରେ ସେମାନଙ୍କ ସଚେତନତା ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇବ ବୋଲି ସେ କହିଥିଲେ । କେସିଙ୍ଗାସ୍ଥିତ ଭାରତୀୟ ଜୀବନ ବୀମା ନିଗମ ଶାଖା ପରିଚାଳକ ବିନୋଦ କୁମାର ମେହେର, ଗୋବର୍ଦ୍ଧନପୁର ସରପଞ୍ଚ ସୁରେନ୍ଦ୍ର ମାଝି, ସମିତି ସଦସ୍ୟ ଚିତ୍ରସେନ ମାଝି, ଲକଟାଖମନ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ସାହାଣୀ, ଦଶମତ ଭୋଇ, ତୀର୍ଥ ଗହୀର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଭାରତୀୟ ଜୀବନ ବୀମା ନିଗମ ଭବାନୀପାଟଣା କାର୍ଯ୍ୟାଳୟର ଉନ୍ନୟନ ଅଧିକାରୀ ସଞ୍ଜୀବ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ ଅଭିକର୍ତ୍ତା ଅଶୋକ କୁମାର ପୁରୋହିତ ।

# ଖରାଦିନରେ ବେଣାଚେରର ଚାହିଦା ବଢୁଛି

**ଭବାନୀପାଟଣା,୨୪।୪(ଡି.ଏନ.ଏ.)**

ଗତ କିଛିଦିନ ହେବ ସାରା ରାଜ୍ୟରେ ତାତି ବଢିଛି। ସହରରେ ତାପମାତ୍ରା ୪୦ ଡିଗ୍ରୀକୁ ଟପିଛି । ଏହା ସହିତ ସହରରେ ମଧ୍ୟ ଗ୍ରୀଷ୍ମପ୍ରବାହ ଅନୁଭୁତ ହେଉଛି। ଏହି ତାତିରୁ ରକ୍ଷା ପାଇବା ପାଇଁ ଜନସାଧାରଣ ବ୍ୟଗ୍ର ହୋଇପଡିଲେଣି । ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁ ଭବାନୀପାଟଣା ସହରରେ ଦିନ ୧୧ଟା ପରେ ରାସ୍ତାଘାଟଗୁଡିକରେ କିଛି ମାତ୍ରାରେ ଯାତାୟାତ ହ୍ରାସ ପାଇଲାଣି । ବିଶେଷ କରି ପ୍ରବଳ ତାତି ଯୋଗୁ ସହରବାସୀ ଅତିଷ୍ଟ ହୋଇପଡିଲେଣି । ଖରାରୁ ରକ୍ଷା ପାଇବା ପାଇଁ ଛାତ୍ରୀଛାତ୍ର ଓ ଜନସାଧାରଣ ଯାତାୟାତ ସମୟରେ ମୁଣ୍ଡରେ ଓଦା କପଡା ଗୁଡାଇଥିବା ଦେଖିବାକୁ ମିଳିଲାଣି। ଏଥିସହିତ ଗ୍ରୀଷ୍ମ ପ୍ରବାହ ଯୋଗୁ ସହରବାସୀ ଏଥିରୁ ତ୍ରାହି ପାଇବା ପାଇଁ ବ୍ୟାପକ ପନ୍ଥା ଅବଲମ୍ବନ କଲେଣି । ଏପରିକି ସହରରେ ମଧ ଗ୍ରୀଷ୍ମକାଳୀନ ପସରା ଦେଖିବାକୁ ମିଳିଲାଣି। ବିଶେଷ କରି ଭବାନୀପାଟଣା ସହରରେ ସରବତ, ଲସି, ଆଖୁରସ, ପଇଡ, ତରଭୁଜ ଆଦି ବିଭିନ୍ନ ପ୍ରକାରର ଜିନିଷ ବିକ୍ରୀ ହେଉଥିବା ଦେଖିବାକୁ ମିଳିଲାଣି। ସେହିପରି ଗ୍ରୀଷ୍ମ ପ୍ରବାହର ତାତି ଓ ଝାଞ୍ଜି ବନରୁ ରକ୍ଷା ପାଇବା ପାଇଁ ଲୋକମାନେ ଘର ସମ୍ମାରେ ବେଣାଚେର ଟାଙ୍ଗିଥିବା ଦେଖିବାକୁ ମିଳୁଛି। ବିଶେଷ କରି ଖରାଦିନ ଆସିବାରୁ ସହରରେ ବେଣାଚେରର ଚାହିଦା ବଢିବାରେ ଲାଗିଛି। ଏପରିକି ତାତିରୁ ସୁରକ୍ଷା ବେଣାଚେର କିଣି ଘର ସମ୍ମାନରେ ଟାଙ୍ଗୁଛନ୍ତି। ଏପରିକି ସମୟେ ସମୟେ ଏଥିରେ ପାଣି ଢାଳି ଓଦା କରି ବିଶେଷ ଗରମରୁ ରକ୍ଷା ପାଉଥାନ୍ତି। ସେଥିପାଇଁ ସହରର ପ୍ରମୁଖ ଛକ ଆଦିଗୁଡିକରେ ବେଣାଚେର ବ୍ୟବସାୟୀମାନେ ବେପାର ମେଲି ଦେଇଛନ୍ତି। ସେହିପରି ସେହି ବେପାରୀମାନଙ୍କ ନିକଟରେ ଗ୍ରାହକମାନଙ୍କ ଭିଡ ଜମୁଛି । ଗ୍ରାହକମାନଙ୍କ ବେପାରୀମାନେ ସୂଦୂର ବ୍ରହ୍ମପୁର ଓ ଆନ୍ଧ୍ରପ୍ରଦେଶ ଅଞ୍ଚଳରୁ ଏଠାକୁ ଆସି ବେପାର କରୁଛନ୍ତି। ଏପରି କେତେକ ବ୍ୟବସାୟୀମାନେ ମଧ ସ୍ଥାୟୀ ଭାବେ ସପରିବାର ସହ ଏହି ଋତୁକାଳୀନ ବେପାର ଆରମ୍ଭ କରିଦେଇଛନ୍ତି। ଗୋଟିଏ ବେଣାଚେରର ମୂଲ୍ୟ ପ୍ରାୟ ୨୦୦ ଟଙ୍କାରୁ ୧୦୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ସେହିପରି ଗୋଟିଏ ବେଣାଚେର ପ୍ରସ୍ତୁତ କରିବା ପାଇଁ ପ୍ରାୟ ଗୋଟିଏ ଦିନ ଲାଗୁଛି। ସପରିବାରେ ମିଶି ଆମେ ଏହି ବେପାର କରୁଛୁ। ଚଳିତବର୍ଷ ମଧ ବେପାର ଆରମ୍ଭ ହୋଇଗଲାଣି। ଖରା ଯେତେ ପରିମାଣରେ ବଢୁଛି ଚଳିତବର୍ଷ ଭଲ ଦି ପଇସା ବେପାର ହେବ ବୋଲି ଆଶବାଦୀ ଅଛନ୍ତି ବ୍ରହ୍ମପୁରରୁ ଆସି ଭବାନୀପାଟଣାର ଗୋଲାପବନଠାରେ ରହି ବିଭିନ୍ନ ଅଞ୍ଚଳରେ ପ୍ରତ୍ୟେକ ବର୍ଷ ବେପାର କରିଆସୁଥିବା କ୍ରିଷ୍ଣା ପ୍ରକାଶ କରିଛନ୍ତି।



ଜଣେ ବେପାରୀ ବେଣାଚେର ବିକ୍ରି କରିବାକୁ ଗ୍ରାହକଙ୍କ ଅପେକ୍ଷାରେ ଅଛନ୍ତି ।

ଫେନ୍ସିଷ୍ଟୋର ଚୋରି ଘଟଣାର ପର୍ଦ୍ଦାଫାଶ

# ଚୋରି ସାମଗ୍ରୀ ଜବତ, ୭ କୋର୍ଟଚାଲାଣ

**ଜୁନାଗଡ,୨୪।୪(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ସହର ସାପ୍ତାହିକ ବଜାର ନିକଟସ୍ଥ ୨୬ନଂ ଜାତୀୟ ରାଜପଥ କଡରେ ଥିବା ଏକ ଫେନ୍ସିଷ୍ଟୋର ଚୋରି ଘଟଣାର ପୋଲିସ ପର୍ଦ୍ଦାଫାଶ କରିଛି । ଏହି ଘଟଣାରେ ୩ଜଣ ଚୋର ଓ ଚୋରି ସାମଗ୍ରୀ କିଣିଥିବା ୪ଜଣ ମୋଟ ୭ ଜଣଙ୍କୁ ଗିରଫ କରି ଜୁନାଗଡ ପୋଲିସ ବୁଧବାର କୋର୍ଟ ଚାଲାଣ କରିଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ଜଣେ ନାବାଳକଙ୍କୁ ଭବାନୀପାଟଣା ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରାଯାଇଛି। ବୁଧବାର ଜୁନାଗଡ ପୋଲିସ ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ପ୍ରଦାନ କରାଯାଇଛି।

ପୋଲିସ ସୂତ୍ରରୁ ପ୍ରକାଶ ଯେ, ଜୁନାଗଡ ସହରସ୍ଥିତ ସାପ୍ତାହିକ ବଜାର ନିକଟସ୍ଥ ୨୬ ନଂ. ଜାତୀୟ ରାଜପଥ କଡରେ ଥିବା ଡମ୍ବରୁଧର ସାହୁଙ୍କ ଫ୍ୟାନ୍ସିଷ୍ଟୋରରେ ଗତ କିଛି ଦିନ ତଳେ ଚୋରି ହୋଇଥିଲା । ଚୋରି ହେବା ନେଇ ଦୋକାନ ମାଲିକ ସାହୁ ଗତ ୨୨ ତାରିଖରେ ଜୁନାଗଡ ଥାନାରେ ଅଭିଯୋଗ କରିଥିଲେ । ଜୁନାଗଡ ପୋଲିସ ଘଟଣାକୁ ଗୁରୁତ୍ୱ ଦେଇ ଏକ ମାମଲା ରୁଜୁ କରିଥିଲା। ପରେ ଜୁନାଗଡ ଆଇଆଇସି ପ୍ରଭାତ କୁମାର ସେଠିଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ଗଠନ କରି ତଦନ୍ତ ଆରମ୍ଭ କରିଥିଲା । ପୋଲିସ ତଦନ୍ତ ପରେ ଦଫା ୪୫୪, ୩୮, ୪୧୧, ୩୪ରେ ଏକ ମାମଲା (ନଂ. ୧୧୫/୧୯) ରୁଜୁ କରିଥିଲା । ଫ୍ୟାନ୍ସିଷ୍ଟୋର ଦୋକାନରୁ ଚୋରି କରିଥିବା ଜୁନାଗଡ ସହର ଲକ୍ଷ୍ମୀସାଗର ପଡାର କାଳିଆ ଖର୍ସେଲ (୧୯), କାଦୋପଦର ଗ୍ରାମର ମୁକେଶ ମାଝି (୨୧) ଓ ଭୁବନେ ଜାନି (୨୩)ଙ୍କୁ ଗିରଫ କରିଥିଲା । ଚୋରି ସାମଗ୍ରୀ କିଣିଥିବା ବୁଡିପଦର ଗ୍ରାମର ଜ୍ୟୋତିଷ ମେହେର (୨୮), ଜୟପାଟଣା ଥାନା ଗୁମାବାହାଲ ଗ୍ରାମର ତପନ କୁମାର ମାଝି (୨୨), ବ୍ରାହ୍ମଣୀଗୁଡା ଗ୍ରାମର ଲମ୍ବୁ କୁମାର (୨୪), ସଂକ୍ରିଗୁଡା ଗ୍ରାମର ସମନ୍ତ କୁମାର ନାଗ (୩୧) ପ୍ରମୁଖ ୭ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେହିପରି ଫ୍ୟାନ୍ସିଷ୍ଟୋରରୁ ଚୋରି ହୋଇଥିବା ୬ଟି ଏଲଇଡି ଟିଭି, ଗୋଟିଏ ଫ୍ୟାନ,୨ଟି ଗ୍ରାଇଣ୍ଡର,୨ଟି ଆଇରନ, ଗୋଟିଏ କାନ୍ଥ ଫ୍ୟାନ, ୨ଟି ଏଲଇଡି ଲାଇଟ୍, ୩ ପ୍ୟାକେଟ ରୁମାଲ, ୨ ପ୍ୟାକେଟ ମନିପର୍ସ ଜବତ କରାଯାଇଛି। ଏହିସବୁ ସମାଗ୍ରୀର ଆନୁମାନିକ ମୂଲ୍ୟ ପ୍ରାୟ ୧ ଲକ୍ଷ ୧୦ହଜାର ଟଙ୍କା ବୋଲି ପୋଲିସ ସୂଚନା ଦେଇଛି। ଖବରଦାତା ସମ୍ମିଳନୀରେ ଜୁନାଗଡ ଆଇଆଇସି ପ୍ରଭାତ କୁମାର ସେଠି, ଏସ୍‌ଆଇ କୃଷ୍ଣଚନ୍ଦ୍ର ସ୍ୱାଇଁ, କନେଷ୍ଟବଳ ଲଳିତ ନାଏକ, କେସିଏଚ୍ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।



ଆୟୋଜିତ ଖବରଦାତା ସମ୍ମିଳନୀରେ ପୋଲିସ ଅଭିଯୁକ୍ତଙ୍କୁ ହାଜର କରିଛି ।

- ଜଣେ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡକୁ ପଠାଗଲା

# ମଡର୍ନ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

**ଭବାନୀପାଟଣା,୨୪।୪(ଡି.ଏନ.ଏ.)**

ସ୍ଥାନୀୟ ମହାବୀର ପଡାଠାରେ ଥିବା ମଡର୍ନ ପବ୍ଲିକ ସ୍କୁଲ ବାର୍ଷିକ ଉତ୍ସବ ଏକ ଚିର୍ତ୍ତାକର୍ଷକ ପରିବେଶ ମଧ୍ୟରେ ସ୍ଥାନୀୟ ମହାବୀର ସାଂସ୍କୃତିକ ଅନୁଷ୍ଠାନ ମଞ୍ଚରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ନିର୍ଦ୍ଦେଶକ ମହମ୍ମଦ ୟୁସୁଫ ଆବ୍‌ସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରେସ କ୍ଲବ୍ ସଭାପତି ଶାନ୍ତନୁ କୁମାର ବେହେରା, ମୁଖ୍ୟବକ୍ତା ଭାବେ ଡ. ଉମେଶଚନ୍ଦ୍ର ଶତପଥି ଓ ସମ୍ମାନିତ ଅତିଥି ଭାବେ ମହାବୀର ସାଂସ୍କୃତିକ ଅନୁଷ୍ଠାନ ସାଧାରଣ ସମ୍ପାଦକ ସତ୍ୟନାରାୟଣ ସିଂହ ପ୍ରମୁଖ ଯୋଗଦେଇଥିଲେ । ବିଦ୍ୟାଳୟ ପ୍ରିନ୍ସପାଲ ମୁମ୍‌ତାଜ ଆବ୍‌ସ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ । ଶିକ୍ଷା ଲାଭ ସହିତ ବିଭିନ୍ନ କ୍ରୀଡା କୌଶଳ ଓ ସମୟାନୁବର୍ତ୍ତିତା ହିଁ ଛାତ୍ରୀଛାତ୍ରମାନଙ୍କ ଭବିଷ୍ୟତକୁ ଆହୁରି ଉଜ୍ଜଳ କରିଥାଏ ବୋଲି ଉପସ୍ଥିତ ଅତିଥିମାନେ ପ୍ରକାଶ କରିଥିଲେ। ଏଥିସହିତ ଅଭିଭାବକ ଓ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀମାନେ ଏଥିପ୍ରତି ବିଶେଷ ଦୃଷ୍ଟି ଦେବା ଆବଶ୍ୟକ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଓ ଶିକ୍ଷାକ୍ଷେତ୍ରରେ କୃତୀତ୍ୱ ପ୍ରଦର୍ଶନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ବିଦ୍ୟାଳୟର ଛାତ୍ର ଦିବ୍ୟ ଅଗ୍ରୱାଲଙ୍କୁ ଶ୍ରେଷ୍ଠ ଛାତ୍ର ଭାବେ ପୁରସ୍କୃତ କରାଯାଇଥିଲା । ଶିକ୍ଷୟିତ୍ରୀ ସୁପ୍ରଭା ନାଏକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସୁନିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ ବିଚିତ୍ରା ପରିବେଷଣ କରାଯାଇଥିଲା। ଆୟେସା ଆବ୍‌ସ ଓ ଭାର୍ଗବୀ ତ୍ରିପାଠୀଙ୍କ ନିର୍ଦ୍ଦେଶନାରେ ଛାତ୍ରୀଛାତ୍ରମାନେ ନୃତ୍ୟ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ମିନତି ପଣ୍ଡା, ବନଶ୍ରୀ ପ୍ରଧାନ, ସୁପ୍ରଭା ନାଏକ, କ୍ଷିତିସୁତା ଧଙ୍ଗଡାମାଝି, ଚିନ୍ମୟୀ ଧଳ, ସସ୍ମିତା ଝାଙ୍କର, ସୁନୀତା ସାହୁ, ନିବେଦିତା ଧଙ୍ଗଡାମାଝି, ଲକ୍ଷ୍ମଣ ଦାସ ପ୍ରମୁଖ ଶିକ୍ଷଶିକ୍ଷୟିତ୍ରୀମାନେ ଓ ବିଦ୍ୟାଳୟ କର୍ମଚାରୀମାନେ ସହଯୋଗ କରିଥିଲେ।




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ।



ତୃଷାର୍ତ୍ତ ଲୋକେ ନଦୀ ପାଣି ପିଇଲେ ଯେପରି ପାଣି ଶୁଖେ ନାହିଁ,
ସେହିପରି ଦାନ ଦ୍ୱାରା କେବେହେଲେ ଧନର କ୍ଷୟ ଘଟି ନ ଥାଏ।
- ସନ୍ଥ କବୀର ଦାସ

## ସଂକ୍ଷେପରେ

### ବିଜେଡିର ମିଶ୍ରଣ ସଭା

**ଖଇରା,୨୪।୪(ଡି.ଏନ.ଏ.):** ରାଜ୍ୟ ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ସୁଶାନ୍ତ ସିଂ ଓ ବିଜେଡି ବିଧାୟକ ପ୍ରାର୍ଥୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ଉପସ୍ଥିତିରେ ବୁଧବାର ଏକ ମିଶ୍ରଣ ସଭା ଅନୁଷ୍ଠିତ ହୋଇଥିଲା। ବାଲେଶ୍ୱର ଜିଲା ଖଇରା ବ୍ଲକ ରଟିଣା ପଞ୍ଚାୟତର ବିଭିନ୍ନ ଦଳର କର୍ମୀ ବିଜେଡିରେ ଯୋଗ ଦେଇଥିଲେ। ଏହି ପଞ୍ଚାୟତର ସାନନ୍ଦ କୁମାର ମୁଣ୍ଡିଆ, ସୁଦର୍ଶନ ବାରିକଙ୍କ ସମେତ ସେମାନଙ୍କର ୫୦ରୁ ଊର୍ଦ୍ଧ୍ୱ ସମର୍ଥକଙ୍କୁ ମନ୍ତ୍ରୀ ଟୋପି ଓ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ। ବିଧାୟକଙ୍କ ସିମୁଳିଆ ବାସଭବନ ପରିସରରେ ଆୟୋଜିତ ଏହି ମିଶ୍ରଣ ପର୍ବରେ ବିଜେଡି ନେତା ନିରଞ୍ଜନ ମହାପାତ୍ର, ଛବିଲତା ମହାପାତ୍ର, ବ୍ଲକ ବିଜେଡି ସଭାପତି ବ୍ରଜ କିଶୋର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

### ରେମୁଣାରେ କଂଗ୍ରେସର କର୍ମୀ ସମାବେଶ

**ରେମୁଣା/ରସାଲପୁର,୨୪।୪ (ଡି.ଏନ.ଏ.)** ବାଲେଶ୍ୱର ଜିଲା ରେମୁଣା ନିର୍ବାଚନମଣ୍ଡଳୀର ୨୭ ଓ ୩୮ ନମ୍ବର ଜିଲା ପରିଷଦ ଜୋନ୍‌ରେ ବୁଧବାର କଂଗ୍ରେସ ପକ୍ଷରୁ କର୍ମୀ ସମାବେଶ ଅନୁଷ୍ଠିତ ହୋଇଥିଲା। ରସାଲପୁର ପଞ୍ଚାୟତ ପଡ଼ିଆରେ ଆୟୋଜିତ ଏହି ସମାବେଶରେ ଦଳର ଏମ୍‌ପି ପ୍ରାର୍ଥୀ ନବଜ୍ୟୋତି ପଟ୍ଟନାୟକ ଯୋଗଦେଇଥିଲେ। କଂଗ୍ରେସ ଜିତିଲେ ରେମୁଣା ଅଞ୍ଚଳ ସାମଗ୍ରିକ ଜିଲା ପ୍ରଗତିରେ ସାମିଲ ହେବ ବୋଲି ସେ କହି କଂଗ୍ରେସର ଇସ୍ତାହାର ଏବଂ ନ୍ୟାୟ ଯୋଜନା ସମ୍ପର୍କରେ ବୁଝାଇଥିଲେ। ବିଧାୟକ ପ୍ରାର୍ଥୀ ପ୍ରତାପ କୁମାର ସେଠୀ ବକ୍ତବ୍ୟ ରଖିଥିଲେ। ସମାବେଶ ଆରମ୍ଭରେ ଇଶାଣୀ କଲ୍ୟାଣମଣ୍ଡପ ଠାରୁ ଏକ ବିଶାଳ ବାଇକ୍ ରାଲି ବାହାରିଥିଲା। ପ୍ରାର୍ଥୀମାନେ ମଣିନାଗେଶ୍ୱର ଠାରେ ପୂଜାର୍ଚ୍ଚନା କରି ସଭାସ୍ଥଳରେ ପହଞ୍ଚିଥିଲେ। କୃଷ୍ଣଗୋପାଳ ପଣ୍ଡାଙ୍କ ଅଧକ୍ଷତାରେ ହୋଇଥିବା ସଭାରେ ବରିଷ୍ଠ ନେତା ଯୁଗୋଳ କିଶୋର ମହଲ, ପୂର୍ବତନ ବିଧାୟକ ଗୋପନାରାୟଣ ଦାସ, ଯୁବନେତା ତୁଷାରକାନ୍ତି ତପସ୍ୱି, ଅରୁଣ ଯେନା ପ୍ରମୁଖ ଯୋଗ ଦେଇଥିଲେ।

### ୨ ବାଇକ ମୁହାଁମୁହିଁ ଧକ୍କା: ୪ ଗୁରୁତର

**ବାହାନଗା,୨୪।୪(ଡି.ଏନ.ଏ.):** ବାଲେଶ୍ୱର ଜିଲା ବାହାନଗା ବ୍ଲକର ୧୬ ନମ୍ବର ଜାତୀୟ ରାଜପଥ ଇଚ୍ଛାପୁରଠାରେ ବୁଧବାର ରାତି ୮ଟାରେ ଦୁଇଟି ମୋଟରସାଇକେଲ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୪ ଜଣ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ପ୍ରଥମେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଅବସ୍ଥା ଗୁରୁତ୍ୱର ହେବାରୁ ପରେ ସେମାନଙ୍କୁ କଟକ ବଡମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

### ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ଯାନବାହନ ଯାଞ୍ଚ

**ଖଇରା,୨୪।୪(ଡି.ଏନ.ଏ.):** ବୁଧବାର ବାଲେଶ୍ୱର ଜିଲା ସୋର-କୁପାରୀ ରାସ୍ତାରେ ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ଯାନବାହନ ଯାଞ୍ଚ କରାଯାଇଥିଲା। ବିଭିନ୍ନ ଗାଡ଼ିର କାଗଜପତ୍ର ଓ ପରିବହନ ସାମଗ୍ରୀକୁ ତନଖି କରାଯାଇ ବିନା ପଞ୍ଜୀକରଣରେ ନିର୍ବାଚନ ପାଇଁ ନିଆଯାଉଥିବା ପତାକା, ପୋଷ୍ଟର, ବ୍ୟାନରକୁ ଜବତ କରାଯାଇଥିଲା। ଫ୍ଲାଇଂ ସ୍କ୍ୱାଡ୍ ମୁଖ୍ୟ ବନମାଳୀ ବାରିକ, ପୋଲିସ ଏଏସ୍‌ଆଇ ପ୍ରଦୀପ କୁମାର ମହାନ୍ତିଙ୍କ ନେତୃତ୍ୱରେ ଏହି ଯାଞ୍ଚ ଚାଲିଥିଲା।

# ଉନ୍ନୟନ କମିଶନରଙ୍କୁ ଭେଟିଲେ ନାଗରିକ କମିଟି ପ୍ରତିନିଧି

**ବଲାଙ୍ଗୀର ଅଫିସ,୨୪।୪**

- ଜିଲାର ଗୁରୁତ୍ୱପୂର୍ଣ୍ଣ ସମସ୍ୟା ସମାଧାନ ଲାଗି ଆଲୋଚନା
- ଜୁନ୍‌ରେ ଭୁବନେଶ୍ୱରଠାରେ ସ୍ୱତନ୍ତ୍ର ବୈଠକ ପ୍ରତିଶ୍ରୁତି

ବଲାଙ୍ଗୀର ନାଗରିକ କମିଟିର ୩ଜଣିଆ ପ୍ରତିନିଧି ମଣ୍ଡଳୀ ବୁଧବାର ଉନ୍ନୟନ କମିଶନର ତଥା ଗୃହ ବିଭାଗ ପ୍ରମୁଖ ସଚିବ ଅସିତ ତ୍ରିପାଠୀଙ୍କୁ ସାକ୍ଷାତ କରି ବଲାଙ୍ଗୀର ଜିଲାର ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ନେଇ ଆଲୋଚନା କରିଛନ୍ତି। ନାଗରିକ କମିଟି ସଭାପତି ବିକ୍ରମାନନ୍ଦ ବହିଦାର, ଉପସଭାପତି ନିତ୍ୟାନନ୍ଦ ମିଶ୍ର, ସାଧାରଣ ସମ୍ପାଦକ ବିଷ୍ଣୁପ୍ରସାଦ କେଡିଆ ଟିଟିଲାଗଡ଼ ପୂର୍ତ୍ତବିଭାଗ ଡାକବଙ୍ଗଳାରେ ଉନ୍ନୟନ କମିଶନର ତ୍ରିପାଠୀଙ୍କୁ ଭେଟିଥିଲେ। କମିଟି ସଦସ୍ୟ ବଲାଙ୍ଗୀର ଜିଲାର ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଓ ଏହାର ଶୀଘ୍ର ସମାପ୍ତି ସହ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ। ବଲାଙ୍ଗୀର ଜିଲାର ବହୁ ପ୍ରତୀକ୍ଷିତ ଲୋୟର ସୁକତେଲ ପ୍ରକଳ୍ପ ଶୀଘ୍ର କାର୍ଯ୍ୟକାରୀ କରିବାକୁ ଦାବି ଜଣାଇଥିଲେ। ବଲାଙ୍ଗୀର ଜିଲାରେ ମାତ୍ର ୩ ପ୍ରତିଶତ ଜଳସେଚନ ସୁବିଧା ରହିଛି। ପ୍ରତିବର୍ଷ



ଉନ୍ନୟନ କମିଶନର ଅସିତ ତ୍ରିପାଠୀଙ୍କୁ ନାଗରିକ କମିଟି ପ୍ରତିନିଧି ଭେଟି ଆଲୋଚନା କରୁଛନ୍ତି।

ଜଳସେଚନ ଅଭାବରୁ ହଜାର ହଜାର ଏକର ଚାଷ ଉଜୁଡି ଯାଉଛି। ବଲାଙ୍ଗୀର ଜିଲାରେ କ୍ରମାଗତ ମରୁଡି ଯୋଗୁ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଗଲାଣି। ଏହାର ପ୍ରଭାବ ଜିଲାର ଅର୍ଥନୀତି ଉପରେ ପଡୁଛି। ଚାଷୀମାନେ ପାଣି ନ ପାଇ ଚାଷ କାର୍ଯ୍ୟ ଛାଡି ଦେଉଛନ୍ତି । ଏଭଳି ପରିସ୍ଥିତିରେ ଜିଲାରେ ଜଳସେଚନ ବୃଦ୍ଧି ନିହାତି ଜରୁରୀ ହୋଇପଡିଛି ବୋଲି ସଚିବ ତ୍ରିପାଠୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲାର ଅନ୍ୟାନ୍ୟ ଛୋଟବଡ ନଦୀନାଳରେ ବ୍ୟାରେଜ ଓ ଆଡିବନ୍ଧ ନିର୍ମାଣ କରାଯିବାକୁ ଦାବି କରିଥିଲେ। ବଲାଙ୍ଗୀରର ଅନ୍ୟତମ ପ୍ରମୁଖ ସମସ୍ୟା ବାଇପାସ୍ ରାସ୍ତା ନିର୍ମାଣ ଶୀଘ୍ର କରାଯିବା ଉପରେ ଆଲୋଚନା କରିଥିଲେ। ବଲାଙ୍ଗୀରରେ ବାଇପାସ୍ ରାସ୍ତା ନ ଥିବାରୁ ଦୁର୍ଘଟଣା ବୃଦ୍ଧି ଘଟି ଧନଜୀବନ ହାନୀ ହେଉଥିବା କହିଥିଲେ। ଏନେଇ ବିଭିନ୍ନ ସମୟରେ ଜନଅସନ୍ତୋଷ ଉପୁଜୁଥିବା ଅବଗତ କରାଇଥିଲେ। ତୁରନ୍ତ ବାଇପାସ୍ ରାସ୍ତା ନିର୍ମାଣ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରିଥିଲେ। ବାଇପାସ୍ ରାସ୍ତା ନ ଥିବାରୁ ସହାରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଥିବା ଏବଂ ଦୁର୍ଘଟଣା ଭୟରେ ସକାଳ ୬ଟାରୁ ରାତି ୧୨ଟା ପର୍ଯ୍ୟନ୍ତ ଦୀର୍ଘ ୧୮ ଘଣ୍ଟା ଧରି ବଲାଙ୍ଗୀର ସହର ଉପକଣ୍ଠରେ ଭାରୀଯାନଗୁଡିକ ଅଟକି ରହୁଥିବାରୁ ନାହିଁ ନ ଥିବା ପରିସ୍ଥିତି ସୃଷ୍ଟି ହେଉଥିବା ସଚିବ ତ୍ରିପାଠୀଙ୍କୁ କହିଥିଲେ। ରାଜ୍ୟ ସରକାର ବଲାଙ୍ଗୀର ରାଜେନ୍ଦ୍ର କଲେଜକୁ ବିଶ୍ୱବିଦ୍ୟାଳୟ ଭାବେ ଘୋଷଣା କରିବା ପରେ ଜିଲାବାସୀ ଖୁସି ପ୍ରକାଶ କରିଛନ୍ତି। ତେବେ ଏଠାକାର ଅଧ୍ୟାପକ ଅଭାବଜନିତ ସମସ୍ୟା ଲାଗି ରହିଛି। ଏହି ସମସ୍ୟା ଶୀଘ୍ର ଦୂର କରି ବିଶ୍ୱବିଦ୍ୟାଳୟକୁ ଏକ ଉନ୍ନତମାନର ଶିକ୍ଷାନୁଷ୍ଠାନ ଭାବେ ପରିଣତ କରିବାକୁ ତ୍ରିପାଠୀଙ୍କୁ ଅନୁରୋଧ କରିଥିଲେ। ବଲାଙ୍ଗୀର ଟାଉନ୍ ଥାନାକୁ ଆଦର୍ଶ ଥାନା କରାଯାଇଥିଲେ ମଧ୍ୟ ଆନୁସଙ୍ଗିକ ଅସୁବିଧା ଦୂର କରିବାକୁ ଦାବି କରିଥିଲେ। ଏହା ସହିତ ବଲାଙ୍ଗୀରରେ ହାଇକୋର୍ଟର ସ୍ଥାୟୀବେଞ୍ଚ ପ୍ରତିଷ୍ଠା କରାଯିବା ଉପରେ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଯଶବନ୍ତ କମିଶନ ଆଧାରରେ ବଲାଙ୍ଗୀର ହିଁ ଉପଯୁକ୍ତ ସ୍ଥାନ ଭାବେ ସମସ୍ତ ଯୋଗ୍ୟତା ପୂରଣ କରୁଥିବାରୁ ଏଠାରେ ହିଁ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା କରାଯିବାକୁ ଦାବି କରିଥିଲେ। ଏହା ସହିତ ବଲାଙ୍ଗୀର ସହର ତଥା ଜିଲାର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଓ ସମସ୍ୟା ଉପରେ ସଚିବ ତ୍ରିପାଠୀଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା ଜୁନ୍ ମାସରେ ବଲାଙ୍ଗୀରର ଉପରୋକ୍ତ ସମସ୍ୟା ସମ୍ପର୍କରେ ଭୁବନେଶ୍ୱରରେ ଏକ ସ୍ୱତନ୍ତ୍ର ବୈଠକ କରି ସମସ୍ୟାର ସମାଧାନ କରିବାକୁ ସଚିବ ତ୍ରିପାଠୀ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି।

## ଆଜି ବିଶୋଇରେ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ ସଭା

**ବିଶୋଇ,୨୪।୪(ଡି.ଏନ.ଏ.)**

ସାରସକଣା ନିର୍ବାଚନମଣ୍ଡଳୀ ବିଶୋଇ ବ୍ଲକ ଅନ୍ତର୍ଗତ ବାଡୁଣିଆ ଖେଳପଡିଆଠାରେ ଗୁରୁବାର ଆୟୋଜିତ ହେବାକୁ ଥିବା ଏକ ନିର୍ବାଚନୀ ସଭାରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେବେ। ଗୁରୁବାର ମଧ୍ୟାହ୍ନ ୧୨ଟା ୫ ମିନିଟରେ ମୁଖ୍ୟମନ୍ତ୍ରୀ ହେଲିକପ୍ଟର ଯୋଗେ ଅବତରଣ କରି ଉପସ୍ଥିତ ସ୍ଥାନୀୟ ଜନତାଙ୍କୁ ବିଜେଡି ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟ ସମ୍ବନ୍ଧରେ ଉଦବୋଧନ ଦେବେ ବୋଲି ଦଳ ପକ୍ଷରୁ ସୂଚନା ମିଳିଛି। ଅନ୍ୟପକ୍ଷରେ ବୁଧବାର ବିଜାତଳା ବ୍ଲକର ରାଇହରିଠାରେ ସାରସକଣା ନିର୍ବାଚନମଣ୍ଡଳୀ ଭାଜପା ପକ୍ଷରୁ ବିଜୟ ସଂକଳ୍ପ ସଭା କରାଯାଇଥିଲା। ଏଥିରେ ଷ୍ଟାର ପ୍ରଚାରକ ଭାବରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇଥିଲେ।

## କାର୍ଯ୍ୟକ୍ଷମ ହେଉନି ନବନିର୍ମିତ ଛାତ୍ରୀ ନିବାସ

**ଗୁଡ଼ଭେଲା,୨୪।୪(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ତୁଷୁରା ସହରସ୍ଥିତ ସରକାରୀ ବାଳିକା ହାଇସ୍କୁଲ ପରିସରରେ ନିର୍ମିତ ହୋଇଥିବା ୨ଶହ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସ କାର୍ଯ୍ୟକ୍ଷମ ହେବା ନେଇ ଅନିଶ୍ଚୟତା ଦେଖାଦେଇଛି। ସ୍ଥାନୀୟ ଲୋକଙ୍କ କହିବା ମୁତାବକ,୨୦୧୫ ଜାନୁଆରୀ ୨୭ ତାରିଖରେ ମୁଖ୍ୟମନ୍ତ୍ରୀ ଛାତ୍ରୀ ନିବାସର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ । ଏହାର ନିର୍ମାଣ ପ୍ରାୟ ଦୁଇ ବର୍ଷ ହେଲା ଶେଷ ହୋଇଥିଲେ ମଧ ବିଭାଗୀୟ ଅଧିକାରୀଙ୍କ ଆନ୍ତରିକତା ଅଭାବରୁ ବର୍ତ୍ତମାନ ସୁଦ୍ଧା ଛାତ୍ରୀ ନିବାସ କାର୍ଯ୍ୟକ୍ଷମ ଉଦ୍‌ଘାଟିତ ହୋଇ ନ ଥିବା ବେଳେ କାର୍ଯ୍ୟକ୍ଷମ ହୋଇପାରି ନାହିଁ । ଅନ୍ୟପକ୍ଷେ ଅଞ୍ଚଳର ଗରିବ ଛାତ୍ରୀମାନେ ଛାତ୍ରୀ ନିବାସରେ ରହି ପଢିବାର ସୁଯୋଗ ପାଇବେ ସେହି ଲକ୍ଷ୍ୟ ନେଇ ଏହାର ନିର୍ମାଣ କରାଯାଇଥିଲା। ହେଲେ ନିର୍ମାଣ ହେବାର ଦୀର୍ଘ ଦିନ ପରେ ମଧ ଛାତ୍ରୀ ନିବାସ କାର୍ଯ୍ୟକ୍ଷମ ନ ହେବା ଅଭିଭାବକଙ୍କ ମହଲରେ ଅସନ୍ତୋଷ ଦେଖାଦେଇଛି। ଅନ୍ୟପକ୍ଷେ ଠିକାଦାର ତାଙ୍କ ବାକିଆ ଟଙ୍କା ପାଇ ନ ଥିବାରୁ ଛାତ୍ରୀ ନିବାସକୁ ହସ୍ତାନ୍ତର କରି ନ ଥିବା ଜଣାପଡିଛି। ଏନେଇ ଗୁଡଭେଲା ବ୍ଲକ ବିଡିଓ ରାମବିଲାଶ ମଙ୍ଗରାଜଙ୍କୁ ପଚାରିବାରୁ ସେ କହିଥିଲେ ଯେ, ଘଟଣାର ତଦନ୍ତ କରି ତୁରନ୍ତ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଏନେଇ ଠିକାଦାର ମହେନ୍ଦ୍ର ଜୈନଙ୍କୁ ପଚାରିବାରୁ ପ୍ରାୟ ଛଅ ଲକ୍ଷ ଟଙ୍କା ବିଲ୍ ବକେୟା ପଡିଛି। ଏନେଇ ସେ ବିଭାଗୀୟ ଅଧିକାରୀଙ୍କୁ ଜଣାଇଛନ୍ତି। ହେଲେ ବିଲ ହେଉ ନ ଥିବା କହିଛନ୍ତି। ଏନେଇ ସେ ଛାତ୍ରୀ ନିବାସର ଚାବି ରଖିଥିବା କହିଛନ୍ତି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେଲେ ଛାତ୍ରୀମାନେ ଉପକୃତ ହୋଇ ପାରନ୍ତେ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।



ତୁଷୁରା ସହରସ୍ଥିତ ସରକାରୀ ବାଳିକା ହାଇସ୍କୁଲ ପରିସରରେ ନିର୍ମିତ ୨ଶହ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସ।

### ବସ୍ ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟଣା

# ମୃତଦେହ ରଖି ରାଜପଥ ଅବରୋଧ

**ବଲାଙ୍ଗୀର ଅଫିସ, ୨୪।୪/ ତରଭା(ଡି.ଏନ୍.ଏ.)**

ବସ୍ ଧକ୍କାରେ ମୃତ୍ୟୁବରଣ କରିଥିବା ବାଇକ୍ ଆରୋହୀ ପରିବାରକୁ କ୍ଷତିପୂରଣ ଦାବି ନେଇ ପୁଇଁତଲା ଥାନା ଅନ୍ତର୍ଗତ ଅର୍ଜୁଣ୍ଡା ଗ୍ରାମର ଶତାଧିକ ବ୍ୟକ୍ତି ବଲାଙ୍ଗୀର-ସୋନପୁର ୫୭ ନମ୍ବର ଜାତୀୟ ରାଜପଥକୁ ଦୀର୍ଘ ୩ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଅବରୋଧ କରିଥିଲେ। ବଲାଙ୍ଗୀର ଏସଡିପିଓ ଶ୍ରୀମନ୍ତ ବାରିକ ଓ ସୋନପୁର ଜିଲା ତରଭା ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡା ଘଟଣାସ୍ଥଳକୁ ଆସି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିବା ସହ ୨୦ ହଜାର ଟଙ୍କା ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା ।

ବଲାଙ୍ଗୀର ଜିଲା ଅର୍ଜୁଣ୍ଡା ଗାଁର ନେହେରୁ ବାରିକ (୨୩) ମଙ୍ଗଳବାର ୫୭ ନମ୍ବର ରାଜପଥରେ ବାଇକ୍ ଯୋଗେ ଆସୁଥିବାବେଳେ ତରଭା ଥାନା ଅନ୍ତର୍ଗତ ଖାରୀ ଗାଁ ନିକଟରେ ଏକ ଘରୋଇ ବସ୍ ଧକ୍କା ଦେବାରୁ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିଲେ । ଦୁର୍ଘଟଣା ଘଟାଇବା ପରେ ଘରୋଇ ବସ୍ ସେଠାରୁ ଫେରାର ମାରିଥିଲା । ଏହାପରେ ଗାଁ ଲୋକେ ଦୁର୍ଘଟଣା ଘଟାଇଥିବା ବସ୍‌କୁ କ୍ଷତିପୂରଣ ଦେବାକୁ ଦାବି କରିଥିଲେ। ତେବେ ମୃତ୍ୟୁବରଣ କରିଥିବା ଯୁବକଙ୍କୁ କୌଣସି କ୍ଷତିପୂରଣ ଦେବେ ନାହିଁ ବୋଲି ଘରୋଇ ଯାତ୍ରୀବାହୀ ବସ୍ ମାଲିକ ରୋକ୍‌ଠୋକ୍ ମନା କରିଦେବାରୁ ଗ୍ରାମବାସୀ ଉତ୍ତକ୍ଷିପ୍ତ ହୋଇପଡିଥିଲେ । ଏହି ଘଟଣା ପରେ ଦଳିତ ନେତା ତ୍ରିଲୋଚନ ନନ୍ଦଙ୍କ ନେତୃତ୍ୱରେ ଯୁବଲାଲ ନନ୍ଦ, ନରହରି ନନ୍ଦ, ସୁବାସ ସୁନା ଓ ଗାଁର ଅନ୍ୟ ଶତାଧିକ ମହିଳା ଓ ପୁରୁଷ ବୁଧବାର ସକାଳ ୧୦ଟାରୁ ଅର୍ଜୁଣ୍ଡା ଛକରେ ୫୭ ନମ୍ବର ଜାତୀୟ ରାଜପଥ ଉପରେ ମୃତଦେହ ରଖି ରାସ୍ତାରୋକୋ ଆରମ୍ଭ କରିଥିଲେ । ରାସ୍ତାରୋକୋ ଫଳରେ ଜାତୀୟ ରାଜପଥର ଉଭୟ ପଟରେ ଶହ ଶହ ଯାନବାହନ ଅଟକି ରହିଥିଲା । ଖବର ପାଇ ପୁଇଁତଲା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ । ତେବେ ଉପଯୁକ୍ତ କ୍ଷତିପୂରଣ ନ ମିଳିଲେ ରାସ୍ତାରୋକୋ ହଟିବନାହିଁ ଗ୍ରାମବାସୀ ରୋକ୍‌ଠୋକ ମନା କରିଦେଇଥିଲେ। ଏହାପରେ ସଦର ଏସଡିପିଓ ଶ୍ରୀମନ୍ତ ବାରିକ ଘଟଣାସ୍ଥଳକୁ ଆସି ତରଭା ତହସିଲଦାର ପଣ୍ଡାଙ୍କୁ ଡାକି କ୍ଷତିପୂରଣ ସମ୍ପର୍କରେ ଲୋକଙ୍କ ସହ ଆଲୋଚନା କରିଥିଲେ । ଦୀର୍ଘ ସମୟ ଆଲୋଚନା ପରେ ଘରୋଇ ବସ୍‌ମାଲିକ ୧୦ ହଜାର ଟଙ୍କା, ରେଡକ୍ରସ ପାଣ୍ଠିରୁ ୧୦ ହଜାର ଏଭଳି ସମୁଦାୟ ୨୦ ହଜାର ଟଙ୍କା ଦିଆଯାଇଥିଲା। ଏହାସହିତ ମୃତକଙ୍କ ପରିବାରକୁ ଦୁର୍ଘଟଣା କ୍ଷତିପୂରଣ ବାବଦରେ ୨ ଲକ୍ଷ ଟଙ୍କା ମିଳିବ ବୋଲି ପ୍ରତିଶ୍ରୁତି ଦିଆଯିବା ପରେ ମୃତଦେହ ଉଠାଇ ରାସ୍ତାରୋକ ପ୍ରତ୍ୟାହାର କରାଯାଇଥିଲା ।



ଅର୍ଜୁଣ୍ଡା ଛକରେ ରାସ୍ତାରୋକୋ କରିଥିବା ଆନ୍ଦୋଳନକାରୀମାନେ ବଲାଙ୍ଗୀର ଏସଡିପିଓ ଓ ତରଭା ତହସିଲଦାରଙ୍କ ସହ ଆଲୋଚନା କରୁଛନ୍ତି।

# ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

**ଲାଠୋର,୨୪।୪(ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବୁଧବାର ଏକ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଭାରପ୍ରାପ୍ତ ଅଧ୍ୟକ୍ଷ ରୁନୁ ମେହେରଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଘାସିରାମ ଅଗ୍ରୱାଲ ଯୋଗଦେଇଥିଲେ। ଅଧ୍ୟକ୍ଷ ମେହେର କହିଥିଲେ, ବର୍ତ୍ତମାନ ପରିପେକ୍ଷୀରେ ଛାତ୍ରୀମାନଙ୍କ ପାଇଁ ଆତ୍ମ ସୁରକ୍ଷାର ଆବଶ୍ୟକତା ରହିଛି। ଏନେଇ ତାଲିମ ଦ୍ୱାରା ନିଜକୁ ସୁରକ୍ଷା କରିବା ସହିତ ଅନ୍ୟମାନଙ୍କୁ ସୁରକ୍ଷା ଦେଇ ପାରିବେ। ସେହିପରି ମୁଖ୍ୟ ଅତିଥି ଅଗ୍ରୱାଲ କହିଥିଲେ, ଦିନକୁ ଦିନ ଛାତ୍ରୀମାନଙ୍କ ପ୍ରତି ବିଭିନ୍ନ ଅପରାଧ ବଢ଼ି ଚାଲିଛି। ଏନେଇ ଆତ୍ମ ସୁରକ୍ଷା ତାଲିମର ନିତାନ୍ତ ଆବଶ୍ୟକ ରହିଛି। ଶିବିରରେ ୯୦ଜଣ ଛାତ୍ରୀ ଅଂଶ ଗ୍ରହଣ କରି ତାଲିମ ଗ୍ରହଣ କରୁଛନ୍ତି। ବିଦ୍ୟାଳୟ ଖେଳ ଶିକ୍ଷକ ଗୁଣମଣି ସାହୁ ଏହାର ନେତୃତ୍ୱ ନେଇଥିବା ବେଳେ ପ୍ରଶିକ୍ଷକ ଡାକପ୍ରିୟା ନାଗ ଛାତ୍ରମାନଙ୍କୁ ତାଲିମ ପ୍ରଦାନ କରୁଛନ୍ତି। କାର୍ଯ୍ୟକ୍ରମରେ ଅଧ୍ୟାପକ ପ୍ରଦୀପ କୁମାର ସାହୁ, ରାମନାରାୟଣ ବେହେରା, ନମିତା ସାହୁ, ଅଭୟ ନାଏକ, ଚନ୍ଦ୍ରମଣି ଭଇଁଷାଲ, ରେବତୀ ମେହେର, ରାଜକିଶୋର ବାଗ, ଉମାକାନ୍ତି ଦେହୁରୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

### ବାଗଝୁଲା ମାନବ କଲ୍ୟାଣ ସେବାଶ୍ରମ

# କର୍ମଚାରୀଙ୍କ ଇସ୍ତଫା ପରେ ୩୮ ଅନ୍ତେବାସୀଙ୍କୁ ସ୍ଥାନାନ୍ତରଣ

**ବଲାଙ୍ଗୀର ଅଫିସ/ ଲୋଇସିଂହା ୨୪।୪(ଡି.ଏନ.ଏ.)**

- ସେବାଶ୍ରମରେ ପହଞ୍ଚିଲେ ସିଡବ୍ଲ୍ୟୁସି ସଦସ୍ୟ
- ପଥରଚେପା ବାଳ ନିକେତନରେ ପହଞ୍ଚିଲେ ୩୮ ଅନ୍ତେବାସୀ

ଆଗଲପୁର ବ୍ଲକ୍ ଅନ୍ତର୍ଗତ ବାଗଝୁଲାଠାରେ ଥିବା ମାନବ କଲ୍ୟାଣ ସେବାଶ୍ରମର ୩୮ ଅନ୍ତେବାସୀଙ୍କୁ ବଲାଙ୍ଗୀର ଜିଲା ଶିଶୁ କଲ୍ୟାଣ ସମିତିପକ୍ଷରୁ ବୁଧବାର ପଥରଚେପା ପାର୍ବତୀଗିରି ବାଳ ନିକେତନକୁ ଅଣାଯାଇଛି। କିଛିଦିନ ହେଲା ବାଗଝୁଲା ସେବାଶ୍ରମ ମ୍ୟାନେଜମେଣ୍ଟରେ ବିବାଦ ଲାଗିରହିଥିଲା। ମଙ୍ଗଳବାର ସେବାଶ୍ରମରେ କାର୍ଯ୍ୟରତ ସମସ୍ତ କର୍ମଚାରୀ ସମୂହ ଇସ୍ତଫା ଦେଇଥିବା ଖବର ପାଇବା ପରେ ଜିଲା ଶିଶୁ କଲ୍ୟାଣ ସମିତି ସଦସ୍ୟମାନେ ବୁଧବାର ସେବାଶ୍ରମ ପରିଦର୍ଶନରେ ଯାଇ ଏଠାରେ ଥିବା ୪୦ ଅନ୍ତେବାସୀଙ୍କ ସମ୍ପର୍କରେ ପଚାରି ବୁଝିଥିଲେ । ମ୍ୟାନେଜମେଣ୍ଟ କର୍ମଚାରୀମାନେ ଇସ୍ତଫା ଦେବା କାରଣରୁ ଏହି ସେବାଶ୍ରମ ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଥିଲା । ଏଠାରେ ଥିବା ୩୮ ଜଣ ଅନ୍ତେବାସୀ କିପରି ରହିବେ ସେନେଇ ଚିନ୍ତାପ୍ରକଟ ପାଇଥିଲା । ଏସବୁ ଅସୁବିଧାକୁ ଲକ୍ଷ୍ୟ କଲାପରେ ସିଡବ୍ଲ୍ୟୁସି ସଦସ୍ୟମାନେ ସମସ୍ତ ୪୦ ଅନ୍ତେବାସୀଙ୍କୁ ବଲାଙ୍ଗୀର ପଥରଚେପା ବାଳ ନିକେତନକୁ ସ୍ଥାନାନ୍ତର କରିବାକୁ ନିଷ୍ପତ୍ତି ନେଇଥିଲେ । ୨ ଜଣ ଅନ୍ତେବାସୀ ଅନୁପସ୍ଥିତ ଥିବାରୁ ବୁଧବାର ୩୮ ଜଣ ଅନ୍ତେବାସୀଙ୍କୁ ବଲାଙ୍ଗୀର ପଥରଚେପା ଅଣାଯାଇଥିଲା । ଏହି ସେବାଶ୍ରମରେ ୬ରୁ ୧୭ ବର୍ଷ ପର୍ଯ୍ୟନ୍ତ ବାଳିକାମାନେ ରହୁଥିଲେ।

### ହକ୍‌ଦାର ହିତାଧିକାରୀ ଗୁହାଳ ଯୋଜନାରୁ ବଂଚିତ

# କାର୍ଯ୍ୟାଦେଶ ଲାଗି ୨୦ ହଜାର ଟଁଙ୍କା ଲାଁଚ୍ ଅଭିଯୋଗ

**ବେଲପଡ଼ା ୨୪।୪(ଡି.ଏନ.ଏ.)**

ଗୃହପାଳିତ ପଶୁ ପାଳନ କରି ଗରିବ୍ ହିତାଧିକାରୀମାନେ କେନ୍‌ଥେଇ ଦୁଇପଏସା ରୁଜଗାର କରି ନିଜର ଗୁଡ୍ଡେ ଠିଆ ହେବେ ସରକାର ସେଥିରଲାଗି ଗାଇ ଗୁହାଳ ଯୋଜନା କରିଛନ୍। ହେଲେ ଗାଁଗଲିରେ ରହୁଥିବାର ଅନେକ୍ ହକ୍‌ଦାର ହିତାଧିକାରୀ ଯୋଜନାରୁ ବଁଚିତ ହେଉଥିଲାବେଲେ ଅନେକ କୁଜିନେତା, ଥିଲାବାଲା ବିଭାଗୀୟ ଅଧିକାରୀମାନକୁ ଲାଁଚ୍‌ଖୁଁଚ୍ ଦେଇ ଯୋଜନା ହାତଉଥିବାର ଅଭିଯୋଗ ହେଉଛେ। ଯେନ୍‌ଥିରଲାଗି ସରକାରକଁର ଇ ମହତ୍ ଉଦେଶ ବାଟବନା ହେଉଛେ। ଏନ୍‌ତା ଗୁଟେ ଉଦାହରନ୍ ଦେଖିବାକେ ମିଲିଛେ ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକ ପର୍ଲିମାଲ ପଁଚେତ୍ ପର୍ଲିମାଲ ଗାଁରେ। ଇ ଗାଁର ପରମାନନ୍ଦ ପୋଢ଼ ଗାଇ ଗୁହାଲ ଲାଗି ପଁଚେତ୍ କତ୍ତୁରପକ୍ଷକୁଁ ଜନେଇ ନିରାଶ ହେଲା ଉତାରୁ ଗଲା ୨୨ ତାରିଖ ବେଲପଡ଼ା ବିଡିଓ ଆର ତହସିଲଦାରକୁଁ ଗୁହାରି କରବାକେ ଆସିଥିଲେ। ହେଲେ କେହେନ୍‌ସି କାରନ୍‌ରୁ ଅଧିକାରୀମାନକର ଭେଟ ନାଇଁପାଇ କରି ଘଟନା ବାବ୍‌ଦେ ଥାନୀୟ ଧରିତ୍ରୀ ପରତିନିଧିକୁଁ ଜନେଇଥିଲେ।

ପରମାନନ୍ଦକଁର ଅଭିଯୋଗ ହିସାବେ, ଗଲା ବଛରେ ହେଲା ସରକାରୀ ଯୋଜନାରେ ଗାଇ ଗୁହାଲ ଲାଗି ପର୍ଲିମାଲ ପଁଚେତ୍‌ରେ ଆବେଦନ କରିଛନ୍। ସେ ଇ ବାବ୍‌ଦେ ସରପଁଚ୍ ଆର ପଁଚେତ୍ ନିର୍ବାହୀ ଅଧିକାରୀକୁଁ ବାରବାର ଗୁହାରି କରି ନିରାଶ ହେଇଛନ୍। ଏନ୍‌ତା କି ଝନେ ଅଧିକାରୀକୁଁ ଗୁହାଲ ଲାଗି ୨୦ ହଜାର ଟଁଙ୍କା ଲାଁଚ୍ ଦେବାକେ ପଡ଼ବା ବଲି ଜାନ୍‌ଲା ଉତାରୁ ସେ ଭାଂଗି ପଡ଼ିଛନ୍। ପରମାନନ୍ଦ ବ୍ଲକର ଭିନେ ଭିନେ ଅଧିକାରୀକୁଁ ଭେଟି ଗୁହାଲ ଲାଗି କାର୍ଯ୍ୟାଦେଶ ଦେବାକେ ଗୁହାରି କରିଥିଲେ। ହେଲେ ଅଧିକାରୀମାନେ ସରପଁଚ୍ ଆର ନିର୍ବାହୀ ଅଧିକାରୀକୁଁ ଘଟନା ବାବ୍‌ଦେ କହିଥିବାର କହି ତାହାକୁ ପରତିଶୁରତି ଦେଇଥିଲେ। ହେଲେ ଅଧିକାରୀମାନେ ଦେଇଥିବାର ପରତିଶୁରତି ଆଏଜ୍‌ତକ୍ ପୂରନ୍ ନାଇଁ ହେଇପାରି। ପରମାନନ୍ଦକଁର ୩୦ଟା ଦେଶୀ ଗାଇ ଅଛନ୍। ସେ ୧୦ ଲିଟରରୁ ଅଧିକା କ୍ଷୀର ପାଉଛନ୍। ଗାଇକୁ ଗୁହାଲଟା ସାନ୍ ପଡୁଥିଲାବେଲେ ଅଧା ଭାଂଗିରୁଜି ଯାଇଛେ। ଗଲା ୨ ବଛର ହେଲା ଟଁଙ୍କା ପଏସା ଅଭାବୁ ସେ ଗୁହାଲଟା ବି ସାଜି ନାଇଁପାରବାର। ଯେନ୍‌ଥିରଲାଗି ସେ ଗାଈଗୋରୁକର ଦେଖିଭାଲ, ଯତନ୍ ବି ଠିକ୍ ହିସାବେ କରି ନାଇଁ ପାରୁଥିବାର କହିଛନ୍। ଇଆଡ଼େ ଯେନ୍‌ମାନକର ଗାଈଗୋରୁ, ଛେଲମେଢ଼ି ନାଇଁନ ସେମାନେ ଇ ଯୋଜନାରେ ସାମିଲ ହେଉଥିବାର ସେ ଅଭିଯୋଗ କରିଛନ୍। ଇ ବାବ୍‌ଦେ ପର୍ଲିମାଲ ପଁଚେତ୍ ନିର୍ବାହୀ ଅଧିକାରୀକୁଁ ମତାମତ ଲାଗି ଯୋଗାଯୋଗ କରାଯାଇଥିଲେ ବି ମତାମତ ନାଇଁ ମିଳିପାରି। ସେନ୍‌ତା ପର୍ଲିମାଲ ସରପଁଚ୍ ସୁଷମା ବେହେରାକୁଁ ପଚରାଲାରୁ ପରମାନନ୍ଦ ଗୁହାଲ ଲାଗି ଆବେଦନ କରିଛନ୍। ହେଲେ ତାକର ଆଗରୁ ବହୁତ ହିତାଧିକାରୀ ଆବେଦନ କରିଛନ୍। ହକ୍‌ଦାର ହିତାଧିକାରୀକୁଁ ଯୋଜନାରେ ସାମିଲ କରାଯାଉଛେ। ପଁଚେତ୍‌ରେ କେହି ଗୁହାଲ ଲାଗି ଟଁଙ୍କା ଦାବି ନାଇଁକରବାର। ଇ ଅଭିଯୋଗଟା ପୂରାପୂରି ମିଛ୍ ଆଏ। ବହୁତ୍ ଜଲଦି ତାହାକୁ କାର୍ଯ୍ୟାଦେଶ ଦିଆଯିବା ବଲି ସେ କହିଥିଲେ।



ନିଜର ଭଂଗା ଦଦ୍‌ରା ଗାଇ ଗୁହାଲ ଆଘେ ପରମାନନ୍ଦ ।



ପଢ଼ି ପଢ଼ି କଳଙ୍କ ଲାଗି କ୍ଷୟ ହେବା ଅପେକ୍ଷା କାମ କରି କ୍ଷୟ ହୋଇଯିବା ଶ୍ରେୟସ୍କର।
- ରିଚାର୍ଡ କମ୍ବରଲ୍ୟାଣ୍ଡ୍



## ସଂକ୍ଷେପରେ

### ୨୬ରେ କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୟନ୍ତୀ ସମାରୋହ

**ରାଉରକେଲା ଅଫିସ,୨୪।୪:** ନବ ଉତ୍କଳର ବିଧାଣୀ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ୧୨୮ତମ ଜନ୍ମ ଜୟନ୍ତୀ ରାଉରକେଲା ପୂଜ୍ୟପୂଜା ସମିତି ପକ୍ଷରୁ ଆସନ୍ତା ୨୬ ତାରିଖ ସନ୍ଧ୍ୟାରେ ସେକ୍ଟର-୭ଠାରେ ପାଳନ କରାଯିବ। ଏନେଇ ସଂଗଠନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ସଂଯୋଜକ ଗଙ୍ଗାଧର ଦାସ ସୂଚନା ଦେଇଛନ୍ତି।

### ଦୁର୍ଘଟଣାରେ ଆହତ ଯୁବକଙ୍କ ମୃତ୍ୟୁ

**କୋଲାବିର,୨୪।୪(ଡି.ଏନ.ଏ.):** କୋଲାବିରା ଥାନା ଅନ୍ତର୍ଗତ ଅଇତାପଡା ଗ୍ରାମର ନିରଞ୍ଜନ ମାଝି(୨୮)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଗତ ୨୦ ତାରିଖ ସେ ବାଇକ୍ ଯୋଗେ ଝାରସୁଗୁଡାରୁ ଅଇତାପଡା ଫେରୁଥିଲେ। ରଘୁନାଥପାଲି ଛକ ନିକଟରେ ଥିବା ହମ୍ପରେ ଭାରସାମ୍ୟ ହରାଇ ପଡି ଯାଇଥିଲେ। କୋଲାବିରା ପୋଲିସ ଏ ନେଇ ଏକ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

# ଖୋଲିଲା ଜଳଛତ୍ର, ଚାଲିଲା ପାଣି ଟ୍ୟାଙ୍କର

**ବେଲପାହାଡ଼,୨୪।୪(ଡ଼ି.ଏନ୍.ଏ)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ରେ ତାପମାତ୍ରା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ତାପମାତ୍ରା ଏବେ ୪୧ ଡିଗ୍ରୀ ସେଲସିୟସକୁ ପହଞ୍ଚି ସାରିଛି । ଆଗକୁ ତାପମାତ୍ରା ଆହୁରି ଅଧିକ ବୃଦ୍ଧି ପାଇପାରେ ବୋଲି ଆଶଙ୍କା କରାଯାଉଛି। ତାପମାତ୍ରା ବୃଦ୍ଧି ପାଇବା ସହିତ ଅଞ୍ଚଳର କେତେକ ୱାର୍ଡ଼ରେ ପାନୀୟ ଜଳର ଉତ୍କଟ ସମସ୍ୟା ଦେଖା ଯାଇଛି । ପାନୀୟ ଜଳ ସମସ୍ୟା ତଥା ଅଂଶୁଘାତ ଆଶଙ୍କାକୁ ପ୍ରତିହତ କରିବା ପାଇଁ ପୌରପରିଷଦ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଜଳଛତ୍ରର ବ୍ୟବସ୍ଥା କରା ଯାଇଛି । ଏଥିସହିତ ଜଳାଭାବ ସ୍ଥାନକୁ ଟ୍ୟାଙ୍କର ଯୋଗେ ଜଳ ଯୋଗାଣ ବ୍ୟବସ୍ଥା ଆରମ୍ଭ କରାଯାଇଛି। ଏପ୍ରିଲ ପ୍ରଥମ ସପ୍ତାହରୁ ଆଜି ପର୍ଯ୍ୟନ୍ତ ପରିଷଦ ପକ୍ଷରୁ ଅଞ୍ଚଳର ବିଭିନ୍ନ ୱାର୍ଡ଼ରେ ୩୩ଟି ଜଳଛତ୍ର ଖୋଲା ଯାଇଛି । ଏହି ଜଳଛତ୍ର ଗୁଡ଼ିକ ଗୁମାଡ଼େରା, ଯୁରାବଗା, ବେଲପାହାଡ଼ ଫାଟକ, ମୁଚବାହାଲ, ଜାମକାନି, ସୁଖାବନ୍ଧ, ଗାନ୍ଧିନଗର, ମହିଯୋର, କର୍ଲାଖମନ, ଫରେଷ୍ଟ ଛକ, ଶନିବାର ବଜାର, ସରକାରୀ



ଗୁମାଡ଼େରା ବଜାରରେ ଖୋଲା ଯାଇଥିବା ଏକ ଜଳଛତ୍ରରେ ଜଣେ ପଥଚାରୀ ପାଣି ପିଇ ଶୋଷ ମେଣ୍ଟାଉଛନ୍ତି।

ଡ଼ାକ୍ତରଖାନା, ଘିଚାଘାଟ, ରେଳ ଷ୍ଟେଶନ, ମିର୍ଦ୍ଧାଡ଼େରା ଓ ଜିଏଲ୍ ଉଚ୍ଚ ବିଦ୍ୟାଳୟ ସମେତ ବିଭିନ୍ନ ରାସ୍ତା ପାର୍ଶ୍ୱ ଛକ ସ୍ଥାନରେ ଖୋଲା ଯାଇଛି । ସମସ୍ତ ଜଳଛତ୍ରରେ ତୃଷାର୍ତ୍ତ ପଥଚାରୀମାନେ ପାଣି ପିଇ ଶୋଷ ମେଣ୍ଟାଉଛନ୍ତି। ଏହିପରି ଏବେ ପରିଷଦ ପକ୍ଷରୁ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣ ପାଇଁ ୧୮ଟି ଗାଡ଼ିକୁ ନିୟୋଜିତ କରାଯାଇଛି। ଏଥିମଧ୍ୟରୁ ପରିଷଦର ନିଜସ୍ୱ ୪ଟି ଗାଡ଼ି ଓ ୨ଟି ଘରୋଇ କମ୍ପାନୀର ୨ଟି ଗାଡ଼ି ନିୟୋଜିତ ହୋଇଥିବା ବେଳେ ଭଡ଼ା ସୂତ୍ରରେ ଅଣାଯାଇଥିବା ୧୨ଟି ଗାଡ଼ି ନିୟୋଜିତ ହୋଇଛି । ତଥାପି ଜଳାଭାବ ସ୍ଥାନକୁ ଏବଂ ବିବାହ ବ୍ରତ ଆଦି ସାମାଜିକ କାର୍ଯ୍ୟ ସ୍ଥାନକୁ ଆବଶ୍ୟକତା ଅନୁଯାୟୀ ପାନୀୟ ଜଳ ପହଞ୍ଚିପାରୁ ନ ଥିବା ଅଭିଯୋଗ ହେଉଛି । ପୂର୍ବ ବର୍ଷ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପୌରାଞ୍ଚଳକୁ ଜଳ ଯୋଗାଣ ପାଇଁ ୩ଟି ଟ୍ୟାଙ୍କର ଯୋଗାଇ ଦିଆଯାଇଥିଲା । ମାତ୍ର ଚଳିତ ବର୍ଷ ବିଭାଗ ପକ୍ଷରୁ ଏପର୍ଯ୍ୟନ୍ତ ଗୋଟିଏ ହେଲେ ଟ୍ୟାଙ୍କର ଯୋଗାଇ ଦିଆଯାଇନାହିଁ । ଏ ସଂକ୍ରାନ୍ତରେ ପୌର ନିର୍ବାହୀ ଅଧିକାରୀ ଲୋକନାଥ ତିୱାରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ଟ୍ୟାଙ୍କର ଯୋଗାଇବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଅନୁରୋଧ କରାଯାଇଛି ବୋଲି ପ୍ରକାଶ କରିଛନ୍ତି। ବେଲପାହାଡ଼ ପୌରାଞ୍ଚଳର ଜନସାଧାରଣଙ୍କ ପାନୀୟ ଜଳ ବ୍ୟବସ୍ଥା ପାଇଁ ୧୯ଟି ୱାର୍ଡ଼ରେ ୨ଶହରୁ ଊର୍ଦ୍ଧ୍ୱ ନଳକୂଅ ସ୍ଥାପନ ହୋଇଛି। ମାତ୍ର ଜନସ୍ୱାସ୍ଥ୍ୟ ବିଭାଗ ଅଧୀନରେ ଥିବା କେତେକ ନଳକୂଅକୁ ଛାଡ଼ି ଦେଲେ ଅଧିକାଂଶ ନଳକୂଅରୁ ଆଇରନ୍ ପାଣି ବାହାରୁଛି । ଏହା ବ୍ୟତୀତ ନଳକୂଅ ସଂଖ୍ୟା ବଢିଲା ପରେ ଖରା ଦିନ ଆସିଲା ମାତ୍ରକେ ଜଳସ୍ତର ହ୍ରାସ ପାଇବା ଯୋଗୁ ଅଧିକାଂଶ କୂପ ଗୁଡ଼ିକ ମଧ୍ୟ ଶୁଖି ଯାଉଛି। ଏଥିଯୋଗୁ ଲୋକେ ପାଣି ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେତେକ ସ୍ଥାନରେ ପାଣି ଟ୍ୟାଙ୍କର ଗଲା ପରେ ଯାଇ ଲୋକେ ଘର ବ୍ୟବହାର ପାଇଁ ପାନୀୟ ଜଳ ସଂଗ୍ରହ କରୁଛନ୍ତି। ଏହିପରି ପାନୀୟ ଜଳ ଯୋଗାଣ ବ୍ୟବସ୍ଥାକୁ ଚାଲୁ ରଖିବା ପାଇଁ ପରିଷଦ ପକ୍ଷରୁ ନିୟୋଜିତ ପ୍ରତି ଟ୍ରାକ୍ଟର ପିଛା ଦୈନିକ ୧୪୦୦ ଟଙ୍କା ଖର୍ଚ୍ଚ କରାଯାଉଛି। ଗତ ବର୍ଷ ଜାନୁୟାରୀ ୧ ତାରିଖରୁ ଜୁନ ୧୫ ତାରିଖ ପର୍ଯ୍ୟନ୍ତ ଟ୍ୟାଙ୍କର ପାଣି ଯୋଗାଣ ପାଇଁ ପରିଷଦ ପକ୍ଷରୁ ୬ଟି ଭଡ଼ା ଟ୍ରାକ୍ଟର ନିୟୋଜିତ କରାଯାଇଥିଲା। ଭଡ଼ା ବାବଦରେ ଗାଡ଼ି ମାଲିକମାନଙ୍କୁ ମୋଟ ୯ ଲକ୍ଷ ୧୨ ହଜାର ୮୪୭ ଟଙ୍କା ପ୍ରଦାନ କରାଯାଇଥିଲା ବୋଲି ସୂଚନା ଅଧିକାର ସୂତ୍ରରୁ ମିଳିଥିବା ତଥ୍ୟରୁ ଜଣାପଡ଼ିଛି।

# ଆଜି ୩ ବୁଥ୍‌ରେ ସାନି ମତଦାନ

**ବରଗଡ଼ ଅଫିସ୍,୨୪।୪**

ବରଗଡ଼ ଜିଲାର ୩ଟି ଭୋଟ ଗ୍ରହଣ କେନ୍ଦ୍ର(ବୁଥ୍)ରେ ଗୁରୁବାର ସାନି ମତଦାନ ହେବ । ଜିଲାର ପଦ୍ମପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନ ଝାରବନ୍ଧ ବ୍ଲକ ଡଭା ପ୍ରାଥମିକ ସ୍କୁଲ(ବୁଥ୍ ନଂ-୧୬)ରେ ସକାଳ ୭ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯିବ । ସେହିପରି ଅତାବିରା ନିର୍ବାଚନ ମଣ୍ଡଳୀ ଅଧୀନ ଭେଡ଼େନ ବ୍ଲକ ଅରେଇଗୁଡ଼ି ଉନ୍ନୀତ ପ୍ରାଥମିକ ସ୍କୁଲ(ବୁଥ୍ ନଂ-୨୩୫) ଏବଂ ବରଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନ ବରଗଡ଼ ପୌର ପରିଷଦ ଅନ୍ତର୍ଗତ ଶକ୍ତିନଗର ପ୍ରାଥମିକ ସ୍କୁଲ(ବୁଥ୍ ନଂ-୬୮)ରେ ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯିବ । ଉପରୋକ୍ତ ଭୋଟ ଗ୍ରହଣ କେନ୍ଦ୍ରରେ ମତଦାନ ପାଇଁ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ବେଳେ ପ୍ରସ୍ତୁତି ମଧ୍ୟ ଚୂଡ଼ାନ୍ତ ହୋଇସାରିଛି । ଏଠାରେ ଉଲ୍ଲେଖନୀୟ, ଝାରବନ୍ଧ ବ୍ଲକ ଡଭା ପ୍ରାଥମିକ ସ୍କୁଲ(ବୁଥ୍ ନଂ-୧୬)ରେ ୧୧୪୫( ୫୭୪ ପୁରୁଷ, ୫୭୧ ମହିଳା), ଅରେଇଗୁଡ଼ି ଭୋଟ ଗ୍ରହଣ କେନ୍ଦ୍ର(ବୁଥ୍ ନଂ-୨୩୫)ରେ ୧୧୩୧( ୬୦୨ ପୁରୁଷ, ୫୨୯ ମହିଳା) ଏବଂ ଶକ୍ତିନଗର ଭୋଟ ଗ୍ରହଣ କେନ୍ଦ୍ର-୬୮ରେ ୧୩୫୭(୬୮୩ ପୁରୁଷ, ୬୭୪ ମହିଳା) ଭୋଟର ରହିଛନ୍ତି । ଗତ ୧୮ତାରିଖ ମତଦାନ ସମୟରେ ଇଭିଏମ ଭିଭିପିଏଟି ପରିଚାଳନାରେ ତ୍ରୁଟି ଯୋଗୁ ଉପରୋକ୍ତ ବୁଥ୍‌ର ମତାଦାନକୁ ବାତିଲ କରାଯିବା ସହିତ ସମ୍ପୃକ୍ତ ବୁଥ୍‌ର ସେକ୍ଟର ଅଫିସର ଓ ପ୍ରିଜାଇଡ଼ିଂ ଅଫିସରଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିଲା । ତେବେ ଏଥର ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ପ୍ରାର୍ଥୀଙ୍କ ମଧ୍ୟରେ କଡ଼ା ମୁକାବିଲା ଚାଲିଥିବାରୁ ଏହି ବୁଥ୍ ଗୁଡ଼ିକର ମତଦାନ ମଧ୍ୟ ସମସ୍ତଙ୍କ ପାଇଁ ଗୁରୁତ୍ୱ ବହନ କରୁଛି।

# ସେକ୍ଟର-୩ରେ ଦୁର୍ଘଟଣା, ୩ ଆହତ

**ରାଉରକେଲା ଅଫିସ,୨୪।୪**

ସେକ୍ଟର-୩ ରିଂ ରୋଡ୍‌ରେ ବୁଧବାର ଅପରାହ୍ନ ସାଢ଼େ ଗୋଟାଏରେ ଦୁର୍ଘଟଣା ଘଟି ୩ ଜଣ ଆହତ ହୋଇଛନ୍ତି। ଏଥିରେ ଗୋଟିଏ କାର, ଅଟୋରିକ୍ସା ଓ ସାଇକେଲ କ୍ଷତିଗ୍ରସ୍ତ ହୋଇଛି। ଆହତମାନଙ୍କୁ ଆଇଜିଏଚ୍‌ରେ ଭର୍ତ୍ତି କରାଯାଇଛି। ସେକ୍ଟର-୩ ପୋଲିସ ଘଟଣାର ତଦନ୍ତ କରୁଛି। ସୂଚନାନୁସାରେ ଏହି ସମସ୍ତ ଯାନ ସେକ୍ଟର-୨ ପଟୁ ଆମ୍ବାଗନ ଦିଗରେ ଆସୁଥିଲେ। କାର୍‌ଟି ପ୍ରଥମେ ଅଟୋରିକ୍ସାକୁ ପଛରୁ ଧକ୍କା ଦେଇଥିଲା। ଫଳରେ ଅଟୋରିକ୍ସା ସମ୍ମୁଖରେ ଆସୁଥିବା ସାଇକେଲ ଆରୋହୀ ଆହତ ହୋଇଥିଲେ। ଅଟୋରିକ୍ସାକୁ ବଞ୍ଚାଇବାକୁ ଯାଇ ଓଡି୧୪-ଜି୭୯୨୯ନଂ କାର୍ ରାସ୍ତାର ଡାହାଣ ପାର୍ଶ୍ୱ ଡିଭାଇଡରରେ ପିଟି ହୋଇଯାଇଥିଲା। ସେହିପରି ଓଆର-୧୪-ୟୁ୦୫୩୬ନଂ ଅଟୋରିକ୍ସା ବାମ ପାର୍ଶ୍ୱ ଡିଭାଇଡରରେ ପିଟି ହୋଇଯାଇଥିଲା। ଏଥିରେ ୩ ଚାଳକ ଆହତ ହୋଇଛନ୍ତି। ସେକ୍ଟର-୩ ପୋଲିସ ଗାଡ଼ିଗୁଡ଼ିକୁ ଜବତ କରିଛି। କାର୍ ଡ୍ରାଇଭର ଜଣେ ଆଇନଜୀବୀ ହୋଇଥିବା ବେଳେ ସେ ସେକ୍ଟର-୨୦ ଅଞ୍ଚଳକୁ ଆସୁଥିଲେ ବୋଲି କୁହାଯାଇଛି। ଅନ୍ୟ ୨ ଆହତଙ୍କ ପରିଚୟ ମିଳିନାହିଁ।



ଦୁର୍ଘଟଣାଗ୍ରସ୍ତ କାର୍।



ଦୁର୍ଘଟଣାଗ୍ରସ୍ତ ଅଟୋରିକ୍ସା।





ଆଦର୍ଶ ପାଠାଗାର ପକ୍ଷରୁ ଆୟୋଜିତ ବିଶ୍ୱ ପୁସ୍ତକ ଦିବସ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି(ବାମ)। ସେକ୍ଟର-୨୨ ଗୁଣ୍ଡିଚା ମନ୍ଦିର ପରିସରରେ ମଧୁସୂଦନ ପାଠାଗାର ପକ୍ଷରୁ ଆୟୋଜିତ ବିଶ୍ୱ ପୁସ୍ତକ ଦିବସ ପାଳନ ଅବସରରେ ଉପସ୍ଥିତ କର୍ମକର୍ତ୍ତା।

# ଷ୍ଟିଲ ସିଟିରେ ବିଶ୍ୱ ପୁସ୍ତକ ଦିବସ

**ରାଉରକେଲା ଅଫିସ,୨୪।୪**

ଷ୍ଟିଲ ସିଟିରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବିଶ୍ୱ ପୁସ୍ତକ ଦିବସ ପାଳିତ ହୋଇଛି। ସେକ୍ଟର-୨୨ ଗୁଣ୍ଡିଚା ମନ୍ଦିର ପରିସର ମଧୁସୂଦନ ପାଠାଗାର ପକ୍ଷରୁ ମଙ୍ଗଳବାର ଏହି ଦିବସ ପାଳନ କରାଯାଇଥିଲା। ଆବାହକ ଡା. ରାହାସବିହାରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପାଠାଗାରର ଉପାଦେୟତା ସମ୍ପର୍କରେ ଆଲୋକପାତ କରାଯାଇଥିଲା। ପୁରାତନ କାଳରୁ ଆଧୁନିକ ଯୁଗ ପର୍ଯ୍ୟନ୍ତ ପୁସ୍ତକର ଆଦର କମିନି। ତାଳପତ୍ର ପୋଥିରୁ ଆରମ୍ଭ ପାଠ ଆଜି ମଣ୍ଟିଟରରେ ଆବଦ୍ଧ ହୋଇଥିଲେ ବି ତା'ର ଗାରିମା ହରାଇ ନାହିଁ। ତେବେ ବ୍ୟସ୍ତବହୁଳ ଜୀବନରେ ଅନେକ ପୁସ୍ତକଠାରୁ ଦୂରେଇବାରେ ଲାଗିଛନ୍ତି। ଯାହା ଆଦୌ ଶୁଭ ଲକ୍ଷଣ ନୁହେଁ ବୋଲି ମହାପାତ୍ର କହିଥିଲେ। ଜଞ୍ଜାଳମୟ ଜଗତରେ ପୁସ୍ତକଟିଏ ଆମର ପରମ ହିତୈଷୀ, ବନ୍ଧୁ ଓ ମାର୍ଗଦର୍ଶକ ହୋଇଥିବା ବେଳେ ଏହା ଆମକୁ ବାସ୍ତବ ଶାନ୍ତି ପ୍ରଦାନ କରିଥାଏ ବୋଲି ମତ ପ୍ରକାଶ ପାଇଥିଲା। ଗତ ଏପ୍ରିଲ ପହିଲାରୁ ଆରମ୍ଭ କରାଯାଇଥିବା ମଧୁସୂଦନ ପାଠାଗାରକୁ କିପରି ସମୃଦ୍ଧ କରାଯିବ ସେ ନେଇ ଉଦ୍ୟମ ଜାରି ରହିବା ଆବଶ୍ୟକ ବୋଲି ଏଥିରେ ଉପସ୍ଥିତ ଅନ୍ୟ କର୍ମକର୍ତ୍ତା ମତ ପ୍ରକାଶ କରିଥିଲେ। ଡା. ଅକ୍ଷୟ ସାମଲ, ବିଚିତ୍ରାନନ୍ଦ ଦାସ, କମଳ କିଶୋର ନାୟକ, ଦିଲୀପ ନାୟକ, ଅରୁଣ ପରିଡ଼ା, ଚିତ୍ତରଞ୍ଜନ ନନ୍ଦ, ସମାଇ ସୋରେନ, ଗୌରାଙ୍ଗ ଦାସ, ସନାତନ ସାହୁ, ମୁରଲୀଧର ଗୌଡ଼, ସୁବାସ ପାତ୍ର, ସଚଳା ପଣ୍ଡା ଓ କମଳେଶ୍ୱର ସାହା ପ୍ରମୁଖ ଉପସ୍ଥିତ ଥିଲେ।

ଅଗ୍ରଣୀ ସାହିତ୍ୟାନୁଷ୍ଠାନ ଆଦର୍ଶ ପାଠାଗାର ପକ୍ଷରୁ ଏହାର କାର୍ଯ୍ୟାଳୟ ପରିସରରେ ବିଶ୍ୱ ପୁସ୍ତକ ଦିବସ ପାଳିତ ହୋଇଛି। ପାଠାଗାର ସାଧାରଣ ସମ୍ପାଦକ ସୁକାନ୍ତ ଖୁଣ୍ଟିଆଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ହୃଷୀକେଶ ରାୟ ମହାବିଦ୍ୟାଳୟ ଅଧ୍ୟକ୍ଷ ଭବେଶ ସାହୁ ଅତିଥି ଭାବେ ଯୋଗଦେଇ ଏହି ଦିବସ ପାଳନର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସେ କହିଥିଲେ, ଜୀବନର ଦୁଃଖ ଦୂର କରିବାରେ ପୁସ୍ତକର ଉପାଦେୟତା ରହିଛି। ପୁସ୍ତକ ଭଳି ଶିକ୍ଷକ ଓ ପରାମର୍ଶଦାତା ବାସ୍ତବରେ ବିରଳ ବୋଲି ସାହୁ କହିଥିଲେ। ପୁସ୍ତକ ରୂପକ ଜ୍ଞାନଭଣ୍ଡାରକୁ ଆପଣାଇବାକୁ ସେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଗୋପୀନାଥ ପଟ୍ଟନାୟକ, ଚନ୍ଦ୍ରଶେଖର ଶତପଥୀ, ବାଉରୀବନ୍ଧୁ ସାହୁ ଓ ମୀନାକ୍ଷୀ ଧର ପ୍ରମୁଖ ମଞ୍ଚାସୀନ ଥିଲେ। କୈଳାସ ସାବତ, ବବିତା ମହାପାତ୍ର, ସ୍ମିତା ମିଶ୍ର, ଜ୍ଞାନେନ୍ଦ୍ର ଦାସ, ଜ୍ୟୋତିରଞ୍ଜନ ମହାପାତ୍ର, ଡ. ବସନ୍ତ ଦାସ, ନଗେନ ଦାସ, କୁଞ୍ଜବିହାରୀ ରାଉତ, ଅକ୍ଷୟ ପଣ୍ଡା, ଅକ୍ଷୟ ସାମଲ, ସୁକାନ୍ତ ମହାପାତ୍ର, ଅମରେନ୍ଦ୍ର ପାଢ଼ୀ, ପ୍ରତାପ ରାଉତ, ବିଭୂତି ବିଶ୍ୱାଳ, ଶ୍ରୀକନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ମେଡିକ୍ଲେମ୍ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା

**ରାଉରକେଲା ଅଫିସ,୨୪।୪**

କୋଏଲନଗରସ୍ଥିତ ଆର୍‌ଏସ୍‌ପି ଅବସରପ୍ରାପ୍ତ କର୍ମଚାରୀ ସଂଘ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ମେଡିକ୍ଲେମ (ସ୍ୱାସ୍ଥ୍ୟବୀମା) ନେଇ ଆଲୋଚନା କରାଯାଇଥିଲା। ଏହି ବୈଠକରେ ମେଡିକ୍ଲେମ କର୍ତ୍ତୃପକ୍ଷଙ୍କ ପ୍ରତିନିଧି ସି. ମାଇତି ଯୋଗଦେଇ କର୍ମଚାରୀଙ୍କ ବିଭିନ୍ନ ସନ୍ଦେହ ଦୂର କରିଥିଲେ। ଇନ୍‌ଡୋର ଓ ଆଉଟ୍‌ଡୋର ରୋଗୀଙ୍କୁ ନେଇ ସନ୍ଦେହ ସମ୍ପର୍କରେ ମାଇତି ଆଲୋକପାତ କରିଥିଲେ। ବିବାଦିତ ପ୍ରାପ୍ୟ ପାଇବା ନେଇ ରହିଥିବା ସନ୍ଦେହ ଦୂର କରାଯାଇଥିଲା। ଆଗାମୀ ଦିନରେ ମାସର ୩ୟ ଶୁକ୍ରବାର ମେଡିକ୍ଲେମ ପ୍ରତିନିଧି ଅବସର ଭବନକୁ ଆସି ବୀମା ପ୍ରାପ୍ୟ ନେଇ ଉପୁଜୁଥିବା ବିବାଦର ସମାଧାନ କରିବାକୁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ଏଥିରେ ସଂଗଠନର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ୨୭ରେ ପ୍ରଗତି ଉତ୍କଳ ସଂଘ ହୀରକ ଜୟନ୍ତୀ

**ରାଉରକେଲା ଅଫିସ,୨୪।୪**

ସେକ୍ଟର-୭ସ୍ଥିତ ପ୍ରଗତି ଉତ୍କଳ ସଂଘର ହୀରକ ଜୟନ୍ତୀ ଆସନ୍ତା ୨୭ ତାରିଖରେ ପାଳନ କରାଯିବ। ସେହିପରି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ୨୮ରେ ଅନୁଷ୍ଠିତ ହେବ। ସେକ୍ଟର-୧୯ ସିଭିକ ସେଣ୍ଟରରେ ଦୁଇଦିନ ବ୍ୟାପୀ ଏହି କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ଅତିଥି ଯୋଗଦେବେ ବୋଲି ସଂଗଠନ ପକ୍ଷରୁ ସୂଚନା ଦିଆଯାଇଛି।


CLASSIFIED DISPLAY

MORE SPACE • SAME PRICE

TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

!!ଋଣ ଋଣ ଋଣ!!
ଗୁରୁ କୃପା ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୧,୦୦,୦୦୦-୯୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଗେ ଆସନ୍ତୁ ଆଗେ ପାଆନ୍ତୁ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍ଚର୍, ଭାଟି, ସମସ୍ତ ଋଣ ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
Toll Free
9115871031
Add. : T-51, Gali No. 8, Gautampuri, Delhi

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଈ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ମିଳିବ। ସୁଧ 1%
:ADDRESS:
C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167
9973805993

ଋଣ ଋଣ ଋଣ
ବିଏଫ୍‌ସି ଫାଇନାନ୍ସ
୧ରୁ ୫୦ ଲକ୍ଷର ଋଣ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବିଜ୍‌ନେସ୍, କୃଷି, ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା ପାଳନ, ଇଟା ଭାଟି, ଆଧାର କାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ଏବଂ ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
25 ବର୍ଷ ଧରି ଆପଣଙ୍କ ସେବାରେ
CAPITAL FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା
ମାର୍କଶିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
ସୁଧ 2% - ରିହାତି 40%
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
କାମ ଆମର - ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
9499437218
House No.2, Ram Nagar, Namol, Haryana

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Mysore, Karnataka 570001
Call or SMS Now
7895985440

ମହୁମାଛି ଚାଷ
ମହୁମାଛି ଚାଷ କରିବା ପାଇଁ ଆଗ୍ରହୀ ଫାର୍ମ ହାଉସ୍ ମାଲିକମାନଙ୍କ ପାଇଁ ଉଦ୍ଦିଷ୍ଟ, (ସରକାରୀ ପ୍ରୋତ୍ସାହନ ଉଦ୍ଦିଷ୍ଟ 40%)
ଯୋଗାଯୋଗ:
8763499150
OMM HONEY

BUSINESS
ଖାଲିଥିବା ଜମି ଓ ଛାତ ଉପରେ
୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ କଂପାନୀ ଆଦିତ୍ୟ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 60,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
Plot No - 14/271, Devaraja Mohalla, Bangalore, Karnataka 570001
7291069995
7834804457

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିୟା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର






ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଦୁଃଖ ସମସ୍ତଙ୍କ ଜୀବନରେ ଆସିଥାଏ। କିନ୍ତୁ ଫରକ ଏତିକି ଯେ, କେହି ଆଗରେ ପ୍ରକାଶ କରିଥାଏ। କେହି ନିଜ ହୃଦୟ ଭିତରେ ଲୁଚେଇ ରଖିଥାଏ।
- ଚାଣକ୍ୟ

## ସଂକ୍ଷେପରେ

### ହାତୀପଲ ପାଇଁ ଗ୍ରାମବାସୀ ଆତଙ୍କିତ, ବନ ବିଭାଗ ନାକେଦମ

**ସମ୍ବଲପୁର,୨୪।୪ (ବ୍ୟୁରୋ):** ସମ୍ବଲପୁର ବନଖଣ୍ଡ ସଦର ରେଞ୍ଜର ବିଭିନ୍ନ ଗ୍ରାମରେ ପ୍ରାୟ ମାସେ ହେଲା ହାତୀ ଉପଦ୍ରବ ବଢ଼ି ଯାଇଛି । ୨୪ଟି ହାତୀ ଦିନ ତମାମ ନିକଟସ୍ଥ ଜଙ୍ଗଲରେ ରହୁଛନ୍ତି । ସନ୍ଧ୍ୟା ହେଲେ ଗାଁ ମୁହାଁ ହେଉଛନ୍ତି । କେନାଲ ଓ କଟାରେ ପାଣି ପିଇବା ସହ ଗାଧୋଉଛନ୍ତି। ବେହେରାପାଲି, କାର୍ତ୍ତିପୁର, କାକୁଡ଼ିପାଲି, ହାଲିପାଲି, ବଲାରଙ୍ଗା ଆଖପାଖରେ ହାତୀ ପଲକୁ ନେଇ ଆତଙ୍କ ଖେଳି ଯାଇଛି । ଧାନ ଫସଲ ନଷ୍ଟ କରିବା ସହ ଘର ଦ୍ୱାର ଭାଙ୍ଗି ଦେଉଛନ୍ତି । ଘରେ ଥିବା ଚାଉଳ, ଧାନ ଖାଇ ଦେଉଛନ୍ତି । ତେଣୁ ପ୍ରତିଦିନ ସନ୍ଧ୍ୟା ହେଲେ ଗ୍ରାମର ପ୍ରତି ପରିବାର ଆତଙ୍କିତ ହୋଇ ପଡୁଛନ୍ତି । ଅନ୍ୟପଟେ ବନ ବିଭାଗ ପକ୍ଷରୁ ହାତୀ ଘଉଡାଇବା ପାଇଁ ଚେଷ୍ଟା କରଯାଉଛି। ହେଲେ ସୁଫଳ ମିଳୁନି। ଏଥିପାଇଁ ବନ ବିଭାଗର ରେଞ୍ଜର ଗୌରୀ ଦାସଙ୍କ ସହ ପ୍ରାୟ ୩୦ ଜଣ କର୍ମଚାରୀ ନିୟୋଜିତ ରହିଛନ୍ତି । ଲାଇଟ, ଫଟକା ଫୁଟେଇ ହାତୀଙ୍କୁ ଘଉଡାଇବାକୁ ଚେଷ୍ଟା କରୁଛନ୍ତି । ହେଲେ ହାତୀ ପଲ ପୁଣି ଗ୍ରାମକୁ ଚାଲି ଆସୁଛନ୍ତି।

### ପାନୀୟଜଳ ପାଇଁ ଲୋକେ ଡହଳବିକଳ
# ଚେଇଁ ଶୋଇଛି ପ୍ରଶାସନ

**କୁଆଁରମୁଣ୍ଡା, ୨୪।୪ (ଡି.ଏନ.ଏ.)**

ଚଳିତବର୍ଷ ଗତ ଏକ ସପ୍ତାହତଳୁ ସୁନ୍ଦରଗଡ଼ ଜିଲାର କୁଆଁରମୁଣ୍ଡା ବ୍ଲକ ଅଞ୍ଚଳରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଦିନବେଳର ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହୁଛି। ବ୍ଲକ ଅଞ୍ଚଳରେ ଥିବା ପ୍ରାକୃତିକ ଜଳଉତ୍ସ କ୍ରମେ ଶୁଖିଲା ପଡିଲାଣି। ଫଳରେ ଗ୍ରାମାଞ୍ଚଳର ଲୋକେ ପାନୀୟଜଳ ପାଇଁ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ମାତ୍ର ପଞ୍ଚାୟତ ହେଉ କି ବ୍ଲକ ଲୋକଙ୍କର ପାନୀୟଜଳ ସମସ୍ୟା ସମାଧାନ ଦିଗରେ ଚେଇଁ ଶୋଇଲା ପରି ଅନୁମେୟ ହେଉଛି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ସୀମାନ୍ତବର୍ତ୍ତୀ ରାଏବୋଗା ପଞ୍ଚାୟତର ଝମନକେରା ଗ୍ରାମ। ଏହି ଗ୍ରାମର ବେହେରାବସ୍ତି ଅଧିବାସୀଙ୍କ ପାଇଁ ପଞ୍ଚାୟତ ପକ୍ଷରୁ ଏକ ବୋର୍‌ୱେଲ ଖନନ କରାଯାଇଛି। ଏହି ବୋରୱେଲ ଖନନ ହେବା ପରେ ପାନୀୟ ଜଳ ପାଇଁ ଆଉ ଡହଳବିକଳ ହେବାକୁ ପଡିବ୍ ନାହିଁ ବୋଲି ଗ୍ରାମବାସୀ ଆଶା କରିଥିବାବେଳେ ଯଥାପୂର୍ବଂ ତଥା ପରଂ ଅବସ୍ଥା ପରି ଲୋକଙ୍କୁ ପିଇବା ପାଇଁ ପାନୀୟଜଳ ମିଳୁନାହିଁ। ଚୂଆ, ପୋଖରୀର ଜଳ ପିଇବାକୁ ସେମାନେ ବାଧ୍ୟ ହେଉଛନ୍ତି। ଏହି ସମସ୍ୟା କେବଳ ରାଏବୋଗା ପଞ୍ଚାୟତ ନୁହେଁ, ବ୍ଲକର ଅନ୍ୟ ପଞ୍ଚାୟତ ବିଶେଷକରି ଅନ୍ଧାରୀ, ପ୍ରତାପପୁର, ଦଲକି, ସଲଙ୍ଗାବାହାଲ, ଡୁମେରଯୋରରେ ଦେଖିବାକୁ ମିଳିଛି। ଏହାର ମୁଖ୍ୟ କାରଣ ହେଉଛି, ସମ୍ପୃକ୍ତ ଅଞ୍ଚଳଗୁଡିକରେ ବୋରୱେଲ ଖନନ ହେବାର ଦୀର୍ଘ ମାସ ବିତିଯାଇଥିଲେ ମଧ୍ୟ ହ୍ୟାଣ୍ଡପମ୍ପ ଲଗାଯିବାରେ ଅହେତୁକ ଅବହେଳା ଯୋଗୁ ଲୋକଙ୍କୁ ଏହି ଦୁରାବସ୍ଥା ଭୋଗିବାକୁ ପଡୁଛି। ଏଥିପାଇଁ ଲୋକେ ସ୍ଥାନୀୟ ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକସ୍ତରୀୟ ଅଧିକାରୀଙ୍କ ଅବହେଳାକୁ ଦାୟୀ କରୁଛନ୍ତି। ଏକ ସର୍ଭେରୁ ଜଣାପଡ଼ିଛି ଯେ, କୁଆଁରମୁଣ୍ଡା ବ୍ଲକ ଅଞ୍ଚଳରେ ପ୍ରାୟ ୨୦ଟିରୁ ଊର୍ଦ୍ଧ୍ୱ ବୋର୍‌ୱେଲ୍ ଖନନ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବାବେଳେ କେବଳ ହ୍ୟାଣ୍ଡପମ୍ପ ଲାଗିବାରେ ମାସାଧିକ କାଳ ବିଳମ୍ବ ଯୋଗୁ ଏହା କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଫଳରେ ଲୋକେ ସମ୍ପ୍ରତି ଅସହ୍ୟ ଗ୍ରୀଷ୍ମ ସମୟରେ ପାନୀୟଜଳ ସଂଗ୍ରହ କରିବାରେ ନାହିଁ ନ ଥିବା ହୀନସ୍ତା ହେଉଛନ୍ତି। ଏଥିପ୍ରତି ବିଭାଗୀୟ ଉଚ୍ଚ ଅଧିକାରୀ ସ୍ୱତନ୍ତ୍ର ଦୃଷ୍ଟି ଦେଇ ବୋରୱେଲ୍‌ଗୁଡିକରେ ତୁରନ୍ତ ହ୍ୟାଣ୍ଡପମ୍ପ ଲଗାଇ ଲୋକଙ୍କ ପାନୀୟ ଜଳ କଷ୍ଟକୁ ଦୂର କରିବାକୁ ସାଧାରଣରେ ଦୃଢ଼ ଦାବି ହେଉଛି।



ବୋରୱେଲରେ ହ୍ୟାଣ୍ଡପମ୍ପ ଲଗାଇବାକୁ ଝମନକେରା ଗ୍ରାମର ବେହେରାବସ୍ତିବାସୀ ପ୍ରଶାସନର ଦୃଷ୍ଟି ଆକର୍ଷଣ କରୁଛନ୍ତି।

### ମେ ୫ରୁ ଜିଲା କ୍ରୀଡା ସଂସଦ ପକ୍ଷରୁ ଫୁଟବଲ ପ୍ରଶିକ୍ଷଣ ଶିବିର

**ସୁନ୍ଦରଗଡ଼, ୨୪।୪ (ଡି.ଏନ୍.ଏ)**

ଜିଲା କ୍ରୀଡା ସଂସଦ ଆନୁକୂଲ୍ୟରେ ମେ ୫ରୁ ୧୪ବର୍ଷରୁ କମ୍ ବାଳକ ବିଭାଗ ଫୁଟବଲ ପ୍ରଶିକ୍ଷଣ ଶିବିର ଆରମ୍ଭ ହେବ। ଏହା ମେ ୧୫ ପର୍ଯ୍ୟନ୍ତ ଚାଲିବ ବୋଲି ଜିଲା କ୍ରୀଡା ସଂସଦ ପକ୍ଷରୁ ବୁଧବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ପ୍ରଶିକ୍ଷଣ ଶିବିରରେ ଭାଗ ନେବା ପାଇଁ ଇଚ୍ଛୁକ ଖେଳାଳିମାନେ ନିଜର ଜନ୍ମଗତ ପ୍ରମାଣପତ୍ର ଓ ଏକ ପାସପୋର୍ଟ ସାଇଜ ଫଟୋ ଜିଲା କ୍ରୀଡା ସଂସଦ କାର୍ଯ୍ୟାଳୟରେ ଦାଖଲ କରି ନାମ ପଞ୍ଜିକୃତ କରିବାକୁ କୁହାଯାଇଛି। ଏହି ପ୍ରଶିକ୍ଷଣ ପ୍ରତ୍ୟେହ ସକାଳ ୬ଟାରୁ ୯ଟା ପର୍ଯ୍ୟନ୍ତ ଚାଲିବ। ଜାତୀୟ କୋଚ୍ ଅମରେନ୍ଦ୍ର ସାହୁ ଏହି ପ୍ରଶିକ୍ଷଣ ଶିବିରକୁ ପରିଚାଳନା କରିବେ। ରାଜେନ୍ଦ୍ର ମହାନ୍ତିଙ୍କ ସମେତ ଜିଲା କ୍ରୀଡା ସଂସଦର ସମ୍ପାଦକ ପ୍ରଭାତ ଭୋଳ, ଜୟଦେବ ପାତ୍ର, ଅନୀଲ କୁମାର ବହିଦାର, ଜାତୀୟ ରେଫରୀ ପ୍ରମୁଖ ଏହି ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।



ବାଳି ବଧ ଓ ସୁଗ୍ରୀବଙ୍କ ରାଜାଭିଷେକ ।

# ବାଳି ବଧ, ସୁଗ୍ରୀବଙ୍କ ରାଜାଭିଷେକ

**ବଡ଼ଗାଁ, ୨୪।୪ (ଡି.ଏନ.ଏ)**

**ବଡ଼ଗାଁ ରାମଲୀଳା ଯାତ୍ରା**

ରାମାୟଣର ପ୍ରମୁଖ ପ୍ରସଙ୍ଗ ବାଳିବଧ, ତାରାଙ୍କ ଶୋକ ଓ ସୁଗ୍ରୀବଙ୍କ ରାଜାଭିଷେକ ବିଷୟବସ୍ତୁ ଉପରେ ରାମଲୀଳା ଯାତ୍ରା ହୋଇଛି। ସୁଗ୍ରୀବଙ୍କ ସ୍ତ୍ରୀ ତାରାଙ୍କୁ ବାଳି ବାଧବାଧକତାରେ ନେଇଯାଇଥିଲାବେଳେ ଅନ୍ୟପକ୍ଷେ ରାମଙ୍କ ପତ୍ନୀଙ୍କୁ ରାବଣ ଅପହରଣ କରିନେଇଥିବାରୁ ସୁଗ୍ରୀବ ଏବଂ ରାମଙ୍କ ସମଦଶା ହୋଇଥିଲା । ଏହି କାରଣରୁ ଉଭୟଙ୍କ ମଧ୍ୟରେ ମିତ୍ରତା ସ୍ଥାପନ ହୋଇ ପରସ୍ପରକୁ ସାହାର୍ଯ୍ୟ, ସହଯୋଗ କରିବା ସହ ପରାକ୍ରମୀ ବାଳିକୁ ବଧ କରିବା ପାଇଁ ଶ୍ରୀରାମ ଚନ୍ଦ୍ର ପ୍ରତିଶ୍ରୁତି ଦେଲେ। ଏହି ପ୍ରତିଶ୍ରୁତି ରକ୍ଷା ପାଇଁ ରାମଙ୍କୁ ସପ୍ତଶାଳ ବୃକ୍ଷ ଓ ଦୁନ୍ଦୁଭି ଅସୁରର ଅସ୍ଥିକୁ ଏକ ଶରରେ ନିକ୍ଷେପ କରିବାରୁ ସୁଗ୍ରୀବଙ୍କ ମଧ୍ୟରେ ବିଶ୍ୱାସ ଜାତ ହୋଇଥିଲା । ଏହାପରେ ସୁଗ୍ରୀବ ଯୁଦ୍ଧ ପାଇଁ ବାଳିଙ୍କୁ ଆହ୍ୱାନ ଦେଇଥିଲେ । ଉଭୟଙ୍କ ମଧ୍ୟରେ ଘମାଘୋଟ ଯୁଦ୍ଧ ଚାଲିଥିବା ବେଳେ ରାମଚନ୍ଦ୍ର ଗଛ ଆଢୁଆଳରେ ଲୁଚି ରହି ବାଳିଙ୍କୁ ବଧ କରିଥିଲେ। ବାଳିଙ୍କ ମୃତ୍ୟୁ ପରେ ପତିବ୍ରତା ମହାସତୀ ତାରା କ୍ଷୁବ୍ଧ ହୋଇ ବିନା ଦୋଷରେ ଛଳନା କରି ହତ୍ୟା କରିଥିବାରୁ ରାମଙ୍କୁ ଉତ୍ସନା କରିବା ସହ ଅଭିଶାପ ଦେଇଥିଲେ। ଏହା ପରେ ରାମ, ତାରାଙ୍କୁ ଆଶ୍ୱାସନା ଦେଇ ସୁଗ୍ରୀବଙ୍କ ହାତରେ ସମର୍ପଣ କରି ଲକ୍ଷ୍ମଣଙ୍କ ଦ୍ୱାର ସୁଗ୍ରୀବଙ୍କୁ କିଷ୍କିନ୍ଧ୍ୟା ରାଜ୍ୟରେ ରାଜ୍ୟାଭିଷେକ କରିଥିଲେ। ଏହି ସମୟରେ ହନୁମାନ, ଅଙ୍ଗଦ ଓ କପିକୂଳ ଉପସ୍ଥିତ ଥିଲେ। ଏହି ବିଷୟବସ୍ତୁର ରାମ, ଲକ୍ଷ୍ମଣ, ବାଳି, ସୁଗ୍ରୀବ, ହନୁମାନ, ଅଙ୍ଗଦ, ତାରା ଭୂମିକାରେ ଲୁଲୁ ପାଣିଗ୍ରାହୀ, ଦୀପକ ପୃଷେଟ, ପିକଲୁ ପାଣିଗ୍ରାହୀ, ରାଜେଶ ଚକ୍ରବର୍ତ୍ତି, ବବଲୁ ପ୍ରଧାନ, ସିପନ ହୋତା, ପ୍ରକାଶ ସାହୁ ଅଭିନୟ କରିଥିଲେ।

### ଯୁବକଙ୍କୁ ଆକ୍ରମଣ ନେଇ ଥାନାରେ ମାମଲା

**ସମ୍ବଲପୁର, ୨୪।୪ (ବ୍ୟୁରୋ)**

ସମ୍ବଲପୁର ଟାଉନ ଥାନା ଦଲେଇପଡାର ଆକବର୍ ଗଲିରେ ଅବଦୁଲ ହାସିମ୍ ନାମକ ଜଣେ ଯୁବକଙ୍କୁ ଆକ୍ରମଣ ହୋଇଛି । ହାସିମଙ୍କ ବାପା ଅବଦୁଲ ଫଇମ୍ ଏ ନେଇ ଟାଉନ ଥାନାରେ ଅଭିଯୋଗ କରିଛନ୍ତି । ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଛି । ଅଭିଯୋଗ କ୍ରମେ ଅବଦୁଲ ଓ ତାଙ୍କ ପତ୍ନୀ ଘରେ ଥିବା ସମୟରେ ୭ଜଣ ଯୁବକ ଘର ଭିତରକୁ ପଶି ଆସି ଅବଦୁଲଙ୍କୁ ମାଡପିଟ କରିଥିଲେ । ପତ୍ନୀ ବିରୋଧ କରିବାରୁ ତାଙ୍କୁ ମଧ ମାଡପିଟ କରିଥିଲେ । ପୁଅ ଅବଦୁଲ ଆହତ ହୋଇଛନ୍ତି । ହାସିମଙ୍କ ବଡ ଭାଇ କହିବା ଅନୁସାରେ ଜଣେ ଯୁବକ ଏକ ନିର୍ଦ୍ଦିଷ୍ଟ ଦଳରେ ଭୋଟ ଦେବା ପାଇଁ କହିଥିଲେ । ସେ ଏହାକୁ ମନା କରିବାରୁ ଆକ୍ରୋଷ ମୂଳକ ଭାବେ ମାଡପିଟ କରିଛନ୍ତି ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ଏ ନେଇ ଟାଉନ ଥାନା ଅଧିକାରୀ ରମେଶ ଚନ୍ଦ୍ର ଦୋରା କହିଛନ୍ତି ଯେ, ଅଭିଯୋଗ ଉପରେ ଏକ ମାମଲା ରୁଜୁ କରାଯାଇଛି। ଘଟଣାର ତଦନ୍ତ କରାଯାଉଛି ।

### ହନୁମାନ ଜୟନ୍ତୀ ପାଳିତ

**କିର୍ମିରା, ୨୪।୪ (ଡି.ଏନ.ଏ.)**

କିର୍ମିରା ବ୍ଲକ ବାଗଡିହିର ଛେଲିଆପଡାରେ ହନୁମାନ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ଶ୍ରୀ ହନୁମାନଙ୍କ ସିନ୍ଦୂର ଅଭିଷେକ କରାଯାଇଥିଲା। ଅଜୟ ଶର୍ମାଙ୍କ ଦ୍ୱାରା ରାମଚରିତ ମାନସ ପାଠ କରାଯାଇଥିଲା । ସାବରମଲ ଟିବ୍ରିୱାଲ, ବିକାଶ ଶର୍ମା, ସଞ୍ଜୟ ଅଗ୍ରୱାଲଙ୍କ ସମେତ ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ।

■ ଝାରସୁଗୁଡା ଜିଲାରେ ଭୋଟ୍ ସରିଲା

# ହାର୍‌ଜିତକୁ ନେଇ ସବୁଠି ଅଙ୍କକଷା

**ଝାରସୁଗୁଡା ଅଫିସ୍/ ଲଖନପୁର, ୨୪।୪ (ଡି.ଏନ୍.ଏ)**

ଝାରସୁଗୁଡା ଜିଲାର ବ୍ରଜରାଜନଗର ଓ ଝାରସୁଗୁଡା ନିର୍ବାଚନ ମଣ୍ଡଳୀରେ ଗତ ଗୁରୁବାର ଦ୍ୱିତୀୟ ପର୍ଯ୍ୟାୟ ମତଦାନ ମୋଟାମୋଟି ଭାବେ ଶାନ୍ତିଶୃଙ୍ଖଳା ସହ ଶେଷ ହୋଇଛି। ଗୋଟିଏ ପଟେ ଦଳୀୟ ପ୍ରାର୍ଥୀଙ୍କ ଭାଗ୍ୟ ଏବେ ଇଭିଏମ୍‌ରେ ସିଲ୍ ହୋଇରହିଛି। ଅନ୍ୟପଟେ ହାର୍‌ଜିତ୍‌କୁ ନେଇ ଗାଁରୁ ସହର ପର୍ଯ୍ୟନ୍ତ ସବୁଠି ପ୍ରାର୍ଥୀ, କର୍ମୀ ଓ ସାଧାରଣ ଜନତାଙ୍କ ମଧ୍ୟରେ ଅଙ୍କକଷା ଚର୍ଚ୍ଚା ଜୋର୍ ଧରିଛି। ନିର୍ବାଚନରେ ନିଜ ଦଳର ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ଦଳୀୟ ନେତା ଓ କର୍ମୀମାନେ ପ୍ରବଳ ଉତ୍ତାପ ସତ୍ତ୍ୱେ ଦିନରାତି ଏକ କରିଦେଇଥିଲେ। ନିର୍ବାଚନ ସରିବା ପରେ ଦଳୀୟ ପ୍ରାର୍ଥୀ, ନେତା ଓ କର୍ମୀମାନେ ଆସ୍ୱସ୍ତୀ ପ୍ରକାଶ କରିଛନ୍ତି। ଏବେ ଦଳୀୟ ନେତା ଓ କର୍ମୀମାନଙ୍କୁ ନେଇ ପ୍ରାର୍ଥୀମାନେ ଗାଁଠାରୁ ସହର ପର୍ଯ୍ୟନ୍ତ ପ୍ରତିବୁଥ୍‌ର ହିସାବ କିତାବ କରିବାରେ ଲାଗିପଡିଛନ୍ତି। ଏହି ହିସାବକିତାବ ଅଙ୍କ କଷାକୁ ନେଇ ଆଶାୟୀ ପ୍ରାର୍ଥୀମାନେ ବିଜୟର ସ୍ୱପ୍ନ ଦେଖିବାରେ ଲାଗିଛନ୍ତି। ପ୍ରାର୍ଥୀମାନେ ନିଜର ଅଙ୍କକଷା ଫଳାଫଳକୁ ସାଙ୍ଗକୁ ହାର୍‌ଜିତ୍ ଭୋଟ୍ ବ୍ୟବଧାନ ସଂଖ୍ୟାକୁ ନେଇ ଚର୍ଚ୍ଚା ଅଧିକ ଜୋର୍‌ଧରିଛି। ବ୍ରଜରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀରେ ସର୍ବାଧିକ ଶତକଡା ୭୭.୭୮ପ୍ରତିଶତ ମତଦାନ ହୋଇଥିବାବେଳେ ଝାରସୁଗୁଡା ନିର୍ବାଚନ ମଣ୍ଡଳୀରେ ଶତକଡା ୭୮.୯୯ପ୍ରତିଶତ ମତଦାନ ହୋଇଛି। ବିଗତ ନିର୍ବାଚନ ମତଦାନ ହାର ଅପେକ୍ଷା ଚଳିତ ନିର୍ବାଚନ ମତଦାନ ହାର ବୃଦ୍ଧି ପାଇଛି। ଏହାର କାରଣ ପଛରେ ନିର୍ବାଚନକୁ ନେଇ ସାଧାରଣ ଭୋଟର, ଦଳୀୟ କର୍ମୀ ଓ ନେତାଙ୍କ ମଧ୍ୟରେ ଉତ୍ସାହ ରହିଥିଲା। ଫଳରେ ମତଦାନ ହାର ବୃଦ୍ଧିପାଇଛି ବୋଲି କୁହାଯାଉଛି। ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀରେ ଭାଜପା, ବିଜେଡି ଓ କଂଗ୍ରେସ ସମର୍ଥିତ ସିପିଆଇ ପ୍ରାର୍ଥୀଙ୍କ ମଧ୍ୟରେ ତ୍ରିମୁଖୀ ପ୍ରତିଦ୍ୱନ୍ଦିତା ହୋଇଛି। ସେହିଭଳି ଝାରସୁଗୁଡା ନିର୍ବାଚନ ମଣ୍ଡଳୀରେ ବିଜେଡି, କଂଗ୍ରେସ ଓ ଭାଜପା ମଧ୍ୟରେ ତ୍ରିମୁଖୀ ପ୍ରତିଦ୍ୱନ୍ଦିତା ହୋଇଛି। ଏହିସବୁ ଦଳର ପ୍ରାର୍ଥୀ ଓ କର୍ମୀମାନେ ନିଜ ମଧ୍ୟରେ ବିଜୟର ସ୍ୱପ୍ନ ଦେଖୁଛନ୍ତି। ପ୍ରତିଦଳର ଆଣ୍ଟିଭୋଟ୍ ହାର୍‌ଜିତ୍‌ର ଫ୍ୟାକ୍ଟର ହୋଇଛି। ଏଥିପାଇଁ ଦଳୀୟପ୍ରାର୍ଥୀ ଓ କର୍ମୀମାନେ ନିର୍ଣ୍ଣାୟକ ଫଳାଫଳ ସମୀକ୍ଷା କରିବା କଷ୍ଟକର ହୋଇପଡିଛି। ତଥାପି କେତେକ ଗଣମାଧ୍ୟମ ଫଳାଫଳ ଜାଣିବା ପାଇଁ ଏକ୍‌ଜିଟ୍‌ପୋଲ୍ ଚଳାଇଛନ୍ତି। ନିର୍ବାଚନ ମତଦାନ ପରେ ଫଳାଫଳ ଅସ୍ୱଷ୍ଟ ରହିଛି। ଫଳରେ ଜନସାଧାରଣଙ୍କ ଚର୍ଚ୍ଚାପାଇଁ ବେଶ୍ ଖୋରାକ ଯୋଗାଇଛି । ସମସ୍ତେ ଚାହିଁରହିଛନ୍ତି ସେହି ସ୍ୱଷ୍ଟ ଫଳାଫଳକୁ କାହାର ଜିତ୍‌ହେବ ଆଉ କାହାର ହାର୍‌ହେବ।

# ଯୋଗେଶ ସିଂଙ୍କ ନାମରେ ଥାନାରେ ମାମଲା

**ସୁନ୍ଦରଗଡ଼, ୨୪।୪ (ଡି.ଏନ୍.ଏ)**

ସୁନ୍ଦରଗଡ଼ ବିଧାନସଭା ଆସନର ବିଜେଡି ପ୍ରାର୍ଥୀ ଯୋଗେଶ ସିଂ ଓ ତାଙ୍କ ଭାଇ ରିତେଶଙ୍କ ସମେତ ୭ଜଣଙ୍କ ନାମରେ ଭଷ୍ମା ଥାନାରେ ବୁଧବାର ଏକ ମାମଲା ରୁଜୁ ହୋଇଛି। ଏହି ଥାନା ଅନ୍ତର୍ଗତ ରାଏବଗା ଗ୍ରାମର ବୀଣା ଗହୀର ନାମ୍ନୀ ଜଣେ ମହିଳାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଦଫା ୧୪୭/୧୪୮, ୧୪୯, ୩୦୭, ୫୦୬, ୨୯୪, ୩୫୪, ୩୬୩ ରେ ଏକ ମାମଲା ( ନଂ. ୪୧/୨୦୧୯) ରୁଜୁ କରିଛି। ଥାନାରେ ହୋଇଥିବା ଅଭିଯୋଗ ଅନୁସାରେ ଗତ ୧୭ ତାରିଖ ରାତି ସାଢେ ୧୦ଟାରେ ଯୋଗେଶ ଓ ତାଙ୍କର କେତେଜଣ ସମର୍ଥକ ହାତରେ ଠେଙ୍ଗା ଧରି ତାଙ୍କ ଘର ଉପରେ ଆକ୍ରମଣ କରିଥିଲେ। ମହିଳାଙ୍କ ସାନଭାଇ ରଞ୍ଜିତ ଗହୀର ମଗଧା ଝାରାକାନି ଗାଁରେ ଯୋଗେଶଙ୍କ ସମର୍ଥକମାନେ ଟଙ୍କା ବାଣ୍ଟୁ ଥିବାବେଳେ ନିଜ ମୋବାଇଲରେ ରେକର୍ଡ କରିଥିଲେ। ଏହାର ପ୍ରତିଶୋଧ ନେବା ପାଇଁ ଯୋଗେଶଙ୍କ ସମର୍ଥକମାନେ ମହିଳାଙ୍କ ଘର ଉପରେ ଆକ୍ରମଣ କରିଥିଲେ। ଏହି ସମୟରେ ବାହାରେ ପାଟିତୁଣ୍ଡ ଶୁଣି ତାଙ୍କ ବାପା ତୁଳାରାମ ବାହାରକୁ ବାହାରିଲା ସମୟରେ ତାଙ୍କୁ ମଧ୍ୟ ମାଡ ମାରିଥିଲେ। ଏହା ପରେ ତୁଳାରାମଙ୍କୁ ଆହତ ଅବସ୍ଥାରେ ପ୍ରଥମେ ଝାରସୁଗୁଡା ଓ ତା'ପରେ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅପରପକ୍ଷେ ଏଭଳି ଅଭିଯୋଗକୁ ବିଜେଡି ପ୍ରାର୍ଥୀ ଯୋଗେଶ ସିଂ ଖଣ୍ଡନ କରିବା ସହ ନିର୍ବାଚନ ପୂର୍ବ ରାତିରେ ତାଙ୍କ ଭାଇ ଓ ସମର୍ଥକଙ୍କ ଉପରେ ହୋଇଥିବା ମରଣାନ୍ତକ ଆକ୍ରମଣ ଘଟଣାର ଅଭିଯୁକ୍ତ ପ୍ରତିପକ୍ଷଙ୍କ ପକ୍ଷରୁ ଏହା ଏକ ପାଲଟା ଅଭିଯୋଗ। ତାଙ୍କ ସମ୍ପୃକ୍ତି ଏଥିରେ ନ ଥିବା ସେ କହିଛନ୍ତି।

# ଅଶୋଭନୀୟତା ନିରୋଧ ଦିବସ

**ରାଉରକେଲା ଅଫିସ,୨୪।୪**

ଲାଠିକଟା ଓ ଆଇଡିଏଲସ୍ଥିତ ଶୋଭନୀୟ ଶିକ୍ଷାଶ୍ରମ ପରିସରରେ ଅଶୋଭନୀୟତା ନିରୋଧ ଦିବସ ପାଳିତ ହୋଇଯାଇଛି। ଏଥିରେ ନିରଂଜନ ଭାଇ ମାନବିକତାର ପତାକା ଉତ୍ତୋଳନ କରିଥିଲେ। ସେହିଭଳି ସେନାପର୍ବତ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଭା ମହାପାତ୍ର, ଟାଙ୍ଗରପାଲି ସରକାରୀ ଉପ୍ରା ସ୍କୁଲରେ ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ସାହୁ, ଜଲଦା ସରକାରୀ ଉପ୍ରା ସ୍କୁଲରେ ପ୍ରଧାନ ଶିକ୍ଷୟିତ୍ରୀ ଭାରତି କର ଏବଂ ଜଲଦା ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଟିକଚାନ୍ଦ ପଟେଙ୍କେ ନେତୃତ୍ୱରେ ଏହି ଦିବସ ପାଳିତ ହୋଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶିକ୍ଷାବିତ ଅନନ୍ତା ମହାପାତ୍ର ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଶିକ୍ଷୟିତ୍ରୀ ତାରା ନାୟକ ଓ ଶିକ୍ଷକ ସୁରଜ ପାଣିଗ୍ରାହୀ ସହଯୋଗ କରିଥିଲେ।



ଲାଠିକଟା ଶୋଭନୀୟ ଶିକ୍ଷାଶ୍ରମରେ ଅଶୋଭନୀୟତା ନିରୋଧ ଦିବସ ପାଳନ ଅବସରରେ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

### ଦାନୋଝଲା ଗାଁରେ କାଳବୈଶାଖୀର ତାଣ୍ଡବ
# ସ୍କୁଲ ସମେତ ୫ ଘରେ ପଡ଼ିଲା ଗଛ

**ନୂଆପଡା ଅଫିସ, ୨୪।୪**

କିଛି ଦିନ ହେଲା ନୂଆପଡା ଜିଲାରେ କଳାବୈଶାଖୀ ତାଣ୍ଡବ ଚଳାଇଛି । ଏହା ଦ୍ୱାରା ବହୁ ଧନଜୀବନ ନଷ୍ଟ ହେଉଥିବାବେଳେ ରବିଚାଷ ନଷ୍ଟ ହେଉଛି। ଏହି ଜିଲାର କୋମନା ବ୍ଲକ ଦାନୋଝଲା ଗାଁରେ ରାତିରେ କାଳବୈଶାଖୀ ବହୁ ଫସଲ ନଷ୍ଟ ସାଙ୍ଗକୁ ଗାଁ ସ୍କୁଲ ଉପରେ ଦାଉ ସାଧିଛି। ଏହା ସହ ୫ରୁ ଊର୍ଦ୍ଧ୍ୱ ଗରିବଙ୍କ କୁଡିଆକୁ ଭାଙ୍ଗି ଚୁରମାର କରିଦେଇଛି। ଖବର ନେବାରେ ବିଳମ୍ବିତ ରାତିରେ ଦାନୋଝଲା ଗାଁ ମୁଣ୍ଡରେ ଥିବା ପ୍ରାଥମିକ ବିଦ୍ୟାଳୟ ଉପରେ ନିକଟରେ ଥିବା ବିଶାଳକାୟ ଗଛ ଭାଙ୍ଗି ପଡିବାରୁ ଛାତ ଚୁରମାର ହୋଇପଡିଛି ।

ସ୍କୁଲ ଉପରେ ଗଛ ପଡ଼ି ଭାଙ୍ଗିବା ସମ୍ପର୍କରେ ବିଦ୍ୟାଳୟ ପ୍ରଧାନଶିକ୍ଷକ କମଳନାଥ ଖମାରୀ ବ୍ଲକ ଶିକ୍ଷାଧିକାରୀ ଏବଂ ତହସିଲଦାରଙ୍କୁ ଲିଖିତ ଭାବେ ବୁଧବାର ଜଣାଇଛନ୍ତି । ଏହା ଉପରେ ତଦନ୍ତ କରି ବିଦ୍ୟାଳୟର ପ୍ରକୃତ ସ୍ଥିତି ଆକଳନ କରି କାର୍ଯ୍ୟାନୁଷ୍ଠାନ କରିବାକୁ ନିବେଦନ କରିଛନ୍ତି । ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଆସି ଗଛ କାଟି ବିଦ୍ୟାଳୟ ପରସର ସଫା କରିଛନ୍ତି। ସେହିଭଳି ଗାଁର କୃଷ୍ଣ ମାଝିଙ୍କ ନବ ନିର୍ମିତ ପାଇଖାନା ଘର, ଜଗନ୍ନାଥ ମାଝି, ଦିଲୀପ ସିଂ ମାଝି, ବଳଦେବ ମାଝିଙ୍କ ଗାଈ ଗୁହାଳ, ଗଙ୍ଗା ନାଗଙ୍କର ଆମ୍ବ ଗଛ ଆଦି ଭାଙ୍ଗି ନଷ୍ଟ ହୋଇପଡିଥିବା ଅଭିଯୋଗ କରିଛନ୍ତି। ଏହିଭଳି ଏହି ଗାଁର ବହୁ ଚାଷୀଙ୍କ ପିଆଜ, ରସୁଣ, ମୁଗବିରି, ଭେଣ୍ଡି ଚାଷ ନଷ୍ଟ ହୋଇପଡିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଏହା ଉପରେ କୃଷି ବିଭାଗ ଦୃଷ୍ଟି ଦେଇ ତୁରନ୍ତ କ୍ଷତିପୂରଣ ଦେବା ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ସୂଚନାଯୋଗ୍ୟ ଯେ, ଆଜକୁ ସପ୍ତାହେ ହେବ ବିଶେଷ କରି କୋମନା ବ୍ଲକ ଅଞ୍ଚଳରେ କାଳବୈଶାଖୀ ମାଡି ବସିଛି। ଏଭଳି ପରିସ୍ଥିତି କେବେ ଆସି ନ ଥିଲା । କେଜାଣି କ'ଣ କାଳ ଗ୍ରାସିଛି ଯେ ବାରମ୍ବାର ଦଇବ କରାଳ ଛାଇ ଆମ ଉପରେ ପଡୁଛି ବୋଲି ଚାଷୀମାନେ ଚିନ୍ତା ପ୍ରକଟ କରିଛନ୍ତି । କେହି କେହି ଏହାକୁ ନେଇ ପୂଜା କରିବାକୁ ବନ୍ଦୋବସ୍ତ କରୁଥିବା ପରିଲକ୍ଷିତ ହେଉଛି। ଆଗକୁ କ'ଣ ହେଉଛି ଏହା ଉପରେ ପ୍ରଶାସନ ବେଳହୁଁ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

**ବହୁ ପନିପରିବାଚାଷ ନଷ୍ଟ**





ଦାନୋଝଲା ଗାଁର ପ୍ରାଥମିକ ବିଦ୍ୟାଳୟ ଉପରେ ଗଛ ପଡି ଭାଙ୍ଗିଯାଇଛି, ଶିକ୍ଷକମାନେ ବାହାରେ ଛିଡା ହୋଇଛନ୍ତି । ଭାଙ୍ଗିଥିବା ଗଛଗୁଡିକୁ ଅଗ୍ନିଶମ ବିଭାଗ କର୍ମଚାରୀମାନେ କାଟି ସଫା କରୁଛନ୍ତି ।



ତିନୋଟି ଜିନିଷକୁ ଦୀର୍ଘଦିନ ଧରି ଲୁଚାଇ ହେବନାହିଁ। ସେଗୁଡ଼ିକ ହେଲା ସୂର୍ଯ୍ୟ, ଚନ୍ଦ୍ର ଓ ସତ୍ୟ।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### ଶେଷ ସମୟରେ ମା'ଙ୍କୁ ଅନେଇଲେନି ପୁଅ

**ବ୍ରଜରାଜନଗର, ୨୪।୪ (ଡି.ଏନ.ଏ.):** ବ୍ରଜରାଜନଗର ଅଞ୍ଚଳରେ ଏପରି ଏକ ଘଟଣା ଘଟିଛି, ଯାହା ଅବିଶ୍ୱାସ ହେଲେ ମଧ ସତ୍ୟ । ଜଣେ ବ୍ୟକ୍ତି ତାଙ୍କ ମା'ଙ୍କୁ ମୃତ୍ୟୁ ମୁହଁରେ ପକାଇ ଦେଇ ଚାଲି ଯାଇଛନ୍ତି। ମା'ଙ୍କ ଜୀବନ ଗଲା ପରେ ଖବର ପାଇ ମୃତଦେହ ନେବା ପାଇଁ ଆସିଲେ। ଅଶୋକ ବାବୁ ନାମକ ଏହି ବ୍ୟକ୍ତି ଜଣକ ମହାନଦୀ କୋଇଲା କମ୍ପାନୀର ମାଇନିଂ-୩ରେ କାର୍ଯ୍ୟ କରନ୍ତି । ତାଙ୍କ ପାଖରେ ତାଙ୍କ ମା' ସୁପ୍ରିୟା ଦେବୀ (୮୦) ରହୁଥିଲେ । ବୁଧବାର ସକାଳେ ମା' ଅସୁସ୍ଥତା ଅନୁଭବ କରିବାରୁ ପୁଅ ଅଶୋକ ମଣ୍ଡଳିଆ ଡାକ୍ତରଖାନାରେ ଭର୍ତ୍ତି କରି ନିଜ ମେଡିକାଲ କାର୍ଡ ଦେଇ ଚାଲିଗଲେ । କିଛି ସମୟ ପରେ ଖୋଜିବା ପରେ ପୁଅଙ୍କ ପତ୍ତା ମିଳି ନ ଥିଲା। ମେଡିକାଲ କର୍ତ୍ତୃପକ୍ଷ ଯଥା ସମ୍ଭବ ଚେଷ୍ଟା କରି ଅପରାହ୍ନ ସାଢ଼େ ୨ଟା ପର୍ଯ୍ୟନ୍ତ ସୁପ୍ରିୟା ଦେବୀଙ୍କୁ ବଞ୍ଚାଇ ରଖିଲେ । ଅପରାହ୍ନ ସାଢ଼େ ୨ଟା ପରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହା ପରେ ପୁଅକୁ ଯୋଗାଯୋଗ କରାଯାଇ ମା'ଙ୍କ ମୃତ୍ୟୁ ଖବର ଦିଆଯାଇଥିଲା । ଶେଷରେ ଅଶୋକ ଆସି ମା'ଙ୍କ ମୃତଦେହ ନେଇଥିଲେ। ତେବେ ସୁପ୍ରିୟା ଦେବୀଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଥିବା ଡାକ୍ତରଖାନା କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି।

### ପୁରୀ-ହବିବ୍‌ଗଞ୍ଜ ଟ୍ରେନ୍‌ରେ ଏଲ୍‌ଏଚ୍‌ବି କୋଚ୍ ଲାଗିବ

**ସମ୍ବଲପୁର,୨୪।୪ (ବ୍ୟୁରୋ)-** ପୁରୀ-ହବିବ୍‌ଗଞ୍ଜ ସ୍ୱତନ୍ତ୍ର ଟ୍ରେନରେ ଏଲଏଚବି କୋଚ ସଂଯୋଗ କରାଯିବ। ଏଥିରୁ ପରମ୍ପରା ଗତ କୋଚକୁ ସ୍ଥାନାନ୍ତର କରାଯିବ । ଏହି କୋଚ ଗୁଡିକରେ ସୁରକ୍ଷା ସହିତ ଝଟକା ବିହୀନ ଆରାମଦାୟକ ଯାତ୍ରା ଉପଲବ୍ଧି ହେବ। ୦୧୬୬୧/୦୧୬୬୨ ହବିବଗଞ୍ଜ-ପୁରୀ-ହବିବଗଞ୍ଜ ସ୍ୱତନ୍ତ୍ର ଟ୍ରେନ ଚଳିତ ମାସ ୨୩ ତାରିଖଠାରୁ ହବିବଗଞ୍ଜରୁ ଓ ୨୪ ତାରିଖରୁ ପୁରୀଠାରୁ ଏଲଏଚବି କୋଚ ସଂଯୋଗ ସହିତ ଚଳାଚଳ କରିବ । ଏହି ଟ୍ରେନ ଗୋଟିଏ ଏସି-୨ ଟାୟର ବଗି, ୩ଟି ଏସି- ୩ ଟାୟର ବଗି, ୧୦ଟି ସ୍ଲିପର କ୍ଲାସ ବଗି, ୨ଟି ସାଧାରଣ ଦ୍ୱିତୀୟ ଶ୍ରେଣୀ ବଗି, ୨ଟି ଗାର୍ଡ ବଗି, ଲଗେଜ ଭ୍ୟାନ ସହିତ ଚଳାଚଳ କରିବ। ଏଥିରେ ଅଧିକ ବର୍ଥ ସୃଷ୍ଟି ହୋଇପାରିବ । ଏଲଏଚବି କୋଚରେ ଆଣ୍ଟି-ଟେଲିସ୍କୋପିକ ବ୍ୟବସ୍ଥା ରହିବ। ଏହାଦ୍ୱାରା ଦୁର୍ଘଟଣା ସମୟରେ ଅନୁକୂଳ ବାତାବରଣ ସୃଷ୍ଟି କରିବ। ନିରାପଦ, ହାଲୁକା, ଅଧିକ ଆରାମଦାୟକ ରହିବ। ଯାତ୍ରା ସମୟରେ ଝଟକା ବିହୀନ ମଧ ରହିବ। ତେବେ ସୁରକ୍ଷା ଦୃଷ୍ଟିରୁ ବର୍ତ୍ତମାନ ପୂର୍ବ ପ୍ରଚଳିତ ଆଇସିଏଫ କୋଚ ପରିବର୍ତ୍ତେ ଏଲଏଚବି କୋଚ ସଂଯୋଗ କରାଯିବାକୁ ଯୋଜନା କରାଯାଉଛି ବୋଲି ରେଳ ବିଭାଗ ପକ୍ଷରୁ ସୂଚନା ମିଳିଛି ।

# ଜଟିଳ ହେବ ଧାନ ସଂଗ୍ରହ ପ୍ରକ୍ରିୟା

- ବସିନି ପ୍ରଶାସନିକ ପ୍ରସ୍ତୁତି ବୈଠକ
- ନିର୍ବାଚନରେ ସବୁ ଦଳର ନେତା ବ୍ୟସ୍ତ
- ଚାଷୀକୁଳ ପାଇଁ ମିଳୁନି ସମୟ

**ବରଗଡ଼ ଅଫିସ୍,୨୪।୪**

ଧାନ ପାଚିଗଲାଣି । ବରଗଡ଼ ଜିଲାର ଅତାବିରା, ଭେଡ଼େନ ବ୍ଲକ ସମେତ କେତେକାଞ୍ଚଳରେ ଅମଳ କାର୍ଯ୍ୟ ମଧ୍ୟ ଜୋର୍ ଧରିଲାଣି । କିନ୍ତୁ ମଣ୍ଡି ଖୋଲିବା ତ ଦୂରର କଥା, ରବିଋତୁ ଧାନ ସଂଗ୍ରହ ପ୍ରକ୍ରିୟା ପାଇଁ ଏପର୍ଯ୍ୟନ୍ତ ପ୍ରସ୍ତୁତି ତଥା ନୀତି ନିର୍ଦ୍ଧାରଣ ବୈଠକ ସୁଦ୍ଧା ବସି ପାରିନାହିଁ। ଫଳରେ ଅନ୍ୟବର୍ଷ ତୁଳନାରେ ଏଥର ନିର୍ବାଚନୀ ଋତୁରେ ଧାନ ସଂଗ୍ରହ ପ୍ରକ୍ରିୟା ଅଧିକ ଜଟିଳ ହେବ ବୋଲି ଏବେଠାରୁ ଆଶଙ୍କା ପ୍ରକାଶ ପାଇଛି । ଏହାକୁ ନେଇ ଚାଷୀକୁଳ ଚିନ୍ତିତ ହୋଇ ପଡ଼ିଛନ୍ତି। ଏ ସମ୍ପର୍କରେ ଜାଣିବା ପାଇଁ ଜିଲା ଯୋଗାଣ ଅଧିକାରୀ ଶ୍ରୀକର ମାଝିଙ୍କୁ ଯୋଗାଯୋଗ କରାଯାଇଥିଲା । ମାତ୍ର ତାଙ୍କ ମୋବାଇଲ ଫୋନ ସୁଇଚ୍ ଅଫ୍ ଥିବା ଯୋଗୁ ମତାମତ ମିଳିପାରି ନାହିଁ ।

ସାଧାରଣତଃ ମେ ମାସ ପ୍ରଥମ ସପ୍ତାହରୁ ରବିଋତୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୁଏ । ସୁରୁଖୁରୁରେ ଧାନ କିଣାବିକା ପାଇଁ ମାସକ ପୂର୍ବରୁ ଜିଲାସ୍ତରୀୟ ଧାନ ସଂଗ୍ରହ ନୀତି ନିର୍ଦ୍ଧାରଣ ବୈଠକ ବସିଥାଏ । ସେହି ବୈଠକରେ ଜିଲାର ଧାନ କିଣାବିକା ନେଇ ମଣ୍ଡି ଖୋଲାଠାରୁ ଆରମ୍ଭ କରି ଆନୁଷଙ୍ଗିକ ବ୍ୟବସ୍ଥା, ଚାଷୀ ପରିଚୟ ପତ୍ର ପ୍ରସ୍ତୁତି ଆଦି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥାଏ।



ବରଗଡ଼ ଜିଲା ଭେଡ଼େନ ବ୍ଲକ ଅଞ୍ଚଳରେ ପାକଳାବସ୍ଥାରେ ରହିଥିବା ଧାନ ଫସଲ ।

ଗତବର୍ଷ ଏପ୍ରିଲ ୭ତାରିଖରେ ରବିଋତୁ ଧାନ ସଂଗ୍ରହ ପାଇଁ ନୀତି ନିର୍ଦ୍ଧାରଣ ବୈଠକ ବସିଥିଲା ଏବଂ ମେ ମାସ ପ୍ରଥମ ସପ୍ତାହରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇଥିଲା। କିନ୍ତୁ ଚଳିତବର୍ଷ ଏପ୍ରିଲ ମାସ ଶେଷ ସପ୍ତାହରେ ପହଞ୍ଚିଥିଲେ ସୁଦ୍ଧା ବର୍ତ୍ତମାନ ସୁଦ୍ଧା ଧାନ ସଂଗ୍ରହ ନୀତି ନିର୍ଦ୍ଧାରଣ ବୈଠକ ବସିନାହିଁ। ଫଳରେ ମେ ମାସ ପ୍ରଥମ ସପ୍ତାହରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବା ନେଇ ସଂଶୟ ପ୍ରକାଶ ପାଇଛି । ଅପରପକ୍ଷେ ଜିଲାର ହୀରାକୁଦ ଜଳସେଚିତ ଅତାବିରା ଓ ଭେଡ଼େନ ବ୍ଲକର ବିଭିନ୍ନ ଅଞ୍ଚଳରେ ଧାନ ଅମଳ ଆରମ୍ଭ ହୋଇଗଲାଣି । ଅଣଜଳସେଚିତ ପଦ୍ମପୁର ଉପଖଣ୍ଡର କେତେକାଞ୍ଚଳରେ ମଧ୍ୟ ଏହା ଆରମ୍ଭ ହୋଇଥିବା ସୂଚନା ମିଳିଛି । ସେହିପରି ଜିଲାର ପ୍ରାୟ ସବୁ ଅଞ୍ଚଳରେ ଧାନ ପାକଳ ଅବସ୍ଥାକୁ ଆସି ଯାଇଛି । କିନ୍ତୁ ଏପର୍ଯ୍ୟନ୍ତ ଏ ନେଇ ପ୍ରଶାସନିକ ପ୍ରସ୍ତୁତି ବୈଠକ ସୁଦ୍ଧା ବସି ପାରି ନ ଥିବା ଯୋଗୁ ଏଥର ଧାନ କିଣାବିକା ବିଳମ୍ବିତ ତଥା ଜଟିଳ ହୋଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି । ସାଧାରଣ ନିର୍ବାଚନରେ କୃଷି ତଥା କୃଷକ ସମସ୍ୟାକୁ ସବୁଦଳ ମୁଖ୍ୟ ନିର୍ବାଚନୀ ପ୍ରସଙ୍ଗ କରିଥିଲେ । ମାତ୍ର ନିର୍ବାଚନ ନିଶାରେ ଧାନ ସଂଗ୍ରହ ନୀତି ନିର୍ଦ୍ଧାରଣ ବୈଠକ ବିଳମ୍ବିତ ହୋଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ କୌଣସି ଦଳର ନେତାଙ୍କ ମୁହଁରୁ ସେ ନେଇ ପଦଟିଏ ବାହାରି ନାହିଁ । ଏହା ଏବେ ସାଧାରଣରେ ଆଲୋଚନାର ବିଷୟ ହୋଇଛି । ଚାଷୀଙ୍କ ପ୍ରତି ରାଜନେତାଙ୍କ ଦରଦ ପଦାରେ ପଡ଼ିଯାଇଛି ।

ପ୍ରକାଶଥାଉକି, ଗତବର୍ଷ ମେ ପ୍ରଥମ ସପ୍ତାହରେ ବରଗଡ଼ ଜିଲାରେ ରବିଋତୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ସେତେବେଳେ ଜିଲାର ଅତାବିରା, ବରଗଡ଼ ଓ ପଦ୍ମପୁର ନିୟନ୍ତ୍ରିତ ବଜାର କମିଟି ଅଧୀନରେ ୧୧୦ଟି ମଣ୍ଡି ଖୋଲିଥିଲା। ସପ୍ତାହକ ୬ଦିନ ସେଠାରେ ସକାଳ ୭ଟାରୁ ଦିନ ୧୧ଟା ପର୍ଯ୍ୟନ୍ତ ସେଠାରେ ଧାନ ସଂଗୃହୀତ ହୋଇଥିଲା । କିନ୍ତୁ ମେ ମାସକୁ ଆଉ ମାତ୍ର ୫ଦିନ ବାକି ଥିବାବେଳେ ପ୍ରଶାସନିକ ପ୍ରସ୍ତୁତି ହୋଇପାରିନାହିଁ। ଅନ୍ୟପଟେ କାଳବୈଶାଖୀ ଯୋଗୁ କେତେକାଞ୍ଚଳରେ ଚାଷୀଙ୍କ ଧାନ ଫସଲ ନଷ୍ଟ ହୋଇଥିବାବେଳେ ଧାନ କିଣାବିକା ବିଳମ୍ବିତ ହେଲେ ଜିଲାର ଅନ୍ୟ ଅଞ୍ଚଳ ଚାଷୀଙ୍କୁ ମଧ୍ୟ ସମଦଶା ଭୋଗିବାକୁ ପଡ଼ିବ ବୋଲି ଆଶଙ୍କା କରାଯାଉଛି।

### ଦୁର୍ଘଟଣାରେ ମହିଳା ମୃତ

**ଅତାବିରା/ସରଣ୍ଡା, ୨୪।୪(ଡି.ଏନ.ଏ)**

ବରଗଡ଼ ଜିଲା ଅତାବିରା ଥାନା ଲାଦେରପାଲି ନିକଟରେ ବୁଧବାର ରାତ୍ରି ପ୍ରାୟ ସାଢ଼େ ୭ଟାରେ କୌଣସି ଏକ ଗାଡ଼ି ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି । ମୃତା ମହିଳା ଜଣକ ଅତାବିରା ଏନଏସି ୱାର୍ଡ଼ ନଂ-୧୦ର ପୁଷ୍ପାଞ୍ଜଳି ଶର୍ମା(୫୭) ବୋଲି ସୂଚନା ମିଳିଛି। ଅତାବିରା ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଧରିବା ପାଇଁ ତନାଘନା ଚଳାଇଛି । ମୃତା ମହିଳା ଜଣକ ସ୍ଥାନୀୟ ଏଫସିଆଇ ଗୋଦାମ ନିକଟରେ ରାସ୍ତା ଅତିକ୍ରମ କରୁଥିବାବେଳେ କୌଣସି ଏକ ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତା ମହିଳାଙ୍କୁ ଧକ୍କା ଦେଇଥିବା ଗାଡ଼ିଟି ଏକ ଇନୋଭା ଗାଡ଼ି ଥିଲା ଏବଂ ତାହା ସମ୍ବଲପୁର ପଟକୁ ଖସି ପଳାଇଯାଇ ଥିବା ଆଲୋଚନା ହେଉଛି ।

# ଆଜି ଚାରମାଲ ବୁଥରେ ସାନି ଭୋଟ

**ଲଖନପୁର,୨୪।୪(ଡି.ଏନ୍.ଏ.)**

ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀର ଲଖନପୁର ବ୍ଲକ୍ ୩ନଂ ଜୋନ୍ ଚାରମାଲ ୨୫୪ନଂ ବୁଥ୍‌ରେ ଗତ ୧୮ ତାରିଖ ଗୁରୁବାର ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଶେଷ ହୋଇଥିଲା। ହେଲେ କେତେକ ପରିଚାଳନାଗତ ତ୍ରୁଟି ଦେଖା ଦେଇଥିଲା। ଏଣୁ ନିର୍ବାଚନ କମିଶନର ଏହି ବୁଥ୍‌ରେ ଗୁରୁବାର ସାନି ମତଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶବଳରେ ଜିଲା ମୁଖ୍ୟ ନିର୍ବାଚନ ଅଧିକାରୀ ବିଭୂତି ଭୂଷଣ ଦାସଙ୍କ ତତ୍ତ୍ୱାବଧାନରେ ଉପଜିଲାପାଳ ଶିବ ଟପ୍ପୋ, ବିଡିଓ ଗୋବିନ୍ଦ ଦଣ୍ଡସେନା ପ୍ରମୁଖ ଅଧିକାରୀମାନେ ବୁଥ୍‌ରେ ପହଞ୍ଚି ପ୍ରସ୍ତୁତି ଚଳାଇଛନ୍ତି। ଭୋଟରଙ୍କ ସୂଚନା ପାଇଁ ବିଭିନ୍ନ ଗାଁରେ ନୋଟିସ୍ ମରା ଯାଇଛି। ବୁଥ୍ ପରିସରରେ ଖରାରୁ ରକ୍ଷା ପାଇବା ପାଇଁ ଭୋଟରଙ୍କ ପାଇଁ ଟେଣ୍ଟ ଲଗା ଯାଇଛି। ଥଣ୍ଡା ପାନୀୟ ଜଳର ବ୍ୟବସ୍ଥା କରାଯାଇଛି। ସୁରକ୍ଷା ପାଇଁ ବୁଥ୍‌ର ଚାରିପଟେ ବାଉଁଶ ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଛି। ପ୍ରିଜାଇଡିଂ ଅଫିସ୍‌ର ଓ ପୋଲିଂ ଅଫସ୍‌ରମାନେ ବୁଥ୍‌ରେ ପହଞ୍ଚି ସାରିଛନ୍ତି। ଗୁରୁବାର ସକାଳ ସକାଳ ୭ଟାରୁ ମତଦାନ ଆରମ୍ଭ ହୋଇ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିବ।



ଚାରମାଲ ଗ୍ରାମରେ ଭାଜପା ପ୍ରାର୍ଥୀ ରାଧାରାଣୀ ପଣ୍ଡା ଭୋଟରଙ୍କ ସହିତ ଆଲୋଚନା କରୁଛନ୍ତି।

ଏହାକୁ ସୁଚାରୁରୂପେ ସମ୍ପାଦନ କରିବା ପାଇଁ ପ୍ରଶାସନ ତରଫରୁ ପ୍ରୟାସ ଜାରି ରହିଛି। ତେବେ ୨୫୪ନଂ ବୁଥ୍‌ରେ ସାନି ଭୋଟ ପାଇଁ ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶନାମା ଜାରି ହେବା ପରେ ଗତ ମଙ୍ଗଳବାରରୁ ବିଭିନ୍ନ ଦଳର ପ୍ରାର୍ଥୀ, ନେତା ଓ କର୍ମୀମାନଙ୍କ ଚାରମାଲ ଗସ୍ତରେ ରହିଛନ୍ତି। କେତେକ ପ୍ରାର୍ଥୀ, ନେତା ଓ କର୍ମୀମାନେ ଚାରମାଲ ଆଖପାଖରେ ଡେରା ପକାଇ ଭୋଟରଙ୍କୁ ନିଜ ସପକ୍ଷରେ ମତଦାନ କରିବା ପାଇଁ ନିଜର କଳକୌଶଳ ଲଗାଇ ବୁଝାଉଛନ୍ତି। ସୁରକ୍ଷା ଦୃଷ୍ଟିରୁ ପୋଲିସ୍ ଚାରମାଲରେ କଡାକଡି ପାଟ୍ରୋଲିଂ ଚଳାଇଛି । ବ୍ରଜରାଜନଗର ଏସ୍‌ଡିପିଓ ନୃପଚରଣ ଦଣ୍ଡସେନା, ବନହରପାଲି ଥାନା ଆଇଆଇସି ପ୍ରଶାନ୍ତ ମେହେର ପ୍ରମୁଖ ପୋଲିସ୍ ଅଧିକାରୀମାନେ ଅଞ୍ଚଳ ଉପରେ କଡା ନଜର ରଖିଛନ୍ତି। ଚାରମାଲ ଅଞ୍ଚଳକୁ ଯିବା ପାଇଁ ପ୍ରାର୍ଥୀଙ୍କ ବିନା ନେତା ଓ କର୍ମୀମାନଙ୍କୁ ପୋଲିସ ବାରଣ କରିଛି । କାହାରିକୁ ଅଞ୍ଚଳରେ ପ୍ରବେଶ କରିବା ପାଇଁ ଦେଉନାହିଁ । ଭାଜପା ପ୍ରାର୍ଥୀ ରାଧାରାଣି ପଣ୍ଡା ବୁଧବାର ସକାଳେ ଚାରମାଲ ଗ୍ରାମରେ ପହଞ୍ଚି ଭୋଟରଙ୍କ ସହିତ ଆଲୋଚନା କରୁଥିବାବେଳେ ପୋଲିସ୍ ବାରଣ କରିଥିଲା । ଫଳରେ ପଣ୍ଡା ଓ ବନହରପାଲି ଥାନା ଆଇଆଇସି ମେହେରଙ୍କ ସହିତ କଥା କଟାକଟି ହୋଇଥିଲା । ଏ ସମ୍ପର୍କରେ ପଣ୍ଡା ପୋଲିସ ବିଭାଗର ଉଚ୍ଚ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଦଳୀୟ ପ୍ରାର୍ଥୀମାନେ ଲୋକଙ୍କ ନିକଟକୁ ଯାଇ ନିର୍ବାଚନ ସମ୍ପର୍କରେ କଥା ହୋଇପାରିବେ ବୋଲି ଉପରୁ କୁହାଯାଇଥିଲା । ଏହାପରେ ଦଳୀୟ ପ୍ରାର୍ଥୀଙ୍କ ବିନା ନେତା ଓ କର୍ମୀମାନଙ୍କୁ ଅଂଚଳରେ ନ ରହିବାପାଇଁ ପୋଲିସ୍ ବାରଣ କରିଥିଲା। ରାଧାରାଣୀ ପଣ୍ଡା, ସୁରେଶ ପୂଜାରୀ, ପ୍ରସନ୍ନ ଆଚାର୍ଯ୍ୟ, କିଶୋର ମହାନ୍ତି, ନବ କିଶୋର ଦାସ, ରମେଶ ତ୍ରିପାଠୀ ପ୍ରମୁଖ ଗସ୍ତ କରିଥିଲେ । ଏବେ ସବୁ ଦଳୀୟ ପ୍ରାର୍ଥୀ ଓ ନେତାଙ୍କ ନଜର ଚାରମାଲ ବୁଥ୍ ଉପରେ । ଏହି ବୁଥ୍‌ରେ ୧୧ଶହ ୮୩ ଭୋଟର ରହିଛନ୍ତି। ୧୮ ତାରିଖରେ ୯ଶହ ୪୪ ଭୋଟର ମତଦାନ କରିଥିଲେ। ଶତକଡା ୭୯.୮ପ୍ରତିଶତ ମତଦାନ ହାର ହୋଇଥିଲା । ସାନି ମତଦାନରେ ସବୁଦଳର ପ୍ରାର୍ଥୀ, ନେତା ଓ କର୍ମୀମାନେ ଜୋରସୋର୍‌ରେ ଲାଗିଛନ୍ତି। ଏଣୁ ଏଥର ମତଦାନ ହାର ନିଶ୍ଚୟ ବୃଦ୍ଧି ପାଇବ ବୋଲି ପ୍ରାର୍ଥୀମାନେ ଆଶା ରଖିଛନ୍ତି। ଏହି ବୁଥ୍‌ର ମତଦାନ ପ୍ରାର୍ଥୀଙ୍କ ବିଜୟର ଫଳାଫଳ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି କର୍ମୀ ମହଲରେ ଚର୍ଚ୍ଚା ଚାଲିଛି।



ଡିଏଭି ସ୍କୁଲର ବାର୍ଷିକ ଉତ୍ସବ ଅବସରରେ ଉପସ୍ଥିତ ଅତିଥି।

### ଡିଏଭି ସ୍କୁଲର ବାର୍ଷିକ ଉତ୍ସବ

**ବ୍ରଜରାଜନଗର, ୨୪।୪ (ଡି.ଏନ.ଏ.)**

ସ୍ଥାନୀୟ ଜିଏମ୍ କଲୋନୀ ପରିସରରେ ଥିବା ଡିଏଭି ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳନ କରାଯାଇଛି। ଉତ୍ସବରେ ଇବ୍ କ୍ଷେତ୍ର ମହାପ୍ରବନ୍ଧକ ମଧୁସୂଦନ ଶର୍ମା ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ପି.କେ. ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। କ୍ରିଷ୍ଣା ଦେ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ରାମଲୀଳାରେ ମହିରାବଣ ବଧ ମଞ୍ଚସ୍ଥ

**ବୌଦ୍ଧ,୨୪।୪(ସ୍ୱ.ପ୍ର)**

ବୌଦ୍ଧର ପବିତ୍ର ଗଣପର୍ବ ରାମଲୀଳା ମହୋତ୍ସବ ରାମନବମୀଠାରୁ ସହରର ରାମେଶ୍ୱର ମନ୍ଦିର ସ୍ଥିତ ମାରୁତୀ ମଣ୍ଡପଠାରେ ଚାଲିଆସୁଛି। ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ଅନୁଷ୍ଠିତ ଏହି ରାମଲୀଳା ଉତ୍ସବ ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ଖୁବ୍ ଧୁମଧମାରେ ପାଳିତ ହେଉଛି। ୧୮ ଦିନ ଧରି ହେବାକୁ ଏହି ଉତ୍ସବର ବୁଧବାର ମହୀରାବଣ ବଧ ନାଟକ ମଞ୍ଚସ୍ଥ ହୋଇଥିଲା । ନାଟକର ବିଭିନ୍ନ ଭୂମିକାରେ ରାମ ଶିରିଶ ବେହେରା, ଲକ୍ଷ୍ମଣ ନାରାୟଣ ବାରିକ, କୁମ୍ଭକର୍ଣ୍ଣ ଜୟ ନାରାୟଣ ମହାନ୍ତି, ରାବଣ ଦେବରାଜ ସାହୁ, ଇନ୍ଦ୍ରଜିତ ଟିଙ୍କୁ ସାହୁ, ହନୁମାନ ଶାନ୍ତନୁ ବେହେରା, ସୁଗ୍ରୀବ ଦେବରାଜ ଜେନା ଓ ସୀତା ଭୂମିକାରେ ବିଶ୍ୱାମିତ୍ର ସାହୁ ଅଭିନୟ କରୁଛନ୍ତି। ଶ୍ରୀରାମଲୀଳାକୁ ନାଟକ ମାଧ୍ୟମରେ ସୁନ୍ଦର ଭାବେ ସଂସଦର କଳାକାରମାନେ ପରିବେଷଣ କରୁଛନ୍ତି ।

### ଅର୍ଡା ଶିକ୍ଷା ବିକାଶ ସଂଘର ବାର୍ଷିକ ସମାରୋହ

**କିର୍ମିରା, ୨୪।୪ (ଡି.ଏନ.ଏ)**

କିର୍ମିରା ବ୍ଲକ ଅର୍ଡା ଗ୍ରାମରେ ଅର୍ଡା ପଞ୍ଚାୟତ ଶିକ୍ଷା ବିକାଶ ସଂଘର ପ୍ରଥମ ବାର୍ଷିକ ସମାରୋହ ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଅଶ୍ୱିନୀ ଦଣ୍ଡପାଟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷା ଅଧିକାରୀ ଅଶୋକ ପଟେଲ ମୁଖ୍ୟଅତିଥି, ଏବିଇଓ ଗୁଣମଣୀ ପଟେଲ, ଅଲଟ୍ରାଟେକ୍ ସିମେଣ୍ଟ କାରଖାନାର ସୁଶାନ୍ତ ମହାପାତ୍ର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ସଭାରେ ଶିକ୍ଷା ପ୍ରତି ବିଶେଷ ଅବଦାନ ପାଇଁ ଅର୍ଡା ପଞ୍ଚାୟତ ହାଇସ୍କୁଲ ପୂର୍ବତନ ପ୍ରଧାନ ଶିକ୍ଷକ ଚୁଡାମଣି ନାଏକ, ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ପ୍ରଧାନ ଶିକ୍ଷକ କ୍ଷେତ୍ରପାଳ ନାଏକଙ୍କୁ ସମ୍ମାନୀତ କରାଯାଇଥିଲା । ସେହିଭଳି ବିଭିନ୍ନ ସ୍କୁଲରୁ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା । ଶିକ୍ଷୟିତ୍ରୀ ପଦ୍ମିନୀ କରାଲିଙ୍କ ସମେତ ସଂଘର ସଭାପତି ମନମୟ ବଖରା ଏବଂ ସଭ୍ୟାସଭ୍ୟ ଏଥିରେ ସହଯୋଗ କରିଥିଲେ । ଶିକ୍ଷକ ନିତ୍ୟାନନ୍ଦ ଜଗତ ସଭା ପରିଚାଳନା କରିଥିଲେ ।



ଅର୍ଡା ପଞ୍ଚାୟତ ଶିକ୍ଷା ବିକାଶ ସଂଘର ପ୍ରଥମ ବାର୍ଷିକ ସମାରୋହ ଓ ପୁରସ୍କାର ବିତରଣ ଉତ୍ସବରେ ଅତିଥି ଓ ପୁରସ୍କୃତ ଛାତ୍ରୀଛାତ୍ର।

- ଦିନ୍‌ଦାହାଡ଼େ ଚାଲିଛେ ଗଛ୍‌କଟା

# ଉଜଡ଼ି ଯାଉଛେ ରଙ୍ଗମାଟିଆ ରାଜସ୍ୱ ଜଂଗଲ

**କନ୍ଧମାଳ, ୨୪।୪ (ଡିଏନଏ)**

ବୌଦ୍ଧ ଜିଲା କନ୍ଧମାଳ ରେଞ୍ଜର ଚନ୍ଦନିଆମୁଣ୍ଡା ପାସର ରଙ୍ଗମାଟିଆ ରାଜସ୍ୱ ଜଂଗଲ ଉଜଡ଼ି ଯାଉଛେ। ଗଲା ମାସେ ହେଲା ଇଠାନେ ଦିନ୍‌ଦାହାଡ଼େ ଆସର ପାସର ଗାଁବାସୀ ଗଛ୍ କାଟୁଥିଲେ ବି ବନବିଭାଗ ଜାନିଶୁନି ତୁମ୍‌ପଡ଼ିଥିବାର ଅଭିଯୋଗ ହେଉଛେ। ସେନ୍‌ତା ରାଜସ୍ୱ ବିଭାଗର ରେକର୍ଡରେ ଜଂଗଲଟା ଥିଲେ ବି ବିଭାଗ ଇ ଦିଗେ ପଦକ୍ଷେପ ନେବାର ଜାଗାରେ ଚୁପ୍‌ମାରି ବସିଛେ। ଦିନୁଦିନ୍‌କେ ଜଂଗଲଟା ପଦା ହେଲାବେଲେ ପାସର ରଙ୍ଗମାଟିଆ ପାହାଡ଼ ଉପରେ ବିପଦ ଦେଖାଦେଇଛେ। କନ୍ଧମାଳ ରେଞ୍ଜର ଦପଲା ପଁଚେତ୍‌ର ଚନ୍ଦନିଆ ଗାଁ ପାସେ ରହିଛେ ଇ ରଙ୍ଗମାଟିଆ ପାହାଡ଼। ଇ ପାହାଡ଼କେ ଘେରି ରହିଛେ ଘଁଚ୍ ଜଂଗଲ। ରାଜସ୍ୱ ରେକର୍ଡରେ ଥିବାର ଇ ଜଂଗଲରେ ଶାଲ, ଧଉରା, କେଁନ୍ଦୁ ଲେଖେଁ ଦାମ୍‌କିଆ ଗଛ ରହିଛେ। ପାହାଡ଼କେ ଘେରି ରହିଥିବାର ଇ ପରାକୁତିକ ଜଂଗଲରେ ଅନେକ ପରକାର ଜଂଗଲି ଜୀବ୍‌ଜଁତୁ ବି ରହିଛନ୍। ବନେ ଖଁଡ଼େ ଇଲାକାରେ ରହିଥିବାର ଇ ଜଂଗଲର କେଁନ୍ଦୁପତର ଆର ଜଂଗଲଜାତ୍ ଦରବ୍ ଉପରେ ନିରଭର



ରଙ୍ଗମାଟିଆ ଜଂଗଲରେ କଟାଯାଇଥିବାର ଗଛ୍।

କରି ଅନେକ ଲୋକ୍ ନିଜର କୁଟୁମ ପୁଷୁଛନ୍। ହେଲେ ଗଲା ମାସେ ହେବା ଇ ଜଂଗଲକେ ଥାନୀୟ କେତେ ଲୋକ୍ ପଦା କରବାରେ ଲାଗିଛନ୍। ଫିଁଦିନ୍ ଦଲ ଦଲ ହେଇ ଲୋକ୍ ଟଂଗିଆ ଧରି ଜଂଗଲକେ ଯାଉଛନ୍ ଆର ଅନେକ ଦାମ୍‌କିଆ ଗଛଖୁଁଟ କାଟିଆନୁଛନ୍। ଲୋକ୍ ଏନ୍‌ତା ହିସାବେ ଇ ଜଂଗଲ କାଟବାରେ ଲାଗିଛନ୍ ଯେ ଝନେ ଆଁଖିଥି ନାଇଁ ଦେଖିଲେ ବିଶାସ୍ କରି ନାଇଁପାରେ। ଏହେଦେ ଇ ଘଁଚ୍ ଜଂଗଲର ଅନେକ ଜାଗା ପଦା ହେଇ ଚଁଦା ଦିଶବାର ସଂଗେ ତଲର ରଂଗମାଟି ଦିଶିଗଲାନ। ଆଉର ମାସେ ଦୁଇମାସ ଏନ୍‌ଥେଇ ଚାଲ୍‌ଲେ ଜଂଗଲଟା ପୂରା ସଫା ହେଇଯିବା। ପାହାଡ଼ ତଲର ଇ ଜଂଗଲ ବରଷା ଦିନେ ପାହାଡ଼ର ମାଏଟ୍ ଧସ୍‌ବାରୁ ବଁଚଉଛେ। ଇଥିରଲାଗି ବନବିଭାଗ ଆସର ପାସର ଗାଁବାସୀକୁ ସଚେତନ କରବାର ଜାଗାରେ ଚୁପ୍‌ମାରି ବସିଛେ। ଇ ବାବ୍‌ଦେ ବନବିଭାଗ ରେଞ୍ଜର ଦିଲୀପ କୁମାର ଦିଗାଲ କହିଛନ୍ ଯେ, ଆମର ପାସେ ପାହାଡ଼ ତଲର ଜଂଗଲରେ ଗଛକଟା ହେଉଥିବାର ଖବର ରହିଛେ। ହେଲେ ଜାଗାଟା ଗ୍ରାମ୍ୟ ଜଂଗଲ ରେକର୍ଡରେ ନାଁଇଁନ, ରାଜସ୍ୱ ବିଭାଗର ରେକର୍ଡରେ ରହିଛେ। ଯେନ୍‌ଥିରଲାଗି ଆମେ ପଦକ୍ଷେପ ନାଇଁ ନେଇପାରବାର। ହେଲେ ଇ ଦିଗେ ପଦକ୍ଷେପ ନେବାର ଚେଷ୍ଟା କରାଯିବା ବଲି ସେ କହିଥିଲେ।



ତୃଷାର୍ତ୍ତ ଲୋକେ ନଦୀ ପାଣି ପିଇଲେ ଯେପରି ପାଣି ଶୁଖେ ନାହିଁ,
ସେହିପରି ଦାନ ଦ୍ୱାରା କେବେହେଲେ ଧନର କ୍ଷୟ ଘଟି ନ ଥାଏ।
- ସନ୍ଥ କବୀର ଦାସ



## ସଂକ୍ଷେପରେ

### ବିଜେଡିର ମିଶ୍ରଣ ସଭା

ଖଇରା,୨୪।୪(ଡି.ଏନ.ଏ.): ରାଜ୍ୟ ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ସୁଶାନ୍ତ ସିଂ ଓ ବିଜେଡି ବିଧାୟକ ପ୍ରାର୍ଥୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ଉପସ୍ଥିତିରେ ବୁଧବାର ଏକ ମିଶ୍ରଣ ସଭା ଅନୁଷ୍ଠିତ ହୋଇଥିଲା। ବାଲେଶ୍ୱର ଜିଲା ଖଇରା ବ୍ଲକ ରଟିଣା ପଞ୍ଚାୟତର ବିଭିନ୍ନ ଦଳର କର୍ମୀ ବିଜେଡିରେ ଯୋଗ ଦେଇଥିଲେ। ଏହି ପଞ୍ଚାୟତର ସାନନ୍ଦ କୁମାର ମୁଣ୍ଡିଆ, ସୁଦର୍ଶନ ବାରିକଙ୍କ ସମେତ ସେମାନଙ୍କର ୫୦ରୁ ଊର୍ଦ୍ଧ୍ୱ ସମର୍ଥକଙ୍କୁ ମନ୍ତ୍ରୀ ଟୋପି ଓ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ। ବିଧାୟକଙ୍କ ସିମୁଳିଆ ବାସଭବନ ପରିସରରେ ଆୟୋଜିତ ଏହି ମିଶ୍ରଣ ପର୍ବରେ ବିଜେଡି ନେତା ନିରଞ୍ଜନ ମହାପାତ୍ର, ଛବିଲତା ମହାପାତ୍ର, ବ୍ଲକ ବିଜେଡି ସଭାପତି ବ୍ରଜ କିଶୋର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ରେମୁଣାରେ କଂଗ୍ରେସର କର୍ମୀ ସମାବେଶ

ରେମୁଣା/ରସାଲପୁର,୨୪।୪ (ଡି.ଏନ.ଏ.) ବାଲେଶ୍ୱର ଜିଲା ରେମୁଣା ନିର୍ବାଚନମଣ୍ଡଳୀର ୨୭ ଓ ୩୮ ନମ୍ବର ଜିଲା ପରିଷଦ ଜୋନ୍‌ରେ ବୁଧବାର କଂଗ୍ରେସ ପକ୍ଷରୁ କର୍ମୀ ସମାବେଶ ଅନୁଷ୍ଠିତ ହୋଇଥିଲା। ରସାଲପୁର ପଞ୍ଚାୟତ ପଡ଼ିଆରେ ଆୟୋଜିତ ଏହି ସମାବେଶରେ ଦଳର ଏମ୍‌ପି ପ୍ରାର୍ଥୀ ନବଜ୍ୟୋତି ପଟ୍ଟନାୟକ ଯୋଗଦେଇଥିଲେ। କଂଗ୍ରେସ ଜିତିଲେ ରେମୁଣା ଅଞ୍ଚଳ ସାମତ ଜିଲା ପ୍ରଗତିରେ ସାମିଲ ହେବ ବୋଲି ସେ କହି କଂଗ୍ରେସର ଇସ୍ତାହାର ଏବଂ ନ୍ୟାୟ ଯୋଜନା ସମ୍ପର୍କରେ ବୁଝାଇଥିଲେ। ବିଧାୟକ ପ୍ରାର୍ଥୀ ପ୍ରତାପ କୁମାର ସେଠୀ ବକ୍ତବ୍ୟ ରଖିଥିଲେ। ସମାବେଶ ଆରମ୍ଭରେ ଇଶାଣୀ କଲ୍ୟାଣମଣ୍ଡପ ଠାରୁ ଏକ ବିଶାଳ ବାଇକ୍ ରାଲି ବାହାରିଥିଲା। ପ୍ରାର୍ଥୀମାନେ ମଣିନାଗେଶ୍ୱର ଠାରେ ପୂଜାର୍ଚ୍ଚନା କରି ସଭାସ୍ଥଳରେ ପହଞ୍ଚିଥିଲେ। କୃଷ୍ଣଗୋପାଳ ପଣ୍ଡାଙ୍କ ଅଧ୍ୟକ୍ଷତାରେ ହୋଇଥିବା ସଭାରେ ବରିଷ୍ଠ ନେତା ଯୁଗୋଳ କିଶୋର ମହଲ, ପୂର୍ବତନ ବିଧାୟକ ଗୋପନାରାୟଣ ଦାସ, ଯୁବନେତା ତୁଷାରକାନ୍ତି ତପସ୍ୱି, ଅରୁଣ ଯେନା ପ୍ରମୁଖ ଯୋଗ ଦେଇଥିଲେ।

### ୨ ବାଇକ ମୁହାଁମୁହିଁ ଧକ୍କା: ୪ ଗୁରୁତର

ବାହାନଗା,୨୪।୪(ଡି.ଏନ.ଏ.): ବାଲେଶ୍ୱର ଜିଲା ବାହାନଗା ବ୍ଲକର ୧୬ ନମ୍ବର ଜାତୀୟ ରାଜପଥ ଇଚ୍ଛାପୁରଠାରେ ବୁଧବାର ରାତି ୮ଟାରେ ଦୁଇଟି ମୋଟରସାଇକେଲ ମଧରେ ମୁହାଁମୁହିଁ ଧକ୍କା ହେବାରୁ ୪ ଜଣ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ପ୍ରଥମେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଅବସ୍ଥା ଗୁରୁତର ହେବାରୁ ପରେ ସେମାନଙ୍କୁ କଟକ ବଡମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

### ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ଯାନବାହନ ଯାଞ୍ଚ

ଖଇରା,୨୪।୪(ଡି.ଏନ.ଏ.):ବୁଧବାର ବାଲେଶ୍ୱର ଜିଲା ସୋର-କୁପାରୀ ରାସ୍ତାରେ ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ଯାନବାହନ ଯାଞ୍ଚ କରାଯାଇଥିଲା। ବିଭିନ୍ନ ଗାଡ଼ିର କାଗଜପତ୍ର ଓ ପରିବହନ ସାମଗ୍ରୀକୁ ତନଖି କରାଯାଇ ବିନା ପଞ୍ଜୀକରଣରେ ନିର୍ବାଚନ ପାଇଁ ନିଆଯାଉଥିବା ପତାକା, ପୋଷ୍ଟର, ବ୍ୟାନରକୁ ଜବତ କରାଯାଇଥିଲା। ଫ୍ଲାଇଂ ସ୍କ୍ୱାଡ୍ ମୁଖ୍ୟ ବନମାଳୀ ବାରିକ, ପୋଲିସ ଏଏସ୍ଆଇ ପ୍ରଦୀପ କୁମାର ମହାନ୍ତିଙ୍କ ନେତୃତ୍ୱରେ ଏହି ଯାଞ୍ଚ ଚାଲିଥିଲା।

# ଉନ୍ନୟନ କମିଶନରଙ୍କୁ ଭେଟିଲେ ନାଗରିକ କମିଟି ପ୍ରତିନିଧି

ବଲାଙ୍ଗୀର ଅଫିସ,୨୪।୪

- ଜିଲାର ଗୁରୁତ୍ୱପୂର୍ଣ୍ଣ ସମସ୍ୟା ସମାଧାନ ଲାଗି ଆଲୋଚନା
- ଜୁନ୍‌ରେ ଭୁବନେଶ୍ୱରଠାରେ ସ୍ୱତନ୍ତ୍ର ବୈଠକ ପ୍ରତିଶ୍ରୁତି

ବଲାଙ୍ଗୀର ନାଗରିକ କମିଟିର ୩ଜଣିଆ ପ୍ରତିନିଧି ମଣ୍ଡଳୀ ବୁଧବାର ଉନ୍ନୟନ କମିଶନର ତଥା ଗୃହ ବିଭାଗ ପ୍ରମୁଖ ସଚିବ ଅସିତ ତ୍ରିପାଠୀଙ୍କୁ ସାକ୍ଷାତ କରି ବଲାଙ୍ଗୀର ଜିଲାର ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ନେଇ ଆଲୋଚନା କରିଛନ୍ତି। ନାଗରିକ କମିଟି ସଭାପତି ବିକ୍ରମାନନ୍ଦ ବହିଦାର, ଉପସଭାପତି ନିତ୍ୟାନନ୍ଦ ମିଶ୍ର, ସାଧାରଣ ସମ୍ପାଦକ ବିଷ୍ଣୁପ୍ରସାଦ କେଡିଆ ଟିଟିଲାଗଡ଼ ପୂର୍ତ୍ତବିଭାଗ ଡାକବଙ୍ଗଳାରେ ଉନ୍ନୟନ କମିଶନର ତ୍ରିପାଠୀଙ୍କୁ ଭେଟିଥିଲେ। କମିଟି ସଦସ୍ୟ ବଲାଙ୍ଗୀର ଜିଲାର ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଓ ଏହାର ଶୀଘ୍ର ସମାପ୍ତି ସହ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ। ବଲାଙ୍ଗୀର ଜିଲାର ବହୁ ପ୍ରତୀକ୍ଷିତ ଲୋୟର ସୁକତେଲ ପ୍ରକଳ୍ପ ଶୀଘ୍ର କାର୍ଯ୍ୟକାରୀ କରିବାକୁ ଦାବି ଜଣାଇଥିଲେ। ବଲାଙ୍ଗୀର ଜିଲାରେ ମାତ୍ର ୩ ପ୍ରତିଶତ ଜଳସେଚନ ସୁବିଧା ରହିଛି। ପ୍ରତିବର୍ଷ ଜଳସେଚନ ଅଭାବରୁ ହଜାର ହଜାର ଏକର ଚାଷ ଉଜୁଡି ଯାଉଛି। ବଲାଙ୍ଗୀର ଜିଲାରେ କ୍ରମାଗତ ମରୁଡି ଯୋଗୁ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଗଲାଣି। ଏହାର ପ୍ରଭାବ ଜିଲାର ଅର୍ଥନୀତି ଉପରେ ପଡୁଛି। ଚାଷୀମାନେ ପାଣି ନ ପାଇ ଚାଷ କାର୍ଯ୍ୟ ଛାଡି ଦେଉଛନ୍ତି। ଏଭଳି ପରିସ୍ଥିତିରେ ଜିଲାରେ ଜଳସେଚନ ବୃଦ୍ଧି ନିହାତି ଜରୁରୀ ହୋଇପଡିଛି ବୋଲି ସଚିବ ତ୍ରିପାଠୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲାର ଅନ୍ୟାନ୍ୟ ଛୋଟବଡ ନଦୀନାଳରେ ବ୍ୟାରେଜ ଓ ଆଡିବନ୍ଧ ନିର୍ମାଣ କରାଯିବାକୁ ଦାବି କରିଥିଲେ। ବଲାଙ୍ଗୀରର ଅନ୍ୟତମ ପ୍ରମୁଖ ସମସ୍ୟା ବାଇପାସ୍ ରାସ୍ତା ନିର୍ମାଣ ଶୀଘ୍ର କରାଯିବା ଉପରେ ଆଲୋଚନା କରିଥିଲେ। ବଲାଙ୍ଗୀରରେ ବାଇପାସ୍ ରାସ୍ତା ନ ଥିବାରୁ ଦୁର୍ଘଟଣା ବୃଦ୍ଧି ଘଟି ଧନଜୀବନ ହାନୀ ହେଉଥିବା କହିଥିଲେ। ଏନେଇ ବିଭିନ୍ନ ସମୟରେ ଜନଅସନ୍ତୋଷ ଉପୁଜୁଥିବା ଅବଗତ କରାଇଥିଲେ। ତୁରନ୍ତ ବାଇପାସ୍ ରାସ୍ତା ନିର୍ମାଣ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରିଥିଲେ। ବାଇପାସ୍ ରାସ୍ତା ନ ଥିବାରୁ ସହାରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଥିବା ଏବଂ ଦୁର୍ଘଟଣା ଭୟରେ ସକାଳ ୬ଟାରୁ ରାତି ୧୨ଟା ପର୍ଯ୍ୟନ୍ତ ଦୀର୍ଘ ୧୮ ଘଣ୍ଟା ଧରି ବଲାଙ୍ଗୀର ସହର ଉପକଣ୍ଠରେ ଭାରୀଯାନଗୁଡିକ ଅଟକି ରହୁଥିବାରୁ ନାହିଁ ନ ଥିବା ପରିସ୍ଥିତି ସୃଷ୍ଟି ହେଉଥିବା ସଚିବ ତ୍ରିପାଠୀଙ୍କୁ କହିଥିଲେ। ରାଜ୍ୟ ସରକାର ବଲାଙ୍ଗୀର ରାଜେନ୍ଦ୍ର କଲେଜକୁ ବିଶ୍ୱବିଦ୍ୟାଳୟ ଭାବେ ଘୋଷଣା କରିବା ପରେ ଜିଲାବାସୀ ଖୁସି ପ୍ରକାଶ କରିଛନ୍ତି। ତେବେ ଏଠାକାର ଅଧ୍ୟାପକ ଅଭାବଜନିତ ସମସ୍ୟା ଲାଗି ରହିଛି। ଏହି ସମସ୍ୟା ଶୀଘ୍ର ଦୂର କରି ବିଶ୍ୱବିଦ୍ୟାଳୟକୁ ଏକ ଉନ୍ନତମାନର ଶିକ୍ଷାନୁଷ୍ଠାନ ଭାବେ ପରିଣତ କରିବାକୁ ତ୍ରିପାଠୀଙ୍କୁ ଅନୁରୋଧ କରିଥିଲେ। ବଲାଙ୍ଗୀର ଟାଉନ୍ ଥାନାକୁ ଆଦର୍ଶ ଥାନା କରାଯାଇଥିଲେ ମଧ୍ୟ ଆନୁସଙ୍ଗିକ ଅସୁବିଧା ଦୂର କରିବାକୁ ଦାବି କରିଥିଲେ। ଏହା ସହିତ ବଲାଙ୍ଗୀରରେ ହାଇକୋର୍ଟର ସ୍ଥାୟୀବେଞ୍ଚ ପ୍ରତିଷ୍ଠା କରାଯିବା ଉପରେ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଯଶବନ୍ତ କମିଶନ ଆଧାରରେ ବଲାଙ୍ଗୀର ହିଁ ଉପଯୁକ୍ତ ସ୍ଥାନ ଭାବେ ସମସ୍ତ ଯୋଗ୍ୟତା ପୂରଣ କରୁଥିବାରୁ ଏଠାରେ ହିଁ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା କରାଯିବାକୁ ଦାବି କରିଥିଲେ। ଏହା ସହିତ ବଲାଙ୍ଗୀର ସହର ତଥା ଜିଲାର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଓ ସମସ୍ୟା ଉପରେ ସଚିବ ତ୍ରିପାଠୀଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା ଜୁନ୍ ମାସରେ ବଲାଙ୍ଗୀରର ଉପରୋକ୍ତ ସମସ୍ୟା ସମ୍ପର୍କରେ ଭୁବନେଶ୍ୱରରେ ଏକ ସ୍ୱତନ୍ତ୍ର ବୈଠକ କରି ସମସ୍ୟାର ସମାଧାନ କରିବାକୁ ସଚିବ ତ୍ରିପାଠୀ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି।



ଉନ୍ନୟନ କମିଶନର ଅସିତ ତ୍ରିପାଠୀଙ୍କୁ ନାଗରିକ କମିଟି ପ୍ରତିନିଧି ଭେଟି ଆଲୋଚନା କରୁଛନ୍ତି।

## ଆଜି ବିଶୋଇରେ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ ସଭା

ବିଶୋଇ,୨୪।୪(ଡି.ଏନ.ଏ.)

ସାରସକଣା ନିର୍ବାଚନମଣ୍ଡଳୀ ବିଶୋଇ ବ୍ଲକ ଅନ୍ତର୍ଗତ ବାଡୁଣିଆ ଖେଳପଡିଆଠାରେ ଗୁରୁବାର ଆୟୋଜିତ ହେବାକୁ ଥିବା ଏକ ନିର୍ବାଚନୀ ସଭାରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେବେ। ଗୁରୁବାର ମଧ୍ୟାହ୍ନ ୧୨ଟା ୫ ମିନିଟରେ ମୁଖ୍ୟମନ୍ତ୍ରୀ ହେଲିକପ୍ଟର ଯୋଗେ ଅବତରଣ କରି ଉପସ୍ଥିତ ସ୍ଥାନୀୟ ଜନତାଙ୍କୁ ବିଜେଡି ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟ ସମ୍ବନ୍ଧରେ ଉଦବୋଧନ ଦେବେ ବୋଲି ଦଳ ପକ୍ଷରୁ ସୂଚନା ମିଳିଛି। ଅନ୍ୟପକ୍ଷରେ ବୁଧବାର ବିଜାତଳା ବ୍ଲକର ରାଇହରିଠାରେ ସାରସକଣା ନିର୍ବାଚନମଣ୍ଡଳୀ ଭାଜପା ପକ୍ଷରୁ ବିଜୟ ସଂକଳ୍ପ ସଭା କରାଯାଇଥିଲା। ଏଥିରେ ଷ୍ଟାର ପ୍ରଚାରକ ଭାବରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇଥିଲେ।

# କାର୍ଯ୍ୟକ୍ଷମ ହେଉନି ନବନିର୍ମିତ ଛାତ୍ରୀ ନିବାସ

ଗୁଡ଼ଭେଲା,୨୪।୪(ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ତୁଷୁରା ସହରସ୍ଥିତ ସରକାରୀ ବାଳିକା ହାଇସ୍କୁଲ ପରିସରରେ ନିର୍ମିତ ହୋଇଥିବା ୨ଶହ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସ କାର୍ଯ୍ୟକ୍ଷମ ହେବା ନେଇ ଅନିଶ୍ଚୟତା ଦେଖାଦେଇଛି। ସ୍ଥାନୀୟ ଲୋକଙ୍କ କହିବା ମୁତାବକ,୨୦୧୫ ଜାନୁୟାରୀ ୨୭ ତାରିଖରେ ମୁଖ୍ୟମନ୍ତ୍ରୀ ଛାତ୍ରୀ ନିବାସର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ଏହାର ନିର୍ମାଣ ପ୍ରାୟ ଦୁଇ ବର୍ଷ ହେଲା ଶେଷ ହୋଇଥିଲେ ମଧ ବିଭାଗୀୟ ଅଧିକାରୀଙ୍କ ଆନ୍ତରିକତା ଅଭାବରୁ ବର୍ତ୍ତମାନ ସୁଦ୍ଧା ଛାତ୍ରୀ ନିବାସ କାର୍ଯ୍ୟକ୍ଷମ ଉଦ୍‌ଘାଟିତ ହୋଇ ନ ଥିବା ବେଳେ କାର୍ଯ୍ୟକ୍ଷମ ହୋଇପାରି ନାହିଁ। ଅନ୍ୟପକ୍ଷେ ଅଞ୍ଚଳର ଗରିବ ଛାତ୍ରୀମାନେ ଛାତ୍ରୀ ନିବାସରେ ରହି ପଢିବାର ସୁଯୋଗ ପାଇବେ ସେହି ଲକ୍ଷ୍ୟ ନେଇ ଏହାର ନିର୍ମାଣ କରାଯାଇଥିଲା। ହେଲେ ନିର୍ମାଣ ହେବାର ଦୀର୍ଘ ଦିନ ପରେ ମଧ ଛାତ୍ରୀ ନିବାସ କାର୍ଯ୍ୟକ୍ଷମ ନ ହେବା ଅଭିଭାବକଙ୍କ ମହଲରେ ଅସନ୍ତୋଷ ଦେଖାଦେଇଛି। ଅନ୍ୟପକ୍ଷେ ଠିକାଦାର ତାଙ୍କ ବାକିଆ ଟଙ୍କା ପାଇ ନ ଥିବାରୁ ଛାତ୍ରୀ ନିବାସକୁ ହସ୍ତାନ୍ତର କରି ନ ଥିବା ଜଣାପଡିଛି। ଏନେଇ ଗୁଡଭେଲା ବ୍ଲକ ବିଡିଓ ରାମବିଳାଶ ମଙ୍ଗରାଜଙ୍କୁ ପଚାରିବାରୁ ସେ କହିଥିଲେ ଯେ, ଘଟଣାର ତଦନ୍ତ କରି ତୁରନ୍ତ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଏନେଇ ଠିକାଦାର ମହେନ୍ଦ୍ର ଜୈନଙ୍କୁ ପଚାରିବାରୁ ପ୍ରାୟ ଛଅ ଲକ୍ଷ ଟଙ୍କା ବିଲ୍ ବକେୟା ପଡିଛି। ଏନେଇ ସେ ବିଭାଗୀୟ ଅଧିକାରୀଙ୍କୁ ଜଣାଇଛନ୍ତି। ହେଲେ ବିଲ ହେଉ ନ ଥିବା କହିଛନ୍ତି। ଏନେଇ ସେ ଛାତ୍ରୀ ନିବାସର ଚାବି ରଖିଥିବା କହିଛନ୍ତି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେଲେ ଛାତ୍ରୀମାନେ ଉପକୃତ ହୋଇ ପାରନ୍ତେ ବୋଲି ବୃଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।



ତୁଷୁରା ସହରସ୍ଥିତ ସରକାରୀ ବାଳିକା ହାଇସ୍କୁଲ ପରିସରରେ ନିର୍ମିତ ୨ଶହ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସ।

## ବସ୍ ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟଣା

# ମୃତଦେହ ରଖି ରାଜପଥ ଅବରୋଧ

ବଲାଙ୍ଗୀର ଅଫିସ, ୨୪।୪/ ତରଭା(ଡି.ଏନ୍.ଏ.)

ବସ୍ ଧକ୍କାରେ ମୃତ୍ୟୁବରଣ କରିଥିବା ବାଇକ୍ ଆରୋହୀ ପରିବାରକୁ କ୍ଷତିପୂରଣ ଦାବି ନେଇ ପୁଇଁତଲା ଥାନା ଅନ୍ତର୍ଗତ ଅର୍ଜୁଣ୍ଡା ଗ୍ରାମର ଶତାଧିକ ବ୍ୟକ୍ତି ବଲାଙ୍ଗୀର-ସୋନପୁର ୫୭ ନମ୍ବର ଜାତୀୟ ରାଜପଥକୁ ଦୀର୍ଘ ୩ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଅବରୋଧ କରିଥିଲେ। ବଲାଙ୍ଗୀର ଏସ୍‌ଡିପିଓ ଶ୍ରୀମନ୍ତ ବାରିକ ଓ ସୋନପୁର ଜିଲା ତରଭା ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡା ଘଟଣାସ୍ଥଳକୁ ଆସି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିବା ସହ ୨୦ ହଜାର ଟଙ୍କା ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

ବଲାଙ୍ଗୀର ଜିଲା ଅର୍ଜୁଣ୍ଡା ଗାଁର ନେହେରୁ ବାରିକ (୨୩) ମଙ୍ଗଳବାର ୫୭ ନମ୍ବର ରାଜପଥରେ ବାଇକ୍ ଯୋଗେ ଆସୁଥିବାବେଳେ ତରଭା ଥାନା ଅନ୍ତର୍ଗତ ଖାରୀ ଗାଁ ନିକଟରେ ଏକ ଘରୋଇ ବସ୍ ଧକ୍କା ଦେବାରୁ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିଲେ। ଦୁର୍ଘଟଣା ଘଟାଇବା ପରେ ଘରୋଇ ବସ୍ ସେଠାରୁ ଫେରାର ମାରିଥିଲା। ଏହାପରେ ଗାଁ ଲୋକେ ଦୁର୍ଘଟଣା ଘଟାଇଥିବା ବସ୍‌କୁ କ୍ଷତିପୂରଣ ଦେବାକୁ ଦାବି କରିଥିଲେ। ତେବେ ମୃତ୍ୟୁବରଣ କରିଥିବା ଯୁବକଙ୍କୁ କୌଣସି କ୍ଷତିପୂରଣ ଦେବେ ନାହିଁ ବୋଲି ଘରୋଇ ଯାତ୍ରୀବାହୀ ବସ୍ ମାଲିକ ରୋକ୍‌ଠୋକ୍ ମନା କରିଦେବାରୁ ଗ୍ରାମବାସୀ ଉଦ୍‌କ୍ଷିପ୍ତ ହୋଇପଡିଥିଲେ। ଏହି ଘଟଣା ପରେ ଦଳିତ ନେତା ତ୍ରିଲୋଚନ ନନ୍ଦଙ୍କ ନେତୃତ୍ୱରେ ଯୁବଲାଲ ନନ୍ଦ, ନରହରି ନନ୍ଦ, ସୁବାସ ସୁନା ଓ ଗାଁର ଅନ୍ୟ ଶତାଧିକ ମହିଳା ଓ ପୁରୁଷ ବୁଧବାର ସକାଳ ୧୦ଟାରୁ ଅର୍ଜୁଣ୍ଡା ଛକରେ ୫୭ ନମ୍ବର ଜାତୀୟ ରାଜପଥ ଉପରେ ମୃତଦେହ ରଖି ରାସ୍ତାରୋକୋ ଆରମ୍ଭ କରିଥିଲେ। ରାସ୍ତାରୋକୋ ଫଳରେ ଜାତୀୟ ରାଜପଥର ଉଭୟ ପଟରେ ଶହ ଶହ ଯାନବାହନ ଅଟକି ରହିଥିଲା। ଖବର ପାଇ ପୁଇଁତଲା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ତେବେ ଉପଯୁକ୍ତ କ୍ଷତିପୂରଣ ନ ମିଳିଲେ ରାସ୍ତାରୋକୋ ହଟିବନାହିଁ ଗ୍ରାମବାସୀ ରୋକ୍‌ଠୋକ ମନା କରିଦେଇଥିଲେ। ଏହାପରେ ସଦର ଏସଡିପିଓ ଶ୍ରୀମନ୍ତ ବାରିକ ଘଟଣାସ୍ଥଳକୁ ଆସି ତରଭା ତହସିଲଦାର ପଣ୍ଡାଙ୍କୁ ଡାକି କ୍ଷତିପୂରଣ ସମ୍ପର୍କରେ ଲୋକଙ୍କ ସହ ଆଲୋଚନା କରିଥିଲେ। ଦୀର୍ଘ ସମୟ ଆଲୋଚନା ପରେ ଘରୋଇ ବସ୍‌ମାଲିକ ୧୦ ହଜାର ଟଙ୍କା, ରେଡକ୍ରସ ପାଣ୍ଠିରୁ ୧୦ ହଜାର ଏଭଳି ସମୁଦାୟ ୨୦ ହଜାର ଟଙ୍କା ଦିଆଯାଇଥିଲା। ଏହାସହିତ ମୃତକଙ୍କ ପରିବାରକୁ ଦୁର୍ଘଟଣା କ୍ଷତିପୂରଣ ବାବଦରେ ୨ ଲକ୍ଷ ଟଙ୍କା ମିଳିବ ବୋଲି ପ୍ରତିଶ୍ରୁତି ଦିଆଯିବା ପରେ ମୃତଦେହ ଉଠାଇ ରାସ୍ତାରୋକ ପ୍ରତ୍ୟାହାର କରାଯାଇଥିଲା।



ଅର୍ଜୁଣ୍ଡା ଛକରେ ରାସ୍ତାରୋକୋ କରିଥିବା ଆନ୍ଦୋଳନକାରୀମାନେ ବଲାଙ୍ଗୀର ଏସଡିପିଓ ଓ ତରଭା ତହସିଲଦାରଙ୍କ ସହ ଆଲୋଚନା କରୁଛନ୍ତି।

# ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

ଲାଠୋର,୨୪।୪(ଡି.ଏନ.ଏ.)

ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବୁଧବାର ଏକ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଭାରପ୍ରାପ୍ତ ଅଧ୍ୟକ୍ଷ ରୁନୁ ମେହେରଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଘାସିରାମ ଅଗ୍ରୱାଲ ଯୋଗଦେଇଥିଲେ। ଅଧ୍ୟକ୍ଷ ମେହେର କହିଥିଲେ, ବର୍ତ୍ତମାନ ପରିପେକ୍ଷୀରେ ଛାତ୍ରୀମାନଙ୍କ ପାଇଁ ଆତ୍ମ ସୁରକ୍ଷାର ଆବଶ୍ୟକତା ରହିଛି। ଏନେଇ ତାଲିମ ଦ୍ୱାରା ନିଜକୁ ସୁରକ୍ଷା କରିବା ସହିତ ଅନ୍ୟମାନଙ୍କୁ ସୁରକ୍ଷା ଦେଇ ପାରିବେ। ସେହିପରି ମୁଖ୍ୟ ଅତିଥି ଅଗ୍ରୱାଲ କହିଥିଲେ, ଦିନକୁ ଦିନ ଛାତ୍ରୀମାନଙ୍କ ପ୍ରତି ବିଭିନ୍ନ ଅପରାଧ ବଢ଼ି ଚାଲିଛି। ଏନେଇ ଆତ୍ମ ସୁରକ୍ଷା ତାଲିମର ନିତାନ୍ତ ଆବଶ୍ୟକ ରହିଛି। ଶିବିରରେ ୯୦ଜଣ ଛାତ୍ରୀ ଅଂଶ ଗ୍ରହଣ କରି ତାଲିମ ଗ୍ରହଣ କରୁଛନ୍ତି। ବିଦ୍ୟାଳୟ ଖେଳ ଶିକ୍ଷକ ଗୁଣମଣି ସାହୁ ଏହାର ନେତୃତ୍ୱ ନେଇଥିବା ବେଳେ ପ୍ରଶିକ୍ଷକ ଡାକପ୍ରିୟା ନାଗ ଛାତ୍ରମାନଙ୍କୁ ତାଲିମ ପ୍ରଦାନ କରୁଛନ୍ତି। କାର୍ଯ୍ୟକ୍ରମରେ ଅଧ୍ୟାପକ ପ୍ରଦୀପ କୁମାର ସାହୁ, ରାମନାରାୟଣ ବେଦବାକ, ନମିତା ସାହୁ, ଅଭୟ ନାଏକ, ଚନ୍ଦ୍ରମଣି ଭଇଁଷାଲ, ରେବତୀ ମେହେର, ରାଜକିଶୋର ବାଗ, ଉମାକାନ୍ତି ଦେହୁରୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ବାଗଝୁଲା ମାନବ କଲ୍ୟାଣ ସେବାଶ୍ରମ

# କର୍ମଚାରୀଙ୍କ ଇସ୍ତଫା ପରେ ୩୮ ଅନ୍ତେବାସୀଙ୍କୁ ସ୍ଥାନାନ୍ତରଣ

ବଲାଙ୍ଗୀର ଅଫିସ/ ଲୋଇସିଂହା ୨୪।୪(ଡି.ଏନ.ଏ.)

- ସେବାଶ୍ରମରେ ପହଞ୍ଚିଲେ ସିଡବ୍ଲ୍ୟୁସି ସଦସ୍ୟ
- ପଥରଚେପା ବାଳ ନିକେତନରେ ପହଞ୍ଚିଲେ ୩୮ ଅନ୍ତେବାସୀ

ଆଗଲପୁର ବ୍ଲକ୍ ଅନ୍ତର୍ଗତ ବାଗଝୁଲାଠାରେ ଥିବା ମାନବ କଲ୍ୟାଣ ସେବାଶ୍ରମର ୩୮ ଅନ୍ତେବାସୀଙ୍କୁ ବଲାଙ୍ଗୀର ଜିଲା ଶିଶୁ କଲ୍ୟାଣ ସମିତିପକ୍ଷରୁ ବୁଧବାର ପଥରଚେପା ପାର୍ବତୀଗିରି ବାଳ ନିକେତନକୁ ଅଣାଯାଇଛି। କିଛିଦିନ ହେଲା ବାଗଝୁଲା ସେବାଶ୍ରମ ମ୍ୟାନେଜମେଣ୍ଟରେ ବିବାଦ ଲାଗିରହିଥିଲା। ମଙ୍ଗଳବାର ସେବାଶ୍ରମରେ କାର୍ଯ୍ୟରତ ସମସ୍ତ କର୍ମଚାରୀ ସମୂହ ଇସ୍ତଫା ଦେଇଥିବା ଖବର ପାଇବା ପରେ ଜିଲା ଶିଶୁ କଲ୍ୟାଣ ସମିତି ସଦସ୍ୟମାନେ ବୁଧବାର ସେବାଶ୍ରମ ପରିଦର୍ଶନରେ ଯାଇ ଏଠାରେ ଥିବା ୪୦ ଅନ୍ତେବାସୀଙ୍କ ସମ୍ପର୍କରେ ପଚାରି ବୁଝିଥିଲେ। ମ୍ୟାନେଜମେଣ୍ଟ କର୍ମଚାରୀମାନେ ଇସ୍ତଫା ଦେବା କାରଣରୁ ଏହି ସେବାଶ୍ରମ ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଥିଲା। ଏଠାରେ ଥିବା ୩୮ ଜଣ ଅନ୍ତେବାସୀ କିପରି ରହିବେ ସେନେଇ ଚିନ୍ତାପ୍ରକଟ ପାଇଥିଲା। ଏସବୁ ଅସୁବିଧାକୁ ଲକ୍ଷ୍ୟ କଲାପରେ ସିଡବ୍ଲ୍ୟୁସି ସଦସ୍ୟମାନେ ସମସ୍ତ ୪୦ ଅନ୍ତେବାସୀଙ୍କୁ ବଲାଙ୍ଗୀର ପଥରଚେପା ବାଳ ନିକେତନକୁ ସ୍ଥାନାନ୍ତର କରିବାକୁ ନିଷ୍ପତ୍ତି ନେଇଥିଲେ। ୨ ଜଣ ଅନ୍ତେବାସୀ ଅନୁପସ୍ଥିତ ଥିବାରୁ ବୁଧବାର ୩୮ ଜଣ ଅନ୍ତେବାସୀଙ୍କୁ ବଲାଙ୍ଗୀର ପଥରଚେପା ଅଣାଯାଇଥିଲା। ଏହି ସେବାଶ୍ରମରେ ୬ରୁ ୧୭ ବର୍ଷ ପର୍ଯ୍ୟନ୍ତ ବାଳିକାମାନେ ରହୁଥିଲେ।

## ହକ୍‌ଦାର ହିତାଧିକାରୀ ଗୁହାଳ ଯୋଜନାରୁ ବଂଚିତ

# କାର୍ଯ୍ୟାଦେଶ ଲାଗି ୨୦ ହଜାର ଟଁକା ଲାଁଚ୍ ଅଭିଯୋଗ

ବେଲପଡ଼ା ୨୪।୪(ଡି.ଏନ.ଏ.)

ଗୃହପାଳିତ ପଶୁ ପାଳନ କରି ଗରିବ୍ ହିତାଧିକାରୀମାନେ କେନ୍‌ଥେଇ ଦୁଇପଏସା ରୁଜଗାର କରି ନିଜର ଗୁଡ଼େ ଠିଆ ହେବେ ସରକାର ସେଥିରଲାଗି ଗାଈ ଗୁହାଲ ଯୋଜନା କରିଛନ୍। ହେଲେ ଗାଁଗଁଲିରେ ରହୁଥିବାର ଅନେକ୍ ହକ୍‌ଦାର ହିତାଧିକାରୀ ଯୋଜନାରୁ ବଁଚିତ ହେଉଥିଲାବେଲେ ଅନେକ କୁଜିନେତା, ଥିଲାବାଲା ବିଭାଗୀୟ ଅଧିକାରୀମାନକୁ ଲାଁଚ୍‌ଖୁଁଚ୍ ଦେଇ ଯୋଜନା ହାତଉଥିବାର ଅଭିଯୋଗ ହେଉଛେ। ଯେନ୍‌ଥିରଲାଗି ସରକାରକଁର ଇ ମହତ୍ ଉଦେଶ ବାଟବନା ହେଉଛେ। ଏନ୍‌ତା ଗୁଟେ ଉଦାହରନ୍ ଦେଖିବାକେ ମିଳିଛେ ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକ ପର୍ଲିମାଲ ପଁଚେତ୍ ପର୍ଲିମାଲ ଗାଁରେ। ଇ ଗାଁର ପରମାନନ୍ଦ ପୋଢ଼ ଗାଈ ଗୁହାଲ ଲାଗି ପଁଚେତ୍ କତ୍ତୁରପକ୍ଷକୁଁ ଜନେଇ ନିରାଶ ହେଲା ଉତାରୁ ଗଲା ୨୨ ତାରିଖ ବେଲପଡ଼ା ବିଡିଓ ଆର ତହସିଲଦାରକୁଁ ଗୁହାରି କରବାକେ ଆସିଥିଲେ। ହେଲେ କେହେନ୍‌ସି କାରନ୍‌ରୁ ଅଧିକାରୀମାନକର ଭେଟ ନାଇଁପାଇ କରି ଘଟନା ବାବ୍‌ଦେ ଥାନୀୟ ଧରିତ୍ରୀ ପରତିନିଧିକୁଁ ଜନେଇଥିଲେ।

ପରମାନନ୍ଦକଁର ଅଭିଯୋଗ ହିସାବେ, ଗଲା ବଛରେ ହେଲା ସରକାରୀ ଯୋଜନାରେ ଗାଈ ଗୁହାଲ ଲାଗି ପର୍ଲିମାଲ ପଁଚେତ୍‌ରେ ଆବେଦନ କରିଛନ୍। ସେ ଇ ବାବ୍‌ଦେ ସରପଁଚ୍ ଆର ପଁଚେତ୍ ନିର୍ବାହୀ ଅଧିକାରୀକୁଁ ବାରବାର ଗୁହାରି କରି ନିରାଶ ହେଇଛନ୍। ଏନ୍‌ତା କି ଝନେ ଅଧିକାରୀକୁଁ ଗୁହାଲ ଲାଗି ୨୦ ହଜାର ଟଁକା ଲାଁଚ୍ ଦେବାକେ ପଡ଼ବା ବଲି ଜାନ୍‌ଲା ଉତାରୁ ସେ ଭାଂଗି ପଡ଼ିଛନ୍। ପରମାନନ୍ଦ ବ୍ଲକର ଭିନେ ଭିନେ ଅଧିକାରୀକୁଁ ଭେଟି ଗୁହାଲ ଲାଗି କାର୍ଯ୍ୟାଦେଶ ଦେବାକେ ଗୁହାରି କରିଥିଲେ। ହେଲେ ଅଧିକାରୀମାନେ ସରପଁଚ୍ ଆର ନିର୍ବାହୀ ଅଧିକାରୀକୁଁ ଘଟନା ବାବ୍‌ଦେ କହିଥିବାର କହି ତାହାକୁ ପରତିଶୁରତି ଦେଇଥିଲେ। ହେଲେ ଅଧିକାରୀମାନେ ଦେଇଥିବାର ପରତିଶୁରତି ଆଏଜ୍‌ତକ୍ ପୂରନ୍ ନାଇଁ ହେଇପାରି। ପରମାନନ୍ଦକଁର ୩୦ଟା ଦେଶୀ ଗାଈ ଅଛନ୍। ସେ ୧୦ ଲିଟରରୁ ଅଧିକା କ୍ଷୀର ପାଉଛନ୍। ଗାଈକୁ ଗୁହାଲଟା ସାନ୍ ପଡୁଥିଲାବେଲେ ଅଧା ଭାଂଗିରୁଜି ଯାଇଛେ। ଗଲା ୨ ବଛର ହେଲା ଟଁକା ପଏସା ଅଭାବୁ ସେ ଗୁହାଲଟା ବି ସାଜି ନାଇଁପାରବାର। ଯେନ୍‌ଥିରଲାଗି ସେ ଗାଈଗୋରୁକର ଦେଖିଭାଲ, ଯତନ୍ ବି ଠିକ୍ ହିସାବେ କରି ନାଇଁ ପାରୁଥିବାର କହିଛନ୍। ଇଆଡ଼େ ଯେନ୍‌ମାନକର ଗାଈଗୋରୁ, ଛେଲମେଢ଼ି ନାଁଇଁ ସେମାନେ ଇ ଯୋଜନାରେ ସାମିଲ ହେଉଥିବାର ସେ ଅଭିଯୋଗ କରିଛନ୍। ଇ ବାବ୍‌ଦେ ପର୍ଲିମାଲ ପଁଚେତ୍ ନିର୍ବାହୀ ଅଧିକାରୀକୁଁ ମତାମତ ଲାଗି ଯୋଗାଯୋଗ କରାଯାଇଥିଲେ ବି ମତାମତ ନାଇଁ ମିଳିପାରି। ସେନ୍‌ତା ପର୍ଲିମାଲ ସରପଁଚ୍ ସୁଷମା ବେହେରାକୁଁ ପଚରାଲାରୁ ପରମାନନ୍ଦ ଗୁହାଲ ଲାଗି ଆବେଦନ କରିଛନ୍। ହେଲେ ତାକର ଆଗରୁ ବହୁତ ହିତାଧିକାରୀ ଆବେଦନ କରିଛନ୍। ହକ୍‌ଦାର ହିତାଧିକାରୀକୁଁ ଯୋଜନାରେ ସାମିଲ କରାଯାଉଛେ। ପଁଚେତ୍‌ରେ କେହି ଗୁହାଲ ଲାଗି ଟଁକା ଦାବି ନାଇଁକରବାର। ଇ ଅଭିଯୋଗଟା ପୁରାପୁରି ମିଛ୍ ଆଏ। ବହୁତ୍ ଜଲଦି ତାହାକୁ କାର୍ଯ୍ୟାଦେଶ ଦିଆଯିବା ବଲି ସେ କହିଥିଲେ।



ନିଜର ଭଂଗା ଦଦ୍‌ରା ଗାଈ ଗୁହାଲ ଆଘେ ପରମାନନ୍ଦ।